ମଇ ୨୦୧୯ • ୩୦ ଟଙ୍କା

ଆମ ମାଟିର ସ୍ୱର




New Product
HDPE Pipes
SAVE WATER!
WATER IS LIFE.
Agriculture / Irrigation / Industries / Domestic
Ohm PVC Pipes
Ohm
PVC
HDPE
Pipes & Fittings
"An ISO 9001:2008 Certified Company"
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Title Code : ODIODI 07916

# ରେବତୀ
## ଆମ ମାଟିର ସ୍ୱର

# REBATI AMA MATIRA SWARA

*(a family feature monthly odia magazine on life & literature)*

ପ୍ରଥମ ବର୍ଷ : ୭ମ ସଂଖ୍ୟା, ମଇ, ୨୦୧୯ ■ Vol-1, Issue-7, May, 2019



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

■

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

■

**ଅଳଂକରଣ ବିଭାଗ**

- ଚିତ୍ରକଳା : ଡକ୍ଟର ରଂଜନ ମଲ୍ଲିକ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ

■

**ସମ୍ପାଦକୀୟ କାର୍ଯ୍ୟାଳୟ** | **Editorial Office**

ସମ୍ପାଦିକା : ରେବତୀ | Editor : Rebati Ama Matira Swara
ଓ.ଟି. ରୋଡ୍, ବାଲେଶ୍ୱର | O.T. Road, Balasore
ପିନ୍- ୭୫୬୦୦୧ | Pin - 756001, Odisha
ଫୋନ୍ : ୯୪୩୭୦୮୦୦୦୩ | Phone : 9437080003
୭୦୦୮୮୪୫୯୨୦ | 7008845920

E-mail : rebati.rebati2018@gmail.com

## ‘ରେବତୀ’ରେ ହୋଇଛି ବିରଳ ପ୍ରୟାସ

● ସବୁଦିଗରୁ ଆତ୍ମବିଭୋର କରିଦେଲା ‘ରେବତୀ’ । ସଂଗେସଂଗେ ପତ୍ର ଲେଖିଥାନ୍ତି । ନା, ମନସ୍ଥ କଲି ସମୟ କରି ଆମୂଳଚୂଳ ପାଠ କଲା ପରେ ଇ ଚିଠି ଲେଖିବି । ‘ରେବତୀ’ ଏକ ପୂର୍ଣ୍ଣାଙ୍ଗ ତଥା ଶୋଭନୀୟ ପତ୍ରିକା । ସେଥିରେ ନିହିତ ଅଛି ଫକୀରମୋହନଙ୍କ ଉତ୍ତରପିଢ଼ିର ଲେଖକୀୟ ଚର୍ଯ୍ୟାବୋଧ । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଏକତ୍ର କରିବାର ଅନନ୍ୟ ପ୍ରୟାସ । ସଂପ୍ରତି ସମୟର ସ୍ରଷ୍ଟାମାନଙ୍କର ସାଧନା ସଂଯୋଜିତ କରି ଶହେ ବର୍ଷର ସାହିତ୍ୟ ସ୍ରୋତସ୍ୱିନୀ ଚଳଚଂଚଳ କରାଇବା ପରି ଅନେକ ଚେଷ୍ଟା ହୋଇଛି । ହେଲେ ଏଭଳି ଏକ ଉଦ୍ୟମ ବିରଳ ବୋଲି ଭାବିବାକୁ ହେବ । ବହୁ ଲେଖକଙ୍କୁ ଯେଉଁ ଶ୍ରଦ୍ଧା ସହକାରେ ଉପସ୍ଥାପିତ କରାଯାଉଛି ତା ସମସ୍ତଙ୍କର ଅନୁକରଣୀୟ ହେବ ବୋଲି ମୋର ବିଚାର । ଏଥିରେ କୃଷ୍ଣଙ୍କର ନିଜସ୍ୱ ସମ୍ପାଦନାର ନିଆରା ଦୃଷ୍ଟିଭଙ୍ଗୀ ପରିବେଷିତ ହୋଇ ନୂତନତା ଆଣିଛି ।

**ସଦାଶିବ ଦାଶ**
**ବଟେଶ୍ୱର, ସାଲେପୁର, କଟକ**

## ସୃଷ୍ଟିଶ୍ରୀଙ୍କ ଆଲେଖ୍ୟ ବେଶ୍ ଆତ୍ମୀୟ

● ‘ରେବତୀ’ ସମ୍ବଲପୁରର ପତ୍ରିକା ଷ୍ଟଲ୍‌ରୁ କିଣିଲି । ପ୍ରଚ୍ଛଦ ହୋଲିର ସୁନ୍ଦର ପ୍ରତୀକରେ ସଜ୍ଜିତ ହୋଇ ବେଶ୍ ଆକର୍ଷଣୀୟ । ନାରୀ ଉପରେ ଲିଖିତ ସମୟୋପଯୋଗୀ ସମ୍ପାଦକୀୟ ପାଇଁ ସମ୍ପାଦିକା ସୁବାସିନୀ ଜେନାଙ୍କୁ ବିଶେଷ ଅଭିନନ୍ଦନ । କବିତା ବିଭାଗ ସୁନିର୍ବାଚିତ । ଅଶେଷ ଅଭିନନ୍ଦନ ଆପଣଙ୍କୁ । ସୃଷ୍ଟିଶ୍ରୀ ନାଏକଙ୍କ ଉପସ୍ଥାପନାରେ ଦେବଦାସ ସାର୍ ବେଶ୍ ଅନ୍ତରଙ୍ଗ ମନେହେଲେ । ଆଲେଖ୍ୟଟି ମଧ୍ୟ ସୃଷ୍ଟିଶ୍ରୀଙ୍କ ସୃଜନକଳାରେ ଆତ୍ମୀୟ ମନେହେଲା । ବିଭୂତି ସାର୍‌ଙ୍କ ସହ ସ୍ୱାଗତିକା ସ୍ୱାଇଁଙ୍କ ସାକ୍ଷାତକାର ଚମତ୍କୃତ କଲା । ରେମୁଣାରେ ଥିବା କଂସାବାସନର ଗାଁ ସମ୍ପର୍କରେ ପ୍ରତ୍ୟାଶା ପ୍ରିୟମ୍ବଦାଙ୍କ ଆଲେଖ୍ୟ ଖୁବ୍ ଶିକ୍ଷଣୀୟ ଓ ମନୋଜ୍ଞ ହୋଇଛି । ମୋ ପ୍ରିୟ ଓ ପୂଜ୍ୟ ଗୁରୁଜୀ କବି ପ୍ରସନ୍ନ କୁମାର ମିଶ୍ର, ଯିଏ ମୋତେ କବିତାର ମନ୍ତ୍ରପାଠ ଶିଖେଇଥିଲେ ରାଜେନ୍ଦ୍ର କଲେଜ ବଲାଙ୍ଗୀରରେ, ତାଙ୍କ ସମ୍ପର୍କରେ ‘ଦର୍ଜିସାହିର ଦିଗ୍‌ବଳୟ’ ପଢ଼ି ବିଭୋର ହେଲି । କୃଷ୍ଣ କୁମାର ମହାନ୍ତିଙ୍କ ‘ଶେଷକଥା’ ବାସ୍ତବରେ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ।

**ସୌଭାଗ୍ୟବନ୍ତ ମହାରଣା**
**ସମ୍ବଲପୁର**




## ‘ରେବତୀ’ ସତ୍ୟ ଉନ୍ମୋଚନ ଆଡ଼କୁ ଧ୍ୟାନ ଦେଉ

● ପତ୍ରିକା ଓ ବହି ତ ଛପା କାଗଜରେ ତିଆରି ଏକ ମାମୁଲି ବସ୍ତୁ । ତାହା ପଠିତ ହେବା ସହିତ ପାଠକର ଭାବାଂତର ଘଟାଇଲେ ହିଁ ସାହିତ୍ୟ ବୋଲାଏ । ପାଠକ ହିଁ ଲେଖକଂକୁ ବାଛଂତି । ଆମର ଅସଂଖ୍ୟ ସୁପ୍ରଚାରିତ ଓ ବହୁ ପୁରସ୍କୃତ ବହି ପାଠକ ପ୍ରତୀକ୍ଷାରେ କେବଳ ଅଟକି ଥାଆନ୍ତି । ଲେଖକର ବୟସ, କ୍ଷମତା, ଯଶ, ଧନ ଇତ୍ୟାଦି ଉପରେ ବହିର ପଠନୀୟତା ନିର୍ଭର କରେନାହିଁ । ପ୍ରଧାନତଃ ଅତୀତ କାଳ ସହିତ କେତେକ ସ୍ଥାନ ଓ ପାତ୍ର ବିଷୟକ ସ୍ୱାନୁଭୂତି ମୂଳକ ବିବରଣୀ ହିଁ ‘ରେବତୀ’ର ମୁଖ୍ୟ ଆକର୍ଷଣ । ପତ୍ରିକାଟି ପାଠକମାନଙ୍କୁ ସ୍ପର୍ଶ, ରୂପ ଓ ଶବ୍ଦ ନିବେଦନ କରିଆରେ ତୃପ୍ତ କରିବାକୁ ସମର୍ଥ ।

ଓଡ଼ିଶାର ସାହିତ୍ୟିକ, ସାଂସ୍କୃତିକ ଓ ସାମାଜିକ ପରିବେଶର ବାସ୍ତବତା-ଆଧାରିତ ରଚନାର ପରିମାଣ ଅତ୍ୟଳ୍ପ ରହି ଆସିଛି । ଏହି କ୍ଷେତ୍ରରେ ‘ରେବତୀ’ ସତ୍ୟ ଉନ୍ମୋଚନ ଆଡ଼କୁ ଧ୍ୟାନ ଦେଲେ, ପାଠକକୁଳ ତଥ୍ୟ ସମୃଦ୍ଧ ହୋଇ ପାରନ୍ତେ । କେବଳ ଗୁଣକୀର୍ତ୍ତନ ମାଧ୍ୟମରେ ସଦ୍‌ଭାବ ରକ୍ଷା କରାଗଲେ ସୁଦ୍ଧା, ତାହା ସଂସ୍କାର ମୁଖୀ ହୋଇପାରେ ନାହିଁ । ଗତାନୁଗତିକ ସମ୍ପାଦନା ଧାରାରୁ ମୁକୁଳି ଆସି ଆମ ଭାଷାରେ ଏକ ସଯତ୍ନ ସମ୍ପାଦିତ ଅଭିନବ ପତ୍ରିକାର ଉନ୍ନେତା ଯୁଗରୁଚି ଅନୁକୂଳ ହୋଇଛି । ଏହା ନାମ ନିର୍ଭରନ ହୋଇ ପ୍ରସଙ୍ଗ ନିର୍ଭର ହୋଇଥିବା ଯୋଗୁଁ ନିରପେକ୍ଷ, ମନଲୋଭା ଓ ଉପକାରୀ ହୋଇ ପାରିବ ।

ବ୍ୟକ୍ତି ତୁଳନାରେ ବ୍ୟକ୍ତିକୁ ଅଧିକ ମାନ ଦେଲେ ହିଁ ସମ୍ପାଦକଙ୍କର ସ୍ୱତନ୍ତ୍ର ଗୁରୁତ୍ୱ ବହୁଗୁଣିତ ହୋଇଥାଏ । ଧାରାବନ୍ଧା ରୀତିରେ ସାହିତ୍ୟ ପତ୍ରିକା ଗୁଡ଼ିକରେ ଲେଖକମାନଙ୍କୁ ବର୍ଗୀକୃତ କରାଯାଉଥିବା ଯୋଗୁଁ ପ୍ରକାଶନର ମୂଳ ଉଦ୍ଦେଶ୍ୟ ବ୍ୟାହତ ହେଉଥିଲା । ଏକଦା ‘ନିଆଁଖୁଣ୍ଟା’, ‘ସଂସାର’, ‘ନବରବି’ ଭଳି ପତ୍ରିକା କେବଳ ପାଠ୍ୟବସ୍ତୁ ଯୋଗୁଁ ପ୍ରଚୁର ପାଠକୀୟ ଶ୍ରଦ୍ଧା ଓ ଗ୍ରାହକତା ଅର୍ଜନ କରିଥିଲେ । ଏବେ ଚିତ୍ରମୟ ସୁମୁଦ୍ରଣ ସତ୍ତ୍ୱେ ତାହା ଦୁର୍ଲଭ । ମନେହୁଏ ଲେଖକ ସମ୍ପାଦକମାନେ ଶବ୍ଦର ଉତ୍କୃଷ୍ଟତା ପ୍ରତି ଏବେ ନିଜର ଅଧ୍ୟକ୍ଷତା ବା ଅଳସୁଆମି ଯୋଗୁଁ ଉଦାସୀନ । ପତ୍ରିକାଗୁଡ଼ିକ ଲକ୍ଷ୍ୟ ବା ଉଦ୍ଦେଶ୍ୟ ହେବା ପରିବର୍ତ୍ତେ କେବଳ ମାଧ୍ୟମ ପାଲଟି ଯାଇଥିବାରୁ ସମ୍ଭବତଃ ଆମର ଏ ଦୁରବସ୍ଥା । ଅଯତ୍ନ ଲିଖିତ ଓ ସମ୍ପାଦିତ ପୁସ୍ତକ ବା ପତ୍ରିକା ଗୁଡ଼ିକୁ ପାଠକମାନେ ଯତ୍ନ ସହକାରେ ପଢ଼ିବେ ବୋଲି ଆଶା କରାଯାଇ ନପାରେ । ଅତି ପ୍ରଚଳନ ଯୋଗୁଁ ‘ଚମତ୍କାର, ଉତ୍କୃଷ୍ଟ, ଚିତ୍ତାକର୍ଷକ, ମନୋରମ ଅତୁଳନୀୟ’ ଭଳି କେତେକ ଶବ୍ଦର ଅର୍ଥବାହୀ କ୍ଷମତା ଏବେ କମି ଯାଇଛି ।

ପାରସ୍ପରିକ ସ୍ତୁତିଗାନ, ଗୁଣୋଲ୍ଲେଖ ଯୋଗୁଁ ଅନାବଶ୍ୟକ ତୁଷ୍ଟୀକରଣ ପ୍ରବୃତ୍ତି କ୍ରମେ ବଳବତ୍ତର ହେଉଛି । ଦୃଢ଼ୋକ୍ତି ଓ ସ୍ୱଷ୍ଟୋକ୍ତିର ମରୁଡ଼ି ପଡ଼ିଛି । ସାହିତ୍ୟ ଏବେ ଅନେକ ଦୁର୍ଲକ୍ଷଣ ଯୁକ୍ତ ହୋଇପଡ଼ିଛି । ସାହିତ୍ୟରୁ ସାମୂହିକତା କ୍ରମେ ଲୁପ୍ତ ହୋଇଯାଉଛି ।

ଭାଷାରେ ପ୍ରକାଶିତ ପତ୍ରିକା ଗୁଡ଼ିକରେ ଯାହା ଦିଶୁଛି, ତହିଁରେ ଯତ୍ନ ଓ ନିଷ୍ଠାର ଅଭାବ ରହିଯାଉଛି । କୃତି ତୁଳନାରେ କର୍ତ୍ତାକୁ ଅଧିକ ଗୁରୁତ୍ୱ ଦେଲେ ଏହା ହିଁ ହୋଇଥାଏ । ଏଭଳି ସ୍ଥିତିରେ ‘ରେବତୀ’ର ଭୂମିକା କିପରି ହେବ, ତାହା ଏବେ ଅନୁମାନ କରିବା ସମୀଚୀନ ନୁହେଁ ।

**ପ୍ରଫୁଲ୍ଲ କୁମାର ତ୍ରିପାଠୀ,**
**ପି-୩୬୬/୩, ପୋଲୋଭିଉ ଇଣ୍ଡିଆନ୍ ମିଲିଟାରି ଏକାଡ଼େମି, ଡେରାଡୁନ୍, ୨୪୮୦୦୭**

## ବିଭୂତି ପଟ୍ଟନାୟକଙ୍କ ସାକ୍ଷାତକାରଟି ଶ୍ରେଷ୍ଠ ମନେ ହେଲା

● ମାର୍ଚ୍ଚ ସଂଖ୍ୟା ‘ରେବତୀ’ ପଢ଼ିଲି । ବିଗତ ସଂଖ୍ୟାଗୁଡ଼ିକ ଠାରୁ ଏ ସଂଖ୍ୟାରେ ନିର୍ଭୁଲ୍ ମୁଦ୍ରଣ ଓ ଚମତ୍କାର ପରିପାଟି ମୋତେ ଆହୁରି ଆଶାବାଦୀ କରିଛି । ସମ୍ପାଦକୀୟ ଠାରୁ ‘ଶେଷକଥା’ ଯାଏଁ ପ୍ରତ୍ୟେକଟି ବିଭାଗ ସୁଚିନ୍ତିତ ଏବଂ ଆକର୍ଷଣୀୟ । ସାମ୍ପ୍ରତିକ ଓଡ଼ିଆ ଫିଚର୍ ପତ୍ରିକାମାନଙ୍କ ମଧ୍ୟରେ ‘ରେବତୀ’ ଖୁବ୍‌ଶୀଘ୍ର ନିଜ ସ୍ଥାନ ନିରୂପିତ କରିନେଇଛି, ଏହା ଗୌରବର ବିଷୟ । ଏ ସଂଖ୍ୟାରେ ସବୁଠୁ ଭଲ ଲାଗିଛି ‘ଆଳାପ’ କ୍ରମରେ ଓଡ଼ିଆ କଥାସାହିତ୍ୟର ଏକ ଚର୍ଚ୍ଚିତ ଚେହେରା । ସ୍ୱାଗତିକା ସ୍ୱାଇଁଙ୍କ ଦ୍ୱାରା ପ୍ରସ୍ତୁତ ସାକ୍ଷାତକାର : ‘ବିଭୂତିଙ୍କ ବିବିଧତା’ । ଯଶସ୍ୱୀ କଥାକାର ବିଭୂତି ପଟ୍ଟନାୟକଙ୍କର ପୂର୍ବରୁ ଯେତିକି ସାକ୍ଷାତକାର ପଢ଼ିଛି ମୋତେ ଲାଗିଛି ଏଇଟି ଶ୍ରେଷ୍ଠ, ଯାହା ତାଙ୍କ ବ୍ୟକ୍ତିତ୍ୱ ଓ ଦୃଷ୍ଟିଭଙ୍ଗୀର ଅନ୍ୟକିଛି ଦିଗକୁ ଚିହ୍ନାଇବାରେ ସକ୍ଷମ ହୋଇଛି । ଭଲ ବି ଲାଗିଛି ପ୍ରଥିତଯଶା କଥାକାର ଅଜୟ ସ୍ୱାଇଁଙ୍କ ଆଲେଖ୍ୟ । ‘ହେ ! ସତ୍ୟବାଦୀ ରାଉତେ !’ ସତ୍ୟବାଦୀ ରାଉତ ସମକାଳର ମୋର ଅନ୍ୟତମ ପ୍ରିୟକବି, ଯିଏକି ଅଧିକ ଉଜ୍ଜ୍ୱଳ ଦିଶିଛନ୍ତି ଅଜୟ ସ୍ୱାଇଁଙ୍କ ସ୍ୱଭାବ ସୁଲଭ ଶୈଳୀ ତଥା ରସୋଚ୍ଛଳ ଉପସ୍ଥାପନାରେ । କବି ଦୁର୍ଗା ପ୍ରସାଦ ପଣ୍ଡାଙ୍କ କବିତା ବି ଚମତ୍କାର ।

**କେ.ଶ୍ୟାମବାବୁ ଦୋରା**
**ଜନାନା ହସପିଟାଲ୍ ରୋଡ଼, ବ୍ରହ୍ମପୁର**

## ଅଜୟ ସ୍ୱାଇଁଙ୍କ ସାଥୀ ସତ୍ୟବାଦୀ ଭଲ ଲାଗିଲା

● ନିର୍ବାଚନୀ ପରିଚାଳନା କାର୍ଯ୍ୟ ଜନିତ ପ୍ରବଳ ବ୍ୟସ୍ତତା ସତ୍ତ୍ୱେ 'ରେବତୀ' ପଢ଼ିବା ଆରମ୍ଭ କରି ଆମୂଳଚୂଳ ଶେଷ କଲି । ଏକ ଭିନ୍ନ ଆନନ୍ଦ ଏବଂ ତୃପ୍ତିର ଅନୁଭବ ମୋତେ ନିବିଡ଼ ଭାବେ ଆଚ୍ଛନ୍ନ କଲା । ନିଃସନ୍ଦେହରେ ଏହି ସଂଖ୍ୟାଟି ବେଶ୍ ପ୍ରଭାବିତ କରିଛି, ଏହା କହିବା ବାହୁଲ୍ୟ ମାତ୍ର । ଅଜୟ ସ୍ୱାଇଁଙ୍କ 'ସାଥୀ ସତ୍ୟବାଦୀ', ସଂଗ୍ରାମକେଶରୀ ପୃଷ୍ଟିଙ୍କ 'ପଖାଳର ପରିଚୟ', 'ଜୀବନ ଜୀବିକା' ବିଭାଗରେ ପ୍ରତ୍ୟାଶା ପ୍ରିୟମ୍ବଦାଙ୍କ 'କଂସା ବାସନର ବାସ୍ନା', ସ୍ୱାଗତିକା ସ୍ୱାଇଁଙ୍କ 'ବିଭୋର ବାସ୍ନାର ବିଭୂତି' ଏବଂ କବିତା ବିଭାଗରେ ଅଗ୍ରଜ କବି ଦୁର୍ଗା ପ୍ରସାଦ ପଣ୍ଡା, ସୌଭାଗ୍ୟବନ୍ତ ମହାରଣା, ସମସାମୟିକ କବି ମୁକୁଳ ମିଶ୍ର ଏବଂ ମୋର ପ୍ରିୟ ସାନଭାଇ ସୁଜିତ୍‌ଙ୍କ କବିତା ଛୋଟ ହେଲେ ମଧ୍ୟ ଅତ୍ୟନ୍ତ ପ୍ରଭାବଶାଳୀ । ସହଯୋଗୀ ସମ୍ପାଦକ ତଥା ଅଗ୍ରଜ ସାହିତ୍ୟିକ କୃଷ୍ଣ କୁମାର ମହାନ୍ତିଙ୍କ ଆଲେଖ୍ୟ 'ଶେଷ ପୃଷ୍ଠା'କୁ ବେଶ୍ ନିଆରା କରି ତୋଳିଛି । ତାଙ୍କର ଆବେଦନ ବେଶ୍ ଚମତ୍କାର ଏବଂ ମନମତାଣିଆ ସାରସ୍ୱତ ସୁଗନ୍ଧ ସୃଷ୍ଟି କରିବାରେ ସଫଳ । ଅବଶ୍ୟ ଗଳ୍ପ ବିଭାଗରେ ପ୍ରବେଶ କରିପାରି ନାହିଁ । ମୋଟାମୋଟି ଭାବରେ ଏକ ରୁଚିଶୀଳ ତଥା ସୁସଂଯୋଜିତ ପତ୍ରିକା ଭାବରେ ରେବତୀ ତାର ନିଜସ୍ୱ ମହକ ବଜାୟ ରଖିଛି ।

**ଚିତ୍ତରଂଜନ ନାୟକ,** ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, କେନ୍ଦୁଝର

## ନବ୍ୟଚେତନାର ପୃଷ୍ଠଭୂମି

● ବହୁ ଲୋକପ୍ରିୟ ପତ୍ରିକାର ନାଁ ଏବେ 'ରେବତୀ' । ସୁନ୍ଦର ଓ ଆକର୍ଷଣୀୟ ପ୍ରଚ୍ଛଦ ସହିତ ପ୍ରତି ପୃଷ୍ଠା ଲାଗେ ରେଶମୀ ରେଶମୀ । ସୁଚିନ୍ତିତ ଏବଂ ନୂତନତା ଥିବା ବିଷୟବସ୍ତୁ ଚୟନ, ତନ୍ମଧ୍ୟରେ ରଙ୍ଗୀନ ଫଟୋଚିତ୍ର ପରିବେଷଣ ସୃଷ୍ଟି କରେ ଏକ ନବ୍ୟଚେତନାର ପୃଷ୍ଠଭୂମି । ପ୍ରତି ପୃଷ୍ଠାର ରସସ୍ନିଗ୍ଧ ସ୍ତମ୍ଭ ସହିତ ଅନେକ ଜ୍ଞାତଅଜ୍ଞାତ ପ୍ରସଙ୍ଗ ପାଇଁ ଅଶେଷ ଧନ୍ୟବାଦ 'ରେବତୀ'ର ସମ୍ପାଦିକାଙ୍କୁ । 'ରେବତୀ'ର ସମସ୍ତ ସମ୍ପାଦନା ବିଭାଗକୁ । ଆହୁରି ନୂଆ ରଙ୍ଗ, ନୂଆ ରୂପ ନୂଆ ଅଙ୍ଗୀକାରରେ ଆସୁ 'ରେବତୀ' ।

**ଅନୀତା ପାଣି (ଝୁମା)**
**ସାଉଥ୍, ବଲଣ୍ଡା, ତାଳଚେର**

## ଦୁର୍ଗା ପ୍ରସାଦ ପଣ୍ଡାଙ୍କ କବିତା ଛୁଇଁଲା

● 'ରେବତୀ' ପତ୍ରିକାରେ ମୋର କବିତା 'ଖଗ ମାଷ୍ଟ୍ରେ' ପ୍ରକାଶ କରିଥିବାରୁ ମୁଁ ରେବତୀ ପରିବାର ଓ ବିଶେଷ କରି ସମ୍ପାଦନା ବିଭାଗରେ ଥିବା ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ଏଯାବତ୍ କବିତାଟି ପ୍ରକାଶ ପାଇବା ପରେ ପାଇଥିବା ଏକାଧିକ ସକାରାତ୍ମକ ପାଠକୀୟ ଶ୍ରଦ୍ଧା ଓ ମତର ଶ୍ରେୟ ମୁଁ 'ରେବତୀ' ପରିବାରକୁ ଉତ୍ସର୍ଗ କରୁଛି । ଏଥର ଦୁର୍ଗା ପ୍ରସାଦ ପଣ୍ଡାଙ୍କ 'ପଙ୍କ ଆଉ ପଦ୍ମନାଡ଼'ର ନିବିଡ଼ ଆଶ୍ଳେଷ, 'ଜରି ଗୋଟେଇବା ଝିଅ'ର ଆଲେଖ, ମୋ ବାପା, ପୁଣି କାଳିଆ ଲେଉଟିଲାରେ ଓଡ଼ିଆ ଇତିହାସର ଚିତ୍ର ବେଶ୍ ଭଲ ଲାଗିଲା ।

**ଉମାଶଙ୍କର ପାଳ**
**ଜାଗମରା, ଭୁବନେଶ୍ୱର**

## ଶେଷକଥା ବେଶ୍ ସମୟୋପଯୋଗୀ

● 'ରେବତୀ'ର ମାର୍ଚ୍ଚ ସଂଖ୍ୟାରୁ ପ୍ରଖ୍ୟାତ କବି ଓ ଗୀତିକାର ଦେବଦାସ ଛୋଟରାୟଙ୍କ ସମ୍ପର୍କରେ ସୃଷ୍ଟିଶ୍ରୀ ନାଏକଙ୍କ ଆଲେଖ୍ୟ ପଢ଼ିଲି । ସୃଷ୍ଟିଶ୍ରୀ ବେଶ୍ ଅନ୍ତରଙ୍ଗ ଭାଷା ଓ ଆବେଗ ମାଧ୍ୟମରେ ଏହି ଲେଖକଙ୍କ ସମ୍ପର୍କରେ ନିଜସ୍ୱ ଦୃଷ୍ଟିଭଙ୍ଗୀ ଉପସ୍ଥାପନ କରିଛନ୍ତି । ସେହିପରି କିମ୍ବଦନ୍ତୀ ପୁରୁଷ ବିଭୂତି ପଟ୍ଟନାୟକଙ୍କ ସମ୍ପର୍କରେ ଆଳାପ ବିଭାଗରେ ସ୍ୱାଗତିକା ସ୍ୱାଇଁ ଖୁବ୍ ଚମତ୍କାର କାର୍ଯ୍ୟଟିଏ କରିପାରିଛନ୍ତି । ମୀନା ସ୍ୱାଇଁଙ୍କ ଆଲେଖ୍ୟ କୋରାପୁଟ କଫିଚାଷକୁ ଦେଇଛି ଏକ ସୂଚନାତ୍ମକ ଓ ଉତ୍କର୍ଷତାର ପରିଚୟ । ଆଲେଖ୍ୟଟି ବେଶ୍ ପରିଶ୍ରମ କରି ଲେଖିକା ଲେଖିଥିବା ପରି ମନେହୁଏ । ମୁଁ ଅତ୍ୟନ୍ତ ସୌଭାଗ୍ୟଶାଳୀ ଯେ, ପ୍ରୀତିଧାରା ଓ ସୁଜୟଙ୍କ କଫି ଫାର୍ମକୁ ଦେଖିବାର ସୁଯୋଗ ପାଇଛି । ଏହି ଆଲେଖ୍ୟଟି ପଢ଼ିବା ପରେ ପ୍ରୀତି ଓ ସୁଜୟଙ୍କ ଆତିଥେୟତା ବେଶ୍ ମନେପଡ଼ିଗଲା । ସେହିପରି ପ୍ରତ୍ୟାଶା ପ୍ରିୟମ୍ବଦାଙ୍କ ଫଟୋଫିଚର୍ କଂସା ବାସନର ଗାଁ ନିଶ୍ଚିତ ଭାବରେ ଉପାଦେୟ ହୋଇପାରିଛି । କୃଷ୍ଣ କୁମାର ମହାନ୍ତିଙ୍କ ସମ୍ପାଦକୀୟ 'ଶେଷକଥା' ବେଶ୍ ସମୟୋପଯୋଗୀ ଓ ଯଥାର୍ଥ ବୋଲି ମନେହେଲା । 'ରେବତୀ' ପ୍ରକୃତରେ ଅନେକ ଉତ୍କୃଷ୍ଟ ଓ ଉପାଦେୟ ପ୍ରସଙ୍ଗକୁ ନେଇ ଉତ୍ତୀର୍ଣ୍ଣ ।

**ଦୁର୍ଗା ପ୍ରସାଦ ପଣ୍ଡା,** ବୁଢ଼ାରାଜା, ସମ୍ବଲପୁର

## ଆମ ଗାଁ ଝିଅ ରେବତୀ

କେଡ଼େ ସୁନ୍ଦରିଆ ନାଆଁଟି ତୋହର
ପଲ୍ଲୀ ଗାଁ ଝିଅ ସ୍ୱର
ଗପରେ ସପରେ ଗୀତରେ କଥାରେ
ମନ ମୋହୁ ପାଠକର
ରେବତୀ ଲୋ ତୋ ଭାଷା ବଡ଼ ମଧୁର ।୦।

ଭାରି ଲାଜକୁଳି ମୁହଁ ପୋତା ଚାଲି
ଓଡ଼ିଆ ଘରର ଝିଅ
ନେସି ହୋଇଅଛି ଗହଣା ଦେହରେ
ଗଳାଚାପସରି ନୁଡୁକ ମୁହଁ
ଅଣ୍ଟାସୂତା ସୋରି ବାଜୁ ବନ୍ଧ ଝରି
କାନେ ପେଣ୍ଡିଝରା ଫୁଲ
ରେବତୀ ଲୋ ତୋ ଭାଷା ବଡ଼ ମଧୁର ।୧।

ଆମ ପରମ୍ପରା ସଂସ୍କୃତି ବଞ୍ଚେଇ
ସଜେଇ ଚକୁରେ ଖୋଷା
ଚାଲି ଚଳଣି ତୋ ନିଜର କରଇ
ଆତିଥ୍ୟତା ପରିଭାଷା
ସବୁଠି ଆଦର ପ୍ରଶଂସା ତୋହର
ତୋ ସଙ୍ଗେ କେ ନୁହେଁ ତୁଲ
ରେବତୀ ଲୋ ଭାଷା ତୋ ବଡ଼ ମଧୁର ।୨।

ଶୁଭେଚ୍ଛା ସହ ଆଶୀର୍ବାଦ ନେବେ । ବୟସ ଦୃଷ୍ଟିରୁ ନମସ୍କାର ନକରି ଶୁଭେଚ୍ଛା ଓ ଆଶୀର୍ବାଦ ଜଣେଇଲି । ମୁଁ ଗତ ମାର୍ଚ୍ଚ ୨୪ ତାରିଖ ଦିନ ମୋର ବନ୍ଧୁ କବି ସତ୍ୟବାଦୀ ରାଉତଙ୍କୁ ଦେଖିବାକୁ ଯାଇଥିଲି । ସେଠାରେ କଥାବାର୍ତ୍ତା ହେଉ ହେଉ ଆପଣଙ୍କ ପ୍ରକାଶିତ ମାସିକ ପତ୍ରିକା 'ରେବତୀ'ର ପୃଷ୍ଠା ଲେଉଟେଇ ଦେଖିଲି ଅଜୟ ସ୍ୱାଇଁଙ୍କ ମତାମତ, କବି ସତ୍ୟବାଦୀ ରାଉତଙ୍କ ଉପରେ । ପଢ଼ିବାରୁ ଭଲ ଲାଗିଲା । ଆଉ ମଧ୍ୟ ଅନ୍ୟ ଲେଖାଗୁଡ଼ିକ ଉପରେ ଆଖି ବୁଲେଇ ଦେଖିଲି ନିଜସ୍ୱ ଶୈଳୀରେ ବେଶ୍ ମନଛୁଆଁ ହୋଇଛି । ତେଣୁ ପତ୍ରିକାଟି ଉପରେ ମୋର ମତାମତ କଥା ଆକାରରେ ନଦେଇ ଗୀତ ମାଧ୍ୟମରେ ଜଣାଉଛି । ପଢ଼ି ଖୁସି ହୋଇ ପାରନ୍ତି । ଯଦି ମନକୁ ପାଇଲା ଆଗାମୀ ସଂଖ୍ୟାରେ ପ୍ରକାଶ କରିପାରନ୍ତି । ଏତିକିରେ ରହିଲି । ଧନ୍ୟବାଦ ।

**ହରିବନ୍ଧୁ ମଙ୍ଗରାଜ**
**ପ୍ଲଟ ନଂ-୨୪୬(ପି), ଶାସ୍ତ୍ରୀ ନଗର, ଭୁବନେଶ୍ୱର**
**ମୋବାଇଲ : ୯୯୩୭୧୩୮୩୯୯**

## ଶେଷକଥା ବେଶ୍ ଉଚ୍ଚକୋଟୀର

● 'ଶେଷକଥା' ବେଶ୍ ଉଚ୍ଚକୋଟୀର ଚିନ୍ତାଧାରା ସହିତ ଶିକ୍ଷଣୀୟ ହୋଇଛି । ଏଥିପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ । ନାରୀକୁ ସହି ପାରୁ ନଥିବା କିଛି ପୁରୁଷଙ୍କ ପାଇଁ ଏ ଲେଖାଟି ନିଶ୍ଚିତ ଭାବରେ ଏକ ସୁନ୍ଦର ବାର୍ତ୍ତା ଦେଇପାରିବ ।

**ମନିଷା ମଞ୍ଜରୀ ମିଶ୍ର**
**ଭୁବନେଶ୍ୱର**

## ସୂ ଚୀ ପ ତ୍ର

୧ମ ବର୍ଷ ୭ମ ସଂଖ୍ୟା । ମଇ ୨୦୧୯ ।

ଆମ ମାଟିର ସ୍ୱର


୯ ସମ୍ପାଦକୀୟ : ନାରୀ ପାଇଁ .... : ସୁବାସିନୀ ଜେନା




୧୦


୧୦ ମାନନୀୟେଷୁ : ନିଃସଙ୍ଗ ନାୟକ : ରଂଜନ ପ୍ରଧାନ

୧୭ ପ୍ରେରଣା : ବାସ୍ନାୟିତ ବେଣୁଧର : ଯଶୋବନ୍ତ ସେଠୀ

୨୨ ମୋ-ବାପା : ନାଟକର ନିୟତି : ଅନିନ୍ଦିତା ପାଣିଗ୍ରାହୀ

୨୭ ଅନୁଶୀଳନ : ଜଗଦୀଶଙ୍କ କଥାଯାତ୍ରା : ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା

୩୧ ଅବସର : ନିରବତାରେ ନିବାରଣ : ନିବାରଣ ଜେନା




୩୧


୩୫ ମୁଦ୍ରା : କବି ପ୍ରହରାଜ ସତ୍ୟନାରାୟଣ ନନ୍ଦ

୩୬ ବିଶ୍ୱ-ବିସ୍ମୟ : ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ

୪୧ ବିସ୍ମୃତ-ବ୍ୟକ୍ତିତ୍ୱ : ବିଜୟ କୁମାର ମହାନ୍ତି

୪୪ ଭଲ ବହି : ଅସିତ ମହାନ୍ତି

୫୪ କବି-କବିତା : ମନୋଜ ମେହେର

୫୬ ସମକାଳ କବିତା : ମାନସ ରଂଜନ ମହାପାତ୍ର

୫୭ : ପ୍ରମୀଳା ଶତପଥୀ

: ଦୀପ୍ତି ଦାସ

୫୮ : କେ. ଶ୍ୟାମବାବୁ ଦୋରା

: ସୂର୍ଯ୍ୟସ୍ନାତ ତ୍ରିପାଠୀ

୫୯ : ସଦାଶିବ ଦାଶ

: ଶକ୍ତି ମହାନ୍ତି

୬୦ : ଦିବ୍ୟସିଂହ ଦାସ ଅଧିକାରୀ

: ଶୁଭ୍ରାଂଶୁ ପଣ୍ଡା

୬୧ : ସରୋଜ ମହାନ୍ତି

୬୨ ଭିନ୍ନ ଦେଶ ଭିନ୍ନ ମଣିଷ : ଅଜିତ ପାତ୍ର

୬୬ ଗୃହ ସମସ୍ୟା : ଡକ୍ଟର ହରପ୍ରସନ୍ନ ଦାସ



୧୭




୩୫



୭୮







୭୦ ପର୍ବପର୍ବାଣୀ : କନ୍ଦର୍ପ ବେହେରା

୭୫ ପଛ-ଝର୍କା : ନେତାଜୀ ଅଭିନନ୍ଦନ

୭୮ ଭ୍ରମଣ-କାହାଣୀ : ଲକ୍ଷ୍ମୀପ୍ରିୟା ଓଝା

୮୪ ପଞ୍ଚତନ୍ତ୍ର କାହାଣୀ : ଡକ୍ଟର ବିବୁଧରଂଜନ

୮୬ ଐତିହ୍ୟ : ଡକ୍ଟର ଶିରୀଶ ଚନ୍ଦ୍ର ଜେନା

୯୧ କଥା-କାହାଣୀ : ବିନୋଦ ମହାରଣା


## ନିୟମିତ ବିଭାଗ


୯୫ ରୋଷେଇଶାଳ :
ପାରମିତା ଷଡ଼ଙ୍ଗୀ
ପ୍ରାଜକ୍ତା ଧଳ
ଇନ୍ଦୁଲତା ତ୍ରିପାଠୀ

୯୯ ଛାୟାଚିତ୍ର :
କୃଷ୍ଣ କୁମାର ମହାନ୍ତି






୧୦୬ ଶେଷପୃଷ୍ଠା : ସାହିତ୍ୟରେ .... : କୃଷ୍ଣ କୁମାର ମହାନ୍ତି








ପ୍ରଚ୍ଛଦ ଭାବନା : କୃଷ୍ଣ କୁମାର ମହାନ୍ତି
ପ୍ରଚ୍ଛଦ ଦୃଶ୍ୟାଙ୍କନ : ତାପସ
ପ୍ରଚ୍ଛଦ ଫଟୋଗ୍ରାଫି : ତାପସ ରାଉତ
ପ୍ରଚ୍ଛଦ ମଡେଲ୍ : ପ୍ରତୀକ୍ଷା ଜେନା
ଉଚ୍ଚତା : ୫ ଫୁଟ୍ ୪ ଇଞ୍ଚ
ଶିକ୍ଷା : ଓଡ଼ିଆରେ ସ୍ନାତକୋତ୍ତର
ବୃତ୍ତି : କବିତା ଲେଖିବା
ମେକ୍ଅପ୍ : ଅନୁରାଧା
ସ୍ଥାନ : ମେ ଫେୟାର୍ ଲାଗୁନ୍, ଭୁବନେଶ୍ୱର

**ମଲାଟ କଥା :** ଛାଇ ଦିଏ ସୁରକ୍ଷା ଓ ଶୀତଳତା । ଛାଇରୁ ନାରୀଟେ ଖୋଜିଥାଏ ମୁକ୍ତି । ସେ ମୁକ୍ତିରେ ଥାଏ ଆନନ୍ଦ ଓ ଖୁସି । ଛତା ହିଁ ସେ ଖୁସିର ପ୍ରତୀକ । ଯେମିତି ନାରୀ ସୁରକ୍ଷାର ପ୍ରତୀକ । ସେ ଛତା ହୋଇ ହିଁ ଦେଇଥାଏ ସୁରକ୍ଷା ଓ ଶୀତଳତା, ପରିବାରକୁ । ପ୍ରତିଟି ପ୍ରାଣରୁ କଷ୍ଟ ରୂପକ ଖରାକୁ ଶୋଷି ନେଇ ନାରୀ ହିଁ ତ ଲଗେଇ ଦିଏ ପରିତ୍ରାଣର ପ୍ରଲେପ । ହସଖୁସିର ପରିବାରରେ ନାରୀ ହିଁ ଛତାଟିଏ, ଛାଇଟିଏ । ସେମିତି ଛତାକୁ ନେଇ ଖରାବର୍ଷାର ଏ ଜୀବନ ନାରୀର, ଆମ ପ୍ରଚ୍ଛଦ ଭାବନା ।

# ରେବତୀ ର ନିୟମାବଳୀ

- 'ରେବତୀ ଆମ ମାଟିର ସ୍ୱର' ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ। ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା। ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପାଠକମାନେ ପାଇବେ।
- ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା। ସୁତରାଂ ଏଥିରେ ସାହିତ୍ୟ ସହିତ ପରିବାର ଓ ଜନଜୀବନ ଉପଯୋଗୀ ସକରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ।
- ନିଜ ବିଚାରରେ ଶ୍ରେଷ୍ଠ ବିବେଚିତ ଲେଖା (ଜେରକ୍ସ କପି ନୁହେଁ) ହିଁ ପଠାଇବାକୁ ପଡ଼ିବ। ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ। ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ। ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ। ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ 'ରେବତୀ' କହିରଖୁଛି।
- ଗଳ୍ପ, କବିତା ବା ଫିଚର୍ ପଠାଇବାର ଛଅମାସ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ଛଅମାସ ପରେ ଆପଣ ଲେଖାଟିକୁ ଅନ୍ୟତ୍ର ପଠାଇ ପାରିବେ। ମନୋନୀତ ହୋଇଥିବା ଲେଖାଟିକୁ ଅନ୍ୟତ୍ର ପ୍ରକାଶ କଲେ ଉକ୍ତ ଲେଖକଙ୍କର ଲେଖା ଦୁଇବର୍ଷ ପାଇଁ 'ରେବତୀ'ରେ ପ୍ରକାଶ ପାଇବ ନାହିଁ। ମନୋନୀତ ଲେଖାଟି ଆବଶ୍ୟକ ପଡ଼ିଲେ ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇବ।
- କବିତା କିମ୍ବା ଗଳ୍ପ ଜାତୀୟ ଯେକୌଣସି ଲେଖା ପାଇଁ 'ରେବତୀ' ପକ୍ଷରୁ ଅନୁରୋଧ କରାଯାଏ। କବି ଓ ଗାଳ୍ପିକମାନେ ସେମାନଙ୍କର ଲେଖା ପଠାଇବା ପୂର୍ବରୁ ଦୟାକରି ସଂପାଦକଙ୍କ ସହ ପରାମର୍ଶ କରିନେବାକୁ ଅନୁରୋଧ।
- 'ରେବତୀ' ପାଇଁ ଆଲେଖ ବା ଫିଚର୍ ସବୁବେଳେ ଗ୍ରହଣୀୟ। ତେବେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ। ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍‌ସନ୍ ସହ) ଦେବାକୁ ହେବ। ଫଟୋଗ୍ରାଫ୍‌ଗୁଡ଼ିକୁ ଇ-ମେଲ୍ ମାଧ୍ୟମରେ କେବଳ ପଠାଇ ପାରିବେ। ହ୍ୱାଟ୍‌ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ। ଏହା ଫଟୋର ଗୁଣବତ୍ତା ହ୍ରାସ କରେଇଥାଏ। ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶ ପାଇବ।
- 'ବହି-ବିଚାର' ପାଇଁ ଓଡ଼ିଆ, ହିନ୍ଦୀ ଓ ଇଂରାଜି ଭାଷାରେ ପ୍ରକାଶିତ ନୂଆ ବହିର ଦୁଇ ଖଣ୍ଡ କପି ସହିତ ପୁସ୍ତକର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ପଠାଇ ପାରନ୍ତି। 'ଭଲବହି'ର ନିର୍ଣ୍ଣୟ ସମ୍ପାଦକର।
- ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ। ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ। ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ଶୁଦ୍ଧି ବା ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ। ଲେଖା ସହିତ ସି.ଡ଼ି. (କେବଳ ଆକୃତି) ବି କରି ପଠାଇଲେ ଭଲ। ପ୍ରତିଟି ଲେଖାରେ ନିଜର ନାମ ଓ ସ୍ୱାକ୍ଷର ରହିବା ବାଞ୍ଛନୀୟ।
- ଲେଖା, ଫଟୋ, ସି.ଡ଼ି., ବହି ଆଦି କୌଣସି ପରିସ୍ଥିତିରେ ଫେରସ୍ତ ଦିଆଯିବ ନାହିଁ। ଦୟାକରି ସେପରି ଅନୁରୋଧ କରନ୍ତୁ ନାହିଁ।
- ପ୍ରତିଟି ପ୍ରକାଶିତ ଲେଖା ପାଇଁ ଲେଖକୀୟ ଉପହାର ସ୍ୱରୂପ ପତ୍ରିକା ପଠାଯିବାର ବ୍ୟବସ୍ଥା ଅଛି।
- 'ରୋଷେଇ', 'ଘରକରଣା', 'ବାଡ଼ିବଗିଚା' ଓ 'ସୌନ୍ଦର୍ଯ୍ୟ' ବିଭାଗ ପାଇଁ ଯେକୌଣସି ଆଗ୍ରହୀ ଗୃହିଣୀ /ମହିଳା, ସେ ଲେଖିକା ହୋଇନଥିଲେ ମଧ୍ୟ ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ। ଏସବୁ ସିଧାସଳଖ ଇ-ମେଲ୍‌ରେ ପଠାଇଲେ ଭଲ।
- ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ।
- 'ରେବତୀ'ରେ ପ୍ରକାଶିତ ସମସ୍ତ ଲେଖା, ଫଟୋ ବା ବିଷୟବସ୍ତୁର ସ୍ୱତ୍ତ୍ୱ ସଂପୃକ୍ତ ଲେଖକଙ୍କର। ପ୍ରକାଶିତ କୌଣସି ଲେଖାର ପୁନଃପ୍ରକାଶନ ବା ପୁନଃମୁଦ୍ରଣରେ କିଛି କଟକଣା ନାହିଁ। ତେବେ ସଂପୃକ୍ତ ଲେଖକଙ୍କ ଅନୁମତି ନେବାକୁ ଅନୁରୋଧ।
- ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ 'ରେବତୀ'ର ବୋଲି ଧରାଯିବ ନାହିଁ। ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର। ପ୍ରକାଶକ, ସମ୍ପାଦକ କିମ୍ବା 'ରେବତୀ'ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ହେବେନାହିଁ। ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି। କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ।
- ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ବିଭାଗରେ ଦିଆ ଯାଉଥିବା ଉପଚାର ଏବଂ ରୋଷେଇରେ ପ୍ରକାଶ ପାଉଥିବା ଖାଦ୍ୟ ପ୍ରଣାଳୀଗୁଡ଼ିକୁ ଉପଯୋଗ କରିବା ପୂର୍ବରୁ ସେଗୁଡ଼ିକର ଉପଯୋଗିତାକୁ ନିଜେ ନିଜେ ପରଖି ନେବାକୁ ଅନୁରୋଧ। ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ପାଇଁ 'ରେବତୀ' ଦାୟୀ ରହିବ ନାହିଁ।
- 'ରେବତୀ'ରେ ପ୍ରକାଶିତ ଯେକୌଣସି ଲେଖା ବା ଫଟୋ ସମ୍ବନ୍ଧୀୟ ଆପତ୍ତି, ଅଭିଯୋଗ ପ୍ରକାଶନର ତିନି ମାସ ମଧ୍ୟରେ ଆମ କାର୍ଯ୍ୟାଳୟକୁ ପଠାଇବାକୁ ହେବ। ଏ ଅବଧି ପରେ ଆପତ୍ତି, ଅଭିଯୋଗର ଉତ୍ତର ଦେବା ପାଇଁ ଆମେ ବାଧ୍ୟ ହେବୁ ନାହିଁ। 'ରେବତୀ' ସମ୍ବନ୍ଧୀୟ ଯେକୌଣସି ଆପତ୍ତି, ଅଭିଯୋଗ ଓ ବିବାଦର ବିଚାର କେବଳ ବାଲେଶ୍ୱର ନ୍ୟାୟାଳୟ ପରିସରଭୁକ୍ତ।
- 'ରେବତୀ' ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.** ସପକ୍ଷରେ କରାଯିବ।


ସମ୍ପର୍କ : ସମ୍ପାଦିକା, 'ରେବତୀ', ରେବତୀ ମିଡିଆ ହାଉସ୍ ପ୍ରା. ଲିଃ., ଓ.ଟି. ରୋଡ଼, ବାଲେଶ୍ୱର-୭୫୬୦୦୧

ଫୋନ : ୯୪୩୮୭୭୮୦୫୨, ୭୦୦୮୮୪୫୯୨୦

ଇ-ମେଲ୍ : rebati.rebati2018@gmail.com

# ନାରୀ ପାଇଁ ଟୋପାଏ ସମ୍ମାନ

ସମାଜରେ ସମ୍ମାନର ସହ ବଞ୍ଚିବା ପାଇଁ ସଭିଙ୍କର ଅଧିକାର ସମାନ। କିନ୍ତୁ ସଚରାଚର ଦେଖାଯାଏ ଯେ ନାରୀ ପ୍ରତି ଅବିଚାର ହୁଏ। ନାରୀକୁ ସମ୍ମାନର ସହ ବଞ୍ଚିବା ପାଇଁ ବାଟ ଓଗାଳେ ଆମ ପୁରୁଷ-ତାନ୍ତ୍ରିକ ସମାଜର ଅହଂ। ନାରୀ ତା'ର ସମ୍ମାନ, ତାର ମାନ, ତା'ର ମର୍ଯ୍ୟାଦାକୁ ଭୂଲୁଣ୍ଠିତ ହେବାର ଦେଖେ ଓ ସହିଯାଏ। ପୁରୁଷ ବି ଦେଖେ ଓ ଆଖି ବୁଜିଦିଏ। ସେ ଭାବେ ନାହିଁ ଗୋଟେ ନାରୀ ହିଁ ତାର ଜନ୍ମଦାତ୍ରୀ। ଗୋଟେ ନାରୀ ହିଁ ତାକୁ ପାଳିପୋଷି ସମାଜରେ ପରିଚୟ ଦିଏ। ଆଉ ସେ 'ପୁରୁଷ' ବୋଲି ନିଜକୁ ପ୍ରତିପାଦିତ କରେ। ଅଥଚ ସେ ପୁରୁଷ ଭୁଲିଯାଏ ଯେଉଁ ନାରୀଟି ତାକୁ ଏ ପୃଥିବୀକୁ ଆଣିଲା। ଏ ଏକ ସାମାଜିକ ବିଡ଼ମ୍ବନା।

ଯେଉଁ ସମାଜ ନାରୀକୁ ସମ୍ମାନ ଦେବା କଥା ଶିଖାଏ, ସେଇ ସମାଜ ପୁଣି ନାରୀକୁ ଅଙ୍ଗୁଳି ଦେଖାଏ। ନାରୀକୁ ନାନାବିଧ କଟକଣା ଭିତରେ ବାନ୍ଧିଦିଏ। ନାରୀକୁ 'ନାରୀ' ଭାବେ ରହିବାକୁ ବାଧ୍ୟ କରେ। ଏ କେଉଁ ପ୍ରକାର ସମାଜ ସତରେ! ଯେଉଁଠି ନାରୀଟିଏ ସମ୍ମାନ ପାଏନା, ମର୍ଯ୍ୟାଦା ପାଏନା, କେବଳ ନୀତିନିୟମର ବେଡ଼ି ଭିତରେ ବନ୍ଧା ହୋଇ ପଡ଼ିରହେ ଠିକ୍ ଗୋଟେ ପଞ୍ଜୁରି ଭିତରର ପକ୍ଷୀ ପରି। କୌଣସି ପୁରୁଷ ଭାବେନି ଏ କଥା। ଭାବେନି ତାର ମାଆ, ଭଉଣୀ, ଝିଅ- ଏମାନେ ବି ପ୍ରତ୍ୟେକେ ଜଣେ ଜଣେ ନାରୀ। କେମିତି ନିଜ ରକ୍ତର ଏ ସମ୍ପର୍କକୁ ଅମର୍ଯ୍ୟାଦା, ଅସମ୍ମାନ କରି ରହିପାରେ ସେ! ଅଥଚ ଯୁଗ ଯୁଗ ଧରି ପୁରୁଷ ଯେପରି କିଂକର୍ତ୍ତବ୍ୟବିମୂଢ଼! ସେ ଯେପରି ପୁରୁଷ ଖୋଳପା ଭିତରେ ଲୁଚିଥିବା ଗୋଟେ ଅଂଧ ମୂକ ବଧୀର ମଣିଷ।

ଆମେ କେବେ ବୁଝିବାକୁ ଚେଷ୍ଟା କରିଛୁ ନାରୀଟେ ଚାହେଁ କ'ଣ? ନା, ଆମେ କେବଳ ଆମେ ଯାହା ବୁଝିଛୁ, ସେହିପରି ହିଁ ବୁଝିଥାଉଁ ନାରୀକୁ। ତା'ର ସ୍ୱପ୍ନ, ତା'ର ଇଚ୍ଛା, ତା'ର ଈପ୍ସିତ ପୃଥିବୀ ବିଷୟରେ ଆମେ କେବେ ଚିନ୍ତା ହିଁ କରୁନା। ନାରୀ ସାଲିସ୍ କରିନିଏ। ନାରୀ ନିଜକୁ ବୁଝେଇ ଦିଏ। ନାରୀ ଚୁପ୍ ରହେ। ନାରୀ ବାଣ୍ଟି ହୋଇଯାଏ। ଅଥଚ ନାରୀ ଭିତରର ନିଷ୍ଠୁର ସତ୍ୟକୁ ଆମେ କେବେ ସମୀକ୍ଷା କରୁନା।

ନାରୀକୁ ଭଲପାଇବା କମ୍ ଦିଅନ୍ତୁ- ସେ ସାଲିସ୍ କରିନେବ। କିନ୍ତୁ ସମ୍ମାନ ନଦେଲେ ସେ ଭିତରୁ ଭିତରୁ ହିଁ ମରି ସାରିଥିବ। ଆଉ ନାରୀ ଭିତରୁ 'ନାରୀ-ଭାବ' ଥରେ ମରିଗଲେ ସେ ଆଉ ଆପଣଙ୍କୁ ତା' ହୃଦୟ ଯାଏଁ ପହଞ୍ଚିବାକୁ କେବେ ବି ଦେବ ନାହିଁ। ଯେତେ ପ୍ରୟାସ କଲେ ବି ତା' ନିକଟତର ହୋଇପାରିବେ ନାହିଁ। ସୁତରାଂ ନାରୀ ପାଇଁ ସବୁଠାରୁ ମୂଲ୍ୟବାନ ଉପହାର ହେଉଛି : ସମ୍ମାନ। ତାକୁ ସମ୍ମାନ କରନ୍ତୁ, ସେ ଆପଣଙ୍କ ପାଇଁ ସବୁ କିଛି ଭୁଲିଯିବ। ଜଣେ ନାରୀ ହୁଏତ ତା'ର ପ୍ରେମୀକୁ ଭୁଲିଯାଇପାରେ, କିନ୍ତୁ ତାକୁ ସମ୍ମାନ କରୁଥିବା ଲୋକଟିକୁ ସେ ଜୀବନ ସାରା ଭୁଲେ ନାହିଁ।

ପ୍ରକୃତରେ ନାରୀର ସମ୍ମାନ କଣ, ନାରୀର ମର୍ଯ୍ୟାଦା କଣ- ଏ କଥା ଜଣେ ପୁରୁଷ ସେତିକି ବେଳେ ବୁଝିପାରେ, ଯେତେବେଳେ ସେ ନିଜେ ଗୋଟେ ଝିଅର ବାପା ହୁଏ। ଜଣେ ନାରୀ ପୁଅଟିଏକୁ ଜନ୍ମ ଦେବା ବେଳେ ନିଜର ସୁନ୍ଦରତାକୁ ସୁଦ୍ଧା ଭ୍ରୁକ୍ଷେପ କରେ ନାହିଁ। ଅଥଚ ସେଇ ପୁଅ ଦିନେ ନିଜର ସୁନ୍ଦର ପତ୍ନୀ ପାଇଁ ନିଜ ମାଆକୁ ସୁଦ୍ଧା ଭୁଲିଯାଏ! ସମାଜର ଏ କି ନିଷ୍ଠୁର ସତ୍ୟ! ଆଶ୍ଚର୍ଯ୍ୟର କଥା ଯେ, ଜଣେ ପୁରୁଷ ଏ ପୃଥିବୀକୁ ଆସେ ନାରୀର ମାଧ୍ୟମରେ। ତାକୁ ପାଳିପୋଷି ବଡ଼ କରେ ବି ଜଣେ ନାରୀ। ଜଣେ ନାରୀ ସହିତ ହିଁ ତା'ର ପ୍ରେମ ହୁଏ। ବିବାହ ବି ହୁଏ ଜଣେ ନାରୀ ସହିତ। ଅଥଚ ସେଇ ପୁରୁଷ ନାରୀକୁ ସମ୍ମାନ ଦେବା ଜାଣେନା। ଅଦ୍‌ଭୂତ ଏ ସମାଜ !

କୁହାଯାଏ, ନାରୀର ଘର ବୋଲି କିଛି ନଥାଏ। କିନ୍ତୁ ସତ୍ୟ ହେଲା, ନାରୀ ବିନା କୌଣସି ବି ଘର ଘର ହୁଏନା। ଗୋଟିଏ ଫୁଲରେ କେବେ ମାଳାଟେ ହୁଏନା କି ଗୋଟେ ବୁନ୍ଦା ଜଳରେ ସାଗର। ହେଲେ ଗୋଟେ ନାରୀ ହିଁ ଯଥେଷ୍ଟ ଘରଟିଏକୁ ସ୍ୱର୍ଗ କରିବାରେ। ଅଥଚ ସେଇ ନାରୀର ଜୀବନ ନର୍କ କରିଦେବାକୁ ପଛାଉନା ଆମେ!

ଚକିତ କରେ ଏ ସମାଜର ରୀତିନୀତି। ନାରୀଟିଏ ପାଠ ନ ପଢ଼ିଲା ତ ମୂର୍ଖ କହିବ ଏ ସମାଜ। ଆଉ ପାଠ ପଢ଼ିଲା ତ କହିବ, ଶିକ୍ଷିତ ବୋଲି ଗର୍ବ ତାର। ସଭିଙ୍କ ସହ ମିଳିମିଶି ଚଳିଲେ ବି ଖରାପ। କହିବେ : ଚତୁରୀ ନାରୀ। ପୁଣି ନଚଳିଲେ କହିବେ, ଅହଂକାରୀ। ସତରେ ନାରୀଟିଏ କରିବ ତ କରିବ କ'ଣ? କେବଳ କ'ଣ ପୁରୁଷର ମର୍ଜି ଓ ଇଙ୍ଗିତ ଅନୁସାରେ ଚାଲିବା ହିଁ ତା'ର ନିୟତି। ତା' ଜୀବନର ସୁଖ କହିଲେ କ'ଣ କେବଳ କଣ୍ଢେଇଟିଏ ହେବା!

ନାରୀଟିଏକୁ ଘେରି ରହିଥାଏ ଏକ ଘର। ଏକ ପରିବାର। ତା' ଚାରିପାଖରେ ଥାଆନ୍ତି ମାଆ, ବାପା, ଶାଶୁ, ଶ୍ୱଶୁର, ସ୍ୱାମୀ- ଏମିତି ଅନେକ ଗୁରୁଜନ ମଣିଷ। ସଭିଏଁ ନିଜ ନିଜ ଅନୁସାରେ ପରିଚାଳିତ କରିଥାନ୍ତି ନାରୀକୁ। ଅଥଚ କେହି ବି ତାକୁ କହନ୍ତି ନାହିଁ, ତୁ ତୋ ଇଚ୍ଛା ଅନୁସାରେ ବଞ୍ଚ୍। ତୋ ସ୍ୱପ୍ନରେ ତୁ ଜୀଇ। ତୋ ଖୁସିରେ ଭାସ୍। ନା, ଏପରି ହୁଏନା। ମାଆ କହେ : ଉତ୍ତର କରିବୁନି କାହାକୁ। ସହିଯିବୁ। ଏ ହେଉଛି 'ସଂସ୍କାର'। ଶାଶୁ କହେ ମାରିଦେ ତୋର ସବୁ ଇଚ୍ଛା। ଏହାର ନାଁ 'ପରମ୍ପରା'। ଶ୍ୱଶୁର ଜେଲ୍‌ଖାନା କରିଦିଅନ୍ତି ଘରକୁ ତ ନାଁ ଦିଆଯାଏ 'ଅନୁଶାସନ'। ସ୍ୱାମୀ ଲଦେଇ ଦିଏ ନିଜର ଇଚ୍ଛା, ନିଜର ସ୍ୱପ୍ନ। ତାକୁ କୁହାଯାଏ 'ଧର୍ମ'। ବିଚରା ନାରୀଟି ଜୀବନର କଣ୍ଟକିତ ରାସ୍ତାରେ ଲହୁଲୁହାଣ ହୁଏ ତ ଆମେ କହିହେଉ: ତା ଭାଗ୍ୟ।

ସତରେ ନାରୀଟିଏକୁ ବୁଝିବା ତ ଆମେ କେବେ ବୁଝିବା? ଯଦି ସମ୍ପର୍କ ନିଭେଇବାକୁ ଚାହେଁ ନାରୀଟିଏ, ତେବେ ସେ କୁଡ଼ିଆରେ ବି ଖୁସିରେ ଖୁସିରେ ଥାଏ। କିନ୍ତୁ ସମ୍ପର୍କକୁ ନିଭେଇବାକୁ ଚାହୁଁନଥିଲେ ସେ ଉଆସକୁ ବି ପଛ କରି ଚାଲି ଆସିପାରେ। ନାରୀ ସିଏ, ଯେ ସବୁବେଳେ ପୁରୁଷ ଠୁଁ ଟୋପାଏ ସମ୍ମାନ ଚାହେଁ, ମର୍ଯ୍ୟାଦା ଚାହେଁ। ତାକୁ ସେତିକି ଦେଇ ଦେଖିବା ଆସନ୍ତୁ, ସେ କିପରି ସମାଜକୁ ସୁନ୍ଦର କରି ଗଢ଼ି ତୋଳୁଛି।

'ଫନି' ପ୍ରଭାବିତ ପ୍ରତିଟି ମଣିଷ, ବୃକ୍ଷଲତା, ପଶୁପକ୍ଷୀ ପୁଣି ଥରେ ସ୍ୱାଭାବିକ ହୋଇ ଉଠନ୍ତୁ, ଏହା ପ୍ରଭୁ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା।

ସମ୍ପାଦିକା



ମାନନୀୟେଷୁ

# ନିଃସଙ୍ଗ ନାୟକ

## କ୍ଷତ ଓ କ୍ଷୋଭ



# ଓଡ଼ିଆ ସାହିତ୍ୟର ନିଃସଙ୍ଗ ପଦାତିକ

# କବି ରବି ସିଂ



**ରଂଜନ ପ୍ରଧାନ**

ବରିଷ୍ଠ ସାମ୍ବାଦିକ, 'ସମ୍ବାଦ', ଭୁବନେଶ୍ୱର
ଫୋନ : ୯୪୩୭୨୧୩୮୫୪

ଫଟୋ ସୌଜନ୍ୟ : ଲେଖକ

କିଛି ଦିନ ତଳେ, କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ୍‌କୁ କବି ରବି ସିଂ ଚିକିତ୍ସା ନିମନ୍ତେ ଯାଇଥାନ୍ତି । ଡାକ୍ତର ତାଙ୍କୁ ପଚାରିଲେ; "ତୁମକୁ ଡାଇବେଟିସ୍ କେବେ ଠାରୁ ହେଲାଣି ?"

ରବି ସିଂ ଉତ୍ତର ଦେଲେ; "ଜେଲ୍‌ଖାନାରେ ଥିବା ସମୟରୁ ଏହି ମାରାତ୍ମକ ବେମାରୀଟି ମୋତେ ମାଡ଼ି ବସିଛି ।"

ଡାକ୍ତର ହଠାତ୍ ଘୃଣା ଚକ୍ଷୁରେ ଦେଖିଲା ଭଳି ବିଦ୍ରୂପ କଲେ: "କ'ଣ ଚୋରି ନା ରେପ୍ କରି ନା ମର୍ଡର ମାମଲାରେ ଜେଲ୍ ଯାଇଥିଲ ?"

ଡାକ୍ତରଙ୍କ ଏଭଳି କଥା ଶୁଣି, କବି ରବି ସିଂଙ୍କ ମୁଣ୍ଡ ଉପରେ ଆକାଶ ଛିଣ୍ଡି ପଡ଼ିଥିଲା ଏବଂ ପାଦ ତଳୁ ପୃଥିବୀ ଖସି ଯାଇଥିଲା ।

ଓଃ, କବି ରବି ସିଂ ଏଇନେ ଭୀଷଣ ନିଃସଙ୍ଗ । ଏକ 'ନିଃସଙ୍ଗ ପଦାତିକ'ର ଜୀବନ ଅତିବାହିତ କରୁଛନ୍ତି କହିଲେ ଠିକ୍ ହେବ । ସେ କ'ଣ ଖାଲି ନିଃସଙ୍ଗ ପଦାତିକ, ଜଣେ ଦୁର୍ଦ୍ଧର୍ଷ ସେନାପତି ବି । କାହାର ସେ ସେନାପତି ? କେଉଁ ପଥ ର ସେ ପଦାତିକ ? ସେ, ସତ୍ୟ ଓ ନ୍ୟାୟ ପଥର ପଦାତିକ । ସେ ଓଡ଼ିଆ ସାହିତ୍ୟର ସେନାପତି । ସେ, ବିପ୍ଳବୀ କବି, ରବି ସିଂ ।

ହେ, କବି ରବି ସିଂ ! ଆପଣ ମୃତ୍ୟୁକୁ ଜୟ କରି ଯାଇଛନ୍ତି । ଏ ପୃଥିବୀରେ ମୃତ୍ୟୁବିଜୟୀ ହେବା କ'ଣ ଏତେ ସହଜ କଥା ? ଆପଣ କାଳକୁ ଅତିକ୍ରମ କରିଛନ୍ତି । ମୃତ୍ୟୁକୁ ଜୟ କରିବା ଭଳି କାଳାତିକ୍ରମଣ ମଧ୍ୟ ସେତେ ସହଜ ନୁହେଁ, ଆଜ୍ଞା ।

ଏପ୍ରିଲ୍ ମାସର ଏକ ତତଲା ପୂର୍ବାହ୍ନରେ କଟକର ଖପୁରିଆ ଛକ (ପ୍ରେସ୍ ଛକ) ଲେବର୍ କଲୋନୀସ୍ଥିତ ତାଙ୍କ ବାସଭବନ (ଶ୍ରମିକ, ମୂଲିଆ, ଖଟିଖିଆ କବିର କି ବାସଭବନ ଥାଏ ?)ରେ ପହଞ୍ଚିଲା ପରେ ସତ୍ୟକୁ ଆଉ ସାମ୍ନା କରିବାକୁ ସାହସ ନଥିଲା ମୋ ଭିତରେ । ସତ୍ୟ, ଏଇଆ ଯେ, କବି ରବି ସିଂ ସାହିତ୍ୟ ପାଇଁ କ'ଣ ନ କରିଛନ୍ତି ? ସେ ସବୁଠି, ସଭା ସମିତିରେ କୁହନ୍ତି: ସାହିତ୍ୟ ହେଉଛି ତାଙ୍କର ଫୁଲ୍ ଟାଇମ୍ ଜବ୍ । ସାହିତ୍ୟ ଛଡ଼ା ତାଙ୍କ ଜୀବନରେ ଆଉ କିଛି ନାହିଁ । ପ୍ରଶ୍ନ ଉଠୁଛି, ସାହିତ୍ୟ କରି ସେ ପାଇଲେ କ'ଣ ? ବରଂ ସାହିତ୍ୟ ପାଇଁ ଭୋଗିବାକୁ ପଡ଼ିଛି କାରାବାସ । ସାହିତ୍ୟ ପାଇଁ ତାଙ୍କୁ ସହିବାକୁ ପଡ଼ିଛି 'ନକ୍ସଲ୍ ପନ୍ଥୀ' ଭଳି ମିଥ୍ୟା ଲାଞ୍ଛନା । ସାହିତ୍ୟ ପାଇଁ ସେ ଅଣ୍ଡରଗ୍ରାଉଣ୍ଡ୍ (ନିଖୋଜ) ହୋଇଛନ୍ତି । ସାହିତ୍ୟ ପାଇଁ ସେ ବଦଳାଇଛନ୍ତି ନିଜ ଠିକଣା ବାରମ୍ବାର । ସାହିତ୍ୟ ପାଇଁ ତାଙ୍କ ପିତାଙ୍କ ସ୍ୱାଧୀନତା ସଂଗ୍ରାମୀ ଭତ୍ତା କାଟି ଦିଆ ଯାଇଛି । ସାହିତ୍ୟ ପାଇଁ ସେ ସେତେବେଳର ଓଡ଼ିଶା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ କ୍ରୋଧର ଶିକାର ହୋଇଛନ୍ତି । ସାହିତ୍ୟ ପାଇଁ ବନ୍ଧୁ ତଥା ବିଶିଷ୍ଟ କବି ସଚ୍ଚି ରାଉତରାୟଙ୍କ ସହ ସମ୍ପର୍କ ତିକ୍ତ ହୋଇଛି । ସାହିତ୍ୟ ପାଇଁ ଜୀବନରେ ସେ ବହୁ କିଛି ହରାଇଛନ୍ତି ।

ଏହା ସତ୍ତ୍ୱେ ସାହିତ୍ୟ ତାଙ୍କ ଜୀବନ । କବିତା ତାଙ୍କର ସ୍ପନ୍ଦନ । କଟକସ୍ଥିତ ଖପୁରିଆ (ପ୍ରେସ୍ ଛକ) ଲେବର୍ କଲୋନୀ ବାସଭବନ ସମ୍ମୁଖରେ 'ବିପ୍ଳବୀ କବି ରବି ସିଂ' ଲେଖାଥିବା ଟିଣ ନେମ୍ ପ୍ଲେଟ୍‌ଟିକୁ ଦେଖିଦେବା ପରେ ଶରୀରରେ ପୁଲକ ଜାଗି ଉଠିଥିଲା । ମାତ୍ର, ସେଇ ପୁଲକ କବି ରବି ସିଂଙ୍କ ଦରଜା ଖୋଲା ହେବା ପର୍ଯ୍ୟନ୍ତ ବଳବତ୍ତର ଥିଲା । କବି ନିଜେ ଘରର ଦରଜା ଖୋଲିବା ପରେ ମନରେ ସୃଷ୍ଟି ହୋଇଥିବା ପୁଲକ, ଦୁଃଖ ଓ ଯନ୍ତ୍ରଣାକୁ ରୂପାନ୍ତରିତ ହୋଇଥିଲା ସହସା ।

ବିପ୍ଳବୀ କବି ରବି ସିଂଙ୍କ ବାସ ଭବନ ସାମ୍ନାରେ ପହଞ୍ଚି କବାଟ୍ ଠକ୍ ଠକ୍ କଲା ପରେ ଗାମୁଛା ପିନ୍ଧା ଜଣେ ରୁଗ୍‌ଣ ମଣିଷଟି ସମ୍ମୁଖକୁ ଆସିଥିଲେ । ସେ



କ'ଣ ଥିଲେ ବିପ୍ଳବୀ କବି ରବି ସିଂ ? ସେ କ'ଣ ଥିଲେ ସଦା ବିଦ୍ରୋହର ଲେଲିହାନ ବହ୍ନି ଶିଖା ? ଯାହାଙ୍କ କବିତା **ବୁର୍ଜୁୟା ଗୋଷ୍ଠୀ**ର ଅସଲ ମୁଖା ଖୋଲି ଦେଇଥିଲା, ଯେଉଁ କବିତା ପଢ଼ି ଶହ ଶହ ଯୁବକ ଅନ୍ୟାୟ ବିରୋଧୀ ଆନ୍ଦୋଳନରେ ଝାସ ଦେଇଥିଲେ, ଯେଉଁ କବିତା ଯୁବକର ଛାତିରେ ନିଆଁ ଲଗାଇ ଦେଉଥିଲା, ଯେଉଁ ସଂଗ୍ରାମୀ ରବି ସିଂଙ୍କୁ ଗୋଆର ପର୍ତ୍ତୁଗୀଜ୍ ସରକାର ଖୋଜି ଖୋଜି ନାକେଦମ୍ ହୋଇ ଯାଇଥିଲା, ଯେଉଁ ଶିଶୁ ରବି ସିଂ ନିଜ ସ୍ୱାଧୀନତା ସଂଗ୍ରାମୀ ପିତାଙ୍କ ସହ ଅଖିଆ ଅପିଆ ମାଇଲ୍ ମାଇଲ୍ ବାଟ ଚାଲିଚାଲି ଥକି ପଡୁ ନଥିଲେ, ଏ କ'ଣ ସେଇ ରବି ସିଂ ? ଓଃ, ଗୋଟିଏ ଦୀର୍ଘଶ୍ୱାସ ଛାଡି ଦେଇ ବାହାରକୁ ଚାଲି ଯାଉଥିଲା । ଏଭଳି ଅବସ୍ଥାରେ ମୁଁ ତାଙ୍କ ସହ କେମିତି ବାର୍ତ୍ତାଳାପ କରିବି ଏବଂ କଥା କେଉଁଠୁ ଆରମ୍ଭ କରିବି, ବାଟ ପାଉ ନଥିଲି ।

ପ୍ରକୃତରେ କବି ରବି ସିଂ ମୃତ୍ୟୁକୁ ଜୟ କରିଯାଇଛନ୍ତି । ତାଙ୍କର ରୂପ ଅଛି, ମାତ୍ର ସେ ମନେ ହେଉଥିଲେ ଅରୂପ । ତାଙ୍କର ଶରୀରଟିଏ ଅଛି, ମାତ୍ର ଶରୀରର ଅଙ୍ଗ ନାହିଁ । ତାଙ୍କର ଜୀବନ ଅଛି, ସେ ଜୀବନଟି ମୃତ୍ୟୁ ପାଖରେ ବନ୍ଧା ପଡ଼ିଛି । ପ୍ରତିଦିନ ଜିଇଁ ଜିଇଁ ମରୁଥିବା ଏହି ମଣିଷଟି ହେଉଛନ୍ତି ବିପ୍ଳବୀ କବି ରବି ସିଂ । ଏମିତି ମୁଁ ଏଇଥିପାଇଁ କହିବାକୁ ଚାହୁଁଛି, ଯେଉଁ ଅଙ୍ଗ ପ୍ରତ୍ୟଙ୍ଗମାନଙ୍କୁ ନେଇ ଶରୀରଟିଏ ଗଢ଼ା ଯାଇଥାଏ, ଆଜି କବି ରବି ସିଂଙ୍କ ଶରୀରର ସେସବୁ ଅଂଶ ପ୍ରାୟତଃ ଦେଖିବାକୁ ମିଳେନା । ଏ କଥା ସତ୍ୟ, ଶରୀରଟିଏ ତାଙ୍କର ଅଛି । ଆଖି ଯୋଡ଼ିଏ ଅଛନ୍ତି, ମାତ୍ର ସେ କିଛି ଦେଖିପାରନ୍ତି ନାହିଁ । କାନ ଯୋଡ଼ିଏ ଅଛନ୍ତି, ମାତ୍ର ସେ ଶୁଣି ପାରନ୍ତି ନାହିଁ । ହାତ ଯୋଡ଼ିଏ ଅଛନ୍ତି, ମାତ୍ର ଗୋଟିଏ କ୍ଷୁଦ୍ର ବସ୍ତୁ (ଏମିତିକି ବହି ଖଣ୍ଡେ) ବି ସେ ଉଠାଇ ପାରନ୍ତି ନାହିଁ । ଗୋଡ଼ ଦୁଇଟି ଅଛି, ମାତ୍ର ତାଙ୍କୁ ଖଟରୁ ଗାଧୁଆଘର ଯାଏ ଚାଲିବା ମୁସ୍କିଲ୍ ହୋଇଯାଏ । ଦାନ୍ତ ଅଛି, ପୁଣି ନାହିଁ ବି । ପାଟି ଭିତରୁ ନକଲି ଦାନ୍ତ ଖୋଲିଦେଲା ପରେ ବାସ୍ତବତା କେତେ ଅନାସକ୍ତ ତାହା ଜାଣି ପାରିଥିଲି । ସେ ଯେତେବେଳେ ଯୁବକ ଥିଲେ 'ଗୋଆ ମୁକ୍ତି ଆନ୍ଦୋଳନ'ରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସେତେବେଳେ ପର୍ତ୍ତୁଗୀଜଙ୍କ ଦ୍ୱାରା ନିଯୁକ୍ତ ନିଗ୍ରୋ ସୈନ୍ୟବାହିନୀଙ୍କ ଆକ୍ରମଣରେ ତାଙ୍କର ଦାନ୍ତ ଭାଙ୍ଗି ଯାଇଥିଲା । ସେବେଠୁ ସେ ନକଲି ଦାନ୍ତର ସହାୟତା ନେଇ ଆସିଛନ୍ତି । ଶରୀରରେ ତାଙ୍କର ଆଉ ବାକି ରହିଲା କ'ଣ ? ଶରୀରର ଅଭ୍ୟନ୍ତର ଅଙ୍ଗପ୍ରତ୍ୟଙ୍ଗ କଥା ନ କହିବା ଭଲ । ସ୍ୱାଭାବିକ ଭାବେ ବୟସାଧିକ୍ୟ କାରଣରୁ କିଡ୍‌ନି, ହାର୍ଟ (ହୃଦୟ), ଲଙ୍ଗ୍‌ସ୍, ପାନ୍‌କ୍ରିୟାଜ୍, ଲିଭର୍- ଏମାନେ ଦୁର୍ବଳ ହୋଇ ପଡ଼ିଛନ୍ତି । ଏସବୁ ରୋଗ ପାଇଁ କଟକକୁ ଚିକିତ୍ସା ପାଇଁ ଗଲା ବେଳେ ଡାକ୍ତରମାନେ ତାଙ୍କୁ ଅତି ସାଧାରଣ ଗାଉଁଲି ରୋଗୀ ଭଳି ବ୍ୟବହାର କରିଛନ୍ତି; ଯାହା ଜଣେ ବିପ୍ଳବୀ କବିଙ୍କୁ ଖୁବ୍ ବାଧିଛି । ତାଙ୍କ ପ୍ରତି ଡାକ୍ତରଙ୍କ ଦୁର୍ବ୍ୟବହାର ସମ୍ପର୍କରେ କହିଲା ବେଳେ କବିଙ୍କ ମନରେ ଉଭୟ କୋହ ଓ କ୍ରୋଧ ଜାତ ହେଉଥିଲା ।

ଦୁନିଆରେ ଯଦିଓ ସମସ୍ତଙ୍କୁ ଏଭଳି ଜରା ଏବଂ ବାର୍ଦ୍ଧକ୍ୟର ଶିକାର ହେବାକୁ ପଡ଼ିଥାଏ; ତେବେ କବି ରବି ସିଂଙ୍କୁ କାହିଁକି ମୃତ୍ୟୁ ବିଜୟୀ କୁହାଯିବ ? ଏହାର ବଳିଷ୍ଠ କାରଣ ରହିଛି । ପିଲାଟି ଦିନୁ ଆଜି ଯାଏ, ସେ ବାରମ୍ବାର ମୃତ୍ୟୁକୁ ସାମ୍ନା କରିଛନ୍ତି ଏବଂ ସେମାନଙ୍କ ଉପରେ ବିଜୟ ଲାଭ କରି ଆସିଛନ୍ତି । କବି ଜନ୍ମ ହେବାର ମାତ୍ର କେଇଦିନ ପରେ ତାଙ୍କ ବାପା ଜେଲ୍ ଯାଇଥିଲେ । ଜନ୍ମ ହେବା ବେଳେ କବି ଖୁବ୍ ରୁଗ୍‌ଣ ହୋଇଥିଲେ । ଜେଲ୍ ଫେରିବା ବେଳକୁ କବି ଠୁକୁଠୁକୁ ହୋଇ ଚାଲୁଥିବାର ଦେଖି ବାପା କହିଥିଲେ; "ଏ ପିଲା ଏ ଯାଏଁ ବଞ୍ଚିଛି ?"



ବାସ୍ତବରେ କବି ରବି ସିଂ ଜଣେ ନିଃସଙ୍ଗ ପଦାତିକ । ଜଣେ ଏକ୍‌ଲା ସେନାପତି । ଏକା ଏକା ଲଢୁଛନ୍ତି ମୃତ୍ୟୁ ସହ । ବୟସର ଶେଷ ପ୍ରାନ୍ତରେ ତାଙ୍କୁ ଦେଖାଶୁଣା କରିବାକୁ ପାଖରେ କେହି ନାହାନ୍ତି । ଦଶ ବାଏ ବାର ସେଇ ଖପୁରିଆ ଲେବର୍ କଲୋନୀ ଘରେ ଖୁବ୍ ନିଃସଙ୍ଗ କବି ରବି ସିଂ । ପାଖରେ, ନା ଅଛନ୍ତି ପତ୍ନୀ, ନା ପିଲାଛୁଆ ନାତିନାତୁଣୀ ନା ସମ୍ପର୍କୀୟ ନା ଚାକରବାକର ନା କେହି ଅସ୍ଥାୟୀ କେୟାର ଟେକର୍ । କେହି ବି ନାହାନ୍ତି ତାଙ୍କ ନିକଟରେ ଜୀବନ ମୃତ୍ୟୁର ଏଭଳି ଏକ ସନ୍ଧିକ୍ଷଣରେ । କେବଳ ବହି ଛଡ଼ା ଆଉ କିଏ ଅଛି ତାଙ୍କ ସାଥୀରେ ? ଗଦା ଗଦା ବହି ଓ ନିଜ ଜୀବନର ସ୍ମୃତି, ତିକ୍ତ ମଧୁର ଅନୁଭୂତି, କ୍ଷୋଭ, ଅବଶୋଷମାନଙ୍କ ସହ ବଳକା ଜୀବନ କାଟିବାରେ ମଗ୍ନ ରବି ସିଂ ତାଙ୍କ ନିର୍ଜନ ପୃଥିବୀରେ ।

ଏବେ କବି ରବି ସିଂଙ୍କ ଜୀବନ ନିଃସଙ୍ଗ ଶଯ୍ୟା, ବହିପତ୍ର ଓ ଭଙ୍ଗା ଷ୍ଟୋଭ୍ ସହ କଟୁଛି । ବହିପତ୍ର ତ ସେ ପଢ଼ି ପାରୁ ନାହାନ୍ତି । ମାତ୍ର ସେସବୁ ବହିଙ୍କ ବାସ୍ନା ତାଙ୍କ ମନରେ ପୁଲକ ସୃଷ୍ଟି କରୁଛି । କଥାବାର୍ତ୍ତା ହେବା ମଧ୍ୟରେ, କବି ରବି ସିଂ ଚାଉଳ ମୁଠାଏ, ଡାଲି ମୁଠାଏ ନେଇ ଷ୍ଟୋଭ୍ ପାଖକୁ ଗଲେ ଏବଂ ଗୋଟିଏ ହାଣ୍ଡିରେ ଉଭୟଙ୍କୁ ସିଝାଇବା କାମରେ ଲାଗିଲେ । ଏହି ଚାଉଳ ଓ ଡାଲି ସିଝା ଥିଲା ତାଙ୍କର ମଧ୍ୟାହ୍ନ ଭୋଜନ । ଆମେ ଫେରିବା ପରେ ହୁଏତ, ବାସନକୁସନ ମଜା କାମଟିକୁ ସେ ସମ୍ପନ୍ନ କରିଥିବେ । କଲୋନୀ ଭିତରେ ଥିବା ପାନଦୋକାନୀ ପିଲାଟି ପ୍ରତିଦିନ କିଛି ଭଙ୍ଗା ପାନ ଆଣି ଦେଇଯାଏ । "ତା' ଉପକାର ଶୁଝି ହେବନି", କହନ୍ତି କବି ।

ଖଟରୁ ଉଠି ଠିକ୍ ଭାବେ ଚାଲି ପାରୁନାହାନ୍ତି । ହାତ ବି ଭଲ ଭାବେ କାମ କରୁନି । ତଥାପି, ଏକ୍‌ଲା ଏ କାମ କରିବାକୁ ସେ ପ୍ରସ୍ତୁତ ହେଉଥିଲେ । ଆମର ଉପସ୍ଥିତିରେ (ମୋ' ସାଥୀରେ ମୋ' ବଡ଼ ଝିଅ ସମୀକ୍ଷା ଥାଏ), ବିପ୍ଳବୀ କବି ନିଜ ରୋଷେଇ ପ୍ରସ୍ତୁତିରୁ କିଛି ସମୟ ବିରତି ନେଇଥିଲେ । କେବଳ ଖଣ୍ଡେ ଗାମୁଛା ସେ ପିନ୍ଧିଥିଲେ । କାନକୁ ଶୁଭୁ ନଥିବାରୁ ଖୁବ୍ ବଡ଼ପାଟିରେ ଚିଲ୍ଲେଇ କହିବାକୁ ପଡୁଥିଲା ଏବଂ ଆଖିକୁ ଦିଶୁ ନଥିବାରୁ ଏହା ଆହୁରି ସମସ୍ୟା ସୃଷ୍ଟି କରୁଥିଲା । ତଥାପି ଏହାରି ମଧ୍ୟରେ ତାଙ୍କ





ସହ ଚାରି ପାଞ୍ଚ ଘଣ୍ଟା ଥିଲା ବେଶ୍ ରୋମାଂଚକର ଓ ଅବିସ୍ମରଣୀୟ । ଏ ସୁଯୋଗ ପୁଣି କବି ଓ ସମ୍ପାଦକ କୃଷ୍ଣ କୁମାର ମହାନ୍ତିଙ୍କ ଯୋଗୁଁ ସମ୍ଭବ ହୋଇଥିଲା । ରବିବାର ଛୁଟି ଥିବାରୁ ମୁଁ ବି ବିନ୍ଦାସ୍ ହୋଇ ଯାଇଥିଲି । ସେଦିନ ଦିନ ତମାମ୍ କବି ରବି ସିଂ ମୋ' ଶରୀରରେ ସବାର ହୋଇ ରହିଲେ ।

କେହି କେହି କୁହନ୍ତି, କବି ରବି ସିଂଙ୍କର ଫୋନ୍ ନଥାଏ । ବାସ୍ତବରେ ତାହା କିଛି ମାତ୍ରାରେ ସତ୍ୟ । ମାତ୍ର, ସେ ଏକ ମୋବାଇଲ୍ ଫୋନ୍ ଧରନ୍ତି । ତାହା ସ୍ମାର୍ଟ ଫୋନ୍ ନୁହେଁ । ଗୋଟିଏ ପୁରୁଣାକାଳିଆ ମୋବାଇଲ୍ ଫୋନ୍ ଯାହାର ପଛରେ ତାଙ୍କ ଫୋନ୍ ନମ୍ବରଟି ଲେଖା ଯାଇଛି । ଯାହାର ଫୋନ୍ ନମ୍ବର ଜାଣିବାକୁ ଆଗ୍ରହ ଥାଏ, କବି ସେଇ ମୋବାଇଲ୍ ସେଟ୍‌ର ପଛପଟକୁ ଦେଖାଇ ଦିଅନ୍ତି । ମୋତେ ବି କବି ସେଇ ମୋବାଇଲ୍ ଫୋନ୍ ସେଟ୍‌ର ପଛପଟ ଦେଖାଇଥିଲେ ଓ ମୁଁ ଫୋନ୍ ନମ୍ବର ଟିପି ଆଣିଥିଲି ।

କବି ରବି ସିଂଙ୍କ ଏଭଳି ଦୁର୍ଦ୍ଦଶା ଦେଖି ମନରେ ଅନେକଗୁଡ଼ିଏ ପ୍ରଶ୍ନ ଉଙ୍କି ମାରୁଥିଲା । କେବଳ ଓଡ଼ିଶା କାହିଁକି, ସେ ଦେଶର ଜଣେ ବିପ୍ଳବୀ କବି; ଯୁଗ ପୁରୁଷ । ଯାହାଙ୍କ ସାହିତ୍ୟ ସାରା ପୃଥିବୀକୁ ଚହଲେଇ ଦେଇଥିଲା, ସେଭଳି ଜଣେ ମହାନ୍ କବିଙ୍କ ଏଭଳି ଦୁର୍ଦ୍ଦଶା ପାଇଁ ଦାୟୀ କିଏ ? ଏ ଦୁର୍ଦ୍ଦଶା ପାଇଁ ଦାୟୀ କ'ଣ ସେ ନିଜେ ? ନା ନିଜ ଭାଗ୍ୟ, ନିଜ ପରିବାର, ନିଜ ପତ୍ନୀ, ପିଲାସନ୍ତାନ ନା ଆମ ସାହିତ୍ୟ, ଆମ ସମାଜ, ଆମ ସରକାର, ଆମ ବ୍ୟବସ୍ଥା, ଆମ ମଣିଷପଣିଆ ନା ଆମ ସ୍ୱାର୍ଥପରତା, ଆତ୍ମକୈନ୍ଦ୍ରିକତା ?

ସରକାର ଇଚ୍ଛା କଲେ କବି ରବି ସିଂଙ୍କର ଏଭଳି ଦୁର୍ଦ୍ଦଶାର ଅନ୍ତ ଘଟି ପାରନ୍ତା । ସରକାର ତାଙ୍କ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟାବସ୍ଥାର ଉତ୍ତମ ଥଇଥାନ କରିପାରନ୍ତେ । ମାତ୍ର ତାହା ସମ୍ଭବପର ହୋଇ ପାରୁନାହିଁ । ଏଥିନେଇ ଆମ ସାହିତ୍ୟ ଓ ସଂଗଠନମାନଙ୍କର କି ଦାୟିତ୍ୱ ଅଛି ?

ଇଏ ସେହି ରବି ସିଂ, ଯିଏ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ । ରବି ସିଂ ଲେଖିଥିଲେ : "ଯାଦୁଆ ବିକୁଛି ଯାଦୁର ମଲମ ଦେଖ, / ମଦୁଆ ଧରିଛି ନିଶା ନିବାରଣ ବାନା । / ଗଣିକା ବେଶ୍ୟାବୃତ୍ତି ନିରୋଧ ନେତ୍ରୀ, / ଉଜ୍ଜ୍ୱଟ ଗଣତନ୍ତ୍ର ଅନାରେ ଅନା ।"

କବି ରବି ସିଂ ଏବଂ ନନ୍ଦିନୀ ଶତପଥୀ ବିବାଦ ସେତେବେଳେ ଓଡ଼ିଶାରେ ଚହଳ ସୃଷ୍ଟି କରିଥିଲା । ସମାଜରେ ଘଟୁଥିବା ଦୁର୍ନୀତି, ବ୍ୟଭିଚାରକୁ ଗୋଟିଏ ମୁହୂର୍ତ୍ତ ସହିବାର ଲୋକ ସେ ନଥିଲେ । ଅନ୍ୟାୟ ବିରୋଧରେ ସେ ଲେଖିଛନ୍ତି ରାଶି ରାଶି ବିପ୍ଳବ କବିତା । ତାଙ୍କର ଏହି ଶ୍ଳେଷାତ୍ମକ କବିତାଂଶ ସହିତ ଓଡ଼ିଆ ସାହିତ୍ୟରେ କିଏ ବା ନ ପରିଚିତ ?

"ଗୋଲାପ ଗଛରେ ଫଳିଚି ପିଆଜ / ଚୋପାମୟ ଚୋପାମୟ / ଜାରଜ ଦେଖୁଛି ସାରା ଦୁନିଆଟା / ବୋପାମୟ ବୋପାମୟ ।"

ଏଭଳି କବିତା ରବି ସିଂ ହିଁ ଲେଖିପାରନ୍ତି । ଏଭଳି ବିଦ୍ରୋହ ରବି ସିଂ ହିଁ କରିପାରନ୍ତି ।

**"ମୋ' ଜୀବନ ଗୋଟିଏ କ୍ଷତିର ଖତିଆନ୍"**

କବି ରବି ସିଂ ହେଉଛନ୍ତି ସେହିଭଳି ଜଣେ ମହାନ୍ ସ୍ରଷ୍ଟା, ଯାହାଙ୍କ ଜୀବନରେ ସବୁବେଳେ ଝଡ଼ ବହିଛି ଏବଂ ଜୀବନର ଯାବତୀୟ କ୍ଷତି ଘଟିଛି । **ଏଣୁ କବି ରବି ସିଂ କୁହନ୍ତି: ତାଙ୍କ ଜୀବନ ଗୋଟିଏ କ୍ଷତିର ଖତିଆନ୍ ।**

ପିଲାଟି ଦିନୁ ଆଜି ଯାଏ, ସଂଘର୍ଷ କବି ରବି ସିଂଙ୍କ ପିଛା ଛାଡ଼ିନି । ଖୁବ୍ ପିଲାଦିନୁ ବାପା, ମା' ହାତ ଧରାଧରି ହୋଇ ଚାଲିଗଲେ । ଉତ୍କଟ ଦାରିଦ୍ର୍ୟ କାରଣରୁ ପରିବାର ବିପର୍ଯ୍ୟସ୍ତ ହୋଇ ଯାଇଥିଲା । ଏମିତିକି, ପିଲାଦିନେ ତାଙ୍କର ଜନ୍ମଜାତକଟିଏ ମଧ୍ୟ ପ୍ରସ୍ତୁତ ହୋଇ ପାରିନାହିଁ । ତାଙ୍କୁ ବର୍ତ୍ତମାନ ୮୨ ବର୍ଷ ହେଲାଣି ବୋଲି କହନ୍ତି କବି । ସଠିକ୍ ଜନ୍ମ ତାରିଖ ତାଙ୍କର ମନେନାହିଁ । ଦାରିଦ୍ର୍ୟ କାରଣରୁ ସେ ମଧ୍ୟ ସ୍କୁଲକୁ ଯାଇ ପାରିନଥିଲେ । ବିଧିବଦ୍ଧ ଭାବେ ସେ ସ୍କୁଲ ଶିକ୍ଷାଲାଭ କରିପାରି ନାହାନ୍ତି । ଆଦୌ ସ୍କୁଲ ମାଟି ମାଡ଼ି ନଥିବା କବି ରବି ସିଂ କିଭଳି ବଙ୍ଗଳା, ଇଂରାଜୀ, ହିନ୍ଦୀ, ଚୀନା, ଋଷୀୟ ଭାଷାରେ ଅନର୍ଗଳ ଗପି ପାରନ୍ତି ? ଏହା ଏକ ରହସ୍ୟ ।

କବି ରବି ସିଂଙ୍କ ବାପା ରାମଚନ୍ଦ୍ର ସିଂ ଥିଲେ ଜଣେ ପ୍ରଚଣ୍ଡ ସ୍ୱାଭିମାନୀ ଓ ସଚ୍ଚୋଟ ସ୍ୱାଧୀନତା ସଂଗ୍ରାମୀ । ବାପା ସେଟେଲ୍‌ମେଣ୍ଟ୍ ବିଭାଗରୁ ଚାକିରି ଛାଡ଼ି ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ । ମହାତ୍ମାଗାନ୍ଧୀ ୧୯୨୧ ମସିହାରେ ଓଡ଼ିଶା ଆସିଥିବା ସମୟରେ ତାଙ୍କ ବାପା ଚାକିରି ଛାଡ଼ି ସ୍ୱାଧୀନତା ଆନ୍ଦୋଳନକୁ ଓହ୍ଲାଇଥିଲେ । କଟକର କାଠଯୋଡ଼ି ଠାରେ ଗାନ୍ଧିଜୀଙ୍କର ଯେଉଁ ସଭା ହୋଇଥିଲା, ସେଥିରେ ଗାନ୍ଧୀଙ୍କ ସହ ଗୋଟିଏ ସଭା ମଂଚରେ ତାଙ୍କ ବାପା ବସିଥିଲେ ବୋଲି କହନ୍ତି କବି ରବି ସିଂ । ତାଙ୍କ ବାପା ଥିଲେ ଦେଢ଼ ଶହ ଏକର ଭୂସମ୍ପତ୍ତିର ମାଲିକ । ସ୍ୱାଧୀନତା ଆନ୍ଦୋଳନ ସମୟରେ ତାଙ୍କର କିଛି ଜମି ନିଲାମ ହୋଇଗଲା ଏବଂ କିଛି ଜମି ବିକ୍ରି ହୋଇଗଲା । ଏହା ପରେ ପରେ ପରିବାରର ଆର୍ଥିକ ସ୍ଥିତି ଖୁବ୍ ଶୋଚନୀୟ ହୋଇ ପଡ଼ିଲା । ତାଙ୍କ ପରିବାରରେ ଏଭଳି ସମୟ ଆସିଲା, ଯେତେବେଳେ ମା'ଙ୍କୁ ଖଣ୍ଡେ ପିନ୍ଧା ଲୁଗା ପାଇଁ ସଂଘର୍ଷ କରିବାକୁ ପଡ଼ିଥିଲା । ମା'ଙ୍କୁ ଗୋଟିଏ ଛିଣ୍ଡା ମାଛଧରା ଜାଲକୁ ଶାଢୀ କରି ପିନ୍ଧିବାକୁ ପଡ଼ିଥିଲା ବୋଲି କୁହନ୍ତି କବି । ସେମାନେ ଥିଲେ ରାଜପୁତ୍ ପରିବାର । ପରିସ୍ଥିତି ଏପରି ଶୋଚନୀୟ ହେଲା, ଘରେ ଥିବା ଖଣ୍ଡା, ବର୍ଚ୍ଛା, ଭୁଜାଲି

ଭଳି ନାନା ପ୍ରକାର ପାରମ୍ପରିକ ଅସ୍ତ୍ରଶସ୍ତ୍ର ଓ ବାସନକୁସନ, ଗହଣାଗାଣ୍ଠିକୁ ବିକ୍ରି କରିବାକୁ ପଡ଼ିଥିଲା । ଜୀବନରେ ଦୁଇଟି ଘଟଣାକୁ କବି ରବି ସିଂ କେବେ ବି ଭୁଲି ପାରି ନାହାନ୍ତି । ଗୋଟିଏ ଘଟଣା ହେଉଛି ତାଙ୍କ ମା'ଙ୍କ ଦେହାନ୍ତ ଏବଂ ଦ୍ୱିତୀୟଟି ହେଉଛି ଦାରିଦ୍ର୍ୟ କାରଣରୁ ତାଙ୍କ ପାଠ ପଢ଼ାରେ ଡୋରି ବନ୍ଧାହେବା । ସେ କେବଳ ଗୋଟିଏ ଦିନ ପାଇଁ ଗାଁ ଚାଟଶାଳୀକୁ ଯାଇଥିଲେ, ତାହା ପୁଣି ମାତ୍ର ଅଧଘଣ୍ଟା ପାଇଁ । ଏହା ପରଠୁ ତାଙ୍କର ପାଠପଢ଼ାରେ ସବୁଦିନ ପାଇଁ ପଡ଼ିଥିଲା ପୂର୍ଣ୍ଣଚ୍ଛେଦ ।

ରବି ସିଂଙ୍କ ଦାଦା ଯଦୁମଣି ସିଂ ମଧ୍ୟ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ । ବାପା ସର୍ବସ୍ୱ ହରାଇ ପାଗଳଙ୍କ ଭଳି କେବଳ ଦେଶ କଥା ଚିନ୍ତା କରୁଥିବା ବେଳେ ପରିବାର କଥାରେ ମୁଣ୍ଡ ପୂରାଇ ପାରୁନଥିଲେ । ଫଳରେ ଉତ୍କଟ ଦାରିଦ୍ର୍ୟ ତାଙ୍କ ପରିବାରକୁ ଉଚ୍ଛନ୍ନ କରି ପକାଇଥିଲା । ବାପା ୧୯୩୦ ଲବଣ ସତ୍ୟାଗ୍ରହ ବେଳେ, ୧୯୩୪ ଏବଂ ୧୯୩୮ ମସିହାରେ ଇଂରେଜ ସରକାରଙ୍କ ଦ୍ୱାରା ଗିରଫ ହୋଇଥିଲେ । ଏହାରି ମଧ୍ୟରେ ପରିବାର ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟୟ ହୋଇଯାଇଥିଲା । ଦୁଇଓଳି ମୁଠାଏ ଖାଇବାକୁ ମିଳୁ ନଥିଲା । କେବଳ ଭୋକ ଉପବାସ କାରଣରୁ ତାଙ୍କ ମା' ଶାରଦା ଦେବୀଙ୍କର ଅକାଳ ବିୟୋଗ ଘଟିଥିଲା ବୋଲି କହନ୍ତି କବି ରବି ସିଂ । ୧୯୪୭ ମସିହାରେ ଗୋଟିଏ ବର୍ଷ ମଧ୍ୟରେ ମା' ଓ ବାପାଙ୍କର ମୃତ୍ୟୁ ହୋଇଯାଇଥିଲା । ଆଗେ ମା' ଚାଲି ଯାଇଥିଲେ ଏବଂ ପରେ ପରେ ବାପା ମଧ୍ୟ ଇହ ଧାମ ତ୍ୟାଗ କରିଥିଲେ । ଏଭଳି ଏକ ଦାରୁଣ ଆଘାତ କବି ରବି ସିଂଙ୍କ କୋମଳ ଶୈଶବକୁ ଭାଙ୍ଗି ପକାଇଥିଲା । ବାପା, ମା'ଙ୍କୁ ହରାଇ ସେ ଅନାଥ ହୋଇ ଯାଇଥିଲେ । ମରିବା ପୂର୍ବରୁ ବାପା, ଶିଶୁପୁତ୍ର ରବି ସିଂଙ୍କୁ କଟକର ଜଣେ ମଠାଧୀଶ (ମହନ୍ତ)ଙ୍କ ନିକଟରେ ଛାଡ଼ି ଦେଇଥିଲେ । କଟକ ସହରର ଦୋଳମୁଣ୍ଡାଇ ଛକର ଏକ ନୂଆଁଣିଆ ଚାଳଛପର ଘରେ ରହୁଥିବା ଜଣେ ଗଣିକା 'ରାଧା' ହିଁ ତାଙ୍କୁ ଦେଇଥିଲେ ମାତୃତ୍ୱର ସ୍ନେହ ଓ ବଂଚିବାର ହକ୍ । ଉତ୍କଟ ଦାରିଦ୍ର୍ୟ କବି ରବି ସିଂଙ୍କ ଯୌବନ ଉପରେ କରିଥିଲା ଗଭୀର ପ୍ରହାର । ବିଦୀର୍ଣ୍ଣ ହୋଇ ଯାଇଥିଲା ଯୌବନର ଜ୍ୟାମିତି ।

ଜଗତସିଂହପୁର ଜିଲ୍ଲାର ସିଂହାରପୁର (ନବାପାଟଣା) ଗାଁରେ କବି ରବି ସିଂଙ୍କର ଜନ୍ମ । ବାପା ରାମଚନ୍ଦ୍ର ସିଂ ଏବଂ ମା' ଶାରଦା ଦେବୀଙ୍କର ସେ ଥିଲେ କନିଷ୍ଠ ପୁତ୍ର । ରବି ସିଂଙ୍କ ଜ୍ୟେଷ୍ଠ ଭ୍ରାତାଙ୍କ ନାମ ଯମୁନା ଲାଲ୍ ସିଂ । ସେ କିନ୍ତୁ ରାଷ୍ଟ୍ରଭକ୍ତ ନଥିଲେ ବୋଲି କହନ୍ତି ରବି ସିଂ । ତାଙ୍କର ଆଉ ଜଣେ ଭାଇ ଥିଲେ ଯାହାଙ୍କୁ ବାପା ପାଳିତ ପୁତ୍ର କରିଥିଲେ । ତାଙ୍କ ନାମ ବଂଶୀଧର ସିଂ । ବଂଶୀଧର ସିଂ ବି ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ । ଭାଇ ବଂଶୀଧର ପାଟଣା କ୍ୟାମ୍ପ ଜେଲ୍‌ରେ ଥିଲା ବେଳେ ତାଙ୍କ ଉପରେ ଫାୟାରିଂ ହୋଇଥିଲା । ଏକ ଗୁଳି ତାଙ୍କ ବାମ ହାତରେ ବାଜିଥିଲା । ଏହି ଘଟଣା ଘଟିବା ପରେ ତାଙ୍କୁ ତୁରନ୍ତ ଖଲାସ କରି ଦିଆ ଯାଇଥିଲା । ଖଲାସ ହେବାର ମାତ୍ର କେଇ ଦିନ ପରେ ବଂଶୀଭାଇଙ୍କର ଦେହାନ୍ତ ହୋଇଥିଲା । ପିଲାଟି ଦିନୁ ବାପା, ମା' ଏବଂ ବଂଶୀ ଭାଇଙ୍କ ମୃତ୍ୟୁ ତାଙ୍କୁ ବିପର୍ଯ୍ୟସ୍ତ କରି ଦେଇଥିଲା । ରବି ସିଂଙ୍କ ପତ୍ନୀ, କନ୍ୟା ଏବଂ ଦୁଇ ପୁତ୍ର ଥାଇ ମଧ୍ୟ ସେ ଆଜି ନିଃସଙ୍ଗ ଜୀବନ ଜିଉଁଛନ୍ତି । ପୁତ୍ରକନ୍ୟା, ପତ୍ନୀଙ୍କ ସଂପର୍କରେ କିଛି ବି କହିବାକୁ ରବି ସିଂ ମନା କରି ଦିଅନ୍ତି ।

ତାଙ୍କ ବାପା ରାମଚନ୍ଦ୍ର ସିଂ ମଧ୍ୟ ଥିଲେ ଜଣେ ଗୀତିକାର ଓ ଲେଖକ । ତାଙ୍କ ପୁସ୍ତକ 'ରାମରାଜ୍ୟ' ଏବଂ 'ଚଷାପୁଅ' ସେତେବେଳେ ସ୍ୱାଧୀନତା ଆନ୍ଦୋଳନରେ ପ୍ରାଣ ସଂଚାର କରିଥିଲା । ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହାତାବ ତାଙ୍କ ପିତାଙ୍କର ଏହି ଦୁଇ ପୁସ୍ତକ ସଂପର୍କରେ 'ପ୍ରଜାତନ୍ତ୍ର'ରେ ଏକ ବିସ୍ତୃତ ଆଲୋଚନା କରିଥିଲେ ବୋଲି କୁହନ୍ତି କବି ରବି ସିଂ । "ବାପାଙ୍କ ପ୍ରଚଣ୍ଡ ସ୍ୱାଭିମାନ ଏବଂ ସାରସ୍ୱତ ଜୀବନ ମୋ ଜୀବନକୁ ବହୁ ଭାବେ ପ୍ରଭାବିତ କରିଛି ।" କହନ୍ତି ରବି ସିଂ ।

୧୯୭୫ ମସିହା । ଜରୁରୀକାଳୀନ ପରିସ୍ଥିତି । ଏତିକି ବେଳେ ଗିରଫ ହୁଅନ୍ତି ରବି ସିଂ । ଏହା ପୂର୍ବରୁ ଓ ପରେ ମଧ୍ୟ ସେ ନକ୍ସଲପନ୍ଥୀ କାର୍ଯ୍ୟକଳାପ ସନ୍ଦେହରେ ବାରମ୍ବାର ଗିରଫ ହୋଇଛନ୍ତି । ପିଲାଦିନର ଅସୀମ ବାଟଚଲା, ଅନାହାର, କ୍ଷୁଧା, ନକ୍ସଲପନ୍ଥୀ ସନ୍ଦେହରେ ପୁଲିସ କବଳରୁ ଦୂରେଇ ରହିବା ପାଇଁ ବାରମ୍ବାର ଅଣ୍ଡର୍ ଗ୍ରାଉଣ୍ଡ୍ ହେବା ଓ ଜେଲ୍‌ଖାନା ତାଙ୍କ ଜୀବନର ଚିର ସହଚର । କବି ରବି ସିଂଙ୍କ ଜୀବନ କେବେ ବି ଗୋଲାପ ଓ ତୁଳୀତଳ୍ପ ଶଯ୍ୟାର ନଥିଲା ।

## ଗୋଆ ମୁକ୍ତି ଆନ୍ଦୋଳନ ଓ କବି ରବି ସିଂ

କମ୍ୟୁନିଷ୍ଟ ପାର୍ଟି ଛାଡ଼ିବା ପରେ ୧୯୫୫ ମସିହାରେ ଦେଖା ଦେଇଥିବା 'ଗୋଆ ମୁକ୍ତି ଆନ୍ଦୋଳନ'ରେ କବି ରବି ସିଂ ସକ୍ରିୟ ଅଂଶଗ୍ରହଣ କରନ୍ତି । ଗୋଆ, ଡାମନ୍, ଡିଉକୁ ପର୍ତ୍ତୁଗୀଜ୍‌ମାନଙ୍କ କବଳରୁ ମୁକ୍ତ କରିବା ପାଇଁ ସେତେବେଳେ ଆନ୍ଦୋଳନ ବ୍ୟାପକ ହୋଇଥିଲା । ଏହା ଯୁବକ ରବି ସିଂଙ୍କ ମନରେ ଗଭୀର ଆଲୋଡ଼ନ ସୃଷ୍ଟି କରେ । 'ଗୋଆ ବିମୋଚନ ସମିତି' ନାମରେ ଏକ ସଂଗଠନ ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ନେତୃତ୍ୱରେ ଗଠନ କରାଯାଇଥିଲା । ଏଥିରେ କବି ରବି ସିଂ ସାମିଲ୍ ହୋଇ ଗୋଆ ମୁକ୍ତି ଆନ୍ଦୋଳନ ପାଇଁ ଗୋଆ ଗସ୍ତ କରିଥିଲେ । ସେତେବେଳେ ପର୍ତ୍ତୁଗୀଜ୍ ଶାସକ ମୁକ୍ତି ଆନ୍ଦୋଳନକାରୀଙ୍କ ଉପରେ ଦମନଲୀଳା ଆରମ୍ଭ କରି ଦେଇଥିଲେ । ମେସିନ୍ ଗନ୍ ସହାୟତାରେ ଲକ୍ଷାଧିକ ଆନ୍ଦୋଳନକାରୀଙ୍କୁ ମୃତ୍ୟୁ ମୁହଁକୁ ଠେଲି ଦିଆ ଯାଇଥିଲା । ଏଭଳି

## ରବିଙ୍କ ରଚନାବଳୀ

- ପଥପ୍ରାନ୍ତର କବିତା (୧୯୫୯)
- ଚରମ ପତ୍ର (୧୯୬୧)
- ଶିଥିଳ ବଲ୍‌ଗା (୧୯୬୨)
- ଲାଲ୍ ପାଗୋଡ଼ାର ପ୍ରେତ ଓ ଅନ୍ୟାନ୍ୟ କବିତା (୧୯୬୩)
- ଭ୍ରୁକୁଟି (୧୯୬୩)
- ବିଦୀର୍ଣ୍ଣ (୧୯୬୪)
- ପାଦଟୀକା (୧୯୬୫)
- ଅପ୍ରୀତିକର କବିତା (୧୯୬୬)
- ଜ୍ୱାଳାର ମାଳା (୧୯୬୭)
- କ୍ଷତ (୧୯୬୮)
- ବିଷବାଣୀ (୧୯୬୯)
- ଦୁର୍ଗମ ଗିରି (୧୯୭୧)
- ଝଡ଼
- ସର୍ବହରା (୧୯୭୪)
- ଅନାର୍ଯ୍ୟର ଚର୍ଯ୍ୟାପଦ (୧୯୭୭)
- ବନ୍ୟା (୧୯୭୭)
- ତାରକାର ଲୁହ (୧୯୭୮)
- ଅଗ୍ନିବେଦ (୧୯୮୧)
- ଜମାନବନ୍ଦୀ (୧୯୮୭)
- କେବଳ ସଂଗ୍ରାମ (୧୯୮୯)
- ଭଙ୍ଗା ହାତର କବିତା
- ଝଡ଼ଗାନ୍ଧାର
- ଲୋହିତ ସଂକ୍ରାନ୍ତି
- ନବମ ସ୍ୱର୍ଗ
- କ୍ରାନ୍ତିକାମୋଦି
- ଖସାଅ ମୁକୁଟ
- ଏ ଝଡ଼ ସେ ଝଡ଼ ନୁହେଁ
- ତଳକୁ ଉପରେ ଉଠାଇ ଆଣ
- ଯାଚ୍ଛାତା କବିତା
- ବଜ୍ର ଆଉ ବଂଶୀର କବିତା
- ଜଳ ମୋ ଅନଳ
- ଏ ପଥେ ଫୁଟେନା ଫୁଲ
- ପୃଥିବୀ ଟଳମଳ
- ବାଟୋଇ



## ‘ଅବଶୋଷ ଅଛି, କହିବି ନାହିଁ’

କବି ରବି ସିଂଙ୍କ ଜୀବନରେ କିଛି ଅବଶୋଷ ରହିଛି କି? ଏଭଳି ଏକ ପ୍ରଶ୍ନଟିଏ ପଚାରିବା ପରେ ଦୀର୍ଘ ସମୟ ଗୁମ୍ ହୋଇ ବସି ରହିଲେ କବି । କ୍ରୋଧ ଓ ଅଭିମାନ ମିଶା ଭଙ୍ଗୀରେ ସେ ଉତ୍ତର ଦେଇଥିଲେ : “ଜୀବନରେ ଅନେକ ଅବଶୋଷ ଅଛି, ମାତ୍ର ମୁଁ ତାହା କହିବି ନାହିଁ । ଏ ଅବଶୋଷ ଓ କ୍ଷୋଭ ସଂପର୍କରେ କହି କି ଲାଭ ହେବ ?” ଯେତେ ଛଳେଇ ବୁଲେଇ ପ୍ରଶ୍ନଟିକୁ ଦୋହରାଇ ପଚାରିଥିଲେ ମଧ୍ୟ, କବି ନିଜ ଦୃଢତାରେ ଅଟଳ ଥିଲେ । ଜୀବନର ଅବଶୋଷ ଓ କ୍ଷୋଭ ସଂପର୍କରେ ପଦୁଟିଏ ବି କହି ନଥିଲେ । ଏଥିରୁ ସ୍ପଷ୍ଟ ହୁଏ, ତାଙ୍କ ମନରେ ବ୍ୟବସ୍ଥାକୁ ନେଇ କେତେ ମାତ୍ରାରେ ଅଭିମାନ । ସେ ଜୀବନକୁ କେତେ ମାତ୍ରାରେ ମୋକ୍ଷ ଓ ସ୍ଥିରତା ଆଡ଼କୁ ନେଇ ପାରିଛନ୍ତି । ସେ ନିର୍ବିକାର ପାଲଟି ଯାଇଛନ୍ତି । ସାରା ଜୀବନ ଯନ୍ତ୍ରଣା ଓ ଦୁର୍ଦ୍ଦଶା ଭୋଗିଥିବା ଜଣେ ମଣିଷ ଆଉ ଅଧିକ କ’ଣ ବା ବଖାଣିବ?

ବର୍ବର କାଣ୍ଡ କବି ରବି ସିଂଙ୍କ ଯୁବପ୍ରାଣକୁ ଦୋହଲାଇ ଦେଇଥିଲା । ସେତେବେଳେ 'ଆଜାଦ ଗୋମନ୍ତକ ଦଳ' ନାମରେ ଚରମପନ୍ଥୀ ସଂଗଠନ ପର୍ତ୍ତୁଗୀଜ୍‌ମାନଙ୍କ ଆଖିରୁ ନିଦ ହଜେଇ ଦେଇଥାଏ । ୧୯୫୫ ମସିହା ସେପ୍ଟେମ୍ବର ପହିଲାରେ କବି ରବି ସିଂ କଟକ ରେଳଷ୍ଟେସନରୁ ଜନତା ଏକ୍ସପ୍ରେସ୍‌ରେ ବାହାରି ପଡ଼ନ୍ତି ଗୋଆ ଅଭିମୁଖେ । ଗୋଆ ମୁକ୍ତି ଆନ୍ଦୋଳନରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ପର୍ତ୍ତୁଗୀଜ୍‌ଙ୍କ ଦ୍ୱାରା ନିୟୋଜିତ ନିଗ୍ରୋ ସେନାର ଆକ୍ରମଣରେ ସେ ଗୁରୁତର ଆହତ ହୁଅନ୍ତି ଏବଂ ତାଙ୍କର ସମସ୍ତ ଦାନ୍ତ ଭାଙ୍ଗିଯାଏ । ଗୋଆ ମୁକ୍ତି ଆନ୍ଦୋଳନରୁ ଏକ ପ୍ରକାର ପଙ୍ଗୁ ଜୀବନ ନେଇ ପୁଣି ଓଡ଼ିଶାକୁ ଫେରି ଆସନ୍ତି କବି ରବି ସିଂ ।

## ସାହିତ୍ୟ: କବି ରବି ସିଂଙ୍କ 'ଫୁଲ୍ ଟାଇମ୍ ଜବ୍'

ସାହିତ୍ୟ, କବି ରବି ସିଂଙ୍କ ଜୀବନର 'ଫୁଲ୍ ଟାଇମ୍ ଜବ୍' ବୋଲି କବି ନିଜେ ସ୍ୱୀକାର କରନ୍ତି । ସାହିତ୍ୟ ବିନା ତାଙ୍କ ଜୀବନରେ ଅନ୍ୟ କିଛି ବୃତ୍ତି ଓ ପ୍ରବୃତ୍ତି ନାହିଁ କହିଲେ ଚଳେ । ସାହିତ୍ୟ ହିଁ ଜୀବନ ଓ ସାହିତ୍ୟ ହିଁ ମରଣ । ସେ କେବଳ ସାହିତ୍ୟ କରନ୍ତି ଓ ସାହିତ୍ୟକୁ ନେଇ ନିଜର ପେଟ ପୋଷନ୍ତି ଓ ଜୀବନ ବଂଚନ୍ତି । ସାହିତ୍ୟକୁ ଜୀବିକା କରି ବଂଚିଥିବା ଏଭଳି ଆଉ କେହି ଓଡ଼ିଆ କବି ଅଛନ୍ତି କି ? ମୋ' ଜାଣିବାରେ, ନା ।

'ନିଆଁଖୁଣ୍ଟା'ର ପ୍ରତିଷ୍ଠାତା ସମ୍ପାଦକ, ଓଡ଼ିଆ ସାମ୍ବାଦିକତାର ଗୁରୁ ଦ୍ରୋଣାଚାର୍ଯ୍ୟ ଭାବେ ପରିଚିତ କବି ଗୋଦାବରୀଶ ମହାପାତ୍ର ଥିଲେ କବି ରବି ସିଂଙ୍କର ସାରସ୍ୱତ ଗୁରୁ । ଗୋଦାବରୀଶ ମହାପାତ୍ରଙ୍କ ପ୍ରଭାବରେ କବି ରବି ସିଂଙ୍କ କବିତା ହୋଇଛି ଅଧିକ ଶ୍ଳେଷାତ୍ମକ ଓ ଶାଣିତ । କବି ରବି ସିଂ କହନ୍ତି, ସେ ତାଙ୍କ କବି ଗୁରୁ ଗୋଦାବରୀଶ ମହାପାତ୍ରଙ୍କ ପ୍ରଭାବରେ ପ୍ରଭାବିତ ହୋଇ 'ଯାଚ୍ଛାତା କବିତା' ନାମରେ ଏକ ବ୍ୟଙ୍ଗ କବିତା ସଂକଳନ ପ୍ରକାଶ କରିଥିଲେ । ଏହି କବିତା ସଂକଳନଟି କବି ରବି ସିଂଙ୍କ ଅନ୍ୟାନ୍ୟ କବିତା ସଂକଳନ ତୁଳନାରେ ନିଆରା ।

ବିଂଶ ଶତାବ୍ଦୀର ପଂଚମ ଦଶକ ଥିଲା ବିଶ୍ୱସାହିତ୍ୟ ପାଇଁ ଏକ ସନ୍ଧିକ୍ଷଣ ମୁହୂର୍ତ୍ତ । ଦ୍ୱିତୀୟ ମହାସମରର ଘନଘଟା, ମହାଯୁଦ୍ଧୋତ୍ତର କ୍ଲାଂତି, କାରୁଣ୍ୟ ଜର୍ଜରିତ ପୃଥିବୀ ଭିତରେ 'ସାମ୍ୟବାଦ' ନାମକ ଏକ ନୂତନ ଥିଓରି ଜନ୍ମ ନିଏ ସେତିକିବେଳେ । ଫାସିବାଦ ଓ ପୁଞ୍ଜିବାଦର କବର ଉପରେ ସାମ୍ୟବାଦର ସ୍ୱର ଶୁଭେ । ଦୁନିଆର କବି, ଲେଖକମାନଙ୍କ କଲମ ମୁନରେ ଖଟିଖିଆ, ଶ୍ରମିକ, ମୂଲିଆଙ୍କ ସ୍ୱର ହୁଏ ତୀବ୍ର । ଠିକ୍ ଏତିକି ବେଳକୁ ଓଡ଼ିଶାରେ 'ପ୍ରଗତିଶୀଳ ଚେତନା'ର ଅଭ୍ୟୁଦୟ ଘଟେ । ଏହି ଚେତନାର ପ୍ରମୁଖ ସ୍ୱର ପାଲଟି ଯାଆନ୍ତି ବିପ୍ଳବୀ କବି ରବି ସିଂ । ଆଧୁନିକ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ କବି ରବି ସିଂ ହେଉଛନ୍ତି ଜଣେ ନିଆରା କ୍ରାନ୍ତି ପୁରୁଷ । ଏଣୁ ଏହି କ୍ରାନ୍ତିକାରୀ କବିଙ୍କ କଲମ ମୁନରେ କେବେ ବି ଗୋଲାପ ଫୁଲର କୋମଳତା କିମ୍ବା ତୁଳୀତଳ୍ପ ଶଯ୍ୟାର ମହମହ ବାସ୍ନା ଫୁଟି ଉଠିନି । କବି ରବି ସିଂଙ୍କ କଲମରେ ଫୁଟି ଉଠିଛି ମଣିଷ ଜୀବନର ଅତିବାସ୍ତବ ଚିତ୍ର ଓ ଚରମ ବିଦ୍ରୋହ । ଏହା ସାହିତ୍ୟର ଯେକୌଣସି ଆଧୁନିକ ଗୋଷ୍ଠୀଙ୍କ ପାଇଁ ଅସହ୍ୟ ମନେ ହୋଇପାରେ । ମାତ୍ର ଓଡ଼ିଶାର ପାଠକ ସମାଜରେ କବି ରବି ସିଂ ଏକ ଉଜ୍ଜ୍ୱଳ ନକ୍ଷତ୍ର ଭାବେ ଫୁଟି ଉଠୁଥିଲେ । ଫୁଟ୍‌ପାଥ୍‌ର ଶୋଭାଯାତ୍ରା ଠାରୁ ଆରମ୍ଭ କରି କଲେଜ୍ କ୍ୟାମ୍ପସ୍‌ର ଛାତ୍ର ରାଜନୀତି ଯାଏଁ, ସବୁଠି ସମସ୍ତଙ୍କ ମୁହଁରେ କବି ରବି ସିଂଙ୍କ ଲେଲିହାନ୍ କବିତାର ସ୍ୱର ଗୁଞ୍ଜରି ଉଠିଥାଏ । ଏଣୁ କବି ରବି ସିଂଙ୍କୁ ଜଣେ 'ପଥପ୍ରାନ୍ତର କବି' ବୋଲି ବିଚାର କରା ଯାଇଥାଏ । ସେ ନିଜକୁ କେବେ କେବେ 'ମାମୁଲି କବି' ବୋଲି ସମ୍ବୋଧନ କରିଥାନ୍ତି ।

ସବୁବେଳେ ସମାଜର ଭ୍ରଷ୍ଟ ବ୍ୟବସ୍ଥା ବିରୋଧରେ କବି ରବି ସିଂଙ୍କ ବିଦ୍ରୋହ ତାଙ୍କ କଲମ ମୁନ ଦେଇ କାଗଜ ପୃଷ୍ଠକୁ ଓହ୍ଲାଇ ଆସେ । ଯେଉଁ କୁତ୍ସିତ ସାମାଜିକ ଶୈଳୀ ବିରୋଧରେ ତାଙ୍କର ବିକ୍ଷୁବ୍ଧ ବିଦ୍ରୋହର ପ୍ରସ୍ତାବନା, ଯେଉଁ ବିଡ଼ମ୍ବିତ ବାସ୍ତବତା ବିପକ୍ଷରେ ତାଙ୍କ କାବ୍ୟ ପୁରୁଷର ଅପ୍ରୀତିକର ସାକ୍ଷର ଅବତାରଣା; ସେଠି ଯେ ତାଙ୍କ ପଥ ପୁଷ୍ପିତ, ଶଯ୍ୟା ସୁସଜ୍ଜିତ ତଥା ଧୂପ ଧୂଆଁରେ ସଂସାର ସୁରଭିତ ହୋଇ ରହିବାର ସମ୍ଭାବନା କ୍ଷୀଣ ।

ବ୍ୟବସ୍ଥାର ଭଡ଼ାଟିଆ ଭାଟ ହେବା ଅପେକ୍ଷା କବି ପସନ୍ଦ କରିଛନ୍ତି ବୁଲା କୁତ୍ତାର ବିଶ୍ୱସ୍ତ ପ୍ରତୀକ୍ଷାକୁ । ପ୍ରତିଭାର ପାଶୁପତ ଭାବେ କଲମକୁ ସଲାମ୍ କରିଛନ୍ତି ସବୁବେଳେ । ତାଙ୍କର ଏହି କବିତାଂଶଟି ଏ ସବୁର ଅର୍ଥ ବହନ କରିଥାଏ ।

"କଲମ ଆଜି ବଲମ ସାଜି / ସୁନ୍ଦରର ସରଣୀ କର ବର୍ଜନ / କମାଣମୁଖୀ ଲେଖନୀ ମୋର / ଶୁଣାଅ ରଣ ଗର୍ଜନ ।"

ସମାଜବାଦୀ ଆନ୍ଦୋଳନରୁ ସାମ୍ୟବାଦୀ ଆନ୍ଦୋଳନ ଯାଏଁ, ସୁଦୀର୍ଘ ଯାତ୍ରାପଥର ପୃଷ୍ଠଭୂମିରେ କବି ରବି ସିଂ ଏକ ବୈପ୍ଳବିକ ପରମ୍ପରାର ପ୍ରଚଣ୍ଡ ପ୍ରପାତ । ସେ ପ୍ରଚଣ୍ଡ ପ୍ରପାତକୁ ଛଳନା, ପ୍ରତାରଣା ଓ ମିଛ ଜଳକୁଣ୍ଡରେ ଆବଦ୍ଧ କରିବା ନିହାତି ଅସମ୍ଭବ । ସେ ପ୍ରପାତର ଅଗ୍ନିକଣା (ଜଳକଣା ନୁହେଁ) ଜାଳିଦିଏ ଏସବୁ ବୁର୍ଜୁୟା ସାମାଜିକ ବ୍ୟବସ୍ଥା ।

କବି ରବି ସିଂ ନିଜେ ସ୍ୱୀକାର କରନ୍ତି, ଓଡ଼ିଆ ସାହତ୍ୟ ଆକାଶରେ ସେ ଜଣେ ଅଲୋଡ଼ା ତାରକା ବା ଅବାଞ୍ଛିତ, ଅଶୁଭ ଧୂମକେତୁ । ଓଡ଼ିଶା ସାହିତ୍ୟରେ ବିଂଶ ଶତାବ୍ଦୀର ପଂଚମ ଦଶକରେ କବି ରବି ସିଂ ଏକ ନୂତନ ସୂର୍ଯ୍ୟ ଭଳି ଉଦୟ ହୁଅନ୍ତି । ଓଡ଼ିଆ ସାହିତ୍ୟରେ ଅନ୍ୟାୟ ଓ ଅନୀତିକୁ ବିରୋଧ କରିବାରୁ ସାହିତ୍ୟର ରାଜଦରବାର, ସମାଜ ଓ ସଂସାରରୁ ତାଙ୍କ କାବ୍ୟପୁରୁଷ ଏବଂ ଅସ୍ତିତ୍ୱକୁ ଲୋପ କରିବାକୁ ପ୍ରଚଣ୍ଡ ଷଡ଼ଯନ୍ତ୍ର ହୋଇଥିଲା ବୋଲି ଅନେକ ସ୍ଥାନରେ ପ୍ରକାଶ କରନ୍ତି କବି ରବି ସିଂ । ଫଳରେ ସେ ପାଲଟି ଯାଇଥିଲେ ଏକ ବିବଦମାନ ଓ ବହୁ ବିବାଦର ସ୍ରଷ୍ଟା । ମହାକାଳର ଅଲଂଘନୀୟ ନିର୍ଦ୍ଦେଶରେ ବିଂଶ ଶତାବ୍ଦୀର ପଂଚମ ଦଶକର ମଧ୍ୟ ଭାଗରୁ କବି ରବି ସିଂଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ଓଡ଼ିଆ ପ୍ରଗତିଶୀଳ ସାହିତ୍ୟରେ ସାରସ୍ୱତ ନବଜାଗରଣ । ସେତେବେଳର ପ୍ରତିକ୍ରିୟାଶୀଳ ସାରସ୍ୱତ ଶିବିର ଏହି ନବଜାଗରଣକୁ **ତରୁଣ-ପ୍ରବୀଣ ସଂଘର୍ଷ** ନାମରେ ନାମିତ କରିଥିଲେ । ସଚ୍ଚି ରାଉତରାୟ ଏବଂ କବି ରବି ସିଂଙ୍କ ମଧ୍ୟରେ ଦେଖା ଦେଇଥିବା ସାରସ୍ୱତ ବିବାଦ ଏହାର ଏକ ଜ୍ୱଳନ୍ତ ଉଦାହରଣ । କବି ସଚ୍ଚି ରାଉତରାୟ, ଔପନ୍ୟାସିକ କାହ୍ନୁ ଚରଣ ମହାନ୍ତି, କବି ବିନୋଦ ନାୟକଙ୍କ ସାହିତ୍ୟରେ ଚୌର୍ଯ୍ୟବୃତ୍ତିକୁ ଶାଣିତ ସମାଲୋଚନା କରି କବି ରବି ସିଂ ସେତେବେଳେ ଖୁବ୍ ବିବାଦୀୟ ହୋଇ ପଡ଼ିଥିଲେ । ଏଥିପାଇଁ ତାଙ୍କୁ ଅନେକ ମୂଲ୍ୟ ଦେବାକୁ ପଡ଼ିଥିଲା ବୋଲି କବି ସ୍ୱୀକାର କରିଛନ୍ତି ।

ସେହିଭଳି ସାରସ୍ୱତ ଜଗତରେ ଅନେକ ଚର୍ଚ୍ଚିତ ପ୍ରେମ କାହାଣୀର ପର୍ଦ୍ଦାଫାସ କରି କବି ରବି ସିଂ ସେତେବେଳେ ଚର୍ଚ୍ଚାର ଶୀର୍ଷ ଛୁଇଁଥିଲେ । ଗାଳ୍ପିକ ଅଖିଳ ମୋହନ ପଟ୍ଟନାୟକ ଓ ନନ୍ଦିନୀ ଶତପଥୀଙ୍କ ପ୍ରେମ ସଂପର୍କକୁ କବି ରବି ସିଂ ସାଧାରଣରେ ଖୁଲାସା କରିଥିବାରୁ ସେ ନନ୍ଦିନୀଙ୍କ ରୋଷର ଶିକାର ହୋଇଥିଲେ । ଏସବୁ ବିବାଦ ଯୋଗୁଁ କବି ରବି ସିଂ ଓଡ଼ିଆ ସାରସ୍ୱତ ଆକାଶର ଏକ ଅଶୁଭ ଧୂମକେତୁ ପାଲଟି ଯାଇଥିଲେ ।

ଜୀବନବ୍ୟାପୀ ସାରସ୍ୱତ ସାଧନା ପାଇଁ କବି ରବି ସିଂଙ୍କୁ ମିଳିଛି 'ଓଡ଼ିଶା ସାହିତ୍ୟ ଏକାଡେମୀ'ର ସମ୍ମାନଜନକ ଅତିବଡ଼ି ଜଗନ୍ନାଥ ଦାସ ସମ୍ମାନ । ୨୦୧୭ ମସିହାରେ ବହୁ ବିଳମ୍ବରେ ହେଲେ ମଧ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀ ଏଭଳି ଜଣେ ପ୍ରଚଣ୍ଡ ସାରସ୍ୱତ ପ୍ରତିଭାଙ୍କୁ ସମ୍ମାନିତ କରିଥିବାରୁ ଏହା ସମସ୍ତଙ୍କ ପାଇଁ ସୁଖବର ନିଶ୍ଚୟ । ସେହିଭଳି ୧୯୬୧ ମସିହାରେ କବି ରବି ସିଂ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି । ଏହା ବ୍ୟତୀତ ଆହୁରି ଅନେକ ସଂଗଠନ, ସାରସ୍ୱତ ଅନୁଷ୍ଠାନମାନଙ୍କ ଦ୍ୱାରା କବି ସମ୍ବର୍ଦ୍ଧିତ ହୋଇଛନ୍ତି । ଏହି ସମ୍ମାନ ଓ ପୁରସ୍କାର କବି ରବି ସିଂଙ୍କର ପରିଚୟ ନୁହେଁ । ତାଙ୍କ ପରିଚୟ ତାଙ୍କ କବିତା ।

# ମହାରାଷ୍ଟ୍ରିଆନ୍‌ଙ୍କ ଖାଦ୍ୟ



# ଦୁଇଟି ବ୍ୟଞ୍ଜନ




**ପାରମିତା ଷଡ଼ଙ୍ଗୀ**

ବି-୨, ଡ଼ି-୨୦୪, ସନ୍‌ସିଟି ଫେଜ୍ ୧, ଠାକୁର ଭିଲେଜ୍, କାଣ୍ଡିଭିଲି ଇଷ୍ଟ୍, ମୁମ୍ବାଇ-୪୦୦୧୦୧
ଫୋନ : ୯୮୬୭୧୧୩୧୧୩


ଫଟୋ ସୌଜନ୍ୟ : ଲେଖିକା



## କୋଥିମ୍ବିର୍ ବଡ଼ି

ମହାରାଷ୍ଟ୍ରରେ କୋଥିମ୍ବିର୍ ମାନେ ଧନିଆ ପତ୍ରକୁ ବୁଝାଏ ।

**ଆବଶ୍ୟକ ସାମଗ୍ରୀ :** ଧନିଆ ପତ୍ର- ଦେଢ଼ କପ୍ (ଟିକିଟିକି ହୋଇ କଟା ହୋଇଥିବ), ବେସନ- ୧କପ୍, ଚାଉଳ ଚୁନା- ୨ଚାମଚ, ହଳଦୀ- ଅଧା ଚାମଚ, ଲୁଣ- ସ୍ୱାଦ ଅନୁସାରେ, ଅଦା ଓ କଞ୍ଚା ଲଙ୍କା ପେଷ୍ଟ୍-୧ଚାମଚ, ନାଲି ପାଉଡ଼ର ଗୁଣ୍ଡ-୧ଚାମଚ, ଗରମ ମସଲା ଅଧା ଚାମଚ, ଧଳା ସୋରିଷ-୧ ଚାମଚ, କଳା ସୋରିଷ- ଅଧା ଚାମଚ, ହେଙ୍ଗୁ- ଅଧା ଚାମଚ, ତେଲ-୨ଚାମଚ ଓ ପରେ ଛାଣିବା ପାଇଁ ୫୦୦ଗ୍ରାମ ।

**ପ୍ରସ୍ତୁତି ପ୍ରଣାଳୀ :** ପ୍ରଥମେ ବେସନକୁ ଚାଉଳ ଚୁନା ସହ ଗୋଟେ ବେଲାରେ ପାଣି ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । କଡ଼େଇରେ ଦୁଇ ଚାମଚ ତେଲ ଗରମ କରି ସୋରିଷ ଓ ରାଶି ପକାନ୍ତୁ । ସେଥିରେ ଅଦା, ଲଙ୍କା ପେଷ୍ଟ୍ ଓ ହେଙ୍ଗୁ ପକାନ୍ତୁ । ପ୍ରାୟ ତିରିଶ୍ ସେକେଣ୍ଡ୍ ପରେ ସେଥିରେ ଧନିଆ ପତ୍ର, ନାଲି ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଗରମ ମସଲା, ସ୍ୱାଦାନୁସାରେ ଲୁଣ ମିଶାନ୍ତୁ । ଯଦି ରାଗ ଖାଇବାକୁ ଇଚ୍ଛା ନକରନ୍ତି ତେବେ ଲଙ୍କାର ବ୍ୟବହାର କମ୍ କରି ପାରନ୍ତି । କଡ଼େଇରେ ପକେଇଥିବା ମସଲାକୁ ଭଲ ଭାବରେ ଘାଣ୍ଟି ସେଥିରେ ବେସନ ଓ ଚାଉଳର ଚୁନା ମିଶ୍ରଣକୁ ପକାଇ ଦିଅନ୍ତୁ । ମସଲା ସହ ଏହି ମିଶ୍ରଣକୁ ସେ ପର୍ଯ୍ୟନ୍ତ କଡ଼େଇରେ ଘାଣ୍ଟୁଥିବେ ଯେ ପର୍ଯ୍ୟନ୍ତ ଏହା ବାନ୍ଧି ହୋଇ ମେଞ୍ଚା ନହୋଇଛି (ରୁଟି ପାଇଁ କରୁଥିବା ଅଟା ଚକଟା ଠୁଁ ଟିକେ ପତଳା) । ତାପରେ ଏହି ମିଶ୍ରଣକୁ ଏକ ପ୍ଲେଟ୍‌ରେ ତେଲ ଲଗାଇ ସେଥିରେ ଖେଳାଇ ରଖି ଦିଅନ୍ତୁ । ପ୍ରାୟ ପନ୍ଦର ମିନିଟ୍ ପରେ ଏହା ଥଣ୍ଡା ହୋଇଗଲେ ଛୋଟ ଛୋଟ ଚାରିକୋଣିଆ ଖଣ୍ଡ କରି, ଅନ୍ୟ ଏକ କଡ଼େଇରେ ୨୫୦ଗ୍ରାମ ଗରମ ତେଲରେ ଛାଣନ୍ତୁ । ଛାଣିଲା ବେଳେ ଗ୍ୟାସ୍ ଧିମା ଆଞ୍ଚରେ ରଖିବେ । ତାପରେ ଏହି ପକୁଡ଼ିକୁ ଛାଣି ଏକ ଟିସୁ ପେପର୍‌ରେ ରଖି ଦିଅନ୍ତୁ । ଟିସୁ ପେପର୍‌ଟି ବଳକା ତେଲକୁ ଶୋଷି ନେଇ କୋଥିମ୍ବିର୍ ବଡ଼ିକୁ ଆପଣଙ୍କ ସ୍ୱାସ୍ଥ୍ୟପଯୋଗୀ କରିଦେବ । ଏବେ ଗରମ ଗରମ ପରଷନ୍ତୁ ।

## ଦାଲ୍ ମଖ୍‌ନୀ

**ଆବଶ୍ୟକ ସାମଗ୍ରୀ:** ଗୋଟା ବିରି-୧ କପ୍, ରାଜ୍‌ମା-୧ମୁଠା, ଲୁଣ- ସ୍ୱାଦାନୁସାରେ, ହଳଦୀ ଗୁଣ୍ଡ-୧ ଚାମଚ, ଘିଅ-୧ଚାମଚ, ପିଆଜ-୨ଟା, ଟମାଟୋ-୪ଟା, ଅଦା ରସୁଣ ପେଷ୍ଟ୍-୨ ଚାମଚ, ଧନିଆ ପତ୍ର, ଧନିଆ ଗୁଣ୍ଡ-୧ଚାମଚ, ଜିରା ଗୁଣ୍ଡ-୧ଚାମଚ, ନାଲି ଲଙ୍କା ଗୁଣ୍ଡ-୨ ଚାମଚ, ଅଳ୍ପ ବଟର୍ ।

**ପ୍ରସ୍ତୁତି ପ୍ରଣାଳୀ :** ଗୋଟା ବିରି ଓ ରାଜ୍‌ମାକୁ ପ୍ରାୟ ଆଠ ଘଣ୍ଟା ବତୁରାଇଲା ପରେ ହଳଦୀ ଓ ଲୁଣ ସ୍ୱାଦ ଅନୁସାରେ ପକାଇ ପ୍ରେସର୍ କୁକର୍‌ରେ ଦୁଇଟି ସିଟି ଦେଲା ପରେ ପୁଣି ଧିମା ଆଞ୍ଚରେ ପାଞ୍ଚ ମିନିଟ୍ ରଖନ୍ତୁ । କଡ଼େଇରେ ଘିଅ ଗରମ କରି ପିଆଜକୁ ଛୋଟ ଛୋଟ କାଟି ପକାନ୍ତୁ । ପିଆଜ ଭଲ ଭାବରେ ଭାଜି ହେଲା ପରେ ଅଦା-ରସୁଣ ପେଷ୍ଟ୍ ପକାନ୍ତୁ । ତାପରେ ଟମାଟୋକୁ ପେଷ୍ଟ୍ କରି ପକାନ୍ତୁ । ପ୍ରାୟ ପାଞ୍ଚରୁ ଛଅ ସେକେଣ୍ଡ୍ ପରେ ନାଲି ଲଙ୍କା ଗୁଣ୍ଡ ଓ ଧନିଆ ପତ୍ର କାଟି କରି ପକାନ୍ତୁ । ସେହି ମସଲାକୁ ପ୍ରାୟ ତିରିଶ୍ ସେକେଣ୍ଡ୍ ଘାଣ୍ଟିଲା ପରେ ସେଥିରେ ପୂର୍ବରୁ ବତୁରାଇଥିବା ବିରି ଓ ରାଜ୍‌ମାକୁ ପକାଇ କିଛି ସମୟ ଫୁଟିବାକୁ ଛାଡ଼ି ଦିଅନ୍ତୁ । ତାପରେ ସେଥିରେ ଏକ ଚାମଚ ଧନିଆ ପାଉଡ଼ର, ଏକ ଚାମଚ ଜିରା ପାଉଡ଼ର ପକାଇ ଧିମା ଆଞ୍ଚରେ ଫୁଟାନ୍ତୁ । ଅନ୍ୟ ଏକ ଛୋଟ ଗିନାରେ କିଛି ବଟର୍‌କୁ ହାଲ୍‌କା ଗରମ କରି ସେଥିରେ ନାଲି ଲଙ୍କା ଗୁଣ ପକାଇ ଏହି ଡାଲି ଉପରେ ପକାଇ ଛୁଙ୍କ ମାରନ୍ତୁ । ଗ୍ୟାସ୍ ବନ୍ଦ କରି ଏଥିରେ ଧନିଆ ପତ୍ର କାଟିକରି ପକାଇ ଗରମ ଗରମ ପରଷନ୍ତୁ ।



# ବାଇଗଣ ବ୍ୟଞ୍ଜନ

**ପ୍ରାଜକ୍ତା ଧଳ**
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ଫୋନ : ୮୪୫୪୮୨୫୩୯୨

ଫଟୋ ସୌଜନ୍ୟ : ଲେଖିକା





## ମସଲା ବାଇଗଣ

**ଆବଶ୍ୟକ ସାମଗ୍ରୀ :** ଛୋଟ ବାଇଗଣ-୧୦ଟା, ପିଆଜ(ବଡ଼)୪ଟା, ରସୁଣ-୪ଟା, ଅଦା-୫୦ଗ୍ରାମ, ବିଲାତି-୨ଟା(ବଡ଼), ବାଦାମ-୫୦ଗ୍ରାମ, ଲଙ୍କାଗୁଣ୍ଡ-ଅଳ୍ପ, ଧନିଆ ଗୁଣ୍ଡ-୧ଚାମଚ, ଗରମ ମସଲା-୨ଚାମଚ, ହଳଦୀ ଗୁଣ୍ଡ-୧ଚାମଚ, ତେଲ- ଆବଶ୍ୟକ ଅନୁସାରେ, ଲୁଣ- ସ୍ୱାଦ ଅନୁସାରେ, କଟା ଧନିଆପତ୍ର ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବାଇଗଣ ପଛପଟରୁ ଚାରି ଖଣ୍ଡ କରି କାଟନ୍ତୁ । ଯେମିତି ଡେମ୍ଫ ରହିବ । ଏହାପରେ କରେଇରେ ୫୦ ଗ୍ରାମ ତେଲ ପକେଇ ଗରମ କରନ୍ତୁ । ଗୋଟେ ପିଆଜକୁ କାଟି ପକାନ୍ତୁ । ରସୁଣ, ଅଦା ପକାଇ କିଛି ସମୟ ଘାଣ୍ଟନ୍ତୁ । ଅଳ୍ପ ଭାଜି ହୋଇଗଲେ ମିକ୍ସିରେ ପେଷ୍ଟ୍ ତିଆରି କରନ୍ତୁ । ଅନ୍ୟ ଏକ କରେଇରେ ତେଲ ଗରମ କରି ସେଥିରେ ଅଳ୍ପ କିଛି ପିଆଜ କଟା ପକାନ୍ତୁ । ଏହାପରେ ଅଦା, ରସୁଣ ପେଷ୍ଟ୍‌କୁ ପକାନ୍ତୁ । କିଛି ସମୟ କଷି ହୋଇଗଲା ପରେ ସେଥିରେ କଟା ବିଲାତି ପକାନ୍ତୁ । ଏହାପରେ ଲଙ୍କାଗୁଣ୍ଡ, ଧନିଆଗୁଣ୍ଡ ଗରମ ମସଲା, ହଳଦୀ ଗୁଣ୍ଡ ଓ ଲୁଣ ପକାଇ କିଛି ସମୟ କଷନ୍ତୁ । ପରେ କାଟି ରଖିଥିବା ବାଇଗଣକୁ ସେଥିରେ ପକାନ୍ତୁ । ୧୦ରୁ ୧୫ ମିନିଟ୍ ଘୋଡ଼େଇ ରଖନ୍ତୁ । ଭଲ ଭାବେ ବାଇଗଣ ସିଝିଗଲେ ସେଥିରେ ବାଦାମ ଓ କଟା ଧନିଆପତ୍ର ପକାଇ ଓହ୍ଲେଇ ଆଣନ୍ତୁ । ରୁଟି ସହ ଗରମ ଗରମ ପରଷନ୍ତୁ ।



# ବୈଶାଖୀ ବ୍ୟଞ୍ଜନ




**ଇନ୍ଦୁଲତା ତ୍ରିପାଠୀ**

ବାଲିପଡ଼ା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା-୭୫୪୨୧୫
ଫୋନ : ୮୭୬୩୩୩୭୦୮୦


ଫଟୋ ସୌଜନ୍ୟ : ଲେଖିକା



## ହରାଭରା କବାବ୍

ଆମ ସ୍ୱାସ୍ଥ୍ୟ ହିଁ ସମ୍ପଦ । ଆଜିକାଲି ପ୍ରାୟ ସମସ୍ତେ ଖାଇବା ଉପରେ ଅଧିକ ଧ୍ୟାନ ଦେଉଛନ୍ତି । କ'ଣ ଖାଇଲେ ନିଜେ ଠିକ୍ ରହିବେ ଏବଂ ପରିବାର ଠିକ୍ ରହିବ ସେଥିପ୍ରତି ସଜାଗ ସମସ୍ତେ । ସବୁଜ ପନିପରିବା ଆମ ସ୍ୱାସ୍ଥ୍ୟ ପାଇଁ ସବୁଠୁ ଉତ୍ତମ । ତେବେ ସବୁଜିମାରେ ଭରା 'ହରାଭରା କବାବ୍' ରାନ୍ଧଣା ସମ୍ପର୍କରେ ଆସନ୍ତୁ ଜାଣିବା ।

**ଆବଶ୍ୟକ ସାମଗ୍ରୀ :** ପାଳଙ୍ଗ ଶାଗ-୨ବିଡ଼ା, ମେଥି ଶାଗ-୧ବିଡ଼ା, ଧନିଆ ପତ୍ର-୧ବଡ଼ା, ପୁଦିନା- ୧ ବିଡ଼ା, କପେ ଗ୍ରୀନ୍‌ମଟର, କଟା ହୋଇଥିବା କ୍ୟାପ୍‌ସିକମ୍- ୧ କପ୍, କଟା ହୋଇଥିବା ବିନ୍‌ସ୍-୧କପ୍, ସିଝା ଆଳୁ-୪ଟା, ପନିର୍-୧୦୦ଗ୍ରାମ୍, ବ୍ରେଡ୍ କ୍ରମ୍(ବ୍ରେଡ ଗୁଣ୍ଡ)-୨ କପ୍, ଆମ୍‌ଚୁର୍-୨ଚାମଚ, କଞ୍ଚା ଲଙ୍କା-୨ଟା, ଧନିଆ ଗୁଣ୍ଡ- ୨ଚାମଚ, ଲୁଣ ସ୍ୱାଦାନୁସାରେ ଓ କିଛି ପରିମାଣର ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ପାଳଙ୍ଗ ଶାଗକୁ ପ୍ରଥମେ ଭଲକରି ଧୋଇ ସିଝାଇ ଦିଅନ୍ତୁ । ଏହାପରେ କଡ଼େଇରେ ତେଲ ପକାଇ ଗ୍ରୀନ୍ ମଟର, ବିନ୍ସ, କ୍ୟାପ୍‌ସିକମ୍, ମେଥି ଏବଂ ସିଝା ପାଳଙ୍ଗକୁ ଟିକେ ଭାଜି ଦିଅନ୍ତୁ । ଏହାପରେ ଲଙ୍କା, ପୁଦିନା ଓ ଧନିଆ ପତ୍ର ସହ ଅଧା ଅଧା କରି କଡ଼େଇରେ ଭାଜିଥିବା ଗ୍ରୀନ୍ ପରିବାକୁ ଗ୍ରାଇଣ୍ଡିଂ କରି ନିଅନ୍ତୁ । ଗୋଟିଏ ପାତ୍ରରେ ସିଝା ଆଳୁ ସହ, ଗ୍ରାଇଣ୍ଡିଙ୍ଗ୍ ହୋଇଥିବା ପରିବାକୁ ପକାନ୍ତୁ । ଏହା ଉପରେ ପନିର୍‌କୁ କୋରି ପକାନ୍ତୁ । ଆମ୍‌ଚୁର୍, ଧନିଆ ଗୁଣ୍ଡ, ଲୁଣ ଏବଂ ବ୍ରେଡ୍ ଗୁଣ୍ଡ ଏହା ଉପରେ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାପରେ କଡ଼େଇରେ ତେଲ ଗରମ କରି ପ୍ରସ୍ତୁତ ହୋଇଥିବା ପେଷ୍ଟ୍‌କୁ ଚକିରେ ଆଣି ନିଜେ ସେପ୍ ଦେଇ ବ୍ରେଡ୍ ଗୁଣ୍ଡ ଉପରେ ଗଡ଼ାଇ ଛାଣି ନିଅନ୍ତୁ । ଏହାକୁ ଗରମ ଗରମ ସସ୍ ସହ ପରଷନ୍ତୁ ।

## ଶାଗୁ ସରବତ

ଓଃ କି ଖରା! ଏହି ଖରାରେ ଯଦି ଥଣ୍ଡା ଥଣ୍ଡା କିଛି ପିଇବାକୁ ମିଳିଯାଏ ତେବେ ଖରାର କଷ୍ଟ ଲାଘବ ହୋଇଥାଏ । ତେବେ ଡେରି କାହିଁକି ଥଣ୍ଡା ଥଣ୍ଡା ଶାଗୁ ସର୍ବତ ଘରେ ତିଆରି କରି ସ୍ୱାଦର ମଜା ନିଅନ୍ତୁ ।

**ଆବଶ୍ୟକ ସାମଗ୍ରୀ :** ଗୋଟେ ଗ୍ଲାସ୍ ଶାଗୁ ସର୍ବତ ପାଇଁ, ଅଧ କପ୍ ଶାଗୁ, ନଡ଼ିଆ କୋରା ୨ ଚାମଚ କ୍ଷୀର କପେ, ଚିନି ୨ ଚାମଚ, ଚେରୀ-୨ଟି, କାଜୁ-୪ଟି, ଗୁଜୁରାତି ଗୁଣ୍ଡ ଚିମୁଟାଏ, ଅଳ୍ପ ବରଫ ।

**ପ୍ରସ୍ତୁତି ପ୍ରଣାଳୀ :** ଅଧକପ୍ ଶାଗୁକୁ ପୂର୍ବଦିନ ରାତିରୁ ବତୁରାଇ ଦିଅନ୍ତୁ । ସେହି ଶାଗୁରେ ନଡ଼ିଆ କୋରା, ଚିନି, କ୍ଷୀର, ଗୁଜୁରାତି ଗୁଣ୍ଡ ଦେଇ ଉପରେ ବରଫ ପକାଇ ଗ୍ରାଇଣ୍ଡିଙ୍ଗ କରନ୍ତୁ । ଏହାପରେ ଗୋଟେ ଗ୍ଲାସ୍‌ରେ ଢାଳି, କାଟିଥିବା ଚେରୀ ଓ କାଜୁକୁ ଗ୍ଲାସ୍ ଉପରେ ସଜାନ୍ତୁ । ହେଇଗଲା ଶାଗୁ ସର୍ବତ୍ । ଥଣ୍ଡା ଥଣ୍ଡା ଶାଗୁ ସର୍ବତର ମଜା ନିଅନ୍ତୁ ।




ଅନନ୍ୟା
ଏଲିନା

# ମୋ ସଫଳତାକୁ ନେଇ ମୁଁ ସନ୍ତୁଷ୍ଟ ନୁହେଁ : ଏଲିନା



ସାକ୍ଷାତ୍ :

**କୃଷ୍ଣ କୁମାର ମହାନ୍ତି**

ଫଟୋ ସୌଜନ୍ୟ : ଏଲିନା





ସେ ସୁନୟନା । ସେ ବି ଆକାଶିନୀ । ବ୍ୟାପ୍ତ, ସୁନୀଳ ଓ ପ୍ରଗାଢ଼ । ସୁକେଶିନୀ ସେ । ସ୍ୱପ୍ନର ରାଜକୁମାରୀ । ଆନମନା ଏଲିନା । ଆଦରଣୀୟା ଏଲିନା । ଏଲିନା ସାମନ୍ତରାୟ । ଓଡ଼ିଆ ଚଳଚ୍ଚିତ୍ରର ଜଣେ ଉଦୀୟମାନା ନାୟିକା । ଆଖିରେ ଆଖିଏ ସ୍ୱପ୍ନ ନେଇ ସେ ଆସି ନଥିଲେ ଚଳଚ୍ଚିତ୍ର ଜଗତକୁ । ବାସ୍ ଆସୁ ଆସୁ ଆସିଗଲେ । ପ୍ରେମ କଣ ଜାଣିନଥିଲେ । ଅଥଚ 'ଇସ୍କ୍ ତୁ ହି ତୁ' ଫିଲ୍ମରେ ସୁଯୋଗ ମିଳିଲା ପ୍ରଥମେ । ତା' ପୂର୍ବରୁ ସେ ଥିଲେ କେବଳ ଜଣେ ଛାତ୍ରୀ । ଭଲ ପାଠ ପଢୁଥିବା ବିଦ୍ୟାର୍ଥୀ । ସାଙ୍ଗମାନଙ୍କ ପ୍ରରୋଚନାରେ ରିଆଲିଟି ଶୋ 'କିଏ ହେବ ମୋ ହୀରୋଇନ୍'ରେ ଭାଗ ନେବା ପରେ ବଦଳିଗଲା ଏଲିନାଙ୍କ ବାଟ । ତାଙ୍କ ଯିବାଆସିବା ରାସ୍ତାରେ ଗଛ ଝରେଇଲା ଗୋଲାପ ପାଖୁଡ଼ା । ଆକାଶରୁ ବର୍ଷିଲା ବର୍ଷା । ପବନ ଉଡ଼େଇ ନେଲା କେଶବାସ । ଏଲିନା ହେଲେ ହୀରୋଇନ୍ । ଭଦ୍ରକ-ତନୟା ଏଲିନା ପ୍ରଥମ ପାଦ ଥାପିଲେ ଫିଲ୍ମ ଜଗତରେ । ଭଦ୍ରକ ଜିଲ୍ଲା ଧାମନଗର ସାମ୍ପ୍ରଦାୟିକ ଦଙ୍ଗାକୁ ନେଇ ନିର୍ମିତ ଓଡ଼ିଆ ଫିଲ୍ମ 'ଇସ୍କ୍ ତୁ ହି ତୁ'ରେ ସେ ହେଲେ ନାୟିକା । ଏହାପରେ ଏଲିନା ଆଉ ଅଟକି ଯାଇ ନାହାନ୍ତି । ପାଠପଢ଼ା ସହିତ ଅଭିନୟ ଦିଗରେ ନିଜକୁ ପ୍ରତିପାଦିତ କରିବା ପାଇଁ ନିଜକୁ ଉତ୍ସର୍ଗ କରି ଦେଇଛନ୍ତି । ଆଜିର ସମୟରେ ସେ ଓଡ଼ିଆ ଚଳଚ୍ଚିତ୍ରର ଜଣେ ସଫଳ ନାୟିକା କହିଲେ ଭୁଲ୍ ହେବ ନାହିଁ ।

ଜଣେ ଅଭିନେତ୍ରୀ ଭାବରେ ନିଜ ଅଭିନୟକୁ ଭିନ୍ନତା ଦେବା ପାଇଁ ସେ ତାଙ୍କର ସ୍ୱଳ୍ପ ସମୟର ସିନେ-ଯାତ୍ରାରେ କରିଛନ୍ତି ଭିନ୍ନ ଭିନ୍ନ ଚରିତ୍ରର ଭୂମିକା । କେବଳ ହୀରୋଇନ୍‌ଟେ ହେବାକୁ ଚାହୁଁନଥିବା ଏଲିନା 'ଭର୍ସାଟାଇଲ୍' କଳାକାର ହେବାକୁ ଆଗ୍ରହୀ । ଶିଖିବାର ପ୍ରବଣତା ସାଙ୍ଗକୁ କାର୍ଯ୍ୟ ପ୍ରତି ନିଷ୍ଠା ରଖିଥିବା ଏଇ ଅଭିନେତ୍ରୀ ଜଣକ ମାଆଙ୍କର ଗେହ୍ଲାଝିଅ ଭାବରେ ବଢ଼ିଥିବାରୁ, ପୁରା ଫିଲ୍ମ ଇଣ୍ଡଷ୍ଟ୍ରି ଗେହ୍ଲାଝିଅଟିଏ ପରି ହିଁ ଟ୍ରିଟ୍ କରନ୍ତି ତାଙ୍କୁ । ତାଙ୍କ ସହିତ ସାକ୍ଷାତକାର ନେବା ବେଳେ ଆମର ବି ଅନୁଭବ ହେଲା, ସତରେ ସେ କୁନିଝିଅଟିଏ ଆଜି ବି ! ତାଙ୍କ ଫିଲ୍ମ କ୍ୟାରିୟର୍‌ର ସଫଳତା ତାଙ୍କୁ ଶୀର୍ଷକୁ ଘେନିଯିବ ଦିନେ- ଏ କାମନା କରୁଛି 'ରେବତୀ' ।

**▶ ଆପଣ ୨୦୧୫ରେ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ନାୟିକା ଭାବରେ ପ୍ରବେଶ କରି ବର୍ତ୍ତମାନ ପର୍ଯ୍ୟନ୍ତ ସକ୍ରିୟ ଅଛନ୍ତି । ଏହି ଚାରି ବର୍ଷ ଭିତରେ ଆପଣ ଯେଉଁ ସ୍ୱପ୍ନ ଓ ଆଶା ନେଇ ଏ କ୍ଷେତ୍ରକୁ ଆସିଥିଲେ ତାହା କେତେଦୂର ଫଳବତୀ ହୋଇଛି ନା ଆପଣ ଏବେବି ସଫଳତା ଖୋଜୁଛନ୍ତି ?**

◢ ହଁ, ଚାରିବର୍ଷ ବିତିଗଲାଣି । ତେବେ କିଛି ଭାବିକି ଆସିନଥିଲି ମୁଁ । କାମ କରିବାର ଇଚ୍ଛା ଥିଲା ବାସ୍ । ସବୁକିଛି କେମିତି ଗୋଟେ ଆକସ୍ମିକ ଘଟି ଯାଇଥିଲା । ତେବେ ମୁଁ କଦାପି ସନ୍ତୁଷ୍ଟ ହୋଇପାରି ନାହିଁ ମୋ ସଫଳତାକୁ ନେଇ । ଏହି ଚାରିବର୍ଷ ନିଜ ଅଭିନୟ ପ୍ରତିଭାକୁ ପ୍ରତିପାଦିତ କରିବା ମୋ ବିଚାରରେ ଖୁବ୍ କମ୍ ସମୟ । ମୋତେ ଆହୁରି ବହୁତ ବେଶୀ କାମ କରିବାକୁ ଅଛି । ଯେତିକି ସଫଳତା ପାଇଛି ଆପଣଙ୍କ କହିବା ଅନୁସାରେ, ସେତିକିରେ ସନ୍ତୁଷ୍ଟ ନୁହେଁ ମୁଁ । ମୋତେ ଆହୁରି ସଫଳତା ସାଉଁଟିବାକୁ ଅଛି ମୋର ଅଭିନୟ ମାଧ୍ୟମରେ । ପ୍ରକୃତରେ ମୁଁ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିରେ ବହୁତ୍ ଇ ସାନ । ମୋ ଠୁ ବଡ଼ ବଡ଼ ସିନିୟର ଆର୍ଟିଷ୍ଟମାନେ ଅଛନ୍ତି । ଯେଉଁମାନେ ଦଶ /ପନ୍ଦର ବର୍ଷରୁ ଅଧିକ ସମୟ କାମ କରିଛନ୍ତି ।

**▶ ଆପଣ ଓଡ଼ିଆ ଚଳଚ୍ଚିତ୍ରରେ ପ୍ରବେଶ କରିବା ବେଳକୁ ଚଳଚ୍ଚିତ୍ର ଶିଳ୍ପ ବେଶ୍ ଆଧୁନିକ ଓ ପରିବର୍ତ୍ତିତ ହୋଇ ସାରିଥିଲା । ତଥାପି ଆପଣଙ୍କୁ ଲାଗିଛି କି, କୋଉଠି ନା କୋଉଠି ଏବେ ବି ଆମ ଓଡ଼ିଆ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିରେ ଟେକ୍ନୋଲୋଜି ଓ ପ୍ରଫେସନାଲିଜିମ୍‌ରେ ଆମକୁ ଆହୁରି ଉଚ୍ଚକୁ ଯିବାକୁ ଅଛି ?**

◢ ହଁ, ବହୁତ କିଛି ପରିବର୍ତ୍ତନ ଘଟିଛି । ପୁରା ସିଷ୍ଟମ୍ ଡିଜିଟାଲାଇଜଡ୍ ହୋଇଛି । ମୁଁ ଆଗରୁ ରିଲ୍ ଲୋଡ୍ ବାଲା କ୍ୟାମେରାରେ କାମ କରିଛି । ସେତେବେଳେ ସେୟା ହିଁ ଥିଲା । ଏବେ କ୍ୟାମେରା ସିଷ୍ଟମ୍ ବଦଳିଛି । ବର୍ତ୍ତମାନ ସମୟରେ ତାହାର ପରିବର୍ତ୍ତନ ଘଟିଛି । ତେବେ ତା ମାନେ ନୁହଁ ଆମ ଇଣ୍ଡଷ୍ଟ୍ରି ବହୁତ ବେଶୀ ବିକଶିତ ହୋଇଛି । ଆମେ ଯେତେବେଳେ ବାହାରକୁ ଯାଉ ଦେଖୁ ସେମାନଙ୍କର ଗ୍ରାଫିକ୍ସ, ଫିଲ୍ମ ମେକିଂର ପଦ୍ଧତି ଆମ ଠୁଁ ଢେର୍ ବେଶୀ ଉନ୍ନତ । ତେଣୁ ଆମକୁ ଟେକ୍ନିକାଲି ଆହୁରି ବିକଶିତ ହେବାକୁ ଅଛି । ମୋର ଆଶା ଅଛି ଓଡ଼ିଶାରେ ଫିଲ୍ମ ଇଣ୍ଡଷ୍ଟ୍ରି ଆହୁରି ବେଶୀ ଟେକ୍ନୋଲୋଜି ଦୃଷ୍ଟିରୁ ଉନ୍ନତି କରିବ ଓ ଫିଲ୍ମ ମେକିଂର ତରିକା ବିକଶିତ ହେବ ।

**▶ ସମୟାନୁବର୍ତ୍ତିତା କ୍ଷେତ୍ରରେ ଆଗରୁ ଯେମିତି କଳାକାରମାନେ ବେଶ୍ ସଜାଗ ରହୁଥିଲେ, ଆଜିର ସମୟରେ ସେହି ପଙ୍କ୍ଚୁଆଲିଟି ଆପଣ ନିଜେ କେମିତି ମାନନ୍ତି ?**

◢ ପ୍ରକୃତରେ ମୋର ସୌଭାଗ୍ୟ ଯେ ଫିଲ୍ମ ଇଣ୍ଡଷ୍ଟ୍ରିରେ ପୁରା ୟୁନିଟ ମୋତେ କୁନି ଝିଅ ଭାବେ ଟ୍ରିଟ୍ କରନ୍ତି । ମୋ ବିପକ୍ଷରେ କେହିବି ଅଭିଯୋଗ କରିବା ମୁଁ ଶୁଣି ନାହିଁ । ଏମିତିରେ ମୁଁ ସୁଟିଂ ସିଡ୍ୟୁଲ୍ ଅନୁସାରେ ସୁଟିଂ ସ୍ପଟ୍‌ରେ ପୂର୍ବରୁ ପହଞ୍ଚିଯାଏ । ତେଣୁ ପଙ୍କ୍ଚୁଆଲିଟି କ୍ଷେତ୍ରରେ ମୁଁ ବେଶ୍ ସଚେତନ ବୋଲି ଜୋର୍ ଦେଇ କହିପାରିବି । ମୁଁ ସତରେ ଲକ୍କି ଏଇଥିପାଇଁ ଯେ ସମ୍ମାନନୀୟ ମୋର ପିତୃପ୍ରତିମ ସିଦ୍ଧାନ୍ତ ସାର୍‌ଙ୍କ ସହିତ ଅଭିନୟ କରିବାର ସୁଯୋଗ ପାଇଛି । ତାଙ୍କ ଠୁ ବହୁତ କିଛି, ଯେପରି ଠିକ୍ ସମୟରେ ଆସିବା, ଠିକ୍ ଭାବେ ଅଭିନୟ ବୁଝି ଶଟ୍ ଦେବା ଇତ୍ୟାଦି ଶିଖି ପାରିଛି । ତାଙ୍କ ପରି କଳାକାରଟେ ହେବା ନିଶ୍ଚିତ ଭାବେ କଷ୍ଟକର । ମୁଁ ତାଙ୍କୁ ବହୁତ ସମ୍ମାନ କରେ, ତାଙ୍କର ସମୟାନୁବର୍ତ୍ତିତା ଓ ଶ୍ରଦ୍ଧା ପାଇଁ ।

**▶ ଅଭିନୟ କ୍ଷେତ୍ରକୁ ଆସିଲା ପରେ ସିନିୟରମାନଙ୍କ ସହିତ ଅଭିନୟ କରିବା ଏବଂ ଗୋଟେ ସମ୍ପୂର୍ଣ୍ଣ ନୂଆ ପରିବେଶ ଭିତରେ ଚଳପ୍ରଚଳ ହେବା- ଏହାକୁ ନେଇ ମନ ଭିତରେ ଡର ବା ନର୍ଭସ୍‌ନେସ୍ କିଛି ଥିଲା କି ?**

◢ ବହୁତ ଡର ଥିଲା । ଆଜିଯାଏଁ ବି ସଟ୍ ଦେବା ପୂର୍ବରୁ ମୋ ଭିତରେ ଗୋଟେ ଡର ଭାବ ବରାବର ଥାଏ । ନର୍ଭସ୍‌ନେସ୍‌ଟା ମୋ ବିଚାରରେ ବହୁତ



| ବର୍ଷ | ପୁରସ୍କାର | ଚଳଚ୍ଚିତ୍ର |
|---|---|---|
| ୨୦୧୬ | ୭ମ ତରଙ୍ଗ ସିନେ ଆୱାର୍ଡ଼ (ଶ୍ରେଷ୍ଠ ନବାଗତ ଫିମେଲ୍) | ଇସ୍କ ତୁ ହିଁ ତୁ |
| ୨୦୧୭ | ଓଡ଼ିଶା ଫିଲ୍ମ ପ୍ରଡ୍ୟୁସର୍ ଏସୋସିଏସନ୍ ଆୱାର୍ଡ଼ (ଶ୍ରେଷ୍ଠ ଅଭିନେତ୍ରୀ) | ଲଭ୍ ଷ୍ଟେସନ |
| ୨୦୧୮ | ଓଡ଼ିଆ ଫିଲ୍ମ ଫେୟାର ଆୱାର୍ଡ଼ (ଶ୍ରେଷ୍ଠ ଅଭିନେତ୍ରୀ) | ଅଭୟ |
| ୨୦୧୮ | ଷ୍ଟାର୍ ପରଫର୍ମାର୍ ଅଫ୍ ଦି ଇୟର | ଅଭୟ |
| ୨୦୧୯ | ତରଙ୍ଗ ସିନେ ଉତ୍ସବ (ଶ୍ରେଷ୍ଠ ଯୋଡ଼ି) (ସବ୍ୟସାଚୀଙ୍କ ସହ) | ଟୋକାଟା ଫଶିଗଲା |

ଜରୁରୀ । କାରଣ ନର୍ଭସ୍‌ନେସ୍ ନଥିଲେ କାମଟି ଯେତେବେଳେ ସମ୍ପୂର୍ଣ୍ଣ ହୁଏ ତାର ପ୍ରକୃତ ଆନନ୍ଦ ମିଳେ ନାହିଁ । ତେଣୁ ମୋ ଭିତରେ ଏ ଡର ଭାବ ବା ନର୍ଭସ୍‌ନେସ୍ ଯାହାବି କୁହନ୍ତୁ ତାହା ଆରମ୍ଭରୁ ଥିଲା ଓ ଏବେ ବି ଅଛି । ସବୁ କାମ ପୂର୍ବରୁ ପ୍ରାୟତଃ ମୁଁ ନର୍ଭସ୍ ଥାଏ । ତା'ସହିତ ଏକ୍‌ସାଇଟ୍‌ମେଣ୍ଟ୍ ମଧ୍ୟ ଥାଏ । ଡର ମାନେ ପ୍ରକୃତରେ ଭୟ କରିବା ନୁହେଁ । ମୁଁ କହିବାକୁ ଚାହୁଁଛି ଯେ ଗୋଟେ ପଜେଟିଭ୍ ନର୍ଭସ୍‌ନେସ୍ ରହିଲେ ହିଁ କାମରେ ଯେତିକି ପରିମାଣର ଆନନ୍ଦ ମିଳିବା କଥା ତାହା ମିଳିଥାଏ । ଅନେକ କଥା ଶିଖି ହୁଏ ।

▶ **ଅଭିନୟ କ୍ଷେତ୍ରରେ ପ୍ରଶିକ୍ଷଣ ନେବାର ଆବଶ୍ୟକତା ଥାଏ କି ?**

◢ ନାହିଁ ସେମିତି ନୁହଁ । ଏହା ନିର୍ଭର କରେ ବ୍ୟକ୍ତିବିଶେଷରେ । ଜଣେ ଟ୍ରେନିଂ ନେଇଥିବା ଅଭିନେତା ଏବଂ ଟ୍ରେନିଂ ନେଇନଥିବା ଅଭିନେତା ଭିତରେ ଅନେକ ଫରକ୍ ଥାଏ । ଏହି ମର୍ମରେ ମୁଁ ଆମ ଇଣ୍ଡଷ୍ଟ୍ରି କଥା କହିବି ଯେ ଏଠି ବିଜୟ ସାର୍‌ଙ୍କ ଭଳି ଅଭିନେତା ଅଛନ୍ତି ଯେ ଫିଲ୍ମ ଅନୁଷ୍ଠାନରୁ ଶିକ୍ଷା ଗ୍ରହଣ କରି ଆସିଛନ୍ତି । ସେ ଜଣେ ଲିଜେଣ୍ଡେରୀ ଅଭିନେତା । ତାଙ୍କ ପରି ଦ୍ୱିତୀୟ ଅଭିନେତା ଆମେ ଆଉ ପାଇବା ନାହିଁ । ତେଣୁ ପ୍ରଶିକ୍ଷଣ ନିଶ୍ଚିତ ଭାବରେ ଜଣେ ବ୍ୟକ୍ତିକୁ ତା କାମରେ ଆହୁରି ନିପୁଣ ଓ ପର୍ଫେକ୍ଟ କରିଥାଏ । ପ୍ରଶିକ୍ଷଣର ଆବଶ୍ୟକତା ରହିଛି । କିନ୍ତୁ ତା ମାନେ ନୁହେଁ ଯେ, ପ୍ରଶିକ୍ଷଣ ନେଇ ନଥିବା ଜଣେ କଳାକାର ଭଲ ଅଭିନୟ କରିପାରେ ନାହିଁ । ଆମେ ଯେଉଁମାନେ ନୂଆକରି ଫିଲ୍ମ ଲାଇନ୍‌କୁ ଆସିଛୁ ସମସ୍ତେ ବହୁତ୍ ହିଁ ସାନ ବୟସ ଦୃଷ୍ଟିରୁ । ଧରାଯାଉ ମୁଁ, ସ୍ୱରାଜ, ସନ୍‌ମୀରା, ଭୂମିକା ଆମେ ସମସ୍ତେ ବୟସରେ ବହୁତ୍ ସାନ । କିନ୍ତୁ ମୋର ଫିଲିଂ ହୁଏ ଯେ, ଟ୍ରେନିଂ ନନେଇ ମଧ୍ୟ ଆମେ ଆକ୍ଟିଂକୁ ବୁଝୁ, ଆକ୍ଟିଂକୁ ନେଇ ସିରିୟସ୍ ଥାଉଁ । ଟେକ୍ନିକାଲି ଓ ଇମୋସନାଲି ଅଭିନୟକୁ ଗ୍ରହଣ କରି କାମ କରିବାର ପ୍ରବଣତା ଆମମାନଙ୍କ ମଧ୍ୟରେ ବି ଅଛି । ମୂଳକଥା ହେଲା କାମ ପ୍ରତି କିଏ କେତେଦୂର ସିରିୟସ୍ । ତେଣୁ ଟ୍ରେନିଂ ନେଇଥିବା କଳାକାରଙ୍କ କାର୍ଯ୍ୟ ପଟେନ୍‌ସିଆଲ୍ ତ ରହିବ । କିନ୍ତୁ ଆମେ ଯେଉଁମାନେ ଟ୍ରେନିଂ ନେଇନାହୁଁ ଯଦି ଆମ ପାଇଁ ଜଣେ ଭଲ ଗାଇଡ୍ ମିଳିବେ ତେବେ ନିଃସନ୍ଦେହରେ ଆମେ ବି ଭଲ କାମ ଦେଇପାରିବୁ । ଜଣେ ନିଷ୍ଠାର ସହିତ କାମ କଲେ ଅଭିନୟ କ୍ଷେତ୍ରରେ ନିଶ୍ଚିତ ଭାବରେ ସଫଳ ହୋଇ ପାରିବ ।



ମାଆଙ୍କ ସହିତ ଏଲିନା▼

▶ **ପିଲାଦିନ ଆପଣଙ୍କର କେଉଁଠି କଟିଛି ଓ କେମିତି କଟିଛି ?**

◢ ମୋର ଜନ୍ମ ହେଉଛି ଭଦ୍ରକ ଜିଲ୍ଲା ଆଗରପଡ଼ା ଗ୍ରାମରେ । କିନ୍ତୁ ଆଗରପଡ଼ାରେ ମୁଁ ପାଠ ପଢ଼ିନାହିଁ । ମୋର ସ୍କୁଲ୍ ଶିକ୍ଷା ଭୁବନେଶ୍ୱରରେ । ତା'ପରେ ରାଉରକେଲା, ରେଭେନ୍ସାରେ କଲେଜ ପଢ଼ା ଏବଂ ଶେଷରେ ଏବେ ଉତ୍କଳ ୟୁନିଭର୍ସିଟିରେ ପି.ଜି. କରୁଛି । ତେଣୁ ପିଲାଦିନ କଥା କହିଲେ ହିଁ ମୁଁ ନିଜେ କନଫ୍ୟୁଜ୍ ହୋଇଯାଏ କି କୋଉଠି ପ୍ରକୃତରେ ମୋର ପିଲାଦିନ କଟିଛି । ମୁଁ ଯେଉଁସବୁ ସ୍ଥାନର ନାଁ କହିଲି ସବୁଠି ଅଳ୍ପବହୁତ ଦିନ ମୁଁ ବିତେଇଛି । ପାଠପଢ଼ାରେ ମୁଁ ବହୁତ ଆଗୁଆ ଥିଲି । ମୁଁ ଦଶମରେ ଟପ୍ପର ଥିଲି । ପିଲାଦିନେ ମୁଁ ବହୁତ ଆଦର ଓ ଗେହ୍ଲାରେ ବଢ଼ିଛି । ବିଶେଷକରି ମା'ଙ୍କର ମୁଁ ବହୁତ ଗେହ୍ଲା ଝିଅ । ଆଜି ପର୍ଯ୍ୟନ୍ତ ବି ମୁଁ କୁଆଡ଼େ ଏକା ଯାଏନି । ମୋ ସହିତ ସବୁବେଳେ ମା' ଥାଆନ୍ତି । ତେଣୁ ଆଦର ଯତ୍ନ ଓ ସବୁ ପ୍ରକାର କେୟାର୍‌ରେ ବଢ଼ିଥିବା ମୁଁ ଗୋଟେ ରାଜଦୁଲାଳୀ ।

▶ **ଆପଣ ରେଭେନ୍ସାର ଛାତ୍ରୀ ଥିଲେ । ରେଭେନ୍ସାରେ ପଢୁଥିବା ବେଳେ ଆପଣ ଚଳଚ୍ଚିତ୍ର ଜଗତକୁ ଆସିବା ଓ ନାୟିକା ହେବା ଆପଣଙ୍କୁ କିଭଳି ଭାବରେ ଅନ୍ୟ ଛାତ୍ରଛାତ୍ରୀମାନଙ୍କ ଠାରୁ ଭିନ୍ନ ଓ ସମ୍ମାନନୀୟା କରି ତୋଳିଥିଲା ?**

◢ମୁଁ ଦଶମ ପାଶ୍ କଲା ପରେ ମୋର ବହୁତ ଇଚ୍ଛା ଥିଲା ରେଭେନ୍ସା କଲେଜ୍‌ରେ ପଢ଼ିବି । କିନ୍ତୁ ବାପା କହିଲେ, ତୁ ଛୁଆଟା । ତୁ କଲେଜ୍‌ରେ ରହି ପାରିବୁ ନାହିଁ । ତତେ ସ୍କୁଲ୍ ପରିବେଶ ଦରକାର । ଏହା କହି ମୋତେ ରାଉରକେଲା ପଠାଇଥିଲେ । ଦ୍ୱାଦଶ ପାଶ୍ କଲା ପରେ ମୁଁ ରେଭେନ୍ସାକୁ ଆସିଲି । ରେଭେନ୍ସାରେ ପାଠ ପଢ଼ିବି– ଏହା ମୋର ଏକ ସ୍ୱପ୍ନ ଥିଲା । ଆଉ ରେଭେନ୍ସାରେ ପାଠ ପଢ଼ିଲା ବେଳେ ହିଁ ମୁଁ ଫିଲ୍ମରେ ସୁଯୋଗ ପାଇଲି । କିନ୍ତୁ ନା ଅଭିନେତ୍ରୀ ହେବା ଫଳରେ ଯେ ରେଭେନ୍ସାରେ ଅଧିକ ସମ୍ମାନ ବା ଆଟେନ୍‌ସନ୍ ପାଇଲି ତାହା ନୁହେଁ । ସେଠି ସମସ୍ତେ ପାଠରେ ମସ୍‌ଗୁଲ୍ । ମୁଁ କେବେ ବି ଆମର ଟିଚର୍ସ ବା ଷ୍ଟୁଡେଣ୍ଟ୍‌ମାନେ ମୋତେ ସ୍ପେଶାଲ୍ ଆଟେନ୍‌ସନ୍ ଦେଇଥିବା ଲକ୍ଷ୍ୟ

## ଏଲିନା : ଜଣା ଅଜଣା



**ଜନ୍ମସ୍ଥାନ :** ଆଗରପଡ଼ା, ଭଦ୍ରକ
**ଜନ୍ମ ତାରିଖ :** ୨୩ ଜୁଲାଇ
**ପ୍ରିୟ ଖାଦ୍ୟ :** ମା'ଙ୍କ ହାତରନ୍ଧା, କେକ୍
**ଆଦର୍ଶ ମଣିଷ :** ବାବା ମାଆ
**ପ୍ରିୟ ରଙ୍ଗ :** ସବୁରଙ୍ଗ
**ପ୍ରିୟ ପୁସ୍ତକ :** ଗପବହି, ଆର.କେ. ନାରାୟଣଙ୍କ ବହି
**ବାପା :** ଜ୍ୟୋତିରଂଜନ ସାମନ୍ତରାୟ
**ମାଆ :** ଅନୁରାଧା ସାମନ୍ତରାୟ
**କେଉଁ ଦେବତାଙ୍କୁ ପୂଜା କରନ୍ତି :** ଲକ୍ଷ୍ମୀ
**ପ୍ରିୟ ଦେବତା :** ଜଗନ୍ନାଥ
**ପ୍ରିୟ ଶବ୍ଦ :** ଓ ଗଡ୍
**ପ୍ରିୟ ଦିବସ :** ଜନ୍ମଦିନ
**କେତେବେଳେ କାନ୍ଦ ଆସେ :** ଭୋକ ଲାଗିଲେ

### ସ୍ମରଣୀୟ ମୁହୂର୍ତ୍ତ

ଗୋଟେ ପୁରସ୍କାର ବିତରଣୀ ଉତ୍ସବରେ ରବିନା ଟଣ୍ଡନ୍ ଅତିଥି ଥାଆନ୍ତି, ପୁରସ୍କାର ଗ୍ରହଣ କରି ନିଜ ପ୍ରତିକ୍ରିୟାରେ ମୁଁ ଯେତେବେଳେ କହିଲି, ଏ ପୁରସ୍କାର ମୁଁ ବାବା ମାଆଙ୍କୁ ଡେଡିକେଟ୍ କରିବି ସେତେବେଳେ ରବିନା ଟଣ୍ଡନ ମୋତେ କହିଥିଲେ, ଯଦି ତମେ ବାବା ମାଆଙ୍କୁ ଡେଡିକେଟ କରିବ ତେବେ ତାଙ୍କୁ ମଞ୍ଚ ଉପରକୁ ଡାକ । ମୁଁ ବାବା ମାଆଙ୍କୁ ମଞ୍ଚ ଉପରକୁ ଡାକିଥିଲି ।

କରିନି । ତେବେ କିଛି ସାଙ୍ଗଙ୍କ ପାଇଁ ମୁଁ ଫିଲ୍ମର ନାୟିକା ଭାବରେ ଟିକେ ବଡ଼ ହୋଇଯାଇଥିଲି । କିନ୍ତୁ ସେଥିରେ ବିଶେଷ କିଛି ଫରକ ପଡ଼ିନଥିଲା । ମୋତେ ରେଗୁଲାର କ୍ଲାସ୍ ଯିବାକୁ ପଡୁଥିଲା । ଠିକ୍ ଭାବରେ ପାଠ ପଢ଼ିବାକୁ ପଡୁଥିଲା । ଯେତେ ଯାହା ହେଇଯାଉ ପଛେ କ୍ଲାସ୍ କରିବାକୁ ହିଁ ପଡୁଥିଲା । କାରଣ ୭୦% ଉପସ୍ଥାନ ନଥିଲେ ଆଡ୍‌ମିଟ୍ କାର୍ଡ଼ ମିଳୁନଥିଲା । ତେଣୁ ଅଭିନୟ ଅଭିନୟ ଜାଗାରେ ଥିଲା ଏବଂ ରେଭେନ୍ସାର ପାଠପଢ଼ା ତା' ଜାଗାରେ ଠିକ୍ ଥିଲା ।

**▶ କେବେ ଭାବିଥିଲେ ଓଡ଼ିଆ ଚଳଚ୍ଚିତ୍ରର ନାୟିକା ହୋଇ ରାଜ୍ କରିବେ ? କେମିତି ଆରମ୍ଭ ହେଲା ଏଇ ଯାତ୍ରା ?**

◢ କେବେ ବି ଭାବି ନଥିଲି ଯେ ମୁଁ ଓଡ଼ିଆ ଚଳଚ୍ଚିତ୍ରର ନାୟିକା ହେବି । କହିଲେ ଆପଣ ହୁଏତ ବିଶ୍ୱାସ କରିବେ ନାହିଁ ଯେ, ମୁଁ ଯେଉଁ ସମୟରେ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଏଣ୍ଟ୍ରି କଲି ସେ ସମୟରେ ଇଣ୍ଡଷ୍ଟ୍ରିର ମାତ୍ର ଦୁଇଜଣ ଲୋକଙ୍କୁ ଚିହ୍ନିଥିଲି । ଜଣେ ହେଲେ ସିଦ୍ଧାର୍ଥ ମହାପାତ୍ର ଓ ଆଉ ଜଣେ ରଚନା ବାନାର୍ଜୀ । ଏ ଦୁଇଜଣଙ୍କ ବ୍ୟତୀତ ତୃତୀୟ କାହାକୁ ବି ଚିହ୍ନି ନଥିଲି । ଛୁଆବେଳୁ ମୁଁ ପାଠ ପଢୁଥିଲି, ଡ୍ୟାନ୍ସ କରୁଥିଲି । କିନ୍ତୁ କେବେ ବି ଟିଭି ଦେଖୁନଥିଲି । ଆମ ଘରେ ଟିଭି ଥିଲା ସତ, କିନ୍ତୁ ଖୋଲା ହେଉ ନଥିଲା । ଆମ ଘରେ କେହି ସିରିଏଲ୍ କି ସିନେମା ଦେଖିବାର ଆଗ୍ରହ ରଖୁନଥିଲେ । ଟିଭି ଯଦି ଖୋଲା ହେଉଥିଲା ତ କେବଳ ନ୍ୟୁଜ୍ ଶୁଣିବା ପାଇଁ । ତେଣୁ ମୁଁ ଯେତେବେଳେ ଫିଲ୍ମ ଲାଇନ୍‌କୁ ଗଲି ମୋତେ ଏଲିୟନ୍ ଏଲିୟନ୍ ଅନୁଭବ ହେଲା । ଭାବିଲି ଅନ୍ତତଃ ଏ ଲାଇନ୍‌କୁ ଆସିବା ପୂର୍ବରୁ ଟିକେ ରିସର୍ଚ୍ଚ କରି ଆସିବାର ଥିଲା । କାହାକୁ ବି ଚିହ୍ନିନଥିଲି । ତେଣୁ ଫିଲ୍ମ ହିରୋଇନ୍ ହେବି କେବେ ଭାବି ନଥିଲି ।

ମୁଁ ରେଭେନ୍ସାରେ ଆଡ୍‌ମିଶନ୍ ନେବା ବେଳକୁ ସାର୍ଥକ ଟିଭି ତରଫରୁ ଆରମ୍ଭ ହୋଇଥାଏ ରିୟାଲିଟି ସୋ 'କିଏ ହେବ ମୋ ହିରୋଇନ୍' । ହଷ୍ଟେଲ୍‌ର କିଛି ସାଙ୍ଗ ମୋତେ ଏଥିରେ ଭାଗ ନେବାକୁ ପ୍ରବର୍ତ୍ତାଇଲେ । କିନ୍ତୁ ମୁଁ ରାଜି ନଥିଲି । ମୁଁ କରିନା କାପୁର୍‌ଙ୍କ ଫିଲ୍ମ ଦେଖୁଥିଲି । ସେମାନେ କହିଲେ, ତୁ କରିନା କାପୁର୍‌ଙ୍କ ଗୋଟେ ଡାୟଲଗ୍ କହିଦେବୁ । ତା'ପରେ ଅଡିସନ୍ ଦେଲି ଏବଂ ହିରୋଇନ୍ ଅଫର୍ ପାଇଲି ।

**▶ ପ୍ରଥମ ଫିଲ୍ମ 'ଇସ୍କ୍ ତୁ ହି ତୁ' ମାଧ୍ୟମରେ ଆପଣ ଏହି ଯାତ୍ରା ଆରମ୍ଭ କରିଥିଲେ । ଏବଂ ପ୍ରଥମ ଥର ଆପଣ ନାୟକ ଭାବରେ ଅରିନ୍ଦମ୍‌ଙ୍କୁ ପାଇଥିଲେ । ଜଣେ ନବାଗତା ଭାବେ ସେତେବେଳେ ତାଙ୍କ ସହ ତାଙ୍କ ବିପରୀତରେ ନାୟିକା ହେବା ଆପଣଙ୍କୁ କେତେ ମାତ୍ରାରେ ଉତ୍ସାହିତ କରିଥିଲା, ସେ ସମୟର ଅନୁଭବ ଓ ଅଭିଜ୍ଞତାରୁ କିଛି କୁହନ୍ତୁ ?**



◢ ମୋତେ ତାଙ୍କ ସହିତ ଅଭିନୟ କରିବା ବେଳେ କୌଣସି ପ୍ରକାର ଅସହଜ ଭାବ ନଥିଲା । ଏଇଥିପାଇଁ ଯେ, ମୁଁ କାହାକୁ ଜାଣି ନଥିଲି କି ଚିହ୍ନିନଥିଲି । ମୋ ଭିତରେ କନ୍‌ସସ୍‌ନେସ୍ ନଥିଲା କି ଇଏ ଜଣେ ସିନିୟର୍ କଳାକାର, ସେ ଜଣେ ବଡ଼ ଅଭିନେତା.... । ଏସବୁ କିଛି ବି ଜଣା ନଥିଲା । ମୋତେ ସମସ୍ତେ ନୂଆ ନୂଆ ଦିଶୁଥିଲେ । ମୁଁ ପ୍ରଥମ ଫିଲ୍ମରେ ସବୁ ସିନିୟର୍‌ମାନଙ୍କ ସହିତ ଅଭିନୟ କରିବାର ସୌଭାଗ୍ୟ ପାଇଛି । ତେଣୁ ଚିହ୍ନିଥିଲେ ହୁଏତ ମୋ ଭିତରେ ଡର ଭାବ ଆସିଥାନ୍ତା । କିନ୍ତୁ ମୁଁ ପ୍ରକୃତରେ ଅଜ୍ଞ ଥିଲି । ତେଣୁ କେୟାର୍-ଫ୍ରି ହୋଇ କାମ କରୁଥିଲି । ସୁତରାଂ କହିପାରନ୍ତି ମୁଁ ରିସର୍ଚ୍ଚ କରି ଆସିନଥିବାରୁ ପ୍ରଥମ ଫିଲ୍ମରେ ଜଣେ ସିନିୟର୍ ହିରୋ ଅରିନ୍ଦମ୍ କେବଳ ନୁହଁନ୍ତି ଅନ୍ୟ ସିନିୟର କଳାକାରଙ୍କ ସହିତ ମଧ୍ୟ ସହଜରେ ଅଭିନୟ କରିପାରିଥିଲି ।

**▶ ବିଗତ ଚାରି ବର୍ଷ ଭିତରେ ଆପଣ ଓଡ଼ିଆ ଫିଲ୍ମ ଦୁନିଆର ଜଣେ ଲୋକପ୍ରିୟ ନାୟିକା । ସଫଳତାର ଏ ସୋପାନରେ ଥାଇ ଲାଗେ କି ଜୀବନରେ ଯାହା ପାଇବାର ଥିଲା, ପାଇଗଲେ ?**

◢ ହଁ, ବହୁତ ଖୁସି ଲାଗୁଛି । ବହୁତ ସୌଭାଗ୍ୟଶାଳୀ ଅନୁଭବ ହୁଏ । ବ୍ଲେସ୍‌ଡ୍ ଫିଲ୍ ହୁଏ । ଯେତେବେଳେ ମୁଁ ଭାବେ ଯେ ମୁଁ ଗୋଟେ ଷ୍ଟାର୍ କିଡ୍ ନୁହେଁ, କି ମୋ ବାପା ମା ଆକ୍ଟିଂ ଲାଇନ୍‌ର ନୁହଁନ୍ତି । ଯାହାକିଛି ମୋତେ ମିଳିଛି ସେସବୁ ମୋର ଭାଗ୍ୟ କହିଲେ ଚଳେ । ତେଣୁ ସେତେବେଳେ ଭାରି ଖୁସି ଖୁସି ଅନୁଭବ ହୁଏ । ଲୋକମାନଙ୍କ ଭଲପାଇବା ପାଇଛି । ମୋ ପରିବାରର କେହିବି ଫିଲ୍ମ ଇଣ୍ଡଷ୍ଟ୍ରି ସହିତ ଜଡ଼ିତ ନୁହଁନ୍ତି । ମୁଁ ଫିଲ୍ମ ଦୁନିଆର ବାହାରୁ ଆସିଥିବା ଝିଅଟିଏ । ତେଣୁ ଆଜି ପର୍ଯ୍ୟନ୍ତ ଯେତିକି ସଫଳତା ପାଇଛି ଆପଣଙ୍କ କହିବା ଅନୁସାରେ । ସେସବୁ ନିଶ୍ଚିତ ଭାବରେ ମୋ ମନରେ ଖୁସି ଭରିଦିଏ ଲାଗେ କୋଉଠି ନା କୋଉଠି ମୋ ଉପରେ ଈଶ୍ୱରଙ୍କ ଆଶୀର୍ବାଦ ଅଛି । ଯଦି ଆଗାମୀ ଦିନରେ ମୋତେ କାମ ନ ମିଳୁଛି, ତେବେ ମୁଁ ଆଜିଯାଏଁ ଯେତିକି କାମ କରିଛି ସେତିକିରେ ସନ୍ତୁଷ୍ଟ ରହିବି । କାରଣ ମୋର ଫ୍ୟାନ୍‌ମାନେ ମୋ ପାଇଁ ଜୀବନ ଦେବାକୁ ପ୍ରସ୍ତୁତ ଅଛନ୍ତି । ମୁଁ ଅଭିନୟରେ ଥାଏ କି ନଥାଏ ସେମାନେ କିନ୍ତୁ ମୋ ସହିତ ଜୀବନସାରା ଥିବେ । ଏହା କ'ଣ କମ୍ ବଡ଼ ପ୍ରାପ୍ତି ?

**▶ ଓଡ଼ିଶାର ଚଳଚ୍ଚିତ୍ର ଜଗତ ଆପଣଙ୍କ ପାଇଁ ଦେଇଛି ଏକ ସ୍ୱତନ୍ତ୍ର ସ୍ଥାନ । ଏହାର ଶ୍ରେୟ କାହାକୁ ଦେବେ ଆପଣ ?**

◢ ନିଜକୁ (ହସିହସି) । ମୁଁ ଅବ୍‌ଭିୟସ୍‌ଲି ବହୁତ ପରିଶ୍ରମ କରିଛି । ମୁଁ ଅଭିନୟ ଜୀବନରେ ବହୁତ ଉତ୍‌ଥାନ ପତନ ଦେଇ ଆସିଛି । ବହୁତ କିଛି ସମସ୍ୟା ଆସିଛି । ମୋତେ କାହାର ବି ସମର୍ଥନ ମିଳିନାହିଁ । ତେବେ ମୋ ବାବାମାଆଙ୍କୁ ମଧ୍ୟ ଏ ସମୟରେ ମୁଁ ଶ୍ରେୟ ଦେବି । କାରଣ ମୋର ପ୍ରତ୍ୟେକଟି ମୁହୂର୍ତ୍ତକୁ ସେମାନେ ଜୀବନ୍ତ କରିବା ପାଇଁ ସବୁପ୍ରକାର ସମର୍ଥନ ଦେଇଛନ୍ତି । ତେଣୁ ମୋର ସବୁ ଖୁସି, ଆନନ୍ଦ, ଗର୍ବ ଓ ଗୌରବର ଶ୍ରେୟ ସେମାନଙ୍କୁ ଯିବ । ବାବାମାଆଙ୍କର ଆଶୀର୍ବାଦ ସବୁବେଳେ ମୋ ପାଖରେ ଅଛି ବୋଲି ମୁଁ ଏତିକି ବାଟ ଆସି ପାରିଛି ।

**▶ କେତୋଟି ଓଡ଼ିଆ ଫିଲ୍ମରେ ଅଭିନୟ କରିଛନ୍ତି ଓ କ'ଣ କଣ ସେସବୁ, କହିବେ କି ?**

◢ ଇସ୍କ ତୁ ହି ତୁ, ଜଗା ହାତରେ ପଘା, କିଏ ନୁହେଁ କାହାର, ଲଭ୍ ଷ୍ଟେସନ, ଝିଅଟା ବିଗିଡ଼ିଗଲା, ଅଭୟ, ମୁଁ ଖାଣ୍ଟି ଓଡ଼ିଆ ଝିଅ, କାବୁଲା ବାରବୁଲା, ହାପି ଲକ୍କୀ, ଫୋର୍ ଇଡିଅଟ୍, ଚୋକାଟା ବିଗିଡ଼ିଗଲା, ଇସ୍କ୍ ପୁଣି ଥରେ, ମାଲ୍ ମହୁ ଜୀବନ ମାଟି ।

**▶ ଓଡ଼ିଆ ଭିନ୍ନ ଅନ୍ୟ କେଉଁ ପ୍ରାଦେଶିକ ଭାଷାର ଚଳଚ୍ଚିତ୍ରରେ କାମ କରିଛନ୍ତି ? ସୁଯୋଗ ପାଇଲେ କରିବେ କି ?**

◢ ରିଲିଜ୍ ହୋଇ ନଥିବା ଗୋଟେ ବଙ୍ଗଳା ଫିଲ୍ମ କରିଛି । ଯାହାର ନାମ 'ଭୁକାଟା' ।

**▶ ବଲିଉଡ୍‌ରେ ଅଭିନୟ କରିବାକୁ ଅଫର୍ ଆସିଲେ, ଗ୍ରହଣ କରିବେ ? ଓଡ଼ିଶା ଛାଡ଼ିଦେବେ ?**

◢ ହଁ । ଯଦି କେବେ ସୁଯୋଗ ମିଳେ ତେବେ କରିବି ନିଶ୍ଚୟ । ବାବାମାଆଙ୍କ ଅନୁମତି ମଧ୍ୟ ମିଳିବା ଦରକାର । ତେବେ ସେ ବାବଦରେ ବିଶେଷ କିଛି ଭାବି ନାହିଁ । ଓଡ଼ିଶା ଛାଡ଼ିବାର ପ୍ରଶ୍ନ ତ ଉଠୁନାହିଁ ।

**▶ ଜଣେ ଭର୍ସାଟାଇଲ୍ ଅଭିନେତ୍ରୀ ହେବାକୁ ଇଚ୍ଛା ଅଛି ନା କେବଳ ହୀରୋଇନ୍ ଭାବେ ଆତ୍ମସନ୍ତୋଷ ପାଉଛନ୍ତି ?**

◢ ନାଇଁ ନାଇଁ ସେମିତି ନୁହଁ । ଆପଣ ଯଦି ଦେଖିବେ ମୋର ସମଗ୍ର ଫିଲ୍ମ କ୍ୟାରିୟର୍‌କୁ ତେବେ ଜାଣିପାରିବେ ମୋ ଅଭିନୟରେ ବିବିଧତା ଅଛି । ଯେମିତିକି 'ଜଗା ହାତରେ ପଘା'ରେ ମୁଁ ଖଳନାୟିକା ଭୂମିକାରେ ଅଭିନୟ କରିଛି । ବୋଧହୁଏ ମୁଁ ମାତ୍ର ତିନି/ଚାରୋଟି ଫିଲ୍ମରେ ହିରୋଇନ୍ ହୋଇଛି । ଯେପରିକି 'ଝିଅଟା ବିଗିଡ଼ିଗଲା' ହେଉ କି 'ମୁଁ ଖାଣ୍ଟି ଓଡ଼ିଆ ଝିଅ' ହେଉ ଏସବୁଥିରେ ମୁଁ ଖାଣ୍ଟି ହିରୋଇନ୍ ଭୂମିକାରେ ହିଁ ଅଭିନୟ କରିଛି । ମୋର ସବୁବେଳେ ଇଚ୍ଛା ଗୋଟେ ଭର୍ସାଟାଇଲ୍ ଅଭିନେତ୍ରୀ ହେବାକୁ । ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବାକୁ । କେବଳ ହିରୋଇନ୍ ହୋଇ ରହିବାକୁ କେବେ ବି ଆଗ୍ରହ କରିନି ।



## ଏଲିନାଙ୍କ ଅଭିନୀତ ଫିଲ୍ମ

୨୦୧୫: ଇସ୍କ ତୁ ହି ତୁ
୨୦୧୫: କେହି ନୁହେଁ କାହାର
୨୦୧୫: ଜଗା ହାତରେ ପଘା
୨୦୧୬: ଲଭ୍ ଷ୍ଟେସନ
(ତେଲୁଗୁ ଫିଲ୍ମ 'ତିରୁପତି ଏକ୍ସପ୍ରେସ୍'ର ରିମେକ୍)
୨୦୧୬: ଝିଅଟା ବିଗିଡ଼ି ଗଲା
୨୦୧୭: ଅଭୟ
୨୦୧୭: ମୁଁ ଖାଣ୍ଟି ଓଡ଼ିଆ ଝିଅ
୨୦୧୭: କାବୁଲା ବାର ବୁଲା
୨୦୧୮: ହ୍ୟାପି ଲକ୍କି
୨୦୧୮: ଚୋକାଟା ଫସିଗଲା
(ଓଡ଼ିଆ-ବଙ୍ଗଳା ଦ୍ୱିଭାଷୀ)
୨୦୧୮: ଫୋର୍ ଇଡିୟଟସ୍
୨୦୧୮: ଇସ୍କ ପୁଣି ଥରେ
୨୦୧୯: ମାଲ୍ ମହୁ ଜୀବନ ମାଟି

**▶ ଆପଣଙ୍କ ଅଭିନୟ ଜୀବନରେ ପରିବାରର କେଉଁ ସଦସ୍ୟଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କହିବେ ?**

◢ ପରିବାରର ସମର୍ଥନ ସବୁବେଳେ ପାଇଛି । ବିଶେଷକରି ବାବାମାଆଙ୍କର ସପୋର୍ଟ ତ ରହିଛି । ତେବେ ମାଆ ସବୁବେଳେ ଫିଜିକାଲି ଓ ମେଣ୍ଟାଲି ସପୋର୍ଟ ଦେଇ ଆସିଛନ୍ତି । ସେ ମୋ ପାଖରେ ଥାଆନ୍ତି ସବୁବେଳେ । ମୁଁ ସୁଟିଂ ଗଲେ ବି ମାଆ ହିଁ ମୋ ସହିତ ଯାଆନ୍ତି । ମୋ ବାବାଙ୍କର ଭଲପାଇବା ଓ ଆଶୀର୍ବାଦ ନିହାତି ରହିଛି ।

**▶ ଆଜିର ସମୟରେ ଜଣେ ଅଭିନେତା ବା ଅଭିନେତ୍ରୀ ନିଜର ପ୍ରତିଷ୍ଠା ପାଇଁ କେଉଁ ଦିଗ ପ୍ରତି ଧ୍ୟାନ ଦେବା ଉଚିତ ବୋଲି ଆପଣ ଅନୁଭବ କରୁଛନ୍ତି ?**

◢ ମୋ ହିସାବରେ ଆପଣ ଯଦି ଫିଲ୍ମରେ କାମ କରୁଛନ୍ତି ବା ଆକ୍ଟିଂ କରୁଛନ୍ତି ତେବେ ନିଜ ବୁଦ୍ଧି ବା ନିଜ ଏକ୍ସପେରିମେଣ୍ଟ ବିନା ନିର୍ଦ୍ଦେଶକଙ୍କ କଥା ମାନି ଚାଲିବା ଉଚିତ୍ । ନିର୍ଦ୍ଦେଶକଙ୍କ ପଏଣ୍ଟ ଅଫ୍ ଭିଉରୁ କାମ କଲେ ନିଜର ଅଭିନୟ ଠିକ୍ ଭାବରେ ଫୁଟି ପାରେ ବୋଲି ମୁଁ ଭାବୁଛି । ତେବେ ଜଣେ ଯେତେବେଳେ ମାନସିକ ଭାବରେ ପ୍ରସ୍ତୁତ ହୁଏ ଯେ ସେ ଫିଲ୍ମରେ ଆକ୍ଟର୍ ହେବ ସେତେବେଳେ ସେ କେତୋଟି ମୌଳିକ ଜିନିଷ ଜାଣିଥିବା ଦରକାର । ଯେପରିକି ନାଚ ହେଉ, କି ଗାଡ଼ି ଚଳାଇବା ହେଉ କି ଅଳ୍ପ ବହୁତ ଫାଇଟିଂ- ଏସବୁ ବିଷୟରେ ଟିକେ ଟିକେ ଜାଣିଥିବା ଦରକାର । ଏହାସହିତ ଶିଖିବାର ମାନସିକତା ଥିବା ଦରକାର । ସବୁବେଳେ ନିର୍ଦ୍ଦେଶକ ବା ଅନ୍ୟ ସାଥୀ କଳାକାରଙ୍କ ଠାରୁ ଶିଖିବାର ୱର୍କାଟି ଖୋଲା ରଖିଲେ ଭଲ ।



**▶ ଆପଣଙ୍କର ପ୍ରଥମ ଫିଲ୍ମ ୨୦୧୫ରେ ରିଲିଜ୍ ହୋଇଥିଲା । ସେବେଠାରୁ ୨୦୧୯ର ମୁକ୍ତି ପାଇବାକୁ ଥିବା 'ପ୍ରେମ ଦିୱାନୀ' ପର୍ଯ୍ୟନ୍ତ କରିଥିବା ଭିନ୍ନଭିନ୍ନ ଚରିତ୍ର ମଧ୍ୟରୁ କେଉଁ ଫିଲ୍ମର କେଉଁ ନିର୍ଦ୍ଦିଷ୍ଟ ଚରିତ୍ରଟି ଆପଣଙ୍କୁ ସର୍ବାଧିକ ଆତ୍ମସନ୍ତୋଷ ଦେଇଛି ଓ କାହିଁକି ?**

◢ ପ୍ରକୃତରେ ମୁଁ ସବୁ ଫିଲ୍ମରେ ମିଳିଥିବା ଚରିତ୍ରକୁ ମନଧ୍ୟାନ ଦେଇ କରିଛି । ନିର୍ଦ୍ଦିଷ୍ଟ ଭାବେ କୌଣସି ଚରିତ୍ରକୁ ଅଧିକ ପ୍ରାଧାନ୍ୟ ଦେଇ କରିଛି ବୋଲି ଭାବୁନି । ସିରିୟସ୍‌ଲି ମୁଁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ କ୍ୟାରେକ୍ଟର କଥା କହି ପାରିବିନି । କାରଣ ମୋତେ ସବୁ କ୍ୟାରେକ୍ଟରରେ ଭଲ ଭାବେ କାମ କରିବାକୁ ଥିଲା ଏବଂ ମୁଁ କରିଛି । ତେବେ ଗୋଟିଏ ଫିଲ୍ମର ଗୋଟିଏ ଚରିତ୍ର କଥା କହିପାରେ । ଯାହା ସହିତ ମୁଁ ଆବେଗାୟିତ ଭାବେ ଜଡ଼ିତ । ସେ ଫିଲ୍ମଟି ଯେତେବେଳେ ମୁଁ ହଲରେ ଦେଖିଲି ମୋ ଆଖିରୁ ଲୁହ ଚାଲି ଆସିଥିଲା । ଫିଲ୍ମଟିର ନାମ ଥିଲା 'କେହି ନୁହେଁ କାହାର' । ଗୋଟେ ଚମତ୍କାର ଚରିତ୍ର ମିଳିଥିଲା ମୋତେ । ଚରିତ୍ରର ନାମ ଥିଲା ଆଭା । ବହୁତ୍ ଇ ଶକ୍ତିଶାଳୀ ଚରିତ୍ର ଥିଲା ସେଇଟି । ମୋର ସେଇଟା ଦ୍ୱିତୀୟ ଫିଲ୍ମ ଥିଲା । ଏବଂ କେହି ବୋଧେ ବିଶ୍ୱାସ କରିପାରି ନଥିଲେ ଯେ, ଏଲିନା ଏ ଚରିତ୍ରଟିକୁ ଠିକ୍ ଭାବେ କରି ପାରିବ । ଏବଂ ମୁଁ କରିଥିଲି ।

**▶ ବହୁ ପୂର୍ବରୁ ଓଡ଼ିଆ ଚଳଚ୍ଚିତ୍ରର ନାୟିକାମାନଙ୍କ ପରିଧାନକୁ ନେଇ ଅନେକ ସମୟରେ ନଗ୍ନତା ପ୍ରଦର୍ଶନର ଅଭିଯୋଗ ଆସୁଥିଲା । ଏହାକୁ ନେଇ ଆପଣ କ'ଣ କହିବେ ? ଏବେବି କ'ଣ ଚଳଚ୍ଚିତ୍ରରେ ନଗ୍ନତା ପ୍ରଦର୍ଶନ ପାଇଁ ନାୟିକାମାନଙ୍କୁ ବ୍ୟବହାର କରାଯାଏ ?**

◢ ହଁ ମୋ କ୍ଷେତ୍ରରେ ସେପରି କିଛି ଘଟି ନାହିଁ । ତେବେ ହଁ ମୁଁ ଫିଲ୍ମଟିଏ ସାଇନ୍ କରିବା ପୂର୍ବରୁ ମୋର ନିର୍ଦ୍ଦେଶକଙ୍କୁ ମୋର ଲିମିଟେସନ୍ ଜଣାଇ ଦେଇଥାଏ । ପୋଷାକ ପରିଧାନକୁ ନେଇ ମୋର କିଛି ନିୟମ ଅଛି ବୋଲି ଆଗୁଆ ଜଣାଇ ଦେଇଥାଏ । ତେଣୁ ମୋତେ କେବେ ମୋର ନିର୍ଦ୍ଦେଶକ ବା ପ୍ରଯୋଜକ ସେପରି ପୋଷାକ ପିନ୍ଧିବାକୁ ଚାପ ପକାଇ ନାହାଁନ୍ତି ଯାହା ନଗ୍ନତାକୁ ପ୍ରଶ୍ରୟ ଦେଉଥିବ । ଆପଣ ମୋର ଯେକୌଣସି ଫିଲ୍ମ ଦେଖନ୍ତୁ କୌଣସି ଫିଲ୍ମ ବି ଆପଣଙ୍କୁ ଅଶ୍ଳୀଳ ଲାଗିବନି । କଷ୍ଟ୍ୟୁମ୍ ଉପରେ ମୁଁ ବେଶ୍ ସଚେତନ । ମୂଳକଥା ହେଲା ଆମ ଇଣ୍ଡଷ୍ଟ୍ରି ବହୁତ ଛୋଟ । ଆମ ନିର୍ଦ୍ଦେଶକ ଓ ପ୍ରଯୋଜକମାନେ ନାୟିକାମାନଙ୍କ ମନ ବେଶ୍ ଚିହ୍ନନ୍ତି । ତେଣୁ ପୋଷାକକୁ ନେଇ କୌଣସି ପ୍ରକାର ଅସୁବିଧା ହୁଏ ନାହିଁ ।

**▶ ଆପଣ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ନାୟକଙ୍କ ବିପକ୍ଷରେ ଅଭିନୟ କରିଥିଲେ ମଧ୍ୟ କେଉଁ ନାୟକଙ୍କ ସହିତ ଆପଣଙ୍କର ଯୋଡ଼ି ଓଡ଼ିଆ ଦର୍ଶକ ଗ୍ରହଣ କରିଛନ୍ତି ?**

◢ ଏ ପ୍ରଶ୍ନର ଉତ୍ତର ଆପଣ ଦେଲେ ଭଲ । କାରଣ କେଉଁ ନାୟକଙ୍କ ସହିତ ମୋର ଯୋଡ଼ି ଭଲ ସେ କଥା ମୁଁ ନିଜେ କହିବା ଠିକ୍ ହେବନାହିଁ । କାରଣ ମିଡ଼ିଆ ହିଁ ଏହି 'ଯୋଡ଼ି' କନ୍‌ସେପ୍ଟ ତିଆରି କରେ । ତେବେ ମୋ ମତରେ ମୋତେ ଆକ୍ଟର ଅପେକ୍ଷା ନିର୍ଦ୍ଦେଶକଙ୍କ ସହିତ ଅଧିକ ସଂଶ୍ଲିଷ୍ଟ ହେବାକୁ ଭଲ ଲାଗେ । କାହିଁକି ନା ନିର୍ଦ୍ଦେଶକ ହିଁ ଜଣେ ନାୟିକାକୁ ତିଆରି କରିଥାନ୍ତି । ତେଣୁ ଯୋଡ଼ି କଥାଟି ପ୍ରତି ମୁଁ ସେତେ ଗୁରୁତ୍ୱ ଦେଇନାହିଁ । ମୁଁ ସବୁ ହିରୋଙ୍କ ସହିତ ଦୁଇ କି ତିନୋଟି ଫିଲ୍ମ କରିଛି । କେବଳ ଅରିନ୍ଦମଙ୍କ ସହିତ ଅଧିକ ଫିଲ୍ମ କରିଛି ।

# ସାହିତ୍ୟରେ ବରିଷ୍ଠ-କନିଷ୍ଠ ବିଚାର

କିଏ ଜଣେ କହିଥିଲେ ଥରେ ଯେ ଆକାଶରେ କେବଳ ଚନ୍ଦ୍ରମା ରହିବା ଉଚିତ ନୁହେଁ । ତା ସହ ତାରା ରହିଲେ ଆକାଶ ଭଲ ଦିଶେ । ଆକାଶ ପରିପୂର୍ଣ୍ଣ ଲାଗେ ଚନ୍ଦ୍ରମା ଓ ତାରା ମିଶିକି ରହିଲେ । କଥାଟି ସାହିତ୍ୟ ଜଗତ ପାଇଁ ମଧ୍ୟ ପ୍ରଯୁଜ୍ୟ । କାରଣ ସାହିତ୍ୟ ବି ଏକ ମହାକାଶ । ଏଠି କେବଳ ଯେ ଚନ୍ଦ୍ରମା ମାନେ ଅଛନ୍ତି, ତା' ନୁହେଁ । ଏଠି ରାଶି ରାଶି ତାରା ଓ ତାରାପୁଞ୍ଜ ବିଦ୍ୟମାନ । ସାହିତ୍ୟାକାଶରେ ଯେଝା ସ୍ଥାନରେ ରହି ଆପଣା ଆଲୋକ ରଶ୍ମିରେ ସାହିତ୍ୟକୁ ଉଦ୍‌ଭାସିତ କରୁଛନ୍ତି । କିଏ କ୍ଷୀଣାଲୋକ ତ କିଏ ଅତ୍ୟୁଜ୍ଜ୍ୱଳ ଆଲୋକରେ ଆଲୋକାୟିତ କରୁଛନ୍ତି ଆମ ସାହିତ୍ୟ ଜଗତକୁ । ସମସ୍ତଙ୍କୁ ନେଇ ହିଁ ସାହିତ୍ୟର ଏ ମହା-ସଂସାର । ତେଣୁ ଚନ୍ଦ୍ରମାଙ୍କୁ ବେଶୀ ପ୍ରାଧାନ୍ୟ ଦେଇ ତାରାଙ୍କୁ ହେୟଜ୍ଞାନ କରିବା ଆଦୌ ସମୀଚୀନ ନୁହେଁ ବୋଲି ମୋର ବିଚାର ।

ସାହିତ୍ୟରେ ଅଧୁନା ଯେପରି ରାଜନୀତି-କରଣ ପଶିଛି, ଠିକ୍ ସେମିତି ଅପରାଧୀକରଣ ମଧ୍ୟ ପଶିଲାଣି । ଏହା ଅବଶ୍ୟ ଭିନ୍ନ ପ୍ରସଙ୍ଗ । କିନ୍ତୁ ସାହିତ୍ୟରେ ଏ ବରିଷ୍ଠ-କନିଷ୍ଠ ଭେଦଟି ଏବେ ପ୍ରବଳ । ଅର୍ଥାତ୍ ବରିଷ୍ଠ ହିଁ ସବୁ । କନିଷ୍ଠମାନେ କେବଳ ତାଙ୍କ ସ୍ତାବକ । ଏମିତି ଏକ ପରମ୍ପରା ଆମ ସାହିତ୍ୟରେ ପ୍ରଚଳିତ ଆଉ ଏହାକୁ କିଛି ଲେଖକ 'ଆଖିନାଇଁ କାନ ନାଇଁ ବାଜିଗଲେ ଦୋଷ ନାଇଁ' ନ୍ୟାୟରେ ପ୍ରଚାର ଓ ପ୍ରସାର କରି ବରିଷ୍ଠଙ୍କ କୃପାଦୃଷ୍ଟିରେ ରହିବାର ପ୍ରୟାସ କରୁଥିବା ଦେଖିବାକୁ ମିଳୁଛି ।

କିଛିଦିନ ତଳେ ଏ ପ୍ରସଙ୍ଗରେ ଏକ ସ୍ତମ୍ଭଲେଖରେ ଜଣେ ଲେଖକ ଲେଖିଲେ ଯେ, ଅଧୁନା ଯାହା କିଛି ଲେଖାଯାଉଛି, ତାହା କେବଳ ବରିଷ୍ଠ ସାହିତ୍ୟିକମାନେ ଲେଖୁଛନ୍ତି । କନିଷ୍ଠ କି ଯୁବ ସାହିତ୍ୟିକମାନେ କିଛି ବି ଲେଖୁନାହାନ୍ତି । ଏହା ତଥ୍ୟ-ସମ୍ମତ ନୁହେଁ । କାରଣ ଯୁବବର୍ଗର ଲେଖକ ଓ ତହୁଁ ଉତ୍ତୀର୍ଣ୍ଣ ବରିଷ୍ଠ ବର୍ଗର ଲେଖକ- ଏ ଉଭୟ ଗୋଷ୍ଠୀଙ୍କ ସହିତ ମିଶିଥିବାରୁ ମୁଁ ଜାଣେ କିଏ କ'ଣ ଲେଖନ୍ତି ବା ଲେଖୁଛନ୍ତି ।



ଯୁବବର୍ଗର ଲେଖକ ଭିତରେ ମୁଁ ନୂତନ ଓ ତରୁଣ ଲେଖକଙ୍କୁ ବି ରଖୁଛି । ଏଠାରେ କହିରଖିବାକୁ ଚାହେଁ ଯେ, କୌଣସି ବି ଲେଖା ପ୍ରସ୍ତୁତ କାଳରେ ଲେଖାର ପ୍ରସଙ୍ଗକୁ ନେଇ ଲେଖକ ଯଦି ଅପ୍‌ଡେଟ୍ ନାହାନ୍ତି ତେବେ ସେ ପ୍ରସଙ୍ଗକୁ ନେଇ ଲେଖିବା ଉଚିତ ନୁହେଁ । ଆମେ କେଉଁ ଆଧାରରେ କହିପାରିବା ଯେ, ଅଧୁନା ବରିଷ୍ଠ ସାହିତ୍ୟିକମାନେ ହିଁ ଲେଖୁଛନ୍ତି, ଯୁବଲେଖକମାନେ ସ୍ଥାଣୁ! ଏହା ସତ୍ୟର ଅପଲାପ ଛଡ଼ା ଆଉ କଣ ହେବ! କାରଣ ସତ୍ୟ ହେଉଛି ଭିନ୍ନ ।


ବର୍ତ୍ତମାନ ସମୟର ଯେକୌଣସି ପତ୍ରିକାର ସୂଚୀପତ୍ରରେ ଆପଣ ନଜର ପକାନ୍ତୁ । ଦେଖିପାରିବେ ଯୁବଲେଖକଙ୍କ ଲେଖା କେତେ ପରିମାଣରେ ଅଛି ଓ ବରିଷ୍ଠମାନେ କେତେ ଅଛନ୍ତି । କହିବାରେ ଦ୍ୱିଧା ନାହିଁ ଯେ ବର୍ତ୍ତମାନ ସମୟରେ ଆମର ତଥାକଥିତ ବରିଷ୍ଠ ଲେଖକମାନେ ଲେଖାଲେଖି ବନ୍ଦ୍ କରିଦେଲେଣି । ହୁଏତ ସେମାନେ ଲେଖି ପାରୁନାହାନ୍ତି ବାର୍ଦ୍ଧକ୍ୟ ଯୋଗୁଁ ନତୁବା ସେମାନଙ୍କ ପାଖରେ ନୂଆ କିଛି କହିବା ପାଇଁ ନାହିଁ । ମାନନୀୟ ମନୋଜ ଦାସ ହୁଅନ୍ତୁ କି କବି ଜୟନ୍ତ ମହାପାତ୍ର,କାଁ ଭାଁ ଲେଖୁଛନ୍ତି ଏବେ । ସେଇପରି ସୀତାକାନ୍ତ ମହାପାତ୍ର, ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ପରି ଆଉ କେତେଜଣ ବରେଣ୍ୟ ସ୍ରଷ୍ଟା ପ୍ରାୟ ଏବେ ନିରବ । ହଁ, ବର୍ଷକରେ ପୂଜା ବେଳେ ଗୋଟିଏ କି ଦୁଇଟି ଲେଖିଦେବା ଏଠାରେ ଗଣ୍ୟ ନୁହେଁ । ସୁତରାଂ ସାହିତ୍ୟ ପତ୍ରିକାମାନଙ୍କରେ ଲେଖାସବୁ ଲେଖୁଛି କିଏ ? ନିଃସନ୍ଦେହରେ ଆମ ଯୁବପ୍ରତିଭା । ତେଣୁ କନିଷ୍ଠ ବା ଯୁବଲେଖକ କହି ସେମାନଙ୍କର ଅବଦାନକୁ ଅସ୍ୱୀକାର କରାଯିବା ଅନୁଚିତ । ସେମାନେ ଯାହା ବି ଲେଖୁଛନ୍ତି, ଭଲମନ୍ଦ ନିର୍ବିଶେଷରେ ଲେଖୁଛନ୍ତି ତ ! ଏ କଥାକୁ କାହିଁକି ସ୍ୱୀକାର କରାଯିବ ନାହିଁ ? କାହିଁକି ସେମାନଙ୍କୁ ପ୍ରୋତ୍ସାହିତ କରାଯିବ ନାହିଁ ? ଏମିତିରେ ବହୁ ବରିଷ୍ଠ ଲେଖକ ମଧ୍ୟ 'ଟ୍ରାସ୍' ଲେଖୁଥିବାର ନଜୀର୍ ଅଛି । ୨୦୧୯ ବିଷୁବ ସଂଖ୍ୟା 'ଝଙ୍କାର'ର କବିତା ବିଭାଗରେ ନଜର ପକାନ୍ତୁ, ବୁଝିଯିବେ । ଯଦି ବରିଷ୍ଠଙ୍କ ଏସବୁ ଲେଖା କ୍ଷମଣୀୟ ଓ ଗ୍ରହଣୀୟ, ତେବେ ଯୁବବର୍ଗର ଲେଖକଙ୍କ ଲେଖାରେ 'ଟ୍ରାସ୍' ରହିବା ଅସ୍ୱାଭାବିକ ହେଲା କେଉଁଠି ? ସେମାନେ ଲେଖୁଛନ୍ତି- ଏହା ହିଁ ବଡ଼କଥା । ସେମାନେ ଅପରାଧ ଭଳି କର୍ମକୁ ତ ଆଦରି ନାହାନ୍ତି ! ସାହିତ୍ୟକୁ ଆପଣେଇଛନ୍ତି- ଏହାଠୁଁ ଅଧିକ ଭଲକଥା କ'ଣ ଥାଇପାରେ ?

ତରୁଣ ପିଢ଼ିର ଅନେକ ଲେଖକ ଆଜି ସାହିତ୍ୟାଗ୍ରହୀ ହୋଇପାରିଛନ୍ତି- ଏହାର ମୂଳରେ ଆମର କତିପୟ ସାହିତ୍ୟ-କର୍ମୀ ଓ ସାହିତ୍ୟ ପତ୍ରିକାର ସମ୍ପାଦକ (ପ୍ରକାଶକ)ମାନଙ୍କର ଭୂମିକା ଯେ ନାହିଁ, ଏହା କହିହେବନି । ଆମେ ସେମାଙ୍କ ପିଠି ଥାପୁଡ଼େଇ ଦେଇ ଆଉ ପାଦେ ଆଗେଇ ଦେବାର ଏ ସମୟ । ଏ ସମୟ ନୁହେଁ ତରୁଣ ସାହିତ୍ୟ ସ୍ରଷ୍ଟାଙ୍କୁ ନିରୁତ୍ସାହିତ କରିବାର । ସେପରି ହେଲେ ସେମାନେ ସାହିତ୍ୟରୁ ତ ବିଦାୟ ନେବେ, ପଶିବେ ସେଇ 'ଅପରାଧୀକରଣ'ର ଚକ୍ରବ୍ୟୂହରେ । ନାନା ପ୍ରକାର କୁକର୍ମ ଓ ଅପରାଧଜନିତ କର୍ମରେ ନିୟୋଜିତ ହେବେ । ଆମେ ତେବେ ଚାହୁଁ କ'ଣ ସାହିତ୍ୟରେ ଅପରାଧୀକରଣ ନା ସାହିତ୍ୟରେ ସାମ୍ୟ ? ଏହାକୁ ଗୁରୁତ୍ୱର ସହ ବିଚାର କରିବାର ସମୟ ଆସି ଯାଇଛି । ସମୟ ଆସିଛି ଆମ ସାହିତ୍ୟ ଆକାଶରେ ଉଇଁଥିବା ନିଖିଳେଶ, ସୂର୍ଯ୍ୟସ୍ନାତ, ଆଶିଷ ମିଶ୍ର, ଦୀପୁନ୍, ଆଲୋକ ରଂଜନ, ସସ୍ମିତା ରାଉତ, ଅନ୍ତର୍ଯ୍ୟାମୀ, ଅମୀୟ, ପ୍ରଜ୍ଞା ପାରମିତା, ଜ୍ୟୋତି ପ୍ରଧାନ, ଦିଲ୍ଲୀପ ବେହେରା, ଦୀଲେଶ୍ୱର ରଣା, ସୁଧୀର ଧାଙ୍ଗଡ଼ାମାଝି, ଯୋଗେଶ୍ୱର ପଣ୍ଡା, ଶୁଭଶ୍ରୀ ମହାରଣା, ସୌମ୍ୟା, ସୋନାଲି ମାଦେଳୀ, ଲିପିରେଖା ମହାପାତ୍ର, ଶୁଭଲକ୍ଷ୍ମୀ ଦାସ, କ୍ଷୀରୋଦ ବିଶ୍ୱାଳ ଓ ସଂଜୟ ସାହୁ ପ୍ରଭୃତି ତାରାଙ୍କୁ ଆମେ ଅନେଇ ରହି ରାତି ସାରିଦେବା । କିଛି ସମୟ ପାଇଁ ସେମାନଙ୍କର ଆକାଶ ହେବା । ଭୋର୍‌ର ଭୂଗୋଳ ହେବା । ଦେଖିବେ ସେଇ ତାରାମାନେ ଦିନେ ଅନେକ ଚନ୍ଦ୍ରମା ହୋଇ ଆକାଶ ଉଛୁଳେଇବେ ।

# श्रीhari Inn

*Live the life, the right way.*

*Luxurious Hospitality at a New Address*



## FACILITIES

- Travel Desk
- Multi Cuisine Family Restaurant
- 24 Hrs. Room Service Facilities
- Express Check in / Check out
- Wi-Fi Internet Connectivity
- All Major Cards Accepted
- Car Parking Facilities in front of Hotel
- Conference Hall to Accommodates 50 Pax



# HOTEL & RESTAURANT

Station Road, Balasore, Mob : 9861036571, 7894544906

www.shreehariinn.com facebook.com/shreehariinn

The **REBATI AMA MATIRA SWARA** • May 2019 Vol - 1 Issue - 7 • R.N.I. Title Code : ODIODI 07916 • Rs. 30
Total Page : 108




Associate editor : **Krushna Kumar Mohanty** Editor : **Subasini Jena**

# ବାସ୍ନାୟିତ ବେଣୁଧର



# ସଂସାରୀ ସାଧୁ ବେଣୁଧର ବେହେରା

**ଯଶୋବନ୍ତ ସେଠୀ**

ଏ.ସି.ପି.(ନିରାପତ୍ତା), ପୋଲିସ୍ କମିଶନ୍‌ରେଟ୍, ଭୁବନେଶ୍ୱର, ଫୋନ:୯୪୩୭୩୪୩୪୫୭

ବଡ଼ଖଲାଡ଼ି । ବଣପାହାଡ଼ ଘେରା ଆଦିବାସୀ ଅଧ୍ୟୁଷିତ  ମୟୂରଭଂଜର ଏକ ଗ୍ରାମ । କପ୍ତିପଦା ସବ୍-ଡିଭିଜନ୍‌ରେ ଥିବା ଏଇ ଅଖ୍ୟାତ ପଲ୍ଲିରେ ଆବିର୍ଭାବ ହୁଏ ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କର : ବେଣୁଧର । ହଁ, ଶ୍ରୀଯୁକ୍ତ ବେଣୁଧର ବେହେରା । ଦିନଟି ଥିଲା ସ୍ୱାଧୀନତା ପୂର୍ବବର୍ତ୍ତୀ ୧୯୩୦ ମସିହାର ଜୁନ୍ ପହିଲା । ପିତା ସୁଦର୍ଶନ ବେହେରା ଓ ମାତା ସୁବର୍ଣ୍ଣମଣିଙ୍କ କୋଳମଣ୍ଡନ କରନ୍ତି ବେଣୁଧର । ଏକ ମାହେନ୍ଦ୍ରବେଳାରେ ଜନ୍ମ ହୋଇଥିଲା ତାଙ୍କର । କିନ୍ତୁ କେହି ଭାବି ନଥିଲେ ଦିନେ ସେ ଖଲାଡ଼ି ଆକାଶର କୁଳଚନ୍ଦ୍ରମା ହେବେ ! ପିଲାଟି ଦିନରୁ ସେ ଐଶ୍ୱରୀୟ ପ୍ରତିଭାର ପ୍ରଭା ବିସ୍ତାର କରି ଲୋକଲୋଚନକୁ ଆସିଥିଲେ । ଶାନ୍ତ, ଧୀର, ନମ୍ର, ଉପଯୁକ୍ତ ପଠନ ଓ ଲିଖନର ଅଧିକାରୀ ହୋଇ ଦିନେ ତାଙ୍କ କରସ୍ପର୍ଶରେ କେବଳ ବଡ଼ଖଲାଡ଼ି ନୁହେଁ, ସାରା କପ୍ତିପଦା ଖଣ୍ଡମଣ୍ଡଳର ଭାଗ୍ୟ ନିରୂପିତ ହେବ, କିଏ ଜାଣିଥିଲା ? କିନ୍ତୁ ଘଟିଲା ସେଇପରି ହିଁ ।

ଦାରିଦ୍ର୍ୟ ଓ ଅଶିକ୍ଷାର ଉତ୍ପୀଡ଼ନରେ ଉବୁଟୁବୁ ହେଉଥିବା ବଡ଼ଖଲାଡ଼ି ଗାଁ, ସାମାଜିକ କୁସଂସ୍କାର ଓ ଅନ୍ଧବିଶ୍ୱାସରେ ବୁଡ଼ି ରହି ବିକାଶ ଠାରୁ ଅନେକ ଦୂରରେ ଥିଲା । ବେଣୁଧରଙ୍କ ଆଗମନ ସତେ କି ନୂଆ ସ୍ପନ୍ଦନ ଆଣିଲା ! ସେ ସମୟରେ ନଥିଲା ଶିକ୍ଷାର ପ୍ରସାର । ଯେଉଁ ବଡ଼ଖଲାଡ଼ି ଗ୍ରାମରେ ବର୍ତ୍ତମାନ ଦୁଇଟି ଉଚ୍ଚ ବିଦ୍ୟାଳୟ, ଗୋଟିଏ ମଧ୍ୟ ଇଂରାଜୀ ବିଦ୍ୟାଳୟ, ଦୁଇଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଏକଦା ସେଇ ଗାଁରେ ନଥିଲା ଗୋଟିଏ ବି ଏଲ୍.ପି.ସ୍କୁଲ୍ । ତେଣୁ ବେଣୁଧରଙ୍କ ଶିକ୍ଷା ଆରମ୍ଭ ହୋଇଥିଲା ଚାଟଶାଳୀରେ । ପାଖ ଗାଁ ନୂଆସାହି ଚାଟଶାଳୀରେ ଆରମ୍ଭ ହୋଇଥିଲା ତାଙ୍କ ସ୍କୁଲ୍ ଶିକ୍ଷା । ପାଖରେ ମାଇନର୍ ସ୍କୁଲ୍ ନଥିବାରୁ ନିଜ ଗ୍ରାମ ଠାରୁ ପ୍ରାୟ ଛଅ କି.ମି. ଦୂର କପ୍ତିପଦାକୁ ପ୍ରତିଦିନ ଚାଲିଚାଲି ଯାଇ ମାଇନର୍ ପାଠ ପଢ଼ିଥିଲେ ସେ । ୧୯୩୯ରୁ ୧୯୪୨ ପର୍ଯ୍ୟନ୍ତ ମାଇନର୍ ପଢ଼ା ସାରି ବାରିପଦାର ଏମ୍.କେ.ସି. ଉଚ୍ଚ ବିଦ୍ୟାଳୟରେ ନାଁ ଲେଖାଇ ୧୯୪୬ରେ ମ୍ୟାଟ୍ରିକ୍ ପାସ୍ କଲେ । ତାପରେ ପୁଣି ଫେରିଲେ କପ୍ତିପଦା ମାଇନର୍ ସ୍କୁଲ୍‌କୁ । ଏଥର କିନ୍ତୁ ଛାତ୍ର ଭାବେ ନୁହେଁ, ଶିକ୍ଷକ ଭାବେ ଆରମ୍ଭ କଲେ ଜୀବନ । କପ୍ତିପଦା ମାଇନର୍ ସ୍କୁଲ୍‌ରେ ଶିକ୍ଷକତା କଲେ । ସେହି ସମୟରେ ସେ ଅନୁଭବ କରିଥିଲେ ଯେ ଶିକ୍ଷାର ପ୍ରସାର ନହେଲେ ସେ ଅଞ୍ଚଳରୁ ଦାରିଦ୍ର୍ୟ, କୁସଂସ୍କାର, ଅନ୍ଧବିଶ୍ୱାସ ହଟିବ ନାହିଁ । ଫଳରେ କୌଣସି ପ୍ରକାର ବିକାଶ ମଧ୍ୟ ସମ୍ଭବ ନୁହେଁ । ତେଣୁ ଶିକ୍ଷାକୁ ସୁନିଶ୍ଚିତ କରିବା ଲାଗି ମନ ଭିତରେ ସେ ନେଲେ ଦୃଢ ସଂକଳ୍ପ । ଶିକ୍ଷାର ମାନଦଣ୍ଡକୁ ସୁଦୃଢ଼ କରିବାକୁ ହେବ ପ୍ରଥମେ- ଏଇ






ଲେଖକ ଯଶୋବନ୍ତ ସେଠୀ

ମାନସିକତାକୁ ନେଇ ପ୍ରଥମେ ୟୁ.ପି., ତାପରେ ଏମ୍.ଇ. ଓ ହାଇସ୍କୁଲ୍ ଏବଂ ପରେପରେ ମହାବିଦ୍ୟାଳୟଟିଏ ଗଢ଼ିବାର ସ୍ୱପ୍ନ ତାଙ୍କୁ ବିଭୋର୍ କଲା ।

ଶିକ୍ଷକ ଅଭାବରୁ ୧୯୪୩ ମସିହାରେ ନୂଆସାହି ଚାଟଶାଳୀଟିକୁ ବେଣୁଧର ବେହେରାଙ୍କ ପିତା ଓ ଅନ୍ୟମାନେ ମିଶି ବଡ଼ଖଲାଡ଼ିକୁ ଉଠାଇ ନେଇ ଏଲ୍.ପି.ସ୍କୁଲ୍ ଭାବରେ ଚଳାଇଲେ । ଧୀରେ ଧୀରେ ଏଲ୍.ପି.କୁ ୟୁ.ପିରେ ପରିଣତ କରିବା ପାଇଁ ଚେଷ୍ଟା ଚାଲିଲା । ତାର ମାନଦଣ୍ଡ ପରୀକ୍ଷା କରିବା ପାଇଁ ଆସିଥିବା ସରକାରୀ ଅଧିକାରୀମାନେ ସେଠାରେ ୟୁ.ପି. ସ୍କୁଲ୍ ନହୋଇ ସେଠାରୁ ପ୍ରାୟ ୧୫କି.ମି. ଦୂର ଶାଳଚୁଆ (ସୋନ ଡ୍ୟାମ୍ ନିକଟସ୍ଥ) ଠାରେ ହେବା ପାଇଁ ସୁପାରିଶ୍ କଲେ । ବେଣୁଧର ସିଧା ସେତେବେଳର ଶିକ୍ଷାମନ୍ତ୍ରୀ ଲିଙ୍ଗରାଜ ପାଣିଗ୍ରାହୀଙ୍କ ପାଖକୁ ଟେଲିଗ୍ରାମ୍ କରିବା ପରେ ସେପଟୁ ଆଦେଶ ପାଇ ସ୍କୁଲ୍ ଇନିସ୍‌ପେକ୍ଟର ମହେଶ୍ୱର ଜେନା ଏବଂ ଡିଆଇ ମହୋଦୟ ତୁରନ୍ତ ବଡ଼ଖଲାଡ଼ି ଠାରେ ୟୁ.ପି.ସ୍କୁଲ୍ ପାଇଁ ମାନ୍ୟତା ପ୍ରଦାନ କଲେ । ଏହି ୟୁ.ପି.ସ୍କୁଲ୍‌ର ମାନ୍ୟତା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଏବଂ ଆନୁଷଙ୍ଗିକ ପାଠ୍ୟ ସରଞ୍ଜାମ, ଯଥା- ଗ୍ଲୋବ୍, କଳାପଟା, ଲାଇବ୍ରେରୀ ବହି, ମାନଚିତ୍ର ଇତ୍ୟାଦି ବେଣୁଧର ବେହେରା ନିଜ ପକେଟରୁ ଖର୍ଚ୍ଚକରି ଦାନ କରିଥିଲେ ।

କିଛିଦିନ କପ୍ତିପଦା ହାଇସ୍କୁଲ୍‌ରେ ରହିବା ପରେ ୧୯୪୬ ମସିହାରେ ବାଲେଶ୍ୱର ଫକୀରମୋହନ କଲେଜ୍‌ରେ ଆଇ.ଏ. ଶ୍ରେଣୀରେ ନାମ ଲେଖାଇ ସୁନହଟ୍‌ରେ ରହି ପାଠ ପଢ଼ିଲେ ବେଣୁଧର । ତାଙ୍କର ଆର୍ଥିକ ଅବସ୍ଥା ଭଲ ନଥିଲ । ତା ସାଙ୍ଗକୁ ବାରମ୍ବାର ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ପାଠ ଅଧାରୁ ଛାଡ଼ିଲେ । ପୁଣି ଫେରିଲେ କପ୍ତିପଦା ।

୧୯୪୭ ମସିହାର ପ୍ରଥମ ସ୍ୱାଧୀନତା ଦିବସ । ସେ ସମୟରେ ସେ ଥିଲେ ବାଲେଶ୍ୱରରେ । ସେଇଠି ଥାଇ ଦେଶର ପ୍ରଥମ ସ୍ୱାଧୀନତା ଦିବସ ପାଳନ କରିଥିଲେ ସେ ତାଙ୍କ ରଚିତ 'ଗାଅ ସ୍ୱାଧୀନ ଭାରତ, ସ୍ୱାଧୀନ ଭାରତ' ସଂଗୀତଟିକୁ ଗାଇ । ସହର ପରିକ୍ରମାରେ ଅନ୍ୟମାନଙ୍କ ସହିତ ଯୋଗ ଦେଇଥିଲେ ।

୧୯୪୯ ମସିହାରେ ସେ ଗଲେ କଟକ ସି.ଟି.ଟ୍ରେନିଂ ନେବାକୁ । ସେତେବେଳେ କେନ୍ଦୁଝରରୁ ସି.ଟି. ଟ୍ରେନିଂ ସ୍କୁଲ୍ କଟକ ଉଠି ଯାଇଥିଲା । ପୁଣି ଗୋଟିଏ ବର୍ଷ ପରେ କେନ୍ଦୁଝରକୁ ଫେରି ଯାଇଥିଲା ଏବଂ ସେ କେନ୍ଦୁଝରରୁ ହିଁ ସି.ଟି. ପାସ୍ କଲେ । ସି.ଟି.ପାସ୍‌ର ଫଳାଫଳ ସେତେବେଳେ ଖବରକାଗଜରେ ଘୋଷଣା କରା ଯାଉଥିଲା । ୧୯୫୧ ମସିହାରେ ସେ ଭାରତୀୟ ରେଳ ବିଭାଗରେ ଶିକ୍ଷକତା କରିବା ପାଇଁ ଏକ କଲ୍ ଲେଟର୍ ପାଇଲେ । ସାକ୍ଷାତକାର ଦେବାକୁ ବାଲେଶ୍ୱରରୁ କଟକ ଅଭିମୁଖେ ରେଳଗାଡ଼ିରେ ଯାଉଥାନ୍ତି । ନୟାବଜାରରୁ ଏକ ଖବରକାଗଜ କିଣି ଟ୍ରେନ୍‌ରେ ପଢୁଥିବା ବେଳେ ଦେଖିଲେ ଯେ ସେ ସାରା ଓଡ଼ିଶାରେ ପ୍ରଥମ ଡିଭିଜନରେ ପ୍ରଥମ ସ୍ଥାନ ଅଧିକାର କରି ସି.ଟି ପାସ୍ କରିଥିବା ଖବର ପ୍ରକାଶ ପାଇଛି । ରେଳ ବିଭାଗର ସାକ୍ଷାତ୍‌କାରରେ ଉତ୍ତୀର୍ଣ୍ଣ ହୋଇ ସେ ଖୋର୍ଦ୍ଧା ରେଳ ଡିଭିଜନ୍‌ରେ ଖୋର୍ଦ୍ଧା ଠାରେ Indian M.E.School ରେ ଶିକ୍ଷକତା କଲେ । ସେଠାରେ ସେ ସାତବର୍ଷ ଶିକ୍ଷକତା କଲା ପରେ ଗାଁର ଉନ୍ନତି ପାଇଁ ତଥା ଗାଁରେ ସ୍କୁଲ୍ ଖୋଲିବା ପାଇଁ ବ୍ୟତିବ୍ୟସ୍ତ ହୋଇ ୧୯୫୮ ମସିହାରେ ସରକାରୀ ଶିକ୍ଷକତାକୁ ପ୍ରତ୍ୟାଖ୍ୟାନ କରି ବଡ଼ଖଲାଡ଼ିକୁ ଫେରି ଆସିଲେ ।

ଏହିଠାରୁ ତାଙ୍କ ଜୀବନର ଦ୍ୱିତୀୟ ଏବଂ ଗୁରୁତ୍ୱପୂର୍ଣ୍ଣ ଇନିଂସ୍ ଆରମ୍ଭ ହୋଇଥିଲା । ବଡ଼ଖଲାଡ଼ି ତଥା ପାଖ ଗାଁମାନଙ୍କର ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ସହଯୋଗରେ ସେ ଗାଁରେ ଏମ.ଇ.ସ୍କୁଲ୍‌ଟିଏ ଖୋଲିଲେ । ସେଠାରେ ନିଜେ ମଧ୍ୟ ଶିକ୍ଷକତା କଲେ । ସେହିବର୍ଷ ମୌଲାନା ଆବୁଲ୍ କାଲାମ୍ ଆଜାଦ୍‌ଙ୍କର ମୃତ୍ୟୁ ହୋଇଥିବାରୁ ତାଙ୍କରି ସ୍ମରଣାର୍ଥେ ଜାତି, ଧର୍ମ, ସମ୍ପ୍ରଦାୟ ଠାରୁ ଦୂରରେ ରହି ସ୍କୁଲ୍‌ର ନାମ 'ଆଜାଦ୍ ମଧ୍ୟ ଇଂରାଜୀ ବିଦ୍ୟାଳୟ' ରଖିଲେ । ସମସ୍ତେ ସହଯୋଗର ହାତ ବଢ଼ାଇବେ କହି ସିନା ସ୍କୁଲ୍‌ଟି ଆରମ୍ଭ କରିଦେଲେ । କିନ୍ତୁ କେହି ଆଉ ତାପରେ ସହଯୋଗ କଲେନାହିଁ । ବେଣୁଧର ହୋମିଓପାଥି ଡାକ୍ତରୀ ଶିକ୍ଷା ମଧ୍ୟ କରିଥା'ନ୍ତି । ତେଣୁ ସେ ଶିକ୍ଷକତା ସାଙ୍ଗକୁ ବାଲେଶ୍ୱରରୁ ଔଷଧ ଆଣି ବିକ୍ରିକରି ସେଥିରୁ ମିଳୁଥିବା ଲାଭାଂଶରେ ସ୍କୁଲ୍ ଚଳାଇଲେ । ଅନ୍ୟ ଶିକ୍ଷକମାନଙ୍କର ପାରିତୋଷିକ ତଥା ସ୍କୁଲ୍‌ର ଆନୁଷଙ୍ଗିକ ଖର୍ଚ୍ଚ, ଶ୍ରେଣୀଗୃହ ତଥା ଛାତ୍ରାବାସ ନିର୍ମାଣ ପାଇଁ ମଧ୍ୟ ସିଂହଭାଗ ଖର୍ଚ୍ଚ ସେହି ହୋମିଓପାଥି ଔଷଧ ବିକ୍ରିରୁ ମିଳୁଥାଏ ।

ଏହାପରେ ଗାଁରେ ଉଚ୍ଚ ବିଦ୍ୟାଳୟଟିଏ ପାଇଁ ସେ ଅଣ୍ଟା ଭିଡ଼ିଲେ । ଆଖପାଖ ଗାଁର କିଛି ବଦାନ୍ୟ ତଥା ସମଭାବାପନ୍ନ ବ୍ୟକ୍ତିଙ୍କ ସହାୟତାରେ ଶେଷରେ ୧୯୬୪ ମସିହାରେ ବଡ଼ଖଲାଡ଼ି ଠାରେ ଜବାହରଲାଲ୍ ନେହେରୁ ଉଚ୍ଚ ବିଦ୍ୟାଳୟର ଶୁଭାରମ୍ଭ କଲେ । ଏମ୍.ଇ. ସ୍କୁଲ୍‌ର ଶ୍ରେଣୀଗୃହ, ଛାତ୍ରାବାସ ତଥା ଅଫିସ୍ ଆଦି ଦେଖାଇ ତଦନ୍ତକାରୀ ଅଫିସର୍‌ଙ୍କ ସୁପାରିଶ କରାଇନେଲେ । ସ୍କୁଲ୍ ଚାଲିବା ପାଇଁ ପୁଣି ଶ୍ରେଣୀଗୃହ ତଥା ଅଫିସ୍ ଘର ନିତାନ୍ତ ଜରୁରୀ । ତେଣୁ ନିକଟସ୍ଥ ଜଙ୍ଗଲରୁ କାଠ ଆଣି, ଗେଙ୍ଗୁଟିପଥର ସଂଗ୍ରହ କରି ପୋଡ଼ି ସେଥିରୁ ଚୂନ ତିଆରି କରି, ଇଟା ପୋଡ଼ି ପକ୍କାଘର ତିଆରି ଚାଲିଲା । ସେ ସମୟରେ ବି.ଇଡି ପାସ୍ ଶିକ୍ଷକ ମିଳିବା କଷ୍ଟକର ଥିଲା । ପ୍ରଥମେ ମାସକ ପାଇଁ ବାଲେଶ୍ୱର





## ତାଙ୍କର ନିଆରା ପ୍ରଶିକ୍ଷଣ ଶୈଳୀ ବିରଳ

ଆମ ଅଞ୍ଚଳରେ ଶିକ୍ଷା କହିଲେ ବେଣୁଧର ସାର୍‌ଙ୍କୁ ବୁଝାଏ । ସେ ନିଜର ସୁଖସ୍ୱାଚ୍ଛନ୍ଦ୍ୟ ତଥା ଜୀବନର ମୂଲ୍ୟବାନ ମୁହୂର୍ତ୍ତକୁ ଆମ ଭଳି ନିଃସ୍ୱ, ଅବହେଳିତ ବ୍ୟକ୍ତିଙ୍କର ସାମାଜିକ ଉତ୍‌ଥାନ ନିମନ୍ତେ ଉତ୍ସର୍ଗ କରିନଥିଲେ ଶିକ୍ଷାର ଅବସ୍ଥା ଆଜି ଏପରି ହୋଇନଥାନ୍ତା । ତାଙ୍କର ନିଆରା ପ୍ରଶିକ୍ଷଣ ଶୈଳୀ ତଥା ସର୍ବଦା ଛାତ୍ରଛାତ୍ରୀଙ୍କ ଗହଣରେ ରହି ସେମାନଙ୍କୁ ଭଲ ମଣିଷ ହେବାକୁ ଦେଉଥିବା ଶିକ୍ଷା ଯୋଗୁଁ ଅନେକ ଛାତ୍ରଛାତ୍ରୀ ନିଜ ଜୀବନର ବାସ୍ତବ ପରିଚୟ ପାଇଛନ୍ତି ।

**ଡକ୍ଟର ପରିତୋଷ ମହାନ୍ତି**

**ଆସୋସିଏଟ୍ ପ୍ରଫେସର୍, ରସାୟନ ବିଜ୍ଞାନ ବିଭାଗ, ଆଇଆଇଟି, ରୁର୍‌କୀ**

ଜିଲ୍ଲାର କାହ୍ନୁଚରଣ ଶତପଥି (ପ୍ରଧାନ ଶିକ୍ଷକ) ଏବଂ ସୋମନାଥ ହାତୀ, ତା'ପରେ ପ୍ରଧାନ ଶିକ୍ଷକ ହିସାବରେ ବର୍ତ୍ତମାନ ବାଲେଶ୍ୱର ଅଙ୍ଗାରଗଡ଼ିଆ ନିବାସୀ ଯଦୁନାଥ ମହାନ୍ତି, ଗୌରାଙ୍ଗ ଆଚାର୍ଯ୍ୟ ତଥା ପରେ ପରେ ଭଦ୍ରକର ରବିନାରାୟଣ ଆଚାର୍ଯ୍ୟଙ୍କୁ ଆଣି ସ୍କୁଲ୍ ପରିଚାଳନା ସୁରୁଖୁରୁରେ ହେଲା । ଶେଷରେ ଏହି ଉଚ୍ଚ ବିଦ୍ୟାଳୟଟି ଏମିତି ଚାଲିଲା ଯେ, ବହୁ ଦୂର ଦୂରାନ୍ତରରୁ ପିଲାମାନେ ସେଠାରେ ରହି ପାଠ ପଢ଼ିଲେ । କ୍ରମଶଃ ଏହା ହୋଇ ଉଠିଲା ମୟୂରଭଂଜ ଜିଲ୍ଲାର ଏକ ପ୍ରମୁଖ ଅଗ୍ରଣୀ ଶିକ୍ଷାନୁଷ୍ଠାନ ।

ବେଣୁଧରଙ୍କ ସ୍ୱପ୍ନରେ କିନ୍ତୁ ପଡ଼ିନଥାଏ ଭଟ୍ଟା । ନିଜ ଅଞ୍ଚଳରେ ଏକ ମହାବିଦ୍ୟାଳୟ ନିର୍ମାଣର ସ୍ୱପ୍ନ ଦେଖୁଥାନ୍ତି ସେ । ଆଜାଦ୍ ମ.ଇ. ସ୍କୁଲ୍‌ର ପ୍ରଧାନଶିକ୍ଷକ ଥାଇ ବି ହୋମିଓପାଥି ଚିକିତ୍ସା ସେ ଛାଡ଼ିନଥାନ୍ତି । ସେଥିରୁ ମିଳୁଥିବା କିଞ୍ଚିତ୍ ଅର୍ଥ, ନିଜ ଦରମା, ତଥା ଆଖପାଖ ଅଞ୍ଚଳର ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ନୂଆସାହି ଠାରେ ଏକ କଲେଜ୍ ଖୋଲିବା ପାଇଁ ଆରମ୍ଭ ହେଲା ତାଙ୍କର ଉଦ୍ୟମ । ନିଜେ ଆଖପାଖ ଗାଁ ସବୁ ବୁଲିଲେ ଅର୍ଥ ପାଇଁ । ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତିଙ୍କ ଠାରୁ ଅର୍ଥରାଶି ସଂଗ୍ରହ କରିବା କାମରେ ଲାଗିଲେ । ସଫଳ ମଧ୍ୟ ହେଲେ । ପ୍ରଥମେ ମାଟିଘର ତିଆରି କରି ଆରମ୍ଭ କଲେ କଲେଜ । ସେ ସମୟରେ ଏବଂ ଆଜି ବି ପ୍ରତିବର୍ଷ ବେଣୁଧର ସାର୍ ନିଜ ଖର୍ଚ୍ଚରେ 'ରଜଦୋଳି ଗୀତ' ନାମରେ ଏକ ଛୋଟ ଗୀତିପୁସ୍ତିକା ପ୍ରକାଶନ କରନ୍ତି । ସେହି ରଜଦୋଳି ଗୀତ ବହିଟିଏ ଧରି ୧୯୮୫-୮୬ ମସିହାରେ ଏମ୍.ଇ.ସ୍କୁଲ୍‌ରେ ପଢୁଥିଲା ବେଳେ ବେହେରା ସାର୍‌ଙ୍କ ସହିତ ଗାଁ ଗାଁ ବୁଲି ଗୀତ ଗାଇଗାଇ କଲେଜ ପାଇଁ ଅର୍ଥ ଆଦାୟ କରିବାର ସେ ସ୍ମୃତି ମୋ ଭିତରେ ସାଇତା ହୋଇ ରହିଛି ।

ଯାହା ବି ହେଉ, ଆଞ୍ଚଳିକ ସମର୍ଥନ, ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ତଥା ଆର୍ଥିକ ସହାୟତା ଏବଂ ବେଣୁଧର ବେହେରାଙ୍କ ଦୃଢ଼ ଇଚ୍ଛାଶକ୍ତି ବଳରେ ଶେଷରେ 'କପ୍ତିପଦା କଲେଜ' ନିର୍ମିତ ହେଲା । ସ୍ୱପ୍ନ ସାକାର ହେଲା ଜଣେ ସ୍ୱପ୍ନଭୁକ୍ ମଣିଷର । ୧୯୮୬ ମସିହାରେ ପ୍ରତିଷ୍ଠିତ ଏହି କଲେଜଟି ଏବେ ଡିଗ୍ରୀ କଲେଜର ମାନ୍ୟତା ପାଇ ପୁରା ଦମ୍‌ରେ ଚାଲୁଛି ।

ବେଣୁଧରଙ୍କ ବ୍ୟକ୍ତିତ୍ୱ ବିଶା, । କେବଳ ସମାଜସେବା ନୁହେଁ, ଶିକ୍ଷାନୁଷ୍ଠାନ ଗଢିବା ସହିତ ଅନେକାନେକ ମହତ କାର୍ଯ୍ୟର ସେ ଜଣେ ନିରଳସ ସୂତ୍ରଧର । ତାଙ୍କର ବାସ୍ତବ ଜୀବନଶୈଳୀ ଓ ସେଇସବୁ ମହତ ଗୁଣ ବିଷୟରେ ନଜାଣିଲେ ତାଙ୍କର ସାମଗ୍ରିକ ବ୍ୟକ୍ତିତ୍ୱର ଅନୁଶୀଳନ ଅଧୁରା ମନେହେବ ।

ଶସ୍ତା ଲୋକପ୍ରିୟତା ଓ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ବେଣୁଧର ବେହେରା ଜଣେ ସଚ୍ଚା ଗାନ୍ଧିବାଦୀ ବ୍ୟକ୍ତି । ଆଜୀବନ  ଖଦଡ଼ ଓ ଧୋତି ପିନ୍ଧନ୍ତି ସେ । ମହାତ୍ମାଗାନ୍ଧୀଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଭିନ୍ନ ଗଠନମୂଳକ ତଥା ସଂସ୍କାରମୂଳକ ଶିକ୍ଷା ନିଜ ଛାତ୍ରଛାତ୍ରୀଙ୍କୁ ସବୁବେଳେ ଦେଇଥାନ୍ତି । ନିଜ ଘର ଠାରୁ ଆଜି ପର୍ଯ୍ୟନ୍ତ ମଧ୍ୟ ସେ ସବୁବେଳେ ଦୂରରେ ରୁହନ୍ତି । ଏମ.ଇ. ସ୍କୁଲ୍‌ରେ ଯୋଗଦେବା ପର ଠାରୁ ସେ ସ୍କୁଲ୍‌ରେ ହିଁ ସଂସାରୀ ସାଧୁଭଳି ଜୀବନ ଯାପନ କରି ଆସୁଥିଲେ । ହଷ୍ଟେଲ୍‌ରେ ଛାତ୍ରଛାତ୍ରୀଙ୍କୁ ରାତିରୁ ଉଠେଇ ପାଠ ପଢ଼େଇବା, ହାର୍‌ମୋନିୟମ ବଜାଇ ବିଭିନ୍ନ କ୍ଲାସିକାଲ୍ ସଙ୍ଗୀତ ଶିକ୍ଷା ଦେବା, ପିଲାଙ୍କ ଗହଣରେ ରାତ୍ରୀ ଯାପନ କରିବା ଥିଲା ତାଙ୍କର ଦୈନନ୍ଦିନ କାର୍ଯ୍ୟ । ନିଜ ଘରସଂସାର କଥା ସେ ତାଙ୍କ ଧର୍ମପତ୍ନୀଙ୍କ ଉପରେ ଛାଡ଼ି ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କୁ ନିଜ ପକେଟ୍‌ରୁ ଖର୍ଚ୍ଚ କରି ଖାତା, ବହି, ଅନ୍ୟାନ୍ୟ ପାଠ୍ୟ ସାମଗ୍ରୀ ଆଦି କିଣି ଦେବା ସହ ସେମାନଙ୍କୁ ମାଗଣାରେ ହୋମିଓପାଥି ଔଷଧ ଦେଉଥିଲେ । ବଡ଼ବଡ଼ ସହରର ଜୀବନଚର୍ଯ୍ୟା ବିଷୟରେ ଜଣେଇବା ପାଇଁ ମଝିରେ ମଝିରେ ପିଲାମାନଙ୍କୁ ସାଙ୍ଗରେ ନେଇ ବାରିପଦା, ବାଲେଶ୍ୱର, କଟକ, ଭୁବନେଶ୍ୱର ଆଦି ସ୍ଥାନରୁ ବୁଲେଇ ଆଣୁଥିଲେ । ସବୁବେଳେ ପିଲାଙ୍କ ଗହଣରେ ରହିବା, ପିଲାମାନଙ୍କୁ ବିଭିନ୍ନ ଉଦାହରଣ ମାଧ୍ୟମରେ ଶିକ୍ଷାଦେବା, ସରସ୍ୱତୀ






## ସରଳତାର ମୂର୍ତ୍ତିମନ୍ତ ପ୍ରତୀକ ସେ

ସରଳତାର ମୂର୍ତ୍ତିମନ୍ତ ପ୍ରତୀକ ମୋ ବଡ଼ଭାଇ । ଆମ ପାଞ୍ଚ ଭାଇ ଓ ଦୁଇ ଭଉଣୀଙ୍କ ମଧ୍ୟରେ ସେ ଜ୍ୟେଷ୍ଠ ଓ ମୁଁ କନିଷ୍ଠ । ପିଲାଟି ଦିନରୁ ତାଙ୍କ ସହିତ ବହୁତ ବୁଲିଛି, ଢେର୍ କଥା ଜାଣିଛି ଓ ଶିଖିଛି ମଧ୍ୟ । ରେଳବାଇ ବିଭାଗର ମୋଟା ବେତନଯୁକ୍ତ ସରକାରୀ ଚାକିରିର ମୋହ ଓ ଚାକଚକ୍ୟ ପୂର୍ଣ୍ଣ ସହରୀ ସଭ୍ୟତାର ଆକର୍ଷଣ ପରିହାର କରି ନିପଟ ମଫସଲ ଆମ ଅଞ୍ଚଳର ଶିକ୍ଷା ଓ ସଭ୍ୟତାର ଆଲୋକ ବର୍ତ୍ତିକା ସାଜିଛନ୍ତି ତାହା ବଡ଼କଥା ।

**ଜୟଚନ୍ଦ୍ର ବେହେରା**
**ସାନଭାଇ ତଥା ସେବା ନିବୃତ୍ତ ପ୍ରଧାନ ଶିକ୍ଷକ**

## ସେ ହିଁ ମୋ ଜୀବନର ମୋଡ଼ ବଦଳାଇଛନ୍ତି

ମୋ ମତରେ ବେଣୁଧର ସାର୍ ହେଉଛନ୍ତି ଜଣେ ଉତ୍ତମ ଶିକ୍ଷକ, ଯିଏକି ସାମାଜିକ ସ୍ତରରେ ଅବହେଳିତ ମାନଙ୍କ ଉତ୍‌ଥାନ ତଥା ଶିକ୍ଷାର ପ୍ରସାର ପାଇଁ ନିଃସ୍ୱାର୍ଥପର ଭାବରେ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ । ଆମେ ଯଦି ଆଜି ଏକ ସୁସ୍ଥ ଶୈକ୍ଷିକ ବାତାବରଣ ଦେଇ ଗତି କରୁଥାଉଁ, ତେବେ ତାର ପ୍ରକୃତ ସ୍ଥପତି ହେଉଛନ୍ତି ବେଣୁଧର ସାର୍ । ମୁଁ ଆଜି ଯାହା ବି କିଛି ସଫଳତା ପାଇପାରିଛି, ତାହା କେବଳ ତାଙ୍କରି ଯୋଗୁଁ ସମ୍ଭବ ହୋଇଛି । ସେ ନଥିଲେ ମୋ ଜୀବନର ମୋଡ଼ ହୁଏତ ଭିନ୍ନ ହୁଅନ୍ତା ।

**ଭାଗବତ ବେହେରା**
**ସେବା ନିବୃତ୍ତ ଇଞ୍ଜିନିୟର, ଭାରତୀୟ ବାୟୁସେନା, ବାଲେଶ୍ୱର**

ପୂଜା ଉପଲକ୍ଷେ ନିଜ ନିର୍ଦ୍ଦେଶନାରେ ପିଲାଙ୍କୁ ନେଇ ଡ୍ରାମା କରିବା, ଖେଳକୁଦ ତଥା ବିଭିନ୍ନ ପ୍ରକାର ସହ-ପାଠ୍ୟଖସଡ଼ା କାର୍ଯ୍ୟକ୍ରମ ମାଧ୍ୟମରେ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶରେ ସଦା ବ୍ରତୀ ଥିବା ଏକ ବିରଳ ମଣିଷ ଥିଲେ ସେ ।

ଶାନ୍ତ, ସରଳ, ଅମାୟିକ । ଛନ୍ଦହୀନ ଓ ନିଷ୍କପଟ ବ୍ୟକ୍ତିତ୍ୱ । ଏପରି ମଣିଷ ଆଜିର ସମୟରେ ଦୁର୍ଲ୍ଲଭ । ତାଙ୍କର ଉତ୍ସର୍ଗୀକୃତ ମନୋଭାବ, ସମାଜସେବା, ଛାତ୍ରବତ୍ସଳତା, ଉତ୍ତମ ଶିକ୍ଷକତା, ସର୍ବୋପରି ଉତ୍ତମ ମାନବିକତା ପାଇଁ ଓଡ଼ିଶାର ମହାମହିମ ରାଜ୍ୟପାଳ ଫାରୁକ୍‌ଅଲ୍ଲି ଅହମଦଙ୍କ କରକମଳରୁ ୧୯୭୦ ମସିହାରେ 'ରାଜ୍ୟପାଳ ପୁରସ୍କାର' ପାଇଛନ୍ତି ସେ । ଆତ୍ମପ୍ରଚାର ବିମୁଖ ବେଣୁଧର ପ୍ରଶଂସା ଠାରୁ ଦୂରରେ ରହି ନିଜ ପରିବାରର ସ୍ୱାର୍ଥକୁ ବି ଅଣଦେଖା କରି ପାରିଛନ୍ତି- ଏହା ଏକ ଦୃଷ୍ଟାନ୍ତ । ଜୀବନରେ ମଣିଷ ପରି କିଛି ମଣିଷ ତିଆରି କରି ସତରେ ସେ ଆତ୍ମସନ୍ତୋଷ ଲାଭ କରିଛନ୍ତି ।

ପତ୍ନୀ, ଚାରି ଝିଅ ଓ ଦୁଇ ପୁଅଙ୍କୁ ନେଇ ତାଙ୍କ ପରିବାର । ଗୋଟିଏ ଦିନରେ ଚାରିଜଣ ଝିଅର ବିବାହ କରାଇ ଅଶୀ ଦଶକରେ ସେ ଚର୍ଚ୍ଚାରେ ଥିଲେ । ଜ୍ୱାଇଁମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ବାଲେଶ୍ୱରର ସପନ ସେନ, ଅନ୍ୟ ଜଣେ ନୂଆସାହି ଠାରେ ଅବସ୍ଥାନ କରୁଥିବା ସୁଲେଖକ ବସନ୍ତ ରାଉଳ । ନବେ ବର୍ଷ ବୟସ୍କ ବେଣୁଧର ବର୍ତ୍ତମାନ ତାଙ୍କର ଜଣେ ଝିଅ ଘରେ ନୂଆସାହି ଠାରେ ରହି ଜୀବନ ସହିତ ସଂଗ୍ରାମରତ ।

ମୋ ଭାଷା

# ନାଟକର ନିୟତି



# ନନା, ମୁଁ ଆଉ ଆମ ଗପ ଚର୍ଚ୍ଚା


## ଅନିନ୍ଦିତା ପାଣିଗ୍ରାହୀ

'ମୁଁ ଆମ୍ଭେ ଆମ୍ଭେମାନେ', ପ୍ଲଟ୍ ନଂ-୧୦୫, ରସୁଲଗଡ଼
ଭୁବନେଶ୍ୱର- ୭୫୧୦୧୦
ଫୋନ : ୯୪୩୮୬୪୫୧୧୧


ଫଟୋ ସୌଜନ୍ୟ : ଲେଖିକା



ଝିଅ ଅନିନ୍ଦିତା ପାଣିଗ୍ରାହୀ

ସନ୍ଧ୍ୟା ହେଲେ ମୁଁ ଗପ ନେଇ ନନାଙ୍କ ପାଖରେ ଯାଇ ବସିପଡ଼େ । ଅବଶ୍ୟ ମୋ ବାହାଘର ପରେ ସେଇଟା ଟିକେ କମି ଯାଇଛି । ତଥାପି ଯେତେବେଳେ ଘରକୁ ଯାଏ, ସେ ସୁଯୋଗ ଛାଡ଼େନି । ଦୁହେଁ ଗପ ପିଉ ଓ ଦୁନିଆ ଯାକର କଥା ଗପୁ । ସାହିତ୍ୟ ଚର୍ଚ୍ଚାରୁ ଆରମ୍ଭ କରି ଘର ପରିବାର ଓ ଜୀବନ ଚର୍ଚ୍ଚା ବି ଚାଲେ । ସେତେବେଳେ ଲାଗେନି ମୁଁ ମୋ ନନାଙ୍କ ପାଖେ ବସିଛି ବୋଲି । ନନା ଯଦି କିଛି ନୂଆ ନାଟକ ହେଉ କି ପ୍ରବନ୍ଧ ହେଉ କି କିଛି ବି ନୂଆ ଲେଖିଥାନ୍ତି, ମତେ ସେତେବେଳେ କହନ୍ତି ପଢ଼୍ । ପଢ଼ି ସାରିଲା ପରେ ପଚାରିବେ, "ଠିକ୍ ଲାଗୁଛି ?" ମୁଁ ବା କିଏ ନନାଙ୍କ ଲେଖାକୁ ତର୍ଜମା କରିବାକୁ ? ତଥାପି ସିଏ କାହିଁକି ପଚାରନ୍ତି କେଜାଣି ? ପ୍ରାୟ ସବୁ ନାଟକ ମୁଁ ତାଙ୍କର ପଢ଼ିଛି, ପଢ଼ିଲା ବେଳେ ଲାଗେ ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀ, ମୋ ନନା ଆଉ ସାରା ଓଡିଶା ଯେଉଁ ରମେଶ ପ୍ରସାଦ ପାଣୀଗ୍ରାହୀଙ୍କୁ ଜାଣିଛି ତା ଭିତରେ କେତେ ପାର୍ଥକ୍ୟ ଅଛି ।

ହଁ, ସେ ମୋ ନନା । ମୋ ବାପା । ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀ । କିଏ କହେ ସେ ମହାନାଟକର ମହାନାୟକ ତ କିଏ କହେ ସେ ଲିଭିଙ୍ଗ୍ ଲେଜେଣ୍ଡ୍ ତ ଆଉ କିଏ କହେ ସେ ଓଡ଼ିଆ ନାଟ୍ୟଜଗତର ଭୀଷ୍ମ ପିତାମହ । ହେଲେ ମୋ ପାଇଁ ସେ କେବଳ ବାପା । ମୋ ବାପା । ସେ ମୋ ଆଦର୍ଶ, ସେ ମୋ ସୁପର୍ ହିରୋ । ବେଳେ ବେଳେ ଲାଗେ ନାଟ୍ୟକାର ରମେଶ ପାଣିଗ୍ରାହୀଙ୍କ ଦୁଇଟି ଚେହେରା ଅଛି । ଗୋଟିଏ : ଯାହା ସାରା ଦୁନିଆ ଦେଖିଛି । ଆରଟି: କେବଳ ସେଇମାନେ ଦେଖିଛନ୍ତି, ଯେଉଁମାନେ ଅତି ନିକଟରୁ ତାଙ୍କ ହୃଦୟକୁ ପଢ଼ିଛନ୍ତି । ଉପରୁ ସେ ଯେତିକି ଶକ୍ତ ଦିଶନ୍ତି, ଭିତରୁ ସେ ସେତିକି ନରମ । ସତେକି ମହମବତୀ !

ନନା କହନ୍ତି: "ଲେଖିଲାବେଳେ ମୁଁ ନିଜେ ଜଣେ ସମ୍ରାଟ୍ । ମୁଁ ଯେଉଁଠି ଆକାଶର ପବନ ପରି, ମୁଁ ଯେଉଁଠି ସମୁଦ୍ରର ତରଙ୍ଗ ପରି, ଅଭ୍ୟନ୍ତରୀଣ ମଣିଷକୁ ଯେଉଁଠି ମୁଁ ସମ୍ପୂର୍ଣ୍ଣ ଅଜାଡ଼ି ଦେଇପାରିବି, ସେତିକିବେଳେ ମୁଁ ଖୁସି ଅନୁଭବ କରେ ।"

ଆଶ୍ଚର୍ଯ୍ୟ ଲାଗେ ବେଳେବେଳେ ତାଙ୍କର ଏ ଦମ୍ଭ, ଦୃଢୋକ୍ତି ଓ ସାହସ ଦେଖି । ଚଉଷଠି ବର୍ଷର ସୃଜନଯାତ୍ରାରେ ଆଜି ବି ଜାରି ଅଛି ତାଙ୍କ ସାଧନା । ନିଜ ସାଧନାରେ ସେ ଅପରଜେୟ । ହାରି ନାହାନ୍ତି । କାରଣ ସେ କହନ୍ତି "ମୋ ସାହିତ୍ୟ ସଂଗ୍ରାମରେ ବିରତି ନାହିଁ ।" ପଚସ୍ତରୀ ବର୍ଷ ବୟସରେ ବି ତାଙ୍କର ଅସୀମ ଧୈର୍ଯ୍ୟ । କିଛି ନୂଆ ଲେଖିବାର ସ୍ୱପ୍ନ ଆଜି ବି ସେ ଦେଖନ୍ତି ।

ଆମ ଘରେ ନନାଙ୍କ ପଢ଼ାରୁମ୍‌ଟି ଗୋଟିଏ ମିନି ଲାଇବ୍ରେରୀର ଭ୍ରମ ସୃଷ୍ଟି କରେ । ଏଇଥିପାଇଁ କି ନୁହେଁ ଯେ ପଢ଼ାରୁମ୍‌ଟି ବହୁତ ବଡ଼, ବରଂ ଏଇଥିପାଇଁ ଯେ ସେ ଦେଶ ସାରା ବୁଲି ବୁଲି ବିଭିନ୍ନ ଲାଇବ୍ରେରୀରୁ ଷ୍ଟଡି ମେଟେରିଆଲ୍ ସଂଗ୍ରହ କରିଛନ୍ତି । ଦେଶବିଦେଶର ବହୁ ପ୍ରତିଷ୍ଠିତ ଲେଖକଙ୍କ ବହି, ଜୀବନୀ ସବୁ ସଂଗ୍ରହ କରି ସାଇତି ରଖିଛନ୍ତି । ସବୁବେଳେ ମତେ କହିବେ, "ଝିଅ ଏ ରୁମ୍, ଏ ଲାଇବ୍ରେରୀ ତୋର, ଯାକୁ ସମ୍ଭାଳିବୁ ।" ଆଉ ନନା ଯେତେବେଳେ ପଢ଼ାରୁମ୍‌ରେ ବସନ୍ତି, ସେତେବେଳେ


ସପତ୍ନୀକ ରମେଶ ପ୍ରସାଦ ପାଣିଗ୍ରାହୀ



ସେ ବନିଯାନ୍ତି ସୃଜନଦୁନିଆର ସାଲିସ୍‌ବିହୀନ ସମ୍ରାଟ ।

ନନା ହୁଏତ ନିଜ ମେଡିସିନ୍ ଖାଇବା ଭୁଲି ଯାଇପାରନ୍ତି, ହେଲେ କେଉଁ ଥାକରେ କେଉଁ ବହି ରଖିଛନ୍ତି, ତାହା ସେ କେବେ ଭୁଲିନ୍ତିନି । ଶାରିରୀକ ଅସୁସ୍ଥତା ଯୋଗୁଁ ବହୁବାର ସେ ଡାକ୍ତରଖାନାରେ ରହିଛନ୍ତି । ବଡ଼ ବଡ଼ ଅପରେସନ୍ ବି ହେଇଛି । ହେଲେ ସେ ସମୟରେ ବି ସେ ତାଙ୍କ ସାହିତ୍ୟ ସଂଗ୍ରାମରେ ବିରତି ନେଇ ନାହାନ୍ତି । ୨୦୧୪ ମସିହାରେ ତାଙ୍କର ପେସ୍ ମେକର୍ ଲାଗିଲା, ଅପରେସନ୍ ପରେ ଆଇସିୟୁରେ ଥାଆନ୍ତି ସେ । ସମସ୍ତେ ଆମେ ମଝିରେ ମଝିରେ ଯାଇ ଦେଖା କରୁ । ମୁଁ ଥରେ ଯାଇଥାଏ ଦେଖା କରିବାକୁ । ତାଙ୍କୁ ବେଶୀ କଥା କହିବାକୁ ମନା ଥିଲା ସେତେବେଳେ । ମତେ ପାଖକୁ ଡାକିକି କ୍ଷୀଣ ସ୍ୱରରେ କହିଲେ, "ମୋ ପଢ଼ା ରୁମ୍‌କୁ ଯିବୁ । ମୁଁ ଯେଉଁଠି ବସେ  ତା ବାମ ପଟେ ଯେଉଁ ଆଲମିରା ଅଛି, ତାର ଦ୍ୱିତୀୟ ଥାକର ଡାହାଣ ପଟେ Eric Berneଙ୍କ Games People Play ନାମରେ ଏକ ବହି ଅଛି, ସେଇଟା ଆଉ ମୋ ଚଷମାଟା ଆଣିଦବୁ ।" ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସେତେବେଳେ ଭାରି ଖରାପ ଥିଲା । ଆଇସିୟୁ ବାହାରକୁ ଆସିଲି, ଆଖିର ଲୁହକୁ ଚାପି ରଖି ସିଧା ଘରକୁ ଦୌଡିଲି । ବାଟ ସାରା ଭାବୁଥାଏ, ନନା ଏ ଅବସ୍ଥାରେ ବି ବହିପଢ଼ିବା କଥା ଭାବି ପାରୁଛନ୍ତି ! ତାଙ୍କର ଏଇ ଧୈର୍ଯ୍ୟ, ଇଚ୍ଛାଶକ୍ତି ଓ ମନୋବଳ ସବୁବେଳେ ମତେ ଜୀବନରେ ପ୍ରେରଣା ଦେଇଛି । ଦେଉଥିବ ବି । ତଳେ ପଡି ପୁଣି ଉଠିବାର ଶକ୍ତି ସମସ୍ତଙ୍କ ପାଖରେ ନଥାଏ ।

ନନା ଆମ ଚାରି ଭାଇ ଭଉଣୀଙ୍କୁ ଯଥେଷ୍ଟ ସ୍ୱାଧୀନତା ଦେଇଛନ୍ତି । କେବେ ନିଜ ଇଚ୍ଛା ଆମମାନଙ୍କ ଉପରେ ଲଦି ଦେଇନାହାନ୍ତି । ନା ସ୍ୱପ୍ନ ଦେଖିବାକୁ






ଅଟକେଇଛନ୍ତି, ନା ସ୍ୱପ୍ନ ପୁରା କରିବାରେ ବାଧା ଦେଇଛନ୍ତି । ତେବେ ଏସବୁ ଭିତରେ ସବୁ ସମୟରେ ନନା ନିରବରେ ମୋ ସପକ୍ଷରେ ଠିଆ ହୋଇଛନ୍ତି । (ଅବଶ୍ୟ ଏଥିପାଇଁ ଅନେକଙ୍କ ଆକ୍ରୋଶର ଶିକାର ବି ହେଇଛନ୍ତି ।)

ମୁଁ ଆଜି ପର୍ଯ୍ୟନ୍ତ ଯାହା କିଛି କରିପାରିଛି, ଯେଉଁଠି ପହଞ୍ଚିଛି କେବଳ ନନାଙ୍କ ପାଇଁ । ତାଙ୍କ ପ୍ରେରଣା, ଆଦର୍ଶ ଓ ସହଯୋଗ ମତେ ଜୀବନର ସବୁ ଝଡ଼ଝଞ୍ଜାକୁ ବେଖାତିର୍ କରି ଆଗକୁ ଆଗେଇବାକୁ ଶକ୍ତି ଦେଇଛି ।

ଏମିତି ଦିନେ ସନ୍ଧ୍ୟାରେ ଋ ପିଉ ପିଉ ନନା କହିଲେ- "ତୁ ଭୟ କରେନା । ପୃଥିବୀରେ ଯେତେ ପ୍ରକାର ଯୁଦ୍ଧ ହେଇଛି, ସବୁର ମୂଳ କାରଣ ହେଉଛି ଅସହିଷ୍ଣୁତା । ତୁ ମୋ ଝିଅ ହେଇ ଡରି ଯାଉଛୁ ? ଆଗକୁ ମାଡି ଋଲେ, ମୁଁ ତୋ ସାଥିରେ ଅଛି ।" ନନାଙ୍କ ଏଇ କେତେ ପଦ କଥା ମତେ ଜୀବନରେ ପ୍ରତିଟି ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବାର ସାହସ ଯୋଗାଇଛି ।

ମୁଁ +୨ ପରେ ଇଂରାଜୀରେ ସ୍ନାତକୋତ୍ତର ନେଇ ଭୁବନେଶ୍ୱରର ରମାଦେବୀ ମହାବିଦ୍ୟାଳୟରେ ପଢୁଥାଏ । ସେତେବେଳେ ନନା ଋକିରିରୁ ଅବସର ନେଇ ସାରିଥାନ୍ତି । କିନ୍ତୁ ମୁଁ କେମିତି ଭଲରେ ପଢ଼ିକି ନୋଟ୍ସ୍ ବନେଇବି, ସେଥିପାଇଁ ମେ' ମାସ ଡହଡହ ଖରାକୁ ଖାତିର୍ ନକରି ପ୍ରତିଦିନ ଭୁବନେଶ୍ୱରରୁ କଟକ ରେଭେନ୍ସା ମହାବିଦ୍ୟାଳୟ ଯାଇ ମୋ ପାଇଁ ରେଫରେନ୍ସ ବହି ଜେରକ୍ସ କରି ଆଣୁଥିଲେ । ନନା କେବେ ମୋ ପାଇଁ ନୋଟ୍ସ୍ ଲେଖି ଦେଉନଥିଲେ । ସେ ଋହୁଁଥିଲେ ମୁଁ ନିଜେ ପଢ଼ି ନିଜେ ନୋଟ୍ସ୍ ବନାଏ । ସେ ବରାବର କହନ୍ତି: "ଝିଅ ପଢ଼ି ଋଲେ, ପଢ଼ିଲେ ଶିଖିବୁ । ଶିଖିଲେ ଶବ୍ଦ ଗୁଡା ଆପେ ଆପେ ତୋ ମୁଣ୍ଡକୁ ଆସିଯିବ ।" ଆଜି ବି ନନା କହନ୍ତି, "ଝିଅ ପଢ଼େ । ବହି ପଢ଼ିବାର ଅଭ୍ୟାସ ଜାରି ରଖେ । କାରଣ ଶିଖିବାର କୌଣସି ବୟସ ସୀମା ନଥାଏ ।" ନନାଙ୍କୁ ଦେଖିକି ମୁଁ ବେଳେ ବେଳେ ଭାବେ କେମିତି ସେ ଘଣ୍ଟା ଘଣ୍ଟା ଏତେ ଧୈର୍ଯ୍ୟର ସହ ଚଉକିରେ ବସି ଲେଖାପଢ଼ା କରି ପାରନ୍ତି ? ଯେଉଁଦିନ ମୋ +୩ ପରୀକ୍ଷା ଫଳ ବାହାରିଥିଲା, ସେଦିନ ସବୁଠୁ ଅଧିକ ଖୁସି ନନା ହୋଇଥିଲେ, କାରଣ ମୁଁ ଫାଷ୍ଟ୍‌କ୍ଲାସ୍ Distinction ସହ ଆମ କଲେଜରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲି ।

ନନା ପଢ଼ିବାକୁ ଯେତିକି ଭଲ ପାଆନ୍ତି, ପିଲାମାନଙ୍କୁ ପଢ଼େଇବାକୁ ତା ଠୁଁ ବେଶୀ ଭଲପାଆନ୍ତି । ତାଙ୍କର ଅଧ୍ୟାପନା ସମୟର ଛାତ୍ରଛାତ୍ରୀମାନେ ଦେଖା ହେଲେ କୁହନ୍ତି, "ସାର୍‌ଙ୍କର ପଢ଼େଇବା ଷ୍ଟାଇଲ୍ ପୁରା ଅଲଗା ।" ସେ କୁଆଡ଼େ ଖୁବ୍ ମଜାଳିଆ, ନାଟକୀୟ ଢ଼ଙ୍ଗରେ କ୍ଲାସ୍‌ରେ ପଢ଼ାନ୍ତି । ସେଥିପାଇଁ ତାଙ୍କ






▲ପରିପୂର୍ଣ୍ଣ ପରିବାର : ପୁତ୍ର-ପୁତ୍ରବଧୂ, କନ୍ୟା-ଜାମାତା ଓ ନାତିନାତୁଣୀ

ଛାତ୍ରଛାତ୍ରୀମାନେ ଆଜି ବି ତାଙ୍କୁ ମନେ ପକାଇ ଘରକୁ ଚାଲିଆସନ୍ତି ମଝିରେ ମଝିରେ । ମୋର ଯେତେବେଳେ ଯେକୌଣସି ଅସୁବିଧା ହେଇଛି କି ମୁଁ ଯଦି ଟେନ୍‌ସନ୍‌ରେ ଅଛି ତ ଆଗ ଯାଇ ନନାଙ୍କୁ କହେ । ସେ ବଡ଼ବଡ଼ ସମସ୍ୟା ଗୁଡିକର ଏମିତି ସମାଧାନ କହିବେ, ଲାଗିବ ଏ'ତ କିଛି ବଡ଼ ସମସ୍ୟା ନୁହେଁ !

ଜୀବନର ଦୋ-ଛକିରେ ମୁଁ ଠିଆ ହୋଇଥିବା ବେଳେ ଦିନେ ସନ୍ଧ୍ୟାରେ ଚା ପିଉ ପିଉ ନନା ମତେ କହିଲେ, "ଜୀବନରେ ସବୁବେଳେ ତୋ ସାମ୍ନାରେ ଦୁଇଟି ରାସ୍ତା ଥିବ । ଗୋଟିଏ ରାସ୍ତା, ଯେଉଁବାଟେ ସମସ୍ତେ ଦୌଡନ୍ତି । ଆଉ ଗୋଟିଏ, ଯେଉଁ ରାସ୍ତାରେ କେହି କେବେ ଯାଇନଥିବେ । ସେହି ରାସ୍ତାରେ ବହୁତ କଣ୍ଟା, ଖାଲଢ଼ିପ ସବୁ ଆସିବ । କିନ୍ତୁ ସେଇ କଣ୍ଟା ଉପରେ ଚଢ଼ି, ରକ୍ତାକ୍ତ ହୋଇ ଖାଲଢ଼ିପ ଡେଇଁ ଯିଏ ଆଗକୁ ମାଡିଛି, ସିଏ ହିଁ ନିଜ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ଓ ଅନ୍ୟକୁ ରାସ୍ତା ଦେଖାଇ ପାରିଛି ।" ନନା କହନ୍ତି, ସେ ଜଣେ ଅଲଗା ଲେଖକ ଭାବେ ପରିଚିତ ହେବାକୁ ଚାହିଁବେ । ସମସ୍ତେ ଯାହା ଲେଖନ୍ତି, ତାହା ସିଏ ଲେଖିବେ ନାହିଁ । ଲେଖା ଯାଇଥିବା ସାହିତ୍ୟର ପୁନରାବୃତ୍ତି କରିବେ ନାହିଁ । ମୁଁ ବି ନନାଙ୍କ ଏଇ ମୂଲ୍ୟବୋଧ ଦ୍ୱାରା ଜୀବନରେ ବେଶ୍ ଅନୁପ୍ରାଣିତ । ଆଉ ସବୁବେଳେ କିଛି ଅଲଗା କରିବାର ପ୍ରୟାସ କରେ ।

ନନାଙ୍କର ଓ ମୋର ସମ୍ପର୍କକୁ କୌଣସି ଶବ୍ଦର ପରିଭାଷାରେ ପ୍ରକାଶ କରିବା ମୋ ପକ୍ଷେ ସମ୍ଭବ ନୁହେଁ । କାରଣ ଆମ ସମ୍ପର୍କ ବାପା-ଝିଅର ସମ୍ପର୍କ ଠୁଁ ବହୁ ଉର୍ଦ୍ଧ୍ୱରେ । ଆମର ଏ ଚା ଚର୍ଚ୍ଚା ଭିତରେ ନନା କେତେବେଳେ ଯେ ମୋ ହାତ ଧରି ଦୁନିଆରେ ବଞ୍ଚିବା ଶିଖେଇ ଦେଲେ ମୁଁ ନିଜେ ବି ଅନୁଭବ କରି ପାରିଲିନି । ଠିକ୍ ସୁପର୍ ହିରୋ ପରି । ନନା ତମେ ଗ୍ରେଟ୍ !



# ଜଗଦୀଶଙ୍କ କଥାଯାତ୍ରା



# ଜଗଦୀଶଙ୍କ କଥାଦୃଷ୍ଟି




**ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା**

ବି-୩୦୩, ଆକାଶଦୀପ ଆପାର୍ଟମେଣ୍ଟ, ବିବେକାନନ୍ଦମାର୍ଗ
ଭୁବନେଶ୍ୱର-୭୫୧୦୦୨
ଫୋନ : ୯୫୩୯୨୦୩୯୨୪


ଫଟୋ : ସରୋଜ ବଳ ଓ ଫେସ୍‌ବୁକ୍

ଜଗଦୀଶଙ୍କ କଥାଦୃଷ୍ଟିର ଅନନ୍ୟ ବିଶେଷତ୍ୱଟି ହେଉଛି, ସେ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସାହିତ୍ୟ ରଚନା କରିଥିବା ସମୟରେ ତାଙ୍କର ଭାବାଦର୍ଶର ସାମାନ୍ୟତମ ପରିବର୍ତ୍ତନ ବା ବିଚ୍ୟୁତି ପରିଲକ୍ଷିତ ହୋଇନାହିଁ । ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଗୋଟିଏ ଭାବାଦର୍ଶ ନେଇ ସେ ତାଙ୍କ କଥା ସାମ୍ରାଜ୍ୟ ନିର୍ମାଣ କରିଛନ୍ତି ।


- ପ୍ରଥମରୁ ହିଁ ସେ ବିଶ୍ୱ ଚେତନା ଓ ଚିନ୍ତନ ସହ ନିଜକୁ ଯୋଡ଼ିଛନ୍ତି ।
- ସାହିତ୍ୟ ସମୀକ୍ଷକମାନେ ତାଙ୍କୁ ମୁଖ୍ୟତଃ ସ୍ଥିତିବାଦୀ ଲେଖକ ଭାବରେ ଛାପ ମାରିଥାନ୍ତି ।
- ସେ ଗଳ୍ପ ଓ ଉପନ୍ୟାସ ରଚନା ସମୟରେ ସମଗ୍ର ବିଶ୍ୱରେ ସ୍ଥିତିବାଦୀ ଚେତନାକୁ ନେଇ ଆଲୋଚନା ସୃଷ୍ଟି ହୋଇଥିଲା ଏବଂ ଏହା ସର୍ଜନକଳାର ଏକ ପ୍ରମୁଖ ସ୍ରୋତ ଭାବରେ ସମସ୍ତ କଳା ଜଗତକୁ ପ୍ରଭାବିତ କରିଥିଲା ।
- ଓଡ଼ିଆ ସାହିତ୍ୟରେ ସେହି ସମୟରେ (୧୯୭୦) ସ୍ଥିତିବାଦୀ ଚେତନା ଏକ ପ୍ରମୁଖ ଧାରା ଭାବରେ ଗୃହୀତ ହୋଇନଥିଲା । ସାମାଜିକ ବାସ୍ତବତା, ଆଧ୍ୟାତ୍ମିକ ଜିଜ୍ଞାସା, ମନସ୍ତତ୍ତ୍ୱ ଓ ଯୌନାବେଗର ବିଶ୍ଳେଷଣ ଓଡ଼ିଆ ସାହିତ୍ୟର ପ୍ରମୁଖ ଧାରା ଭାବରେ ସ୍ଥାନିତ ହୋଇଥିଲା ।

ଯେଉଁ ସମୟରେ ଜଗଦୀଶ ମହାନ୍ତି ଓଡ଼ିଆ ସାହିତ୍ୟରେ ପ୍ରବେଶ କଲେ, ଓଡ଼ିଆ ସାହିତ୍ୟର ପ୍ରମୁଖ କଥାଶିଳ୍ପୀ (ସୁରେନ୍ଦ୍ର ମହାନ୍ତି, ଶାନ୍ତନୁ କୁମାର ଆଚାର୍ଯ୍ୟ, ମହାପାତ୍ର ନୀଳମଣି ସାହୁ, ଅଚ୍ୟୁତାନନ୍ଦ ପତି, ରବି ପଟ୍ଟନାୟକ, କିଶୋରୀ ଚରଣ ଦାସଙ୍କ ଠାରୁ ଆରମ୍ଭ କରି ରାମଚନ୍ଦ୍ର ବେହେରା, ତରୁଣକାନ୍ତି ମିଶ୍ର, ପଦ୍ମଜ ପାଳଙ୍କ ପର୍ଯ୍ୟନ୍ତ) ଗଣ ଥିଲେ ତାଙ୍କର ସମସାମୟିକ କଥାକାର । ଜଗଦୀଶ ଓଡ଼ିଆ କଥାସାହିତ୍ୟରେ ପ୍ରବେଶ କଲାବେଳକୁ ଗଳ୍ପ, ଉପନ୍ୟାସ, କବିତା, ନାଟକ, ସର୍ଜନାତ୍ମକ ପ୍ରବନ୍ଧ ଓ ସମାଲୋଚନାରେ ନାନା ପ୍ରକାର ପରୀକ୍ଷାନିରୀକ୍ଷା ଚାଲିଥାଏ ଓ ଓଡ଼ିଆ ସାହିତ୍ୟ ଥାଏ ଚିରଚଞ୍ଚଳ ।

ଜଗଦୀଶଙ୍କ ଆବିର୍ଭାବ ଏହି ଚଳଚଞ୍ଚଳତାକୁ ତ୍ୱରାନ୍ୱିତ କରିଥିଲା ଏବଂ ପରବର୍ତ୍ତୀ ସମୟରେ ଗଳ୍ପ, ଉପନ୍ୟାସର ସ୍ୱରୂପକୁ ପରିବର୍ତ୍ତିତ ଓ ପ୍ରସାରିତ କରିଥିଲା । ସେ ଯେଉଁ ନ୍ୟାରେଟିଭ୍ ନିର୍ମାଣ କଲେ ତାହା ଥିଲା ସଂପୂର୍ଣ୍ଣ ଭାବରେ

ଜୀବନର ଯୁଗଳବନ୍ଦୀ : ଜଗଦୀଶ ଓ ସରୋଜିନୀ





▼ଜୀବନର ଆଦ୍ୟକାଳ : ସରୋଜିନୀ ଓ ଜଗଦୀଶ

ବ୍ୟକ୍ତିବାଦୀ । ବ୍ୟକ୍ତି କ୍ରମରେ ସେ ସମାଜକୁ ଆଣିଲେ- ସମାଜ କ୍ରମରେ ବ୍ୟକ୍ତି ନୁହଁ । ତାଙ୍କ ଦୃଷ୍ଟିରେ ନାୟକଟି ସର୍ବଦା ଯୁବକ, ଏକାକୀ, ସଂଗ୍ରାମଶୀଳ ଓ ଏଷ୍ଟାବ୍ଲିଶ୍‌ମେଣ୍ଟ ବିରୋଧୀ । ତାଙ୍କର ଏହି ଦୃଷ୍ଟିକୋଣଟି ଶେଷ ପର୍ଯ୍ୟନ୍ତ ରହିଥିଲା ଓ ପ୍ରାୟତଃ ତାଙ୍କର ସମଗ୍ର କଥାସାହିତ୍ୟକୁ ଆଚ୍ଛନ୍ନ କରି ରଖିଥିଲା । ନାୟକ ନାୟିକାର ଚାଲିଚଳଣ କଥାଭାଷା- ନାୟକଙ୍କୁ ଅନୁସରଣ କରି ଚାଲିଥିଲା । ଜଗଦୀଶ ପ୍ରଥମ କଥାକାର- ଯାହାଙ୍କ ଗଳ୍ପରେ ନାୟକ କାହାଣୀକୁ ନିୟନ୍ତ୍ରଣ କଲା । କାହାଣୀ ନାୟକ ବା ଗଳ୍ପର ଘଟଣାବଳୀକୁ ନିୟନ୍ତ୍ରଣ କଲା ନାହିଁ । ଏଣୁ ବିଶ୍ୱସାହିତ୍ୟର ଏକ ପ୍ରସିଦ୍ଧି- ଅନେକ ସମୟରେ ଲେଖକର ବୋଲ ନମାନି, ଚରିତ୍ରମାନେ କାହାଣୀକୁ ନିଜ ନିୟନ୍ତ୍ରଣକୁ ନେଇଥାନ୍ତି ଅଥବା କାହାଣୀର ଦାୟରେ ଚରିତ୍ରମାନଙ୍କୁ ବଳି ପଡ଼ିବାକୁ ହୋଇଥାଏ- ଏହି ଦୁଇଟି ନକାରାତ୍ମକ ଦିଗରୁ ତାଙ୍କର ନ୍ୟାରେଟିଭ୍ ମୁକ୍ତ ଥିଲା । ଚରିତ୍ରର ସାବଲୀଳ ବିକାଶ ସହ କାହାଣୀର ପ୍ରସାର ଘଟୁଥିଲା । ସ୍ୱାଭାବିକତା ଥିଲା ତାଙ୍କର କଥା କାରିଗରୀ । ପାଠକ ଓ କାହାଣୀର ଚରିତ୍ର ମଧ୍ୟରେ କୌଣସି ବ୍ୟବଧାନ ନରଖି, ସେ ଏପରି କଥାୟନ ରଚନା କରୁଥିଲେ, ଯେଉଁଠି ପାଠକ ନିଜକୁ ନିଜେ କାହାଣୀ ଭିତରକୁ ନେଇ ଯାଉଥିଲା ଓ କାହାଣୀ ଭିତରେ ପାଠକଟି ଚଳପ୍ରଚଳ ହେଉଥିଲା । ତେଣୁ ଜଗଦୀଶ ଯେତେବେଳେ Third Person Omniscient ହୋଇ ଗଳ୍ପଟିର ରଚନା କରୁଥାନ୍ତି, ତାଙ୍କ ରଚନାର ଭାଷା ଓ ଶୈଳୀ ତାହାକୁ 1st person autobiographical ର ପ୍ରତ୍ୟୟ ସୃଷ୍ଟି କରିଥାଏ । ତୃତୀୟ ପୁରୁଷରେ ଜଗଦୀଶ ଥିଲେ ହେଁ, ଏବଂ ଗଳ୍ପର ନାୟକ ଓ ନାୟକର ନାମ ଥିଲେ ହେଁ, ଗଳ୍ପର ନାୟକ ମଧ୍ୟରେ ସର୍ବଦା ଜଗଦୀଶ ଦୃଶ୍ୟମାନ ହେଉଥିବା ପାଠକ ଉପଲବ୍ଧି କରିଥାନ୍ତି । ଅର୍ଥାତ୍ କାଳ୍ପନିକ ନାମ ଦେଇ ଚରିତ୍ରମାନଙ୍କୁ ସେ ଚିହ୍ନିତ କରୁଥିଲେ ହେଁ ପାଠକ ସେ ନାମକୁ ଅଗ୍ରାହ୍ୟ କରିଦେଇ ଜଗଦୀଶଙ୍କ ବ୍ୟକ୍ତିତ୍ୱକୁ ସେହି ଚରିତ୍ର ମଧ୍ୟରେ ଆରୋପିତ କରିଥାନ୍ତି । ଏହାଦ୍ୱାରା ଗୋଟିଏ ଗଳ୍ପ ବା ଉପନ୍ୟାସ ମଧ୍ୟରେ ରହିଥିବା କାଳ୍ପନିକତା (Fiction) ଅଂଶଟି ନଗଣ୍ୟ ହୋଇ ତାହାର ବାସ୍ତବଧର୍ମିତା ଉଜ୍ଜ୍ୱଳ ହୋଇଉଠେ । ଏହା ହିଁ ଜଗଦୀଶଙ୍କ କଥାଦୃଷ୍ଟିର ବଳିଷ୍ଠ ଦିଗ ।

ଜଗଦୀଶଙ୍କ କଥା ସାମ୍ରାଜ୍ୟକୁ ଘନିଷ୍ଠ ଭାବରେ ଅଧ୍ୟୟନ କଲେ, ତାଙ୍କୁ ଜଣେ ସ୍ଥିତିବାଦୀ ଲେଖକ ଅପେକ୍ଷା avant-garde ଲେଖକ ଭାବରେ ଆବିଷ୍କାର କରାଯାଇଥାଏ । ଏହାର ପ୍ରଥମ ଦିଗଟି ହେଲା ତାଙ୍କ କଥା ସାମ୍ରାଜ୍ୟ ସୁପର୍ ଷ୍ଟ୍ରକ୍‌ଚର୍ ଉପରେ ନିର୍ମିତ । ବାସ୍ତବରେ ଘନିଷ୍ଠ ଭାବରେ ବିଶ୍ଳେଷଣ କଲେ ଦେଖାଯାଏ, ଦ୍ୱିତୀୟ ବିଶ୍ୱଯୁଦ୍ଧୋତ୍ତର, ଶିଳ୍ପ ବିପ୍ଳବୋତ୍ତର ସାମାଜିକ ପୃଷ୍ଠଭୂମିର ସେ ତାଙ୍କ କଥାସାମ୍ରାଜ୍ୟ ନିର୍ମାଣ କରିଛନ୍ତି । ଏକଦେଶଦୃଷ୍ଟି ସଂପନ୍ନ ନହୋଇ, ଗ୍ରାମ, ସହର ଓ ଶିଳ୍ପସହର- ତ୍ରିକୋଣୀୟ ଭୂମିରେ ସେ ବିଚରଣ କରିଛନ୍ତି- ଯାହା ସହ ସେ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଜଗଦୀଶ ପୂର୍ବ ଓ ସମକାଳର ଲେଖକମାନେ ଭିତ୍ତି-ସାହିତ୍ୟ (Base Literature) ତିଆରି କରୁଥିବା ସମୟରେ ଜଗଦୀଶ ସୁପର୍ ଷ୍ଟ୍ରକ୍‌ଚର୍‌ରେ ଥାଇ ତାଙ୍କ ସାହିତ୍ୟକୁ ସେ ରାଜନୀତିକ ଆଜେଣ୍ଡା କରିଛନ୍ତି । ତେବେ ସେ ତାଙ୍କ ଘଟଣାଶୈଳୀକୁ ଏତେ ନିପୁଣତାର ସହ ନିର୍ମାଣ କରିଛନ୍ତି ଯେ, ଅନେକ ପାଠକ ଓ ସାହିତ୍ୟ ସମୀକ୍ଷକ, ଜଗଦୀଶଙ୍କ ଗଳ୍ପ-ଉପନ୍ୟାସ ମଧ୍ୟରେ ଥିବା Black Humour ଓ ପଲିଟିକାଲ୍ ସାଟାୟାର୍‌କୁ ଚିହ୍ନି ପାରିନଥାନ୍ତି ।

'ମେଫିଷ୍ଟୋଫେଲିସ୍‌ର ପୃଥିବୀ ଓ ଯୋଡ଼ାଏ ଟଳମଳ ପାଦ' ଗଳ୍ପରେ ଜଗଦୀଶ ସ୍ପଷ୍ଟ ଭାବରେ ଲେଖିଛନ୍ତି: "ରଜତ ସ୍କୁଟର୍‌କୁ ଠିଆ କରେଇ ଦଉଡ଼ି ଚାଲିଗଲା ଛକ ପାଖକୁ ଓ ଏକା ଡିଆଁକେ ଛକରେ ଲୁହା ବାଡ଼ ଡେଇଁ ଛକ ମଝିରେ ଥିବା ଡୁପ୍ଲିକେଟ୍ କୋଣାର୍କର ଯୋଡ଼ା ମୂର୍ତ୍ତି ଉପରେ ଚଢ଼ିଗଲା ।

ପ୍ରଥମେ ଭାବିଲି, ନିଶାଗ୍ରସ୍ତ ଥିବାରୁ ମୁଁ ହୁଏତ ଭୁଲ୍ ଦେଖୁଛି । ପୁଣି ଥରେ ମୁଣ୍ଡ ଝାଙ୍କି ଦେଇ ଭଲକରି ଦେଖିଲା ବେଳକୁ ରଜତ ପ୍ରକୃତରେ ପଥର ମୂର୍ତ୍ତି ଉପରେ ଠିଆ ହେଇଯାଇ, ଯେଉଁ ରାସ୍ତାଟି ସଚିବାଳୟ ଆଡ଼କୁ ଆଗେଇ ଯାଇଛି, ସେ ଆଡ଼କୁ ମୁହଁକରି ପ୍ୟାଣ୍ଟର ଜିପ୍ ଖୋଲି ପରିସ୍ରା କରୁଚି ଉଜ୍ଜ୍ୱଳ ଆଲୁଅ ତଳେ ଓ ପାଟିକରି ବଡ଼ ପାଟିରେ କହୁଚି ଆଇ ହେଟ୍ ଇଟ୍- ଆଇ ହେଟ୍ ଦାଟ୍ ।"

ବାସ୍ତବରେ ରଜତ ଯେଉଁ ଆଡ଼େ ମୁହଁ କରି ପରିସ୍ରା କରିଛି ଓ ଆଇ ହେଟ୍ ଇଟ୍ ଆଇ ହେଟ୍ ଦାଟ୍ କହୁଚି- ସେ ଦିଗରେ ରହିଛି ଗଣତନ୍ତ୍ରର ମନ୍ଦିର 'ଓଡ଼ିଶାର ବିଧାନସଭା' । ଏଠାରେ ମାରାତ୍ମକ ଶବ୍ଦ ହେଉଛି 'ପରିସ୍ରା' ଇଂରାଜୀରେ ଯାହାକୁ Pissing କୁହାଯାଏ । ବିଶ୍ୱସାହିତ୍ୟରେ ଏହି ଶବ୍ଦଟି କେତେ ମାରାତ୍ମକ ଓ ବ୍ୟଙ୍ଗାତ୍ମକ ତାହା ବ୍ୟାଖ୍ୟା କରିବାର ଆବଶ୍ୟକତା ନାହିଁ । ଏହା ଗଳ୍ପର ନାଟକୀୟ ପରିଣତିକୁ ବୁଝାଏ ନାହିଁ- ଏହା ସମକାଳର ବ୍ୟବସ୍ଥାକୁ ବିଦ୍ରୁପ କରେ । କାରଣ ଗ୍ରାମର ଏକ ସରଳ, ଦରିଦ୍ର ଯୁବତୀ ଗ୍ରାମ ମାମଲତ୍‌କାରଙ୍କ ପୁଅ ଦ୍ୱାରା ଧର୍ଷିତା ହେବା ପରେ, ତାଙ୍କୁ କିଛି ପରିମାଣରେ ସାହାଯ୍ୟ ଓ ବେଶୀ ପରିମାଣରେ ନିଜ ସ୍ୱାର୍ଥ ହାସଲ କରିବା ପାଇଁ ଚେଷ୍ଟା ଚାଲିଥିଲା, ତାହାର ବିଫଳତା ହିଁ ତାକୁ ଏ କାର୍ଯ୍ୟ କରିବା ନିମିତ୍ତ ପ୍ରବର୍ତ୍ତାଇଥିଲା । ଏହି ବର୍ଣ୍ଣନାକୁ ମଧ୍ୟ Black humour ପର୍ଯ୍ୟାୟବାଚୀ କରାଯିବ, କାରଣ ନିଜେ ନାୟକ ମଧ୍ୟ ସ୍ୱାର୍ଥପର, ସ୍ୱାର୍ଥପୂରଣରେ ବିଫଳ । ଏଣୁ ଗଳ୍ପରେ କାହାଣୀଧର୍ମିତା ଅପେକ୍ଷା, ଏହା ମଧ୍ୟରେ ଥିବା ରାଜନୀତିକ ବ୍ୟଙ୍ଗ ଓ ବ୍ଲାକ୍ ହ୍ୟୁମର୍, ଯାହାକୁ କିଶୋରୀ ଚରଣ ଦାସ ଆତ୍ମଶ୍ଲାଘା ନାମରେ ନାମିତ କରନ୍ତି, ତାହା ଗୁରୁତ୍ୱପୂର୍ଣ୍ଣ । ରାଜନୀତିକ ଓ ଅର୍ଥନୀତିକ



ପୁରୁଣା ସ୍ମୃତି : (ବାମରୁ) କୃଷ୍ଣ, ପଦ୍ମଜ, ଜଗଦୀଶ, ନିବାରଣ ଓ ପବିତ୍ର ଏବଂ (ବସିଛନ୍ତି) ଗିରିବାଳା ଓ ତାଙ୍କ କନ୍ୟା ଖୁସି ଏବଂ ପଦ୍ମଜଙ୍କ ପତ୍ନୀ ▶



▲ଜଗଦୀଶ ମହାନ୍ତିଙ୍କ ସହିତ କଥାଶିଳ୍ପୀ ତରୁଣକାନ୍ତି ମିଶ୍ର (ମଝି) ଓ ପରେଶ କୁମାର ପଟ୍ଟନାୟକ (ଡାହାଣ)

ପ୍ରାସଙ୍ଗିକତା ହିଁ ଜଗଦୀଶଙ୍କ କଥା ସାମ୍ରାଜ୍ୟକୁ ସୁପର୍ ଷ୍ଟ୍ରକ୍‌ଚର୍ ଓavant-garde କରିଛି, କାରଣ ମନୋରଂଜନ ଅପେକ୍ଷା ଗଳ୍ପଟିରେ ସାମାଜିକ ସ୍ଥିତାବସ୍ଥାକୁ ବ୍ୟଙ୍ଗ କରାଯାଇ, ଏହାକୁ ରାଜନୀତିକ ଆଜେଣ୍ଡା ଭାବରେ ସ୍ଥାନୀତ କରାଯାଇଛି ।

ଜଗଦୀଶ ଯେତେବେଳେ ସୁପର୍ ଷ୍ଟ୍ରକଚର୍‌ରେ ମଣିଷର କଥା କହନ୍ତି, ମଣିଷକୁ ଚିହ୍ନାନ୍ତି, ସେ ମଣିଷଟି ଡି.ଏଚ୍. ଲରେନ୍ସ, ଭର୍ଜିନିଆ ଉଲଫ୍ ଓ ଜେମ୍ସ୍ ଜୟେସ୍‌ଙ୍କ ମଣିଷ ପରି ଦେଖାଯାଏ । (For lavnance, Woof, Joyce and others, the self was not fixed and stable but evolving, fluid, discontinuous and fragmented)

Peter childs, Modernism, Routledge, 2008, page-59 ଏହାର ଅର୍ଥ ସେମାନଙ୍କ ମଣିଷର ବ୍ୟକ୍ତିସତ୍ତାଟି ସର୍ବଦା ବିବର୍ତ୍ତିତ, ତରଳ, ବିଚ୍ଛିନ୍ନ ଓ ଭଗ୍ନାଂଶର ଅଂଶବିଶେଷ ହୋଇଥାଏ । ସଂପୂର୍ଣ୍ଣ ଓ ପୂର୍ଣ୍ଣାଙ୍ଗ ବ୍ୟକ୍ତିସତ୍ତାଟିଏ କଦାପି ଉଦ୍‌ଭାସିତ ହୁଏ ନାହିଁ । ଜଗଦୀଶ ତାଙ୍କ କଥା ସାହିତ୍ୟରେ ବାରମ୍ବାର ଏହି ସତ୍ୟକୁ ଉଚ୍ଚାରଣ କରିଛନ୍ତି ଏବଂ ଶେଷରେ ସେ 'ଈର୍ଷା ଏକ ରତ୍ନ' ଗଳ୍ପର ପାଦଟୀକାରେ ଟଲଷ୍ଟୟଙ୍କ ରଚନାର ଏକ ଉଦ୍ଧୃତି ଦେଇଛନ୍ତି, ଯେଉଁଥିରେ ଲେଖାଅଛି: Do real people often become the prato types of my characters? No, Never, only some striking trait specially vivid phase, some distinct to reaction ordinary some phenomena. Then from this particularity and vividness (of a living person) begins the invention of my charactor. I catch fire, serving that is typical in the person. (ବାସ୍ତବରେ ଜୀବନ୍ତ ମଣିଷମାନଙ୍କ ମଧ୍ୟରେ ଥିବା ଉଚ୍ଛ୍ୱାସକୁ ନେଇ ସେ ଜୀବନ୍ତ ଗଳ୍ପ ରଚନା କରନ୍ତି, ଯାହା ପାଠକ ପ୍ରାଣରେ ଅଗ୍ନି ସଂଯୋଗ କରିବାରେ ସମର୍ଥ ହୋଇଥାଏ । ଏଣୁ ଏକ ଶିଳ୍ପ ସହରର ପୃଷ୍ଠଭୂମିକୁ ସୁପର୍ ଷ୍ଟ୍ରକ୍‌ଚର୍ ଭାବରେ ବ୍ୟବହାର କରି ତାହାର ସ୍ଥିତାବସ୍ଥା ସମ୍ପର୍କରେ ଜଗଦୀଶ ବିଦ୍ରୋହ କରି ଲେଖନ୍ତି: "ଜ' କହିଲା; କାହିଁକି ଏମିତି ହୁଏ ଜାଣିଛ ପ୍ରତିମା ? ଏଇ ନିର୍ଜନ ଖଣି ଅଞ୍ଚଳରେ କିଛି ଘଟେ ନାହିଁ । କିଛି ନୁହେଁ । ଖାଲି ସିଫ୍‌ଟିଂ ଅନୁସାରେ ଡ୍ୟୁଟି ଯାଅ, ଫେରି ଆସି ଜୋର୍ ଭଲ୍ୟୁମ୍‌ରେ ରେଡ଼ିଓ ଲଗେଇ ଦେଇ ଶୁଅ, ପିଲାମାନଙ୍କର ପଢ଼ା ଦେଖ, ଗାଳି ଦିଅ, ଶାସନ କର ଓ ରାତିରେ ପୁରୁଣା ଦେହର ଖେଳ ଖେଳୁଥାଅ । କେତେଦିନ ମଣିଷ, ଏମିତି ହୋମୋଜାଇକ୍, ମନୋଟନସ୍ ଥୋଡ଼ବଡ଼ିଖଡ଼ା, ଖଡ଼ାବଡ଼ିଥୋଡ଼ ଜୀବନ ନେଇ ବଞ୍ଚିପାରେ ।" ସମାଜର ସ୍ଥିତାବସ୍ଥା ଓ ସ୍ଥାଣୁତା ନେଇ କେବଳ ଗଳ୍ପ ନୁହେଁ, 'କନିଷ୍ଠ କନିଷ୍ଠ', 'ନିଜ ନିଜ ପାନିପଥ' ଉପନ୍ୟାସରେ ପ୍ରକାଶ କରିଥିବା ସମୟରେ ସେହି ଗତିଶୀଳତାରୁ ମୁକ୍ତି ପାଇ ସେ ଦୁର୍ଦ୍ଦିନ ଓ ଅଦୃଶ୍ୟ ସକାଳ ଉପନ୍ୟାସରେ ସାମାଜିକ ଗତିଶୀଳତାକୁ ପ୍ରାଧାନ୍ୟ ଦେଇଛନ୍ତି । 'ଦୁର୍ଦ୍ଦିନ' ଉପନ୍ୟାସଟି ରାଜନୀତିକ ବ୍ୟଙ୍ଗଭରା ହୋଇଥିବା ସମୟରେ 'ଅଦୃଶ୍ୟ ସକାଳ'କୁ ସେ ବିଜ୍ଞାନଭିତ୍ତିକ କରି ମଣିଷର କ୍ଲୋନିଂ ସମ୍ପର୍କରେ ଭାଷ୍ୟ ରଖିଛନ୍ତି । ଥୋଡ଼ ବଡ଼ି ଖଡ଼ା, ଖଡ଼ା ବଡ଼ି ଥୋଡ଼ର ସ୍ଥିତାବସ୍ଥାରୁ ମୁକ୍ତି ଦେବା ନିମିତ୍ତ ସେ ମାଳିନୀ ମାଧ୍ୟମରେ ନାରୀର ରାଜନୀତିକ ଅଭୀପ୍ସା ଏବଂ ଆଲୋକ ମହାନ୍ତିଙ୍କ କ୍ଲୋନିଂ ମାଧ୍ୟମରେ ସୁପରମ୍ୟାନ୍ ସୃଷ୍ଟି ଦ୍ୱାରା ସାମାଜିକ ସୁପର୍ ଷ୍ଟ୍ରକ୍‌ଚର୍‌ର ଗତିଶୀଳତା କଥା କହିଥାନ୍ତି । ଏହାକୁ ଅଧିକ ପ୍ରାସଙ୍ଗିକ କରିଥାଏ ତାଙ୍କର ଦୁଇଟି ଆର୍କିଟାଇପର୍ ବ୍ୟବହାର- ଗୋଟିଏ ମେଫିଷ୍ଟଫେଲିସ୍, ଦାନବୀୟ ଆତ୍ମା ଏବଂ ଅନ୍ୟଟି 'ଦକ୍ଷିଣ ଦୁଆରୀ ଘର' । ଏ ଦୁଇଟି ନକାରାତ୍ମକ ସାମାଜିକ ସ୍ଥିତାବସ୍ଥାରୁ ମୁକୁଳିବା ନିମିତ୍ତ ସେ 'ସୁନା ଇଲିସି'ର ରୂପକଳ୍ପ ନିର୍ମାଣ କରନ୍ତି । ସ୍ୱପ୍ନ ଓ ବାସ୍ତବତା ମଝିରେ ଜୀବନକୁ ଅନୁଭବ କରିବାର ବିରଳ ଚିତ୍ରକଳ୍ପଟିଏ ସେ ନିର୍ମାଣ କରନ୍ତି । ବିରଳ ଚିତ୍ରକଳ୍ପ ନିର୍ମାଣ ସମୟରେ ଓଡ଼ିଆ ଭାଷା, ଶବ୍ଦ, ଧ୍ୱନିର ବହୁ ପ୍ରସ୍ତିୟତା ବ୍ୟବହାର କରିବା ସହ ସାହିତ୍ୟର ବିଭିନ୍ନ ଶୈଳୀକୁ ସେ ପ୍ରୟୋଗ କରିଛନ୍ତି ।

ଅତୀତର ବ୍ୟାଖ୍ୟା କରି, ସମକାଳକୁ ଦୃଶ୍ୟମାନ କରି, ମାନବ ସମାଜକୁ ଭବିଷ୍ୟତ ଆଡ଼କୁ ନେଇଯାଏ ଜଗଦୀଶଙ୍କ କଥାସାହିତ୍ୟ । ଜାତିର ଜଡ଼ତାକୁ ଭାଙ୍ଗି ଭବିଷ୍ୟତର ଆହ୍ୱାନ ସହ ସାମିଲ କରି, ବ୍ୟବସ୍ଥାକୁ ଭାଙ୍ଗି ଦେବାର ଶ୍ଲାଘାରେ ତଲ୍ଲୀନ ତାଙ୍କର ଚରିତ୍ର । ଆବେଗ ଓ ଯୌନାଚାରର ସଂକୀର୍ଣ୍ଣତା, ଶ୍ଳୀଳ ଓ ଅଶ୍ଳୀଳ ବୋଧରୁ ମୁକ୍ତି ଦେଇ ଜୀବନର ଗଭୀରତା ଓ ପ୍ରବାହମାନତାକୁ ପ୍ରାଧାନ୍ୟ ଦେବା ତାଙ୍କର କଥାଦର୍ଶ । ଜଣେ ଅଖଣ୍ଡ ବରାଦି ସର୍ଜନ ପୁରୁଷ ସମାଜର ସୁପର୍ ଷ୍ଟ୍ରକ୍‌ଚର୍‌କୁ ଅଧିକ ପ୍ରଜନନ କ୍ଷମ କରି ଜୀବନକୁ, ପୃଥିବୀକୁ ଓ ସଂପର୍କକୁ ଜୀବନ୍ତ କରିବା ନିମିତ୍ତ ସୃଷ୍ଟି କରନ୍ତି ଅମଳିନ ଜୀବନ୍ତ ଚରିତ୍ର । ସେଥିପାଇଁ ସେ କଥାସମ୍ରାଟ ଫକୀରମୋହନଙ୍କ 'ରେବତୀ' ପାଖକୁ ଯାଇ ଫକୀରମୋହନୀୟ ଶୈଳୀରେ କହନ୍ତି:



"ପାଠକେ, ସମୟ ଭୀଷଣ ନିର୍ଦ୍ଦୟ । ସମୟ କାହାରି ମନ ବୁଝେନା, ଦୁଃଖ ବୁଝେନା, ବୁଝୁଥିଲେ ସମୟ ଓଲଟା ରାସ୍ତାରେ ଚାଲନ୍ତା । ଜୀବନରେ ଅନେକ କିଛି ହୁଏନା ବୋଲି ତ ଜୀବନକୁ ନେଇ ଆମେ ଏତେ ଗପ କରି ପାରୁଛୁ । ନହେଲେ ଆମର ଗପ କହିବାର କଣ ଦରକାର ଥାନ୍ତା ।"

# ନିରବତାରେ ନିବାରଣ

ଏବେ ଆଉ ମୋ ଲାଞ୍ଜରେ କିଏ ହାତମାରିବ ହୋ । ବଦଳି ଆଦେଶନାମାଟା ମୋ ହାତମୁଠାରେ । ଏବେ ମୁଁ ସ୍ୱଚ୍ଛନ୍ଦରେ ଫେରିଯିବି ସ୍ୱଦେଶ । ଯେମିତି ମାନସରୋବରର ହଂସ । ଅତ୍ୟଧିକ ଶୈତ୍ୟ ସମ୍ଭାଳି ନପାରି ଉଡ଼ିଆସନ୍ତି ଚିଲିକା । ଚିଲିକାରେ ଶୀତ କମିଗଲେ ଜାଣିପାରନ୍ତି ତାଙ୍କ ଦେଶରେ ବି ଶୀତ କମି ଆସିଥିବ । ଚିଲିକା ଛାଡ଼ି ଫୁର୍ କରନ୍ତି । ସେମିତି ମୋର ମନ । ଚାକିରିରେ ପ୍ରମୋସନ୍ ପାଇ ଆସିଥିଲି କଲିକତା । ଆଶା ଥିଲା ଶେଷ ତିନିବର୍ଷ ସ୍ୱଦେଶରେ ରାଜ୍ କରିବି । ହେଲା ନାହିଁ । ନିଜ ଇଚ୍ଛାମତେ ଚଳିବ କି ଜନ ? ବାଧ୍ୟତଃ କଲିକତା ଆସିଲି । ଭାବିଲି ଆମ ଚାକିରିରେ ତ ନିୟମ ଅଛି ଶେଷ ଦୁଇବର୍ଷ ହୋମ୍  ଟାଉନ୍‌ରେ ରହିବାର । ତାମାନେ ଗୋଟିଏ ବର୍ଷ କଲିକତାରେ କଟାଇ ଦେଇ ଫେରିବି । ଦି'ବର୍ଷ କଟାଇବି ସ୍ୱଦେଶରେ । କିନ୍ତୁ ଦୁଇ ବର୍ଷ ରହିଗଲି କଲିକତାରେ । ଚାକିରି କରିଛି ଯେତେବେଳେ, ଉଚ୍ଚପଦସ୍ଥ ଅଫିସର୍‌ଙ୍କ ମର୍ଜି ଜଗି, ୟୁନିୟନ୍ ନେତାଙ୍କ ଦୟାକୁ ଅପେକ୍ଷା କରିବାକୁ ତ ପଡ଼ିବ । ଯାହେଉ ଏଥର ବଦଳି ଅର୍ଡ଼ରଟା ମିଳିଲା । ଫେରିଲି ସ୍ୱଦେଶ । କେତେ ଆନନ୍ଦ ଆହା !

▼ନିଜ ଘରେ ଗାଳ୍ପିକ ନିବାରଣ ଜେନା : ଅବସରର ଅବସନ୍ନତା ସମୟ ହାତରେ



# ଏକ ସର୍ଜନାର ଅପମୃତ୍ୟୁ




**ନିବାରଣ ଜେନା**

ଆଜିମାବାଦ, ବାଲେଶ୍ୱର-୭୫୬୦୦୧
ଫୋନ: ୯୪୩୭୨୧୫୮୯୮


ଫଟୋ ସୌଜନ୍ୟ : ଲେଖକ

ରିଲିଭ୍ ହେବା ପୂର୍ବରୁ ଆମ ଡିପାର୍ଟମେଣ୍ଟ ସହ ଅନୁବନ୍ଧିତ କଲିକତାର ଏକ ନାମକରା 'କୋଠାରୀ ହସ୍ପିଟାଲ୍'ରେ ସଂପୂର୍ଣ୍ଣ ସ୍ୱାସ୍ଥ୍ୟ ଚେକ୍ଅପ୍ କରିଦେବା ଉଚିତ ବୋଲି ମନେ କରି ହସ୍ପିଟାଲ୍ ଗଲି । ସେତେବେଳେ ଶରୀରରେ କିଛି ଅସୁବିଧା ଅନୁଭବ କରୁ ନଥିଲି । ତେବେ ଫ୍ରି ଚେକ୍ଅପ୍ କରିନେବା ଭଲ ହେବ ଭାବି ସିନା ଗଲି, କ'ଣ ହେଉଛି ବୋଲି ଡାକ୍ତରଙ୍କ ପ୍ରଶ୍ନର କ'ଣ ଉତ୍ତର କହିବି ? ଚିନ୍ତାକରି କହିଲି, କାଶ ହେଉଛି, ଅଣ୍ଟାବ୍ୟଥା ରହିଚି । କାଶଟା ଅବଶ୍ୟ ବହୁତ ସମୟରେ ହୁଏ । ମଝିରେ ମଝିରେ ଅଣ୍ଟାବ୍ୟଥା ବାହାରେ ।

ହସ୍ପିଟାଲ୍‌ରେ ଆଡ୍‌ମିସନ୍ ହେଲା ପରେ ରକ୍ତ, ମୂତ୍ର ଆଦି ପରୀକ୍ଷା ହେଲା । ବିଶେଷକିଛି ଅସୁବିଧା ନାହିଁ । ତେବେ କାଶଟା କାହିଁକି ଦୀର୍ଘଦିନ ଲାଗି ରହୁଛି ? ତାପରେ ଛାତି ଏକ୍ସରେ ହେଲା । ଇସିଜି, ଇକୋ ହେଲା । ଇସିଜି, ଇକୋ ରିପୋର୍ଟ ଦେଖି ଡାକ୍ତର ପଚାରିଲେ- ମୁଣ୍ଡ ବୁଲେଇ ଦେଇ ଆପଣ କେବେ ହଠାତ୍ ପଡ଼ି ଯାଇଥିଲେ ? ଦୌଡ଼ିଲେ କି ପାହାଚ ଚଢ଼ିଲେ ଧଇଁସଇଁ ହୁଅନ୍ତି କି ? ହଠାତ୍ ମୁଣ୍ଡ ବୁଲେଇ ଅନ୍ଧାର ଦିଶେ କି ? ଛାତି ଧକ୍‌ଧକ୍ କରେ କି ଜୋର୍ ବେଗରେ ?

ମନେ ପଡ଼ିଲା ନାହିଁ ଏମିତି କେବେ ଲକ୍ଷଣ ପ୍ରକାଶ ପାଇଥିବାର । ଅନେକ ଭାବିଚିନ୍ତି କହିଲି, ଅବଶ୍ୟ ବସିବା ଜାଗାରୁ ହଠାତ୍ ଉଠି ପଡ଼ିଲେ ଥରେଥରେ ଅନ୍ଧାର ଦିଶେ । ଭାବେ ଏଇଟା ଏସିଡିଟି ବୋଲି । ଡାକ୍ତର କିହଲେ- ଆପଣଙ୍କ ହାର୍ଟରେ ପ୍ରବ୍ଲେମ୍ ଅଛି । ତେବେ ଆନ୍‌ଜିଓଗ୍ରାଫି କଲେ ଜଣାପଡ଼ିବ ।

ଆନ୍‌ଜିଓଗ୍ରାଫି, ଆନ୍‌ଜିଓପ୍ଲାଷ୍ଟ୍ କଥା ମୁଁ ଆଗରୁ ଶୁଣିଥିଲି । ଶୁଣିଥିଲି ଧମନୀ ମାଧ୍ୟମରେ ହୃତ୍‌ପିଣ୍ଡକୁ ବେଲୁନ୍ ଛଡ଼ାଯାଏ ।

ମୋତେ ଡର ଲାଗିଲା । ପାଖରେ ଏଠି ମୋର କେହି ନାହିଁ । ଏଠି ଆନ୍‌ଜିଓଗ୍ରାଫ୍ କରିବେ ପୁଣି ଆବଶ୍ୟକ ହେଲେ ଆନଜିଓପ୍ଲାଷ୍ଟ୍ ଓ ସେଥିରେ ବିଫଳ ହେଲେ ବାୟୋପାସ୍ ସର୍ଜରୀ ।

ନା ବାବା ନା । ଏଠି ମୋର କେହି ନାହିଁ । କିଏ ରହିବ ପାଖରେ ?

ଡାକ୍ତରଙ୍କୁ କହିଲି- ଡକ୍ଟର ସାବ୍, ଏଠି ମୁଁ ଏକା । ଦୟାକରି ମୋତେ ଡିସ୍‌ଚାର୍ଜ୍ କରିଦିଅନ୍ତୁ । ଫାମିଲି ମେମ୍ବରଙ୍କୁ ଆଣି ପ୍ରସ୍ତୁତ ହୋଇ ଆସିଲେ ଆନ୍‌ଜିଓଗ୍ରାଫ୍ କରିବି ।

ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇ ଆସିଲି । କର୍ମକ୍ଷେତ୍ରରୁ ବି ରିଲିଭ୍ ହେଲି । ସ୍ୱଦେଶ ଫେରିଲେ ଭୁବନେଶ୍ୱରର କୌଣସି ହସ୍ପିଟାଲରେ ଚେକ୍ଅପ୍ କରି ଆବଶ୍ୟକ ପଡ଼ିଲେ ସେଇଠି ଚିକିତ୍ସିତ ହେବି । ଭାବିନେଲି ।

ଗୋଟିଏ କ୍ଷତାକ୍ତ ହଂସ ପରି ଫେରିଲି ସ୍ୱଦେଶ । ଭୁବନେଶ୍ୱରରେ ଥିବା ଆମ ଭାରତୀୟ ଖାଦ୍ୟ ନିଗମର ଆଞ୍ଚଳିକ କାର୍ଯ୍ୟାଳୟରେ ଜଏନିଂ ରିପୋର୍ଟ ଦେଇ ଆପୋଲୋ ହସ୍ପିଟାଲ୍‌ରେ ଚେକ୍ଅପ୍ କଲି । ଜଣାପଡ଼ିଲା, ହାର୍ଟରେ ପ୍ରବ୍ଲେମ୍ ରହିଚି । କାର୍ଡ଼ିଓଲୋଜି ଡକ୍ଟର କହିଲେ- ହୃଦ୍‌ଘାତର ସମ୍ଭାବନା । ଯେତେଶୀଘ୍ର ପାରନ୍ତି ମାନେ ଦିନେ ଦୁଇଦିନ ଭିତରେ ପେସ୍‌ମେକର୍ ଲଗାଇବାର ବ୍ୟବସ୍ଥା କରନ୍ତୁ ।

ଭାଗ୍ୟର କି ବିଡ଼ମ୍ବନା ! ହାୟ ମୋ ସ୍ୱଦେଶ । କେତେ ଆଶାନେଇ ଫେରିଥିଲି ଏଠି ବର୍ଷଟିଏ ଆନନ୍ଦରେ ବିତାଇବି । ପରିବାର ସହ ଖୁସିରେ ଦିନ କାଟିବି । ବତ୍ରିଶ୍ ବର୍ଷ ଚାକିରି ଜୀବନରେ ଥରେ ବି ସୁଦ୍ଧା ସପରିବାର ଭାରତଦର୍ଶନରେ ଯାଇନାହିଁ । କେବେ ମେଡ଼ିକାଲ୍ ଲିଭ୍ କି ଉପାର୍ଜିତ ଛୁଟି ଅର୍ଥାତ୍ ଇଏଲ୍ ନେଇ ନାହିଁ । ଛୁଟି ନେଇ ସାରା ଭାରତ ବୁଲିବି । ପ୍ଲେନ୍‌ରେ ଯିବି ଆଣ୍ଡାମାନ୍ । ଅସଂପୂର୍ଣ୍ଣ ଘରଟାକୁ ସଂପୂର୍ଣ୍ଣ କରିବି । ଉପର ମହଲା ତୋଳିବି । କଲିକତାରେ ଦୁଇବର୍ଷ ରହଣି ହେତୁ ସାହିତ୍ୟ ଠାରୁ ଅନେକ ଦୂରେଇ ଯାଇଛି, ଏବେ ସର୍ଜନାରେ ମନ ଦେବି । ଅବସର ପରେ ମାତିଯିବି ସାହିତ୍ୟ ସର୍ଜନାରେ । ଏମିତି ଅନେକ ସ୍ୱପ୍ନ ଅନେକ ଅନେକ ।

ହେଲେ ମୋର ସବୁ ସ୍ୱପ୍ନ କ'ଣ ଏମିତି ଚୂନା ହୋଇଯିବ ? ଶିଖର ଆରୋହଣ ମାତ୍ରେ ପଦ ସ୍ଖଳନ କୁଆଡୁ ଆସିଲା ଏ ଘାତକ ବ୍ୟାଧି ? କେଉଁଠି ଛପି ରହିଥିଲା ଯେ ହଠାତ୍ ବାହାରି ଆସି କାବୁ କରିନେଲା ?

ଛାତିରେ କାଟିମାରି ପେସ୍‌ମେକର୍ ବପନ କରାଗଲା । ଅପରେସନ୍ ଟେବୁଲ୍‌ରୁ ଉଠିଲା ମାତ୍ରେ ଡକ୍ଟର କହିଲେ- ଧମନୀରେ ଶତପ୍ରତିଶତ ବ୍ଲକ୍

▼ସପତ୍ନୀକ ନିବାରଣ ଜେନା



ଅଛି । ତେବେ ଗୋଟିଏ ବାଇପାସ୍ ସୃଷ୍ଟି ହୋଇଛି ପ୍ରାକୃତିକ ଭାବେ ଓ ସେହି ସରୁନଳୀ ବାଟେ ରକ୍ତ ଯାଉଛି ହୃତ୍‌ପିଣ୍ଡକୁ । ମେଡ଼ିସିନ୍ ଖାଇବା ପାଇଁ ପଡ଼ିବ ରେଗୁଲାର୍ । ଜଗିରହି ଚଳିବେ ନହେଲେ ଆକସ୍ମିକ ହୃଦ୍‌ଘାତର ସମ୍ଭାବନା ଅଛି ।

ଡକ୍ଟରଙ୍କୁ କହିଲି, ଆପଣଙ୍କ କଥାନୁସାରେ ମୁଁ ପେସ୍‌ମେକର୍ ଲଗାଇଲି । ସେଥିରେ ଯଦି ଭଲ ନହେବ, କାହିଁକି ଲଗାଇଲେ ? ବ୍ଲକ୍ ପାଇଁ ଆପଣ ଷ୍ଟାଣ୍ଟ୍ ଲଗାଇ ପାରିଥାନ୍ତେ କି ବାଇପାସ୍ ସର୍ଜରୀ କରିଥାନ୍ତେ ।

ଡକ୍ଟର ଉତ୍ତର ଦେଲେ– ପେସ୍‌ମେକର୍ ଆପଣଙ୍କ ହୃଦ୍‌ସ୍ପନ୍ଦନ କଣ୍ଟ୍ରୋଲ୍ କରିବ । ନେଚୁରାଲ୍ ବାଇପାସ୍ ଅଛି, ମେଡ଼ିସିନ୍‌ରେ ଚାଲିବ । ବେଶୀ ଅସୁବିଧା ହେଲେ କି କିଛି ଲକ୍ଷଣ ଦେଖାଗଲେ ପରବର୍ତ୍ତୀ ପଦକ୍ଷେପ ନେବା । ଏବେ ଆପଣ ମେଡିସିନ୍ କଣ୍ଟିନ୍ୟୁ କରନ୍ତୁ ।

ଧ୍ୟାତ୍ ! ଏତିକି କହିନଥିଲେ କ'ଣ ଚଳିନଥାନ୍ତା ? ପେସ୍‌ମେକର୍ ଲଗାଇ ଦେଇ ଯଦି କହିଥାନ୍ତେ– ଆପଣ ଏଥର ନିରାପଦ, ତେବେ ଆଜି ମୁଁ ମାନସିକ ଭାବେ ଏତେ ଅସୁସ୍ଥ ହୋଇନଥାନ୍ତି । ଏଇକଥାଟା ଗୋପନ ରଖି ପାରିଲେ ନାହିଁ ? କେବେ ହୃଦ୍‌ଘାତ ହେବ ଓ ମୋର ପ୍ରାଣ ଚାଲିଯିବ ସେଇଟା ତ ପରକଥା, ଆପାତତଃ କିଛିଦିନ ମୁଁ ସୁସ୍ଥ ମସ୍ତିଷ୍କରେ ବଞ୍ଚି ପାରିଥାନ୍ତି ତ !

ସ୍ୱପ୍ନ ସବୁ ମୋର ପାଣିଫୋଟକା ପରି ଢୁ ହୋଇ ଫାଟିଗଲା । ଅସୁସ୍ଥ ଦେହ ଓ ମନ ନେଇ ଫେରିଲି ହସ୍‌ପିଟାଲ୍‌ରୁ । ମୋର ଶାରୀରିକ ଅସୁସ୍ଥତା ଓ ଚାକିରିର ଶେଷବର୍ଷ ଦର୍ଶାଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଆବେଦନ କଲି ମୋତେ ମୋ ହୋମ୍ ଟାଉନ୍‌ରେ ପୋଷ୍ଟିଂ କରିବା ପାଇଁ । କୌଣସି ୟୁନିଟ୍‌ରେ ଇନଚାର୍ଜ ଭାବେ ନୁହଁ, ଜିଲ୍ଲା କାର୍ଯ୍ୟାଳୟରେ ପୋଷ୍ଟିଂ କରାଯାଉ ।

ହୋମ୍ ଟାଉନ୍‌ରେ ଜଏନ୍ କଲି ମାସ ଗୋଟିଏ ଛୁଟିରେ କଟାଇଲା ପରେ । ଘର ଠାରୁ ଅନତି ଦୂରରେ ଆମ ଅଫିସ୍ । ବେଶ୍ ଆନନ୍ଦରେ ଦିନ ବିତାଇବା କଥା । ହେଲେ ମନରେ ନାହିଁ ଫୁର୍ତ୍ତି । କାମ କରିବାର ଆଗ୍ରହ । ଡକ୍ଟରଙ୍କ ଶେଷକଥା ବାରମ୍ବାର ମୋ ମନରେ ଆତଙ୍କ ସୃଷ୍ଟି କରୁଥାଏ । ଏବେ ଯେମିତି ମୁଁ ବଞ୍ଚିଚି ଶେଷ ପ୍ରତୀକ୍ଷାରେ । କାହାର ପ୍ରତୀକ୍ଷା ? ନିୟତିର ସିଦ୍ଧାନ୍ତ ? ମନରେ ଭରପୂର୍ ନକାରାତ୍ମକ ଭାବନା, ଆଶଙ୍କା ମୁଁ ଚାକିରି ଜୀବନ ଶେଷ କରିପାରିବି ତ ? ଭଲରେ ଅବସର ନେଇ ପାରିବି ନା ତା' ପୂର୍ବରୁ.... ।

ଆସିଲା ନୂଆବର୍ଷ ୨୦୧୮ । ଏହାକୁ ସ୍ୱାଗତ କରିବା ପାଇଁ ମନରେ ଆବେଗ ନଥିଲା । ନୂଆବର୍ଷର ପହିଲି ଦିନରୁ ମୋର ଅବସର ଦିନର କାଉଣ୍ଟ୍ ଡାଉନ୍ ଆରମ୍ଭ ହୋଇଗଲା । ବାକି ରହିଲା ୬୦ଦିନ । ଆଉ ୫୯ଦିନ । ଆଉ ୫୮ ଦିନ....ଆଉ...ଆଉ... ।

ପତ୍ନୀଙ୍କୁ କହିଲି, ଏଣିକି ତୁମେ ମୋ ଅବସର ପରେ କେମିତି ସଂସାର ଚଳାଇବ ଚିନ୍ତା କର । ଆଜି ଠୁ ତୁମର ପ୍ରବେସନ୍ ପିରିୟଡ଼ ଷ୍ଟାର୍ଟ ।

ଶ୍ରୀମତୀ ମୋ ଉପରେ ବିରକ୍ତ ହୁଅନ୍ତି, ସବୁବେଳେ ତମର ସେଇ ବାଜେ ଚିନ୍ତା । ସଂସାର ଯେମିତି ଚଳୁଥିଲା, ଚାଲିବ । ତମେ ସୁସ୍ଥରେ ରୁହ ।

ସଂସାର ଯେମିତି ଚାଲିଥିଲା, ଚାଲିବ ? କେମିତି ? ମାସରେ ପଚାଶ ହଜାର ଟଙ୍କା ବି ନିଅଣ୍ଟ ହେଉଛି, ଆଉ ମୋର ଅବସର ପରେ ପେନ୍‌ସନ୍ ବି ନାହିଁ, କେମିତି ଚଳିବା ?

ଓହୋ, ସେସବୁ ଚିନ୍ତା ବନ୍ଦ୍ କର । ଆମର କ'ଣ କେହି ନାହିଁ ? ପେଟ ଅପୋଷା ରହିଯିବ ? ଶ୍ରୀମତୀ ମୋ ଉପରେ ବିରକ୍ତ ହୁଅନ୍ତି । ମୁଁ ମନେମନେ ପଣ କଲି– ଠିକ୍ ଅଛି, ଏ ମାସରୁ ତୁମକୁ ଗୋଟିଏ ବି ଟଙ୍କା ଦେବିନି । ଦେଖିବି କେମିତି ଚଳୁଚ ।

କିନ୍ତୁ ମୁଁ ନିଜର ପଣ ରଖି ପାରିଲି ନାହିଁ । ମାର୍କେଟିଂ ପାଇଁ ଶ୍ରୀମତୀ ବାହାରି କାନ୍ଧରେ ଭେନିଟି ଝୁଲାଇ ମୋ ଆଗରେ ଛିଡ଼ା ହୋଇଯା'ନ୍ତି ଓ ମୋର ବିରକ୍ତି ସୂଚକ ମୁଖମଣ୍ଡଳ ଦେଖି ବିଷର୍ଣ୍ଣ ହୋଇଯା'ନ୍ତି । ମୁଁ ଏବେ ସେମିତି ବିରକ୍ତରେ ରୁମ୍ ଭିତରକୁ ଯାଇ ପାଞ୍ଚ ଶହ ଟଙ୍କିଆ ଖଣ୍ଡେ ଆଣି ତାଙ୍କୁ ଧରାଇଦିଏ ଓ ମନେମନେ କହେ– ହଉରେ, ଆଉ ଏ ଦୁଇ ମାସ, ଦେଖୁଚ ଦରମା ପାଉଛି, ଟଙ୍କା ଅଛି ବୋଲି ତମର ଏ ଟାଣ ପଣ । ଦୁଇ ମାସ ପରେ ଦେଖିବି ଯେ !

ଶ୍ରୀମତୀଙ୍କ ଉପରେ ବିରକ୍ତ ହେବା ଛଡ଼ା ମୋର ଗତ୍ୟନ୍ତର ନାହିଁ । ସେ ବି ମୋ ପରି ସ୍ୱାଭିମାନ ଦୃଷ୍ଟିରୁ ଦୁଇପୁଅଙ୍କୁ ଘରଖର୍ଚ୍ଚ ତୁଲାଇବା ପାଇଁ କହିପାରନ୍ତି ନାହିଁ । ପୁଅ ଦୁହିଁଙ୍କର ଦରମା ତ ତାଙ୍କ ସଂସାରକୁ ନିଅଣ୍ଟ । ମୁଁ ତେତ୍ରିଶ୍ ବର୍ଷ ଚାକିରି କରି ବି ଗୋଟିଏ ଟଙ୍କା ସଞ୍ଚୟ କରି ପାରିଲି ନାହିଁ । କେମିତି ସଞ୍ଚିଥାନ୍ତି ଯେ ! ପୁଅ ଦୁଇଜଣଙ୍କୁ ପାଠପଢ଼ାଇ ମଣିଷ କରିବା ଓ ଘରଟିଏ ତୋଳିବା ଓ ତା ସହିତ ପାରିବାରିକ ଖର୍ଚ୍ଚ ତୁଲାଇବା ପରେ ସଞ୍ଚୟ କେମିତି କରିଥାନ୍ତି ?

ମୋର ମନେପଡ଼େ ଚାକିରି ପହିଲି ସମୟର କଥା । ସେତେବେଳେ ମୋର ବରିଷ୍ଠ କର୍ମଚାରୀ ଯେଉଁମାନଙ୍କର ଅବସର ଆସନ୍ନ, ସେମାନେ 'ଆମର ପେନ୍‌ସନ୍ ନାହିଁ, ଅବସର ପରେ କେମିତି ପରିବାର ଚଳାଇବା' କହି ମନଦୁଃଖ କରୁଥିଲେ ଓ ମୁଁ ସେମାନଙ୍କୁ କହୁଥିଲି– ତିରିଶ୍ ପଇଁତିରିଶ ବର୍ଷ ଚାକିରି କରି କ'ଣ କିଛି ଟଙ୍କା ସଞ୍ଚୟ କରି ନାହାନ୍ତି ? ମାସକୁ ପାଞ୍ଚ ଶହ ସଞ୍ଚିଥିଲେ ବେଶ୍ କିଛି ଟଙ୍କା ତ ରହିଥାନ୍ତା ?

ହେଲେ ମୁଁ କ'ଣ କଲି ? କହି ଦେଉଥାଇ ପରକୁ, ବୁଦ୍ଧି ନ ଦିଶଇ ଘରକୁ । ଅବସର ଦିନଟା ଯେମିତି ମରଣର ଦିନ । ତାପରେ ଆରମ୍ଭ ହେବ ନୂଆ ଜୀବନ । ସନ୍ତୁଳି ହେବାର ଜୀବନ । କେବଳ ସଂସାର ଚଳାଇବା ଚିନ୍ତା ନୁହଁ, ତା ସହିତ ଯୋଡ଼ି ହୋଇଛି ମାସିକ ଔଷଧ ଖର୍ଚ୍ଚ । ଏ ଖର୍ଚ୍ଚର ପରିମାଣ ଛଅ ହଜାର ଟଙ୍କା ।

ଅପରେସନ୍‌ର ବର୍ଷେ ବିତି ଗଲାଣି । ବନ୍ଧୁମାନେ ଦେଖି କହନ୍ତି– ଲୋକେ ବାଇପାସ୍ ସର୍ଜରୀ ହୋଇ ବି ବିନ୍ଦାସ୍‌ରେ ଦିନ କାଟୁଛନ୍ତି, ବେଶ୍ ସୁସ୍ଥ ରହୁଛନ୍ତି, ତମର ତ ଖାଲି ପେସ୍‌ମେକର୍ ଲାଗିଛି, ତମେ କାହିଁକି ଦିନକୁ ଦିନ ଏମିତି ଶୁଖି ଯାଉଚ ? ତମର ଡାଇବେଟିସ୍ ନାହିଁ କି ବ୍ଲଡ୍ ପ୍ରେସର୍ ନାହିଁ, କ'ଣ ହେଉଛି ତମର ?

ମୁଁ ସେମାନଙ୍କୁ କହି ପାରେନି 'ଲୁଣ ଖାଏ ହାଣ୍ଡି, ଚିନ୍ତା ଖାଏ ଗଣ୍ଡି' । କହି ପାରେନି ବି ମାନସିକ ଅସୁସ୍ଥ ମଣିଷ କେମିତି ଶାରୀରିକ ଅସୁସ୍ଥତା ଭୋଗ କରେ ।






▲ସୃଜନ-ସତୀର୍ଥ : ଦେବକାନ୍ତଗଙ୍ଗାବାରଣ ଦାସ

ପ୍ରଥମତଃ ଡକ୍ଟର ମୋ ମନରେ ଗୋଟିଏ ଭୟ ସୃଷ୍ଟି କରିଦେଲେ ଯେ ହୃତ୍‌ପିଣ୍ଡର ଧମନୀରେ ଶତ ପ୍ରତିଶତ ବ୍ଲକ୍ ଅଛି । ଗୋଟିଏ ଶାଖା ଧମନୀ ବାଟେ ରକ୍ତ ଯାଉଛି । ସାବଧାନ ରହିବେ, ଔଷଧ ରେଗୁଲାର୍ ଖାଇବେ, ଜଗି ଚଳିବେ ନହେଲେ ହୃଦ୍‌ଘାତ ଅନିବାର୍ଯ୍ୟ । ଦ୍ୱିତୀୟତଃ, ବିଭିନ୍ନ ନକାରାତ୍ମକ ଚିନ୍ତା ମୋ ମସ୍ତିଷ୍କକୁ ବିଭ୍ରାନ୍ତ କରୁଛି । ମେଡିସିନ୍‌ର ସାଇଡ୍ ଇଫେକ୍ଟ ବି ଅଛି । କିଡ୍‌ନିର ପ୍ରୋଷ୍ଟେଟ୍ ବଢ଼ିଚି । ୟୁରିନ୍ ଇନ୍‌ଫେକ୍‌ସନ୍ ରହୁଚି । ଦୁର୍ବଳ ଲାଗୁଚି । ତୃତୀୟତଃ ମୁଁ ଅନୁଭବ କରୁଚି, ମୋ ଭିତରେ ସମସ୍ତ ସକାରାତ୍ମକ, ସର୍ଜନାତ୍ମକ ଭାବାବେଗ ଦୂରେଇ ଯାଉଛି । ମୁଁ କିଛି କରି ପାରୁନି । ପଢ଼ି ପାରୁନି କି ଲେଖି ପାରୁନି । ଗୋଟେ ସର୍ଜନଶୀଳ ମଣିଷର ଅପମୃତ୍ୟୁ ଘଟିଚି । ଏମିତି ବଞ୍ଚିବାରେ ଲାଭ କ'ଣ ? ଚତୁର୍ଥରେ ପତ୍ନୀ ମଧ୍ୟ ଦିନକୁ ଦିନ ଶୁଖି ଯାଉଛନ୍ତି । ସେ କିଛି କହି ପାରୁନାହାନ୍ତି, ମାତ୍ର ମୁଁ ଅନୁଭବ କରୁଛି ସେ ବି ମୋ ପରି ଦୁଃଖୀ ମଣିଷଟେ ପାଲଟି ଯାଇଛନ୍ତି । ବୃଦ୍ଧକାଳେ ଆମେ ଏମିତି ଅସୁସ୍ଥ ହେଲେ ଉଚ୍ଚ ଚିକିତ୍ସା କେମିତି ହେବ ? ପଞ୍ଚମରେ ଯଦିଓ ପୁଅମାନେ ଘରଖର୍ଚ୍ଚ ତୁଲାଇବା ଓ ଆମ ଯତ୍ନ ନେବାରେ ବ୍ୟସ୍ତ, ମାତ୍ର ସେମାନଙ୍କ ଉପରେ ବୋଝ ହୋଇ ଆମର ସ୍ୱାଭିମାନ କ୍ଷୁର୍ଣ୍ଣ ହେଉ ନାହିଁକି ?

ଆଉ ଏକ ପ୍ରଧାନ କାରଣ- ଏବେ ପରିବାରରେ ଅଶାନ୍ତି ସୃଷ୍ଟି ହୋଇଛି । ସେଇଟା ଗୋଟିଏ ଅଜାଗା ବଥ । ତାକୁ କହିହେଉନି କି ଦେଖାଇ ହେଉନି ।

ଏବେ ମୋ ଶରୀରର ପନ୍ଦର କେଜି ଓଜନ କମି ଯାଇଛି । ଚର୍ମ ଓହଳି ପଡ଼ିଲାଣି । ଦିନ ଥିଲା ମୋର ଶରୀର ଗଠନ ଓ ରୂପଯୌବନ ଦେଖି କିଛି ବନ୍ଧୁ ଈର୍ଷା କରୁଥିଲେ । ପଚାଶ ବର୍ଷ ବୟସରେ ଲୋକେ ମୋତେ ଦେଖି ପଇଁତିରିଶ ବର୍ଷର ଯୁବକ ବୋଲି ଭାବୁଥିଲେ । ଏବେ କିନ୍ତୁ ଷାଠିଏ ବର୍ଷରେ ମୁଁ ସତୁରି ବର୍ଷର ବୃଦ୍ଧ ପରି ଦିଶୁଛି ବୋଲି ସେଇମାନେ କହୁଛନ୍ତି । ମୋର ଭଗ୍ନସ୍ୱାସ୍ଥ୍ୟ ଦେଖି ଯେଉଁମାନେ ସମବେଦନା ଜଣାନ୍ତି, ଅସୁସ୍ଥ ମଣିଷ ବୋଲି ଅନୁକମ୍ପା ପ୍ରଦର୍ଶନ କରନ୍ତି ସେତେବେଳେ ମୋତେ ବହୁତ ଖରାପ ଲାଗେ । ଜଣେ କ୍ଷୟିଷ୍ଣୁ ମଣିଷ ଭାବେ ମୁଁ କ'ଣ ମୃତ୍ୟୁର ଅନ୍ଧାରୀ ଗହ୍ୱରକୁ ଟଣା ହୋଇଯାଉଛି ?

ମୋର ଭାବାବେଗର ପରିସମାପ୍ତି ଘଟୁଚି । ମୋ ଭିତରେ ଅନେକ ଗଳ୍ପ, ଉପନ୍ୟାସର ବୀଜ ସାଇତି ରଖିଥିଲି ଯାହା ଦିନେ ଅଙ୍କୁରିତ ହେବ ବୋଲି ଆଶା ରଖିଥିଲି । ମାତ୍ର ଏବେ ମୋର ଆଶଙ୍କା, ଆଉ ସେ ବୀଜ ଅଙ୍କୁରିତ ହୋଇ ପାରିବ ନାହିଁ । ମୋର ଭାବ, ଲୟ, ଅନୁଶୀଳନରେ ବିଭ୍ରାଟ ହେତୁ ମୋର ସେ ସର୍ଜନମୁଖୀ ବୀଜସବୁ କୀଟଦ୍ରଷ୍ଟ ହେବାକୁ ଯାଉଛି । ବାକି ଜୀବନଟା କ'ଣ ବିତିଯିବ ଏମିତି ଗୁଡ଼ାଏ ଅବସୋସ୍ ଓ ଅସଫଳ ସ୍ୱପ୍ନକୁ ବୁକୁରେ ଚାପିଧରି ଅଦୃଷ୍ଟ ଲୋତକପାତରେ ?




- ପୁସ୍ତକର ନାମ: **ସେଇ ଶବ୍ଦମାନେ**
- ଲେଖକଙ୍କ ନାମ : **ଡ. ଶୁଭଶ୍ରୀ ଲେଙ୍କା**
- ପ୍ରକାଶକଙ୍କ ନାମ : **ପଶ୍ଚିମା ପବ୍ଲିକେଶନ୍ସ, ୧୮୮୨-ନୟାପଲ୍ଲୀ, ଭୁବନେଶ୍ୱର-୧୨**
- ମୂଲ୍ୟ : **୧୦୦/-**, ପୃଷ୍ଠା : ୧୧୩


**କିଛି କିଛି ଶବ୍ଦଙ୍କ ବିଶ୍ୱସ୍ତ ସ୍ପର୍ଶ ବେଳେବେଳେ ବଦଳାଇ ଦିଏ ସୂର୍ଯ୍ୟୋଦୟର ମୁହୂର୍ତ୍ତ । ସେଇ ଶବ୍ଦମାନଙ୍କ ମୁଖର ସାନ୍ନିଧ୍ୟରେ ପୁଣି ଅନ୍ଧାର ହଟିଯାଇ ଆରମ୍ଭ ହୁଏ ନୂଆ ଆଲୁଅର ଖେଳ । ଏ ଆଲୁଅ କିନ୍ତୁ ଆସ୍ଥାର ଆଲୁଅ । ପ୍ରତ୍ୟୟର ଆଲୁଅ । ଯେଉଁ ଆଲୁଅର କ୍ଷୀଣ ଉଜ୍ଜ୍ୱଳତାରେ ବି ଦାଉ ଦାଉ ଦିଶେ ପାହିନଥିବା ରାତି । ସେତିକିବେଳେ ସେଇ ଶବ୍ଦମାନେ ହିଁ ହାତ ଧରି ବାଟ ଚାଲିବା ଆରମ୍ଭ କରନ୍ତି ତ ଫର୍ଚ୍ଚା ହୋଇଉଠେ ଭୋଅର୍‌ର ଆକାଶ । ଅଥଚ: "ଆଲୋକିତ ପୂର୍ବ ଦିଗକୁ ପିଠି କରି / ମୁଁ ଖୋଜୁଥାଏ ଆତ୍ମରକ୍ଷା ପାଇଁ ସୁରକ୍ଷିତ ବିବରଟିଏ ।" ଏ ହେଉଛି କବି ଡକ୍ଟର ଶୁଭଶ୍ରୀ ଲେଙ୍କାଙ୍କ 'ସେଇ ଶବ୍ଦମାନେ' କବିତା ଗ୍ରନ୍ଥରେ ଥିବା କବିତା ସମଗ୍ରର ଶାଣିତ ଅଥଚ କୋମଳ ସ୍ୱର । ଶୁଭଶ୍ରୀଙ୍କ କବିତାରେ ଶବ୍ଦମାନେ ଅର୍ଥମୟ ହୋଇ ଉଠନ୍ତି ସବୁବେଳେ । କାରଣ ଭାବବସ୍ତୁରେ କବି କେବେ ହେଲେ ମିଶାନ୍ତି ନାହିଁ ଅସୁନ୍ଦରତାର ମିଛପଣ । ଶବ୍ଦକୁ 'ଶ୍ରୀ'ମଣ୍ଡିତ କରିବାରେ ସିଦ୍ଧହସ୍ତ ଏ କବି ବେଳେବେଳେ ଜୀବନ ସଂଘର୍ଷର କଠୋରପଣକୁ କୋମଳ ଗାନ୍ଧାର କରିତୋଳନ୍ତି ତ କେତେବେଳେ ସତ୍ୟର ପରିଧାନ ପିନ୍ଧେଇ ଶବ୍ଦଙ୍କୁ କରିପାରନ୍ତି ପଥର । 'ସେଇ ଶବ୍ଦମାନେ' କବିତା ସଂକଳନରେ ଯାତନା ଓ ଜ୍ୱଳନର ସ୍ୱର ତୀବ୍ର ହୋଇଥିଲେ ହେଁ, କୋଉଠି ନା କୋଉଠି ଧାରେ ନରମ ହସ ବି ଅଛି ପାଠକଙ୍କ ପାଇଁ । ଅଭିନନ୍ଦନ କବିଙ୍କୁ ।**

# ଓଡ଼ିଆ କବିତାର ପ୍ରବାଦ ପୁରୁଷ
# କବି ପ୍ରହରାଜ ସତ୍ୟନାରାୟଣ ନନ୍ଦ
# ରେବତୀ ପାଇଁ ସ୍ୱତନ୍ତ୍ର ମୁଦ୍ରାରେ

ଫଟୋଗ୍ରାଫି : କୃଷ୍ଣ କୁମାର ମହାନ୍ତି

ଶୁଭେଚ୍ଛା ସହ ....

ପ୍ରହରାଜ ସତ୍ୟନାରାୟଣ ନନ୍ଦ



# ସିଡ୍‌ନିର ମାଡାମ୍ ତୁସାଡ୍



**ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ**
ଆଳୁପୁର, ଅଙ୍ଗାରଗଡ଼ିଆ
ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ବାଲେଶ୍ୱର
ଫୋନ : ୯୪୩୭୨୯୪୮୬୯

ଫଟୋ ସୌଜନ୍ୟ : ଲେଖକ

ମେଲ୍‌ବୋର୍ଣ୍ଣରେ ରହୁଥିବା ମୋର ଝିଅ ଅମୃତା ଆମକୁ ସିଡ୍‌ନି ବୁଲାଇ ନେଇ ଯିବା ପାଇଁ ବ୍ୟବସ୍ଥା କଲା । ଜ୍ୱାଇଁ ସିଦ୍ଧାର୍ଥ ସହ ମିଶି ସେ ସିଡ୍‌ନିରେ ଭଡ଼ାସୂତ୍ରରେ ଗୋଟେ ଘର ନେଇଯିବା ପାଇଁ ଓ ଏୟାର୍‌ପୋର୍ଟରେ ଗୋଟେ କାର୍ ଭଡ଼ାରେ ନେଇଯିବାକୁ ଠିକ୍ କରିନେଲେ । ଝିଅ ପଚାରିଲା, “ବାପା ! ସିଡ୍‌ନିର କେଉଁ କେଉଁ ସ୍ଥାନକୁ ବୁଲି ଯିବାକୁ ଚାହୁଁଛ, କୁହ ?” ପତ୍ନୀ ଖଣ୍ଡେ ଦୂରରେ ଆମ ପାଇଁ ଚା’ ପ୍ରସ୍ତୁତ କରୁଥିଲେ । ବିଲେଇ ଯେଉଁ ଜାଗାରେ ଥିଲେ ମଧ୍ୟ ଯେମିତି ତାର ଛୁଆ ପ୍ରତି ନଜର ରଖୁଥାଏ, ସେହିପରି ପତ୍ନୀ ଘର ଭିତରେ ଯେଉଁଠି ଥିଲେ ମଧ୍ୟ ମୁଁ ମୋବାଇଲ୍‌ରେ କାହା ସହିତ କଥା ହେଉଛି ସେଥିପ୍ରତି ନଜର ରଖିଥିବା ପରି ଚା’କରୁକରୁ ଆମ କଥା ପ୍ରତି ମଧ୍ୟ କାନେଇଥିଲେ । ସେହି ସୁଯୋଗକୁ ହାତଛଡ଼ା ନ କରି ଫୁସ୍‌ଫୁସ୍ ଅଥଚ ପତ୍ନୀଙ୍କୁ ଶୁଭା ଯାଉଥିବା ଗଳାରେ କହିଲି, “ଲାଇଟ୍ ହାଉସ୍ ତ ନିଶ୍ଚୟ ଦେଖିବା, ମାତ୍ର ତୁ ମାଡାମ୍ ତୁସାଡ୍‌ଙ୍କ ସହ ମୋର ଭେଟ କରାଇ ଦେବୁ ।” ଚା’ ଛାଙ୍କୁ ଛାଙ୍କୁ ପତ୍ନୀ ମୋ ଆଡ଼କୁ ବୁଲିପଡ଼ି କହିଲେ, “କିହୋ ଓଡ଼ିଶାରେ ପ୍ରତିଦିନ ଏତେ ମାଡାମ୍‌ଙ୍କୁ ଭେଟୁଛ, ସେଥିରେ ମନ ଶାନ୍ତି ହେଲା ନାହିଁ ଯେ ସିଡ୍‌ନିରେ ଯାଇ ପୁଣି କୋଉ ମାଡାମ୍‌କୁ ଭେଟିବ ! ଏତେ ଦୂରରେ ତମେ ଏ ମାଡାମ୍‌କୁ ଚିହ୍ନିଲ କେମିତି ! ସେଇ ଘରଭଙ୍ଗା ସାହିତ୍ୟର ଏ ଗୁଣ । ଓଡ଼ିଶାରେ ତ ମୋ ଘରକୁ ଭାଙ୍ଗି ସାରିଲାଣି, ଭାବିଥିଲି ଅଷ୍ଟ୍ରେଲିଆକୁ ଆସି ସେ ସାହିତ୍ୟଫାହିତ୍ୟକୁ ଭୁଲିଯିବ । ହେଇ ଦେଖ, ଏଠିବି କିଏ ଗୋଟେ ମାଡାମ୍ ବାହାରିଲାଣି !” ମାଆକୁ ଚିଡ଼େଇବାକୁ ଝିଅ ଟିକିଏ ଯୋଡ଼ିଦେଇ କହିଲା, “ବୁଝିଲୁ ମାଆ, ମାଡାମ୍ ତୁସାଡ୍‌ଙ୍କ ପାଖରେ ଏତେ ସୁନ୍ଦର ସୁନ୍ଦର ଝିଅ ଅଛନ୍ତି ଯେ ସାରା ପୃଥିବୀ ସେମାନଙ୍କୁ ଦେଖିବାକୁ

▼ଅଷ୍ଟ୍ରେଲିଆର ସିଡ୍‌ନିସ୍ଥିତ ମହମର ମ୍ୟୁଜିୟମ୍ ‘ମାଡାମ୍ ତୁସାଡ୍’ର ପ୍ରବେଶପଥ



ପାଗଳ ହୋଇଯାଉଛି ।” ପତ୍ନୀ ମୁହଁ ମୋଡ଼ିଦେଲେ ।

ସିଡ୍‌ନି ଲାଇଟ୍ ହାଉସ୍ ପାଖରେ କାର୍ ପାର୍କିଂ କରି ଆମେ ସମୁଦ୍ରକୂଳ ପାଖକୁ ଆସିଲୁ । ଦିଗନ୍ତବିସ୍ତାରୀ ନୀଳ ଜଳରାଶିକୁ ଦେଖିଲେ ଲାଗୁଥିଲା ଅଷ୍ଟ୍ରେଲିଆ ସୁନ୍ଦରୀ ଯେମିତି ନୀଳଶାଢ଼ି ପିନ୍ଧି ଆଖିବୁଜି ଶୋଇ ପଡ଼ିଛି । ପ୍ରତି ମୁହୂର୍ତ୍ତରେ କିଛି ବୋଟ୍ ଲୋକଭର୍ତ୍ତି କରି ଦରିଆ ମଝିରେ ଅନ୍ତର୍ଦ୍ଧ୍ୟାନ ହୋଇଯାଉଛି ତ ସେମାନଙ୍କର ଶୂନ୍ୟସ୍ଥାନକୁ ପୂରଣ କରିବା ପାଇଁ ଲୋକଭର୍ତ୍ତି ପ୍ରତ୍ୟାବର୍ତ୍ତନକାରୀ ବୋଟ୍‌ଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ଚାଲିଛି । ସ୍ଥଳଭାଗଟି ସମୁଦ୍ର ଭିତରକୁ କିଛି ଅଂଶ ପଶି ଆସିଛି ବୋଲି ଆରପାଖର ଜନଗହଳି ଦୃଷ୍ଟିଗୋଚର ହେଉ ନାହିଁ ସତ୍ୟ ମାତ୍ର କିଛି ଦର୍ଶକ ସମୁଦ୍ର କୂଳେ କୂଳେ ଚାଲି ଚାଲି ଯାଇ ଆର ପଟରେ ଥିବା ଦର୍ଶନୀୟ ସ୍ଥାନକୁ ଉପଭୋଗ କରିବାର କାର୍ଯ୍ୟରେ ଲିପ୍ତ ଅଛନ୍ତି । ସମୁଦ୍ରର ଆରପଟ କୂଳକୁ ଗଲେ ତ ଭେଟିହେବ ମାଡାମ୍ ତୁସାଡ୍‌ଙ୍କୁ । ଝିଅ କହିଲା, “ବୋଟ୍‌ରେ ବସି ଚାଲିଯିବା ।” ଜ୍ୱାଇଁ କହିଲେ, “ସହର ଭିତର ଦେଇ ପଶିଗଲେ ମାଡାମ୍ ତୁସାଡ୍‌ଙ୍କ ପାଖରେ ପହଞ୍ଚିବାକୁ ଗୋଟେ କିଲୋମିଟର ଲାଗିବ । ସିଡନି ସହରକୁ ଦେଖି ଦେଖି ଆମେ ଚାଲି ଚାଲି ଆରପଟକୁ ଚାଲିଯିବା ଓ ଫେରିବାବେଳକୁ ବୋଟ୍‌ରେ ପଳାଇ ଆସିବା ।” ମୁଁ ଖୁସିରେ ହଁ ଭରିଲି । ଝିଅ ଓ ତାର ମାଆ ଚାଲିବାର କଷ୍ଟକୁ କଳ୍ପନା କରି ଦୁଃଖାତ୍ମକ ଖୁସିରେ ହଁ ମାରିଲେ ।



ଆପଣଙ୍କ ନିକଟରେ ଇଣ୍ଟରନେଟ୍‌ଯୁକ୍ତ ମୋବାଇଲ୍ ଅଛି ମାନେ ଗୁଗୁଲ୍ ଆପଣଙ୍କୁ ବାଟ କଢ଼ାଇ ନେବ । ଆମେ ଅଟ୍ଟାଳିକାମାଳା ପରିପୂର୍ଣ୍ଣ ସହର ଭିତରକୁ ପଶିଗଲୁ । ଦୁଇ ପାହାଡ଼ ମଝିରେ ଝରି ଯାଉଥିବା ଝରଣା ପରି ସୁଉଚ୍ଚ ଅଟ୍ଟାଳିକାମାଳାର ପାଦସନ୍ଧିରେ ରାସ୍ତାଟି ଯେମିତି ଝରି ଝରି ଯାଉଛି । ତାହାରି ସନ୍ଧିରେ ସୂର୍ଯ୍ୟକିରଣ କେଉଁ ବାଗରେ ପଶି ଆସି ପାଦତଳା ଭୂମିକୁ ଯେମିତି ପ୍ଲାବିତ କରି ଦେଉଛି । କୋଣ ପରେ କୋଣ ଏବଂ ତା’ପର କୋଣମାନ ଅତିକ୍ରମ କରି ଅଷ୍ଟବକ୍ର ଋଷି ପରି ରାସ୍ତା ଯେମିତି ମାଡ଼ି ଚାଲିଛି ଆଗକୁ ଆଗକୁ । ଆରପାଖରେ ପହଞ୍ଚି ଜଣକା ତିରିଶି ଡଲାର୍‌ର ଟିକେଟ୍ (ଭାରତୀୟ ମୁଦ୍ରାରେ ଦେଢ଼ ହଜାର ଟଙ୍କାରୁ ଅଧିକ) କାଟି ମାଡାମ୍ ତୁସାଡ୍ ଭିତରକୁ ପ୍ରବେଶ କରିଗଲୁ ।

କେବେ କେଉଁ ଶତକରେ ମାଡାମ ତୁସାଡ୍ କହିଲେ, ଜଣେ ବ୍ୟକ୍ତିକୁ ବୁଝାଉଥିଲା । ଏବେ ମାଡାମ ତୁସାଡ୍ କହିଲେ ଏକ ଅନୁଷ୍ଠାନକୁ ବୁଝାଉଛି । ତାହା ପୁଣି ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା ମହମର ସଂଗ୍ରହାଳୟକୁ । ମାଡାମ୍ ତୁସାଡ୍ ସଂଗ୍ରହାଳୟର ପୂରା ନାମ ମାଡାମ ତୁସାଡ୍‌ସ୍ ମ୍ୟୁଜିଅମ୍ । କ୍ରମଶଃ ଏହାକୁ ମ୍ୟୁଜିଅମ୍ ବୋଲି ନ କହି ଦର୍ଶକମାନେ ମାଡାମ୍ ତୁସାଡ୍‌ସ୍ ବୋଲି କହିଲେ ଏବଂ ତୁସାଡ୍‌ସ୍‌ର ପୂର୍ବରୁ ଏକ ଏପୋଷ୍ଟ୍ରୋଫ୍ ଲାଗିଥିଲା । ସଂପ୍ରତି ଏପୋଷ୍ଟ୍ରୋଫ୍ ଉଠିଯାଇ କେବଳ ତୁସାଡ୍‌ସ୍ ରହିଛି, ମାତ୍ର ଲୋକମୁଖରେ ତାହା ମାଡାମ୍ ତୁସାଡ୍ ନାମରେ କଥିତ ହେଉଛି ।

ଏହି ମାଡାମ୍ ତୁସାଡ୍‌ସ୍ ୱାକ୍ସ ମ୍ୟୁଜିଅମ୍ ବା ମହମ ସଂଗ୍ରହାଳୟ ଦେଖିବାର ପ୍ରବଳ ଇଚ୍ଛା ଜାଗ୍ରତ ହୋଇଥିଲା ଯେତେବେଳେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀ ସଂଗ୍ରହାଳୟରେ ନିଜର ମହମମୂର୍ତ୍ତି ନିକଟରେ ଠିଆ ହୋଇ ଛବି ଉତ୍ତୋଳନ କରିଥିଲେ ଏବଂ ଦୁଇଜଣ ନରେନ୍ଦ୍ର ମୋଦି ଏକ ସଙ୍ଗରେ ଠିଆ ହୋଇଥିବାର ଭ୍ରମ ସୃଷ୍ଟି କରିଥିଲେ । ଦିଲ୍ଲୀସ୍ଥିତ ମାଡାମ୍ ତୁସାଡ୍‌ସ୍ ମହମ ସଂଗ୍ରହାଳୟଟି ଅନୁଷ୍ଠାନର ତେଇଶିତମ ସଂଗ୍ରହାଳୟ ଭାବରେ ୨୦୧୭ ମସିହା ଡିସେମ୍ବର ୧ ତାରିଖରେ ନୂଆଦିଲ୍ଲୀର ରିଗାଲ୍ ଥିଏଟର୍ ଠାରେ ପ୍ରତିଷ୍ଠିତ । ନରେନ୍ଦ୍ର ମୋଦିଙ୍କ ବ୍ୟତୀତ ଏଠାରେ ମହାତ୍ମାଗାନ୍ଧୀ, ଅବଦୁଲ୍ କାଲାମ୍, ବଲିଉଡ୍‌ର ଅମିତାଭ୍ ବଚ୍ଚନ, ଅନିଲ୍ କାପୁର୍, ଦୀପିକା ପାଡୁକୋନ୍, ଦିଲ୍‌ଜିତ୍ ଦୋସାଞ୍ଜ୍, ହ୍ରିତିକ୍ ରୋସନ, କରିନା କାପୁର୍, କେଟ୍ରିନା କୈଫ୍, ସାହିଦ୍ କାପୁର୍, ମଧୁବାଳା, ମାଧୁରୀ ଦୀକ୍ଷିତ୍, ରାଜ୍ କାପୁର୍, ରଣବୀର୍ କାପୁର୍, ସଲ୍‌ମନ୍ ଖାନ୍, ଶାହରୁଖ୍ ଖାନ୍, ସନି ଲିଅନ୍, ଆଶା ଭୋଁସ୍‌ଲେ, ଲେଡି ଗାଗା, ମାଇକେଲ୍ ଜ୍ୟାକ୍‌ସନ୍, ଶ୍ରେୟା ଘୋଷାଲ୍, ସୋନୁ ନିଗମ୍, ଜାକିର୍ ହୁସେନ୍, କପିଲ୍ ଦେବ୍, ମେରିକମ୍, ମିଲ୍‌ଖା ସିଂହ, ସଚିନ୍ ତେନ୍ଦୁଲ୍‌କର୍, ବିରାଟ କୋହଲି ଇତ୍ୟାଦିଙ୍କର ପ୍ରତିମୂର୍ତ୍ତି ଦେଖିବାକୁ ମିଳିଥାଏ । ମାତ୍ର ସିଡ୍‌ନିର ମାଡାମ୍ ତୁସାଡ୍‌ରେ ଏ ସମସ୍ତଙ୍କର ପ୍ରତିମୂର୍ତ୍ତି ଦେଖିବାକୁ ମିଳିଲା ନାହିଁ । ମହାତ୍ମାଗାନ୍ଧୀ, ଅବଦୁଲ୍ କାଲାମ୍ ଓ ଶାହାରୁଖ୍ ଖାନ୍ ଆଦି କତିପୟ ଭାରତୀୟ ବ୍ୟକ୍ତି ସିଡ୍‌ନିର ମହମ ସଂଗ୍ରହାଳୟକୁ ମଣ୍ଡନ କରିଛନ୍ତି ଯାହା ।

ସିଡ୍‌ନିର ସଂଗ୍ରହାଳୟ ଭିତରକୁ ପଶିଗଲା ପରେ ଆମକୁ ଲାଗିଲା ଆମେ ଯେମିତି ସ୍ୱର୍ଗରାଜ୍ୟର ଦେବସଭା ଭିତରକୁ ପଶି ଯାଇଛୁ । ସ୍ୱର୍ଗରାଜ୍ୟରେ ଯେମିତି କେଉଁଠି ବିଷ୍ଣୁ ଚକ୍ର ଘୂରାଇ ଘୂରାଇ ଉପବେଶନ କରିଛନ୍ତି ତ ଇନ୍ଦ୍ର ବସିଛନ୍ତି ବଜ୍ର ଧରି । ଶିବଙ୍କର ମୁଣ୍ଡରୁ ଝରଣା ଝରି ଆସୁଛି ତ ଗମ୍ଭୀର ମୁଦ୍ରାରେ ଧ୍ୟାନରତ ଅଛନ୍ତି ଜ୍ଞାନ ତପସ୍ୱୀ ବୃହସ୍ପତି । ଗନ୍ଧର୍ବ, କିନ୍ନର୍ କିନ୍ନରୀମାନଙ୍କର ନୃତ୍ୟଗୀତରେ ଉଚ୍ଛୁଳି ଉଠିବା ପରି ଉଚ୍ଛୁଳି ଉଠୁଛି ମାଡାମ୍ ତୁସାଡ୍‌ସ୍ ମହମ୍ ସଂଗ୍ରହାଳୟ । ଅନ୍ୟସ୍ଥାନର ସଂଗ୍ରହାଳୟ ପରି ସିଡ୍‌ନିର ମହମ ସଂଗ୍ରହାଳୟକୁ ମଧ୍ୟ କେତେ ଗୋଟି ବର୍ଗରେ ବିଭକ୍ତ କରା ଯାଇଛି । ତନ୍ମଧ୍ୟରୁ ଆକର୍ଷଣୀୟ ବର୍ଗ ହେଉଛି ନ୍ୟାୟବର୍ଗ, ଯେଉଁଥିରେ ସୁପରମ୍ୟାନ୍, ଏକ୍ୱାମ୍ୟାନ୍, ୱାଣ୍ଡର ମ୍ୟାନ୍, ବେଟ୍‌ମ୍ୟାନ୍ ଏବଂ ସମସ୍ତ ବୀର ପୁରୁଷଙ୍କର ସମ୍ମେଳନ ‘ଦି ପ୍ଲାସ୍’ ଶୋଭାପାଉଛି ।

ଯେଉଁମାନେ ସୁପରମ୍ୟାନ୍‌ଙ୍କ ସମ୍ପର୍କରେ କିଛି ଜାଣିଛନ୍ତି ସୁପର୍‌ମ୍ୟାନ୍ ଦେଖିଦେବା କ୍ଷଣି ସେମାନଙ୍କୁ ଲାଗିବ ଯେମିତି କଳ୍ପନା ରାଜ୍ୟରେ ଘୂରି ବୁଲୁଛନ୍ତି । ଆକର୍ଷଣ, ଉତ୍‌କଣ୍ଠା, ଅନୁସନ୍ଧିତ୍ସା ଓ ଉତ୍ତେଜନାରେ ମନ ଓ ହୃଦୟ ଉଭୟ ବିଚଳିତ ହୋଇଯାଆନ୍ତି । ସୁପରମ୍ୟାନ୍ ବା ଅତିମାନବ ଆମେରିକାର ଏକ କମିକ୍ ବହିର ଚମତ୍କାର ନାୟକ । ଲେଖକ ଜେରି ସିଗଲ ଓ ଚିତ୍ରକର ଜୋ ସଷ୍ଟରଙ୍କ ଦ୍ୱାରା ସେ ପ୍ରଥମେ ପ୍ରସ୍ତୁତ ହୋଇଥିଲେ । ପରବର୍ତ୍ତୀ ସମୟରେ ସେ ରେଡ଼ିଓ, ଖବରକାଗଜ, ଟେଲିଭିଜନ୍, ଚଳଚ୍ଚିତ୍ର ଓ ଭିଡିଓ ଗେମ୍ ମାଧ୍ୟମରେ ସାରା ପୃଥିବୀକୁ ବ୍ୟାପିଗଲେ । ସଂଗ୍ରହାଳୟରେ ସ୍ଥାନିତ ହୋଇଥିବା ସୁପର୍‌ମ୍ୟାନ୍‌କୁ ଦେଖି ପତ୍ନୀ ପଚାରିଲେ, ୟାର ନାଁ କଣ ?

ଉତ୍ତର ମୋତେ ଦେବାକୁ ପଡ଼ିଲା ନାହିଁ । ସେ ସବୁ ବିଦ୍ୟାରେ ପାରଙ୍ଗମ ମୋର ଜ୍ୱାଇଁ ସିଦ୍ଧାର୍ଥ । ସୁପରମ୍ୟାନ୍‌ର କାହାଣୀଟାକୁ ଆଣି ତାଙ୍କ ଶାଶୁଙ୍କ ଆଗରେ ଥୋଇଦେଲେ । କ୍ରିପ୍‌ଟନ୍ ନାମକ ଏକ ଉପଗ୍ରହରେ କାଲ୍-ଇ୧ ନାମ ଗ୍ରହଣ କରି ସୁପରମ୍ୟାନ୍ ଜନ୍ମ ନେଇଥିଲେ । ପ୍ରାକୃତିକ ବିପର୍ଯ୍ୟୟରେ କ୍ରିପ୍‌ଟନ୍ ଧ୍ୱଂସ



ପାଇବା ପୂର୍ବରୁ ତାଙ୍କର ବୈଜ୍ଞାନିକ ପିତା ଜର୍-ଇ୧ ତାଙ୍କୁ ଏକ ଛୋଟିଆ ମହାକାଶ ଯାନରେ ପୃଥିବୀକୁ ପଠାଇ ଦେଇଥିଲେ ଓ ମହାକାଶ ଯାନଟି ଯାଇ ଆମେରିକାର ଏକ ପଲ୍ଲୀ ଅଞ୍ଚଳରେ ଲାଗିଥିଲା । ପିଲାଟିକୁ ପାଇ ତାହାକୁ ପୋଷ୍ୟ ଭାବରେ ଗ୍ରହଣ କରିଥିଲେ କୃଷକ ଜୋନାଥନ୍ ଓ ତାଙ୍କର ପତ୍ନୀ ମାର୍ଥା କେଣ୍ଟ୍ । ସେମାନେ ପିଲାଟିର ନାମ ଦେଇଥିଲେ କ୍ଲାର୍କ କେଣ୍ଟ୍ । ପିଲାଟି ଦିନରୁ ସେ ବିଭିନ୍ନ ପ୍ରକାର ଅତି ମାନବୀୟ ସାମର୍ଥ୍ୟ ପ୍ରଦର୍ଶନ କରି ପାରୁଥିଲେ । ଅଭେଦ୍ୟ ଚର୍ମ, ଅବିଶ୍ବସନୀୟ ଶକ୍ତି ମାଧ୍ୟମରେ ସେ ଅନ୍ୟମାନଙ୍କୁ ଆଶ୍ଚର୍ଯ୍ୟ ଚକିତ କରି ଦେଉଥିଲେ । ତାଙ୍କର ବାପା ଲୋକମାନଙ୍କର ଉପକାର ପାଇଁ ଶକ୍ତିକୁ ସମର୍ପଣ କରିବାକୁ ପ୍ରସ୍ତାବ ଦେବାପରେ ସୁପରମ୍ୟାନ୍ ହୋଇ ସେ ଅନ୍ୟମାନଙ୍କୁ ବିପଦରୁ ରକ୍ଷା କରୁଥିଲେ ।

ସୁପରମ୍ୟାନ୍ ନିକଟରେ ଥିବା ଏକ୍ସମ୍ୟାନ ମଧ୍ୟ ଆମେରିକାର କମିକ୍ ବହିରୁ ଗୃହୀତ ତଥା ସେ ମଧ୍ୟ ବିପଦରେ ପଡ଼ିଥିବା ବ୍ୟକ୍ତିମାନଙ୍କର ସହାୟକ । ସୁପରମ୍ୟାନ୍ ପରି ୱାଣ୍ଡର୍ ୱିମ୍ୟାନ୍ ଚରିତ୍ର ମଧ୍ୟ ସଂଗ୍ରହାଳୟର ମର୍ଯ୍ୟାଦା ବୃଦ୍ଧି କରୁଛି । ଏହି ଚରିତ୍ରଟି ମଧ୍ୟ ଆମେରିକାର କମିକ୍‌ବୁକ୍ ମାଧ୍ୟମରେ ଚିତ୍ରିତ । ଚରିତ୍ରଟି ଆମେରିକାର ମନସ୍ତତ୍ତ୍ବବିତ୍ ଚର୍ଲସ୍ ମୋଲଟନ୍ ଓ ଚିତ୍ରକର ହେରି ଜି.ପିଟରଙ୍କ ଦ୍ୱାରା ସୃଷ୍ଟ । ବେଟ୍‌ମ୍ୟାନ୍ ଅନ୍ୟ ଏକ ଚମତ୍କାର ନାୟକ ଯିଏ ବାଲ୍ୟକାଳରେ ନିଜର ପିତାମାତାଙ୍କୁ ହତ୍ୟା କରାଯିବାର ଦେଖି ଭବିଷ୍ୟତରେ ଅପରାଧିମାନଙ୍କର ପ୍ରତିଶୋଧ ନେବା ପାଇଁ ପ୍ରତିଜ୍ଞା କରିଥିଲେ ।

ସୁପରମ୍ୟାନ୍ ଇତ୍ୟାଦିକୁ ଦେଖି ସାରିବା ପରେ ଆଉ କେତେକ ଆଶ୍ଚର୍ଯ୍ୟକର ପ୍ରକୃତିକୁ ମଧ୍ୟ ଆମେ ପ୍ରତ୍ୟକ୍ଷ କରିବାରେ ଲାଗିଲୁ । ତନ୍ମଧ୍ୟରେ ଓଲିଭେରାଇନ୍ (ଆମେରିକାର ଉତ୍ତରାଞ୍ଚଳରେ ଦୃଷ୍ଟିଗୋଚର ହେଉଥିବା ନେଉଳ ଜାତୀୟ ଏକ ବୃହଦାକାର ପ୍ରାଣୀ) ସ୍ପାଇଡର୍‌ମ୍ୟାନ୍ ଓ ଆଇରନ୍ ମ୍ୟାନ୍ ଇତ୍ୟାଦି ଅନ୍ୟତମ ।

ଚଳଚ୍ଚିତ୍ର ଓ ଦୂରଦର୍ଶନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା କଳାକାରମାନଙ୍କର ପ୍ରତିମୂର୍ତ୍ତି ଅତ୍ୟନ୍ତ ଜୀବନ୍ତ ଭାବରେ ସଂଗ୍ରହାଳୟ ମଧ୍ୟରେ ଶୋଭା ପାଉଥିଲା । ପୃଥିବୀର ବିଖ୍ୟାତ କଳାକାର ମେଲ୍ ଗିବ୍‌ସନ୍, ଷ୍ଟିଭ୍ ଇରୱିନ୍, ମେରିଲିନ୍ ମୋନରେ, କଟିସ୍ ଷ୍ଟୋନ, ଅଲିଭିଆ ନିଉଟନ୍, ଜ୍ୟାକିଚନ୍, ଅଡ୍ରେ ହେପ୍‌ବର୍ଣ୍ଣ ଇତ୍ୟାଦିଙ୍କ ସହିତ ଭାରତୀୟ କଳାକାର ଶାହାରୁଖ୍ ଖାନ୍‌ଙ୍କୁ ଦେଖି ଆମେ ଆତ୍ମହରା ହୋଇ ପଡିଲୁ, ପୁଅ ଅମୃତ ଶାହାରୁଖ୍‌ଙ୍କ ପାଖକୁ ଯାଇ ବନ୍ଧୁ ଭଳି ଛିଡ଼ା ହୋଇ ପଡ଼ିଲା । ତାର ଦେଖିବାରେ ବିରାମ ନଥିଲା କି ଛବି ଉତ୍ତୋଳନ କରିବାରେ ବିରାମ ନଥିଲା । ଶାହାରୁଖ୍ ଖାନ୍‌ଙ୍କର ବାମ ପଟରେ ମୋର ପତ୍ନୀ ଓ ଡାହାଣ ପଟରେ ମୁଁ ଠିଆ ହୋଇ ଯେଉଁ ଛବିଟି ଉତ୍ତୋଳିତ କରିଥିଲୁ ତାହା ମୋ ପତ୍ନୀଙ୍କର ପ୍ରିୟ ଛବିମାନଙ୍କ ମଧ୍ୟରୁ ଅନ୍ୟତମ ।

ପୃଥିବୀର ଐତିହାସିକ ଓ ବିଶିଷ୍ଟ ନେତୃବୃନ୍ଦଙ୍କ ମଧ୍ୟରେ ଆମେ ସିଡ଼ନି ସଂଗ୍ରହାଳୟରେ ଦଲାଇଲାମା, ମହାତ୍ମାଗାନ୍ଧୀ, କେଥେରିନ୍, ପ୍ରିନ୍‌ସ୍ ୱିଲିଅମ୍, ବବ୍ ହକ୍, ନେଡ କେଲି, ଜନ୍ ହାୱାର୍ଡ୍, ଆର୍ଥର ଫିଲିପ, ଜେମସ୍ କୁକ୍, ବାଞ୍ଜୋ ପେଟରସନ୍, ଚର୍ଲସ୍ କିଙ୍ଗସ୍‌ଫୋର୍ଡ୍ ସ୍ମିଥ୍, ଜୁଲିଆ ଗିଲାର୍ଡ୍, ହୁ ଜିଣ୍ଟାଓ, ଏଡି ମାବୋ, ନେଲ୍‌ସନ୍ ମାଣ୍ଡେଲା, ଆଲ୍‌ବର୍ଟ ଆଇନ୍‌ଷ୍ଟାଇନ୍, କୁଇନ୍ ଏଲିଜାବେଥ୍ ଓ ମାଡାମ ମେରି ତୁସାଡ୍ ଆଦିଙ୍କ ସହ ମିଶିବାର ସୌଭାଗ୍ୟ ପାଇଲୁ । ଚଦର ଘୋଡ଼ି ଆଣ୍ଠୁ ଉପରକୁ ଖଦଡ଼ର ଧୋତି ପିନ୍ଧିଥିବା ମହାତ୍ମାଗାନ୍ଧୀଙ୍କର ସମ୍ମୁଖରେ ଠିଆ ହୋଇ ଆମେ ଯେମିତି ତାଙ୍କ ସହ କଥା ହୋଇ ପାରୁଥିଲୁ, ତମେ ଆସିବା ପରେ ଭାରତର ଅବସ୍ଥା ଦେଖୁଛ ତ ବାପୁ, ତମେ ଯେଉଁ ଅହିଂସାକୁ ପରମ ଧର୍ମ କରିଥିଲ ତମର ପରବର୍ତ୍ତୀ ପିଢ଼ି ହିଂସାକୁ ତାହାର ଶ୍ରେଷ୍ଠ ଧର୍ମ ଭାବରେ ଗ୍ରହଣ କରି ସାରିଲାଣି । ଆମ କଥା ଶୁଣିବାକୁ ସେମିତି ନିଶ୍ଚଳ ହୋଇ ବାପୁ ଛିଡ଼ା ହୋଇ ରହିଥିଲେ କିଛି କହିବା ଓ ନକହିବାର ମଝାମଝିରେ । ନେଲ୍‌ସନ୍ ମାଣ୍ଡେଲାଙ୍କ ସହିତ ମୁଁ ଫଟୋ ଉଠାଇଲି । ପରିବାରର ଅନ୍ୟ ସଦସ୍ୟମାନେ ବି ଉଠାଇଲେ । ମାତ୍ର ମୋତେ ମନ୍ତ୍ରମୁଗ୍ଧ କରିଥିଲା ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କର ସାନ୍ନିକଟ୍ୟ । ପାଖ କଳାପଟାରେ ଗଣିତର ଏକ ବହୁଜ୍ଞାତ ସୂତ୍ର । ଚେୟାର ଉପରେ ବସି ଟେବୁଲ୍ ଉପରେ ହାତ ରଖି କଥାବାର୍ତ୍ତା କରିବା ଢଙ୍ଗରେ ମୁଁ ଯେତେବେଳେ ପୃଥିବୀର ଶ୍ରେଷ୍ଠ ବୈଜ୍ଞାନିକଙ୍କୁ ଚାହିଁ ରହିଥିଲି ନିଜକୁ ନିଜେ ବି ମୁଁ ମୋତେ ଜ୍ଞାନରାଜ୍ୟର ସମ୍ରାଟ୍ ବୋଲି ମନେ କରୁଥିଲି ।

ସଂଗୀତ ରାଜ୍ୟର ପୃଥିବୀ ବିଖ୍ୟାତ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରେ ଆମେ ଯେଉଁମାନଙ୍କୁ ଦେଖିଥିଲୁ ସେମାନେ ହେଲେ ଲେଡି ଗାଗା, ପିଙ୍କ, ଆଡିଲ, ଟେଲର୍ ସ୍ୱିଫ୍ଟ, ଜନ୍ ଫାର୍ନହାମ୍, କିଲି ମିନଗ୍, ଜଷ୍ଟିନ ବାଇବର, କିଥ୍ ଅରବାନ, କେଟି ପେରି, ଜିମି ବାର୍‌ନେସ୍, ମାଇକେଲ ହଚେନ୍‌ସ୍, ରିକି ମାର୍ଟିନ୍, ରିହାନା, ମାଇକେଲ୍ ଜେକ୍‌ସନ୍ ଇତ୍ୟାଦି । ପୁଅ ଅମୃତ ଗୋଟେ ଛୋଟ ରେକର୍ଡିଂ ଘରଭିତରକୁ ପଶି ଯାଇ କାନରେ ହେଡ୍‌ଫୋନ୍ ଦେଇ ବାଥ୍‌ରୁମ୍ ସିଙ୍ଗର୍ ପରି ଗୋଟେ ଗୀତ ଗାଇବାକୁ ଆରମ୍ଭ କରିଦେଲା ତ ତାହାର ଭିଡ଼ିଓ ରେକର୍ଡିଂ ଆଗରେ ଥିବା ଟିଭି ସ୍କ୍ରିନରେ ପ୍ରତିଫଳିତ ହୋଇଗଲା । ସଂଗୀତ ବର୍ଗର ଗୋଟିଏ ସ୍ଥାନରେ ମୁଁ ଅଟକି ଗଲି । ସେଠାରେ ଠିଆ ହୋଇ ଆପଣ ଖାଲି ହାତକୁ ହଲାଇବେ, ମାତ୍ର ଆଗରେ ଥିବା ବିରାଟ ପର୍ଦାରେ ଆପଣ ଏକ ନୃତ୍ୟ ଗ୍ରୁପ୍‌ର ମୁଖ୍ୟଲୋକ ଭାବରେ ସଂଗୀତଗାନ କରୁଥିବା ପରି ପ୍ରତୀୟମାନ ହେବ । ସେହି ସୁନ୍ଦର ଫଟୋ ଏ ପର୍ଯ୍ୟନ୍ତ ମୋର ଫଟୋ ଲାଇବ୍ରେରୀରେ ରହି ତାର ଶୋଭାବର୍ଦ୍ଧନ କରୁଛି ।

ପୃଥିବୀର ବଡ଼ ବଡ଼ ଲୋକମାନଙ୍କ ମଧ୍ୟରୁ ବାରାକ୍ ଓବାମାଙ୍କ ସହିତ ମୁଁ ଫଟୋ ଉଠାଇଥିଲି । ଆଉ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କ ସହ ଉଠାଇଥିବା ଫଟୋରୁ ସେମାନଙ୍କର ନାମ ବିସ୍ମରଣ ହୋଇଯାଇଛି । ସବୁଠାରୁ ଆନନ୍ଦକର ମୁହୂର୍ତ୍ତ ଥିଲା ବ୍ୟାଟ୍ ଧରି ସଚିନ୍ ତେନ୍ଦୁଲକରଙ୍କ ସହ ଫଟୋ ଉଠାଇବା । ସଚିନଙ୍କୁ ନିକଟରୁ ଦେଖିବାର କେବେ ସୌଭାଗ୍ୟ ପାଇ ନଥିଲେ ମଧ୍ୟ ବ୍ୟାଟ୍ ଧାରଣ କରି ତାଙ୍କ ସହ ଠିଆ ହେବାର ମୁହୂର୍ତ୍ତ ମୋତେ ଖୁବ୍ ଆନନ୍ଦ ପ୍ରଦାନ କରିଥିଲା । ଡନ୍ ବ୍ରାଡ଼ମ୍ୟାନ୍‌ଙ୍କର ମହମ ପ୍ରତିମୂର୍ତ୍ତି ବି

▼ମହମର ମାଧୁରୀ ଓ ପ୍ରକୃତ ମାଧୁରୀ ମାଡାମ୍ ତୁସାଡ୍‌ରେ



ସଂଗ୍ରହାଳୟର ସୌନ୍ଦର୍ଯ୍ୟ ବର୍ଦ୍ଧନ କରୁଥିଲା । ପୁଅ ଅମୃତ ତ କେତେଜଣ ବିଶ୍ୱବିଖ୍ୟାତ କ୍ରିକେଟର୍‌ଙ୍କ ସହ ବୋଲିଂ କରିବାରେ ମନୋନିବେଶ କରି ନେଇଥିଲା । ଖେଳ ବର୍ଗରେ ଅନେକ କୌତୁକପ୍ରଦ କାର୍ଯ୍ୟ ରହିଛି । ଆପଣ ଗୋଟିଏ ସ୍ଥାନରେ ଠିଆ ହୋଇ ଯାଇ ଫଟୋ ଉଠାଇଲେ ଫଟୋରେ ଲାଗିବ ଆପଣ ଯେମିତି ହାଇଜମ୍ପ୍ କରୁଛନ୍ତି । ଗୋଟିଏ ସ୍ଥାନରେ ମୁଣ୍ଡଟିକୁ ଥୋଇଦେଲେ ଲାଗିବ ଆପଣ ଯେମିତି ଆକାଶଚାରୀ ।

ଯୁବକଯୁବତୀମାନଙ୍କର ଆଡ୍ଡା ଲାଗି ରହିଥିଲା ସଂଗ୍ରହାଳୟର ଫେସନ୍ ବର୍ଗରେ । ମହମ ନିର୍ମିତ ଅନେକ ସୁନ୍ଦରୀ ତରୁଣୀଙ୍କ ସହିତ ଆପଣ ଫଟୋ ଉଠାଇ ସାଇତି ରଖି ପାରିବେ । ପୃଥିବୀର ଅତ୍ୟାଧୁନିକ ସର୍ବଶ୍ରେଷ୍ଠ ଫେସନ୍‌ଗୁଡ଼ିକ ମହମ ନିର୍ମିତ ତରୁଣୀମାନେ ପ୍ରଦର୍ଶନ କରୁଛନ୍ତି । ଗୋଟିଏ ଟେବୁଲ୍ ଉପରେ ବସି ମୁଁ ଜଣେ ମହମତରୁଣୀଙ୍କ ସହ ଚା ପାନରେ ଆପ୍ୟାୟିତ ହୋଇଗଲି । ଆଉ ଜଣେ ମହମ ତରୁଣୀ ଠିଆ ହୋଇ ଆମର ବାର୍ତ୍ତାଳାପକୁ ପ୍ରତ୍ୟକ୍ଷ କରୁଥିଲା ।

ତୁସାଡ୍‌ସ୍ ମହମ ସଂଗ୍ରହାଳୟ ଭିତରେ ତିନି ଘଣ୍ଟାର ରହଣି ତିରିଶି ମିନିଟ୍ ପରି ମନେ ହୋଇଥିଲା । ଛାଡ଼ିକି ଆସିବାକୁ ଇଚ୍ଛା ହେଉନଥିଲେ ମଧ୍ୟ ଛାଡ଼ିକି ଯେ ଆସିବାକୁ ପଡ଼ିବ ସିଦ୍ଧାର୍ଥ ସେ କଥା ସୂଚାଇ ଦେଲେ । ସେତେବେଳେ ପତ୍ନୀ ପଚାରିଲେ, "ମାଡାମ୍ ତୁସାଡ୍‌ଙ୍କୁ ତ ଭେଟିବାକୁ ଚାହୁଁଥିଲ, ସେ କାହାନ୍ତି ?" ମାଡାମ୍ ତୁସାଡଙ୍କର ମହମ ନିର୍ମିତ ପ୍ରତିମୂର୍ତ୍ତି ପ୍ରତ୍ୟକ୍ଷ କରିଥିଲେ ମଧ୍ୟ ସେ କଥା ଭୁଲିଯାଇ ସେ ପୁନଶ୍ଚ ସେହି ପ୍ରଶ୍ନ ଉତ୍‌ଥାପନ କରିଥିଲେ । ଅଗତ୍ୟା ଜ୍ୱାଇଁ ସିଦ୍ଧାର୍ଥ ଶାଶୁମାଙ୍କ ଆଗରେ ମାଡାମ୍ ତୁସାଡ୍‌ଙ୍କର ଐତିହାସିକ କାହାଣୀ ପେଡ଼ି ଖୋଲି ବସିଲେ ।

▼ମହମର ମହାତ୍ମାଙ୍କ ସହିତ ଡ. ହେମମାଳା ତ୍ରିପାଠୀ






ମହମ-ସୁନ୍ଦରୀ ସହ ଲେଖକ ଡ. ତ୍ରିପାଠୀ

ମେରି ଗ୍ରୋସୋଲ୍‌ଜ୍ ଫ୍ରାନ୍ସର ଷ୍ଟ୍ରାସ୍‌ବର୍ଗରେ ୧୭୬୧ ମସିହା ଡିସେମ୍ବର ୭ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ବାପା ଜୋସେଫ୍ ଜଣେ ସୈନିକ ଭାବରେ କାର୍ଯ୍ୟ କରୁଥିଲେ ଓ ସାତବର୍ଷ ଧରି ଲାଗିଥିବା ଯୁଦ୍ଧରେ ପ୍ରାଣତ୍ୟାଗ କରି ସହିଦ ହୋଇ ଯାଇଥିଲେ । ମେରି ଜନ୍ମ ଗ୍ରହଣ କରିବା ପୂର୍ବରୁ ହିଁ ପିତାଙ୍କର ମୃତ୍ୟୁ ହୋଇ ଯାଇଥିଲା । ମେରି ଜନ୍ମ ହେବା ପରେ ତାଙ୍କର ମାଆ ଆନି ତାଙ୍କୁ ସାଥିରେ ଧରି ସୁଇଜରଲ୍ୟାଣ୍ଡର ବର୍ଣ୍ଣ ସହରକୁ ଚାଲି ଆସି ବିଖ୍ୟାତ ଚିକିତ୍ସକ ଡ. ଫିଲପ୍ କର୍ଟିଅସ୍‌ଙ୍କର ଗୃହରକ୍ଷିକା ଭାବରେ କାର୍ଯ୍ୟ କରିବାକୁ ଲାଗିଲେ । କର୍ଟିଅସ୍ ଡାକ୍ତର ହୋଇଥିଲେ ମଧ୍ୟ ମହମରେ ଆକୃତି ବନାଇବାରେ ତାଙ୍କର ଦକ୍ଷତା ଥିଲା । ବାଲ୍ୟକାଳରେ କର୍ଟିଅସ୍ ମେରିଙ୍କୁ ପ୍ରଥମେ ମହମରେ ଆକୃତି କରାଇବାର କଳା ସହ ପରିଚିତି କରାଇଥିଲେ । ମାତ୍ର ଛଅ ବର୍ଷ ବୟସରେ ମେରି ଦାର୍ଶନିକ ଭଲଟାୟାର୍‌ଙ୍କର ପ୍ରତିମୂର୍ତ୍ତି ବନାଇବାରେ ସକ୍ଷମ ହୋଇଥିଲେ । ସତର ବର୍ଷ ବୟସରେ ମେରି ଫ୍ରାନ୍ସର ରାଜା ଷୋଡ଼ଶ ଲୁଇସ୍‌ଙ୍କର ଭଉଣୀ ମାଡାମ ଏଲିଜାବେଥ୍‌ଙ୍କର କଳା ଶିକ୍ଷକ ଭାବରେ ନିଯୁକ୍ତି ପାଇଥିଲେ । ଫରାସୀ ବିପ୍ଳବ କାଳରେ ବନ୍ଦୀ ଭାବରେ ତିନିମାସ କାରାଗାରରେ ରହିବା ପରେ ମୃତ୍ୟୁ ଦଣ୍ଡକୁ ଅପେକ୍ଷା କରିଥିବା ବେଳେ ତାଙ୍କର ପରିଚିତ ବନ୍ଧୁ ଜୀନ୍‌ଜେକ୍ସ ରୁଷୋ ଓ ବେଞ୍ଜାମିନ ଫ୍ରେଙ୍କଲିନ୍‌ଙ୍କ ସାହଚର୍ଯ୍ୟରେ ମୁକ୍ତ ହୋଇଥିଲେ । ଏହି ଦୁଇବନ୍ଧୁଙ୍କ ପ୍ରତିକୃତି ନିର୍ମାଣ କରିଥିବା ଯୋଗୁଁ ସେମାନଙ୍କର ସାହଚର୍ଯ୍ୟରେ ଉଦ୍ଧାର ମିଳି ଯାଇଥିଲା ।

ଡ. କର୍ଟିଅସଙ୍କ ମୃତ୍ୟୁ ପରେ ତାଙ୍କ ନିକଟରେ ଥିବା ସମସ୍ତ ମହମ ପ୍ରତିକୃତି ମେରି ଗ୍ରୋସୋଲଜ୍‌ଙ୍କ ଅଧୀନକୁ ଚାଲି ଆସିଲା । ଏଇ ପ୍ରତିକୃତି ଗୁଡ଼ିକୁ ଧରି ମେରି ପରବର୍ତ୍ତୀ ୩୩ ବର୍ଷ ସମଗ୍ର ୟୁରୋପରେ ପ୍ରଦର୍ଶନୀ ପାଇଁ ଘୂରି ବୁଲିଲେ । ଫ୍ରାନ୍‌କୋଇସ୍ ତୁସାଡ୍‌ଙ୍କ ସହ ତାଙ୍କର ବିବାହ ସମ୍ପନ୍ନ ହେବା ପରେ ମେରି ତୁସାଡ୍ ସଂଜ୍ଞା ଧାରଣ କରି ନିଜ ପ୍ରଦର୍ଶନୀକୁ ମାଡାମ୍ ତୁସାଡ୍‌ସ୍ ନାମରେ ନାମିତ କରିଥିଲେ । ନେପୋଲିଅନୀୟ ଯୁଦ୍ଧ ଚାଲିଥିବା ହେତୁ ତୁସାଡ୍ ଆଉ ଫ୍ରାନ୍ସକୁ ଫେରି ନପାରି ଗ୍ରେଟ୍ ବ୍ରିଟେନ ଓ ଆୟାରଲ୍ୟାଣ୍ଡର ବିଭିନ୍ନ ସ୍ଥାନରେ ପ୍ରଦର୍ଶନୀ ଆୟୋଜନ କରୁଥିଲେ । ପରେ ବେକରଷ୍ଟ୍ରିଟ୍ ବଜାରରେ ଏଥିପାଇଁ ସ୍ଥାୟୀ ଘରଟିଏ ନିର୍ମାଣ କରିଥିଲେ ।

ବେକର୍ ଷ୍ଟ୍ରିଟ୍‌ରେ ସ୍ଥାୟୀ ଘର ନିର୍ମିତ ହେବା ପରେ ମାଡାମ ତୁସାଡ୍‌ସ ସଂଗ୍ରହାଳୟର ମୁଖ୍ୟ ଆକର୍ଷଣ ଥିଲା ସୈନିକ କୋଠି । ଫରାସୀ ବିପ୍ଳବ କାଳରେ ଯୁଦ୍ଧ ନିହତ, ହତ୍ୟାକାରୀ ଓ ଅପରାଧୀମାନଙ୍କର ପ୍ରାୟ ଚାରି ଶହ ପ୍ରତିମୂର୍ତ୍ତି ଏହି ଭୌତିକ କୋଠିକୁ ସମୃଦ୍ଧ କରିଥିଲେ, ଏହି ଭୌତିକ କୋଠିଟି ଥରେ ଅଗ୍ନିରେ ବିଧ୍ୱସ୍ତ ହୋଇ ପରେ ଜର୍ମାନୀ ମାନଙ୍କର ବୋମା ଦ୍ୱାରା କ୍ଷତିଗ୍ରସ୍ତ ହୋଇଯାଇଛି ।


▼ମହମରେ ତିଆରି ନିଜ ପ୍ରତିମାକୁ ଦେଖି ମୁଗ୍ଧ ନିଜେ ଅମିତାଭ



୧୮୫୦ରେ ମାଡାମ୍ ତୁସାଡ଼୍‌ସ୍‌ଙ୍କର ମୃତ୍ୟୁ ହେବା ପରେ ତାଙ୍କର ନାତି ଜୋସେଫ୍ ରେଣ୍ଡଲ ସଂଗ୍ରହାଳୟକୁ ବେକର୍ ଷ୍ଟ୍ରିଟ୍‌ରୁ ସ୍ଥାନାନ୍ତର କରି ମେରିଲବନ ରୋଡ଼ରେ ପ୍ରତିଷ୍ଠା କରିଥିଲେ । ପାରିବାରିକ କଳହ କାରଣରୁ ଏହି ସଂଗ୍ରହାଳୟକୁ ଏଡୱିନ୍ ଜୋସିଆ ପଏଜରଙ୍କ ନେତୃତ୍ୱରେ ପରିଚାଳିତ ଏକ ବ୍ୟାବସାୟିକ ସଂସ୍ଥାକୁ ବିକ୍ରୀ କରି ଦିଆ ଯାଇଥିଲା । ଏହାପରେ ଦରିଆପାରି ସ୍ଥାନମାନଙ୍କରେ ଭିନ୍ନ ଭିନ୍ନ ସଂଗ୍ରହାଳୟମାନ ସ୍ଥାପିତ ହେବାକୁ ଲାଗିଲା ।

୨୦୦୦ର ପରବର୍ତ୍ତୀ ସମୟରେ ଏହାର ମାଲିକାନା ବାରମ୍ବାର ପରିବର୍ତ୍ତିତ ହେବାକୁ ଲାଗିଲା । ୨୦୦୫ରେ ଏହି ସଂଗ୍ରହାଳୟକୁ ଦୁବାଇର 'ଦୁବାଇ ଇଣ୍ଟରନେସନାଲ୍ କ୍ୟାପିଟାଲ୍' ନାମକ ଏକ ବାଣିଜ୍ୟିକ ସଂସ୍ଥା କିଣିନେଇ ୨୦୦୭ରେ ବ୍ଲାକ୍‌ଷ୍ଟୋନ୍ ଗ୍ରୁପ୍‌କୁ ବିକ୍ରି କରିଦେଲା । ସଂପ୍ରତି ଏହି ସଂଗ୍ରହାଳୟ ବ୍ଲାକ୍‌ଷ୍ଟୋନ୍‌ର ମେରି ଏଣ୍ଟର୍‌ଟେନ୍‌ମେଣ୍ଟ୍ ଠାରୁ ଯାଇ ଘରୋଇ ବ୍ୟବସାୟୀ ନିକ୍ ଲେସଲ୍ ଓ ତାଙ୍କର ଅର୍ଥ ବିନିଯୋଗକାରୀ ସଂସ୍ଥା ପ୍ରେଷ୍ଟ୍‌ବେରି ନିକଟରେ ରହିଛି ।

ପତ୍ନୀ ଗୋଟିଏ ନିଃଶ୍ୱାସରେ ସିଦ୍ଧାର୍ଥଙ୍କର ଐତିହାସିକ କାହାଣୀକୁ ପିଇ ଯାଉଥିଲେ । ଜନ୍ମ ପୂର୍ବରୁ ପିତାଙ୍କୁ ହରାଇଥିବା ଛୋଟ ଝିଅଟିଏ ନିଜର ପ୍ରତିଭା ବଳରେ ପୃଥିବୀକୁ ଯେ ଚମତ୍କୃତ କରି ଦେଇପାରେ ଏହା ଭାବି ଓ ଜାଣି ସେ ଅଭିଭୂତ ହୋଇ ପଡ଼ିଲେ । ସଂଗ୍ରହାଳୟରୁ ଫେରିବା ପୂର୍ବରୁ ମୋ କାନପାଖକୁ ତାଙ୍କର ପାଟିଟାକୁ ଆଣି ଧୀର ଗଳାରେ କହିଲେ, ମାଡାମ୍ ତୁସାଡ୍‌ଙ୍କୁ ମୁଁ ଜଣେ ସ୍ତ୍ରୀଲୋକ ଭାବି ତୁମକୁ ସନ୍ଦେହ କରୁଥିଲି । ମାଡାମ୍ ତୁସାଡ୍ ଏକ ସଂଗ୍ରହାଳୟ ବୋଲି ଜାଣିଲା ପରେ ମୋର ସନ୍ଦେହ ମିଛ ବୋଲି ଜଣା ପଡ଼ିଗଲା । ମୁଁ ଧୀର ସ୍ୱରରେ ହସି କରି କହିଲି, "କେବଳ ଏଇ ସନ୍ଦେହଟା ମିଛ ନୁହେଁ, ଜୀବନଯାକ ମୋ ପ୍ରତି କରି ଆସୁଥିବା ସମସ୍ତ ସନ୍ଦେହ ଖାଲି ମିଛ ନୁହେଁ, ଡାହା ମିଛ ।"




# ବହି ବିଚାର



- ପୁସ୍ତକର ନାମ: **ଡୁମା ଦେବତା ଓ ଅନ୍ୟାନ୍ୟ ଗପ**
- ଲେଖକଙ୍କ ନାମ : **ରଂଜନ ପ୍ରଧାନ**
- ପ୍ରକାଶକଙ୍କ ନାମ : **କ୍ରିଏଟିଭ୍ ଓଡ଼ିଶା, ନିଗିନିପୁର, ସାନଜରିଆ, କେନ୍ଦ୍ରାପଡ଼ା**
- ମୂଲ୍ୟ : **୧୫୦/-**, ପୃଷ୍ଠା : **୧୮୦**

**"ରଂଜନ, ମୁଁ ତୁମକୁ ଜାଣେନାହିଁ, ଦେଖିନାହିଁ କେବେ, ମୁଁ ତୁମକୁ ଦେଖିବାକୁ ଚାହେଁ । ଏ 'ଡୁମା ଦେବତା' ଗଳ୍ପ ଓଡ଼ିଆ ସାହିତ୍ୟର ଗୋଟିଏ ସର୍ବକାଳୀନ ଶ୍ରେଷ୍ଠ ଗଳ୍ପ ।" ଏପରି କିଛି ଶବ୍ଦରେ ଗାଳ୍ପିକଙ୍କୁ ବଧାଇ ଜଣାଇଥିଲେ ବିଶିଷ୍ଟ ଲେଖକ ହରପ୍ରସାଦ ଦାସ, ଯେତେବେଳେ ସେ ରଂଜନ ପ୍ରଧାନଙ୍କର 'ଡୁମା ଦେବତା' ଗପ ପଢ଼ିଥିଲେ । ସୌଭାଗ୍ୟ ଯେ, ସେ ଗପଟି ସହ ଆଉ ୧୧ଟି ଗପ ସଂକଳିତ ହୋଇ ପ୍ରକାଶ ପାଇଥିବା ରଂଜନଙ୍କର ଓଡ଼ିଆ କ୍ଲାସିକ୍ 'ଡୁମା ଦେବତା ଓ ଅନ୍ୟାନ୍ୟ ଗପ' ଆମର ହସ୍ତଗତ ହୋଇଛି । ରଂଜନ ଗପ କହିବାର କଳାଟିକୁ ବେଶ୍ ସୁନ୍ଦର ଭାବରେ ଅକ୍ତିଆର୍ କରିଛନ୍ତି । ଯଦିଚ ରଂଜନଙ୍କ ଅଧିକାଂଶ ସମୟ ବିନିଯୋଗ ହୁଏ ଜନଜାତିର ଗବେଷଣାରେ ଏବଂ ପତ୍ରକାରିତାର ଦାୟିତ୍ୱବୋଧ ଭିତରେ । ଜଣେ ଗାଳ୍ପିକ ଭାବରେ ସେ ଯେତିକି ପ୍ରତିଷ୍ଠା ପାଇବା କଥା ସେତିକି ପ୍ରତିଷ୍ଠା ତାଙ୍କୁ ଓଡ଼ିଆ ସାହିତ୍ୟ ଦେଇନାହିଁ । ଏହାର କାରଣ ତାଙ୍କର ସୃଜନଯାତ୍ରାର ଶାଖାପ୍ରଶାଖା ଭିନ୍ନ ଭିନ୍ନ ଦିଗରେ ଗତିଶୀଳ । 'ଡୁମା ଦେବତା' ଗଳ୍ପ ପୁସ୍ତକରେ ଯେଉଁ ଗପଗୁଡ଼ିକ ସ୍ଥାନିତ ହୋଇଛି ତାହା ଆଦିବାସୀ ଜନଜାତିଙ୍କୁ ନେଇ ରଂଜନଙ୍କ ମନରେ ଥିବା ଅନୁଭବ ଦ୍ୱାରା ପ୍ରତିଫଳିତ । ଅର୍ଥାତ୍ ଗୋଟିଏ କଥାରେ କୁହାଯାଇ ପାରିବ ଯେ, ଗପଗୁଡ଼ିକରେ ଅଛି ଅକପଟ ଜୀବନର ସତସତିକା କଥା । କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ମାଲକାନାଗିରି, କଳାହାଣ୍ଡି, କେନ୍ଦୁଝର ଓ ମୟୂରଭଞ୍ଜ ଅଞ୍ଚଳରେ ବସବାସ କରୁଥିବା ଆଦିମ ଅଧିବାସୀ ଓ ସେମାନଙ୍କ ଜୀବନଶୈଳୀ ହିଁ ଏ ସଂକଳନସ୍ଥ ପ୍ରତ୍ୟେକ ଗଳ୍ପରେ ଫୁଟି ଉଠିଛି । ତାଙ୍କର ଶୀର୍ଷକ ଗଳ୍ପଟି ଇନ୍ଦ୍ରାବତୀ ନିର୍ମାଣ ବେଳେ ସେଠାକାର ବିସ୍ଥାପିତ ପରଜାଙ୍କ ଦୁଃଖଭରା କାହାଣୀକୁ ନେଇ ଆଧାରିତ । ପରଜା ଗାଁର ବିସ୍ଥାପନ ବେଳର ପ୍ରତିଟି ଦୁଃଖଦ ଓ କରୁଣ ମୁହୂର୍ତ୍ତ ଗାଳ୍ପିକଙ୍କ ମନରେ ଯେଉଁ ଗାର ଟାଣି ଦେଇଥିଲା ତାର ଫଳଶ୍ରୁତି ହିଁ 'ଡୁମା ଦେବତା' ଗଳ୍ପ । ଏ ଗଳ୍ପରେ ଗାଳ୍ପିକଙ୍କର ଆବେଗଭରା ବର୍ଣ୍ଣନା ଓ ଚରିତ୍ରର ଚିତ୍ରଣ ବେଶ୍ ପ୍ରଭାବଶାଳୀ । ସେହିପରି ଅନ୍ୟାନ୍ୟ ଗପଗୁଡ଼ିକ ଭିତରୁ 'ବାଘଡୁମା', 'ଠାକୁରାଣୀ', 'ଚମ୍ପାପୁରର ପାଗଳବାବା', 'ମହୁଲବଣର ରାଣୀ', 'ସୁନା ପାହାଡ଼ର ସୂର୍ଯ୍ୟାସ୍ତ' ଭଳି ଗପ ପାଠକମାନଙ୍କ ମନକୁ କେବଳ ଛୁଇଁବ ନାହିଁ ଆର୍ଦ୍ର କରିବ ବୋଲି ମୋର ବିଶ୍ୱାସ । ପ୍ରେମ, ବିଦ୍ରୋହ ଓ କାରୁଣ୍ୟରେ ନିଜ ଗପର ସ୍କେଲିଟନ୍ ଗଢୁଥିବା ଗାଳ୍ପିକ ରଂଜନ ପ୍ରଧାନ ଏ ସଂକଳନରେ ନିଶ୍ଚିତ ଭାବରେ ଏକ ଭିନ୍ନ ସ୍ରଷ୍ଟା ଭାବେ ଉଭା ହୋଇଛନ୍ତି । ପୁସ୍ତକଟିକୁ ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୁରସ୍କାର ଚୟନକର୍ତ୍ତାମାନେ ନଜର ଦେବା ଦରକାର ।**



# ଅପଢ଼ା ପଣ୍ଡିତ

# ମହାପୁରୁଷ

# ବାହୁଡ଼ା ଦାସ



**ବିଜୟ କୁମାର ମହାନ୍ତି**


**ବରିଷ୍ଠ ସାମ୍ବାଦିକ : ନ୍ୟୁଜ୍ ୦୭,**
**ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦**
**ଫୋନ : ୭୦୭୭୭୦୫୩୬୦**

**ଫଟୋ ସୌଜନ୍ୟ : ଲେଖକ**

ଅନ୍ୟ ଜମିରେ ହଳିଆ ଭାବେ କାମ କରୁଥିଲେ । ମୂଲ ମଜୁରୀ ଲାଗି ଚଳୁଥିଲେ । ଘର ଚଳାଇବା ପାଇଁ ଲହୁଲୁହାଣ ଖଟିବାକୁ ପଡୁଥିଲା । କିନ୍ତୁ ଏକଦା ଦେଖା ହେଲେ- ସାଧୁ ଯୋଗୀ ଦାସ । ସେ ତାଙ୍କୁ ଏକ ନୂଆ ବାଟ ଦେଖାଇଲେ । ଯେଉଁ ବାଟରେ ଯିବା ଖୁବ୍ କଷ୍ଟସାଧ୍ୟ । ଅଥଚ ମିଳିବ ପ୍ରଚୁର ଆଧ୍ୟାତ୍ମିକ ଆନନ୍ଦ । ବାହୁଡ଼ା ତାଙ୍କୁ ଗୁରୁ କରିନେଲେ । ଗୁରୁଙ୍କ ସାନ୍ନିଧ୍ୟ ପାଇ ସେ ଜୀବନର ଅସଲ ଉଦ୍ଦେଶ୍ୟ ବୁଝିଗଲେ । ଏଥର ତାଙ୍କୁ  ହଳିଆ କାମରୁ ମୁକ୍ତି ମିଳିଲା । ଗୁରୁ ବତାଇ ଦେଲେ- ଅଷ୍ଟାଙ୍ଗ ଯୋଗ, ଷଡ଼ଚକ୍ର, ଧ୍ୟାନ, ଲୟ, ତ୍ରାଟକ, ଆସନ ଓ ମୁଦ୍ରା । ଗୁରୁଙ୍କ ଉପଦେଶରେ ବାହୁଡ଼ା ସବୁକିଛି ଆୟତ୍ତ କଲେ । ଘଣ୍ଟା ଘଣ୍ଟା ଧରି ପଦ୍ମାସନରେ ବସି ଯୋଗ କଲେ । କୁଚ୍ଛ୍ର ସାଧନାରେ ମୁଗ୍ଧ ରହିଲେ । ଦେଶର ବହୁ ବଡ଼ବଡ଼ ମନୀଷୀଙ୍କ ପରି ତାଙ୍କର ବି ଜାଗ୍ରତ ହେଲା କୁଣ୍ଡଳିନୀ ଶକ୍ତି । ସୂକ୍ଷ୍ମ ଶରୀରରେ ବିଚରଣ କଲେ । ପାଇଗଲେ ସିଦ୍ଧି ମାର୍ଗ । ହଳିଆ ପାଲଟିଲେ ଯୋଗୀ । ଜଣେ ଅପାଠୁଆ ସନ୍ଥ । ତନ୍ତ୍ରସାଧନା କଲେ । ଜାଣିଲେ ଶରୀର ଭେଦ । ରୋଗ ଭଲ କରିବାର ଅମୋଘ ଉପଚାର । ଶୁଣାଇଲେ ଭବିଷ୍ୟବାଣୀ । ଶରୀରରୁ ଆତ୍ମାକୁ ଅଲଗା କରି ପୁଣି ଶରୀର ଭିତରେ ପ୍ରବେଶ କରାଇବା ତାଙ୍କ ଦ୍ୱାରା ସାଧିତ ହୋଇଥିଲା । ତାଙ୍କର ଆବିର୍ଭାବ ସମୟ ଥିଲା- ଓଡ଼ିଶାରେ ଭକ୍ତିମାର୍ଗର ବିକାଶ କାଳ ।

ମୋଗଲ ଶାସନ ହଟିବା ଓ ଇଂରେଜ ଶାସନ ଆରମ୍ଭ କାଳରେ ବାହୁଡ଼ା ଦାସଙ୍କ ଜନ୍ମ କଟକ ସଦର ଅନ୍ତର୍ଗତ ଖନ୍ଦୋଳ ଗାଁର ଏକ ଭୋଇ ପରିବାରରେ । ସେଦିନ ଥିଲା ୧୭୫୦ ମସିହା ବାହୁଡ଼ା ଦଶମୀ । ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀମନ୍ଦିର ବାହୁଡୁଥିଲେ । ସେଇଥିପାଇଁ ହୁଏତ ତାଙ୍କ ନାଁ ବାହୁଡ଼ା ଦେଇଥିଲେ ବାପା ମା' । ବାହୁଡ଼ାଙ୍କର ବାପା ଥିଲେ ଧର୍ମୁ କାଣ୍ଡି ଓ ମାଆ ଗୁରୁବାରୀ । ବାପାଙ୍କ ଦୀକ୍ଷାଗୁରୁ ଥିଲେ ମହିଧରପଡ଼ା ନିକଟ ଖଣ୍ଡାଗରର ଯୋଗୀ ଦାସ । ସେ ଥିଲେ ସିଦ୍ଧ ମହାପୁରୁଷ । ଏକଦା ସର୍ପଦଂଶନର ଉପଚାର ଲାଗି ଧର୍ମୁ ଓ ଗୁରୁବାରୀ ପୁଅ ବାହୁଡ଼ାଙ୍କୁ ଯୋଗୀ ଦାସଙ୍କ ମଠକୁ ନେଇଥିଲେ । ସେଠାରେ ଯୋଗୀ ଦାସ ବାହୁଡ଼ାଙ୍କ ଅଲୌକିକ ଶକ୍ତି ସଂପର୍କରେ ଜାଣିବାକୁ ପାଇ ତାଙ୍କୁ ଶିଷ୍ୟ କରି ନେଇଥିଲେ । ବାହୁଡ଼ାଙ୍କ ଜନ୍ମସ୍ଥାନ ଖନ୍ଦୋଳ ହେଲେ ମଧ୍ୟ କର୍ମସ୍ଥଳ ଥିଲା ଖଲୋର ଖମାର ଓ ସାଧନାସ୍ଥଳ ଥିଲା କୁଶକଣ୍ଟା ମଠ । ଭିଙ୍ଗାରପୁର ଚଉଧୁରୀ ଓ ଅରଡ଼ିଆପଦା ଜମିଦାରଙ୍କ ପ୍ରଦତ୍ତ ଜମିରେ ଏହି ମଠ ତିଆରି ହୋଇଥିଲା । ଏହି ମଠକୁ ଗୁରୁ ଯୋଗୀ ଦାସ ବହୁ ସମୟ ଆସି ଏଠାରେ ରହଣି କରୁଥିଲେ । ଏହିଠାରେ ହିଁ ତାଙ୍କର ତିରୋଧାନ ଘଟିଥିଲା । ଏଠାରେ ତାଙ୍କର ସମାଧି ନିର୍ମାଣ କରିଥିଲେ ବାହୁଡ଼ା ଗୋସେଇଁ ।

ବାହୁଡ଼ା ଦାସ ଥିଲେ ଓଡ଼ିଶା ମହାଭୋଇକୂଳର ମାର୍ଗଦର୍ଶକ । ଭୋଇ ବଂଶ ସଂହିତାର ପ୍ରଣେତା । ତାଙ୍କ ଜୀବନର ଅନେକ ଘଟଣା ଖୁବ୍ ଅଲୌକିକ ।





ତାଙ୍କର ସାଧନା ପୀଠ କୁଶକଣ୍ଟା ମଠକୁ ଅନେକ ଭକ୍ତ ଯାଆନ୍ତି । ଗୋସେଇଁଙ୍କ ପାଇଁ ପନିପରିବା, ଚାଉଳ, ଫଳମୂଳ ନେଇଯା'ନ୍ତି । ସାଧୁସନ୍ଥ ଲୋକ, ଆଶୀର୍ବାଦ କରିବେ । ତେଣୁ ପର୍ବପର୍ବାଣି, ଉତ୍ସବାନୁଷ୍ଠାନରେ ସମସ୍ତେ ଗୋସେଇଁଙ୍କ ପୀଠରେ ଏକାଠି ହେଉଥିଲେ । ଏଠି ଜାତି ଅଜାତି କି ଛୁଆଁ ଅଛୁଆଁ ନଥିଲା । ଦିନେ ଜଣେ ଚାଷୀ ତାଙ୍କ ବିଲରୁ ପ୍ରଥମ କରି ତୋଳିଥିବା କିଛି ବାଇଗଣ ଗୋସେଇଁଙ୍କ ପାଇଁ ଦେଇ ଆସିବାକୁ କହିଲେ । ଏକଥା ଶୁଣି ତାଙ୍କ ସ୍ତ୍ରୀ ହଠାତ୍ ରାଗିଗଲେ । କ'ଣ ହେଲା ? ସେ ଅଛୁଆଁ ମଠକୁ ଆମ ପହିଲି ତୋଳା ବାଇଗଣ ନବାକୁ କହୁଚ ? ଯଦି ପାରୁଚ, କୋଉ ମନ୍ଦିରରେ ନେଇ ଦେଇ ଆସ । ମାତ୍ର ଚାଷୀଟି ସ୍ତ୍ରୀଙ୍କ କଥା କାନକୁ ନନେଇ ଗାମୁଛାରେ ବାଇଗଣ ବାନ୍ଧି ଗୋସେଇଁଙ୍କ ମଠରେ ପହଞ୍ଚିଲେ । ଗୋସେଇଁଙ୍କୁ ସେ ଆଣିଥିବା ବାଇଗଣ କଥା କହିଲେ । ଗୋସେଇଁଙ୍କ ବି ଗାମୁଛା ଖୋଲିବାକୁ କହିଲେ । ଚାଷୀଟି ଗାମୁଛା ଖୋଲିବାରୁ ଦେଖିଲେ ଗାମୁଛାରେ ବାଇଗଣ ବଦଳରେ କିଛି ଗେଣ୍ଡା ଅଛି । ଚାଷୀ ଏହା ଦେଖି ଆଶ୍ଚର୍ଯ୍ୟ ହେଲେ । ଗୋସେଇଁ ବି ହସିହସି କହିଲେ- କିଓ, ବାଇଗଣ ଆଣିଥିଲ ପରା । ଏ ଗେଣ୍ଡାଗୁଡ଼ାକ କ'ଣ ? ହଉ, ଯାହା ଆଣିଛ, ରୋଷେଇଶାଳାରେ ଦେଇ ଆସ । ରୋଷଶାଳାରେ ପୁଣି ଗାମୁଛା ଖୋଲି ଅଜାଡ଼ି ଦେଲା ବେଳକୁ, ଗେଣ୍ଡା ନୁହେଁ, ଖାଲି ବାଇଗଣ ହିଁ ଥିଲା । ଏଥର ଚାଷୀ ଜଣକ ନିଜ ସ୍ତ୍ରୀଙ୍କ ବାରଣ କଥା କହି ଗୋସେଇଁଙ୍କୁ ଭୁଲ୍ ମାଗିଥିଲେ ।

ଆଉ ଏକ ଘଟଣା । ଲୋକଙ୍କ ବିଭିନ୍ନ ସୁବିଧା, ଅସୁବିଧା ନେଇ ବାହୁଡ଼ା ଦାସ ହୁକୁମ୍ ଦେଉଥିଲେ । ଏକଦା ଅରଡ଼ିଆ ପଦାର ଜମିଦାର ଲୋକ ବଡ଼ରୋଗରେ ଆକ୍ରାନ୍ତ ହୋଇଥିଲେ । ଯେତେ ଯାହା ଉପଚାର କଲେ ବି ରୋଗ ଭଲ ହେଉନଥିଲା । ତାଙ୍କ ସ୍ତ୍ରୀ ବାହୁଡ଼ା ଗୋସେଇଁଙ୍କ ଉପରେ ବିଶ୍ୱାସ ରଖନ୍ତି । ସେ ସ୍ୱାମୀଙ୍କୁ ଏହି ମଠକୁ ଯିବାକୁ ପ୍ରବର୍ତ୍ତାଇଲେ । ମାତ୍ର ତାଙ୍କ ସ୍ୱାମୀ ସେଠାକୁ ଯିବାକୁ ଏକବାର ନାରାଜ । କହିଲେ- ସେ ଅଛୁଆଁ ଲୋକ ଠାରୁ ହୁକୁମ୍ ନେବେ ? ତାଙ୍କର ମାନମହତ ରହିବ ତ ? ତାହା ହୋଇ ପାରିବନି । ମାତ୍ର ତାଙ୍କ ସ୍ତ୍ରୀ ତାଙ୍କ କଥାକୁ ଗୁରୁତ୍ୱ ନଦେଇ ମଠରେ ପହଞ୍ଚିଲେ । ଗୋସେଇଁଙ୍କୁ ଗୁହାରି କରି ସବୁକଥା ଜଣାଇଲେ । ଗୋସେଇଁ କହିଲେ- ତୁ ଯା', ତୋ ସ୍ୱାମୀକୁ ଝାଡୁ ଧରି ଗୋଡ଼ରୁ ମୁଣ୍ଡ ଯାଏଁ ପିଟିବୁ । ରୋଗ ଭଲ ହୋଇଯିବ । ସ୍ତ୍ରୀ ଲୋକଟି ଆଶ୍ଚର୍ଯ୍ୟ ହୋଇ କହିଲା- ସେ ପରା ମୋର ଇହକାଳ, ପରକାଳର ଦେବତା । ଏ କାମ ମୁଁ କେମିତି କରିବି ? ସ୍ୱାମୀକୁ ପିଟି ପାପରେ ଭାଗୀ ହେବାକୁ ଯଦି ନଚାହୁଁଛୁ, ତୋ ସ୍ୱାମୀ ମୋତେ ଅଛୁଆଁ କହି ଯାହା କଲା, ତାହା କ'ଣ ପାପ ନୁହେଁ ! ଗୋସେଇଁ ଏକଥା ଜାଣିଲେ କେମିତି ଶୁଣି ତଟକା ହୋଇଗଲେ ମହିଳା ଜଣକ । ପୁଣି କାକୁତି ମିନତି ହୋଇ ଭୁଲ୍ ମାଗିଲେ । ଏହା ପରିବର୍ତ୍ତେ କ'ଣ କରିବାକୁ ହବ କହିବାକୁ ଅନୁରୋଧ କଲେ । ତାଙ୍କର ଏପରି ବିକଳ ଭାବ ଓ ଭକ୍ତି ଦେଖି ଗୋସେଇଁ ତରଳି ଗଲେ । କହିଲେ- ମୁଁ କହିଥିବା କଥା ତ ଫେରାଇ ନେଇ ପାରିବିନି । ତେବେ ଯା', ତୋ ସ୍ୱାମୀକୁ ଖରାରେ ଠିଆ କରି, ତା'ର ଛାଇକୁ ଗୋଡ଼ରୁ ମୁଣ୍ଡଯାଏଁ ତିନିଥର ପିଟିବୁ । ତୋ ସ୍ୱାମୀ ଭଲ ହୋଇଯିବ । ଏହାକୁ ଅକ୍ଷରେ ଅକ୍ଷରେ ପାଳିଥିଲା ସ୍ତ୍ରୀଲୋକଟି । କିଛିଦିନ ଭିତରେ ଜମିଦାର ଜଣକ ଭଲ ହୋଇ ଯାଇଥିଲେ । ସେହିଦିନୁ ନିଜର ଭୁଲ୍ ବୁଝିପାରି ଅରଡିଆପଦାର ଏହି ଜମିଦାର ଗୋସେଇଁଙ୍କୁ କିଛି ଜମିଦାନ କରିଥିଲେ ।

ବାହୁଡ଼ା ଦାସ ବହୁ ଅଲୌକିକ ଶକ୍ତିର ଅଧିକାରୀ ଥିଲେ । ବାଘ ଉପରେ ସବାର ହୋଇ ବାହୁଡ଼ା ଦାସ ତାଙ୍କ କର୍ମସ୍ଥଳ ଖିଲୋରରୁ ସାଧନା ସ୍ଥଳ କୁଶକଣ୍ଟାକୁ ଯାତ୍ରା କରୁଥିବାର ଜନଶ୍ରୁତି ରହିଛି । ଭିଙ୍ଗାରପୁର ଚଉଧୁରୀଙ୍କ ଖଲୋର ଚାଷଜମିରେ କାମ କରୁଥିବା ବେଳେ ବାହୁଡ଼ାଙ୍କ ଉପରେ ଛାଇ ଘୋଡ଼ି ହୋଇରହେ । ପୁଣି କୁହାଯାଏ ଯେ, ସେ ହିଡ଼ରେ ବସି ଭଜନ କରୁଥିବା ବେଳେ ବିଲରେ ହଳ ଆପେ ଆପେ ଚାଲେ ।


"ନୂଆ ଘର ଖଣ୍ଡି ଦିନେ ପୁରୁଣା ହେବ,
ମାରିବ ଶୂନ୍ୟ ଲହଡ଼ି ଥୟ ନୋହିବ ।"

ଏଇ ଗୀତ ପିଲାଦିନେ ଖଞ୍ଜଣି ଭଜନ ଓ ଅନେକ ବୟସ୍କଙ୍କ ମୁହଁରୁ ଶୁଣିଚି । ଖୁବ୍ ଲୋକପ୍ରିୟ ଏହି ଭଜନଟି । ମାତ୍ର ଏହା ଯେ ମୋ ଅଞ୍ଚଳର ଜଣେ ମହାନ ସାଧୁ ବାହୁଡ଼ା ଦାସଙ୍କ ଦ୍ୱାରା ରଚିତ, ତାହା ଜାଣିନଥିଲି । ମହାଭୋଇ କୁଳର ମର୍ଯ୍ୟାଦା ରଖି ସେ ନିଜର ଚିନ୍ତା ଓ ଚେତନାରୁ ଯେଉଁ ନୂତନ ଧର୍ମଧାରା ସୃଷ୍ଟି କରିଯାଇଛନ୍ତି, ତାହା ବର୍ଷ ବର୍ଷ ଧରି ଜନସମାଜକୁ ମାର୍ଗଦର୍ଶନ କରି ଆସୁଥିବ । ଯେତେବେଳେ ସମାଜରେ ଜାତିଭେଦ ଓ ଛୁଆଁଅଛୁଆଁର ବିରାଟ ପ୍ରାଚୀର ଠିଆ ହୋଇଥିଲା, ସେତେବେଳେ କୁସଂସ୍କାର ଓ ଘୃଣ୍ୟ ଜାତିପ୍ରଥାର ବିରୋଧ କରି ସେ ଯେଉଁ ଆନ୍ଦୋଳନ ତଥା ଜାଗରଣର ସୂତ୍ରପାତ କରିଥିଲେ, ତାହା ଯଦି ଅଧିକ ଗବେଷଣାର ପରିସରକୁ ଆସେ, ତେବେ ଇତିହାସ ବି ତାଟକା ହୋଇଯିବ । ମହାପୁରୁଷ ବାହୁଡ଼ା ଦାସଙ୍କର ବହୁ ରଚନା, ବହୁ ଭଜନ ସମୟ ସ୍ରୋତରେ ହଜି ଯାଇଛି । ମାତ୍ର ଯେତିକି ବି ରହିଛି, ସେସବୁ ତତ୍ତ୍ୱଜ୍ଞାନ ସମ୍ବଳିତ ଚମତ୍କାର ସୃଷ୍ଟି ସବୁ । ୧୮୪୨ ମସିହା ଦେବଦୀପାବଳି ତିଥିରେ ଏହି ମହାନ ସନ୍ଥଙ୍କର ପରଲୋକ ଘଟିଥିଲା ।

# ଗାନ୍ଧୀ ଭାବନା

**ଦୀକ୍ଷିତ ପାଠକଟିଏ ବରାବର ଖୋଜୁଥାଏ ଭଲ ବହି । ସେପରି ପାଠକଙ୍କ ପାଇଁ 'ରେବତୀ'ର ଏଇ ବିଭାଗ ଖୋଜି ଆଣୁଛି ଭଲ ବହିର ଭୂଗୋଳ । ଭଲ ବହିଟିଏର ଠିକଣା ଓ ଭଲ ବହିଟି ସମ୍ପର୍କରେ ଚୁମ୍ବକୀୟ ଆଲୋଚନା, ଆମର ପ୍ରତିବେଦନ । ସୁଖର କଥା, ଓଡ଼ିଆ କବିଏ ସେମାନଙ୍କ କବିତାରେ ଖୋଜିଛନ୍ତି 'ଗାନ୍ଧୀ'ଙ୍କୁ । ସେହି 'ଗାନ୍ଧୀ' ବହି 'ଭଲ ବହି' ପର୍ଯ୍ୟାୟରେ ଏଥର ।**





# ଗାନ୍ଧୀ କବିତା : ଗାନ୍ଧୀ ଖୋଜା


**ଅସିତ ମହାନ୍ତି**


ସଂପାଦକ : ପୌରୁଷ,
ଇଷ୍ଟର୍ଣ୍ଣ ମିଡ଼ିଆ ଲିମିଟେଡ୍, ଭୁବନେଶ୍ୱର
ଫୋନ : ୯୪୩୭୦୩୪୮୦୪


ଫଟୋ ସୌଜନ୍ୟ : ବନୋଜ ତ୍ରିପାଠୀ

ମହାତ୍ମା ଗାନ୍ଧୀଙ୍କ ସାର୍ଦ୍ଧଶତ ଜନ୍ମବର୍ଷରେ ଓଡ଼ିଶାରେ ଆଉ କିଛି ହେଉ କି ନହେଉ- ଓଡ଼ିଆ ସାହିତ୍ୟ ଜଗତ କିନ୍ତୁ ସମୃଦ୍ଧ ହୋଇଛି ଗୋଟିଏ ସୁଦୃଶ୍ୟ କବିତା ପୁସ୍ତକରେ। ସେଇଟି ହେଉଛି- ବନୋଜ ତ୍ରିପାଠୀ ଓ ଭାରତ ମାଝୀଙ୍କ ଦ୍ୱାରା ସଂକଳିତ 'ଗାନ୍ଧୀ'। ଏଥିରେ ଅଛି ୬୫ଟି କବିତା ଓ ୨୦ଟି କଳାକୃତି। ତେଣୁ ଏ ସଂକଳନର ନାମ ରଖାଯାଇଛି 'ଗାନ୍ଧୀ- କଳା ଓ କବିତାର ଅର୍ଘ୍ୟ'। ପୂର୍ବରୁ ଅବଶ୍ୟ ଆମ ସାହିତ୍ୟରେ ଏପରି ଏକାଧିକ ସଂକଳନ ଅଛି। ସେଥିରୁ ଗୋଟିଏ ହେଉଛି, ଆଚାର୍ଯ୍ୟ ଭାବାନନ୍ଦ (ଭାବଗ୍ରାହୀ ମିଶ୍ର)ଙ୍କ ଦ୍ୱାରା ସଂକଳିତ 'ଗାନ୍ଧୀ କବିତା'। ଇନ୍‌ସାଇଟ୍, ଭୁବନେଶ୍ୱରଙ୍କ ଦ୍ୱାରା ୨୦୦୭ରେ ସଂକଳିତ ସେହି ପୁସ୍ତକର କିଛି କବିତା ସମେତ ଆହୁରି ଅନେକ ନୂଆ କବିତାକୁ ନେଇ ସମୃଦ୍ଧ ହୋଇଛି ଏ କବିତା ପୁସ୍ତକ।

ଗାନ୍ଧିଜୀଙ୍କ ନେତୃତ୍ୱରେ ଭାରତର ସ୍ୱାଧୀନତା ସଂଗ୍ରାମ ପରିଚାଳିତ ହେବା ବେଳେ, ଦେଶର ଲୋକସଂଖ୍ୟା ଥିଲା ପ୍ରାୟ ୩୩ କୋଟି। ଭାରତ ସ୍ୱାଧୀନତା ହାସଲ କଲାବେଳକୁ ତାହା ପ୍ରାୟ ୪୦ କୋଟିରେ ପହଞ୍ଚିଥିଲା। ଆଜି ପ୍ରାୟ ତିନିଗୁଣ ବଢ଼ି ତାହା ୧୩୦ କୋଟିକୁ ଛୁଇଁବାକୁ ବସିଛି। କିନ୍ତୁ ସେଦିନ ୩୩ କୋଟି ବା ୪୦ କୋଟି ଲୋକଙ୍କ ଭିତରୁ ଯେତିକି ଗାନ୍ଧୀଙ୍କ ପଥର ଯାତ୍ରୀ ଥିଲେ, ଆଜି ଜନସଂଖ୍ୟା ତିନିଗୁଣରୁ ବେଶି ବଢ଼ିଥିଲେ ବି, ଗାନ୍ଧୀଙ୍କ ପ୍ରଦର୍ଶିତ ପଥରେ ସେତିକି ଯାତ୍ରୀ ନାହାନ୍ତି। ସେତିକି ତ ସ୍ୱପ୍ନ- ଆଜିର ଜନସଂଖ୍ୟାର ସହସ୍ରାଂଶ ବି ଯେ ସେ ପଥର ଯାତ୍ରୀ ନୁହନ୍ତି, ଏହାହିଁ ଏ ଭାରତୀୟ ମହାଜାତିର ଦୁର୍ଭାଗ୍ୟ। ତଥାପି ଯେ ଆଜି ମହାତ୍ମା ଗାନ୍ଧୀଙ୍କ ସାର୍ଦ୍ଧଶତ ଜନ୍ମବର୍ଷ ଅବସରରେ ଆମ ଭାଷାରେ ଦୀର୍ଘ ୨୨୩ ପୃଷ୍ଠାର ଏ ସଚିତ୍ର ଗାନ୍ଧୀ କବିତା ସଂକଳନ ପ୍ରକାଶ ପାଇଛି, ଏହା କିଛି କମ୍ ଆଶ୍ୱାସନାପୂର୍ଣ୍ଣ ନୁହେଁ।

ତେବେ ଗାନ୍ଧୀଙ୍କ ଅନୁରକ୍ତ ଯେ ଆଜି ଆମ ସାହିତ୍ୟରେ ନାହାନ୍ତି, ତାହା ନୁହେଁ। ପ୍ରାୟ ତେରବର୍ଷ ତଳେ, ୨୦୦୬ରେ ଆମକୁ ଗୋଟିଏ ସ୍ୱତନ୍ତ୍ର କବିତା ସଂକଳନ ଉପହାର ଦେଇଥିଲେ କବି ସୌରୀନ୍ଦ୍ର ବାରିକ। ଗ୍ରନ୍ଥ ମନ୍ଦିର, କଟକ ପ୍ରକାଶିତ ସେହି କବିତା ସଂକଳନର ନାଆଁ ଥିଲା 'ଭାରି ମନେପଡ଼'। ସେଦିନ ସେହି ପୁସ୍ତକକୁ ସେ ଉପହାର ଦେଇଥିଲେ। ତାଙ୍କର ଦୁଇ ନାତି-ନାତୁଣୀ ରିଣ୍ଟି ଓ ତାନାଙ୍କୁ।






ଆଲୋଚକ ଅସିତ ମହାନ୍ତି

ତାହାର ଉତ୍ସର୍ଗପତ୍ରରେ କହିଥିଲେ, "ଯେଉଁମାନଙ୍କ ପାଖରେ ଗାନ୍ଧୀ କେବଳ କାହାଣୀର କାହାଣୀ, ଆଦରର ସେଇ ରିଣ୍ଟି ଓ ତାନାମାନଙ୍କ ହାତରେ ସତର ସତ ଗାନ୍ଧୀଙ୍କୁ ଶ୍ରଦ୍ଧାର ସହ...।" ଏହା ସୂଚାଏ, ଆଜିର ନୂଆପିଢ଼ିଙ୍କ ପାଇଁ ଗାନ୍ଧୀ କେବଳ 'କାହାଣୀର କାହାଣୀ'। କିନ୍ତୁ କବିଙ୍କ ଅବବୋଧରେ ସେ ହେଉଛନ୍ତି 'ସତର ସତ'। ଏଣୁ ଏ ସଂକଳନ ସେଇ ତିନି ପିଢ଼ିଙ୍କ କବିତାରେ ସମୃଦ୍ଧ- ଯେଉଁମାନେ ଗାନ୍ଧୀଙ୍କୁ ଦେଖିଛନ୍ତି, ଯେଉଁମାନେ ଗାନ୍ଧୀଙ୍କୁ ଦେଖି ନାହାନ୍ତି ଅଥଚ ଶୁଣିଛନ୍ତି ଏବଂ ଯେଉଁମାନଙ୍କ ପାଇଁ ଗାନ୍ଧୀ ହେଉଛନ୍ତି କାହାଣୀର କାହାଣୀ। କିନ୍ତୁ ଗାନ୍ଧୀଙ୍କର ବ୍ୟକ୍ତିତ୍ୱ ଏତେ ବିରାଟ ଓ ସେ ଚେତନା ଏତେ ବ୍ୟାପ୍ତ ଯେ ଆଜିର ପ୍ରତିକୂଳ ସ୍ଥିତି ଭିତରେ ବି ସେ ସମସ୍ତେ ଗାନ୍ଧୀଙ୍କୁ ହିଁ ସ୍ମରଣ କରୁଛନ୍ତି।

'ଭାରି ମନେପଡ଼'ରେ ଥିଲା ୬୧ଟି କବିତା। ଆଉ ଆଚାର୍ଯ୍ୟ ଭାବାନନ୍ଦଙ୍କ 'ଗାନ୍ଧୀ କବିତା'ରେ ଥିଲା ୪୮ଟି କବିତା। ଏଥିରେ ଅଛି ୬୫ଟି କବିତା। କିନ୍ତୁ ସୌରୀନ୍ଦ୍ର ବାରିକଙ୍କ କବିତା ପୁସ୍ତକ ଓ ଆଚାର୍ଯ୍ୟ ଭାବାନନ୍ଦଙ୍କ କବିତା ସଂକଳନ ମଧ୍ୟରେ ଅଛି ଗୋଟିଏ ସାମ୍ୟ। ଉଭୟର ମୁଖବନ୍ଧ ଦାଶ ବେନହୁର୍ ଲେଖିଛନ୍ତି। ସୌରୀନ୍ଦ୍ର ବାରିକଙ୍କ ପୁସ୍ତକର ମୁଖବନ୍ଧରେ ସେ ଲେଖିଛନ୍ତି, "ଗାନ୍ଧୀଙ୍କୁ ନେଇ କବିତା ରଚନା ଗାନ୍ଧୀପଣକୁ ନିଜ ଭିତରେ ଅନୁଭବିବା ଭଳି ଟୁଲୁଟୁଲୁ କଥାଟିଏ। ଗାନ୍ଧୀସତ୍ତା କୌଣସି ବ୍ୟକ୍ତିସତ୍ତାରେ ଆବଦ୍ଧ ନୁହେଁ। ଏହା ଏକ ଭାବସତ୍ତା। ସେ ଭାବସତ୍ତା ସାଗର ପରି ସୀମାହୀନ ଓ ଆଲୋକ ପରି ଆୟତନମୁଖୀ। ସେଭଳି ଅଭାବନୀୟ କଥାଟିକୁ ଛୁଇଁଛନ୍ତି ଓ ଧରିଛନ୍ତି ଖ୍ୟାତନାମା କବି ସୌରୀନ୍ଦ୍ର ବାରିକ। ଗାନ୍ଧୀସତ୍ତାର ନାନା ଟୁକୁରା ଅନୁଭବକୁ ସେ ଶ୍ରଦ୍ଧାୟିତ କରିଛନ୍ତି କବିତାରେ।"

ହେଲେ ଏହି ସଦ୍ୟତମ ସଂକଳନର ମୁଖବନ୍ଧରେ ସେ କହିଛନ୍ତି, "ଗାନ୍ଧିଜୀ ଗୋଟେ ବାସ୍ନା ପରି। ଆଜି ସାରା ପୃଥିବୀ ସେ ସୁବାସରେ ବାସ୍ନାୟିତ।"

ଦାଶ ବେନହୁର ନିଜେ ମଧ୍ୟ ସେ ସୁବାସରେ ସୁବାସିତ। ପୂର୍ବରୁ 'ଗାନ୍ଧୀ କାହାଣୀ' ଓ 'ଗାନ୍ଧୀ ଗୀତ' ନାମରେ ଦୁଇଟି ବହି ସେ ଲେଖିଛନ୍ତି। ଏ ଦୁଇ ବହି ଗାନ୍ଧୀଙ୍କ ପ୍ରତି ତାଙ୍କର ସମର୍ପଣ ଭାବର ଦୃଷ୍ଟାନ୍ତ। ଏ କବିତା ବହିର 'ମୁଖବନ୍ଧ'ରେ ତେଣୁ ସେ କହିଛନ୍ତି, "ଗାନ୍ଧିଜୀ ଭାରତ-ମଥାର ତିଳକ।" ପୁଣି କହିଛନ୍ତି, "ଏବେ ସାରା ବିଶ୍ୱରେ ତାଙ୍କର ୧୫୦ତମ ଜୟନ୍ତୀ ସମ୍ବତ୍ସର ପାଳନ କରାଯାଉଛି। କେତେ ବାଗରେ, ରଚନାତ୍ମକ ଢଙ୍ଗରେ ଗାନ୍ଧୀ-ବିଚାର-ବିଶ୍ୱାସୀମାନେ ଆପଣା ନୈବେଦ୍ୟ ଅର୍ପଣ କରୁଛନ୍ତି। କିଏ ପଦଯାତ୍ରା କରି, କିଏ ଛବି ଆଙ୍କି, କିଏ ସଭାସମିତି କରି, କବିତା ଲେଖି, ପ୍ରବନ୍ଧ ରଚନା କରି, ପୁଣି କିଏ ନିରବରେ ସ୍ମୃତିତର୍ପଣ କରି। ଜଣେ ବ୍ୟକ୍ତି ଭାବରେ ସୃଷ୍ଟିଶୀଳତାକୁ ପ୍ରେରିତ କରିବା ଦିଗଟିକୁ ବିଚାର କଲେ ଗାନ୍ଧିଜୀ ଅନନ୍ୟ। ତାଙ୍କୁ ନେଇ କେତେ ଯେ ଛବି, ପ୍ରତିମୂର୍ତ୍ତି, ଉପନ୍ୟାସ, ଗଳ୍ପ, ପ୍ରବନ୍ଧ, କବିତା ଆଦି ଲେଖା ଯାଇଛି ତା'ର ତାଲିକା କରିବା ଅସମ୍ଭବ। ଜହ୍ନ ଉଇଁଲେ ପୃଥିବୀ ହାଲ୍ଲୋଳ ହୁଏ। କିଏ ମନେରଖିଛି ସେ ହାଲ୍ଲୋଳର ଧାରା କେଉଁଠିକୁ କେତେ ଛୁଇଁଲା। ବାସ୍ନାଫୁଲ ଫୁଟିଲେ ବାସ ଚହଟେ, ହେଲେ କିଏ ଜାଣେ ସେ ସୁଗନ୍ଧ କାହାକୁ କେତେ ଉଜ୍ଜୀବିତ କଲା!"


ଗାନ୍ଧିଜୀ ଥିଲେ ଆଲୋକ ସୁଗନ୍ଧ। ସେ ପୁଣି ଆଜି ସେଇ ଆଲୋକ ଓ ସୁଗନ୍ଧର ସ୍ମୃତି ଓ ଚେତନା। ପୁଣି ବି ସେ ସବୁ ଅନ୍ଧକାର ଓ ସବୁ ଦୁର୍ଗନ୍ଧ ଭିତରେ ଆଲୋକ ଓ ସୁଗନ୍ଧର ଏକ ଆବାହନ ବା ଅଭୀପ୍ସା। ଏଣୁ ଏ ତିନି ଭାବଧାରାର କବିତାକୁ ନେଇ ଏ ନୂଆ ସଂକଳନ ସମୃଦ୍ଧ। ତା' ସହିତ ମଧ୍ୟ ସମୃଦ୍ଧ- ସମୟର ଏ ତିନି ସୋପାନରେ ଗାନ୍ଧିଜୀଙ୍କୁ ନେଇ ଅଙ୍କିତ ୨୦ଟି କଳାକୃତିରେ। ଏଣୁ ଯଥାର୍ଥରେ ଏ ଗ୍ରନ୍ଥ ଗାନ୍ଧିଜୀଙ୍କ ପାଇଁ- 'କଳା ଓ କବିତାର ଅର୍ଘ୍ୟ'। ଆମ ପାଇଁ ଏକ ଅମୂଲ୍ୟ ଉପହାର।

ଏ ସଂକଳନର ପ୍ରଥମ କବି ଗୋପବନ୍ଧୁ ଦାସ। କିନ୍ତୁ ଏଥିରେ ୨୯ତମ କବିତା ଭାବରେ ସଂକଳିତ ହୋଇଛି ଗୋଟିଏ କବିତା- ଯାହାର ଅନୁବାଦକ ଗଣେଶ୍ୱର ମିଶ୍ର। ସେଇଟିର କବି ମୋହନ ଦାସ କରମ ଚାନ୍ଦ ଗାନ୍ଧୀ, ଅର୍ଥାତ୍ ନିଜେ ଗାନ୍ଧିଜୀ। ଉଲ୍ଲେଖନୀୟ ଯେ ଏ କବିତାଟିକୁ ପ୍ରଫେସର୍ ଗଣେଶ୍ୱର ମିଶ୍ରଙ୍କ ଦ୍ୱାରା ଅନୂଦିତ କରାଇ ତାଙ୍କ ସଂକଳନର ଆଦ୍ୟରେ ସ୍ଥାନିତ କରିଥିଲେ ଆଚାର୍ଯ୍ୟ ଭାବାନନ୍ଦ। ତାହାର ଶୀର୍ଷକ ଥିଲା 'ସେବକର ପ୍ରାର୍ଥନା'। ନିଜ 'ମୁଖବନ୍ଧ'ରେ ସେ କହିଥିଲେ, "ମୋହନ ଦାସ କରମଚାନ୍ଦ ଗାନ୍ଧୀ ବି ଜଣେ କବି ଥିଲେ ଓ ତାଙ୍କ କବି ହୃଦୟର ପ୍ରତିଫଳନ ଦେଖିବାକୁ ମିଳିଥାଏ ଅନେକ ସ୍ଥଳରେ।"

ସଦ୍ୟତମ ଏ ସଂକଳନର ବହୁ କବି ଗାନ୍ଧିଜୀଙ୍କୁ 'ଏକ ପ୍ରାର୍ଥନା' ରୂପେ ହୃଦ୍‌ବୋଧ କରିଛନ୍ତି। କିନ୍ତୁ ସେଇ ପ୍ରାର୍ଥନାର ପ୍ରାର୍ଥନା ଯେ ପ୍ରଭୁ ପରମେଶ୍ୱର- ଏହା ଗାନ୍ଧିଜୀଙ୍କ ଏ କବିତାଟିରୁ ଆମେ ପାଉ। ସେଇ ପ୍ରଭୁଙ୍କୁ ପ୍ରାର୍ଥନା କରି, ତାଙ୍କରି କରୁଣାରୁ ଏ ଭାରତ ଭୂମିର ସେବା କରିବାର ମନୋବଳ ଗାନ୍ଧିଜୀ ପାଇଛନ୍ତି ଏବଂ ଜଣେ ସେବକ ଭାବରେ ନିଜକୁ ତାଙ୍କ ନିକଟରେ ନିବେଦନ କରିଛନ୍ତି। ଏଣୁ ଆଚାର୍ଯ୍ୟ ଭାବାନନ୍ଦଙ୍କ ସଂକଳନ ପରି ଏ କବିତାଟିକୁ ଏ ସଂକଳନର ଆଦ୍ୟରେ ସ୍ଥାନିତ କରା ଯାଇଥିଲେ ତାହା ଏଥିରେ ସଂକଳିତ ସମଗ୍ର କବିତା ପାଇଁ ଏକ ମୁଖବନ୍ଧ ପ୍ରସ୍ତୁତ କରିଥାଆନ୍ତା।

ସେହି କବିତାରେ ଗାନ୍ଧିଜୀ କହିଛନ୍ତି-

"ତୁମେ ତ ସମୁଦ୍ର କରୁଣାର।
ଦରିଦ୍ର ଅବହେଳିତ କୁଟୀରରେ
ଆସ୍ଥାନ ତୁମର
ଗଙ୍ଗା, ଯମୁନା, ବ୍ରହ୍ମପୁତ୍ର ଜଳରେ ବିଧୌତ
ଏ ଭୂମିରେ।
ସନ୍ଧାନ ଦିଅ ପ୍ରଭୁ ସେହି ଆସ୍ଥାନର।
କାଣିଚାଏ ଦିଅ ମୋତେ ତୁମ ବିନୟର।
ଅଦମ୍ୟ ବାସନା ପ୍ରଭୁ ଭରିଦିଅ ହୃଦୟରେ ମୋର



by Dr J. P. Das

ଏକୀଭୂତ ହେବା ପାଇଁ ଅଗଣିତ ଜନତା ସହିତ
ଭାରତ ଭୂମିର।
ତୁମର କରୁଣା ପ୍ରଭୁ
କେବଳ ତାହାରି ପାଇଁ
ଯେ ନିଜକୁ ସମର୍ପଇ
ତୁମ ପାଶେ
ଆପଣାର ସ୍ଥିତି ଭୁଲିଯାଇ।
ତୁମର ଆଶିଷ ଦିଅ ପ୍ରଭୁ
ଦୀନହୀନ ଭୃତ୍ୟ ମୁହିଁ
ଯେପରି ନଭୁଲେ ମୁହିଁ ସେବା ବ୍ରତ
ଏ ଦେଶର ନରନାରୀ ପାଇଁ।
ତ୍ୟାଗ, ଭକ୍ତି, ବିନୟର ଭାବ
ଯେପରି ନ ଭୁଲେ ମୁହିଁ
ଏହି ମୋର ପ୍ରିୟ ଦେଶ ପାଇଁ।"

ଏହା ସ୍ପଷ୍ଟ ପରିସ୍ଫୁଟ କରେ ଯେ ଏ ପ୍ରାର୍ଥନା ଓ ଏ ସେବା-ଭାବନାକୁ ବୁଝିଲେ ହିଁ ଗାନ୍ଧିଜୀଙ୍କୁ ଠିକ୍ ଭାବେ ବୁଝି ହେବ।

ଏ ଭାବନା ଯାହା ହୃଦୟକୁ ଟିକିଏ ବି ସ୍ପର୍ଶ କରିଛି, ଆଜିର ସବୁ ପ୍ରତିକୂଳତା ସତ୍ତ୍ୱେ ସେ ଗାନ୍ଧିଜୀଙ୍କୁ ଭୁଲି ପାରି ନାହିଁ। 'ଗାନ୍ଧୀ କବିତା' ସଂକଳନରେ ଆଚାର୍ଯ୍ୟ ଭାବାନନ୍ଦ ଲେଖିଥିବା ଗୋଟିଏ କବିତା ଏହାର ନିଦର୍ଶନ। ଏ କବିତା ଗ୍ରନ୍ଥରେ ମଧ୍ୟ ସେହି କବିତାଟି ସଂକଳିତ। ସେଥିରେ ସେ କହିଛନ୍ତି-

"ଏ ସେହି ଭାରତବର୍ଷ
ଓଡ଼ିଶା, ପୁଣ୍ୟଭୂମି ନୀଳାଚଳ
ସବୁଠି ଐତିହ୍ୟର ଔଦ୍ଧତ୍ୟ
ମତେ କରିଛି ମୂକ
ଧାରଣାରେ, ଧ୍ୟାନରେ
ଭାଷଣରେ, ଗାନ୍ଧୀ
ଆଉ ଉନ୍ମାଦିତ କରୁନାହିଁ
କାହାରିକୁ-
ଭିକ୍ଷୁକ, ମଧ୍ୟବର୍ଗ, ସମ୍ଭ୍ରାନ୍ତମାନଙ୍କୁ
ତେଣୁ
ମୋର କାମ ସରି ଯାଇଛି
କିନ୍ତୁ ଗାନ୍ଧୀ ମତେ ଛାଡ଼ିପାରିନି
ମୁଁ ବି ଗାନ୍ଧୀକୁ
ସମୟ କିନ୍ତୁ ସରିସରି ଯାଉଛି
ପଡ଼ିରହୁଛି- ପଛରେ
ଅତୀତରେ- ଅଦୂର
ଭବିଷ୍ୟତରେ
ଗାନ୍ଧୀ କାହାଣୀ।
ବର୍ତ୍ତମାନ ତ ସେ ନାମରେ
ସେ କାମରେ ଆଶ୍ୱସ୍ତି ମିଳୁନାହିଁ।
ସମୟ ସରି ଆସୁଛି,
ମୋ ପାଇଁ- ଗାନ୍ଧୀ,
କାଲି ଯେଉଁମାନେ ଜନ୍ମନେବେ
ସେମାନଙ୍କପାଇଁ
କ'ଣ ଅଲୋଡ଼ା ରହିଯିବେ ?


by Birendra Pani

କେବଳ କେତେକ ନିର୍ଜୀବ ଅକ୍ଷର ଭିତରେ !"

ଆଜି ଆଚାର୍ଯ୍ୟ ଭାବାନନ୍ଦଙ୍କ ଏପରି ଆଶଙ୍କାର ଯଥାର୍ଥତା ନିଶ୍ଚୟ ଅଛି। କିନ୍ତୁ ଏ ସଂକଳନର ଅନେକ କବିତା ଏ ଗାନ୍ଧୀ ସାର୍ଦ୍ଧଶତ ଜନ୍ମବର୍ଷରେ ଯେପରି ସ୍ୱତଃସ୍ଫୂର୍ତ୍ତ ଭାବରେ ଝରି ଆସିଛି କବିମାନଙ୍କ କଲମରୁ, ସେଥିରୁ ଆଶା କରା ଯାଇପାରେ ଯେ ଗାନ୍ଧୀ-ଭାବନା ଅବ୍ୟାହତ ରହିଲେ, ହୁଏତ ଗାନ୍ଧୀ ଆଉ କେବଳ ନିର୍ଜୀବ ଅକ୍ଷର ଭିତରେ ସୀମିତ ହୋଇ ଯିବେ ନାହିଁ। ଆଉ ଅଲୋଡ଼ା ରହିବେ ନାହିଁ।

ଏହି ପରିପ୍ରେକ୍ଷୀରେ ସ୍ମରଣ କରାଯାଇପାରେ ଯେ ସେଦିନକୁ ଶହେ ବର୍ଷ ବିତି ନାହିଁ, ଯେବେ 'ଗାନ୍ଧୀ' କେବଳ କେତୋଟି ନିର୍ଜୀବ ଅକ୍ଷର ନଥିଲେ। ସେଦିନ ଗାନ୍ଧୀ ନାମଧାରୀ ବ୍ୟକ୍ତିଟି ଆମ ଦେଶରେ ସବୁଠୁ ବେଶି ଲୋଡ଼ା ଥିଲା। ଆଚାର୍ଯ୍ୟ ଭାବାନନ୍ଦଙ୍କ ଏ କବିତାଟି ପରି, ପଣ୍ଡିତ ଗୋପବନ୍ଧୁ ଭାରତବର୍ଷ, ଓଡ଼ିଶା ଓ ଓଡ଼ିଶାର ପୁଣ୍ୟଭୂମି ନୀଳାଚଳକୁ ସମନ୍ୱିତ କରି ସେଦିନ ଦେଖିଥିଲେ ସ୍ୱାଧୀନତାର ସ୍ୱପ୍ନ। ସେଥିପାଇଁ ଗାନ୍ଧିଜୀଙ୍କର ସେଇ ସେବା ଭାବନାର ସ୍ପନ୍ଦନ ଆମେ ପାଉ ତାଙ୍କ 'ବନ୍ଦୀର ଆତ୍ମକଥା'ରେ। ସେଥିରେ ସେ କହିଥିଲେ-

"ଭାରତେ ଉତ୍କଳ ମହା ପୁଣ୍ୟଧାମ

## ସଂକଳକ ଭାରତ ମାଝୀ ଯାହା କହନ୍ତି



ଗାନ୍ଧୀଙ୍କ ସହ ସମସ୍ତଙ୍କର ସାଧାରଣ ପରିଚିତି ପିଲାଦିନରୁ ହିଁ ଥାଏ, ମୋର ବି ସେମିତି । ହେଲେ ଛୋଟବେଳେ ଏହି ଲୋକଟି ପ୍ରତି ମୋର ସେଭଳି ଅଧିକା କିଛି ଆକର୍ଷଣ ନଥିଲା । ତାଂକ ବିଷୟରେ କେଉଁ ଶ୍ରେଣୀରେ କବିତା ଥିଲା ତ କେଉଁ ଶ୍ରେଣୀରେ ତାଂକ ଜୀବନ ବିଷୟରେ କାହାଣୀ । କହିବାକୁ ଗଲେ ପିଲାବେଳେ କେବଳ ମାର୍କ ପାଇବା ଲାଗି ତାଂକ ସଂପର୍କରେ ବଡ ବଡ କଥା ସବୁ ଲେଖି ଦେଉଥିଲି ଆଉ ଅଗଷ୍ଟ ପନ୍ଦର କି ଜାନୁଆରୀ ଛବିଶ୍ରେ ସହପାଠୀମାନଂକ ସହିତ 'ମହାତ୍ମା ଗାନ୍ଧୀକୀ ଜୟ' କହି ଦେଉଥିଲି । ମୋର ଯାହା ମନେପଡୁଚି, ସେତେବେଳେ ଆମ ଘରେ ଗାନ୍ଧିଜୀଙ୍କର ଆତ୍ମଜୀବନୀ 'ମାଇଁ ଏକ୍ସପେରିମେଂଟ୍ସ୍ ୱିଥ୍ ଟ୍ରୁଥ୍' ବହି ଖଣ୍ଡେ ଥିଲା; ବୋଧେ ବାପା କିଣିକି ରଖିଥିଲେ । ସେଇଟା ବି ମୁଁ ପିଲାଦିନେ ପଢ଼ିନଥିଲି । ଯୁକ୍ତ ଦୁଇ ପଢ଼ିଲା ବେଳକୁ ଆମ ଇଂରେଜୀ ବହିରେ ଗାନ୍ଧିଜୀଙ୍କର ଗୋଟେ ଲେଖା ଥିଲା, ଯେଉଁଥିରେ ସେ ସଂସ୍କୃତି ସଂପର୍କରେ ନିଜ ବିଚାର ରଖିଥିଲେ, ସେତେବେଳେ ସାର୍‌ଙ୍କ ସୌଜନ୍ୟରୁ ଜାଣିବାକୁ ପାଇଲି ଯେ, ଗାନ୍ଧିଜୀ ପତ୍ରିକା ବି କରୁଥିଲେ ଓ ନିୟମିତ ଲେଖୁଥିଲେ । ଜଣେ ଲୋକ କେମିତି ଏତେ କାମ କରୁଥିଲା, ମୋ ଲାଗି ଅବିଶ୍ୱାସ୍ୟ ଥିଲା ସେତେବେଳେ । ଏହି ସମୟରେ ହିଁ ମୁଁ ଗାନ୍ଧିଜୀଙ୍କର ସେହି ଆତ୍ମଜୀବନୀ ଖଂଡକ ଘରୁ ହଷ୍ଟେଲ୍‌କୁ ନେଇ ପଢିଲି । ବଡ ଅକର୍ଷଣୀୟ ଲାଗିଲା । ଏହା ପରେ ଏହି ବ୍ୟକ୍ତିତ୍ୱଂକ ପ୍ରତି ମୋର ଆକର୍ଷଣ ଆହୁରି ବଢ଼ିଲା ଓ ତାଂକ ସଂପର୍କିତ ବହି କାଳକ୍ରମେ ପଢିବାରେ ଲାଗିଲି । ଏବେ ୪୭ ବର୍ଷ ବୟସରେ ବୁଝୁଚି, ଏହି ଲୋକଟି ସଂପର୍କରେ ଯେତେ ଲେଖାହେଲେ ବି ସରିବ ନାହିଁ କି ଯେତେ ବହି ପ୍ରକାଶ ପାଇଲେ ବି ତାହା ଅସଂପୂର୍ଣ୍ଣ ହିଁ ହେବ । ଆପଣ ନିଜେ ବି ଲକ୍ଷ୍ୟ କରୁଥିବେ, ଗାନ୍ଧିଜୀଙ୍କ ସଂପର୍କରେ ଆମ ଦେଶ ସମେତ ବିଶ୍ୱର ଯେକୌଣସି ଭାଷାରେ ବି ପ୍ରତିବର୍ଷ ଏକାଧିକ ବହି ବାହାରୁଛି ।

ଗାନ୍ଧୀଙ୍କୁ ନେଇ ଅନେକ କଥା ଲେଖାହେଉଛି, ଅତୀତରେ ବି ଅନେକ ସାହିତ୍ୟ ହୋଇଛି । ଏହାର କାରଣ ଗାନ୍ଧିଜୀ ଏଭଳି ଏକ ବିଷୟବସ୍ତୁ ଯାହା ଅସରା ଆଉ ଯାହାର କୌଣସି ସୀମା ନାହିଁ । ସେଥିଲାଗି ତ ଗାନ୍ଧୀଙ୍କ ହତ୍ୟା ପରେ ବି ତାଂକୁ ଆହୁରି ଅନେକ ଥର ହତ୍ୟା କରିବାର ମସୁଧା ହୋଇଛି, ଏବେ ବି ହେଉଛି, ହେଲେ ସେ ମରୁନାହାନ୍ତି । ବରଂ ଆହୁରି ଆହୁରି ପ୍ରାସଂଗିକ ଓ ପ୍ରାଂଜଳ ହୋଇ ଆମ ଆଗରେ ଉଭା ହେଉଛନ୍ତି । ତାଂକ ବିଚାର ଆହୁରି ଆହୁରି ଅନେକଂକୁ ପ୍ରଚୋଦିତ କରୁଛି । ଗାନ୍ଧିଜୀ କୋଟି କୋଟି ଭାରତୀୟଂକ ଲାଗି ଏକଦା ଥିଲେ ଭଗବାନ, ହେଲେ ଏହି ମଣିଷଟି ନିଜ ବିଚାର ଓ ତାକୁ ଜୀବନରେ ପ୍ରୟୋଗ କରି ଜଣେ ଆଶ୍ଚର୍ଯ୍ୟ-ବ୍ୟକ୍ତିତ୍ୱ ଭାବେ ନିଜକୁ ପରିଗଣିତ କରିଦେଇଥିଲେ । ଏହା ବ୍ୟକ୍ତିଗତ ଭାବେ ମୋତେ ଗାନ୍ଧୀଙ୍କ ଆଡକୁ ଟାଣି ଆଣିଛି, ସବୁବେଳେ । ମୋ ଭଳି ଅନେକଂକୁ ଏହି ମହାମାନବୀୟ ବ୍ୟକ୍ତିତ୍ୱ ନିଜ ଆଡକୁ ଟାଣିଛନ୍ତି, ନିଜସ୍ୱ ବିଚାର ଓ ସତ୍ୟନିଷ୍ଠା ଲାଗି ।

ମୋ ଭାଷାର ଅନେକ କବିଂକୁ ଗାନ୍ଧିଜୀ କବିତା ବି ଦେଇଛଂତି । ଓଡିଆରେ ଏଭଳି ଶହ ଶହ କବିତା ଲେଖା ହୋଇଛି ତାଂକୁ ନେଇ । ଗାନ୍ଧିଜୀଙ୍କ ଦେଢ ଶହ ଜନ୍ମ ଶତବାର୍ଷିକୀ ଅବସରରେ ଏଥିଲାଗି ଏକ ପୁସ୍ତକ ସଂକଳିତ କରିବା ପ୍ରୟାସ ସେଇଠୁ ଆରଂଭ । ଗାନ୍ଧିଜୀ ଯେମିତି ଜଣେ ଆଶ୍ଚର୍ଯ୍ୟ ଓ ଅସରା ବିଷୟବସ୍ତୁ, ତାଂକୁ ନେଇ ଲେଖା ହୋଇଥିବା କବିତା ସମୂହ ବି ସେହିଭଳି ବହୁବର୍ଣ୍ଣା । ଏବେ ବି ତାଂକୁ ନେଇ କବିତା ଲେଖା ହେଉଛି । ଅନେକ କବିତା ଆମ ଦୃଷ୍ଟି ଆଢୁଆଳରେ ବି ହୁଏତ ରହିଯାଇ ଥାଇପାରେ, ସେ ଅଜ୍ଞତା ଆମର ।

ଭାରତ ପାଞ୍ଜିରେ ନଥିଲା ତା' ନାମ
ସାହସ, ସାହିତ୍ୟ, ଧନ, ମନ ବଳେ
ଉତ୍କଳର ନାମ ସମସ୍ତଙ୍କ ତଳେ ।
ଭାରତ ଜାତୀୟ ମହା ସମ୍ମିଳନେ
ନବସେ ଉତ୍କଳ ସ୍ୱତନ୍ତ୍ର ଆସନେ,
ତେଣୁ ଜଗନ୍ନାଥ କରୁଣା ନିଧାନ
କରୁଣା କଟାକ୍ଷେ କଲେ ଅବଧାନ ।
ଅସହଯୋଗର ପବିତ୍ର ସରିତ
ଉତ୍କଳର ବକ୍ଷେ ହେଲା ପ୍ରବାହିତ ।
ଗାନ୍ଧି ଭଗୀରଥ ନିଜ ପୁଣ୍ୟବଳେ
ଆଣିଲେ ଅସଙ୍ଗ-ଜାହ୍ନବୀ ଉତ୍କଳେ ।
ହିମାଚଳଠାରୁ ସୀମାଚଳ ଧରି
କୁମାରିକା ଯାଏ ଖେଳିଲା ଲହରୀ ।
ଉତ୍କଳେ ସେ ପୁଣ୍ୟ ସ୍ରୋତ ଶତଧାରେ
ବହେ ପୁରପଲ୍ଲୀ କାନ୍ତାରେ ପ୍ରାନ୍ତରେ ।"

ଏହି ପୁଣ୍ୟସ୍ରୋତରେ ସେଦିନ ସ୍ୱରାଜ୍ୟ-ବୋଇତର ମଙ୍ଗ ଧରିଥିଲେ ଗୋପବନ୍ଧୁ । କିନ୍ତୁ ସ୍ୱରାଜ୍ୟ-ବଇରୀ ଇଂରେଜ ଶାସନ ତାଙ୍କୁ ବନ୍ଦୀ କଲା । ସେ ବୋଇତର ଅନ୍ୟ ନାବିକମାନେ ବି ବନ୍ଦୀ ହେଲେ । କିନ୍ତୁ ଏହା ସତ୍ତ୍ୱେ, ଗୋପବନ୍ଧୁ ସେଦିନ ଉତ୍କଳବାସୀଙ୍କୁ ପ୍ରବୋଧନା ଦେଇ କହିଥିଲେ- ଶ୍ରୀଜଗନ୍ନାଥ ଅଛନ୍ତି । ତେଣୁ କେହି କାଣ୍ଡାରି ନଥିଲେ ବି ସ୍ୱରାଜ୍ୟ-ବୋଇତ ଚାଲିବ । ଦୃଢ଼ ଆଶାର ବାଣୀ ଶୁଣାଇ 'ବନ୍ଦୀର ଆତ୍ମକଥା'ରେ ସେ କହିଥିଲେ-

"କର କି ଭାବନା କାଣ୍ଡାରି ବିହୁନେ
ଚାଲିବ ସ୍ୱରାଜ୍ୟ-ବୋଇତ କେସନେ ?
ନ ଅଟକେ କର୍ମ ନେତାର ଅଭାବେ,
ଧର୍ମ ନାବ ଚଳେ ଧର୍ମର ପ୍ରଭାବେ ।
ବିଶେଷେ ଉତ୍କଳେ ନାହିଁ ପ୍ରୟୋଜନ
ଉତ୍କଳର ନେତା ନିଜେ ନାରାୟଣ ।"

ଚିତ୍ର : ବୀରେନ୍ଦ୍ର ପାଣି



by Birendra Pani

ଆଜି ଅବଶ୍ୟ ଏ ଭାବନା ଅନେକଙ୍କ ମନରେ ନାହିଁ, କିନ୍ତୁ ସେଦିନ ଗୋପବନ୍ଧୁଙ୍କର ଏ ଆଶାର ବାଣୀ ସାରା ଉତ୍କଳବାସୀଙ୍କ ମନରେ ପ୍ରବଳ ଉତ୍ସାହ ସୃଷ୍ଟି କରିଥିଲା । ଗାନ୍ଧିଜୀଙ୍କ ପ୍ରେରଣା ନେଇ, ଶ୍ରୀଜଗନ୍ନାଥଙ୍କୁ ଭରସା କରି, ସେମାନେ ମାତି ଯାଇଥିଲେ ସ୍ୱାଧୀନତା ସଂଗ୍ରାମରେ । ଗଣକବି ବୈଷ୍ଣବ ପାଣି 'ଗୋରାଙ୍କ ଜିଅଲଖାନା'କୁ 'ଜଗବନ୍ଧୁଙ୍କ ଦେଉଳ' ଭାବରେ ଅଭିହିତ କରିଥିଲେ । ସେତେବେଳକୁ ଗାନ୍ଧୀ ପରିଣତ ବୟସର ହୋଇଥିଲେ ବି ତାଙ୍କୁ 'ବଣିଆ ଟୋକା' ଭାବେ ଅଭିହିତ କରି ସେ କହିଥିଲେ-

"ଦେଖ ଦେଖ ଭାଇ ଭାଙ୍ଗିଲାଣି ଆଜି
ଗୋରାଙ୍କ ଜିଅଲଖାନା ହେ,
କାଲିର କାଇଦା ନାହିଁ ଆଜି ଆଉ
ପଶନ୍ତି ସ୍ୱରାଜ ସେନା ହେ ।
× × ×
ଜଗବନ୍ଧୁଙ୍କର ଦେଉଳ-ଦରଜା
ହୋଇଛି କାରା-ଫାଟକ ହେ,
ପଶୁଛନ୍ତି, ଆସୁଛନ୍ତି ନିତିନିତି
ଯାତ୍ରୀଙ୍କ ସମାନ ଦେଖ ହେ ।
× × ×
ବଣିଆ ଟୋକାଟା ଉଠାଇ ଦେଲାଣି
ଜିଅଲଖାନାର ଡର ହେ,
ଦେଶ କାମ କରି ପଶ ଯା ତହିଁରେ
ବରଷକେ ଦଶ ଥର ହେ ।
ସରକାରୀ ବିଷଦାନ୍ତ ସିନା ଏକା



by Bekir Salim

## ସଂକଳକ ବନୋଜ ତ୍ରିପାଠୀ ଯାହା କହନ୍ତି

ସ୍କୁଲରେ ପଢୁଥିବା ବେଳେ ଗାନ୍ଧିଜୀଙ୍କୁ ପଢ଼ିଥିଲି, ପଢ଼ାବହିରେ । ସବୁବେଳେ ସ୍ମୃତିରେ ଥିଲେ ଗାନ୍ଧୀ । ଏତେ ପାଠ ପଢ଼ିଥିବା ଏହି ସରଳ ଶାନ୍ତ ସ୍ୱଭାବର ବ୍ୟକ୍ତିତ୍ୱଟି ଏତେ ବଡ ଦେଶର ସବୁ ଲୋକଂକୁ ଏକାଠି କରିବାରେ ସଫଳ ହେବା ସତରେ ମୋତେ ଚମତ୍କୃତ କରିଥିଲା ସବୁ ମୁହୂର୍ତ୍ତରେ ।
ଏହାରି ଭିତରେ ଗାନ୍ଧିଜୀ ଜନ୍ମ ହେବାର ଦେଢ଼ ଶହ ବର୍ଷ ହୋଇଗଲାଣି । ସାରା ଦେଶରେ ପାଳିତ ହେଉଛି ଗାନ୍ଧିଜୀଙ୍କ ଉଦ୍ଦେଶ୍ୟରେ ଅନେକ କାର୍ଯ୍ୟକ୍ରମ। ଅନେକ ପୁସ୍ତକ ବି ପ୍ରକାଶିତ ହେଉଛି । 'ପକ୍ଷୀଘର ପ୍ରକାଶନୀ' ତରଫରୁ ତାଙ୍କ ଉପରେ ଲେଖା ଯାଇଥିବା ଏକ କବିତାର ସଙ୍କଳନ କରିବାକୁ ବଂଧୁ ଭାରତ ମାଝୀ ପ୍ରସ୍ତାବ ଦେଲେ । ତାଙ୍କୁ ସହଯୋଗ କରିବାକୁ ଅନୁରୋଧ କଲି । ସେ ରାଜି ବି ହେଲେ । ସଂକଳନ ପାଇଁ 'ପୌରୁଷ'ର ସଂପାଦକ ଅସିତ ମହାନ୍ତି ମଧ୍ୟ ମୋତେ ଯଥେଷ୍ଟ ସହଯୋଗ କରିଛନ୍ତି ।



ବନୋଜ ତ୍ରିପାଠୀ

ଗାନ୍ଧିଜୀଙ୍କୁ ନେଇ ପୂର୍ବରୁ ଗୋଟିଏ ଦୁଇଟି ସଙ୍କଳନ ଓଡିଆରେ ପ୍ରକାଶ ପାଇଥିଲା । ହେଲେ ଆଉ ଏକ ସଂକଳନରେ କଣ ବା ନୂତନତ୍ୱ ରହିବ- ଏହା ଭାବି ଏହାକୁ କିପରି ଆହୁରି ସ୍ୱତନ୍ତ୍ର କରିହେବ, ସେଥିପାଇଁ ଗାନ୍ଧିଜୀଙ୍କୁ ନେଇ ଦେଶର କିଛି ଚିତ୍ରଶିଳ୍ପୀଙ୍କ ସାହାଯ୍ୟ ଆମେ ଲୋଡିଥିଲୁ । ୨୦ଟି ଚିତ୍ର ପାଇଁ ସଂପୃକ୍ତ ଚିତ୍ରଶିଳ୍ପୀମାନଙ୍କର ଅନୁମତି ମିଳିଲା । ମାତ୍ର ୧୫ ଦିନ ଭିତରେ, ଅର୍ଥାତ୍ ବେଶ୍ କମ୍ ଦିନ ଭିତରେ ପୁସ୍ତକଟି ପ୍ରକାଶନର ଆଲୋକ ଦେଖି ପାରିଥିଲା ।

ଏହି କବିତା ସଂକଳନଟିକୁ ସ୍ୱତନ୍ତ୍ର ରଖିବାର ଦୁଇଟି ମୁଖ୍ୟ କାରଣ ହେବ । ପ୍ରଥମତଃ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଠାରୁ ବର୍ତ୍ତମାନର ଅନେକ ଯୁବକବିଙ୍କର ୬୫ଟି ଚମତ୍କାର କବିତା ଏଥିରେ ସ୍ଥାନିତ କରାଯାଇଛି । ଦ୍ୱିତୀୟତଃ, ଗାନ୍ଧିଜୀଙ୍କୁ ନେଇ ଏଥିରେ ସନ୍ନିବେଶିତ ହୋଇଛି ୨୦ଟି ଚିତ୍ର । ଏହାର ପ୍ରକାଶନ ଅବସରରେ ଏଥିପାଇଁ ସହଯୋଗ କରିଥିବା ଆଚାର୍ଯ୍ୟ ଭାବାନନ୍ଦ, ବିଶିଷ୍ଟ ଅନୁବାଦକ, ସ୍ତମ୍ଭକାର ତଥା 'ପୌରୁଷ'ର ସଂପାଦକ ଅସିତ ମହାନ୍ତି (ଅସିତ ଭାଇ) ଓ ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ଗାନ୍ଧିଜୀଙ୍କୁ ନେଇ ଅନବରତ ଗବେଷଣାରତ ଦାଶ ବେନହୁରଙ୍କୁ ଏଠାରେ ପୁଣି ଥରେ ମନେପକାଉଛି ।

ଝାଡ଼ିବାର ସେହି ପଥ ହେ।"

ସ୍ୱାଧୀନତା ସଂଗ୍ରାମର ଏହି ପର୍ଯ୍ୟାୟରେ ଗାନ୍ଧିଜୀଙ୍କୁ ନେଇ କେତେ ଯେ କବିତା ରଚନା ହୋଇଛି, ତାର ହିସାବ ନାହିଁ। ଗାନ୍ଧିଜୀଙ୍କୁ କେତେ ନା କେତେ ବିଶେଷଣରେ ବିଭୂଷିତ କରାଯାଇ ସ୍ୱାଧୀନତା ସଂଗ୍ରାମକୁ ତେଜା ଯାଇଛି। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ତାଙ୍କ 'ଯୁଗାବତାର'ରେ ତାଙ୍କୁ ଗୀତାର ଅବତାରତତ୍ତ୍ୱ ଆଧାରରେ 'ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍' ବୋଲି ଆଖ୍ୟାୟିତ କରି କହିଛନ୍ତି-

''ଦୁଷ୍କୃତି ବିନାଶ ସଜ୍ଜନ ପରିତ୍ରାଣ,
କାରଣ ଧରାରେ ଅବତରି ମହାପ୍ରାଣ।
ସ୍ୱର୍ଗର ବାରତା ଘେନି ଆହେ ଦେବଦୂତ,
ପୁଣ୍ୟଭୂମି ଭାରତକୁ କରିଅଛ ପୂତ।
ଧର୍ମ ସଂସ୍ଥାପନ ହେତୁ ଯୁଗେଯୁଗେ ଯହିଁ,
ଅବତରି ଐଶୀଶକ୍ତି ଉଶ୍ୱାସଇ ମହୀ।"

କେବଳ ଏତିକି ନୁହେଁ, ସେ ଗାନ୍ଧୀଙ୍କୁ 'ସବ୍ୟସାଚୀ' ଅର୍ଜୁନ ଆଖ୍ୟା ଦେଇ, ଅହିଂସା ତାଙ୍କର ପାଶୁପତ ଅସ୍ତ୍ର ବୋଲି ବି କହିଛନ୍ତି। ପୁଣି କହିଛନ୍ତି-

"ହେ ମହର୍ଷି, ଜଗଦ୍‌ଗୁରୁ, ହେ ମହାମାନବ,
ଅମର, ଅକ୍ଷୟ ଯଶଃ ଏ ଜଗତେ ତବ।"

କିନ୍ତୁ କବି ବାଞ୍ଛାନିଧି ମହାନ୍ତି, ଗାନ୍ଧୀଙ୍କୁ ସେଇ ଉଚ୍ଚ ଅଧିଷ୍ଠାନରୁ ମାଟିକୁ ଆଣି, ଜନସାଧାରଣଙ୍କ ହୃଦୟ ଓ ବିବେକକୁ ତାଙ୍କପାଇଁ ସମ୍ବେଦନଶୀଳ କରିବାକୁ ଯାଇ କହିଛନ୍ତି-

"ଭାବୁନାହୁଁ ଭାଇ ମହାତ୍ମା କା' ପାଇଁ
କିମ୍ପା ଏତେ ଦୁଃଖ ସହୁଛି ରେ;
ସହି ସହି ସେ ତ ପଥର ହେଲାଣି
ତିଳେ ତୋ ଚେତନା ନୋହୁଛି ରେ।"

ଏହି ପରିପ୍ରେକ୍ଷୀରେ ଆମେ ଶୁଣିଛୁ ଓଡ଼ିଆ କାବ୍ୟଜଗତର ଶକ୍ତ ନାରୀସ୍ୱର କୁନ୍ତଳାକୁମାରୀ ସାବତଙ୍କୁ। ଗାନ୍ଧୀଙ୍କୁ ସେ 'ସେନାପତି' ଭାବେ ସ୍ୱୀକାର କରି ତାଙ୍କ 'ଆହ୍ୱାନ' ଶୁଣାଇଛନ୍ତି ଓଡ଼ିଶାର ନରନାରୀଙ୍କୁ। ତାଙ୍କ ପାଇଁ ପୁରୁଷମାନେ ପାର୍ଥ, ପୃଥ୍ୱୀରାଜ, ଭୀମ, ରାମ ଓ କୃଷ୍ଣ ଏବଂ ନାରୀମାନେ ଚଣ୍ଡୀ ଓ ଚାମୁଣ୍ଡା। ସେସମସ୍ତଙ୍କୁ 'ଆହ୍ୱାନ' ଦେଇ ସେ କହିଛନ୍ତି-

"ଉଠିବୁଁ ଗୋ ଚଣ୍ଡୀ ଚାମୁଣ୍ଡା ପ୍ରଚଣ୍ଡ
ବୈରୀ ଶକ୍ତି ନିଶ୍ଚେ ହେବ ଲଣ୍ଡଭଣ୍ଡ
ହେ ପୁରୁଷେ ଉଠ ପାର୍ଥ, ପୃଥ୍ୱୀରାଜ
ଭୀମ, ରାମ, କୃଷ୍ଣ, ସାଜ ସାଜ ସାଜ।"

ହୋଲିରେ ଫଗୁ ନଖେଳି ରୁଧିରକୁ ଅବିର କରିବାକୁ ବି ସେ ଆହ୍ୱାନ ଦେଇଛନ୍ତି। କହିଛନ୍ତି- ବ୍ରିଟେନ୍‌ର ଲାଲରଙ୍ଗ ଲୁଚିଯାଉ ସେ ରୁଧିରର ଅବିର ରଙ୍ଗରେ।

ଏହିପରି, ବହୁ ଭାବରେ ଗାନ୍ଧୀଙ୍କୁ ସମ୍ବୋଧିତ କରି, ତାଙ୍କ ପାଇଁ ଦେଶର ଜନତାକୁ ସମ୍ବେଦନଶୀଳ କରି, ସ୍ୱାଧୀନତା ସଂଗ୍ରାମକୁ ପ୍ରଚୋଦିତ କରି, ଦେଶପାଇଁ ସ୍ୱାଧୀନତା ଆଣିବାରେ ସହାୟକ ହୋଇଛନ୍ତି ଆମ ଓଡ଼ିଆ ଭାଷାର କେତେ କେତେ କବି। ସେହି ସ୍ୱାଧୀନତାର ସମସ୍ତ ଶ୍ରେୟ ଗାନ୍ଧିଜୀଙ୍କୁ ହିଁ ଦିଆ ହୋଇଛି। ମାୟାଧର ମାନସିଂହଙ୍କ ପରି ପ୍ରେମିକ କବି ବି ତାଙ୍କ ପାଇଁ ବାଢ଼ିଛନ୍ତି ଭକ୍ତିର ଅର୍ଘ୍ୟ। ନିଜ ମଥା ପାଇଁ କାମନା କରିଛନ୍ତି ତାଙ୍କର ଚରଣ ରଜ। 'ବାପୁଜୀ' କବିତାରେ ସେ କହିଛନ୍ତି-

"ମସ୍ତକେ ମୋର ନିତ୍ୟ ପଡୁ ହେ
ବାପୁଜୀ ତୁମର ଚରଣ ଧୂଳି
ଧନ୍ୟ ହେବ ଏ କ୍ଲିନ୍ନ ଅଙ୍ଗ


by Jagannatha Mohapatra

ପୁଣ୍ୟେ ଯିବ ମୋ ପରାଣ ପୂରି।"

ମହାତ୍ମା ଗାନ୍ଧୀଙ୍କ 'ନରଦେହ'ରେ କବି ମାନସିଂହ ଦେଖିଛନ୍ତି 'ନାରାୟଣଙ୍କର ଜୀବନ ରସ'। ସେହି 'ମହାଚେତନାର ଅଂଶ' ସମସ୍ତଙ୍କ ହୃଦୟରେ ବିଦ୍ୟମାନ ଏବଂ ତାହାର କବାଟ ଖୋଲିଲେ ଦେବତା ଜାଗ୍ରତ ହେବେ ବୋଲି କହି, ନିଜ ଭିତରର ଏହି ଅମୃତତ୍ତ୍ୱକୁ ଆବିଷ୍କାର କଲେ କମାଣଗୁଳିକୁ କେହି ଡରିବେ ନାହିଁ ବୋଲି ସେ କହିଛନ୍ତି। ଗାନ୍ଧିଜୀଙ୍କୁ ବୁଦ୍ଧ, ଖ୍ରୀଷ୍ଟ, କୃଷ୍ଣ, ନିମାଇଁଙ୍କ ସହ ତୁଳନା କରି, ସେମାନେ ଯେଉଁ ଦାନ ଦେଇଯାଇଛନ୍ତି, ସେହି ଦାନ ଯାଚିଦେବାପାଇଁ ଗାନ୍ଧୀଙ୍କ ଜୀବନର ଏ ଅଭିଯାନ ବୋଲି ସେ କହିଛନ୍ତି। ପୁଣି ଗୋପବନ୍ଧୁଙ୍କ ପରି ତାଙ୍କୁ ଭଗୀରଥ ବୋଲି ବି ସମ୍ବୋଧନ କରି କହିଛନ୍ତି-

"ଜୀବନ ପୋଡ଼ିଲ ବତି ପରି ରଷି
ନେବାକୁ ଆମର ଅନ୍ଧକାର

କଠୋର ତପସେ ଜୀବନ କ୍ଷୟିଛ
ଦେବାକୁ ଧରାରେ ଗଙ୍ଗାଧାର ।
ଆଜି ଭଗୀରଥ ତପସ୍ୟା ତବ
ଏତେ ଦିନ ପରେ ଧରିଛି ଫଳ
ପୂତ ଉର୍ବର ହେଉଅଛି ମାଟି
ଯହିଁ ଛୁଏଁ ତବ ଜୀବନ ଜଳ ।"

ଆମ ଓଡ଼ିଶାରେ ଗାନ୍ଧୀ-ସାହିତ୍ୟର ଫୁଲ ଓ ଫସଲ ସେଇ ଭଗୀରଥଙ୍କ ତପସ୍ୟାର ପୁଣ୍ୟଫଳ । ସେଇ ପୂତପ୍ରବାହରେ ପୁଷ୍ଟ ଗାନ୍ଧୀଚେତନାର ଉର୍ବର ମାଟିରେ, ଗାନ୍ଧିଜୀଙ୍କ ଜୀବନ-ଜଳରେ ଯେ ପଲ୍ଲବିତ, ପୁଷ୍ପିତ ଓ ଫଳପ୍ରସୂ ହୋଇଛି ଗାନ୍ଧୀ ସାହିତ୍ୟ, ଏଥିରେ କୌଣସି ସନ୍ଦେହ ନାହିଁ ।

କିନ୍ତୁ ସେ କେବଳ ଗୋପବନ୍ଧୁ, ମାୟାଧରଙ୍କ 'ଭଗୀରଥ' ନୁହନ୍ତି, ଗୋଦାବରୀଶ ମହାପାତ୍ରଙ୍କ ଭାଷାରେ ସେ 'ସାବରମତୀର ମହାମାନବ' । ଦିନେ ଯେପରି ସରସ୍ୱତୀ ଓ ଦୃଶଦ୍‌ବତୀ ନଦୀତଟରେ ଗଢ଼ି ଉଠିଥିଲା ଆର୍ଯ୍ୟସଭ୍ୟତା, ମାନବ ମୁକ୍ତିର ହୋମାନଳ, ସେମିତି ତାଙ୍କପାଇଁ ସାବରମତୀ ପାଲଟିଯାଇଛି ଦୃଶଦ୍‌ବତୀ । ସେଥିପାଇଁ ଗୋଦାବରୀଶ 'ସାବରମତୀର ମହାମାନବର ଚରଣତଳେ' ପ୍ରଣିପାତ କରି 'କୋଟିଜନମନ ବନ୍ଦନା' ଗାନ କରିଛନ୍ତି । କହିଛନ୍ତି-

"ସବୁରି ଭିତରେ ଗାନ୍ଧି ହେ ! ତୁମ ବରଣ ଆଜି
ଡାକଇ ଦଳିତ, ପର ପଦାନତ ମାନବ ରାଜି ।
ପାଲଟିଗଲା ସେ ଦୃଶଦ୍‌ବତୀ ଏ ସାବରମତୀ
ସବୁରି ମରମେ ଜଳଇ ତୁମର ଜୀବନ-ବତି ।"

କବି ରାଧାମୋହନ ଗଡ଼ନାୟକ କିନ୍ତୁ ତାଙ୍କୁ 'ମହାମାନବ' ନକହି କହିଛନ୍ତି 'ଅଦ୍ଭୁତ ମାନବ' ଏବଂ ତାଙ୍କ ପଦରେ ଆପଣାର ଅର୍ଘ୍ୟ ଅର୍ପଣ କରିବାକୁ ନିବେଦନ କରିଛନ୍ତି । ତାଙ୍କ 'ଅଦ୍ଭୁତ ସେ ମାନବ ପଦେ'ର ସେଇ ନିବେଦନପୂର୍ଣ୍ଣ ପଙ୍‌କ୍ତିଟି ହେଉଛି-

"କମାଣ ଗୋଳା ସମ୍ମୁଖରେ
ଛାତିର ହାଡ଼ ବଜ୍ର କରି,
ଅହିଂସାର ଯୁଦ୍ଧ ରଚି
ଜିତିଲା ଯିଏ ହିଂସ୍ର ଅରି;
ସ୍ୱାଧୀନ କଲା ବିଶାଳ ଦେଶ,
ମୁକ୍ତ କଲା ବିରାଟ ଜାତି
ଅଦ୍ଭୁତ ସେ ମାନବ ପଦେ
ଅର୍ଘ୍ୟ ତୋର ଢାଳରେ ସାଥୀ ।"

କିନ୍ତୁ ତାଙ୍କ ଚରଣଧୂଳି ପାଇଁ ନିଜ ମଥା ପାତି ଦେବା ବଦଳରେ, ତାଙ୍କ ପଦରେ ଆପଣାର ଅର୍ଘ୍ୟ ଢାଳିବା ବଦଳରେ, ତାଙ୍କୁ ମିଳିଲା ଆତତାୟୀର ଗୁଳି । ଯେଉଁ ମାୟାଧର ମାନସିଂହ ଦିନେ ଲେଖିଥିଲେ, "ମସ୍ତକେ ମୋର ନିତ୍ୟ ପଡୁ ହେ ବାପୁଜୀ ତୁମର ଚରଣ ଧୂଳି" ତାଙ୍କୁ ପୁଣି ଲେଖିବାକୁ ପଡ଼ିଲା 'ମହାଯାତ୍ରା'ର ଶୋକଗୀତି । ସବୁରି ମରମରେ ଜଳୁଥିବା ଗୋଦାବରୀଶଙ୍କ ଭାଷାର 'ଜୀବନ-ବତି' ଲିଭିଗଲା ।

ମାୟାଧର ମାନସିଂହଙ୍କ 'ମହାଯାତ୍ରା' ଅବଶ୍ୟ ଏ ସଂକଳନରେ ନାହିଁ, କିନ୍ତୁ ସେ ଆଉ ଗୋଟିଏ ଅସଂକଳିତ କବିତାରେ ଗାନ୍ଧିଜୀଙ୍କ ପାଇଁ ଆଶା ପୋଷଣ କରିଛନ୍ତି, 'ଆସିବ ଫେରି ହେ ଶୀଘ୍ର' ।

କିନ୍ତୁ ଗାନ୍ଧିଜୀ ଯେ ଆଉ ଫେରି ଆସି ନାହାନ୍ତି, ଏହାର ଅନେକ ନିଦର୍ଶନ ଆମେ ଆଜି ଦେଖୁଛୁ । ଗାନ୍ଧୀ ଚେତନା ବି ଏବେ ଅନେକଙ୍କ ଅନ୍ତରରୁ ସ୍ତିମିତ ହୋଇ ଆସୁଛି । ଏହା ହିଁ ଏ ଭାରତୀୟ ମହାଜାତି ପାଇଁ ବିଡ଼ମ୍ବନା ।

କିନ୍ତୁ ସେଦିନ କ'ଣ ଥିଲା ସେ ଚେତନା ?

ଏହାର ନିଦର୍ଶନ ଗାନ୍ଧୀଙ୍କୁ ଗୁରୁ କରି ତାଙ୍କରି ପଥରେ ପରିଚାଳିତ ଅନେକ କବିଙ୍କ କବିତାରେ ରୂପ ପାଇଛି ।

କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ 'ଜାଗ ଜାଗ ଗାନ୍ଧୀ'ରେ ତାଙ୍କର ରୂପକଳ୍ପ ହେଉଛି, 'ଉଚ୍ଚତମ ଗିରିଶୃଙ୍ଗ' । କିନ୍ତୁ ହରେକୃଷ୍ଣ ମହତାବ ତାଙ୍କୁ ଚମତ୍କାର ଭାବରେ ଚିତ୍ରିତ କରିଛନ୍ତି ସଂପୂର୍ଣ୍ଣ ଭିନ୍ନ ଭାବରେ । କହିଛନ୍ତି- ଅମା ନିଶି, ମେଘଭରା ଆକାଶ, ପ୍ରଚଣ୍ଡ ବର୍ଷା ପବନ, ଉଦ୍ଦଣ୍ଡ ଝଂଜା, ସାଗର ଗର୍ଜନ ଶୁଭୁଛି, ପର୍ବତ ପରି ଧାଡ଼ି ଧାଡ଼ି ଲହଡ଼ି । ପ୍ରଳୟ ମାଡ଼ି ଆସୁଛି । କିନ୍ତୁ ସେଇ ଘୋର ସଂକଟ ସମୟରେ, ସାହସ ବାନ୍ଧି, ଟାଣ ଛାତିରେ, ଦଦରା ନାଆ ସଜାଡ଼ି ଠିଆହୋଇଛି ଜଣେ । ସେ କାଣ୍ଡାରୀ ଜଣକ ଗାନ୍ଧୀ । 'ନେତା ସେ ପ୍ରକୃତ' କବିତାରେ ସେ କହିଛନ୍ତି-

"ମାରେ ସେ କୁହାଟ ବଚନ ଉଚ୍ଚାଟ
ଆସ କେ ହୋଇବ ପାରି,
ନେଇଯିବି ନିଜେ ଶାନ୍ତିର ରାଇଜେ,
ସଂକେତ ପାଇଛି ତା'ରି ।"

ସେ ନାବିକ କେବଳ ଏଇ ଆହ୍ୱାନ ଦେଇ ନାହିଁ । ଦୃଢ଼ ଆତ୍ମବିଶ୍ୱାସର ସହ କହିଛି- "ବାହିନେବି ନାଆ, ପ୍ରଭୁ ମୋର ସାହା, ମୁଁ ତ କାହାକୁ ନଡ଼ରେ ।" ଏହା ବି ସେ କରି ଦେଖାଇଛି । ମହାପରାକ୍ରମୀ ଇଂରେଜ ଶାସନ କବଳରୁ ଦେଶ ଆମର ସ୍ୱାଧୀନ ହୋଇଛି । କିନ୍ତୁ ଆମେ ତାଙ୍କ ପରେ ତାଙ୍କ କଥାକୁ ଆଉ ଭରସା କରିନାହୁଁ । ତାଙ୍କ ପଥ ଛାଡ଼ିଛୁ ।

ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ ନିତ୍ୟାନନ୍ଦ ମହାପାତ୍ର ବି ଆମକୁ ତାଙ୍କ ଚେତନାରେ ଅଭିମନ୍ତ୍ରିତ କରିବାପାଇଁ ଦିନେ ଲେଖିଥିଲେ 'ଗାନ୍ଧିଜୀ' କବିତା । ତାଙ୍କୁ 'ଆଦର୍ଶ ଋଷି' ଭାବରେ ଅଭିହିତ କରି ସେ କହିଥିଲେ-

"ଅରଟ ଯାହାର ଆଦରର ଧନ
ଖଦଡ଼ ଯା'ର ପ୍ରାଣ
ହରିଜନ ଯାର ବୁକୁର ବେଦନା
ସେବା ଯାର ସମ୍ମାନ ।" ସେ ହେଉଛନ୍ତି ଗାନ୍ଧିଜୀ । ଆହୁରି ବି କହିଥିଲେ-
"ଭୟ ଠାରୁ ବଳି ପାପ ନାହିଁ ଆଉ ନିର୍ଭୟ ସ୍ୱାଧୀନତା
ସ୍ୱାଧୀନତା ଅଟେ ସ୍ୱପଥେ ଚଳନ ଆତ୍ମନିର୍ଭରତା ।"

କବି ଅନନ୍ତ ପଟ୍ଟନାୟକ ଆମକୁ 'ଜାଗ ଜାଗ ଦେଶବାସୀ'ରେ "ମୈତ୍ରୀଜ୍ଞାନ ଆହରଣ କରି ତାହାରି ମନ୍ତ୍ରରେ ଶପଥ ନେବାକୁ" ଆହ୍ୱାନ ଦେଇଥିଲେ । କିନ୍ତୁ ସେ ମନ୍ତ୍ର ଆମ କାନରେ ପଡ଼ିଲାନି । ଆମେ ସେ ଶପଥକୁ ଅଣଦେଖା କଲୁ । ଦେଶ ସ୍ୱାଧୀନ ହେବା ପରେ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ ଆମକୁ କହିଲେ, ୟୁରୋପୀୟ ଢାଞ୍ଚାରେ ଶିଳ୍ପ ବିପ୍ଳବ ଗଢ଼ିବା ହେବ ଆମର ପ୍ରଥମ କର୍ତ୍ତବ୍ୟ । ତାହା କିନ୍ତୁ ଗାନ୍ଧିଜୀଙ୍କ ଭାବଧାରା ନଥିଲା । ଗାନ୍ଧିଜୀଙ୍କ ଆହ୍ୱାନ ଥିଲା, ଆଗ ମଣିଷ ଗଢ଼ । ତେଣୁ ଏ ଦ୍ୱନ୍ଦ୍ୱକୁ ନେଇ ସେଦିନ ଏକ ପ୍ରତିବାଦର କବିତା ଲେଖିଥିଲେ ରଘୁନାଥ ଦାସ । 'ଆହ୍ୱାନ'ରେ ସେ ଆହ୍ୱାନ ଦେଇଥିଲେ-

"ବୃଦ୍ଧ ଜଣେ କହୁଛି ଡାକି ମତ୍ତ ଜନତାରେ,
ମଣିଷ ଗଢ଼, ମଣିଷ ଗଢ଼, ମଣିଷ ଗଢ଼ ଆରେ ।
ଜୀବନ ଲାଗି ଶିଳ୍ପ ଗଢ଼ି
ଦେହରୁ ମାଂସ ଗଲା ତ ଝଡ଼ି
ଝାଉଁଳି ପଡ଼େ ସବୁଜ କଢ଼ି
ତତଲା ନିଆଁ, ଚିମିନି ଧୂଆଁ, ଯନ୍ତ୍ର ହାହାକାରେ
ବୃଦ୍ଧ ଜଣେ କହୁଛି ଡାକି ମତ୍ତ ଜନତାରେ,
ମଣିଷ ଗଢ଼, ମଣିଷ ଗଢ଼, ମଣିଷ ଗଢ଼ ଆରେ ।"

ସେଇଦିନ ଠୁଁ ଯେ ଆମେ କ୍ରମେ ଗାନ୍ଧୀଙ୍କୁ ଛାଡ଼ିବା, ତାଙ୍କ ଠୁଁ, ତାଙ୍କ



by R. N. Rath

ଚେତନା ଠୁଁ ଦୂରେଇ ଯିବା ଆରମ୍ଭ କରିଥିଲୁ- ଏ ଯାଏଁ ତାହାର ଅନ୍ତ ଘଟିନାହିଁ।

ଆଜି ଗାନ୍ଧିଜୀଙ୍କ ଜନ୍ମର ସାର୍ଦ୍ଧଶତ ବର୍ଷ ପାଳିତ ହେଉଛି। ଅର୍ଦ୍ଧଶତାବ୍ଦୀ ତଳେ ପାଳିତ ହୋଇଥିଲା ତାଙ୍କର ଶତବାର୍ଷିକୀ। ସେଦିନ ମନେ ପକାଇଥିଲେ ଗାନ୍ଧିଜୀଙ୍କୁ କବି ଚିନ୍ତାମଣି ବେହେରା, ଅତ୍ୟନ୍ତ ଭାବଗମ୍ଭୀର ସ୍ୱରରେ। କହିଥିଲେ-

"ହିମାଦ୍ରି ବିନ୍ଧ୍ୟାଦ୍ରି ସାଥେ ମେଘାସନ ସହ୍ୟାଦ୍ରି ଶିଖରୀ
ବାଙ୍ମୟ ସେଦିନ ଅବା ମୁକ୍ତିମନ୍ତ୍ର ବକ୍ଷ ପୁଟେ ଧରି
ହୋଇଥିଲେ ପରିହରି ଯୁଗଯୁଗ ଜଡ଼ତାର ରୂପ
ପରସ୍ପରେ କହିଥିଲେ ମୁକ୍ତ ହେବ ଜାତି ଅଭିଶାପ।
ବ୍ରହ୍ମପୁତ୍ର, ସିନ୍ଧୁ, ଗଙ୍ଗା, ଗୋଦାବରୀ, କୃଷ୍ଣା, ଚିତ୍ରୋତ୍ପଳା
କହିଥିଲେ ପରସ୍ପରେ କଳକଣ୍ଠେ, ଏଇ ବୃହନ୍ନଳା-
ମହାଦେଶ ମୁକ୍ତ ହେବ ସରିଯିବ ତା ଅଜ୍ଞାତବାସ
ଏ ଦେଶର ସବ୍ୟସାଚୀ ଶୌର୍ଯ୍ୟ ବୀର୍ଯ୍ୟ ଅତୀତର ଯଶ
ପାଇବ ନିଶ୍ଚୟ ଫେରି ଶୁଭିଲାଣି ମୁକ୍ତି ପଞ୍ଚଜନ୍ୟ
ସ୍ୱାଧୀନ ସନ୍ତାନ ତେଜେ ଦେଶମାଟି ହେବ ପୁଣି ଧନ୍ୟ।"

କିନ୍ତୁ ତାହା ହୋଇନାହିଁ। କାରଣ, ଆମେ ତାଙ୍କ ଜନ୍ମର ଏ ସାର୍ଦ୍ଧଶତ ବର୍ଷ ଭିତରେ ବା ମୃତ୍ୟୁର ସାତ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଭିତରେ ତାଙ୍କୁ ପ୍ରାୟ ମନେ ପକାଇ ନାହୁଁ। ସେଥିପାଇଁ ତାଙ୍କ ପ୍ରୟାଣର ସତୁରି ବର୍ଷ ଅବସରରେ କବି ହୃଷୀକେଶ ମଲ୍ଲିକ କହିଛନ୍ତି-

"ସତୁରି ବର୍ଷ ପରେ
ଆଜି ତର ମିଳିଲା
ଠିଆ ହେବାକୁ ଘଡ଼ିଏ, ତମ ଛାଇରେ...
ମୁଁ ଭୂମିଷ୍ଠ ହେବା ଆଗରୁ
ତମେ ଚାଲି ଯାଇଥିଲ
ଯିବା ଆଗରୁ ତମେ
ମୂର୍ତ୍ତି ପାଲଟି ସାରିଥିଲ।"

ଏଇ ସତୁରି ବା ବାସ୍ତରୀ ବର୍ଷ ଭିତରେ ଗାନ୍ଧିଜୀଙ୍କ ଚଷମା ଆମର ବିଜ୍ଞାପନ ହୋଇଛି। ବିଜୟ ମାଲ୍ୟାଙ୍କ ପରି ଆମ ଦେଶର ମଦ ବେପାରୀଙ୍କ ପାଇଁ ତାଙ୍କ ଚଟି, ଚଷମା, ଘଣ୍ଟା ପାଲଟିଛି 'ଲିଗାସୀ'। କିନ୍ତୁ ଗାନ୍ଧୀ ଚେତନା ହୋଇ ଯାଇଛି ମୁମୂର୍ଷୁ। ସେଇଥିପାଇଁ ଦାଶ ବେନହୁର 'ଗାନ୍ଧୀ-ସତ' ଓ 'ଆଉ ଭିନ୍ନେ ସତ' ଭିତରେ ଥିବା ତଫାତ୍‌କୁ ତାଙ୍କ 'ତୁମେ କହିଥିଲ' କବିତାରେ ଆମ ଆଗରେ ପରଖିଛନ୍ତି। ଅଧ୍ୟାପକ ବିଶ୍ୱରଂଜନ ତାଙ୍କ 'ଗାନ୍ଧୀ ମହାତ୍ମା' କବିତାରେ କହିଛନ୍ତି-

"ଗାନ୍ଧୀ ମହାତ୍ମା
ଆପଣ ଏବେ କାହାଣୀ ଓ କବିତା
ସଭାମଞ୍ଚର ବକ୍ତୃତା
କାନକୁ ମଧୁର
ଚମତ୍କାର କଥା।
ଗାନ୍ଧୀ ମହାତ୍ମା
ଆପଣ ଏବେ କାଗଜ ଟଙ୍କାର ମୁଣ୍ଡ
ଗୁଣ୍ଡି ଓ ଗୁଡ଼ାଖୁ ଅବା ମସଲାର ଗୁଣ୍ଡ
ବେପାରୀଙ୍କ ବିଜ୍ଞାପନ
ଦୋକାନ ଓ ବଜାରରେ
ଲାଭ ଆଉ ଶୁଭର କାରଣ।
× × ×
ଗାନ୍ଧୀ ମହାତ୍ମା
କୁହନ୍ତୁ ଆପଣ
କେତେକାଳ ଚାଲିଥିବ ଏଇମିତି
ମିଛ ଅଭିନୟ।
ମୁଖାପିନ୍ଧା ମଣିଷ ମୁହଁରେ
ଆପଣଙ୍କ ଜୟ ଜୟ କାର।
ସତ୍ୟଠାରୁ ବହୁ ଦୂରେ
ସତ୍ୟାଗ୍ରହୀ ଶୋଭାଯାତ୍ରା
ସଭା କୋଳାହଳ
କେତେକାଳ ଚାଲିଥିବ
ସତ୍ୟ ନାମେ କେବଳ ପ୍ରଚାର ?"

କିନ୍ତୁ କାହିଁକି ଆଜି ଏପରି ହୋଇଛି ? ଏହାର ଉତ୍ତର ଅଛି ଗାନ୍ଧୀ ଚେତନାରେ ସ୍ପନ୍ଦିତ ଆମ ସମୟର ଜଣେ ଶକ୍ତିଶାଳୀ କବି ଶୈଳଜ ରବିଙ୍କ 'ଚତୁର୍ଥ ଗୁଳି'ରେ।

ଆମେ ସମସ୍ତେ ଜାଣୁ ଯେ ଦେଶ ସ୍ୱାଧୀନ ହେବାର ମାସେ କେଇଟି ନପୂରୁଣୁ, ସଂଧ୍ୟାର ଏକ ପ୍ରାର୍ଥନା ସଭାରେ, ଆତତାୟୀର ଗୁଳିରେ ଗାନ୍ଧିଜୀ ନିହତ ହୋଇଥିଲେ। ତାଙ୍କ ଛାତିରେ ବାଜିଥିଲା ତିନିଟି ଗୁଳି। କିନ୍ତୁ ତିନିଟି ନୁହେଁ, ଚାରିଟି ଗୁଳି ବୋଲି କେତେକ ଗବେଷକ ଏବେ ଦାବି କରୁଛନ୍ତି। କବି ଶୈଳଜ ରବିଙ୍କ ପାଇଁ କିନ୍ତୁ ଏଇ ଚତୁର୍ଥ ଗୁଳିଟି ସଂପୂର୍ଣ୍ଣ ଭିନ୍ନ। ସେ କହିଛନ୍ତି-

"ସତ କହୁଛି ବାପୁ
ଚତୁର୍ଥ ଗୁଳିଟି ଥିଲା ମୋର

ହଁ, ମୋର।
ତୁମେ ଗୋଟିଏ ନଛୋଡ଼ବନ୍ଧା ସାଇରନ୍
ଦୁର୍ବିସହ, ଦୁର୍ବାର ତୁମର ଭୀମ ରଡ଼ି
ତୁମର ଆହ୍ୱାନ।
ମୁଁ ଚାହେଁ ସେଥିରୁ ନିଷ୍କୃତି
ମୋ ସହ ତୁମ ଲଢ଼େଇର
ପରିସମାପ୍ତି।
ମୁଁ ତୁମକୁ ଭଲପାଏ
ଭଲପାଏ ବି ଏ ଦେଶର ମାଟିକୁ
ହେଲେ ଅଧିକ ଭଲ ପାଏ ମୁଁ ନିଜକୁ
ଆଉ ମୋ ଗଣ୍ଡିଲିଟିକୁ।"

ଏଣୁ ଆମର ସଂକୀର୍ଣ୍ଣ ସ୍ୱାର୍ଥ ହିଁ ପ୍ରକୃତରେ ଏଇ ଚତୁର୍ଥ ଗୁଳି- ଯାହା ସେଦିନ ଗାନ୍ଧୀଙ୍କ ଛାତିରେ ବାଜିଥିଲା, ଆଉ ଆଜି ବି ସେଇ ଗୁଳିର ଚୋଟରେ ଗାନ୍ଧୀ ଚେତନାର ରକ୍ତକ୍ଷରଣ ଚାଲିଛି।

ଏଇ ସୁଦୀର୍ଘ କାଳଖଣ୍ଡ ଭିତରେ, ଅନେକ କବି ଗାନ୍ଧୀଙ୍କୁ ନେଇ ଅନେକ କବିତା ଲେଖିଛନ୍ତି। ଦିନ ଥିଲା, ସଂଗ୍ରାମୀଙ୍କ ସଂଗୀତରେ ଓ ଆମ କବିଙ୍କ କବିତାରେ ତାଙ୍କର ପ୍ରଭାବ ଥିଲା ଅନେକ ବେଶୀ। ପ୍ରାବନ୍ଧିକଙ୍କ ଚିନ୍ତନ ଓ କଥାକାରଙ୍କ ସୃଜନରେ ବି ତାଙ୍କର ଥିଲା ପ୍ରାଧାନ୍ୟ। ସେ ସମୟ ଥିଲା ପରାଧୀନତାର। ତାଙ୍କ ନେତୃତ୍ୱରେ ଦେଶ ସ୍ୱାଧୀନ ହେଲା ଏବଂ ପରେ ପରେ ଆତତାୟୀର ଗୁଳିରେ ସେ ପ୍ରାଣବଳି ଦେଲେ। ତା'ପରେ ବି ଆମ କବିଙ୍କ ଆତ୍ମାକୁ ସେ ଅଧିକାର କରି ରହିଥିଲେ। ସେଥିପାଇଁ "ମସ୍ତକେ ମୋର ନିତ୍ୟ ପଡୁ ହେ ବାପୁଜୀ ତୁମର ଚରଣ ଧୂଳି" ବୋଲି କହିଥିଲେ କବି ମାୟାଧର ମାନସିଂହ।

କିନ୍ତୁ ପରବର୍ତ୍ତୀ କାଳରେ ଯେଉଁ କବିକୁଳ ଆସିଲେ ବିଚ୍ଛିନ୍ନତାର ବାର୍ତ୍ତା ଓ ଛିନ୍ନମୂଳତାର ଦୀକ୍ଷା ନେଇ, ସେମାନଙ୍କପାଇଁ ବାପୁଜୀଙ୍କ ଚରଣଧୂଳି ଗୁରୁତ୍ୱ ହରାଇ ବସିଲା। ବିଶ୍ୱଯୁଦ୍ଧର ଧୂଆଁ ଆଉ ଇଲିୟଟ୍‌ଙ୍କ ଧୂଳି ତାଙ୍କ ଚିନ୍ତା ଓ ଆତ୍ମାକୁ ମଳିନ କଲା। ସେମାନଙ୍କ ପାଇଁ ଗାନ୍ଧିଜୀଙ୍କର ଗୁରୁତ୍ୱ ଆଉ ରହିଲା ନାହିଁ। ତେଣୁ ସେ ପର୍ଯ୍ୟାୟର ଅନେକ କବିଙ୍କ କବିତାରେ ଗାନ୍ଧୀ ଅନୁପସ୍ଥିତ।

କିନ୍ତୁ ଏବେ ଆମ କବିତା ରାଜ୍ୟରୁ ଇଲିୟଟ ଅପସରି ଯାଇଛନ୍ତି। ଗାନ୍ଧିଜୀ ପୁଣି ଫେରୁଛନ୍ତି ଆମ ସାହିତ୍ୟକୁ। ତାହାର ସଙ୍କେତ ଆମକୁ ଅତି ସ୍ପଷ୍ଟ ଭାବେ ମିଳିଛି ସୌରୀନ୍ଦ୍ର ବାରିକଙ୍କ 'ଭାରି ମନେପଡ଼' ପରି କବିତା ଗ୍ରନ୍ଥରୁ। ଏବେ ଏଇ ସାର୍ଦ୍ଧଶତ ଜନ୍ମବର୍ଷରେ ନୂଆପିଢ଼ିର ଅନେକ କବି ବି ପୁଣି ଥରେ ନୂଆ ବାଗରେ ଗାନ୍ଧୀଙ୍କୁ ମନେ ପକାଉଛନ୍ତି। ଏହିସବୁ କବିଙ୍କ ମଧ୍ୟରେ ଆଗରୁ ଥିଲେ ସଚ୍ଚିଦାନନ୍ଦ ରାଉତରାୟ, ଅନନ୍ତ ପଟ୍ଟନାୟକ, ବାଞ୍ଛାନିଧି ଦାସ, ବୀରକିଶୋର ଦାସ, ଭଗବାନ ପତି, ମହମ୍ମଦ ମୁସାଖାଁ ଆଦି ଅନେକ। ଏବେ ଅଛନ୍ତି ସୀତାକାନ୍ତ ମହାପାତ୍ର, ପ୍ରତିଭା ଶତପଥୀ, ହରପ୍ରସାଦ ଦାସ, ଶତ୍ରୁଘ୍ନ ପାଣ୍ଡବ, ଦିନନାଥ ପାଠୀ, ଅପର୍ଣ୍ଣା ମହାନ୍ତି, ପ୍ରସନ୍ନ କୁମାର ମହାନ୍ତି, ଫନୀ ମହାନ୍ତି, ଅନ୍ନପୂର୍ଣ୍ଣା ଦାସ, ବୀରେନ୍ଦ୍ର ନାୟକ, ଚିରଶ୍ରୀ ଇନ୍ଦ୍ରସିଂ, ସୂର୍ଯ୍ୟ ମିଶ୍ର, ସୁନୀଲ ପୃଷ୍ଟି, ଶ୍ରୀହରି ଧଳ, କ୍ଷୀରୋଦ ପରିଡ଼ା, ସୁଚେତା ମିଶ୍ର, ଗୌରହରି ଦାସ, ଉମାକାନ୍ତ ରାଉତ (ଅରୂପ), ପବିତ୍ର ମୋହନ କର, ଶ୍ରୀଦେବ, ଭାରତ ମାଝୀ, ସ୍ୱପ୍ନା ମିଶ୍ର, କବିତା ଦାଶ (ବାହିନୀପତି), ନିତ୍ୟାନନ୍ଦ ସାହୁ, ପଞ୍ଚାନନ ଦାଶ, ବନମାଳି ବାରିକ, ବାସୁଦେବ ଦାସ, ମନୋରଂଜନ ହୋତା, ବାସୁଦେବ ସାହୁ, ମାଳତୀ ଦାସ, ନେତାଜୀ ଅଭିନନ୍ଦନ, ରମାକାନ୍ତ ନାଥ, ମୀନାକୁମାରୀ ନାୟକ, ପ୍ରୀତିଧାରା ସାମଲ, ହରେକୃଷ୍ଣ ଦାସ ଓ ଶ୍ରୀଯୁକ୍ତ ସତ୍ୟାନାଶ ପ୍ରମୁଖ। ଅନ୍ତତଃ ଏମାନଙ୍କର କବିତା ଏ ସଂକଳନରେ ସଂକଳିତ ହୋଇଛି। ସେସବୁର ଆଲୋଚନା ଆଉ ଏକ ପ୍ରସ୍ଥ ଆବଶ୍ୟକ କରେ, ଯାହାର ଅବକାଶ ଏହି ସୀମିତ ପରିସରରେ ନାହିଁ।

କିନ୍ତୁ ଦାଶ ବେନହୁର ହୁଅନ୍ତୁ କି ଅଧ୍ୟାପକ ବିଶ୍ୱରଂଜନ ବା ଶୈଳଜ ରବି- ଏମାନେ ଦର୍ଶାଇଥିବା ଗାନ୍ଧୀଚେତନାର ଦୁରବସ୍ଥାର ଇତି ଘଟି, ସେ ଚେତନା କିପରି ପୁଣି ପ୍ରତିଷ୍ଠିତ ହେବ ଆମ ଅନ୍ତରରେ ? ତାହାର ଉପାୟ ଯେ ଗାନ୍ଧୀ-ଅନ୍ୱେଷଣ ବା ଗାନ୍ଧୀ ଚେତନାର ଅନୁସରଣ ଏଥିରେ କୌଣସି ସନ୍ଦେହ ନାହିଁ। କବି ରକ୍ଷକ ନାୟକ ସେଇ 'ଗାନ୍ଧୀ-ଅନ୍ୱେଷଣ'ରେ ଅଛନ୍ତି। ତାଙ୍କ କବିତାରେ କହିଛନ୍ତି-

"ଛବିରେ ନୁହେଁ ଛାତିରେ
ମୁଦ୍ରାରେ ନୁହେଁ ମନରେ
ଚିତ୍ରରେ ନୁହେଁ ଚେତନାରେ
ଭାଷଣରେ ନୁହେଁ ଭାବରେ
ତୁମକୁ ପାଇନି।
ଖୋଜିଛି; ଖୋଜୁଛି
କେଉଁଠି ତୁମକୁ ପାଇବି ଜଣାନାହିଁ
ତେବେ ବି ତୁମକୁ ଖୋଜିବା ବ୍ୟତୀତ
ମୋର ଅନ୍ୟ ଗତି ନାହିଁ।"


କବି ସୌରୀନ୍ଦ୍ର ବାରିକ ବି ତାଙ୍କ ଗାନ୍ଧୀ କବିତା ସଂକଳନ 'ଭାରି ମନେପଡ଼'ରେ ତାଙ୍କୁ ଠାକୁର ଭାବରେ ନୁହେଁ, ମଣିଷର ମଣିଷପଣରେ ଖୋଜିଛନ୍ତି। 'କାଙ୍ଗାଳୀ ମନରେ ଝୁରୁଛି' କବିତାରେ ସେ କହିଛନ୍ତି- ଆମେ ତାଙ୍କୁ ଠାକୁର କରି ଦେଇ ନିଜେ ନୂଆ ଠାକୁର ହେବାର କଥା।

"ତୁମେ ଖାଲି ଠାକୁର ଖାଲି ଠାକୁର
ତୁମ ନହକା ମଣିଷ ରୂପ
ତୁମ ମିଠା ପାକୁଆ ହସ
ସତ ପାଇଁ ରୁଷା, ସତ ପାଇଁ କାନ୍ଦ
ସତ ପାଇଁ ପୁଣି
ଏକା ଏକା ମରଣ ମୁହଁରେ ଚାଲିବା
ସହି ପାରିଲୁନି। ଭେଳିକିର ଗୋଳିପାଣି
ଆମକୁ ସୁହାଏ
ଗୋଳିପାଣିରେ ପରା ମାଛ ମାରିବା ସହଜ
ତୁମକୁ ତେଣୁ ଠାକୁର କରିଦେଲୁ, ତୁମ ନାଁରେ
ଆମେ ସବୁ ନୂଆ ଠାକୁର ହେଲୁ।"

ପୁଣି ସେଇଥିରେ ବି ସେ କହିଛନ୍ତି, ଗାନ୍ଧୀଙ୍କୁ ମଣିଷପଣରେ ଖୋଜିବା କଥା- ଯାହା ମଣିଷର ମଣିଷପଣକୁ ବଞ୍ଚେଇ ଦେବ-

"ଯେତେ ଠାକୁର କଲେ ବି ତୁମେ ସେଇ ମଣିଷ
ଯା'କୁ ମିଛର ଚନ୍ଦନ ସିନ୍ଦୂର ଫାଙ୍କି ପାରେନି।
ବଦଳେଇ ବି ପାରେନି କାଳର କୁଳୁକୁଳୁ ଝର
ଯେତେ ଦୂରକୁ ଗଡ଼େଇ ନେଲେ ବି
ବାଲିଗରଡ଼ା ତୁମ ସତ୍ୟ ସେତେ ଚିକ୍‌କଣ ହୁଏ
ଧାରୁଆ ବି ହୁଏ, ତୁମେ କ'ଣ ବଉଳ ଫୁଲ
ପୁରୁଣା ହେଇ ବି ବେଶି ବେଶି ମହକି ଉଠ!
ତୁମକୁ ଖୋଜୁଛି, ଯିଏ ଦେଖେଇ ଦେବ
ମଣିଷର ମଣିଷ ପଣ, ବଞ୍ଚେଇ ଦେବ
ଧର୍ମର ଧରମ ପଣ।"

ଏଣୁ ଏହି ନୂଆ କବିତା ସଂକଳନ ଯଦି ଆମକୁ ସେଇ ଗାନ୍ଧୀ ଖୋଜା, ସେଇ ପୁରୁଣା ବଉଳ ଫୁଲର ବାସନା ଖୋଜା ପାଇଁ କିଂଚିତ୍ ପ୍ରରୋଚିତ କରିପାରେ, ତେବେ ଏପରି ଏକ ସଂକଳନର ଉଦ୍ୟମ ସାର୍ଥକ ହେବ।



'ପକ୍ଷୀ'ର ପ୍ରଚ୍ଛଦ


କବି ମନୋଜ ମେହେର

# 'ପକ୍ଷୀ' କିଏ ଓ କାହିଁକି ?

ଯେଉଁଦିନ ପ୍ରଥମ ଥର ପାଇଁ ବିଧବାର ଚୂଡ଼ି ଭାଙ୍ଗିବା ଶବ୍ଦ ଓ କାନ୍ଦଣାରେ ପକ୍ଷୀଗୀତ ମୋର ହୃଦ୍‌କନ୍ଦରରେ ଅନୁରଣିତ ହେଲା, ଏହା ମୋତେ ଏପରି ଆଚ୍ଛନ୍ନ କଲା ଯେ ପକ୍ଷୀକୁ ନିଜ ତଥା ଭିନ୍ନ ବାଗରେ ଗଢ଼ି ତୋଳିବା ଦିଗରେ ମନ ଦେଲି । ବିଶ୍ୱବ୍ରହ୍ମାଣ୍ଡ ମୋତେ ପକ୍ଷୀମୟ ଦିଶିଲା । ରାତିରାତି ପକ୍ଷୀକବିତା ଲେଖି ଚାଲିଲି । ଆଇନ୍ ପଢ଼ିବା ପାଇଁ କଟକ ଆସିବା ପରେ ଭଲ କରି ସାହିତ୍ୟିକ ପାଣିପାଗ ସହିତ ପରିଚିତ ହେଲି । ଅଗଣିତ ଉପାଦେୟ ପୁସ୍ତକ ସଂସ୍ପର୍ଶରେ ଆସିଲି । ସେତେବେଳେ ମୋର ହୃଦ୍‌ବୋଧ ହେଲା: ଲେଖିଥିବା 'ପକ୍ଷୀ' କବିତାଗୁଡ଼ିକର ବିଶେଷ ମାନେ ନାହିଁ । ସେଗୁଡ଼ିକୁ ପୁଣି ନୂଆ କରି ଗଢ଼ିଲି । ନିଜପଣ ଓ ନୂଆପଣକୁ କିପରି ପ୍ରତିପାଦନ କରିବି, ତାହା ମୋ ପାଇଁ ଆହ୍ୱାନ ହୋଇଗଲା । ଏପରି ଭଙ୍ଗାଗଢ଼ା ହୋଇ 'ପକ୍ଷୀ' ତିନିଚାରି ଥର ଭିନ୍ନ ଭିନ୍ନ ରୂପ ପାଇବା ପରେ ଏବେ ଏ ଅବସ୍ଥାରେ ପହଞ୍ଚିଛି । 'ପକ୍ଷୀ' ମୋ ପାଇଁ ନିର୍ଦ୍ଦିଷ୍ଟ, ଅନିର୍ଦ୍ଦିଷ୍ଟ ବି । ପକ୍ଷୀ କେତେବେଳେ ଜୀବନ, ମୃତ୍ୟୁ ତ କେତେବେଳେ ମହିମାମୟ ଶୂନ୍ୟତା, ଏପରିକି ନଥିଙ୍ଗନେସ୍ ବି ।

'ପକ୍ଷୀ' କବିତା ସଂକଳନ ହେଉଛି ମୋର କାବ୍ୟସାଧନାର ଆଦ୍ୟ ସନ୍ତକ । ଯୁକ୍ତ ତିନି ଶେଷ ବର୍ଷ ଛାତ୍ର ଥିବା ସମୟରେ ଏହାକୁ ଲେଖିବା ଆରମ୍ଭ କରିଥିଲି । ଏହି ସମୟରେ କବିତାର କୌଣସି ତତ୍ତ୍ୱ ବିଷୟରେ ମୋତେ କିଛି ବି ଜଣା ନ ଥିଲା । ଭଲ ଭାବରେ ଓଡ଼ିଆ କବିତା ଓ କବିଙ୍କୁ ମଧ୍ୟ ଅଧ୍ୟୟନ କରି ନଥିଲି; କାରଣ ମୁଁ ଥିଲି ଅର୍ଥନୀତି ସମ୍ମାନର ଛାତ୍ର । ସେତେବେଳେ ମୁମ୍ମୟତା ଓ ଏକାକୀତ୍ୱ ଥିଲା ମୋର ପ୍ରିୟ ସହଚର । ନିଜକୁ ଆବିଷ୍କାର କରିବା ଦିଗରେ ସବୁକିଛିକୁ ବାଜି ଲଗାଇ ଦେଉଥିଲି । ଅତଏବ, 'ପକ୍ଷୀ' ରଚନା ପାଇଁ ଯେତେବେଳେ ମାନସିକ ସ୍ତରରେ ପ୍ରସ୍ତୁତ ହେଲି ମୁଖ୍ୟତଃ ତିନିଟି କଥାକୁ ଧ୍ୟାନ ଦେଉଥିଲି । ପ୍ରଥମତଃ ବିଶ୍ୱରେ ପକ୍ଷୀକୁ ନେଇ ଯେତେ କବିତା ଲେଖା ହୋଇଛି ମୋର ପକ୍ଷୀ ଭିନ୍ନ ହେବ । ଦ୍ୱିତୀୟତଃ ମୁଁ ଯେଉଁ ମାନସିକତା ଓ ବିଶୁଦ୍ଧ ପାଗଳପଣର ବଶବର୍ତ୍ତୀ ହୋଇଥିଲି, ସେତେବେଳେ ମୋତେ ଲାଗିଥିଲା ପ୍ରମୁଖ ଓଡ଼ିଆ କବିମାନେ ମିଥ୍‌ଧର୍ମୀ କାବ୍ୟକବିତା ରଚନାରେ ଅଧିକ ମନୋନିବେଶ କରିଛନ୍ତି, ଯେଉଁଥିରେ ସାଧାରଣ ମଣିଷର ଛବି ନାହିଁ କି ଖୁବ୍ ଗୋଟିଏ ସମୟକୁ ପ୍ରତିନିଧିତ୍ୱ କରୁଥିବା ଭଳି କଥା ନାହିଁ; ବରଂ ଆମେ କେତେ ଶହ ବର୍ଷ ତଳକୁ ଫେରିଯାଉଛୁ । ତୃତୀୟତଃ ଅନେକ ଲବ୍ଧପ୍ରତିଷ୍ଠ କବି ଲେଖୁଥିବା ନାରୀକୈନ୍ଦ୍ରିକ ପ୍ରେମକବିତା (ଦେହମନ ଭିତରେ ସୀମିତ ଏବଂ ଯେଉଁଠି ତ୍ୟାଗ, ତିତିକ୍ଷା ଓ ଧୈର୍ଯ୍ୟର ଚିହ୍ନବର୍ଣ୍ଣ ନାହିଁ) ଫେସନ୍ ପରି ଲାଗୁଥିଲା । ସେହିପରି ଶୂନ୍ୟତା, ନିଃସଙ୍ଗତା, ଅସହାୟତାବୋଧ, ବିଷାଦବାଦ, ବିଚ୍ଛିନ୍ନତାବାଦ, ମୃତ୍ୟୁଚେତନା, ହତାଶାବୋଧ ଇତ୍ୟାଦିକୁ ମୁଖ୍ୟ ଉପଜୀବ୍ୟ କରି କବିତା ଲେଖୁଥିଲେ, ଯଦିଓ ବ୍ୟକ୍ତିଗତ ଜୀବନରେ କବିଙ୍କ ନିକଟରେ ସେପରି କିଛି ପରିଲକ୍ଷିତ ହେଉନଥିଲା ।

ଏଣୁ ପକ୍ଷୀକୁ ଏକ କାବ୍ୟିକ ଚ୍ୟାଲେଞ୍ଜ୍ ଭାବେ ଗ୍ରହଣ କରି ପ୍ରତିଜ୍ଞା କରିଥିଲି ମିଥ୍‌ର ବିନା ଆଶ୍ରୟରେ 'ପକ୍ଷୀ'କୁ ଜନ୍ମ ଦେବି, ପକ୍ଷୀ ନିର୍ନାରୀ ହେବ । କବିତାରେ ଜୀବନାନୁଭବ ଓ ଜୀବନାନୁଭୂତିକୁ ପାଥେୟ କରି ଭୋଗୁଥିବା ସମୟ ଓ ପୃଥିବୀର କଥା କହିବାର ପ୍ରୟାସ କରିବି । ସଦ୍-ଚିଦ୍-ଆନନ୍ଦକୁ ଧ୍ୟାୟୀବି । ଏଥିରେ ମୁଁ କେତେ ସଫଳ ବା ବିଫଳ ତାହା ମହାକାଳ ବା ସହୃଦୟ ପାଠକ-ସମାଲୋଚକ କହିବେ ।

ପକ୍ଷୀରେ ଅନୁଭବର ବିଭିନ୍ନ ସ୍ତରର କିପରି ଯଥାର୍ଥ ସୃଜନଶୀଳ ପରିସ୍ଫୁଟନ ହେବ, ସେଥିପାଇଁ ମଧ୍ୟ ପୂରାଦମ୍‌ରେ ବାଜି ଲାଗାଇ ଦେଇଥିଲି ନିଜକୁ । ଏକ ଦ୍ୱାସୁପର୍ଣ୍ଣୀୟ ଚେତନା ମୋତେ ସମ୍ପୂର୍ଣ୍ଣ ଗ୍ରାସ କରିଥିଲା । ମୋର ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି ଅବସ୍ଥାରେ ପକ୍ଷୀୟ ଉଡ଼ାଣ ଛାଇ ରହିଥିଲା । ହେଲେ ସେ ଭିତରେ ମୁଁ ଏକ ମୁକ୍ତାବସ୍ଥାକୁ ଆପଣେଇ ନେଇ ଜୀବନ ସହିତ ଯୁଝୁଥିଲି ।

ଅନ୍ୟପକ୍ଷରେ କହିବାକୁ ଗଲେ ମୁଁ ଏକ ସଂଯୁକ୍ତ ପରିବାରରେ ବଢ଼ିଛି । ଚାରି ପିଢ଼ି ଧରି ଗୋଟିଏ ଛାତ ତଳେ ପ୍ରାୟ ୫୦ ବର୍ଷ ହେବ ଏକାଠି ରହି ଆସୁଛୁ । ଫଳରେ ପିଲାଟି ଦିନରୁ ତିନି ପିଢ଼ିର ଅଭିଜ୍ଞତା ମୋ ଭିତରେ ତୀବ୍ର ଥିଲା ପରି ମନେ ହେଉଥିଲା । ଜୀବନର ବୈଚିତ୍ର୍ୟ ଏବଂ ନାନାବିଧ ଉପଲବ୍ଧିକୁ ଗୋଟାପଣେ ଉଦରସ୍ଥ କରିଥିବା ଖିଆଲ୍‌ରେ ରହୁଥିଲି । ଅତଏବ ମୁଁ ପିଲାଟି ଦିନରୁ ହିଁ ଗୋଟିଏ ବୁଢ଼ାର ମନ, ହୃଦୟ ଓ ବିବେକକୁ ଧରି ବଡ଼ ହେଉଛି ବୋଲି ବିଚାର କରେ । ଏହି ପରିପ୍ରେକ୍ଷୀରେ ମୋର ପ୍ରବଳ ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସ ପକ୍ଷୀକୁ ନିଆରା କରି ଗଢ଼ି ତୋଳିବାରେ ମୋତେ ଏତେ ବାଟକୁ ଆଣିଛି ।

ବ୍ୟକ୍ତିଗତ ସ୍ତରରେ ମୁଁ ଭୋଗିଥିବା ସୁଖଦୁଃଖ ଓ ଯାବତୀୟ ସାଂସାରିକ ଜୀବନାନୁଭବକୁ କବିତାରେ ଉତାରୁଥିଲି । ହୁଏତ ଏହାକୁ କେହିକେହି କାୟାପ୍ରବେଶ କହିପାରନ୍ତି । ଯା'ପଛରେ ପ୍ରାରବ୍ଧ ଓ ପୂର୍ବପୁରୁଷଙ୍କ

ସଂସ୍କାରକୁ କଦାଚିତ୍ ଏଡ଼ାଇ ପାରିବି ନାହିଁ; ଏହିପରି ନ ହୋଇଥିଲେ ସୃଜନଜୀବନର ଉଷାକାଳରେ ପକ୍ଷୀ ଲେଖିବା ମୋ ପକ୍ଷେ କେବେ ସମ୍ଭବ ହୋଇପାରି ନ ଥାଆନ୍ତା ।

ଏଇଠି ଆଉ ଗୋଟିଏ କଥା ଉଲ୍ଲେଖ ନ କରି ରହିପାରୁ ନାହିଁ । ପକ୍ଷୀ ଯଦିଓ ମୋର ଚିନ୍ତାଚୈତନ୍ୟରେ ବସା ବାନ୍ଧିଥିଲା, ମୁଁ କିନ୍ତୁ ସର୍ବଦା ନିଃସର୍ତ୍ତତାକୁ ପାଥେୟ କରି ଯାହା ବି କରୁଥିଲି । ସତ୍ୟକୁ ଏକ ପଥହୀନ ପୃଥବୀ ଭାବେ ଗ୍ରହଣ କରି ନିଃଶବ୍ଦତା ଓ ନୀରବତାର ଯାତ୍ରାକୁ ସର୍ବଶ୍ରେଷ୍ଠ ମାର୍ଗ ରୂପେ ବିଚାରୁଥିଲି । ସର୍ତ୍ତବିହୀନ ପ୍ରେମର ଜଣେ ପରମ ଉପାସକ ଭାବେ ଆତ୍ମଘୋଷଣା କରି ଉପନିଷଦର ସାରକୁ ପ୍ରୟୋଗ କରିବାକୁ ଚେଷ୍ଟା କରିଛି ପକ୍ଷୀରେ । ସ୍ୱରବର୍ଣ୍ଣରେ ଆଳାପ କରିବାଟାକୁ ଧରିନେଇଥିଲେ ବି ଶ୍ରେୟସ୍କର ମାର୍ଗ ରୂପେ ।

ଏସବୁକୁ ଛାଡ଼ିଦେଲେ କବିତା ମୋ ପାଇଁ ବଞ୍ଚିବାର ଶ୍ରେୟସ୍କର ମାର୍ଗ । କବିତା ତ୍ୟାଗ, ସାଧନା ଏପରିକି ବିପ୍ଳବ ବି । କବିତାକୁ ମୁଁ ଅସ୍ତ୍ର ଭଳି ବ୍ୟବହାର କରେ । କବିତାରେ କିପରି ସ୍ୱକୀୟ ପରିଚୟ ସୃଷ୍ଟି କରିପାରିବି ତାହାକୁ ମୋର ପ୍ରଥମ ନଜର । ମୋର ପୂର୍ବସୂରୀ ଏବଂ ସମସାମୟିକ କବିଙ୍କ ଠୁଁ କିପରି ଅଲଗା ହୋଇ ବାରିହେବି, ସେଥିପାଇଁ ନିଜକୁ ନିଜ ଠାରୁ ଅଲଗା କରି ବାରମ୍ବାର ହତ୍ୟା କରେ, ପୁନର୍ଜନ୍ମ ଦିଏ । ଦୁଃଖ ଓ କବିତା ମୋ ପାଇଁ ଗୋଟିଏ ସରଳରୈଖିକ ପ୍ରାଣବିନ୍ଦୁ । ଦୁଃଖ ମୋତେ ପ୍ରେରଣା ଯୋଗାଏ କବିତା ବଞ୍ଚିବା ପାଇଁ, ସକଳ ଯାତାନାକୁ ଅତିକ୍ରମ କରିବା ପାଇଁ । ଅନ୍ୟପକ୍ଷରେ, ଦୁଃଖ ଓ ସୁଖ ମୋ ପାଇଁ ସମାନ; କିନ୍ତୁ ଦୁଃଖରେ ଜଳିବାକୁ, ଦୁଃଖ ବିରୋଧରେ ଲଢ଼ିବାକୁ ଶ୍ରେୟ ମନେକରେ । ବିଶେଷକରି ମୋର ଅଗ୍ରଜ କବି ଏବଂ ସମସାମୟିକ କବିଙ୍କ ଠାରେ ଯେଉଁସବୁ ଅଭାବବୋଧ ଅନୁଭବ କରେ କିମ୍ବା କୌଣସି ମହାର୍ଘ ଉପାଦାନଟି ଦେଖେ ଯେ ତାହା ଅସ୍ପଷ୍ଟ, ସେଇଟିକୁ ପୂରଣ କରିବାକୁ ପ୍ରାଣପଣେ ଲାଗିପଡ଼େ । ଭାବ, ଭାଷା ଓ ଶୈଳୀରେ ନବୀନତା ଆଣିବା ପାଇଁ ଅବଶ୍ୟ ବେଳେବେଳେ 'ମୁଁ'କୁ ନେଇ ନାନାପ୍ରକାର ଖେଳ ଖେଳେ । ଖୁବ୍ ସ୍ପଷ୍ଟ ଭାବେ କହିବାକୁ ଗଲେ ମୋର ସମସ୍ତ କବିତା ବିଷାଦହୀନ ଦୁଃଖ ଓ ବିପ୍ଳବର ଏକ ଏକ ସୃଜନଶୀଳ ପ୍ରତିକ୍ରିୟା ମାତ୍ର ।

ଏ ପ୍ରସଙ୍ଗରେ ଆଉ ଗୋଟିଏ କଥା କହିବା ବଡ଼ ଅର୍ଥବହ । ତାହା ହେଲା, ଲେଖା ମାଡ଼େ ବୋଲି ମୁଁ କବିତା ଲେଖୁଛି । କବିତା ସର୍ଜନା ମୋ ପାଇଁ ଅନ୍ତର୍ନିହିତ ପ୍ରେରଣାରୁ ସମ୍ଭୂତ ଏବଂ ଏହା ସମ୍ପୂର୍ଣ୍ଣ ଭାବେ ବ୍ୟକ୍ତିଗତ ବ୍ୟାପାର । କାହାର ଆଦେଶ, ଉପଦେଶକୁ ଅପେକ୍ଷା ରଖି କବିତା ଲେଖିବା ମୋ ପକ୍ଷେ ଏକରକମ ଅସମ୍ଭବ ବ୍ୟାପାର; କିନ୍ତୁ କବିତାକୁ ପ୍ରକାଶ କରାଇବା କଥା ଚିନ୍ତା କଲେ ଜଣେ ସଚେତନ ମଣିଷ ହୋଇ ନିଜକୁ କାଠଗଡ଼ାରେ ଠିଆ କରାଇଦିଏ । ପ୍ରଶ୍ନ କରେ: ସମାଜ ପାଇଁ ଏ କବିତାର କିଛି ମୂଲ୍ୟ ଅଛି ତ ? ସମାଜ ଉପରେ ଏହାର କି ପ୍ରଭାବ ପଡ଼ିବ ? ଏହିପରି ଅନେକ ।

କହିବାର ତାତ୍ପର୍ଯ୍ୟ ଏହିକି ଯେ ଆମେ ବ୍ୟକ୍ତିଗତ କଥାକୁ ଯେତେବେଳେ ସାର୍ବଜନୀନ କରିବାକୁ ଯାଉଛୁ ସେତେବେଳେ ଦାୟିତ୍ୱବୋଧର ପ୍ରଶ୍ନ ଆସି ଯାଉଛି । ଯାହା ଲେଖି ଛପାଇ ଦେବା ଅର୍ଥ 'ସ୍ୱେଚ୍ଛାଚାରିତା', 'ଯଥେଚ୍ଛାଚାରିତା' । କବିତା ଏମିତି ହେବା କଥା, ସେମିତି ହେବା କଥା, ଏପରି ବିଚାରଧାରାକୁ ମୁଁ ଗ୍ରହଣ କରିପାରେ ନାହିଁ । କବିତା ପ୍ରତି ସତ୍ୟନିଷ୍ଠ ହେବା ଏବଂ କବିତାରେ ସତ୍ୟନିଷ୍ଠତାକୁ ପ୍ରତିପାଦିତ କରିବା ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟ । କବିତା ଲେଖିଲା ବେଳେ ମୁଁ ହୋଇଯାଏ ଏକ ଆଶ୍ଚର୍ଯ୍ୟ ମହୁମାଛି-ପ୍ରଜାପତି । ପାପପୁଣ୍ୟ, ଭଲମନ୍ଦ, ଅନ୍ଧାରଆଲୋକ, ଜୀବନମୃତ୍ୟୁ, ସ୍ୱର୍ଗନର୍କ ମଧ୍ୟରେ ପାର୍ଥକ୍ୟ ନଥାଏ । ଅନ୍ଧାରର ମଧ୍ୟ ନିଜସ୍ୱ ସୌନ୍ଦର୍ଯ୍ୟବୋଧ ରହିଛି । ମୃତ୍ୟୁ ବେଳେବେଳେ ଜୀବନ ତୁଳନାରେ ମହାର୍ଘ । କବିତାରେ ଶବ୍ଦ ସହିତ ମୋର ସମ୍ପର୍କ ଖୁବ୍ ଆବେଗିକ, ଆତ୍ମୀକ । ଶବ୍ଦକୁ ସତ୍ୟସିଦ୍ଧ ତଥା ମନ୍ତ୍ରସିଦ୍ଧ କରି କବିତାରେ ବ୍ୟବହାର କରିବାଟାକୁ ମୁଁ ସର୍ବଦା ପ୍ରାଥମିକତା ଦେଇ ଆସୁଛି । ଶବ୍ଦ ସହିତ ସାଲିସ୍‌ର ପ୍ରଶ୍ନ ଉଠୁ ନାହିଁ । ଯେଉଁ ଶବ୍ଦସ୍ଥପତି ନିଜ ଭିତରେ ଯେତିକି ଚୁମ୍ବକୀୟ ଶକ୍ତି ସୃଷ୍ଟି କରିପାରିବେ ଶବ୍ଦ ସେତେ ବୋଲ ମାନିବେ, ହାତ ଧରାଧରି ହୋଇ ଆସିବେ, ଶବ୍ଦ ତା'ର ସାଥୀ ଶବ୍ଦକୁ ଡାକି ଆଣିବେ । ଶବ୍ଦ ସହିତ ସାମାନ୍ୟ ଚାଲାକି କିମ୍ବା ଠକାମିକୁ ବରଦାସ୍ତ କରିପାରେ ନାହିଁ । ଶବ୍ଦ ମୋହରେ ଯେପରି ଛନ୍ଦି ନହେବି, ସେଥିପାଇଁ ପାରୁପର୍ଯ୍ୟନ୍ତ ମନଦର୍ପଣକୁ ସଫା ରଖେ, ଆତ୍ମଶୁଦ୍ଧିକରଣର ଉପରେ ଯଥେଷ୍ଟ ଗୁରୁତ୍ୱ ଦିଏ । ଶବ୍ଦ ମାମଲାରେ ଅନୁଶାସନ ଓ ଅନ୍ତଃଶୃଙ୍ଖଳା ମୋର ବଡ଼ ଶକ୍ତି ।

ପକ୍ଷୀ ବିଷୟରେ ଏବେ ମୁଁ କୌଣସି ମନ୍ତବ୍ୟ ଦେବା ଉଚିତ୍ ହେବ ନାହିଁ । ଯାହା କହିବାର ଥିଲା ଲେଖି ଦେଇଛି । କିଛି କହିଲେ ଯାହା ତ ଭୁଲ୍ ହେବ, ବିଭ୍ରାନ୍ତି ସୃଷ୍ଟି କରିବାର ଆଶଙ୍କା ରହିଛି । ଏ ସତ୍ତ୍ୱେ ପକ୍ଷୀ କବିତା ସବୁକୁ ଅନୁଶୀଳନ କଲେ, ମୋତେ ଲାଗେ ଉପନିଷଦୀୟ ଏବଂ ବୈଦିକ ଭାବଧାରା ପକ୍ଷୀ କବିତାର ମୂଳାଧାର । ସମ୍ଭବତଃ ବୈଦିକତା ମୋ ଭିତରେ ଜନ୍ମଗତ ସାଇତା ଥିବାରୁ ପ୍ରକୃତି, ଆତ୍ମା ଓ ପରମାତ୍ମା ବିଷୟକ ଯଥାର୍ଥ ଜ୍ଞାନ ଲାଭ ନ କରି ସୁଦ୍ଧା ଦୁଃଖନିବୃତ୍ତ ଓ ସାତ୍ତ୍ୱିକ ଆନନ୍ଦ ପ୍ରାପ୍ତିକୁ ମୁଖ୍ୟ ଉଦ୍ଦେଶ୍ୟ ବିବେଚନା କରୁଥିଲି । ଅତଏବ ସବୁକିଛିର ଊର୍ଦ୍ଧ୍ୱରେ 'ପକ୍ଷୀ' ବିନ୍ଦୁଏ ଆକାଶ ପରି ମୋର ସୃଜନ ଅପତ୍ୟ ପାଲଟିଗଲା । ଅପାର୍ଥିବ ପ୍ରେମ, ବୋଧିସାତ୍ତ୍ୱିକ ଅନାସକ୍ତତା, ନିଷ୍କାମ କର୍ମ ଓ ଶୂନ୍ୟବାଦୀ ବିଷୟାନୁଷକ୍ତତା ବି କେଉଁଠି କେଉଁଠି ଫୁଟି ଉଠିଛି ପକ୍ଷୀରେ ।

ଆଜି ଯଦି ମୁଁ କବିତା ଲେଖୁଛି କିମ୍ବା କବିତା

## ପକ୍ଷୀର ବ୍ୟାକରଣ

**ମନୋଜ ମେହେର**

ନୀରବତା ପକ୍ଷୀର ବ୍ୟାକରଣ ।

ମୁଁ ନୀରବତାକୁ ଦେଖିବି
ନୀରବତାକୁ ଛୁଇଁବି
ନାନାଦି ସ୍ୱର ନିର୍ବାପିତ ହେଉଥିବା
ଆଲୁଅର ଭୂ-ଖଣ୍ଡରୁ ପରିଚିତ ସ୍ୱରଟିଏ ଉଠି
ମୋତେ ଖିନ୍‌ଭିନ୍ କରିଦେଲେ ବି ।

ମୋର ଦିଗ୍‌ବିଦିଗକୁ ବିଛେଇ ପଡ଼ିଛି
ତାରାଙ୍କ ଆଳାପ ବନ୍ଦ କରି
ଭୋର୍‌ର ଗହଳି ଆଣୁଥିବା ରାତି,
ମୋର ତଳବିତଳକୁ ଚେରେଇ ଯାଇଛି
ମନମୁତାବକ ରଙ୍ଗର ଛାଇ ଦେଉଥିବା
ଚଳନ୍ତି ଗଛ ।

ନୀରବତା ପକ୍ଷୀର ବ୍ୟାକରଣ ।
ମୋତେ ପଚାରନା ନିର୍ଜନତା ପସନ୍ଦ କରୁଥିବା
କଟାକ୍ଷ ସମୟ ପାଖରେ
ପକ୍ଷୀର ଦାୟିତ୍ୱହୀନତା କେତେ ସାହଚର୍ଯ୍ୟ
କେତେ ସମଦୁଃଖୀପଣ !
ପଚାରନା, ଶୂନ୍ୟତାର ସଠିକ୍ ଠିକଣା ପାଇଁ
ପକ୍ଷୀ ବଳିଦାନ ଦେଉଥିବା
ଅର୍ଥଯୁକ୍ତ ବିଷାଦ ଉପରେ !

ମୋ ପାଇଁ ଶୋକଯାତ୍ରା ଓ ଶୋଭାଯାତ୍ରା
ସମାନ ବେଗର ।
ଦିନେ ନିଷ୍କୃତିବୋଧର ଶରୀରରେ
ପାଲଟିଯିବି ନୀରବତା
ହଁ, ଆଖିରେ ରସ ଭରିଯିବା ପରି
ପାଣିରେ ନୀଳିମା ଛାଇଯିବା ପରି
ମୁଁ ଖୋଜିନେବି ନିଜର ସ୍ଥାନକୁ ।

ନୀରବତା ପକ୍ଷୀର ବ୍ୟାକରଣ
ପକ୍ଷୀର ନୀରବତା ମୋର ବହୁବ୍ରିହୀ ।
ଏଠାରେ ମୁଁ ପାଲଟା ମୂକନଦୀ ବ୍ୟତୀରେକ
କିଛି ଅନ୍ୟ କାନ୍ଦକାନ୍ଦ କାକଳି,
ପକ୍ଷୀର ସହଜ-ସ୍ୱଚ୍ଛନ୍ଦ ସାକ୍ଷାତକାର ପାଇଁ
ଚାହିଁ ରହିଛି ଅପେକ୍ଷାରତ ସମୟ । ❤

ପ୍ରତି ନିଷ୍ଠାବାନ ଓ ଅଙ୍ଗୀକାରବଦ୍ଧ, ସେଇଟା ସମ୍ଭବ ହୋଇ ପାରୁଛି କେବଳ ମୋ ଭିତରେ ଥିବା ମହିମାମୟ ଶିଶୁ ଓ ଦ୍ୱାସୁପର୍ଣ୍ଣୀୟ ପକ୍ଷୀ ପାଇଁ । ଯେଉଁଦିନ ଏ ଶିଶୁର ମୃତ୍ୟୁ ହୋଇଯିବ କିମ୍ବା ପକ୍ଷୀ ଉଡ଼ିଯିବ, ସେହିଦିନ ଠାରୁ ମୋର କବିତ୍ୱ ଓ କବିତାର ମୃତ୍ୟୁ ଘଟିବ । ଏ ଶିଶୁ ଠୁ ମୁଁ ପ୍ରେରଣା ଲାଭ କରୁଛି ଅଖଣ୍ଡ ମୁକ୍ତିର, ଅନ୍ୱେଷାର, ସତ୍ୟନିଷ୍ଠତାର; ପକ୍ଷୀ ଯେତେକ ତାଡ଼ନାକୁ, ଦୁର୍ବିପାକକୁ ସାମ୍ନା କରି ସ୍ୱାଭାବିକ ହେବାର କଳା ଶିଖାଉଛି ମୋତେ । ଫଳତଃ ମୁଁ ସୃଜନମନସ୍କ ହୋଇପାରୁଛି ଏବଂ କୌଣସି ହିସାବ ନିକାସର ଊର୍ଦ୍ଧ୍ୱରେ ନିଜକୁ ସଂସ୍ଥାପିତ କରି ମର୍ଜିର ସହିତ ବଞ୍ଚୁଛି । ଏହି ଶିଶୁ କେବେ ଯୌବନପ୍ରାପ୍ତ ହେବ ଜାଣେନା; ହେଲେ ମୁଁ ବୃଦ୍ଧାବସ୍ଥାରେ ପହଞ୍ଚିବା ପରେ ଯୌବନ ଲାଭ କଲେ ଅନ୍ତତଃ ମୁଁ ବଞ୍ଚିବାର ଅନ୍ୟ ଏକ ରାହା ପାଇଯିବି । ଆଜି ମୁଁ ଯଦି କୌଣସି କାରଣରୁ ଜୀବନମନସ୍କ ହେଉଥାଏ, ତା'ର ସମସ୍ତ ଶ୍ରେୟ ପକ୍ଷୀ ଆଡ଼କୁ ଯିବ । ଏଥିପାଇଁ 'ସାଞ୍ଜୁ' କବିତାରେ ଲେଖିଛି : "ତୁ ତ ରେ ପକ୍ଷୀ ବିଦ୍ଧ ହେଉ ଗୁଳିରେ, ଶରରେ / ପୁଣି ଡେଣାକାଟ ହୋଇ ପଡ଼ିରହୁ ପିଞ୍ଜରାରେ / ହଁ, ଶାବକକୁ ହରାଉ କେତେ ତ / ପ୍ରିୟକୁ ହରାଇ କେବେ / ଝଡ଼ବର୍ଷା ମୁହାଣରେ ହଜାଉ / ଉଷୁମାଉଥିବା ଡିମ୍ବ । / ତୁ ତ କେବେ କରିନାହୁଁ ମୃତ୍ୟୁର ପ୍ରାର୍ଥନା / ସେମିତି ତୋ' ବାଗରେ ଗାଇ ଚାଲିଛୁ ଗୀତ, / ଜାହିର ରଖିଛୁ ଉଡ଼ାଣ ।"

୧୯୯୮ ମସିହାରେ କଟକସ୍ଥିତ କୋଣାର୍କ ପବ୍ଲିଶର୍ସ ଦ୍ୱାରା 'ପକ୍ଷୀ' ପ୍ରକାଶ ପାଇଥିଲା । ଏହାର ପ୍ରୋପ୍ରାଇଟର୍ ଚନ୍ଦ୍ରଶେଖର ପାତ୍ରଙ୍କ ଉତ୍ସାହକୁ କେବେ ଭୁଲି ହେବ ନାହିଁ । ପ୍ରଚ୍ଛଦ କରିଥିଲେ ପ୍ରସିଦ୍ଧ ଚିତ୍ରଶିଳ୍ପୀ କାଶିନାଥ ଜେନା । ପ୍ରଫେସର୍ ଗଣେଶ୍ୱର ମିଶ୍ରଙ୍କ ପ୍ରତିଷ୍ଠିତ 'ସତୀର୍ଥ' ପକ୍ଷରୁ 'ପ୍ରଜାତନ୍ତ୍ର' ସମ୍ମିଳନୀ କକ୍ଷରେ 'ପକ୍ଷୀ'ର ଲୋକାର୍ପଣ ସମାରୋହ ହୋଇଥିଲା । ପ୍ରଫେସର ମିଶ୍ର ସଭାର ଅଧ୍ୟକ୍ଷତା କରିଥିଲେ । ପ୍ରଖ୍ୟାତ କବି ଜୟନ୍ତ ମହାପାତ୍ରଙ୍କ କରକମଳରେ ଏହା ଉନ୍ମୋଚିତ ହୋଇଥିବା ବେଳେ ସୁଧୀ ସମାଲୋଚକ ପ୍ରଫେସର ଦାଶରଥି ଦାସ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ 'ପକ୍ଷୀ'ର ଉଚ୍ଚ ପ୍ରଶଂସା କରିଥିଲେ । ସଭା ପରିଚାଳନା କରିଥିଲେ ବିଶିଷ୍ଟ କବି ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟର ତତ୍କାଳୀନ ପ୍ରାଧ୍ୟାପକ ଡକ୍ଟର ଶୁଭେନ୍ଦୁ ମୁଣ୍ଡ । 'ପକ୍ଷୀ' କବିତା ଗ୍ରନ୍ଥ ମୋର କବି ଜୀବନର ପ୍ରଥମ ସକାଳ । ଏହା ପାସ୍‌ପୋର୍ଟ ଭଳି କାମ ଦେଲା । ଆଜି ବି ଅନେକ ସତୀର୍ଥ ମୋତେ 'ପକ୍ଷୀକବି' ସମ୍ବୋଧନ କରନ୍ତି । ଛାତି କୁଣ୍ଢେମୋଟ ହୋଇଯାଏ ।

'ସମାଜ' କାର୍ଯ୍ୟାଳୟ, ଗୋପବନ୍ଧୁ ଭବନ, କଟକ
ଫୋନ : ୯୪୩୮୭୦୫୨୫୬

ସମକାଳ କବିତା


ଫଟୋ ପ୍ରହରାଜ ସତ୍ୟନାରାୟଣ ନନ୍ଦ

# ଉପକଣ୍ଠେ ଉଦ୍‌ବାସ୍ତୁ ଲୋକଙ୍କ ଭିଡ଼

**ପ୍ରହରାଜ ସତ୍ୟନାରାୟଣ ନନ୍ଦ**

ଉପକଂଠେ ଉଦ୍‌ବାସ୍ତୁ ଲୋକଙ୍କ ଭିଡ଼ ତାଙ୍କ ଘର ହୃଦୟ ଭିତରେ
ମହାନଗରୀରୁ ଜହ୍ନା ଦିଶେନାହିଁ ଚକ୍ରାୟିତ ଦୂର ଦିଗ୍‌ବଳୟ
ଆର୍ତ୍ତି ଡାକେ ଅବେଳାରେ ପ୍ରାକୃତିକ ଦୁର୍ବିପାକ ପରେ
ହିଂସା ବା କଳହ ପରେ ଦେଖିହୁଏ ଜୀବନର ସ୍ପଷ୍ଟ ଅବକ୍ଷୟ ।

ଶିବିରରୁ ଶରଣାର୍ଥୀ ବାର୍ତ୍ତା ପାଏ ଚୁକ୍ତିବଦ୍ଧ ନୂଆ ମଣିଷର
ଫର୍ଦ୍ଦଟିଏ ବଳକା ଶସ୍ୟରୁ କିଏ ସ୍ୱପ୍ନ ଦେଖେ ସାକାର ପ୍ରାଣର
ସେମାନେ କାହାର କ୍ରୋଧ ଜିଣିବାକୁ ଭୟଭୀତ ହେବାରୁ ଦୁର୍ଦ୍ଦିନ
କ୍ରମେ ଡାଙ୍କି ଦେଲା ବାରିବଗିଚା ଓ ଇତସ୍ତତଃ ଛପର, ଚଟାଣ ।

ଏ ମହାନଗରୀ କଳକାର୍ଖାନାରେ ଧୂଆଁ ଆଉ ଗୋଦାମର ଧୂଳି
ପାରାବତ ଚିହ୍ନାମୁହଁ ଜାଣିଥାଏ ସତେ ଅବା ଦିନ ବୁଡ଼ିଗଲେ
ତା' ମନେ କାରୁଣ୍ୟ ଥାଏ, ଆତ୍ମା କେତେ କ୍ଷୋଭରୁ ନିର୍ଲିପ୍ତ
ସାହସ ନା ପ୍ରତ୍ୟାଶାରୁ ଅପେକ୍ଷାରେ ଏ ମାଟିର ଶ୍ରଦ୍ଧା ମନେପଡେ ।

ସେ ନରନାରୀଙ୍କୁ କିଏ କଥା କହେ ନିର୍ଭୟରେ ଥିବା ଶିଶୁପଲ
କ୍ଷୁଧାତୃଷ୍ଣାର କ୍ଳେଶ ଜାଣିଥାନ୍ତି ପୃଥିବୀକୁ ଧୀରେ କଲେ ଗ୍ରାସ
ଅଧୈର୍ଯ୍ୟ କାନ୍ଦର ଯଦି ସ୍ୱର ଶୁଭେ ଶୁଭିଯାଏ ଅନ୍ତରର କୋହ
କେଉଁ ରୂପାନ୍ତର ଇଚ୍ଛା ତୁମ ଭାବନାରେ ରଖେ ଶୀତଳ ନିଃଶ୍ୱାସ ।

କ୍ରମଶ ସହଜ ହୁଏ ନିଜେ ଜାଣିଯିବା ପରେ ସେମାନଙ୍କ ନିରାଡ଼ଙ୍କ ଦିନ
କ୍ରମଶଃ ସହଜ ହୁଏ ନିରୀହ ଆଖିରୁ ଦିଶେ ଲୁହ ଓ କମ୍ପନ
କ୍ରମଶଃ ସହଜ ହୁଏ ସେମାନଙ୍କୁ ଆପଣାର କରିବାକୁ କାହାର ଚୁମ୍ବନ
ତୁମେ କ'ଣ ହୃଦୟଟେ ସାଇତିଛ କବି ପାଇଁ ମାପିବାକୁ ବିଶ୍ୱ ଆୟତନ ।

କେତେ ଝୁଣ୍ଟି ହୁଏ ସଓା ସହର ରାସ୍ତାରେ ଆଉ ଅଂଧଗଳି ଆଡ଼େ
କେତେ ଝୁଣ୍ଟି ହୁଏ ସଓା ଶୀର୍ଣ୍ଣ ଦେହେ ବାର୍ଦ୍ଧକ୍ୟ ବାଧିଲେ
ରୋଗୀ ସଙ୍ଗେ ଆସିଥିବା ଜ୍ଞାତିଙ୍କର ମୁହଁ ଶୁଖେ ଡାକ୍ତରଖାନାରେ
ସଟର୍ ପଡ଼ିବା ଆଗୁ ରୋଟିପଟ ବଣ୍ଟା ହୁଏ ପାହାଚ ମଝିରେ ।

ଏତେ ଟିକେ ହୃଦୟ ଓ ଦିଗେ ଦିଗେ ନିଃସମ୍ବଳ ଆଗନ୍ତୁକ କେତେ
ଶୈଶବ ନା ଯୌବନର ସ୍ୱପ୍ନ ଥାଏ ଜଉମୁଦା ଲଫାଫାରେ ଢେର୍ ଅଜଣାରେ
ଏ ମହାନଗରୀ କେଣେ ରେଖା ଟାଣେ ଆଉ ଟାଣେ ଶଗଡ଼ିରୁ ସମାନ୍ତର ଗାର
ତୁମେ କାଳେ ମହାନଗରୀକୁ ଜାଣ ଅବଶୋଷ ଘେରିଯିବା ପରେ ।

ଏଠି ଦୂରଦର୍ଶନରେ ଚିତ୍ର ଦିଶେ ବିଛଣା ପାଖରେ
ଏଠି ମନ ସନ୍ନିହିତ ଦିଆଲରୁ ଜୀବଙ୍କର ମନବୁଦ୍ଧି ଜାଣେ
ଏଠି ଢେର୍ ଛଳନାରୁ ହାରେ ଫୁଲକଡ଼ ଗୁନ୍ଥି ହୁଏ
ଦାଗ ରଖେ ବାସ୍ନା ତାର ସାରାଦିନ ପ୍ରାଣର ଘୂର୍ଣ୍ଣନେ । ♥

ଘାଟଗଡ଼ସାହି, ରାଜନୀଳଗିରି, ବାଲେଶ୍ୱର-୭୫୬୦୪୦
ଫୋନ : ୬୭୮୨-୩୩୩୦୭୩

# ଦନେଇ

## ପ୍ରମୀଳା ଶତପଥୀ



ଅରଣା ମଇଁଷି
ମୁଣ୍ଡିଆ ମାରିବ ହିଁ ମାରିବ ।
ହେଲେ ଦନେଇକୁ
ଯେତେ ଆକଟିଲେ
ସେ କ'ଣ ମାନେ !

ସଂସାରର
ସଂସାରୀ ରଙ୍ଗକୁ ପୋଛି,
ନିରୀହ ରଙ୍ଗର ମନ,
କୁଙ୍କୁମ ରଙ୍ଗର ଇଚ୍ଛାଙ୍କୁ ଧରି
ଧାଇଁଯାଏ ଜଙ୍ଗଲ ମଧ୍ୟକୁ ।

ପାପୁଲିରେ ଘଷି ହୁଏ
ବଇଁଚକୋଳିର ରଙ୍ଗ,
ଗଳାରେ କାଇଁଚର ମାଳା,
କେନ୍ଦୁଫଳକୁ ଗୁନ୍ଥିଗାନ୍ଥି
ମଥାର ଟୋପି କରେ,
ବାୟା ପରି ଘୁରୁଥାଏ
ସାରା ଜଙ୍ଗଲରେ,
ଶାଳପତ୍ରରେ ଯାହାସବୁ ଲେଖେ
ପବନ କହେ ତାହା କବିତା ।

ଦନେଇ,
ମୁହୂର୍ତ୍ତକୁ କାଢ଼ି ଆଣେ
ମୁହୂର୍ତ୍ତ ଭିତରୁ,
ସ୍ୱପ୍ନର ଦର୍ପଣଟେ ଧରି ଶୋଇଯାଏ
ଜଙ୍ଗଲର ସବୁଜ ସପରେ ।

ଅରଣାମଇଁଷିର ହୁଙ୍କାରରେ
ତା'ର ନିଦ ଭାଙ୍ଗେ,
ଦନେଇ ଧରିନିଏ ତାର ଶିଙ୍ଗ,

ସଞ୍ଜ ହେଲେ ଦେହ,
ମନ ହୃଦୟରେ
ବେଜାଏ ବେଦନା,

ପୁଟୁଳିଏ କେନ୍ଦୁଫଳ ଧରି
ଫେରିଆସେ ସଂସାରୀପଣକୁ ।

ସମୟ ତା'
କାନପାଖେ କହୁଥାଏ :
ଅରଣା ମଇଁଷି ରହିଛି ଅନାଇ
ମଇଁଷିର ପାଶ ନଯାଅ ଦନେଇ ।

ହେଲେ ସେ କ'ଣ ଶୁଣେ
ସାରାଦିନ ଧାଇଁଥାଏ
ଅକବିର ଜଙ୍ଗଲରେ
କବିତା ପଛରେ । ♥

ଆଦ୍ୟମନ୍ଦିର, ବାଲିଆ, ବାଲେଶ୍ୱର-୭୫୬୦୫୬
ଫୋନ : ୯୪୩୭୨୯୫୬୪୮

# କୁଆଁରୀ ମରୁ

## ଦୀପ୍ତି ଦାସ



କୁଆଁରୀ ମରୁର
ଖଜୁରୀ ବୀଥିର
ପଳାଶ ଆଖିର
ଭଲ ପାଇବାର ଶୋଷ
ମରୀଚିକା ଡେଇଁ
ଆସ ମଉସୁମୀ
ପାରିହେବା ପାଇଁ ପରଜନ୍ମର
ରହିଥିବା ଅବସୋସ
ମରୀଚିକା ସତେ
ମରି ଯାଉଥିବ
ଶୁଣି ବାରମାସ ଗୀତ
ବାଟୋଇ ପକ୍ଷୀର
ବାଟବଣା ଆଖି
ଯାଉଥିବ ଲାଖି ।

ହାଟକବରଣା ହରଡ଼ ଚଣାର
ଖରାର ଖଇରି କ୍ଷେତ
ତୃଷ୍ଣାର ତୁଠ ପତର ସେଇଠି
ଘୋରି ଯାଉଥାଏ ଜହ୍ନର ଗୋଇଠି
ସେଇ ଜହ୍ନ ଆସି
ରାତିର ସାଜିବ
ଆଖିର ଦିତୀୟା ତିଥି
ପାହି ଯାଉଥିବ
ନ ପାହିବାର ରାତି
ମୁଠାଏ ଜୋଛନା ମାଖି...

ଏମିତି ରାତିର
ଋତୁଟିଏ ପାଇଁ
ବୀଥିଟିଏ ଖୋଜେ
ତିଥିଟିଏ କାହିଁ
ଶୋଷର ହେବ କି ଶେଷ
ସଜାଇ ଦେବ ସେ
ବାଲିର ବାସର
ଗୋଧୂଳିପାଟର ବଧୂଳି ବେଶର
ଋତୁକ୍ଷରା ମଧୁବାସ । ♥

ଅରଡ଼ବଜାର, ବାଲେଶ୍ୱର-୭୫୬୦୦୧
ଫୋନ : ୯୮୬୧୪୬୬୪୫୩

# ଛତା: ଏକ ଅକାହାଣୀର କାହାଣୀ

**କେ. ଶ୍ୟାମବାବୁ ଦୋରା**

କାହାଣୀର କାହାଣୀଘରେ ସେ ଛତା ।

ଗୀତ ଗାଉଥିବା ଛତା,
ମିତ ବସିଥିବା ଛତା ।

ସେଇ ଛତା-
ଯାହା ନୂଆ କି' ବିଶେଷ ପୁରୁଣା ନଥିଲା
ତା'ର ବି ଖଣ୍ଡେ ମାଟି ଥିଲା
ଯାହା ଚଳ-ପ୍ରଚଳ ହେଉଥିଲା
ତା'ର ବି ଗୋଟେ ଆକାଶ ଥିଲା
ଅଥଚ ନିଜ ଭିତରେ ସେ ଯେମିତି
ଯୁଗଯୁଗ ଧରି ବନ୍ଦ୍ ପଡ଼ିଥିଲା ।

କବିତାଟିଏ ଲେଖିବି ଲେଖିବି ହେଇ ଯୋଉ ଛତା
ଶୋଇ ପଡ଼ିଥିଲା ସ୍ୱପ୍ନ ଭିତରର ନିଦରେ,
ଗପଟିଏ କହିବି କହିବି ହେଇ
ଚୁପ୍ ରହି ଯାଇଥିଲା
କୌଣସି ଏକ ଅଜଣା ଅଭିମାନରେ ।

ଯା' ଦେହରେ ଖରାର କିଛି ଆଞ୍ଜୁଡ଼ା ଦାଗ ଥିଲା
ଓ ବର୍ଷାର ସ୍ୱରୋତ୍ତମ ସ୍ୱର ।

ପକ୍ଷୀଟିଏ ହେଇ ଉଡ଼ିଯିବାର ଥିଲା ସେ ଛତା,
ମାଛଟିଏ ହେଇ ପହଁରି ବୁଲିବାର ଥିଲା
ମୋ ନଈର ଅଥଳ ସୁଅରେ ।

ଅଥଚ
ସେ ଛତାକୁ ମୁଁ ଆଣି ରଖି ଦେଇଥିଲି
ମୋ ବହିଥାକରେ,
ଆମେ ଯେମିତି କୌଣସି ବହିର ଦୁଇଟି ପୃଷ୍ଠା
ଆମ ଭିତରେ କିଛି ପୃଷ୍ଠାର ଦୂରତା
ଏବଂ ସେ ଦୂରତାକୁ ଅତିକ୍ରମ ନକରି
ମୋ ମନର ଅକ୍ଷର
ତା' ଛାତି ତଳର ଶବ୍ଦମାନଙ୍କୁ
ସତେକି ଛୁଇଁ ଯାଉଥିଲା !

କାହାଣୀର କାହାଣୀଘରେ
ମାତ୍ର ଏତିକି ବୋଲି ହିଁ କାହାଣୀ ଥିଲା,
କାହାଣୀର କାହାଣୀ ପରି କାହାଣୀଟିଏ ହେବା
ହୁଏତ ଏତେ ଜରୁରୀ ନଥିଲା । ♥

ଲକ୍ଷ୍ମୀ ବ୍ୟାଙ୍ଗଲସ୍, ଜନାନା ହସ୍ପିଟାଲ୍ ରୋଡ୍,
ବ୍ରହ୍ମପୁର-୭୬୦୦୦୧
ଫୋନ : ୭୦୦୮୯୨୩୨୯୬



◄ କେ. ଶ୍ୟାମବାବୁ ଦୋରା



# ଝରକା ସେପାଖେ ଆକାଶ

**ସୂର୍ଯ୍ୟସ୍ନାତ ତ୍ରିପାଠୀ**

ଝରକା ସେପାଖର ଏ ଆକାଶ,
ମୋର ହିଁ ପ୍ରକ୍ଷେପଣ ପ୍ରିୟ !

ମୋ ଝରକାସାରା
ପରସ୍ପରକୁ ଡାକି ରହିଛନ୍ତି
ଅସଂଖ୍ୟ ଉଢଳ କାଚଖଣ୍ଡ,
ମୋ ଅସ୍ତିତ୍ୱର ପ୍ରତିଟି ବିନ୍ଦୁକୁ
ତରଙ୍ଗାୟିତ କରି
ଯିଏ ଏକାଠି ଫିଙ୍ଗିଦିଅନ୍ତି
ଶୂନ୍ୟପରଦା ଆଡ଼କୁ...
ଯାହା ରଚେ ଆକାଶର ଭ୍ରମ !

ମୋ ମୁକୁଳାକେଶର ଅନୁସୃଜନ ହିଁ
କଳାମେଘ ପ୍ରିୟ !
ମୋ ପଲକପାତର ପ୍ରକ୍ଷେପଣରେ ହିଁ
ବିଜୁଳିର ସମସ୍ତ ଲାଳିତ୍ୟ...
ମୋ ଇନ୍ଦ୍ରିୟସବୁର ଅନିୟନ୍ତ୍ରିତ ଆବେଗ ହିଁ
ବାଦଲର ଅସମାନ ବ୍ୟାପ୍ତି !

ମୋ ପଣତର ଛାଇ
ଝରକା ସେପାଖେ ନୀଳରଙ୍ଗ,
ମୋ ହସ ସକାଳର ଖରା,
ମୋ ପାଦର ଅଳତା ହିଁ ଅସ୍ତରାଗ,
ମୁଁ ଆଖି ବୁଜିଲେ ରାତି,
ମୋ ଗୋଇଠିର ଫଟାଦାଗ ହିଁ
ଆକାଶରେ ଉଜ୍ଜ୍ୱଳତାର ଭାଙ୍ଗ !

ମୁଁ ମଗ୍ନମାଟି ପ୍ରିୟ,
ଏ ଝରକା ମୋ ମାୟାଦର୍ପଣ,
ଏ ଆକାଶ ମୋର ଇ ପ୍ରକ୍ଷେପଣ !♥

ସିଦ୍ଧେଶ୍ୱରପୁର, କଟକ-୭୫୪୧୦୦
ଫୋନ-୯୯୬୩୦୨୮୪୯୨

# ମୁଁ ଏବେ ବାଦଲ୍‌ରେ


## ମାନସ ରଂଜନ ମହାପାତ୍ର


ମୁଁ ଏବେ ବାଦଲ୍‌ରେ


ଆଉ ସକାଳୁ ଉଠି ପଢୁନି
ଏ ମୁଣ୍ଡୁ ସେ ମୁଣ୍ଡ ଖବରକାଗଜ
ସଂଜ ହେଲେ ବସୁନି ଚା'କପ୍ ଧରି
ଇଡ଼ିୟଟ୍ ବକ୍ସ ସାମ୍ନାରେ
ଘଣ୍ଟାଘଣ୍ଟା ଭୋଗୁନି ଟ୍ରାଫିକ୍ ଯନ୍ତ୍ରଣା
ଦି'ପେଗ୍ ମାରିଦେଇ ଜଲ୍‌ଦି ଫେରନ୍ତା ଗାଡ଼ିରେ
ପହଞ୍ଚି ଯାଉନି ଘରେ ।

ବାଦଲ୍‌ରେ ରହିଲେ ଭୁଲି ହେଇଯାଏ
ବିଗତ ଦିନର କଥା
ବହୁ ମରି ଯାଇଥିବା ସହର
ହଜି ଯାଇଥିବା ନଦୀ
ଠିକଣା ହଜେଇ କେଉଁ ଅଜଣା ପୋଲ ଉପରୁ
ଭରା ନଈକୁ ଖସି ପଡ଼ିଥିବା ରେଳଗାଡ଼ି
ନାଆଁ ଭୁଲି ଯାଇଥିବା ଲୋକେ
ସବୁ ଏବେ ମୋ ପରି ବାଦଲ୍‌ରେ ।

ଗୋଟେ ଅଚିହ୍ନା ଭୁଖଣ୍ଡ ସହ ସହବାସ
ଲେଖାଥିଲା ମୋ ଜାତକରେ
କହିଥିଲେ ବାଂଛାନିଧି ପଣ୍ଡିତେ
ମୁଁ ଉଡ଼େଇ ଦେଇଥିଲି ହସରେ
ପଣ୍ଡିତେ କ'ଣ ସତ ହେଲେ,
ନା ମୋର ଭବିତବ୍ୟ,
ନା ଏ ଜନ୍ମରୁ ଆରଜନ୍ମକୁ ଅନନ୍ତ ଯାତ୍ରାର ରୂପ
ନା ନୂତନତାର ସନ୍ଧାନରେ
ଚିରକାଳ ଭୟ ଓ ରୋମାଂଚ ।

ଚାରିପାଖରେ ବାଦଲ୍
ବାଦଲ୍‌ମାନଙ୍କର ଥାଏ କି ଧର୍ମ, ଜାତି, ଗୋତ୍ର !
ବାଦଲ୍‌ର ମେଳା, ଚଉକି, ଟେବୁଲ୍
ଗଛପତ୍ର, ପବନ, ପାହାଡ଼
ମୁଁ ଏକ ବିଚିତ୍ର ବାଦଲ୍,
ଖୋଜିବୁଲେ ବିଲୁପ୍ତ ନଅର । ♥


ଡି-୫୨, ଦ୍ୱିତୀୟ ତଳ, ସେକ୍ଟର-୧୦,
ବସୁନ୍ଧରା, ଗାଜିଆବାଦ, ଉତ୍ତରପ୍ରଦେଶ
ଫୋନ : ୯୮୯୧୯୪୬୧୭୮

ଫଟୋ ମାନସ ରଂଜନ ମହାପାତ୍ର

# ଗୁଡ଼ି ଉଡ଼ା


## ଶକ୍ତି ମହାନ୍ତି


ଆମକୁ ଚକ, ଅଖ, ଅରଟ, ଚଟକଳ
ଶିଖଉ ଶିଖଉ ଦେଢ଼ ଶହ ବର୍ଷ
ଛନ୍ଦି ହେଇଗଲାଣି ତମ ଅରଟରେ,
ତେଣେ ମୋ' ଦାଦା ଗଲା ଚଟକଳରେ ଦାଦନ ଖଟି
ଆମେ ହସିଲୁ ଏଠି ମୁନାଭାଇ ସିନେମା ଦେଖି !

ସବୁ ସହରର ଛକ ଅବା ମାର୍ବଲ୍ ଦୋକାନ
ପିଣ୍ଡାରେ ପଡ଼ି ରହିଲା ତମରି ଚନ୍ଦାମୁଣ୍ଡ,
ଯେଉଁଠୁ ଖରା ଯାହା ଟିକେ ନରମ ଦିଶିଲା
ଦି'ଟା ଗାରରେ ତମକୁ ଆଙ୍କି ଦେଇ ପୁଅ ପଚାରିଲା,
"ଗାନ୍ଧି ଚଷମାର ପାୱାର୍ କେତେ ?
ମୋର ଏମିତିକା ଫ୍ରେମ୍ ଦର୍କାର୍"
ହେଲେ ତମର ସେ କାଚରେ ତ ଆମେ ଅନ୍ଧ !

ଝିଟିପିଟିର ସତ୍‌ସତ୍ ପରି କେବେ ଶୁଭେ
ତମ ଘଡ଼ିର ଟିକ୍‌ଟିକ୍, ସିଏ ଏବେ ଚାପି ହୋଇ
ମରି ଗଲାଣି ଆମ ବନ୍ଦ କବାଟ ସନ୍ଧିରେ !

ଅଧା ଫୁଙ୍ଗୁଳା ଫକୀର ଈଶ୍ୱର ହବାର ଥିଲା
ଏ ପୃଥିବୀ ଉପରେ, ନଷ୍ଟ୍ରାଡାମ୍‌ସ୍ ଭବିଷ୍ୟବାଣୀରେ,
ହେଲେ କେବେ ଆଉ ? ସପ୍ତର୍ଷିର ପ୍ରଶ୍ନ ପରି
ବାଡ଼ିଟେ ଧରି ଯାହା ଠିଆ ହୋଇଛ ଅସହାୟ ହୋଇ
ତମକୁ ବିକିଭାଙ୍ଗି ଆମେ ଖାଇ ଚାଲିଛୁ !

ତମରି ଅରଟର ସୂତାରେ ପୁଅ ଗୁଡ଼ି ଉଡ଼େଇ
ଧାଉଁଛି ଯୁଦ୍ଧ ପଡ଼ିଆରେ
ଅଫୁଟା ଗୁଳିମାନଙ୍କ ଗାଲିଚା ଉପରେ,
ତମରି ଛାଇରେ, ତମରି ମୁଦ୍ରାରେ ବସି
ମୁଁ ମାଞ୍ଜା ଦଉଛି ତା'ରି ସୂତାରେ...। ♥


ଜୟବଢ଼,
ଜଗତସିଂହପୁର
ଫୋନ: ୯୪୩୭୧୪୨୬୯୪




ଫଟୋ ଶକ୍ତି ମହାନ୍ତି

# ମୋ ସମୟ

## ଦିବ୍ୟସିଂହ ଦାସ ଅଧିକାରୀ



କ୍ରମଶଃ ଦୃଶିଲାଣି ଆକାଶ ପାଉଁଶିଆ
ଘନ ଅଂଧାର କବ୍‌ଜାରେ ଏବେ ଦିନର
ଉଜ୍ଜ୍ୱଳମାଳା । ମୁଁ ଚାହିଁଲେ ବି
ଅକ୍ତିଆର କରିପାରୁ ନାହିଁ ଭାବନାରାଶିଙ୍କୁ ।

ଯେମିତି ଆଉ  ମିଳିବ ନାହିଁ ସୁଯୋଗଟେ
ହବା ପାଇଁ ଚତୁର ପୁରୁଷ ଓ ବାନ୍ଧି ହବା ପାଇଁ
ନୂଆନୂଆ ଆହ୍ଲାଦପଣରେ
ସେ ପାଇଁ ମୁ ଁ ଚାଲିଯାଉଚି ଗହୀରକୁ
ମୋର ସ୍ୱପ୍ନମୟ ଉଲ୍ଲାସ ବେଳାକୁ ।
ଯେଉଁଠି ସଂଯମତା ଥିଲା ମୋର ଆଚାର ସଂହିତା
ଦୀର୍ଘ ବର୍ଷ ପରେ ଏବେ ମୁଁ ବ୍ୟସ୍ତ ଓ ବିବ୍ରତ ।
ହତାଦର ପାରୁନାହିଁ କରି ମୋର ଚଲାବୁଲା ପଥ ।

ମୋ ଠାରେ ମହଜୁଦ ଥିଲା ଉଦାମତା
ଥିଲା ତାହା ସଂଯତ ଓ ସୌଷ୍ଟବ ସଂଯୁକ୍ତ
ନାରୀ ଓ ପୁରୁଷ ପାଖାପାଖି ଥିଲେ ଏକତ୍ରିତ
ଏମିତି ଭାବନାଙ୍କ ଗହଣରେ
ବାଂଧି ହୋଇଥିଲା ମୋର ଚିକ୍କଣ ପୌରୁଷ ।

ମୁଁ ପାରିଲି ନାଇଁ ଅବ୍ୟକ୍ତରେ ଢାଙ୍କିହବା ପାଇଁ
ଆଉ କାହା ରଂଗର ଓଢଣୀ ଓ ପଣତର ଧାର
ଠିକଣା ସମୟ ଆଳରେ ଭେଟାଭେଟ୍‌
ଅରୁଣୀର ସାଙ୍ଗେ ଜୀବନ ବେଦୀରେ

ଅରୁଣୀ ମୋ ଆଗାମୀ ଜୀବନ
ରୁହେ ସିଏ ନିକଟ ଗାଁରେ,କୁହେ ନାହିଁ
ବେଶି କଥା ଯେମିତି କହନ୍ତି ଅନ୍ୟମାନେ
ବୟସ ନିଶାରେ ଅବା ବଦଳୁଥିଲେ ଶ୍ୱାସ ପ୍ରଶ୍ୱାସ
ଘନଘନ ଆଉ କାହା ପ୍ରଗାଢ ଇଚ୍ଛାରେ ।

ଅରୁଣୀର ଗାଁ, ସହର ତଳିର ଗାଁ
ନୁହେଁ ବେଶି ଦୂର ଯେଉଁଠି ମୁଁ ପହଞ୍ଚାଇ ପାରିବି
ମୋର କାମନା ମାନଙ୍କୁ ଅନାୟାସେ
ସମ୍ରାଟଂକ ଅଭିସାର ପରି,

ମୁଁ ଏବେ ହେଇଗଲି ଗୋଟିପଣେ
ସାମିଲ୍‌ ସେଥିରେ
ମୋ ସାଥେ ମହଜୁଦ ଥିଲେ
ମୋ ସାଇପଡ଼ିଶା ଓ ଜୟ ବିଜୟର
ମାୟାପୂର୍ଣ୍ଣ ଇସାରାରେ
ମୁଁ କ୍ରମଶଃ ହେଉଥାଏ ଉଲ୍ଲସିତ ।♥

ସା: ନୂଆବନ୍ଧ, ପୋ: ତିଆଡ଼ିସାହି, ଜିଲ୍ଲା: ଭଦ୍ରକ -୭୫୬୧୩୧
ଫୋନ : ୯୪୩୭୨୬୭୩୦୮

# ଭଦ୍ରକରେ ରାତି

## ଶୁଭ୍ରାଂଶୁ ପଣ୍ଡା

ଭଦ୍ରକରେ ଅଧରାତି
ଶବ ଆସେ, ଦୂରୁ ଶୁଭେ ସାଇରନ୍‌ କରୁଣ କାନ୍ଦଣା
ବସଷ୍ଟାଣ୍ଡ ଭିଡ଼ ଭାଙ୍ଗେ
ରାତି ବଢ଼େ, ଅବେଳରେ କେଉଁଠାରେ ଚାଲିଛି ମାଜଣା ?

ମହାନଦୀ ଯାଏ ଶୁଖି
ହାହାକାର, ବୈଶାଖରେ ଶାଳନ୍ଦୀର ଫୁଲିଉଠେ ଛାତି
କିଏ ଜଣେ ଡୁବ ମାରେ
ନିଶାର୍ଦ୍ଧରେ, ଅଟକାଆ - ଦେହେ ତାର ଶହେଦୁଇ ତାତି

ପ୍ରେମିକ-ପ୍ରେମିକା ଯୋଡ଼ି
ଧଇଁସଇଁ, ଅସମ୍ଭବ ଯିବା ପାଇଁ ଅତୀତକୁ ଫେରି
ଷ୍ଟେସନରେ ମାଲଗାଡ଼ି
ଠିଆହୁଏ, ଆସିନାହିଁ ଏକ୍ସପ୍ରେସ ଦୁଇଘଣ୍ଟା ଡେରି

ଅନ୍ଧାରରେ ବଙ୍କାଗଳି
ଭୟଲାଗେ, ଶ୍ୱାନଙ୍କର ଧର୍ମଘଟ କଲେଜ ମୋଡ଼ରେ
ମାଆ କହେ ଶୋଇପଡ଼
କୁନିପୁଅ, ଭଦ୍ରକାଳୀ ଆସୁଛନ୍ତି ଘୋଡ଼ାଙ୍କ ଭିଡ଼ରେ

କଚେରୀ ବଜାର ଚୁପ୍‌
ରାସ୍ତା ଫାଙ୍କା, ବତୀଖୁଣ୍ଟ ଅଧା ଜଳେ ଅଧା ଯାଏ ଲିଭି
ରାତି ଜଗୁଆଳି ଉଠେ
ହାଇମାରେ, ଆହା କି ଲୋଭିଲା ଦିଶେ ଭଦ୍ରକର ନାଭି

ହୋଟେଲରେ ହସରୋଳ
ନିଦନାହିଁ, ବାର ବାର ବଢ଼େ କାର ଦେହର ଦରଜ
କା ଆଖି ସପନ ଖୋଜେ
କାଲି ପାଇଁ, କଳନ୍ତର ଯାଏ ବଢ଼ି ଶୁଝିନି କରଜ

କେହି ଜଣେ ଧୂଆଁ ଟାଣେ
ଅପେକ୍ଷାରେ, ଆଉ କେହି ଲୁହ ଢାଳି ପଖାଳୁଛି ମୁହଁ
ଅନ୍ଧାରରେ ଦିଶିଯାଏ
ଯେତେ ଛବି, ସବୁ ଲାଗେ ତମ ପରି ତମେ କେହି ନୁହଁ

ଆକାଶରେ ଜହ୍ନ ନାହିଁ
ସାରାରାତି, ଅନ୍ଧାରରେ ବୁଲାମେଘ କରୁଛି ରାଜୁତି
ଫେରିଆ ଫେରିଆ ବୋଲି
ଶୁଣାଯାଏ, ଶବ ପଛେ ବିଧବାର ଆକୁଳ କାକୁତି ।♥

ବି-୨୨୨, ବିଡିଏ ଡୁପ୍ଲେକ୍ସ
ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୭
ଫୋନ୍‌ : ୯୩୩୮୬୫୫୮୪୫



▶ ଡ଼ ଶୁଭ୍ରାଂଶୁ ପଣ୍ଡା

# ସାକ୍ଷୀ

## ସରୋଜ ମହାନ୍ତି

କିଏ ତୁମକୁ ଦେଖେ ?
'ଆଖି' ଯିଏ ମନ ଦେଇ ହୃଦୟରେ ଉତାରେ
ଆତ୍ମାରେ ସ୍ଥାପନା କରେ ଓ ମନ୍ତ୍ର ଖୋଜୁଥାଏ
ତା ରୂପରେ ପ୍ରାଣ ପ୍ରତିଷ୍ଠା ଲାଗି ।

ଆତ୍ମାରେ ଧରି ରୂପ କିଏ ସେ ଘରରୁ ହେଉଥାଏ ଅଘୋରୀ
ଭୂତରୁ ପଂଚଭୂତ ?
'ଦେହ' ଯା'ର ବହୁ ସମୟ ଚାଲିଯାଏ
ପାଦେ ମାଟି ମୁଠେ ଭାତ ଆଂଜୁଳାଏ ପାଣି ଓ ପବନର ଯୋଗାଡ଼ରେ ।

'ରୂପ' ଯାହା ବଦଳୁଥାଏ ଋତୁ ସମୟ ଘଟଣା ଦେଖି
ତାକୁ ଜୀବନର କାନ୍‌ଭାସ୍‌ରେ ଠିକ୍ ସେମିତି ଆଙ୍କିବା ଲାଗି
ଗଛର ପତ୍ରରୁ ଫୁଲର ପାଖୁଡ଼ାରୁ ଆକାଶର ମେଘରୁ ପକ୍ଷୀର ପରରୁ
ଆଲୁଅ ଓ ଅନ୍ଧାରର ଖେଳରୁ ରଂଗ ସଂଗ୍ରହ ବେଳେ
ସେଥିରେ ଗୋଳି ହେଇ ଯାଉଥାଏ
ମାଟି ଭାତ ପାଣି ପବନର ଦାୟ
ତାକୁ ଅଗାଡ଼ି ଭାବି ଅଲଗା କରିବା ବେଳେ
ମତେ ଶୁଭେ ମୁଜାଫରପୁରନଗର କୋଉ ଗାଁରେ
ନଗାଡ଼ା ଓ ଡ଼ିଜେର କାନଫଟା ଆବାଜ୍ ଭିତରୁ
ଧର୍ଷିତା ସମୁକୀ ବାନୁ ପରିବାରର କାନ୍ଦ
ଯେଉଁମାନଙ୍କ ଆଖି ମନା କରି ଦେଇଛି ଲୁହ ଗଡ଼ାଇବାକୁ ।

ରୀତା ଓ ରମେଶର ମଲା ଶରୀର ଦିଶେ
ସେମାନଙ୍କ ମା ବାପା ଭାଇମାନଙ୍କ ଗଳାରେ
ଖାପ୍ ପଂଚାୟତ ଦେଇଥିବା ଫୁଲ ମାଳାରେ
ଲଟକିଥିବା ରକ୍ତ ଦିଶେ
ସୋହେଲାର ସେ ବରଗଛର ଚେର
ଆଜିବି ମୋର ଶିରାପ୍ରଶିରାରେ
ଦଉଡୁଥିବା ରକ୍ତର ଗତିକୁ ଚିପିଧରେ
ଯା'ର ଡ଼ାଳରେ ଝୁଲି ଯାଇଥିଲେ
ଚାରି ଯୋଡ଼ି ପ୍ରେମୀ ଜାତିଭାଇଙ୍କ ଭୟରେ ।

ଅଜସ୍ର ଗୁଳି ଯାହା ଭେଦିଗଲା
ଶହଶହ ସ୍କୁଲ୍ ଛୁଆଙ୍କ କଅଁଳ ଦେହ
ସେ ଭିତରୁ ଗୋଟିଏ ଗୁଳି ଯାହା ଅଟକି ଯାଇଛି
ମୋ ଛାତି ଆଡ଼କୁ ଆସୁ ଆସୁ
ଅଜସ୍ର ବୋମା ଯାହା ପାଉଁଶ କରୁଛି
ଘର ଗାଁ,ସହର ଓ ଦେଶ ସେଥିରୁ
ଗୋଟିଏ ଏବେବି ପଡ଼ିବ ପଡ଼ିବ ହେଉଛି ମୋ ବସ୍ତି ଉପରେ ।


ଡିସେମ୍ବରର ମଂଜଥରା ଶୀତରାତି ଲାଗି
ତୁମ ସ୍ମୃତିରୁ ଉଷ୍ମତା ଖୋଜୁଥିବା ବେଳେ
ମାଇକଂଚର ଡ଼ଂଗରରୁ ଶୁଭେ
କୋଳାହଳ ଧାଁ ଧଉଡ଼ ପଥର ଶର ଗୁଳି
ନିବିଡ଼ ଆଲିଂଗନରେ ତିନିତିନିଟା ଥଣ୍ଡା ଶବ
ଶବସତ୍କାର କରି ଫେରୁଥିବା ବେଳେ
ଜାନୁଆରୀର ସକାଳ ତେରଟି ଶବ ଲାଗି ସଜାଡୁଥାଏ ଜୁଇ
ଶବାଧାରରେ ଛିଡ଼ା ଲୋକଙ୍କ ଆଖିକୁ ଦେଖିଲେ
ଜଣାପଡୁନଥାଏ ଲୁହ କେତେ କେତେ ନିଆଁ ।

ଜୟଘଂଟର ଗାଁ ବାସନ୍ଦ ସେ ଦଳିତ ମହିଳାର
କାକୁସ୍ଥ ଚେହେରା ଘାଂଟୁଛି ବେଳେବେଳେ
ଯାହାକୁ ମିଳୁଛି ଆଶ୍ରା କେବଳ ଖବର କାଗଜର ପୃଷ୍ଠାରେ
ଯେତିକି ଥର ସେ ଆସି ବସୁଛି ପ୍ରଶାସନର ବାରଣ୍ଡାରେ ।

କାନ୍‌ଭାସ ସାରା ଏତେ ଧୂଳି ଧୂଆଁ ପାଉଁଶ ରକ୍ତ
ହଜିଯାଉଛି ତୂଳୀ ଖଣ୍ଡ ଖଣ୍ଡ ହେଇଯାଉଛି ରୂପ
ଯେମିତି ଚହଲା ପାଣିର ଦର୍ପଣରେ ଜହ୍ନ
ପାଣିକୁ ସ୍ଥିର ଦର୍ପଣ କରିବାର କଳା ଆୟତ୍ତ କରିବି
ନା ଖଣ୍ଡ ଖଣ୍ଡ ରୂପକୁ ସିଲେଇ କରିବି ଛୁଂଚିରେ
ଅବଶ୍ୟ ଗୋଟିଏ ଅମୂର୍ତ୍ତ ରୂପ ଧରି ରଖିବା କଥା କହିପାର
ହେଲେ ବଦଳୁଥିବା ଋତୁ ସମୟ ଘଟଣା ସହ
ବଦଳୁଥିବା ରୂପ ବିନା ଯଦି
ପଥର ହେଇଯାଏ ଏ ଆଖି
କିଏ ତମ ରୂପକୁ ଉତାରିବ ହୃଦୟରେ
କେମିତି ସ୍ଥାପନା ସମ୍ଭବିବ ଆତ୍ମାରେ
ଯା'ର ପ୍ରାଣ ପ୍ରତିଷ୍ଠା ଲାଗି
ମୁଁ ଘରୁ ଅଘୋରୀ ମୁଁ ଭୂତରୁ ପଂଚଭୂତ ।

ମୁଁ ଚାହେଁନା ହେବାକୁ ଏକ ପଥରର ଦେହ
ଚାହେଁନା ଗୋଟିଏ ଚାଉଳରେ ଗଢ଼ା ଏକ ମୂର୍ତ୍ତି ପଥରର । ♥

ଶତପଥୀ ଭବନ,ଏଲ୍ ଆର ଲ କଲେଜ ଲେନ୍,
ପେନ୍‌ସନ ପଡ଼ା, ସମ୍ବଲପୁର-୧
ଯୋଗାଯୋଗ : ୮୮୯୫୧୫୭୦୬୬




▼କବି ସରୋଜ ମହାନ୍ତି

# ବହିର ବନ୍ଦୀଘର



# ଆଲୋକର ଫେରିବାଲା

# ପୋଲାନ୍ ସରକାର୍



**ଅଜିତ ପାତ୍ର**

ଶାସନ, ବହଡ଼ାଗୋଡ଼ା, ପୂର୍ବ ସିଂହଭୂମ, ଝାଡ଼ଖଣ୍ଡ-୮୩୨୧୦୧
ଫୋନ : ୯୮୬୧୬୨୯୭୦୨


ଫଟୋ ସୌଜନ୍ୟ : ଲେଖକ

**ଓଡ଼ିଆ ସାହିତ୍ୟକୁ ବାଂଲା ଭାଷାରେ ଅନୁବାଦ କରି ବାଂଲାଦେଶ୍‌ରେ ପରିଚିତ କରେଇଥିବା ଓଡ଼ିଆ କବି ଓ ଅନୁବାଦକ ଅଜିତ ପାତ୍ର ନିମନ୍ତ୍ରିତ ହୋଇଛନ୍ତି ବାରମ୍ବାର ବାଂଲାଦେଶକୁ । ଆମର ଅନୁରୋଧ ରଖି ସେ ପ୍ରସ୍ତୁତ କରିଛନ୍ତି ଅନେକ ଆଲେଖ୍ୟ । ସଂପ୍ରତି ପୃଥିବୀରୁ ବିଦାୟ ନେଲେ ବାଂଲାଦେଶର ବିରଳ ବ୍ୟକ୍ତିତ୍ୱ : ପୋଲାନ୍ ସରକାର । ତାଙ୍କୁ ସାରା ବାଂଲାଦେଶ ଜାଣେ ଆଲୋକର ଫେରିବାଲା ଭାବରେ । ନିଜ ଦେଶର ସର୍ବୋଚ୍ଚ ରାଷ୍ଟ୍ରୀୟ ସମ୍ମାନ 'ଏକୁଶେ ପଦକ୍' ପାଇଥିବା ଏ ବ୍ୟକ୍ତିଜଣକ ଥିଲେ ଜଣେ ଚଳନ୍ତା ଲାଇବ୍ରେରୀ । କେମିତି ? ଅଜିତ୍ ପାତ୍ରଙ୍କ ପ୍ରତିବେଦନ ।**

ବାଂଲାଦେଶ୍ କହିଲେ ଆଖି ଆଗରେ ଭାସି ଉଠେ ଏକ ସବୁଜିମା ଭରା ଭୂଲୋକର ଚିତ୍ର । କାରଣ ଏ ଦେଶ ମଧ୍ୟ ଦେଇ ପ୍ରବାହିତ ହୋଇଛି ପଡ଼ୋଶୀ ଦେଶମାନଙ୍କର ସବୁ ବଡ଼ ନଦୀ । ସତେକି କେଶବତୀ ନାରୀର କେରା କେରା ମୁକଳା କେଶ । ବିଛେଇ ହୋଇ ପଡ଼ିଛି । ଚାରିଆଡ଼େ ଜଳ ଓ ଜଳ । ସେହି ଜଳାସିକ୍ତ ଭୂଇଁରେ ଗଛପତ୍ରର ବିସ୍ତାର ଓ ବୃଦ୍ଧି ପରିବେଶକୁ କରିଥାଏ ଶାଗୁଆ । ପତ୍ରଗହଳରେ ନାନାରଙ୍ଗର ଫୁଲ । ନଦୀମାନଙ୍କର କୁଳୁକୁଳୁ ନାଦ ସହିତ ଏ ଅପୂର୍ବ ରଙ୍ଗର ରୋଷଣି ବାଲଂଦେଶୀଙ୍କ କଣ୍ଠରେ ଭରିଛି ସୁର ଓ ସଙ୍ଗୀତ । ବାଂଲାଦେଶର ଅଧିବାସୀମାନେ ଯେଉଁ ବାଂଲା ଭାଷା କହନ୍ତି ତାହା ପୃଥିବୀର ସୁମଧୁର ଭାଷାତାଲିକାର ସର୍ବପ୍ରଥମ ଧାଡ଼ିରେ ଥାଏ । ଏକଥା ସମସ୍ତେ ଜାଣନ୍ତି । ବାଂଲାଦେଶୀମାନେ ନିଜ ମାତୃଭାଷାକୁ ମାତୃପିତୃ ଓ ପୁତ୍ର ତୁଲ୍ୟ ଭଲପାଆନ୍ତି । ନିଜ ଭାଷାକୁ ଛାଡ଼ି ବଞ୍ଚି ପାରିବେନି ସେମାନେ ।

ବାଂଲାଦେଶର ନାଗରିକମାନେ ସବୁ କଷ୍ଟ ଓ ଯନ୍ତ୍ରଣା ସତ୍ତ୍ୱେ ନିଜ ମାତୃଭାଷା ଓ ମାତୃଭୂମିକୁ ପରାଧୀନତାର ଶୃଙ୍ଖଳରୁ କିପରି ମୁକୁଳାଇ ଆଣିଥିଲେ, ସେ ଆଡ଼କୁ ମୁଁ ଯାଉନାହିଁ । ବାଂଲାଦେଶ ଗଲେ ମୁଁ ଏମିତି ଅନେକଙ୍କ ସହ ମିଶିବାର ସୌଭାଗ୍ୟ ପାଇଛି, ଯେଉଁମାନେ ବାଂଲାଦେଶର ମୁକ୍ତି ଆନ୍ଦୋଳନରେ ଝାସ ଦେଇଥିଲେ । ସେଭିତରୁ ବେଶୀ ଭାଗ ବନ୍ଧୁ ଅଛନ୍ତି ଯେଉଁମାନଙ୍କ ମାତାପିତା ବା ପରିବାରର ଲୋକେ ଦେଶ ପାଇଁ ଶହୀଦ ହୋଇଛନ୍ତି । ସେସବୁ ବନ୍ଧୁ ମୋର କବି, ଲେଖକ, ସାହିତ୍ୟିକ କିମ୍ବା କଳା-ସଂସ୍କୃତି ଜଗତର ବିଶେଷ ବ୍ୟକ୍ତିତ୍ୱ । ବାଂଲାଦେଶରେ ଯେଉଁ ବିଶେଷ ସାହିତ୍ୟଟି ଗଢ଼ିଉଠିଛି ତାହା ମୁକ୍ତି ଯୁଦ୍ଧ ଉପରେ ଆଧାରିତ । ଏହାର ପାଠକ ସଂଖ୍ୟା ମଧ୍ୟ ସବୁଠୁଁ ବେଶୀ । ଏ ସାହିତ୍ୟ ଅଙ୍ଗେନିଭା ଓ ରକ୍ତରେ ପ୍ରବାହିତ ସାହିତ୍ୟ । ବାଂଲାଦେଶରେ ଆଜି ବି ଏମିତି ସାହିତ୍ୟ ପାଠକ ଅଛନ୍ତି ଯେଉଁମାନେ ପୁସ୍ତକମେଳାରୁ କି ଦୋକାନରୁ ଦୈନନ୍ଦିନ ବହି କିଣନ୍ତି । ତେବେ ବେଶି ସଂଖ୍ୟକ ଲୋକେ ବହି କିଣି ପଢ଼ିବାରେ ସକ୍ଷମ ନୁହଁନ୍ତି । ଗାଁର ମଣିଷମାନଙ୍କ କଥା ଆହୁରି ଦୟନୀୟ । ଲୋକଙ୍କ ଭିତରେ ସାହିତ୍ୟକୁ ପଢ଼ିବାର ଆଗ୍ରହ କମି ଆସୁଥିବା ବେଳେ ହିଁ ବହିର ଆଲୋକ ନେଇ ଫେରିବାଲା ସାଜନ୍ତି ପୋଲାନ ସରକାର ।

ବାଂଲାଦେଶର ନାଟୋର୍ ଜିଲ୍ଲା ସ୍ଥିତ ବାଗାତିପାଡ଼ା ଗ୍ରାମରେ ୧୯୨୧ ମସିହା ୯ ସେପ୍ଟେମ୍ବରରେ ଜନ୍ମ ଏଇ ବ୍ୟକ୍ତିଙ୍କର । ପୁସ୍ତକ ପାଗଳ ପୋଲାନ୍ । ପିତା ହାୟାତ୍ ଉଲ୍ଲାହ ସରକାର ଓ ମାତା ମଇଫୁନ୍ନେସାଙ୍କ ତିନି ପୁଅ ଏବଂ ଦୁଇ କନ୍ୟାଙ୍କ ମୃତ୍ୟୁ ପରେ ଜନ୍ମ ହୁଅନ୍ତି ସେ । ତେଣୁ ମାଆ ତାଙ୍କୁ ପୋଲାନ୍ ବୋଲି ଡାକୁଥିଲେ । ତାଙ୍କର ପ୍ରକୃତ ନାଁ କିନ୍ତୁ ହାରେଜ୍ ଉଦ୍ଦିନ୍ ସରକାର । କିନ୍ତୁ ଦୁଃଖର କଥା ମାତ୍ର ପାଞ୍ଚ ମାସ ବୟସରେ ସେ ତାଙ୍କ ପିତାଙ୍କୁ ହରାଇଥିଲେ । ତାଙ୍କ ଅଜା ମାୟେନ୍ ଉଦ୍ଦିନ୍ ନିଜ ନାତି ପୋଲାନ୍‌କୁ ନିଜ ପାଖକୁ ନେଇ ଆସନ୍ତି । ଅଜା ମାୟେନ୍ ଉଦ୍ଦିନଙ୍କ କୌଣସି ପୁତ୍ରସନ୍ତାନ ନଥିବାରୁ ପୋଲାନ୍ ଖୁବ୍ ଆଦର ଯତ୍ନ ପାଆନ୍ତି ଅଜାଙ୍କ ଘରେ । ଅଜାଙ୍କ ଘରେ ଆରମ୍ଭ ହୁଏ ପାଠପଢ଼ା । କିନ୍ତୁ ଏଠା ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ପରେ ଆଉ ପଢ଼ିବାର ସୁଯୋଗ ନଥିଲା । ସେହି ବିଦ୍ୟାଳୟରେ



ଲେଖକ ଅଜିତ ପାତ୍ର

ପ୍ରାଇମେରୀ ପାଠ ପଢ଼ିବା ସମୟରେ ପୋଲାନ୍ ଯେଉଁଠି ଯାହା ବହି ପାଉଥିଲେ ନିଜେ ପଢୁଥିଲେ ଓ ସାଙ୍ଗମାନଙ୍କୁ ବି ପଢ଼ିବା ପାଇଁ ଦେଉଥିଲେ । ଆଗକୁ ଆଉ ଶ୍ରେଣୀ ନଥିବାରୁ ଷଷ୍ଠ ଶ୍ରେଣୀ ପରେ ତାଙ୍କର ବିଧିବଦ୍ଧ ପାଠପଢ଼ିବାରେ ଏଇଠି ପଡ଼ିଲା ଡୋରି । ଅଜାଙ୍କ ଗାଁ ରାଜଶାହିର ବାଘା ଉପଜିଲ୍ଲାର ନିଛାଟିଆ ବାଉସା ଗାଁରେ ଉତ୍ତରାଧିକାର ସୂତ୍ରରେ ଅଜାଙ୍କ ଠାରୁ ୪୦ ବିଘା (ମାଣ ଠାରୁ କିଛିଟା କମ୍) ଜମି ପାଆନ୍ତି । ଅଜା ମାୟେନ୍ ଉଦ୍ଦିନ୍ ସରକାର ସେ ସ୍ଥାନର ଜଣେ ଛୋଟକାଟର ଜମିଦାର ଥିଲେ । ସେଥିପାଇଁ ପୋଲାନ୍ ଯୁବାବସ୍ଥାରେ ସେଠାରେ ବୁଲି ବୁଲି ଖଜଣା ଆଦାୟ କରୁଥିଲେ । ସୁତରାଂ ଜନଜୀବନକୁ ଖୁବ୍ ନିକଟରୁ ଅନୁଧ୍ୟାନ କରିବାର ସୁଯୋଗ ମିଳିଥିଲା ତାଙ୍କୁ ଯୌବନରେ । ପରେ ଭାରତବର୍ଷ ସ୍ୱାଧୀନ ହେଲା । ଅଖଣ୍ଡ ଭାରତରୁ ବିଭାଜିତ ହୋଇ ପାକିସ୍ତାନର ଅଙ୍ଗ ରୂପେ ପୂର୍ବ ପାକିସ୍ତାନ ଦେଶ ଗଠନ ହେଲା । ଜମିଦାରୀ ବ୍ୟବସ୍ଥାର ପଡ଼େ ପୂର୍ଣ୍ଣଚ୍ଛେଦ । ସେ କିନ୍ତୁ ସେହି ଦେଶର ବାଉସା ୟୁନିୟନ୍‌ରେ କର ସଂଗ୍ରହକାରୀ ରୂପେ ଚାକିରି ପାଆନ୍ତି ।

ସେ ସମୟରେ ଥିଲା ଇଂରେଜ ଶାସନ । ପୋଲାନ୍ ଯାତ୍ରାଦଳରେ ହାସ୍ୟ ଅଭିନେତା ଭାବେ ଅଭିନୟ କରି ଲୋକଙ୍କୁ ହସାଉଥିଲେ । କେତେବେଳେ ଯାତ୍ରା ଦଳରେ ଅଭିନୟ କରୁଥିଲେ ତ କେତେବେଳେ ମଞ୍ଚପଛରେ ଥାଇ ଅଭିନେତାଙ୍କୁ ପ୍ରମ୍ପଟିଂ କରୁଥିଲେ । ଏମିତି ଭାବରେ ଅଜସ୍ର ବହି ପଢ଼ିବାର ସୁଯୋଗ ପାଉଥିଲେ ସେ । ବହି ପଢ଼ିବା ତାପରେ ଏକ ନିଶା ପାଲଟିଗଲା ପୋଲାନ୍‌ଙ୍କ ପାଇଁ କେତେବେଳେ, ସେ ନିଜେ ମଧ୍ୟ ଜାଣିପାରିଲେ ନାହିଁ ।

ଉଚ୍ଚ ବିଦ୍ୟାଳୟର ନଥିବାରୁ ପୋଲାନ୍‌ଙ୍କ ଉଚ୍ଚ ଶିକ୍ଷା ହୋଇପାରିଲା ନାହିଁ । ଏଥିପାଇଁ ମନ ଭିତରେ ଥିଲା ପୁଞ୍ଜିଭୂତ ଦୁଃଖ । ଏହା ସହ ସେ ଥିଲେ ସୁଯୋଗର ଅପେକ୍ଷାରେ । ସୁଯୋଗ ଆସିଲା ବି । ୧୯୬୫ ମସିହାରେ ପାଇଥିବା ନିଜ ଜମିରୁ ୫୨ ଶତାଂଶ 'ବାଉସା ହାରୁନ୍ ଅର୍ ରଶିଦ୍ ଶାହ ଦ୍ୱିମୁଖୀ' ଉଚ୍ଚ ବିଦ୍ୟାଳୟ ପାଇଁ ଦାନ କରନ୍ତି । ନିଜେ ଏହି ବିଦ୍ୟାଳୟରେ କୌଣସି ପଦବୀରେ ରହିବାକୁ ଚାହୁଁନଥିଲେ ପ୍ରଚାର ବିମୁଖ ଏହି ମଣିଷଟି । କିନ୍ତୁ ବିଦ୍ୟାଳୟ ଶିକ୍ଷକ ଓ ସ୍ଥାନୀୟ ବାସିନ୍ଦାଙ୍କ ଅନୁରୋଧ କୁ ଅଗ୍ରାହ୍ୟ ନକରି ବିଦ୍ୟାଳୟର ଚେୟାରମ୍ୟାନ୍ ପଦରେ ରହିବାକୁ ରାଜି ହୁଅନ୍ତି ପୋଲାନ୍ । ଏହି ବିଦ୍ୟାଳୟରେ ପ୍ରତିବର୍ଷ ଯେଉଁମାନେ ମେଧାତାଲିକାର ପ୍ରଥମ ଦଶରେ ରହୁଥିଲେ ପୋଲାନ୍ ସେମାନଙ୍କୁ ଉପହାର ସ୍ୱରୂପ ବହି ଦେଉଥିଲେ । ଧିରେ ଧିରେ ଅନ୍ୟ ପିଲାମାନେ ମଧ୍ୟ ତାଙ୍କ ଠୁଁ ବହି ମାଗିବା ଆରମ୍ଭ କଲେ । ସେ ଯେହେତୁ ନିଜେ ପୁସ୍ତକପ୍ରେମୀ ଥିଲେ, ଏଣୁ କେହି ବହି ମାଗିଲେ ସେ ଖୁବ୍ ଆନନ୍ଦିତ ହେଉଥିଲେ । କ୍ରମେ ଗାଁର ଲୋକମାନେ ତାଙ୍କ ଠାରୁ ବହି ମାଗିଲେ ପଢ଼ିବା ପାଇଁ । ଏଇଠୁ ହିଁ ଆରମ୍ଭ ହେଲା ବହି ଦେବା ଓ ଫେରସ୍ତ ନେବାର ପ୍ରକ୍ରିୟା । ସେ ସର୍ତ୍ତ ରଖିଲେ : ଯିଏ ବହି ପଢ଼ିସାରି ଅକ୍ଷତ ଭାବରେ ଫେରସ୍ତ ଦେବେ ସେ ଆଉ ଖଣ୍ଡିଏ ବହି ନେଇ ପାରିବେ । ସେ ଅଞ୍ଚଳରେ ତାଙ୍କର ଏକ ଚାଉଳ କଳ ଥିଲା । ପ୍ରତିବର୍ଷ ଯେଉଁମାନେ ନିର୍ଦ୍ଦିଷ୍ଟ ସମୟରେ ଧାର୍‌ଉଧାର୍ ପୈଠ କରୁଥିଲେ ସେମାନଙ୍କୁ ମଧ୍ୟ ସେ ବହି ଉପହାର ଦେବା ଆରମ୍ଭ କଲେ । ଚାଉଳକଳରୁ ଉପାର୍ଜିତ ଅର୍ଥରୁ ସେ ବହି କିଣିଲେ । ବହି ପଢିବାକୁ ଦେବା ଓ ଫେରସ୍ତ ନେବା କଥା ଗାଁକୁ ଗାଁ ହୋଇ ସାରା ଦେଶ ବ୍ୟାପିଗଲା । ବାଂଲାଦେଶର ବାସିନ୍ଦାମାନେ ସହଜେ ବହି ପାଇଁ ପାଗଳ । ପୁଣି ଏହା ଯେଉଁ ସମୟର କଥା, ସେତେବେଳେ ତ ପଢ଼ି ପାରୁଥିବା ପ୍ରତିଟି ମଣିଷ ପାଇଁ ବହି ପଢ଼ି ଜ୍ଞାନ ବଢ଼ାଇବା, ସମୟ କଟାଇବା ଠାରୁ ଆରମ୍ଭ କରି ବିନୋଦନର ଏକମାତ୍ର ମାଧ୍ୟମ ଥିଲା ବହି । ତେଣୁ ପୋଲାନ୍‌ଙ୍କ ବିଷୟରେ ଲୋକେ ଅବଗତ ହେଲେ କ୍ରମଶଃ । ୨୦୦୬ ମସିହା ୨୯ ଡିସେମ୍ବରରେ 'ଇତ୍ୟାଦି' ଅନୁଷ୍ଠାନ 'ଆଲୋକିତ ମଣିଷ' ଶୀର୍ଷକରେ ପ୍ରକାଶିତ କରନ୍ତି ପୋଲାନ୍‌ଙ୍କ ଜୀବନାଲେଖ୍ୟ । ତାଙ୍କୁ ଜାଣିବା ଓ ତାଙ୍କ କାର୍ଯ୍ୟଧାରା ସମ୍ପର୍କରେ ଅବଗତ ହେବା ସହଜ ହୋଇଗଲା ଏହାପରେ । ଦୂରଦୂରାନ୍ତରୁ ତାଙ୍କୁ ଖୋଜି ଖୋଜି ଲୋକେ ପହଞ୍ଚନ୍ତି ତାଙ୍କ ପାଖରେ । ପରେ ୨୦୦୭ ମସିହା, ଫେବୃଆରୀ ୧୭ରେ ବାଂଲାଦେଶର ଅଗ୍ରଣୀ ଦୈନିକ ଖବରକାଗଜ 'ପ୍ରଥମ ଆଲୋ' ତାଙ୍କୁ ନେଇ ଷ୍ଟୋରି ତିଆରି କରନ୍ତି । ଏହାର 'ଛୁଟିଦିନ' ପୃଷ୍ଠାରେ ପୋଲାନ୍‌ଙ୍କୁ ନେଇ ଏକ ପ୍ରଚ୍ଛଦ କାହାଣୀ ପ୍ରକାଶ ପାଏ, ଯା'ର ଶୀର୍ଷକ ଥିଲା : 'ବିନି ପୟସାୟ ବଇ ବିଲାଇ' । ଏହାର ଅର୍ଥ ହେଲା ମାଗଣାରେ ବହି ବଣ୍ଟନ । ଏହାପରେ ବାଂଲାଦେଶରେ ପୋଲାନ୍‌ଙ୍କୁ ନେଇ ବଢିଗଲା ଉତ୍ସାହ ।

୨୦୧୧ରେ ଦେଶ ତାଙ୍କୁ ସମାଜସେବା ପାଇଁ ଦେଲା ସର୍ବୋଚ୍ଚ ସମ୍ମାନ: 'ଏକୁଶେ ପଦକ' । ଏହା ହେଉଛି ବାଂଲାଦେଶର ସର୍ବୋଚ୍ଚ ରାଷ୍ଟ୍ରୀୟ ସମ୍ମାନ । ୨୦୧୪ ସେପ୍ଟେମ୍ବର ୨୦ରେ 'ଇମ୍ପାକ୍ଟ ଜର୍ନାଲିଜିମ୍ ଡେ' ଅବସରରେ ଏକକାଳୀନ ବିଶ୍ୱର ୪୦ଟି ପ୍ରମୁଖ ଖବରକାଗଜରେ ପ୍ରକାଶ ପାଏ ତାଙ୍କ ବହିପଢ଼ା ଓ ବହିବଣ୍ଟା ଆନ୍ଦୋଳନର ଗାଥା । ସାଧାରଣରୁ ଅସାଧାରଣ ହୋଇ ଉଠନ୍ତି ପୋଲାନ୍ । ମାନବରୁ ମହାମାନବ । ସବୁରି ମୁହଁରେ ଉଚ୍ଚାରିତ ହୁଏ ତାଙ୍କ କୀର୍ତ୍ତି । ଆଉ ପାଦେ ଆଗକୁ ଯାଇ ଶିମୁଲ୍ ସରକାର ନିର୍ମାଣ କରନ୍ତି ତାଙ୍କ ବାୟୋପିକ୍ ଆଧାରିତ ନାଟକ 'ସାୟାହ୍ନରେ ସୂର୍ଯ୍ୟୋଦୟ' । ଏହା ପୁଣି ବାଂଲାଦେଶର 'ଚ୍ୟାନେଲ୍ ଆଇ' ଦ୍ୱାରା ପ୍ରସାରିତ ହୁଏ । ବିନାମୂଲ୍ୟରେ ଜୀବନ ସାରା ବହି ବିତରଣ କରି ଓ ମଣିଷଙ୍କ ଭିତରେ ବହି ପଢାର ନିଶାକୁ ଜାଗରିତ କରି 'ୟୁନିଲିଭର୍ ବାଂଲାଦେଶ' ପକ୍ଷରୁ ପୋଲାନ୍‌ଙ୍କୁ ମିଳେ 'ସାଦା ମନେର୍ ମାନୁଷ୍' ଉପାଧି ।

ବହୁ ପାଠକ ଦୂରଦୂରାନ୍ତ ଗ୍ରାମାଞ୍ଚଳରୁ ଚାଲି ଚାଲି ତାଙ୍କ ପାଖକୁ ଆସିବା ଦେଖି ସେ ବିଭିନ୍ନ ଦୋକାନରେ ଏମିତି କି ଚାହା ଦୋକାନରେ ବି ବହି ରଖିବା ଆରମ୍ଭ କଲେ । ପାଠକମାନେ ବହି ପଢ଼ିସାରି ସେହି ନିର୍ଦ୍ଦିଷ୍ଟ ଦୋକାନରେ ବହି ଫେରସ୍ତ ଦେଇ ଆଉ ଖଣ୍ଡିଏ ଅଲଗା ବହି ନେଲେ । ପୋଲାନ୍ ଏହି ଅଞ୍ଚଳରେ

## ପୋଲାନ୍ ସରକାରଙ୍କ ଭଳି ମଣିଷର ବେଶ୍ ପ୍ରୟୋଜନ ଅଛି

**ଗ୍ରାମୀଣ ଜନପଦରେ ଶିକ୍ଷାର ଆଲୋକ ଜାଳି ଅଭିନବ ଆନ୍ଦୋଳନ ଗଢ଼ି ତୋଳିବାର ମହାନ ମଣିଷ ହେଉଛନ୍ତି ଆଲୋକର ଫେରିବାଲା ପୋଲାନ୍ ସରକାର । ପୃଥିବୀରେ ପୋଲାନ୍ ସରକାରଙ୍କ ଭଳି ମଣିଷର ବେଶ୍ ପ୍ରୟୋଜନ ଅଛି । କିନ୍ତୁ ଏମିତି ମଣିଷ ବା କେତେଜଣ ହୁଅନ୍ତି । ତାଙ୍କର କାର୍ଯ୍ୟଧାରା ସମାଜରେ ଏପରି ପ୍ରଭାବ ବିସ୍ତାର କରିଥିଲା ଯେ ଚାହା ଦୋକାନୀ ବି ହୋଇଥିଲେ ବହି ପାଗଳ । ବିତ୍ତଶାଳୀ ନହେଲେ ମଧ୍ୟ ତାଙ୍କ ଉଦାରପଣ ସମାଜକୁ ଦେଇଥିଲା ଆଲୋକ । ନିଜ ଅର୍ଥରେ ବହି କିଣି, କାନ୍ଧରେ ବହିର ବ୍ୟାଗ୍ ବୋହି ମାଇଲ୍ ମାଇଲ୍ ଚାଲି ଚାଲି ଯାଉଥିଲେ ସେ ଓ ଘରେ ଘରେ ବହି ଦେବା ଓ ପଢ଼ି ସାରିଥିବା ବହି ନେଇ ଅନ୍ୟ ପାଠକଙ୍କ ପାଖରେ ପହଞ୍ଚେଇବା ଥିଲା ତାଙ୍କର ଦୈନନ୍ଦିନ କାର୍ଯ୍ୟ । ଲୋକଙ୍କ ଭିତରେ ବହି ପଢ଼ିବାର ନିଶା ତିଆରି କରିବା ଥିଲା ତାଙ୍କର ଏକମାତ୍ର ଲକ୍ଷ୍ୟ । ତାଙ୍କର ଏ ମହାନ କାର୍ଯ୍ୟ ପାଇଁ ଅଗଣିତ ପୁସ୍ତକପ୍ରେମୀଙ୍କ ଭିତରେ ବଞ୍ଚି ରହିବେ ସେ ଯୁଗ ଯୁଗ । ପୋଲାନ୍ ସରକାରଙ୍କ ଜୀବନ ଆଲେଖ୍ୟ ଅନ୍ୟ ଏକ ଦେଶର ଓଡ଼ିଶା ପ୍ରଦେଶର ପାଠକପାଠିକାଙ୍କ ପାଖରେ ପହଞ୍ଚାଇବା ପାଇଁ ମୁଁ ବାଂଲାଦେଶୀ ହିସାବରେ ଲେଖକ ଅଜିତ୍ ପାତ୍ର ଓ 'ରେବତୀ' ପତ୍ରିକାର ସମ୍ପାଦନା ବିଭାଗର ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।**



**ନାସରିନ୍ ସୁଲତାନା ଖାନମ୍**

(ନାସରିନ୍ ସୁଲତାନା ଖାନମ୍ ଜଣେ ଲେଖିକା ଓ ବାଂଲାଦେଶର ଚଟ୍ଟୋଗ୍ରାମ ଜିଲ୍ଲାରେ ତାଙ୍କର ଜନ୍ମ । ସାମ୍ବାଦିକତାରୁ କର୍ମଜୀବନ ଆରମ୍ଭ । ଏବେ ଏନ୍‌ଜିଓ ପରିଚାଳନା ସହିତ ଜଡ଼ିତ ।)

## ଉତ୍ତମ ମଣିଷ ଗଢ଼ିବାର ନିର୍ମାତା ଥିଲେ ପୋଲାନ୍ ସରକାର

**ପ୍ରତିଦିନ ବହି ଭର୍ତ୍ତି ବ୍ୟାଗ୍ ନେଇ ଭୋର୍‌ରୁ ବାହାରି ପଡୁଥିବା ଆଲୋକିତ ମଣିଷ ପୋଲାନ୍ ସରକାର୍ ପ୍ରାୟ କୋଡ଼ିଏ କି ବାଇଶିଟି ଗାଁରେ ବୁଲି ବୁଲି ମାଗଣାରେ ପଢ଼ିବା ପାଇଁ ବହି ଦେବା ଓ ଦେଇଥିବା ବହିକୁ ଫେରସ୍ତ ଆଣିବା କାମ ଆଜୀବନ କରି ଆସୁଥିଲେ । ଉତ୍ତମ ମଣିଷ ଗଢ଼ିବାର ନିର୍ମାତା ଥିଲେ ସେ । ନିରହଙ୍କାର ମଣିଷଟି ନିଜ ଅର୍ଥରେ ବହି କିଣି ପଢ଼ିବାକୁ ଦେଉଥିଲେ ପଛରେ ପଡ଼ିଥିବା ଗାଁର ମଣିଷମାନଙ୍କୁ । ଏମିତି ଭାବରେ ଶିକ୍ଷାର ଗୋଟିଏ ଆନ୍ଦୋଳନ ଗଢ଼ି ତୋଳିଥିଲେ ପୋଲାନ୍ ସରକାର । ତାଙ୍କ ଜୀବନର ଅବସାନ କେବେ ହୋଇପାରେନା । ସେ ଆମ ବହି ପଢ଼ିବା ଭିତରେ ବଞ୍ଚି ରହିବେ । ଏହି ଆଲୋକିତ ମଣିଷଟି ପ୍ରତି 'ରେବତୀ' ପତ୍ରିକା ଆଗ୍ରହୀ ଓ ଏକ ଆଲେଖ୍ୟ ଛାପିବାକୁ ନିଷ୍ପତ୍ତି ନେବା ଆନନ୍ଦର କଥା । ମୁଁ କୃତଜ୍ଞତା ଜଣାଉଛି ।**



**ହୁମାୟୁନ କବୀର ଢାଲୀ**

(ହୁମାୟୁନ କବୀର ଢାଲୀ ବାଂଲାଦେଶର ଜଣେ ବିଖ୍ୟାତ ଶିଶୁ ସାହିତ୍ୟିକ । ସେ ପାଠାଗାର ଆନ୍ଦୋଳନର ପ୍ରବର୍ତ୍ତକ । ଗାଁର ସର୍ବସାଧାରଣଙ୍କ ପାଇଁ ଖୋଲିଛନ୍ତି 'ଆମାଦେର୍ ପାଠାଗାର' । ସଂପ୍ରତି ସେ ବାଂଲାଦେଶ ଶିଶୁ ସାହିତ୍ୟ ଏକାଡ଼େମୀର ସଭାପତି ।)

ଏକ ପ୍ରକାର ପାଠକ ଆନ୍ଦୋଳନର ସୂତ୍ରପାତ କଲେ । ତାଙ୍କର ଏବେ ସ୍ୱପ୍ନ ଏ ଅଞ୍ଚଳର ଲୋକମାନେ ଭଲ ସାହିତ୍ୟ ବହି ପଢ଼ିବା ସହିତ ନିଜ ଜୀବନକୁ ଆଲୋକିତ କରିବେ । କିନ୍ତୁ ସେହି ଦୋକାନ ଗୁଡ଼ିକରେ ରଖିଥିବା ସବୁଯାକ ବହି ଜଣେ ପାଠକ ପଢ଼ି ସାରିବା ପରେ ନୂତନ ବହିର ଆବଶ୍ୟକତା ପଡ଼େ । ସେ ତାଙ୍କର ସବୁଯାକ ଅର୍ଥ ସାମର୍ଥ୍ୟ ବହି କିଣିବାରେ ଲଗାଇ ଦିଅନ୍ତି । ଆବଦୁର୍ ରହିମ୍ ନାମରେ ଜଣେ ତେଜରାତି ଦୋକାନୀ ପୋଲାନ୍‌ଙ୍କ ଏ ଆନ୍ଦୋଳନରେ ଛନ୍ଦିଯାଆନ୍ତି । ସେ କହନ୍ତି, "ମୁଁ ମୋର ପଞ୍ଚାବନ ବୟସରେ ପ୍ରଚୁର ପରିମାଣରେ ବହି ପଢ଼ିବାକୁ ଆରମ୍ଭ କଲି । ମୋର ବଳକା ସମୟତକ ନିୟମିତ ଅନ୍ୟାନ୍ୟ ପାଠକମାନଙ୍କୁ ନେଇ ମୋ ଦୋକାନରେ ପାଠକ ସମାବେଶ କଲି । ପୋଲାନ୍ ହେଉଛନ୍ତି ଆମ ଅଞ୍ଚଳର ଆଲୋକବର୍ତ୍ତିକା ।"

ଏମିତି ଚାଲୁଥିବା ବେଳେ ୧୯୯୨ରେ ତାଙ୍କ ଶରୀରରେ ଡାଇବେଟିସ୍ ଆକ୍ରାନ୍ତ ହେବାର ସୂଚନା ମିଳେ । ଦୈବର ଆଦେଶ ଆଉ ଡାକ୍ତରଙ୍କ ନିର୍ଦ୍ଦେଶରେ ସେ ଭାବିଲେ ଯଦି ନିୟମିତ ଚାଲିବାକୁ ପଡ଼ିବ ତେବେ କାହିଁକି ମୁଁ ଗାଁ ଗାଁକୁ ଯାଇ ବହି ଦେବାନେବା କରିବିନି । ଆରମ୍ଭ ହେଲା ଅଭିଯାନ । କାନ୍ଧରେ ବହି ଭର୍ତ୍ତି ବ୍ୟାଗ୍ । ପୋଲାନ୍ ବୁଲିଲେ ଗାଁ ପରେ ଗାଁ । ଲୋକଙ୍କ ହାତ ପାଆନ୍ତାରେ ପହଞ୍ଚାଇଲେ ନୂଆ ନୂଆ ବହି । ପଢ଼ି ସାରିଥିବା ବହିକୁ ଫେରାଇ ଆଣିଲେ । ସେ ଦେଖିଲେ, ପୂର୍ବରୁ ଯେଉଁମାନେ ଦୂରରୁ ଚାଲି ଚାଲି ବହି ନେବା ପାଇଁ ଆସି ପାରୁଥିଲେ ସେମାନେ ଉପକୃତ ହେବା ସହ ଗୃହିଣୀମାନେ ମଧ୍ୟ ବହି ପଢ଼ା ପ୍ରତି ଆଗ୍ରହୀ ହେଲେ । ଏହା ପୋଲାନ୍‌ଙ୍କ ବହି ନିଶାରେ ଘିଅ ଢାଳିବା ପରି କାମ କଲା । ସେ ଆହୁରି ତେଜୀୟାନ ହୋଇ ଉଠିଲେ । ଗାଁର ଚାଷୀ, ଦିନମଜୁରିଆ ଘରୁ କାମକୁ ବାହାରିବା ପୂର୍ବରୁ ବହି ପାଗଳ ପୋଲିନ୍ ଚାଲିଥାନ୍ତି ନିଛାଟିଆ ସଂକୀର୍ଣ୍ଣ ଗାଁ ରାସ୍ତାରେ । ପାଦରେ ଚାଲି ଚାଲି । ଲକ୍ଷ୍ୟ : ସୁଦୂର କୌଣସି ଏକ ଗାଁକୁ ଯିବେ ଓ ବହି ଦେବେ । ଦେଇଥିବା ବହି ଫେରସ୍ତ ଆଣିବେ । ଦିନଟିଏ ନୁହଁ କି ମାସଟିଏ ନୁହଁ, ବର୍ଷ ବର୍ଷ ଧରି ଦୀର୍ଘ ତିରିଶ୍ ବର୍ଷ ସେ ଏମିତି ଭାବରେ ଚାଲିଥାନ୍ତି ଗୋଟେ ଚଳନ୍ତି ଲାଇବ୍ରେରୀ ସାଜି । ଥକି ପଡ଼ି ନାହାନ୍ତି କେବେ ବି । ସୁଦୂରବର୍ତ୍ତୀ ପ୍ରତିଟି ଗାଁର ଘରେ ଘରେ ତାଙ୍କ ଭ୍ରାମ୍ୟମାଣ ପାଠାଗାରକୁ ପୋଲାନ୍ ସରକାର ପହଞ୍ଚାଇଛନ୍ତି ନିରବଚ୍ଛିନ୍ନ ଭାବେ । ନା, ଏଥିପାଇଁ ସେ ବେତନ ପାଆନ୍ତି ନାହିଁ କି କେହି ତାଙ୍କୁ ପ୍ରତିଜ୍ଞାବଦ୍ଧ କରେଇ ନାହାନ୍ତି । ଜୀବନର ବ୍ରତ ତାଙ୍କର ବହିର ବିତରଣ ବା ଅନ୍ୟ ଅର୍ଥରେ ଜ୍ଞାନର ବିତରଣ । ଏ ମହତ କାମରେ ପୋଲାନ୍ ପାଆନ୍ତି ଆତ୍ମତୃପ୍ତି । ତେଣୁ ତ ବାର୍ଦ୍ଧକ୍ୟ ତାଙ୍କୁ ଦୂରେଇ ନେଇ ପାରିନଥିଲା ଏ କାମରୁ । ନବେ ବର୍ଷ ବୟସରେ ସେ ଯେତିକି କର୍ମଚଞ୍ଚଳ ଥିଲେ ଚୌରାନବେରେ ବି ସମାନ । ବାର୍ଦ୍ଧକ୍ୟରେ ସେ ଦୈନିକ ତିନି ଚାରିଟି ଗାଁ ବୁଲିକି ବହି ଦେବା ସହ ଫେରସ୍ତ ଆଣିବା କାମ କରୁଥିଲେ । 'ଭ୍ରାମ୍ୟମାଣ ପାଠାଗାର' ସ୍ୱରୂପ ବହିର ବ୍ୟାଗ୍ ସର୍ବଦା ଥିଲା ତାଙ୍କ କାନ୍ଧରେ । ଏପରି ଜଣେ ବିରଳ ମଣିଷ ଥିଲେ ପୋଲାନ୍, ତାଙ୍କୁ ଆଦରରେ ସଭିଏଁ ଡାକୁଥିଲେ 'ବଇବାଲା ଦାଦୁ' ବା ବହିଜେଜେ । ଭୋର୍ ହେଲେ ହିଁ ଆପଣଙ୍କ ଘରେ ଯଦି କେହି ପହଞ୍ଚନ୍ତି ତେବେ ସେ ପୋଲାନ୍ ସରକାରଙ୍କ ଛଡ଼ା ଆଉ କେହି ନୁହେଁ । ହଁ ବହିର ଦେବଦୂତ : ପୋଲାନ୍ ସରକାର ।

୨୦୦୯ରେ ରାଜଶାହି ଜିଲ୍ଲା ପରିଷଦ ତାଙ୍କ ସମ୍ମାନାର୍ଥେ ତାଙ୍କ ବାସଭବନରେ ଏକ ଲାଇବ୍ରେରୀ ପ୍ରତିଷ୍ଠା କରିଛନ୍ତି । ଅବଶ୍ୟ ସେତେବେଳକୁ ପୋଲାନ୍ ସାରା ବାଂଲାଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ।




### ପ୍ରଧାନମନ୍ତ୍ରୀଙ୍କ ଶୋକବାର୍ତ୍ତା

୨୦୧୯ ମାର୍ଚ୍ଚ ପହିଲାରେ ବାର୍ଦ୍ଧକ୍ୟ ଜନିତ କାରଣରୁ ୯୮ ବର୍ଷ ବୟସରେ ମୃତ୍ୟୁ ହୁଏ ଚଳମାନ ଲାଇବ୍ରେରୀ ଭାବେ ଖ୍ୟାତ ଏହି ବିରଳ ମଣିଷଟିର । ବାଂଲାଦେଶର ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ତାଙ୍କ ଶୋକ ବ୍ୟକ୍ତ କରି ଖ୍ୟାତିମାନ ପୋଲାନ୍ ସରକାରଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହିତ ତାଙ୍କ ଶୋକସନ୍ତପ୍ତ ପରିବାରର ସଦସ୍ୟଙ୍କ ପ୍ରତି ଗଭୀର ସମବେଦନା ଜଣାନ୍ତି ।

ଏବେ ବି ଏ ଅଞ୍ଚଳର ସେହି ସବୁ ନିଛାଟିଆ ଗଛପତ୍ର ଭରା ମାଟିରାସ୍ତାରେ କେହି ଯଦି ଝୁଲାବ୍ୟାଗ୍ ଭର୍ତ୍ତି ବହି ଧରି ଚାଲିଥାନ୍ତି ହଠାତ୍ ଭ୍ରମରେ ପଡ଼ନ୍ତି ଅନେକେ । ଲାଗେ ସତେ ଯେମିତି ଆଲୋକର ଫେରିବାଲା ପୋଲାନ୍ ସରକାର ଚାଲିଛନ୍ତି !

ଅଠାନବେ ବର୍ଷ ବୟସରେ ବି ସେ ବହିର ବୋଝକୁ ବୋହି ରାତି ପାହିବା ମାତ୍ରେ ପହଞ୍ଚି ଯାଉଥିଲେ ପ୍ରତିଟି ଘରର ଦୁଆର ମୁହଁରେ । ବହି ବିକୁ ନଥିଲେ ସେ, ପଢିବା ପାଇଁ ମାଗଣାରେ ଦେଇ ଆସୁଥିଲେ ବହି ଆଉ ତା'ପରଦିନ ଯାଇ ଫେରସ୍ତ ଆଣୁଥିଲେ ପୁଣି ନୂଆ ବହିଟିଏ ଦେଇ । ହେଲେ ଆଉ ସକାଳୁ ଶୁଭିବ ନାହିଁ ବାଂଲାଦେଶୀ ପୁସ୍ତକପ୍ରେମୀକୁ ପୋଲାନ୍‌ଙ୍କ ସେଇ ଦରଦୀ ସ୍ୱର : ବହି ଆଣିଛି ବହି । 'ରେବତୀ'ର ଶ୍ରଦ୍ଧାଞ୍ଜଳି ।

# ହସଖୁସିର ପରିବାର - ୫

**ହସଖୁସିର ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ । ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ । କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାନ୍ତି । ସେତେବେଳେ ସେମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢ଼ୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟା ପାଇଁ ସମାଧାନର ସୂତ୍ର ବତାଇବୁ ଆମେ ।**



**ଡକ୍ଟର ହରପ୍ରସନ୍ନ ଦାସ**
ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

## ଆପଣଙ୍କ ସମସ୍ୟା : ସମାଧାନର ସୂତ୍ର ଆମର

### ସମସ୍ୟା: ୧

ମୁଁ ଜଣେ +୩ ର ଛାତ୍ର । ମୋର ବାପା ଜଣେ ଚାଷୀ । ସେ ମୋତେ ବହୁତ ଭଲ ପାଆନ୍ତି । ମୋର ସବୁ ଆବଶ୍ୟକତାକୁ ସେ ପୂରଣ କରନ୍ତି । ମୋର ଉଜ୍ଜ୍ୱଳ ଭବିଷ୍ୟତର କାମନା କରି ସେ ଦିନରାତି ପରିଶ୍ରମ କରି ମୋତେ ପାଠ ପଢାଉଛନ୍ତି । ମୁଁ ଭଲ ପାଠ ପଢୁଥିଲି । +୨ରେ ବି ଭଲ ମାର୍କ ରଖିଥିଲି । କିନ୍ତୁ +୩ ରେ ନାମ ଲେଖାଇଲା ପରେ ମୁଁ ଆମ କ୍ଲାସ୍‌ର ଜଣେ ଝିଅକୁ ଭଲ ପାଇ ବସିଲି । ତା ପଛରେ ବହୁତ ସମୟ ଦେଲି । ବାପାଙ୍କ ଠାରୁ ଆଣୁଥିବା ଟଙ୍କା ମୁଁ ସବୁବେଳେ ତା ପାଇଁ ଖର୍ଚ୍ଚ କରୁଥିଲି । କିନ୍ତୁ ଯେତେ ଯାହା କଲେ ବି ମୋତେ ଲାଗୁଛି ଯେମିତି ତାର ସବୁବେଳେ କିଛି ନା କିଛି ଅଭିଯୋଗ ରହୁଛି । ସବୁବେଳେ ସିଏ ଦାମୀ ଜିନିଷ ପାଇଁ ଜିଦ୍ କରୁଛି । ତା ଇଚ୍ଛା ଅନୁଯାୟୀ ମୁଁ ତାର ଆବଶ୍ୟକତା ପୂରଣ କରି ପାରୁନି । ମୁଁ ତାକୁ ବହୁତ ଭଲ ପାଏ ତେଣୁ ମୁଁ ତା ଠାରୁ ଅଲଗା ମଧ୍ୟ ହୋଇ ପାରୁନି । ଏପଟେ ମାନସିକ ଅଶାନ୍ତିରେ ରହି ମୋର ପାଠପଢାରେ ମଧ୍ୟ ବ୍ୟାଘାତ ସୃଷ୍ଟି ହେଉଛି । ମୋତେ ଲାଗୁଛି ଯଦି ମୁଁ ଏପରି ସବୁଦିନ ତା ପଛରେ ସମୟ ଦେବି ତେବେ ମୁଁ ନିଶ୍ଚିତ ଦିନେ ଫେଲ୍ ହୋଇଯିବି । ମୋର ମାନସିକ ଅଶାନ୍ତି ବଢିଚାଲିଛି । କଣ କରିବି ନିଷ୍ପତ୍ତି ନେଇ ପାରୁନି । ତେଣୁ ମୋତେ ସଠିକ୍ ରାସ୍ତା ବତାନ୍ତୁ ।

**◣ନିଗମାନନ୍ଦ କୁଅଁର,** ନୟାଗଡ଼

### ସମାଧାନର ସୂତ୍ର

ତୁମେ ଆଜି ପର୍ଯ୍ୟନ୍ତ ଯାହା କରୁଛ ତାହା ନିଶ୍ଚିତ ଭାବରେ ଭୁଲ୍ କରୁଛ ଏବଂ ତାହା ଅକ୍ଷମଣୀୟ ଅପରାଧ ବୋଲି କହିଲେ ଭୁଲ୍ ହେବ ନାହିଁ । ତୁମ ବାପା ତୁମକୁ ପ୍ରଚୁର ଭଲ ପାଆନ୍ତି ଓ ବିଶ୍ୱାସ କରନ୍ତି । ତୁମେ ନିଜେ ହିଁ କହୁଛ ଯେ ସେ ତୁମର ସବୁ ଆବଶ୍ୟକତାକୁ ପୂରଣ କରନ୍ତି । କିନ୍ତୁ ତା ବଦଳରେ ତୁମେ ତୁମ ବାପାଙ୍କୁ ଧୋକା ଦେଉଛ । ତାଙ୍କ ବିଶ୍ୱାସରେ ବିଷ ଦେଉଛ । ଯେତେବେଳେ ସେ ତୁମ ବିଷୟରେ ଏ ସବୁ ଘଟଣା ଗୁଡ଼ିକ ଜାଣିବେ ତାଙ୍କୁ କିପରି ଭାବରେ ଆଘାତ ଲାଗିବ ତୁମେ ନିଜେ ଥରେ ଭାବ । ତୁମେ କଲେଜ୍‌ରେ ପାଠ ପଢୁଛ ଏବେ ପାଠରେ ହିଁ ଧ୍ୟାନ ଦେବା କଥା । କିନ୍ତୁ ତୁମେ ପାଠରେ ଅବହେଳା କରି ଅନ୍ୟ ଗୋଟିଏ ଝିଅ ପଛରେ ସମୟ ନଷ୍ଟ କରୁଛ । ଏହା ତୁମର ଦ୍ୱିତୀୟ ଅପରାଧ । ତୁମେ ହିଁ ତୁମର ସମୟ ଓ ପାଠ ନଷ୍ଟ କରି ଭବିଷ୍ୟତକୁ ଛାରଖାର କରିବାର ବାଟ କାଢୁଛ । ତୁମେ ନିଜେ କହୁଛ ଯେ ସେ ଝିଅ ତୁମକୁ ଅଧିକ ଖର୍ଚ୍ଚାନ୍ତ କରୁଛି । ସେ ତୁମ ପରିସ୍ଥିତି ଜାଣି ମଧ୍ୟ ଏସବୁ କରୁଛି । ତା ଅର୍ଥ ସେ ଭଲ ପାଇବାର ଯୋଗ୍ୟ ନୁହେଁ । ଏପରିକି ସେ ଏକ ଭଲ ସାଙ୍ଗ ବି ହେବାର ଯୋଗ୍ୟ ନୁହେଁ । ଏକଥା ଜାଣିବି ତୁମେ ସଚେତନ ହେଉ ନାହଁ । କାଦୁଅରେ ତୁମ ଗୋଡ଼ ଖସିଖସି ଯାଉଛି । ଏହାଦ୍ୱାରା ତୁମେ ନିଜେ ନିଜର ଭବିଷ୍ୟତ ଜୀବନକୁ ନଷ୍ଟ କରୁଛ । ଏକଥା ସତ ଯେ ସେ ଝିଅ ତୁମକୁ ଦିନେ ଧୋକା ଦେବ । ଏଣୁ ଭଲହେବ ଯଦି ତୁମେ ଏବେଠାରୁ ସଚେତନ ହୋଇ ସେ ଝିଅ ସହିତ ସମ୍ପର୍କ କାଟି ପାଠପଢାରେ ଧ୍ୟାନ ଦେବ । ତୁମେ ଯଦି ଏବେଠୁ ନିଜକୁ ନସୁଧାରିବ ତେବେ ପରୀକ୍ଷାରେ ଫେଲ ନିଶ୍ଚିତ ହେବ, ଏଥିରେ ସନ୍ଦେହ ନାହିଁ । ଏବଂ ସେତେବେଳେ ହିଁ ତୁମେ ଏସବୁ କଥାର ସତ୍ୟତା ଅନୁଭବ କରିପାରିବ । କାରଣ ଅନେକ ସମୟରେ ଆମେ ନିଜେ ଏକ ଧକ୍କା ନଖାଇଲେ ପ୍ରକୃତ ତଥ୍ୟକୁ ଅନୁଭବ କରିପାରୁନା କି ଅନୁତାପ କରପାରୁନା । ତୁମ ବିଷୟରେ ତୁମ ବାପା ଅନ୍ୟମାନଙ୍କ ଠାରୁ ଶୁଣିବା ପୂର୍ବରୁ ତୁମେ ନିଜେ ବାପାଙ୍କ ପାଖରେ ହାତଯୋଡ଼ି କ୍ଷମା ମାଗି ସବୁକିଛି ସ୍ୱୀକାର କରିନିଅ । ତେବେ ତୁମେ ତାଙ୍କ ଠାରୁ କ୍ଷମା ପାଇବା ସହିତ

ପ୍ରବୀଣ ବକ୍ତା ଓ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ସୁପରିଚିତ । ଜଣେ ଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂରାଜୀ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇଛି । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।

**www.drhpdas.com**

### ସମସ୍ୟା ପଠାଇବାର ଠିକଣା

ଡ. ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଆଲୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

ଆଶୀର୍ବାଦ ବି ପାଇ ପାରିବ । ମନେରଖ ଯେ ତୁମେ ବିନାଶ ଆଡ଼କୁ ଗତି କରୁଛ । ଏଥିରୁ ତୁମକୁ ଅନ୍ୟ କେହି ନୁହେଁ ବରଂ ତୁମେ ନିଜେ ହିଁ ନିଜକୁ ରକ୍ଷା କରିପାରିବ ।

**ସମସ୍ୟା: ୨**

ମୁଁ ଆମ ଘରର ବଡ଼ ଝିଅ । ମୋର ବୟସ ୨୭ ବର୍ଷ । ମୋ ବାପା ସରକାରୀ ଅଫିସ୍‌ରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ । ଆମେ ତିନି ଭଉଣୀ ଓ ଗୋଟିଏ ଭାଇ । ମୋ ତଳେ ମୋର ୨ଭଉଣୀ ଓ ଭାଇ । ସେମାନେ ସମସ୍ତେ ପାଠ ପଢୁଛନ୍ତି । ମୁଁ ବି.ଏ. ପାସ୍ କରିଛି । ଆଉ ଅଧିକ ପାଠ ପଢିବାକୁ ଚାହୁଁଥିଲେ ବି ବାପା ମୋର ପଢା ଖର୍ଚ୍ଚ ଉଠାଇବାକୁ ଅକ୍ଷମ । କାରଣ ଅନ୍ୟ ୩ ଭାଇ ଭଉଣୀଙ୍କର ମଧ୍ୟ ପାଠ ପଢିବାର ଅଛି । ଘରେ ସମସ୍ତେ ଏବେ ମୋର ବାହାଘର ପାଇଁ ବ୍ୟସ୍ତ । ଏଥିପାଇଁ ବିଶେଷ କରି ବାପା ସବୁବେଳେ ମାନସିକ ଅଶାନ୍ତିରେ ରହୁଛନ୍ତି । ମୋର ରଙ୍ଗ କଳା ହୋଇଥିବାରୁ ମୋର ବାହାଘର ଭାଙ୍ଗି ଯାଉଛି । ଯଦି ବା କେହି ରାଜି ହେଉଛନ୍ତି ସେମାନେ ଅଧିକ ଯୌତୁକ ଦାବି କରୁଛନ୍ତି । ଏହି କାରଣରୁ ଆଜି ପର୍ଯ୍ୟନ୍ତ ମୋର ବାହାଘର ଠିକ୍ ହୋଇପାରୁନି । ଅନ୍ୟ ଭଉଣୀମାନଙ୍କର ମଧ୍ୟ ବିବାହ ବୟସ ହୋଇଗଲାଣି । ବାପା ଆଉ ଦୁଇବର୍ଷ ପରେ ଚାକିରିରୁ ଅବସର ନେବେ । ଭାଇ ବି ପାଠ ପଢୁଛି । ରୋଜଗାରକ୍ଷମ ହୋଇନାହିଁ । ତେଣୁ ଘରେ ସବୁବେଳେ ଅଶାନ୍ତି ଲାଗି ରହୁଛି । ମୁଁ ଚାକିରି କରି ପରିବାରକୁ ସାହାଯ୍ୟ କରିବା ପାଇଁ ଚାହୁଁଛି । ମୁଁ ଚାହୁଁଛି ମୋ ପାଇଁ ମୋ ଭଉଣୀମାନଙ୍କ ବାହାଘରରେ କିଛି ଅସୁବିଧା ନହେଉ । ସେଥିପାଇଁ ମୁଁ ପ୍ରଥମେ ସେମାନଙ୍କର ବିବାହ କରିଦେବାକୁ କହୁଛି । ଏଥିରେ ଘରଲୋକ ରାଜି ହେଉ ନାହାନ୍ତି । ଯେହେତୁ ମୁଁ ଘରର ବଡ଼ ଝିଅ ସେମାନେ ପ୍ରଥମେ ମୋର ବାହାଘର କରାଇ ଦେବାକୁ ଚାହୁଁଛନ୍ତି । ତେଣୁ ମୁଁ କଣ କରିବି କିଛି ନିଷ୍ପତ୍ତି ନେଇ ପାରୁନି । ଦୟାକରି କିଛି ଉପାୟ ବତାନ୍ତୁ ।

**ସୁନୀତା ସାହୁ, କେନ୍ଦୁଝର**

**ସମାଧାନର ସୂତ୍ର**

ଆମ ସମାଜରେ ମଧ୍ୟବିତ୍ତ ପରିବାରରେ ଏହିପରି ସମସ୍ୟା ବହୁତ ଦେଖା ଯାଉଛି । ଏଥିରେ କେବେ ବି ବିଚଳିତ ହେବା ଉଚିତ ନୁହେଁ । ତୁମର ଭାବନା ଅତି ଉଚ୍ଚକୋଟୀର ଏବଂ ବୁଦ୍ଧିମାନର କଥା । ଅନେକ ସମୟରେ ଏହି ମଧ୍ୟବିତ୍ତ ପରିବାରର ବୟସ୍କମାନେ ଗତାନୁଗତିକ ଧାରାରେ ଯିବାକୁ ଚାହାନ୍ତି । ଏଣୁ କିଛି ନୂଆ ପଦକ୍ଷେପ ନେବାକୁ ସେମାନେ ଆଗ୍ରହୀ ହୁଅନ୍ତି ନାହିଁ । କିନ୍ତୁ ଧୈର୍ଯ୍ୟ ଧରି ଥଣ୍ଡାମୁଣ୍ଡରେ ଚିନ୍ତା କଲେ ନିଶ୍ଚିତ କିଛି ଉପାୟ ବାହାରିବ । ଘରର ବଡ଼ଝିଅ ହିସାବରେ ତୁମକୁ କିଛି ବଳିଷ୍ଠ ପଦକ୍ଷେପ ନେବାକୁ ହେବ । ପ୍ରଥମ କଥା ହେଉଛି ତୁମେ ପ୍ରଥମେ ନିଜପାଇଁ ଗୋଟେ ଚାକିରି ଖୋଜି କାମ କରିବା ଆରମ୍ଭ କରିଦିଅ । ଘରୁ ଆଠ ଦଶ ଘଂଟା ବାହାରେ ରହିଲେ ଆଉ ଘର କଥା ଭାବି ମାନସିକ ଅଶାନ୍ତି ଭୋଗିବ ନାହିଁ । ତାପରେ ତୁମେ ତୁମ ଭଉଣୀମାନଙ୍କୁ ମଧ୍ୟ ଚାକିରି କରିବା ପାଇଁ ଉତ୍ସାହିତ କରିବା ସହିତ ତାଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି କରିପାରିବ । ଘରେ ବସି ରହିଲେ ବାପାମାଆଙ୍କ ମନରେ ଦୁଶ୍ଚିନ୍ତା ଆସିବ । ଚାକିରି କଲେ ଆତ୍ମତୃପ୍ତି ମିଳିବା ସହିତ ଟଙ୍କା ମଧ୍ୟ ରୋଜଗାର କରିପାରିବ । ବାପାଙ୍କୁ ସାହାଯ୍ୟ କରିପାରିବ । ଚାକିରି କଲେ ବାହାଘର ପ୍ରସ୍ତାବ ମିଳିବାରେ ସହଜ ହେବ । କେତେବେଳେ କାହା ବାହାଘର ହେବ ତାହା ଆମ ହାତର କଥା ନୁହେଁ । ତେଣୁ ସେଥିପାଇଁ ତୁମେ ବ୍ୟସ୍ତ ହୁଅ ନାହିଁ । ତୁମର ବାହାଘର ପାଇଁ ଯେଉଁମାନେ ଯୌତୁକ ଦାବି କରୁଛନ୍ତି ସେଠାରେ ଆଦୌ ବିବାହ କର



ଫଟୋ : ଅମ୍ଳାଞ୍ଜିତା ଡାଶ

ନାହିଁ । ସେକଥା ତୁମ ବାପାମାଆଙ୍କୁ ଭଲଭାବେ ବୁଝାଇ ଦିଅ । ତୁମେ ତିନି ଭଉଣୀ ନିଜ ଭିତରେ ମନଖୋଲା କଥାହୋଇ ପରସ୍ପର ପ୍ରତି ସ୍ନେହଶ୍ରଦ୍ଧା ରଖି ପାରିଲେ ତୁମ ଘରେ ଆଉ କେହି ଅଶାନ୍ତି ସୃଷ୍ଟି କରିପାରିବେ ନାହିଁ । ମନଟାଣ କରି ତିନି ଭଉଣୀଯାକ ବାପାମାଆଙ୍କୁ ଯାହା ବୁଝାଇ ଦେବ ସେମାନେ ନିଶ୍ଚିତ ମାନିବେ । ତୁମ ତିନି ଭଉଣୀଙ୍କର ରୋଜଗାରରେ ସାନଭାଇର ପଢାଖର୍ଚ୍ଚ ବହନ କରିବ । ଭଗବାନଙ୍କ ଉପରେ ଭରସା ରଖି କାମରେ ବ୍ୟସ୍ତ ରହିଲେ ହିଁ ପରିସ୍ଥିତି ସୁଧୁରି ଯିବ । ଆମେ ଖାଲି ଭାବିଲେ କୌଣସି ସମସ୍ୟାର ସମାଧାନ ହେବ ନାହିଁ । ବରଂ ଆମକୁ ଏସବୁ କାମରେ କରି ଦେଖାଇବାକୁ ହେବ । ଘରର ବଡ଼ ଝିଅ ହିସାବରେ ତୁମେ ପରିବାରର ଦାୟିତ୍ୱ ନିଜ ହାତକୁ ନିବାକୁ ଦୃଢ଼ମନା ହୁଅ । ଦେଖିବ ପରିସ୍ଥିତି ଆପେ ଆପେ ସୁଧୁରିଯିବ ।

**ସମସ୍ୟା: ୩**

ମୋର ବୟସ ୬୩ ବର୍ଷ । ମୋ ସ୍ୱାମୀ ଜଣେ ବ୍ୟବସାୟୀ ଥିଲେ । ମୋର ଦୁଇଟି ପୁଅ ସେମାନେ ସବୁ ଉଚ୍ଚ ପଦବୀରେ ଚାକିରି କରି ବାହାରେ ରହୁଛନ୍ତି । ମୋ ସ୍ୱାମୀଙ୍କର ୨୦ବର୍ଷ ତଳୁ ଦେହାନ୍ତ ହୋଇଯାଇଛି । ସେତେବେଳେ ମୋ ପିଲାମାନେ ସ୍କୁଲ୍‌ରେ ପଢୁଥିଲେ । ମୁଁ ଏକୁଟିଆ ବହୁତ ପରିଶ୍ରମ କରି ଘରଭଡ଼ା ଲଗାଇ ସେମାନଙ୍କୁ ମଣିଷ କଲି । ସେମାନଙ୍କର ବାହାଘର କଲି । ବର୍ତ୍ତମାନ ଦୁଇ ପୁଅଙ୍କ ମଧ୍ୟରେ ଭଲ ସମ୍ପର୍କ ନାହିଁ । ସେମାନଙ୍କ ମଧ୍ୟରେ ମୋ ସମ୍ପତ୍ତିକୁ ନେଇ ସବୁବେଳେ କଳହ ଲାଗୁଛି । ପ୍ରଥମେ ପ୍ରଥମେ ସେମାନେ ଘରକୁ ଆସୁଥିଲେ । ଏବେ କିଛିବର୍ଷ ହେଲା ଆଉ ଆସୁନାହାନ୍ତି । ଫୋନ କଲେ ସେମାନେ କହୁଛନ୍ତି ସମୟ ନାହିଁ ଏତେ କଥା ବୁଝିବାକୁ । ସବୁ ସମ୍ପତ୍ତି ବିକି ଟଙ୍କା ଆମ ଭିତରେ ବାଂଟି ଦିଅ । ଆମେ ତୁମକୁ ପାଖରେ ରଖିବୁ । କିନ୍ତୁ ମୋର ସେମାନଙ୍କ ଉପରେ ଭରସା ନାହିଁ । କାରଣ ସେମାନଙ୍କ ବିବାହ ପର ଠାରୁ ସେମାନେ କେବେ ବି ମୋ ଭଲମନ୍ଦ ବୁଝି ନାହାନ୍ତି । ଏପରିକି ମୋ ଦେହ ଖରାପ୍ ବେଳେ ବି ଏଠାକୁ ମତେ ଦେଖିବାକୁ ଆସି ନାହାନ୍ତି । ଖାଲି ଯାହା ଫୋନ୍‌ରେ କଥା ହୁଅନ୍ତି । ମୋ ବିପଦ ଆପଦରେ ମୋ ସାନ ଭାଇ ମୋତେ ସାହାଯ୍ୟ କରୁଛି । କିନ୍ତୁ ସେ ବି କେତେ ଦିନ ମୋ କଥା ବୁଝିବ । ତାର ବି ତା ନିଜକଥା ତଥା ପରିବାର କଥା ବୁଝିବାକୁ ସମୟ ଦରକାର । ଏକଥା ଚିନ୍ତା କରି ଦିନକୁ ଦିନ ମୋ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଉଛି । କଣ କରିବି କିଛି ନିଷ୍ପତ୍ତି ନେଇପାରୁନି ।

**ସଂଧ୍ୟାରାଣୀ ତ୍ରିପାଠୀ,** ବ୍ରହ୍ମପୁର

**ସମାଧାନର ସୂତ୍ର**

ବୟସ ଦୃଷ୍ଟିରୁ ଜୀବନରେ ଆପଣଙ୍କର ଅନେକ ଅନୁଭୂତି ନିଶ୍ଚୟ ରହିଥିବ । ଯାହା ଆପଣଙ୍କ ଘରେ ଘଟୁଛି ତାହା ଆହୁରି ଅନେକ ପରିବାରରେ ଘଟୁଥିବାର ଆପଣ ଦେଖିଥିବେ । ଏଣୁ ଏଥିରେ ଆଦୌ ବ୍ୟସ୍ତ ହେବା ଉଚିତ ନୁହେଁ । ଭଲ ହେଲା ଯେ ଆପଣ ନିଜ ଦୁଇପୁଅଙ୍କର ପ୍ରକୃତ ଚେହେରା ବହୁତ ଶୀଘ୍ର ଦେଖି ପାରିଲେ । ତାଙ୍କ ମନଭିତରର କଥା ବି ଭଲ ରୂପେ ଜାଣିପାରିଲେ । ସେମାନେ ନିଜେ ହିଁ ପ୍ରମାଣିତ କରି ସାରିଛନ୍ତି ଯେ ପୁଅ ହିସାବରେ ସେମାନେ ବିଶ୍ୱାସ ଯୋଗ୍ୟ ନୁହଁନ୍ତି । ଏଣୁ ସେମାନଙ୍କୁ ଆପଣଙ୍କ ମନରୁ ପୂରାପୂରି କାଢ଼ି ଦିଅନ୍ତୁ । ଧରି ନିଅନ୍ତୁ ଯେ ଆପଣଙ୍କର କେହି ପୁଅ ନାହାନ୍ତି । ଆପଣଙ୍କ ପରି ଅନେକ ମହିଳା ଅଛନ୍ତି ଯାହାଙ୍କର ପ୍ରକୃତରେ ପୁଅ ନାହାନ୍ତି । ସେମାନେ ବି ତ ଦୁନିଆରେ ବଂଚିଛନ୍ତି । ଆପଣ ଅନେକ ଦୁଃଖକଷ୍ଟ ସହି ଆସିଛନ୍ତି । ତେଣୁ ଅସବୁ ତା ଆଗରେ କିଛି ନୁହେଁ । ଆପଣ ଆଗ ନିଜର ମନକୁ ଟାଣ କରନ୍ତୁ । କାରଣ ଭାବପ୍ରବଣ ହୋଇ ଆପଣ ଯଦି ପୁଅମାନଙ୍କ କଥା ଭାବିବେ ତେବେ ଆହୁରି କଷ୍ଟ ପାଇବେ । ଆପଣ ଯେଉଁଠି ରହୁଛନ୍ତି ସେଠାରେ ପଡ଼ିଶା ଘରର ଲୋକମାନଙ୍କ ସହିତ ଭଲ ସମ୍ପର୍କ ରଖନ୍ତୁ । ସେମାନେ ଆପଣଙ୍କୁ ବିପଦଆପଦରେ ସାହାଯ୍ୟ କରିବେ । ଆପଣଙ୍କ ବନ୍ଧୁବାନ୍ଧବଙ୍କ ଭିତରେ ଯେଉଁମାନେ ପ୍ରକୃତରେ



ପରୋପକାରୀ ସେମାନଙ୍କ ସହିତ ଆନ୍ତରିକ ସମ୍ପର୍କ ରଖନ୍ତୁ । ଦେଖିବେ ଆପଣଙ୍କୁ ନିଜର ଭାବୁଥିବା ବହୁତ ଲୋକ ମିଳିଯିବେ । ଆପଣଙ୍କ ବିପଦ ସମୟରେ ସେହିମାନେ ହିଁ ଆପଣଙ୍କୁ ସାହାଯ୍ୟ କରିବେ । ଆପଣଙ୍କ ଦୁଇପୁଅଙ୍କୁ ଖୋଲାଖୋଲି ଭାବରେ କହିଦିଅନ୍ତୁ ଯେ ଆପଣ ନିଜର ସମ୍ପତି ବିକ୍ରି କରିବେ ନାହିଁ କି ତାଙ୍କୁ ମଧ ଦେବେ ନାହିଁ । ଆପଣଙ୍କ ଅନ୍ତେ ଆପଣଙ୍କର ଏ ସମ୍ପତ୍ତିଗୁଡ଼ିକ କୌଣସି ଏକ ବୃଦ୍ଧାଶ୍ରମକୁ ଦାନ କରିଦେବା ପାଇଁ ଆପଣ ଲେଖାପଢା କରିଦେବେ ବୋଲି ତାଙ୍କୁ ଜଣାଇ ଦିଅନ୍ତୁ । ତାଙ୍କୁ ଏକଥା ବି କହି ଦିଅନ୍ତୁ ଯେ ଆପଣ ସେମାନଙ୍କୁ ପାଠଶାଠ ପଢ଼ାଇ ଯୋଗ୍ୟ କରି ଦେଇଛନ୍ତି । ସେମାନେ ଏବେ ନିଜେ ନିଜ ଗୋଡ଼ରେ ଛିଡ଼ା ହୋଇ ନିଜ ଦାୟିତ୍ୱ ନେବାକୁ ସକ୍ଷମ । ତେଣୁ ସେମାନେ ଯେଉଁଠି ରହୁଛନ୍ତି ଖୁସିରେ ରୁହନ୍ତୁ । ନିଜ ପରିବାରର ଦାୟିତ୍ୱ ନିଜେ ନିଅନ୍ତୁ । ସେମାନେ ନିଜ ପରିବାର ସହିତ ଖୁସିରେ ରହିଲେ ଆପଣ ବି ଖୁସି ହେବେ । ଆଉ ଏଇଟା ହିଁ ଆପଣଙ୍କର ଭଗବାନଙ୍କ ପାଖରେ ପ୍ରାର୍ଥନା । ଆଶା କରୁଛି ଆପଣ ବି ନିଜେ ଦୃଢ଼ମନା ହୋଇ ନିଜ ଦାୟିତ୍ୱ ନିଜେ ହିଁ ନେବେ ।


**ସମସ୍ୟା: ୪**

ମୁଁ ଏକ ପ୍ରାଇଭେଟ୍ ସଂସ୍ଥାରେ କାମ କରେ । ମୁଁ ବିବାହିତା । ମୋର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି । ସେମାନେ ସ୍କୁଲ୍‌ରେ ପାଠ ପଢୁଛନ୍ତି । ମୋର ସ୍ୱାମୀ ମଧ ଗୋଟେ ପ୍ରାଇଭେଟ୍ ସଂସ୍ଥାରେ କାମ କରୁଥିଲେ । କିନ୍ତୁ ସେଠାରେ କିଛି ଯୁକ୍ତିତର୍କ ହେବାରୁ ସେ ଚାକିରୀ ଛାଡ଼ିଦେଲେ । ଏବେ ସେ ଚାକିରି କରିବା ପାଇଁ ସଂପୂର୍ଣ୍ଣ ଅରାଜି । ସେ ଭାବୁଛନ୍ତି ସେ ଆଉ କାହା ଅଧୀନରେ ଚାକିରି କରିପାରିବେ ନାହିଁ । ତେଣୁ ଏବେ ଘର ଚଳାଇବାର ଦାୟିତ୍ୱ ସମ୍ପୂର୍ଣ୍ଣ ରୂପେ ମୋର । ପିଲାଙ୍କ ପାଠପଢ଼ା, ଟିଉସନ୍ ଘର ଖର୍ଚ୍ଚ, ବନ୍ଧୁବାନ୍ଧବ ସବୁକିଛି ମତେ ହିଁ ବୁଝିବାକୁ ହେଉଛି । କିନ୍ତୁ ସବୁଠୁ ବଡ଼ କଷ୍ଟ ଲାଗୁଛି ଯେ ମୁଁ ଯେଉଁଠି କାମ କରୁଛି ସେଠାକାର ପରିସ୍ଥିତି ମଧ ଠିକ୍ ନୁହେଁ । ମୋର ଉପରିସ୍ଥ ଅଫିସର୍‌ଙ୍କର ବ୍ୟବହାର ଆଦୌ ଭଲ ନୁହେଁ । ସେ ସବୁବେଳେ ମୋ ପ୍ରତି ଏକ ଖରାପ ନଜର ରଖୁଛନ୍ତି । ନିଜର ସ୍ୱାର୍ଥ ହାସଲ କରିବା ପାଇଁ ଚାହୁଁଛନ୍ତି । ମୁଁ ତାଙ୍କ କଥାରେ ଏକମତ ନହେବାରୁ ସେ ମୋ ବିରୁଦ୍ଧରେ ଅନ୍ୟମାନଙ୍କ ପାଖରେ ମିଥ୍ୟା ଅଭିଯୋଗ କରିବାକୁ ମଧ ପଛାଉ ନାହାନ୍ତି । ଏସବୁ କଥାଗୁଡ଼ିକ ମୁଁ ସହିପାରୁନି କି କାହାକୁ କହିପାରୁନି । କୌଣସି ଭାବେ ଏସବୁର ପ୍ରମାଣ ମଧ ମୋ ଉପରିସ୍ଥ ଅଫିସର୍‌ଙ୍କୁ ଦେଇପାରୁନି । ଘରେ ମଧ ମୋ ସ୍ୱାମୀଙ୍କୁ ଏକଥା କହିବାକୁ ଚାହିଁଲେ ସେ ମୋ କଥା ବିଶ୍ୱାସ କରୁନାହାନ୍ତି । ମୋର ହିଁ ସବୁ ଦୋଷ ବୋଲି ସେ କହୁଛନ୍ତି । ଯଦି ମୁଁ ଚାକିରି ଛାଡ଼ିଦିଏ ତେବେ ମୋ ପିଲାମାନଙ୍କ ଅବସ୍ଥା କଣ ହେବ ସେକଥା ବି ମୁଁ ଭାବୁଛି । କଣ କରିବି କିଛି ଭାବି ପାରୁନି । ଆପଣ କିଛି ବାଟ ବତାନ୍ତୁ ।

**ସୁଚୀସ୍ମିତା ବେହେରା,** ରାଉରକେଲା

**ସମାଧାନର ସୂତ୍ର**

ଆପଣଙ୍କ ଅଫିସ୍‌ରେ ଯେଉଁ ସମସ୍ୟା ସୃଷ୍ଟି ହୋଇଛି ତା ଠାରୁ ବେଶୀ ଗୁରୁତର ହେଉଛି ଯେ ଆପଣଙ୍କ ସ୍ୱାମୀଙ୍କର ଚାକିରି ବିଷୟ । ଆପଣ ଲେଖିଛନ୍ତି ଯେ ଆପଣଙ୍କର ସ୍ୱାମୀ ଆଉ ଚାକିରୀ କରିବାକୁ ଚାହୁଁନାହାନ୍ତି । ଏଣୁ ଘରର ସବୁ ଦାୟିତ୍ୱ ଆପଣଙ୍କ ଉପରେ କିନ୍ତୁ ଏହା ଠିକ୍ ନୁହେଁ । ଚାକିରି ନକରନ୍ତୁ ପଛକେ ସେ ପରିବାର ପାଇଁ ରୋଜଗାର କରିବାର ବାଟ ଖୋଜିବା ଉଚିତ୍ । ବାହା ହୋଇ ଘରସଂସାର କରି ଯଦି ସ୍ୱାମୀ ପରିବାରର ଦାୟିତ୍ୱ ନ ନିଅନ୍ତି ତେବେ ଘରେ ସବୁପ୍ରକାର ଅଶାନ୍ତି ସୃଷ୍ଟି ହେବ । ତେଣୁ ଆପଣ ସ୍ୱାମୀଙ୍କ ସହିତ ଭଲରେ କଥା ହୁଅନ୍ତୁ ଏବଂ ତାଙ୍କୁ ବୁଝାନ୍ତୁ ସେ ନିଜ ରୋଜଗାର ପାଇଁ କିଛି କାମ କରନ୍ତୁ । ଚାକିରି ନକଲେ ବି କିଛି ବ୍ୟବସାୟ ମଧ କରିପାରିବେ । ଏପରିକି ବ୍ୟବସାୟ ପାଇଁ ଅର୍ଥର ଅସୁବିଧା ଥିଲେ କେଉଁଠୁ ଋଣ ମଧ ଆଣି ପାରିବେ । ଏଣୁ ଆପଣଙ୍କର ପ୍ରଥମ ଦାୟିତ୍ୱ ହେଲା ସ୍ୱାମୀଙ୍କୁ ବୁଝାଇ ତାଙ୍କୁ କୌଣସି କାମରେ ନିୟୋଜିତ କରିବା । ଆପଣଙ୍କ ଅଫିସରେ ଯେଉଁ ସମସ୍ୟା ଦେଖାଯାଉଛି ତାହା ଅନେକ ଅଫିସରେ ଦେଖାଯାଏ । ଏଣୁ ଆପଣ ସେକଥା ଆଉ କାହା ଆଗରେ ନକହି ସେହି ଉପରିସ୍ଥ ଅଫିସରଙ୍କୁ ଖୋଲାଖୋଲି ଭାବେ ଆପଣଙ୍କ ମତ କହିଦେବା ଉଚିତ । ଯଦି ସେଥିରେ ତାଙ୍କର ମନୋବୃତ୍ତିରେ କିଛି ପରିବର୍ତ୍ତନ ନହୁଏ ତେବେ ଆପଣ ସେ ଚାକିରି ଛାଡ଼ି ଦେବାଟା ଠିକ୍ ହେବ । କାରଣ ମାନସିକ ଅଶାନ୍ତି ରେ ଆପଣ ଅଫିସ୍‌ରେ ନିଜର କାମଗୁଡ଼ିକ ବି ଠିକ୍ ଭାବେ କରିପାରିବେ ନାହିଁ । ଆପଣଙ୍କର ଯୋଗ୍ୟତା ଓ ଅଭିଜ୍ଞତା ଥିଲେ ଆପଣଙ୍କୁ ଯେ କୌଣସି ସ୍ଥାନରେ ବି ଚାକିରି ମିଳିଯାଇ ପାରିବ । ସେଥିପାଇଁ ଆପଣଙ୍କର ଦୃଢ ମନୋବଳ ଓ ଆତ୍ମବିଶ୍ୱାସ ଥିବା ଦରକାର । ମୋ ମତରେ ଆପଣ ଆପଣଙ୍କ ସ୍ୱାମୀଙ୍କ ପାଇଁ ରୋଜଗାରର ପନ୍ଥାଟିଏ ପ୍ରଥମେ ଖୋଜିବାକୁ ପ୍ରାଧାନ୍ୟ ଦେବା ଉଚିତ୍ ।




- ପୁସ୍ତକର ନାମ: **ବାଆଁରା**
- ଲେଖକଙ୍କ ନାମ : **ରୁଦ୍ର ରଂଜନ ଶେଜପଡ଼ା**
- ପ୍ରକାଶକଙ୍କ ନାମ : **ସୁବର୍ଣ୍ଣଶ୍ରୀ ପ୍ରକାଶିନୀ, ନେଳିଆବାଗ, ଶ୍ରୀକଣ୍ଠପୁର, ବାଲେଶ୍ୱର**
- ମୂଲ୍ୟ : **୫୦/-,** ପୃଷ୍ଠା : ୬୪

କବି ରୁଦ୍ର ରଂଜନ ଶେଜପଡ଼ାଙ୍କ ପ୍ରଥମ କବିତା ସଂକଳନ 'ବାଆଁରା'ରେ ରହିଛି କ୍ଷୁଦ୍ରାତିକ୍ଷୁଦ୍ର ଭାବପୂର୍ଣ୍ଣ କବିତାର ସମାହାର । ବିଶେଷକରି, କବି ଓ କବିତାର ସମ୍ପର୍କକୁ ନେଇ ଏକ କାବ୍ୟିକ ଉଚ୍ଛ୍ୱାସ ହିଁ ଏସବୁ କବିତାର ସାରମର୍ମ । ପୁସ୍ତକଟିରେ ଅଛି ସମୁଦାୟ ୫୨ଟି କବିତା । ସେଥିମଧ୍ୟରୁ ଅଧିକାଂଶ କବିତା କବିର ଜୀବନ ଓ କବିର କଳ୍ପନାକୁ ନେଇ ରଚିତ । କବିତା ଗୁଡ଼ିକରେ ଆବେଗର ସଂଘର୍ଷ ଓ ଭାବର ସଂବେଗ ବେଶ୍ ଗଭୀର ଭାବେ ପ୍ରକ୍ଷେପିତ ହୋଇଛି । କିନ୍ତୁ ଶବ୍ଦ-ଚୟନ ଓ ଭାଷାଗତ ଲାଳିତ୍ୟବୋଧର ଆବଶ୍ୟକତା ଅନୁଭୂତ ହୁଏ । 'ଅଗ୍ରଲେଖ'ରେ ବିଶିଷ୍ଟ ଲେଖକ ଦାଶ ବେନହୂର୍ ଯାହା ଲେଖିଛନ୍ତି ତାହା ହେଉଛି : କବିତାଗୁଡ଼ିକ ଗୋଟିଏ ଗୋଟିଏ କ୍ୟାପ୍‌ସୁଲ୍ ଭଳି । ଏହାକୁ ଥରେ ପଢ଼ିଲେ ବୁଝିବା ବୋଧହୁଏ ସମ୍ଭବପର ନୁହେଁ । ତେଣୁ ବାରମ୍ବାର ଗୋଟିଏ କବିତାକୁ ପଢ଼ିଲେ ଯାଇ ତାର ଭାବ ବୁଝିହେବ ବୋଲି ସେ ମତ ଦେଇଛନ୍ତି । ସଂକଳନସ୍ଥ 'ସନ୍ଦେହ' କବିତାରେ କବି ବେଶ୍ୟାମାନଙ୍କୁ ଅଭିଶପ୍ତ ବୋଲି ଅଭିହିତ କରିଛନ୍ତି । କବିତା ନାରୀ ଦେହର ଏକ ନକ୍ସା ବି ହୋଇପାରେ । ଏକଥା କବି କହୁଛନ୍ତି । ସେହିଭଳି 'ପାପ' କବିତାରେ ମଧ୍ୟ ରହିଛି ପ୍ରେମ ଓ ସନ୍ଦେହର କଥା । ମୁଖ୍ୟତଃ କବିତା ଗୁଡ଼ିକରେ ଦ୍ୱନ୍ଦ୍ୱ, ସନ୍ଦେହ, ପ୍ରେମ ଓ ପ୍ରତାରଣାର ପରିଭାଷା ପରିସ୍ଫୁଟିତ ହୋଇଛି କହିଲେ ଭୁଲ୍ ହେବ ନାହିଁ । କବି ଓ କବିତାର ସମ୍ପର୍କକୁ ନେଇ ଏ ହେଉଛି ରୁଦ୍ରଙ୍କ କକ୍‌ଟେଲ୍ । ଆଶା ପାଠକମାନଙ୍କୁ ଏହା ସ୍ପର୍ଶ କରିବ ।

ପର୍ବପର୍ବାଣୀ

# ଝାମୁଯାତ୍ରାର



ଝଙ୍କାର

# ପଶ୍ଚିମ ଓଡ଼ିଶାର ଗଣପର୍ବ
# ଦଣ୍ଡଯାତ୍ରା


**କନ୍ଦର୍ପ ବେହେରା**

କବୀ କୁଟୀର, ଡଇଆଁ, ରେଢ଼ାଖୋଲ,
ସମ୍ବଲପୁର-୭୬୮୧୦୬
ଫୋନ : ୭୬୫୫୦୨୧୨୮୯


ଫଟୋ ସୌଜନ୍ୟ : ଲେଖକ



ପଶ୍ଚିମଓଡିଶାର ଗଣପର୍ବ ଦଣ୍ଡଯାତ୍ରା ବା ଝାମୁଯାତ୍ରା ସର୍ବତ୍ର ବିଦିତ । ଏହା ପଶ୍ଚିମଓଡିଶାର ଲୋକନାଟକ ଭାବରେ ବେଶ୍ ପରିଚିତ । ଚୈତ୍ର ମାସରେ ହିଁ ଏହି ଦଣ୍ଡଯାତ୍ରା ପାଳନ କରାଯାଏ । ପଶ୍ଚିମଓଡିଶାର ସମ୍ବଲପୁର, ବରଗଡ, ଦେବଗଡ, ବୌଦ୍ଧ, ସୋନପୁର ଓ ଅନୁଗୋଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ନିଜ ଅଂଚଳର କଥିତ ଭାଷାକୁ ବ୍ୟବହାର କରି ଦଣ୍ଡନୃତ୍ୟ କରାଯାଏ । ପ୍ରତ୍ୟେକ ମଣିଷ ମନର ଧର୍ମ ଭାବନା ଓ ବିଶ୍ୱାସ ହେଲା ଦଣ୍ଡ ନୃତ୍ୟ । ଭକ୍ତମାନେ ବହୁ କଷ୍ଟ ସ୍ୱୀକାର କରି ଭୋକ ଉପାସରେ ରହି ଦଣ୍ଡ ନୃତ୍ୟ ପରିବେଷଣ କରିଥାନ୍ତି । ଏହି ଗଣ ପର୍ବ ଦଣ୍ଡନୃତ୍ୟ ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରେ ପାଳିତ ହୋଇ ଭକ୍ତମାନଙ୍କୁ ଗୋଟିଏ ଡୋରିରେ ବାନ୍ଧି ରଖିଥାଏ ।

ମୀନ ସଂକ୍ରାନ୍ତିର ୯ ଦିନ ପରେ ଏହି ଯାତ୍ରା ୨୧ଦିନ ବା ୧୩ ଦିନ ପର୍ଯ୍ୟନ୍ତ ପାଳନ କରାଯାଏ । ଏହି ନୃତ୍ୟର ମୁଖ୍ୟ ସୁତ୍ରଧର ବିଣାକାରିଆ । ପ୍ରଥମେ



ଲେଖକ କନ୍ଦର୍ପ ବେହେରା

## ଦଣ୍ଡଯାତ୍ରା : ଲୋକମତ



**ମହେନ୍ଦ୍ର ପ୍ରଧାନ (ମହିଭାଇ)**

**ପଶ୍ଚିମ ଓଡିଶାର ଗଣପର୍ବ ଦଣ୍ଡନାଚ । ଗାଉଁଲି ଭାଷାରେ ଲିଖିତ ଗୀତଗୁଡ଼ିକ ପରିବେଷଣ କରିଥାନ୍ତି କଳାକାର ଭାଇମାନେ । ଅତି ସରଳ ଓ ସାବଲୀଳ ଭାଷାରେ ଲିଖିତ ଗୀତଗୁଡିକ ଦର୍ଶକ ଓ ଶ୍ରୋତାମାନଙ୍କ ମନକୁ ଏକବାର ଛୁଇଁଥାଏ । କେଉଁ କାଳରୁ ଦଣ୍ଡନାଚ ଚାଲି ଆସିଛି ତାହା କହି ହେବନି । ଲୋକଙ୍କ ମନରେ ପ୍ରଗାଢ ବିଶ୍ୱାସ, ଭକ୍ତିଭାବନା ଜାଗ୍ରତ ହୁଏ । ନିଜର ମନସ୍କାମନ ପୂରଣ ପାଇଁ କେହି କେହି ଦଣ୍ଡନାଚରେ ସାମିଲ୍ ହୋଇଥାନ୍ତି । ଦିନ ତମାମ୍ ଭୋକ ଉପାସରେ ରହି ଭକ୍ତ ନିଜର ମନସ୍କାମନା ପାଇଁ ଶିବଙ୍କୁ ପୂଜା କରିଥାଏ ।**

ନିଜ ଗାଁରେ ଦଣ୍ଡ ଉଠାଇବା ପରେ ଗାଁକୁ ଗାଁ ଯାଇ ଦଣ୍ଡ ନୃତ୍ୟ ପରିବେଷଣ କରାଯାଏ । ପାଟଭୁକ୍ତା ଚଣ୍ଡିଚାମୁଣ୍ଡାଙ୍କୁ ଶାନ୍ତ କରିବା ପାଇଁ ନିଜ ଅଙ୍ଗରୁ ବଳି ଦେବାର ପରମ୍ପରା ଏବେ ବି ରହିଛି । ପ୍ରଥମ ଦିନ ବନ୍ଦାଣ ଗାଁ କୁ ଦଣ୍ଡନୃତ୍ୟ ଦଳ ଯାଇ ସେଠାରେ ନୃତ୍ୟ ପରିବେଷଣ କରି ସାରିବା ପରେ ହିଁ ଅନ୍ୟ ଗାଁକୁ ଯିବାର ବିଧି ରହିଛି ।



ଦଣ୍ଡନାଚ ବା ଝାମୁଯାତ୍ରା ଭଗବାନ ଶିବଙ୍କ ଉଦ୍ଦେଶ୍ୟରେ ହୋଇଥାଏ । ନିଜର ମନସ୍କାମନା ପୂରଣ କରିବା ପାଇଁ ୧୩ ଦିନ ବା ୨୧ ଦିନ ଯାଏଁ ଦଣ୍ଡନୃତ୍ୟ ପରିବେଷଣ କରିଥାନ୍ତି । ପ୍ରତ୍ୟେକ ଦିନ ୮ ଖଣ୍ଡ ଦଣ୍ଡ ଭଙ୍ଗା ଯାଏ । ଏହି ଦଣ୍ଡନୃତ୍ୟକୁ ପାଣିଦଣ୍ଡ କୁହାଯାଏ । ପ୍ରଚଣ୍ଡ ମୁଣ୍ଡଫଟା ଖରାରେ ଖୋଲା ଦେହରେ ଭକ୍ତମାନେ ପାଣିଦଣ୍ଡ ଭାଙ୍ଗିଥାନ୍ତି । ଭକ୍ତମାନେ ରୌଦ୍ରତାପକୁ ଖାତିର ନକରି ହଜାର ହଜାର ସଂଖ୍ୟାରେ ରୁଣ୍ଡ ହୋଇଥାନ୍ତି । ପ୍ରଥମେ ଶିବ ଓ ପାର୍ବତୀଙ୍କୁ ମନ୍ଦିରରୁ ଅଣା ଯାଇଥାଏ । ଢୋଲ ବାଦ୍ୟର ତାଳେ ତାଳେ ପରଭା, ହର, ପାର୍ବତୀ ଓ କାଳୀଙ୍କୁ ସାଥିରେ ନେଇ ଭକ୍ତମାନେ ଯାତ୍ରା ପ୍ରଦର୍ଶନ କରିଥାଆନ୍ତି । ଦଣ୍ଡୁଆମାନେ ହାତରେ ପତାକା, ପରଭା, ଛତର, ଫଂଚୁବେତ, ଝାଞ୍ଜି, ଦଣ୍ଡ ବେତ ଆଦି ଧରି ନୃତ୍ୟ କରିଥାଆନ୍ତି ।

କାହାର ଦଣ୍ଡ ମାନସିକ ଥିଲେ ଦଣ୍ଡୁଆମାନେ ତାଙ୍କରି ଘର ସାମ୍ନାରେ ହିଁ ଦଣ୍ଡନାଚ ପରିବେଷଣ କରିଥାନ୍ତି । ମଧ୍ୟାହ୍ନ ସମୟରେ ପାଣି ଦଣ୍ଡରେ ଭକ୍ତମାନେ ଋଷିପୁତ୍ରଙ୍କର ଅଭିନୟ କରି ଧୂଳି ରାସ୍ତାରେ ଗଡି ନିଜକୁ ଦଣ୍ଡ ଦେବାର ନଜିର ରହିଛି । ଏପରିକି ନିଆଁ ଉପରେ ଚାଲିବାର ଦୃଶ୍ୟ ଅତ୍ୟନ୍ତ ଭୟଙ୍କର । ଏହା ବ୍ୟତୀତ ମହାଦେବ ମନ୍ଦିର ତିଆରି କରିବା, ତଳେ ଶୋଇ କିଆରି ତିଆରି କରିବା ଆଦି ଦୃଶ୍ୟ ଅତିବ ମନ୍ତ୍ରମୁଗ୍ଧକର ।

ଦଣ୍ଡ ଭାଙ୍ଗୁଥିବା ସମୟରେ ଘୋଡାନାଚ, ମୁଣ୍ଡ ତୁପା, ବାୟାଣୀ ଆଦି ଅଭିନୟ ବେଶ୍ ଚମତ୍କାର ଲାଗେ । ଏପରିକି ଦେଖଣାହାରୀଙ୍କୁ ମଜା କରିବା ପାଇଁ ବିଭିନ୍ନ କମେଡି ପ୍ରଦର୍ଶନ କରାଯାଏ ।

୧୩ ଦିନ ପର୍ଯ୍ୟନ୍ତ ଭକ୍ତମାନେ ନିତିନିୟମ ମାନି ଚଳନ୍ତି । ଆମିଷ ଭୋଜନ ଏବଂ ଉଷୁନା ଚାଉଳ ଖାଆନ୍ତି ନାହିଁ । କେବଳ ରାତ୍ରୀ ସମୟରେ ପୂଜାର୍ଚ୍ଚନା ଓ ରାତ୍ରୀ ଭୋଜନ ସରିବା ପରେ ବିଳମ୍ବିତ ପ୍ରହରୀ ପର୍ଯ୍ୟନ୍ତ ଦଣ୍ଡନାଚ କରାଯାଏ ।

## ଦଣ୍ଡଯାତ୍ରା : ଲୋକମତ



**ସନ୍ତୋଷ କୁମାର ରଥ**

**ଶୁଣ୍ଠିମୁଣ୍ଡା, ରେଢାଖୋଲ, ସମ୍ବଲପୁର**

**ଆମର ଦେବତା ଶିବ ହେଉଛନ୍ତି ତ୍ୟାଗର ପ୍ରତୀକ । ବିଷ୍ଣୁ ହେଉଛନ୍ତି ଭୋଗର ପ୍ରତୀକ । ତ୍ୟାଗୀ ଯୋଗୀ, ଶିବ ଭକ୍ତଙ୍କ ଗହଣରେ ଚୈତ୍ର ମାସରେ ମନ୍ଦିରରୁ ବାହାରନ୍ତି ପରିଭ୍ରମଣରେ । ତାଙ୍କ ସଙ୍ଗେ ଜଗତ୍ ଜନନୀ ମା' ପାର୍ବତୀ ମଧ୍ୟ ଯାଇଥାନ୍ତି । ଦୀର୍ଘ ୧୫ ଦିନ ସେମାନଙ୍କୁ ନେଇ ଭକ୍ତ ଗଣ ଗାଁ ଗାଁ ବୁଲି ନୃତ୍ୟ ପରିବେଷଣ କରିଥାନ୍ତି । ତାର ନାଁ ଦଣ୍ଡନୃତ୍ୟ । ସେମାନେ ଦିନକୁ ଥରେ ମାତ୍ର ଅରୁଆ ଅନ୍ନ ଗ୍ରହଣ କରି ଅତିବ ପବିତ୍ର ରୂପେ ଏହି କାର୍ଯ୍ୟକୁ ସଂପାଦନ କରିଥାନ୍ତି । ଦଣ୍ଡନୃତ୍ୟରେ କୃଷିଭିତ୍ତିକ ସଂଗୀତ ପରିବେଷଣ କରାହୁଏ ବିଭିନ୍ନ ସୁଆଙ୍ଗ ମାଧ୍ୟମରେ । ଭକ୍ତ ଓ ଭଗବାନଙ୍କର ଅପୂର୍ବ ମିଳନ ଘଟିଥାଏ ଗ୍ରୀଷ୍ମ ଋତୁର ପ୍ରବାହ ଭିତରେ । ଲୋକମାନେ ଏହାକୁ ମନପ୍ରାଣ ଭରି ଉପଭୋଗ କରିବା ସହ ଭକ୍ତିର ଅର୍ଘ୍ୟ ବାଢିଥାନ୍ତି ।**

ଦଣ୍ଡୁଆମାନେ ଖାଇବା ସମୟରେ ଢୋଲ, ଘଂଟା ଆଦି ବାଜୁଥାଏ । ଏହାର କାରଣ ଭୋଜନ ସମୟରେ କୌଣସି କୁକୁର ବା ଜୀବ ଭୋକିଲେ ଦଣ୍ଡୁଆମାନେ ଆଉ ଖାଇ ନ ଥାଆନ୍ତି ।

ରାତ୍ରି ସମୟରେ ପ୍ରଥମେ ହାଡି ହାଡିଆଣୀ ନୃତ୍ୟ ବେଶ୍ ଚମତ୍କାର ଲାଗେ । ନିଜର କଥିତ ଭାଷାର ନୃତ୍ୟ ଶ୍ରୋତାମାନଙ୍କୁ ବେଶ୍ ଆକୃଷ୍ଟ କରିଥାଏ । ନିପଟ ଗାଉଁଲି ଭାଷାରେ ଲିଖିତ ଗୀତଗୁଡିକ ଶ୍ରୁତିମଧୁର ଲାଗେ ଶ୍ରୋତାମାନଙ୍କୁ ।

ହାଡି ଅଭିନୟ ପ୍ରସଙ୍ଗରେ କହିଥାଏ-

ସଧିରେ ଆସଇ ବାବୁ ମେହେନ୍ତର
ସବା କରୁଥିଲି ନିତି ଏହି ଗ୍ରାମର...

ହାଡିଆଣି ତା ଉତ୍ତରରେ କହିଥାଏ-



କିଏ ଡାକେ ହେରି ହେରି..
ସ୍ୱାମୀ ଯାଇଛନ୍ତି ଚାକେରି କରି
ଦୂର ଦେଶେ ଅଛନ୍ତି ଭଗାରୀ ....

ସତରେ ଶ୍ରୋତାମାନଙ୍କ ମନକୁ ଟାଣି ନେଲା ପରି ଗୀତଗୁଡିକ ମନକୁ ଛୁଇଁ ଦେଇଥାଏ । ବାରମ୍ବାର ଅଭିନୟ ଦେଖିବାକୁ ମନ ଟାଣି ନିଏ ।

ଏହି ନୃତ୍ୟ ଶିବ ପାର୍ବତୀ ଆଗମନରେ ପରିବେଷଣ କରାଯାଇଥାଏ ।

## ଦଣ୍ଡଯାତ୍ରା : ଲୋକମତ



**ଅଧ୍ୟାପିକା ଆର୍. ପୁଷ୍ପାଞ୍ଜଳି**
**ନାକ୍ଟିଦେଉଳ ମହାବିଦ୍ୟାଳୟ, ନାକ୍ଟିଦେଉଳ, ସମ୍ବଲପୁର**

**ଦଣ୍ଡ୍ ନାଚ୍ ଦାଣ୍ଡ୍ ରେ ନାଚୁଥିବାର ଲାଗି ଆର୍ ଇଥିର୍ ଗୁଟେ ବାଡିକେ ଶିବ ପାର୍ବତୀଙ୍କର୍ ପ୍ରତୀକ୍ ଭାବ୍‌ରେ ପୂଜା କରୁଥିବାର୍ ଲାଗି ବୋଲି ଇଟାକେ ଦଣ୍ଡନାଚ୍ କହେଶନ୍ । ଦଣ୍ଡ୍ ନାଚ୍ ନେ ବନେ ନିତି ନିୟମ୍ ନିଷ୍ଠା ରଖିକରି ନାଚ୍ କରସନ୍ ଭୋଗ୍‌ତା ମାନେ । ପାରମ୍ପରିକ ଲୋକ୍ ଗୀତ୍ ଗାଏସନ୍ । ଆର୍ ଢୋଲ୍ ମୁଖ୍ୟ ବାଜା । ହେଲେ ଆଏଜ୍ କାଲ୍ ଆଧୁନିକ୍ ସିନେମା ଗୀତ୍ ଆଧୁନିକ୍ ବଜାଗଜା ଆର୍ ମଂଚକେ ଭି ଆଧୁନିକ ସାଜସଜା କରୁଛନ୍ । ତଥାପି ଏ ଦଣ୍ଡ ନାଚ୍ ଦେଖିଣା ହାରି ମାନ୍‌କେ ସିଧା ସଳଖ୍ ଟାଣି ନେଇ ଯାଏସି ଆଧ୍ୟାତ୍ମୀକ୍ ଭାବନା ଆଡ୍‌କେ ।**

ନୃତ୍ୟ ମାଧ୍ୟମରେ ରାସ୍ତାଘାଟ ସଫା ରଖିବାର ନିର୍ଦ୍ଦେଶ ଦିଆ ଯାଇଥାଏ । ଏହା ପରେ ପରେ ପରଭା କାଳୀ ସାଥିରେ ଆସି ଠାକୁରଙ୍କୁ ଦର୍ଶନ କରିଥାଆନ୍ତି ।

ନନ୍ଦି ଭିର୍କୁଟିଙ୍କ ନୃତ୍ୟ ବେଶ୍ ଚମତ୍କାର ଲାଗେ ।

ବୁଢା, ବୁଢୀଆନଣୀ, ବୀଣାକାରିଆ, ଭାଲୁଆ, ଜଳକେରି, ଚଢେଇଆ, ଚଢେଇଆଣୀ, ବାଇଧନ, ଫକିର, ନାବକେଳୀ, ଶାଳୀଭିଣୋଇ ଆଦିଙ୍କର ଅଭିନୟ ଦର୍ଶକଙ୍କୁ ଆକୃଷ୍ଟ କରିଥାଏ ।

ବୁଢାବୁଢୀ ନିଜର ଅଭନୟ କରୁଥିବା ସମୟରେ ବୁଢା ଗାଇଉଠେ –

କେ ଦେଖିଛ ଭାଇରେ
ମୋର ନବଯୌବନୀ କେଣିକି ଗଲେ
କେ ଦେଖିଛ ଭାଇରେ....
ହାଟକୁ ଯାଉଛି ଲୁଣ କିଣି ବୋଲି
ଚଟିମାର ପଟି ଚଢାଇ ଦେଲା
କେ ଦେଖିଛ ଭାଇରେ ...

ବୁଢୀ ଗୀତ ଛଳରେ କହିଥାଏ –

ହାଏ ହାଏ ବିଧାତାରେ
ଦେଲୁ କଥା ନଶେଇ,
ଟୁକେଲ୍ କାଳେ ଆଣି ମୋତେ
ବୁଢାବର ଦେଲୁ ଫସାଇ
ହାଏ ହାଏ.....

ସତରେ କେଡେ ଚମତ୍କାର ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖେ । ଶାଳୀ ଭିଗଣେଇର ଅଭିନୟ ଜୀବନ୍ତ ଜୀବନ୍ତ ଲାଗେ ।

ଶାଳୀ ଅଭିନୟ ମାଧ୍ୟମରେ ଗାଇଥାଏ-

ନାନୀ ବାଇ ମାନେ ଗୋ ମୋର



ଯିବି ଘର ଶାଶୁ ଚନ୍ଦରପୁର,
ନାନୀ ବାଇ ମାନେ ଗୋ ମୋର
ମା ବାପା ମୋର
ନାହିଲା ନୋଥିଲା
କାହିଁ ଆଣି ଦେବେ ପୁଆଣୀ ଭାର
ନାନୀ ବାଇ ମାନେ ଗୋ ମୋର......

ଶାଳୀର ପ୍ରଶ୍ନରେ ଭେଣେଇଁ ଗୀତ ମାଧ୍ୟମରେ ନୃତ୍ୟ କରି କରି କହିଥାଏ –

ଶରଦ ଚନ୍ଦ୍ର ବଦନା
ବସିକର ଏ ଭାବନା
ସୁନା ଦେହ ହେଲା ଚୁନା...
ଶରଦ ଚନ୍ଦ୍ର ବଦନା...।

ଦଣ୍ଡନାଚରେ ଅଭିନୟ କରୁଥିବା ଆଂଚଳିକ ଭାଷାରେ ଗୀତ ଗାଇ ଅଭିନୟ କରିଥାନ୍ତି । ଫଳରେ ଦର୍ଶକଙ୍କୁ ମନୋରଂଜନର ଖୋରାକ ଯୋଗାଇଥାଏ ।

ଭକ୍ତି ଓ ଅଭିନୟର ସମ୍ମିଶ୍ରଣ ହେଉଛି ଦଣ୍ଡନାଚ । ପଣାସଂକ୍ରାନ୍ତି ଦିନ ହିଁ ଦଣ୍ଡଯାତ୍ରା ଗାଆଁର କାମନା ଘରେ ଅନୁଷ୍ଠିତ ହୋଇ ଶେଷ ହୋଇଥାଏ । ସବୁ ଜାତିର ଲୋକମାନେ ୧୩ ଦିନ ଯାଏଁ ଏକାଠି ବସା ଉଠା କରୁଥିବାରୁ ପଣାସଂକ୍ରାନ୍ତି ପର ଦିନ ଜାତି ସମାଜରେ ମିଶିବା ପାଇଁ ଜାତି ହୋଇଥାନ୍ତି । ସେଇ ଦିନ ମା କାଳୀଙ୍କ ନାମରେ ବୋଦା ବଳି ଦେଇ ଦଣ୍ଡକୁ ସ୍ଥାପନ କରାଯାଇଥାଏ । ତା ପରବର୍ତ୍ତୀ ବର୍ଷ ପୁଣି ଦଣ୍ଡ ଉଠା ଯାଇଥାଏ ।

ଏହି ପ୍ରଥା ବହୁ କାଳରୁ ଚାଲି ଆସିଛି । ଯଦି ସରକାରୀ ପ୍ରୋତ୍ସାହନ ମିଳନ୍ତା ତା ହେଲେ ଦଣ୍ଡ ନାଚ ଜାତୀୟସ୍ତରରେ ବେଶ୍ ପରିଚିତ ହୁଅନ୍ତା ।

## ଦଣ୍ଡଯାତ୍ରା : ଲୋକମତ



**ମୂରଲୀଧର ସେଠୀ**
ସହ ସଂପାଦକ: ସମ୍ବାଦ, ସାକ୍ଷୀପଡା, ସମ୍ବଲପୁର ସଂସ୍କରଣ

ଦଣ୍ଡ ନୃତ୍ୟ ଏକ ଲୋକନାଟକ । ଏହା ଧର୍ମୀୟ ଚିନ୍ତାଧାରା ଓ ମନୋରଂଜନଧର୍ମୀ ଅଭିନୟର ମିଶ୍ରଣ । ଏହା ଲୋକଜୀବନକୁ ଏକ ନୂଆ ମୋଡ ଦେବାରେ ସମର୍ଥ ହୋଇଛି । ପୌରାଣିକ ଚରିତ୍ର ସହ ଲୋକ ଚରିତ୍ର ଥାଏ । ବିଭିନ୍ନ ଚରିତ୍ରର ରସରସିଆ ସଂଳାପ ଦର୍ଶକଙ୍କୁ ଭରପୁର ମନୋରଂଇଜନର ଖୋରାକ ଯୋଗାଇଥାଏ । ଦଣ୍ଡନୃତ୍ୟ ମଣିଷକୁ ଧର୍ମୀୟ ଭାବନା ଆଡକୁ ଟାଣି ନେଇଥାଏ ।

# ରାଜନୀତିର ରେଖାଚିତ୍ର

ଓଡ଼ିଶାକୁ ନେଇ ଓଡ଼ିଆ ? ନା ଓଡ଼ିଆଙ୍କୁ ନେଇ ଓଡ଼ିଶା ? କାହାର ଓଡ଼ିଶା ? କେବେଠୁ ଓଡ଼ିଶା ? ଝର୍କା ଖୋଲି ପଛକୁ ଚାହିଁଲେ ଆଖି ପାଏନି । କାଇଁ କେତେ ହଜାର ବର୍ଷ ତଳର ଇତିହାସ । ଆମେ ଆମ ଗୌରବଜ୍ଜ୍ୱଳ ଇତିହାସକୁ ନେଇ ଗର୍ବ କରୁଛୁ, ଛାତି ଫୁଲାଉଛୁ, ଇତିହାସ ଉପରେ ଆଉଜି ଦମ୍ଭର ସହ ଠିଆ ହଉଛୁ; ଅଥଚ କେବେ ଆମେ ନିରେଖି ଦେଖିଛୁ କି ଆମ ଅତୀତକୁ, ଓଲଟେଇଛୁ କି ତା'ର ଅନାଲୋଚିତ ଅଧ୍ୟାୟମାନଙ୍କୁ । ଇତିହାସ, ଯାହା କେବଳ ରାଜା-ରାଜୁଡ଼ାଙ୍କ କୀର୍ତ୍ତିକଳାପ ନୁହେଁ କି, ବିଜୟ-ପରାଜୟର ଦସ୍ତାବିଜ୍ ନୁହେଁ । ଇତିହାସ ଯାହା ଲୋକମାନଙ୍କର, ଲୋକମାନଙ୍କୁ ନେଇ; ନିଜର ପରିଚୟ ଓ ଅସ୍ତିତ୍ୱ ପାଇଁ ମାଟି-ମଣିଷମାନଙ୍କ ସଂଗ୍ରାମ ଓ ସଂଘର୍ଷର କାହାଣୀ । ସମୟ ଆସିଛି ପଛକୁ ଫେରି ଚାହିଁବାର । ସାଉଁଟିବାକୁ ସେଇ ଅପାସୋରା ଚରିତ୍ରମାନଙ୍କୁ ଯେଉଁମାନେ ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇ ଗଢ଼ିଛନ୍ତି ଆମ ଜାତିକୁ, କାନ୍ଧରେ ବୋହିଛନ୍ତି ତା'ର ପରିଚୟକୁ । କଥାକାର ଓ ସ୍ତମ୍ଭକାର ନେତାଜୀ ଅଭିନନ୍ଦନଙ୍କ 'ରାଜନୀତିର ଓଡ଼ିଶା' ଏକ ଅଭିନବ ପ୍ରୟାସ ଲୋକଙ୍କୁ କେନ୍ଦ୍ରରେ ରଖି ଅତୀତ ଓଡ଼ିଶାର ସମାଜ-ସଂସ୍କୃତି-ରାଜନୀତିର ଗତିପଥ ନିର୍ଣ୍ଣିତ କରିବା ଦିଗରେ । ସୁଦୀର୍ଘ ଇତିହାସର ଯାତ୍ରାପଥରେ ଅନନ୍ତ କାଳଧରି ବାଟ ଚାଲୁଥିବା ଓଡ଼ିଆ ଓ ଓଡ଼ିଶାକୁ ନେଇ ଏ ଅନ୍ତରଙ୍ଗ ଲୋକ-ଗାଥା ଧାରାବାହିକ ଭାବେ ପରଷି ଦେଉଛୁ ।



|| ଭାଗ-୭ ||

# ଆକବର ଓ ରାମଚନ୍ଦ୍ରଦେବ : ସଂପ୍ରୀତିର ନୂଆପର୍ବ




**ନେତାଜୀ ଅଭିନନ୍ଦନ**

ଫଟୋ ସୌଜନ୍ୟ : ଲେଖକ ଓ ଗୁଗୁଲ୍


କାଳିଆ ଲେଉଟିଲା ପୁରୀ ମନ୍ଦିରକୁ ।

ଏଣେ ଶାସନ ଗାଦିରେ ବସିଲେ ମୋଗଲ ।

ଜଗନ୍ନାଥ ଦେଶରେ ପଠାଣଙ୍କ ଶାସନ ଓ କାରବାର ।

ଓଡ଼ିଆଙ୍କୁ କେମିତି ଲାଗୁଥିବ କେଜାଣି !

ନିଶ୍ଚୟ ଚେଙ୍କା ଲାଗୁଥିବ ଛାତିରେ । ମନ୍ଥି ହେଇଯାଉଥିବ ହୃଦୟ ।

ଏ ତ ଖାଲି ଧର୍ମର କଥା ନୁହେଁ, ରୀତି-ନୀତି, ସଂସ୍କାର, ପରମ୍ପରା; ସର୍ବୋପରି ସ୍ୱାଭିମାନ ଓ ପରିଚୟର କଥା ।

ଧନ, ଐଶ୍ବର୍ଯ୍ୟ, ପ୍ରତିପତ୍ତି, ଯେତେ ଯାହା ଥାଉ ନା କାହିଁକି, ସ୍ୱାଧୀନତା ନଥିଲେ ସବୁ ତୁଚ୍ଛ, ସବୁ ଅସାର ।

ଅନ୍ୟ ପାଖରେ ମୁଣ୍ଡ ବିକିବା ଠୁ ବଳି ଦୁଃଖ ଆଉ କ'ଣ ଅଛି ଯେ ? ଏକଦା ଉତ୍ତରରୁ ଦକ୍ଷିଣ ଯାଏଁ ବ୍ୟାପ୍ତ ବିଶାଳ ଉତ୍କଳ ସାମ୍ରାଜ୍ୟ ଏବେ ମୋଗଲଙ୍କ ଅଧୀନରେ ତୁଚ୍ଛା ଗୋଟେ ସୁବା !

ମାନ ଗଲା, ଶାସନ ଗଲା; ସ୍ୱାଭିମାନ ବି ଗଲା । କାଳିଆ ପାଖରେ ମୁଣ୍ଡ କୋଡୁଥିଲେ ଓଡ଼ିଆଏ । କାଳିଆର ଚକା ଚକା ଆଖି ଦେଖି ତ ସେମାନେ ଦୁଃଖ ଭୁଲୁଥିଲେ, ବଂଚିବା ପାଇଁ ବଳ ପାଉଥିଲେ, ଆଉ ନିଜକୁ ପ୍ରବୋଧନା ଦେଉଥିଲେ ।

ଅନ୍ଧାର ହଟିବ, ସ୍ୱାଧୀନତାର ସୂରୁଯ ଉଇଁବ, ଆଉ ସେମାନେ ମୁଣ୍ଡ ଟେକି ଚାଲିବେ । କହିବେ, ଆମେ ଓଡ଼ିଆ, ଆମେ କାଳିଆର ପ୍ରଜା । କାଳିଆ ହିଁ ଆମର ପ୍ରଭୁ, କାଳିଆ ହିଁ ଆମର ରାଜା ।

ଏସବୁ ଘନଘଟା ଭିତରେ, ପାହାନ୍ତି ପହରର ଶୁକ୍ର ତାରା ଭଳି ଆଶା ଓ ପ୍ରତ୍ୟୟର ନକ୍ଷତ୍ରଟାଏ ଚମକି ଉଠୁଥିଲା ଦୂର ଦିଗନ୍ତରେ ।

ସମ୍ରାଟ ଆକବର କେବଳ ଦକ୍ଷ ଶାସକ ନଥିଲେ, ଥିଲେ ମଧ୍ୟ ବେଶ୍ ଚତୁର ଓ ଦୂରଦର୍ଶୀ ପ୍ରଶାସକ ।

ସେ ଭଲ ଭାବେ ବୁଝିଥିଲେ ଯେ, ସଂଖ୍ୟାବହୁଳ ହିନ୍ଦୁମାନଙ୍କୁ ରୁଷ୍ଟ ଓ ଅସନ୍ତୁଷ୍ଟ କରି ସେ ଦେଶ ଚଳେଇ ପାରିବେନି ।

ଓଡ଼ିଶାରେ ଜଗନ୍ନାଥଙ୍କୁ କେନ୍ଦ୍ର କରି ଗଢ଼ି ଉଠିଥିବା ଧର୍ମୀୟ ପ୍ରଥା-ପରମ୍ପରା, ସଂସ୍କୃତିରେ କୌଣସି ପ୍ରକାର ହସ୍ତକ୍ଷେପ ସେ ଚାହୁଁନଥିଲେ ।

୧୫୬୮ରେ ତାଙ୍କର ଅନୁମତି ନଲୋଡ଼ି, ତାଙ୍କ ଅଗୋଚରରେ ବଂଗ ସୁଲତାନ କଳାପାହାଡ଼କୁ ପଠେଇ ଓଡ଼ିଶାରେ ଜଗନ୍ନାଥ ମନ୍ଦିର ଏବଂ ଅନ୍ୟାନ୍ୟ ମନ୍ଦିର ଉପରେ ଯେଉଁଭଳି ଲୁଣ୍ଠନ ଓ ଆକ୍ରମଣ କରେଇଥିଲେ, ତାହା ଆକବରଙ୍କୁ ବେଶ୍ ଆଘାତ ଦେଇଥିଲା ।

୧୫୯୨ରେ ଓଡ଼ିଶା ପ୍ରତ୍ୟକ୍ଷ ମୋଗଲ ଶାସନ ଅଧୀନକୁ ଆସିଲା । ବଂଗ, ବିହାର ଓ ଓଡ଼ିଶାର ସୁବେଦାର ରୂପେ ନିଯୁକ୍ତ ହେଲେ ରାଜା ମାନସିଂହ । ଭୋଇରାଜା ରାମଚନ୍ଦ୍ର ଦେବଙ୍କୁ ଖୋରଧାର ରାଜା ରୂପେ ସ୍ୱୀକୃତି ମିଳିଲା ଏବଂ ତାଙ୍କ ସହ ଚୁକ୍ତିପତ୍ର ସ୍ୱାକ୍ଷରିତ ହେଲା ।

ସମ୍ରାଟ ଆକବରଙ୍କ ନିର୍ଦ୍ଦେଶକ୍ରମେ ରାଜା ମାନସିଂହ ଶ୍ରୀମନ୍ଦିର ଭିତରେ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ରାମଚନ୍ଦ୍ର ଦେବଙ୍କୁ ୩୫୦୦ ସୈନ୍ୟଙ୍କ 'ମନସୁବା ଦାରୀ' ସହିତ ଏକତ୍ତରି ଗଡ଼ ଥିବା ଖୋର୍ଦ୍ଧା ରାଜ୍ୟର ରାଜା ଭାବରେ ସମ୍ମାନିତ କଲେ ।

କେବଳ ସେତିକି ନୁହେଁ, ଖୋର୍ଦ୍ଧାର ସୀମାନ୍ତବର୍ତ୍ତୀ ରଣପୁର, ନୟାଗଡ଼, ଖଣ୍ଡପଡ଼ା, ଦଶପଲ୍ଲା, ଆଠଗଡ଼, ତିଗିରିଆ, ବଡ଼ମ୍ବା, ନରସିଂହପୁର, ଢେଙ୍କାନାଳ, ତାଳଚେର - ଏମିତି ଦଶଟି ଗଡ଼ଜାତ ରାଜ୍ୟ ସମେତ ବାଙ୍କି, ଡମପଡ଼ା, ଅନ୍ଧାରି, ବ୍ରଜକୋଟ, ପାରିକୁଦ, ବାଣପୁର, ଘୁମୁସର, ଖଲିକୋଟ, କୋଦଳା - ଆଠଗଡ଼, ଚିକିଟି, ମହୁରି, ସେରଗଡ଼, ସାଲୁର, ଟିକାରି, ରଘୁନାଥପୁର ଆଦି ୨୯ ଗୋଟି ରାଜୁଡ଼ା ଜମିଦାରି ମାହାଲକୁ ଗଜପତି ରାମଚନ୍ଦ୍ର ଦେବଙ୍କ କରଦ ରାଜ୍ୟ ଭାବେ ମାନ୍ୟତା ମିଳିଲା ।

ଖୋର୍ଦ୍ଧା ରାଜାଙ୍କର କ୍ଷମତା ଏଣିକି ଉତ୍ତରରେ ଢେଙ୍କାନାଳ, ତାଳଚେର ଠୁ ଆରମ୍ଭ କରି ଦକ୍ଷିଣରେ ଗଂଜାମ ଯାଏଁ ପ୍ରସାରିତ ହେଲା ।

ଏକ ବିଶାଳ ଭୂଖଣ୍ଡର ଅଧୀଶ୍ୱର ଭାବରେ ରାମଚନ୍ଦ୍ର ଦେବ ଏବଂ ତାଙ୍କ ସାଙ୍ଗକୁ ଓଡ଼ିଶା ଓ ଓଡ଼ିଆଙ୍କର ସମ୍ମାନ ପ୍ରତିଷ୍ଠିତ ହେଲା ।

ସବୁକିଛି ସତେ ଅବା କାଳିଆ ହିଁ କରଉଥିଲା ।

ଧର୍ମ ଏଣିକି ଆଉ ବାଡ଼ ପକେଇଲାନି କି ହିଡ଼ ବାନ୍ଧିଲାନି ।

ଶ୍ରଦ୍ଧା, ସଂପ୍ରୀତି ଓ ସଦ୍‌ଭାବର ଉଚ୍ଛଳ ମହାସ୍ରୋତ ସତେ ଯେମିତି ସ୍ୱୟଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞା ମତେ ହିଁ ସମସ୍ତଙ୍କୁ ଭସେଇ ନେଉଥିଲା ଏକ ନୂଆ ସମ୍ଭାବନା ଆଡ଼କୁ ।

ମୋଗଲ ସମ୍ରାଟ ଓ ହିନ୍ଦୁ ରାଜା ମିଶିକି ଓଡ଼ିଶାରେ ସମନ୍ୱୟ ଓ ସମଭାବାପନ୍ନ 'ଭାରତୀୟତା'ର ବୀଜ ପୋତିଲେ । ସେଇ ବୀଜରୁ ହୋଇଥିବା ଗଛ ଛାଇରେ ଆଜି ଆମେ ବସୁଛୁ, ଏକାଠିପଣର ଅମ୍ଳଜାନ ନେଉଛୁ ।

ଆକବରଙ୍କ ବଦାନ୍ୟତା ଓ ମହାନୁଭବତାରେ ଉଦ୍‌ବୁଦ୍ଧ ହୋଇ ରାମଚନ୍ଦ୍ରଦେବ ଓଡ଼ିଶାରେ ଧାର୍ମିକ ସମନ୍ୱୟ ଓ ସଦ୍‌ଭାବର ଅଗ୍ରଦୂତ ସାଜିଲେ ।

ମାଣିକଗଡ଼ରେ ହିନ୍ଦୁ ଧର୍ମପୀଠ ଓ କାଇପଦର ଗଡ଼ରେ ମୁସଲମାନ ଧର୍ମପୀଠରେ ହିନ୍ଦୁ ଓ ମୁସଲମାନଙ୍କ ମିଳିତ ପୂଜା ଆରମ୍ଭ ହେଲା ।

ଆକବରଙ୍କ ଦ୍ୱାରା ପ୍ରଚଳିତ ଦିଲ୍ଲୀଶ୍ୱରାବ୍ଦକୁ ଓଡ଼ିଶାରେ ଉତ୍କଳାବ୍ଦ ନାମରେ ସେ ପ୍ରଚଳନ କରାଇଲେ । ରାଷ୍ଟ୍ରୀୟ ପଞ୍ଜିକାରେ ପ୍ରଦତ୍ତ ତଥ୍ୟମତେ ବଙ୍ଗଳାରେ ଏହି 'ସନ' କୁ ମହାବିଷୁବ ସଂକ୍ରାନ୍ତିର ପରଦିନ ଠାରୁ ଏବଂ ଓଡ଼ିଶାରେ ମହାବିଷୁବ ସଂକ୍ରାନ୍ତି ଦିନ ଠାରୁ ଗଣନା କରାଯାଏ । ଏହି ସନକୁ ଓଡ଼ିଶାରେ ଫସଲୀବର୍ଷ କୁହାଯାଏ, କାରଣ ପଣା ସଂକ୍ରାନ୍ତି ପରେ ପରବର୍ତ୍ତୀ ବର୍ଷ ପାଇଁ ଫସଲ ଖସଡ଼ା ପ୍ରସ୍ତୁତ କରାଯାଏ, ଜମି ବର୍ଷକିଆ ପଟ୍ଟା ଦିଆଯାଏ । ବର୍ଷକ ପାଇଁ ସଂଚା ବା ଧୂଳିଭାଗ ଦିଆଯାଏ । ମହାବିଷୁବ ସଂକ୍ରାନ୍ତି ପରେ ପରେ ଓଡ଼ିଆ କୃଷକମାନେ ଅକ୍ଷୟ ତୃତୀୟା ପର୍ବ ପାଳନ କରନ୍ତି । ଚାନ୍ଦ୍ରମାନ ଗଣନାନୁଯାୟୀ ବୈଶାଖ ଶୁକ୍ଳ ତୃତୀୟା କୌଣସି ବର୍ଷ କ୍ଷୟ ହୁଏ ନାହିଁ । ତେଣୁ ସେ ଦିନଟି ଅକ୍ଷୟ ତୃତୀୟା ନାମରେ ଖ୍ୟାତ । ସେହିଦିନ ଓଡ଼ିଆ କୃଷକମାନେ ଅକ୍ଷିମୁଠି ବା ଅକ୍ଷୟମୁଠି ଅନୁକୂଳ



କରନ୍ତି ଅର୍ଥାତ୍ ଆଗାମୀ ବର୍ଷର ଖରିଫ ଫସଲ ପାଇଁ ଭୂମି କର୍ଷଣ ସହିତ ଧାନବୁଣାର ଶୁଭାରମ୍ଭ କରନ୍ତି । ସେହିଠାରୁ ଆରମ୍ଭ କରି ରଜ ସଂକ୍ରାନ୍ତି ପର୍ଯ୍ୟନ୍ତ ଦୁଇ ମାସ ମଧ୍ୟରେ ଭୂମିକର୍ଷଣ ଓ ଧାନମୁଣା କାର୍ଯ୍ୟ ପ୍ରାୟ ଶେଷ ହୋଇଥାଏ । ସୌରବର୍ଷ ଗଣନା ମତେ ବାରଗୋଟି ସଂକ୍ରାନ୍ତି ମଧ୍ୟରେ ମିଥୁନ ବା ରଜ ସଂକ୍ରାନ୍ତି, ତୁଳା ବା ଗର୍ଭଣା ସଂକ୍ରାନ୍ତି, ଧନୁ ସଂକ୍ରାନ୍ତି ଓ ମକର ସଂକ୍ରାନ୍ତିକୁ ଓଡ଼ିଆ କୃଷକମାନେ ଖରିଫ ଧାନ ଫସଲର ଚାରିଗୋଟି ପ୍ରଧାନ ପର୍ବ ଭାବେ ବିପୁଳ ଉତ୍ସାହର ସହିତ ପାଳନ କରିଥାନ୍ତି । ବର୍ଷାଋତୁର ଆରମ୍ଭ ହେତୁ ରଜସଂକ୍ରାନ୍ତିକୁ ବସୁଧା ରଜସ୍ୱଳା ଅର୍ଥାତ୍ ଧାନ ଧୋଡ଼ ହୁଏ । ଧନୁ ସଂକ୍ରାନ୍ତି ବେଳକୁ ଧାନ କଟା ସରିଥାଏ କିନ୍ତୁ ନୂଆଧାନ ଚାଉଳ କରିବା ପାଇଁ ପାଞ୍ଜି ନଥାଏ ବା ଉପଯୋଗୀ ହୋଇ ନଥାଏ । ଏହି ସମୟରେ ଆଖୁ ପଡ଼ାଇ ନୂଆ ଗୁଡ଼ ରନ୍ଧା ଯାଇଥାଏ । ତେଣୁ ଚାଷୀ ଘରମାନଙ୍କରେ ଆନନ୍ଦର ସହକାରେ ନୂଆ ଧାନରୁ ହାଲୁକା ବା ଲଘୁପାକ ଖାଦ୍ୟ ଅର୍ଥାତ୍ ଲିଆ ବାହାର କରି ଧନୁମୁହାଁ ପ୍ରସ୍ତୁତ କରାଯାଏ । ତାପରବର୍ତ୍ତୀ ମକର ସଂକ୍ରାନ୍ତିରେ ଧାନରୁ ନୂଆ ଚାଉଳ ବାହାର କରି ତା ସହିତ କ୍ଷୀର ଗୁଡ଼ ନଡ଼ିଆ କଦଳୀ ଘିଅ ମହୁ ଇତ୍ୟାଦି ମିଶାଇ ସୁସ୍ୱାଦୁ ମକର ଚାଉଳ ପ୍ରସ୍ତୁତ କରିବା ପାଇଁ ମଧ୍ୟ ଏକ ପ୍ରଧାନ ପର୍ବ ପାଳନ କରାଯାଏ ଏବଂ ସେହି ଦିନଠାରୁ କୃଷକ ଗୃହିଣୀମାନେ ରାତିରେ ଶୋଇବା ପୂର୍ବରୁ ମାଟି ବଡ଼ା ବା ଘଡିରେ କିଛି ନୂଆ ଚାଉଳ ସହ ମୁଗକାଇ ମିଶାଇ ଅଳ୍ପ ପାଣି ଦେଇ ତା ଉପରେ ମାଯିଶରା ଘୋଡ଼ାଇ ଲିଭିଲା ରଡ଼ଚୁଲୀରେ ବସାଇ ଦେଇଥାନ୍ତି, ସକାଳକୁ ଚାଉଳ ଓ ମୁଗକାଇ ସିଝି ପାଣି ବା ପେଜ ମରିଯାଇଥାଏ । ତାକୁ 'ବଡ଼ଭାତ' ବା 'ବଡ଼ା ଖେଚଡ଼ି' କୁହାଯାଏ । ମା' ମାନେ ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ଯାଏ ପିଲାମାନଙ୍କୁ ସେଥିରେ କିଛି ଲୁଣ ବା ଗୁଡ଼ ମିଶାଇ 'ବଡ଼ଭାତ' ବା ଖେଚଡ଼ି ଖାଇବାକୁ ଦିଅନ୍ତି । ସେହିଦିନ ଠାରୁ ଧନୁସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ମଧ୍ୟ ସକାଳେ ନୂଆ ଚାଉଳର ପ୍ରସ୍ତୁତ ଯେଉଁ ଖେଚଡ଼ି ଭୋଗ କରାଯାଏ ଯାହାକୁ 'ପହିଲି ଭୋଗ' କୁହାଯାଏ । ସୁତରାଂ ଏହି ମାସସାରା ଗୋଟିଏ ବର୍ଷର ଫସଲ ଅମଳ ପରେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରର ଭୋଗ ନିତିରେ ମଧ୍ୟ ଓଡ଼ିଆ କୃଷକର ଆନନ୍ଦ ଉଲ୍ଲାସ ପ୍ରତିଫଳିତ ହୋଇଥାଏ ।

ମତାନ୍ତର ସୁନିଆଁ ଠାରୁ ଉକ୍ତ ସାଲର ଗଣନା ଆରମ୍ଭ ହୁଏ (ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ, ପୃ. ୮୦୮୦) ସମ୍ଭବତଃ ଖୋର୍ଦ୍ଧା ରାଜ୍ୟ ପ୍ରତିଷ୍ଠାତା ରାମଚନ୍ଦ୍ର ଦେବଙ୍କ ସମୟରେ ଏହି ସାଲ ଗଣନା ଓଡ଼ିଶାରେ ଆରମ୍ଭ କରାଯାଇ ଥିବାରୁ ତାଙ୍କର ନୂଆ ଅଙ୍କ ଗଣନା ସହିତ 'ସୁନିଆଁ' ଠାରୁ ଏହି ସାଲ ଗଣନା କରାଯାଇଥିବାର କୁହାଯାଉଛି । କିନ୍ତୁ ଖୋର୍ଦ୍ଧା ରାଜ୍ୟ ପ୍ରତିଷ୍ଠା ପୂର୍ବରୁ ଆକବରଙ୍କ ଦ୍ୱାରା ଦିଲ୍ଲୀଶ୍ୱରାବ୍ଦ ସମଗ୍ର ମୋଗଲ ସାମ୍ରାଜ୍ୟ ପାଇଁ ପ୍ରଚଳନ କରାଯାଇଥିଲା ଏବଂ ରାମଚନ୍ଦ୍ର ଦେବଙ୍କ ସମୟରେ ମୋଗଲ ଶାସନାଧୀନ ଓଡ଼ିଶା ବଙ୍ଗଳାସୁବା ଅଧୀନରେ ଥିବାରୁ ଆକବର ଏହାକୁ ସମଗ୍ର ମୋଗଲସୁବାରେ ପ୍ରଚଳନ କରାଇଥିଲେ । ଦ୍ୱିତୀୟତଃ ଜମିଜମା ରାଜସ୍ୱ ସଂକ୍ରାନ୍ତୀୟ ବନ୍ଦୋବସ୍ତ ନଥିପତ୍ରରେ ଏହାକୁ ଫସଲୀ ବର୍ଷଭାବେ ଉଲ୍ଲେଖ କରାଯାଇଥିବାରୁ ଏହାର ଗଣନା ନିଶ୍ଚିତ ଭାବେ ପଣାସଂକ୍ରାନ୍ତି ଠାରୁ ଆରମ୍ଭ କରାଯାଇଥିଲା "ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନ ଅନୁସାରେ ବର୍ଷଗଣନା ମଧ୍ୟ ସୌର ବୈଶାଖ ୧ ଦିନ ଠାରୁ ଆରମ୍ଭ ହୋଇଥାଏ" (ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ, ପୃ. ୮୦୮୧) । ତୃତୀୟତଃ ଖୋର୍ଦ୍ଧା ବା ପୁରୀର ଗଜପତି ରାଜାଙ୍କ ଅଙ୍କରେ ଚାନ୍ଦ୍ରମାନ ବର୍ଷ ଗଣାଯାଏ, କିନ୍ତୁ ସାଲ ବା ଫସଲୀ ବର୍ଷ ସୌରମାନ ଗଣନାମତେ ହେଉଥିବାରୁ ଏବେ ତାହା ସଡ଼ିଶାରେ ସାଲ ଭାବେ ଗଣା ହେଉଛି । ବଙ୍ଗଳାରେ ଏହାକୁ ବଙ୍ଗାବ୍ଦ କୁହାଯାଏ । ସେହି ସମୟରୁ ଓଡ଼ିଶାରେ ସତ୍ୟନାରାୟଣ ପୂଜା ପାଲା ପ୍ରଚଳନ କରାଯାଉଛି । ସତ୍ୟନାରାୟଣଙ୍କୁ ମଧ୍ୟ ମୁସଲମାନ ଫକୀରବେଶୀ ବାବା ସତ୍ୟପୀର ଭାବେ ଉକ୍ତ ପୂଜାର କଥାବସ୍ତୁରେ ବଙ୍ଗଳା ଉର୍ଦ୍ଦୁ ମିଶା ୧୬ଗୋଟି ଓଡ଼ିଆ ପଦ୍ୟାବଳୀରେ ବର୍ଣ୍ଣନା କରାଯାଇଛି । ଏପରିକି ଠିଆ ପାଲା କରୁଥିବା ପାଲାକାରମାନେ ଅଣ୍ଟା ତଳକୁ ମୁସଲମାନ ପରି ଘେର ଓ ଅଣ୍ଟା ଉପରକୁ ହିନ୍ଦୁଙ୍କ ପରି ପୋଷାକ ପରିଧାନ କରୁଥିଲେ ।

ଏଇ ସମୟରେ ପୁରୀ ଶ୍ରୀମନ୍ଦିରର ମର୍ଯ୍ୟାଦା ପୁନଃ ପ୍ରତିଷ୍ଠିତ ହେଲା । ଶ୍ରୀମନ୍ଦିରର ତତ୍ତ୍ୱାବଧାରକ ଭାବରେ ଗଜପତି ରାମଚନ୍ଦ୍ର ଦେବ ସାରା ଓଡ଼ିଶାର ରାଜା ଭାବରେ ସମ୍ମାନ ପାଇଲେ । ରାଜାଙ୍କ ଗଡ଼ ଥିଲା ଖୋର୍ଦ୍ଧାରେ, ହେଲେ ପ୍ରଶାସନର ପେଣ୍ଠ ଥିଲା ପୁରୀରେ ।

ଯାତ୍ରୀଙ୍କ ଗହଳି-ଚହଳିରେ ପୁରୀ ମନ୍ଦିର ପୁଣି ଉଠିଲା । ତୀର୍ଥଯାତ୍ରୀଙ୍କଠୁ ବେଶ୍ ଅର୍ଥ ବି ଆଦାୟ ହେଲା । ମନ୍ଦିର ଖଜଣାର ଛୋଟ ଭାଗ ରହୁଥିଲା ଗଜପତିଙ୍କ ପାଖରେ, ଆଉ ବଡ଼ ଭାଗ ଯାଉଥିଲା ମୋଗଲ ରାଜକୋଷକୁ ।

ଆକବରଙ୍କ ଶାସନକାଳରେ ମନ୍ଦିର ପରିଚାଳନାରେ ମୋଗଲ କୌଣସି ହସ୍ତକ୍ଷେପ କରୁନଥିଲେ । ଖୋର୍ଦ୍ଧା ଓ ଦିଲ୍ଲୀ ଦରବାର ଭିତରେ ସମନ୍ୱୟ ଥିଲା, ସଦ୍‌ଭାବ ବି ଥିଲା । ଆକବର ଓ ରାମଚନ୍ଦ୍ର ଦେବ ପରସ୍ପରକୁ ସମ୍ମାନ କରୁଥିଲେ ।

ଆଗ ପଛ ହେଇ ଦୁଇଜଣ ଯାକ ବିଦାୟ ନେଲେ ସଂସାରରୁ ।

୧୬୦୦ରେ ରାମଚନ୍ଦ୍ର ଦେବଙ୍କର ମୃତ୍ୟୁ ହେଲା, ଆଉ ୧୬୦୫ରେ ଆକବରଙ୍କର । ଆକବରଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଜାହାଙ୍ଗୀର ଶାସନଗାଦିରେ ବସିଲେ । ୧୬୦୭ରେ ବଙ୍ଗର ମୋଗଲ ସୁବା ଅଧୀନରେ ଥିବା ଓଡ଼ିଶାକୁ ଏକ ସ୍ୱତନ୍ତ୍ର ସୁବାର ମାନ୍ୟତା ମିଳିଲା ଏବଂ ହାସିମ୍ ଖାଁ ହେଲେ ଏଇ ନୂତନ ସୁବାର ପ୍ରଥମ ସୁବେଦାର ।

ପୁଣିଥରେ ବିପଦ ଘନେଇ ଆସିଲା ପୁରୀ ମନ୍ଦିର ଉପରକୁ, ମୋଗଲଙ୍କ ଲୋଲୁପ ଦୃଷ୍ଟି ପଡ଼ିଲା ମନ୍ଦିର ଉପରେ । ମନ୍ଦିରରେ ଅପର୍ଯ୍ୟାପ୍ତ ଧନସଂପତ୍ତି, ଗହଣାଗାଣ୍ଠି ସଂଚିତ ଥିବାର ଜାହାଙ୍ଗୀର ଶୁଣିଥିଲେ । ଏଣିକି ସଂପତ୍ତି ଲୋଭରେ ଝଣ୍ଟୁଆସି ଆକ୍ରମଣ ଆରମ୍ଭ ହୋଇଗଲା । ହାସିମ୍ ଖାଁଙ୍କ ସେନାପତି କେଶୋଦାସ ମେରୁ ମନ୍ଦିର ଆକ୍ରମଣ କରି ଧନରତ୍ନ ଲୁଣ୍ଠନ କଲେ ।

ଜଗନ୍ନାଥ-ବଳଭଦ୍ର-ସୁଭଦ୍ରାଙ୍କ ତିନିରଥ ପୋଡ଼ି ଦିଆଗଲା । ପାଳିଆ-ସେବକ-ସେବାୟତଙ୍କ ଉପରେ ଅକଥନୀୟ ଅତ୍ୟାଚାର କରାଗଲା । ପୁଣି ଆଶ୍ରୟ ଲୋଡ଼ିଲା କାଳିଆ ।

ପାଳିଆ ତିନି ବିଗ୍ରହଙ୍କୁ ଧରି ଜଂଗଲି ରାସ୍ତାରେ ଖୋର୍ଦ୍ଧା ପଳେଇଲେ । ତିନି ଠାକୁର ଖୋର୍ଦ୍ଧାର ଗୋପାଳ ଦେଉଳ ଭିତରେ ଲୁଚି ରହିଲେ ।


ରାମଚନ୍ଦ୍ର ଦେବଙ୍କ ପୁଅ ଖୋର୍ଦ୍ଧା ଗଜପତି ପୁରୁଷୋତ୍ତମ ଦେବ ପାରୁପର୍ଯ୍ୟନ୍ତ ପ୍ରତିରୋଧ କଲେ, ହେଲେ, ମୋଗଲଙ୍କ ବିଶାଳ, ଲଢୁଆ ସେନାବାହିନୀ ଆଗରେ ପୁରୁଷୋତ୍ତମ ହାର ମାନିଲେ । ରକ୍ଷା କରି ପାରିଲେନି ମହାପ୍ରଭୁଙ୍କୁ କିମ୍ବା ତାଙ୍କ ସେବକମାନଙ୍କୁ ।

ସନ୍ଧିପତ୍ର ସ୍ୱାକ୍ଷରିତ ହେଲା । ଅତ୍ୟନ୍ତ ଅପମାନଜନକ ଥିଲା ସେ ସନ୍ଧିପତ୍ରର ସର୍ତ୍ତାବଳୀ । କେଶୋଦାସ ଗଜପତିଙ୍କ ଭଉଣୀଙ୍କୁ ବିବାହ କଲେ ଓ ଯୌତୁକ ବାବଦକୁ ଲକ୍ଷେ ଟଙ୍କା ପାଇଲେ । ଗଜପତି ନିଜ କନ୍ୟାଙ୍କୁ ସମ୍ରାଟ ଜାହାଙ୍ଗୀରଙ୍କୁ ବିବାହ ଦେବାକୁ ଅନୁବନ୍ଧିତ ହେଲେ ଏବଂ ଯୌତୁକରେ ତିନି ଲକ୍ଷ ଟଙ୍କା ଦେବାକୁ ସମ୍ମତି ଦେଲେ ।

ଆକବରଙ୍କ ସମୟରେ ପ୍ରତିଷ୍ଠିତ ହୋଇଥିବା ହିନ୍ଦୁ-ମୁସଲିମ୍ ସଦ୍‌ଭାବ ଲୋଭ ଓ କ୍ଷମତାର ଯଜ୍ଞବେଦୀରେ ପୂର୍ଣ୍ଣାହୁତି ପାଇଲା ।

**ପୁଣିଥରେ ଓଡ଼ିଆଏ ଅନାଥ ହେଲେ; ଜଗନ୍ନାଥ ନିର୍ବାସନ ଭୋଗିଲେ ।**

# ଏକତାର ମହାମନ୍ତ୍ର



# ଷ୍ଟାଚ୍ୟୁ ଅଫ୍ ୟୁନିଟି

**ଲକ୍ଷ୍ମୀପ୍ରିୟା ଓଝା**

ଟାୱାର - ବି/୪୦୧, ଦି ଆଟ୍‌ଲାଣ୍ଟିକ୍, ଏସ୍‌ଆରପି ୯ର ବିପରୀତ, ମାକରପୁରା ରୋଡ୍, ବରୋଦା-୩୯୦୦୧୦, ଗୁଜରାଟ୍
ଫୋନ୍ : ୯୪୨୬୫୧୨୯୬୧

ଫଟୋ ସୌଜନ୍ୟ : ଲେଖିକା


ଲେଖିକା ଲକ୍ଷ୍ମୀପ୍ରିୟା ଓଝା

ଅକ୍ଟୋବର ୩୦, ୨୦୧୮ ମସିହା । ଲୌହପୁରୁଷ ସର୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୩ ତମ ଜନ୍ମତିଥି । ସେଇଦିନ ସାପୁତାରା ଏବଂ ବିନ୍ଧ୍ୟାଞ୍ଚଳ ପର୍ବତ ଶୃଙ୍ଖଳ ମଧ୍ୟରେ ସାଧୁବେଟ ପାହାଡ଼ ମାଳାର କେଭାଡ଼ିଆ ଗାଁରେ ସର୍ଦାର ପଟେଲ୍‌ଙ୍କ ସର୍ବବୃହତ୍ ମୂର୍ତ୍ତି 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ନାମରେ ଅନାବୃତ ହେଲା ।

ବରୋଦାରେ ମୁଁ ରହେ । ଏଠୁ କେଭାଡ଼ିଆ ମାତ୍ର ୯୩ କିଲୋମିଟର । ଷ୍ଟାଚ୍ୟୁ ପ୍ରତିଷ୍ଠା ହେବା ଦିନଠୁ ମନ ଭିତରେ ଇଚ୍ଛାଟେ ଥିଲା ଦେଖିବାକୁ ଯିବି । କିନ୍ତୁ ଚାରିମାସ ଭିତରେ ଯାଇ ପାରିନଥିଲି । ମୁଖ୍ୟ କାରଣ ଥିଲା ଭିଡ଼ । ଗହଳି ମୋତେ ଭଲ ଲାଗେନା । ଯୋଉମାନେ ଦେଖିକି ଫେରୁଥିଲେ ସଭିଙ୍କ ମୁହଁରୁ ଗୋଟିଏ କଥା : ବହୁତ ଭିଡ଼ । ସାଧାରଣ ଦିନରେ ହାରାହାରି ପନ୍ଦର ହଜାରରୁ ଅଧିକ ଲୋକ । ଛୁଟିଦିନ କି ରବିବାର ହେଲେ ତ କଥା ଶେଷ । ପଚାଶ୍ ହଜାର ଲୋକ ସମାଗମ ହୁଏ । ଗୁଜୁରାଟର ଗରମ ଓ ଗହଳି ମୋ ଯିବାର ଇଚ୍ଛାକୁ ରୋକୁଥିଲା । ତେବେ ଏତେ ପାଖରେ ଥାଇ ନଯାଇପାରିବାର ଅବସୋସରେ ମୁଁ ଆକ୍ତାମାକ୍ତା ହେଇ ପଡ଼ିବା ବେଳେ ହିଁ 'ରେବତୀ'ର ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତି ସାର୍ ମୋତେ ଷ୍ଟାଚ୍ୟୁକୁ ନେଇ ଏକ ଆଲେଖ ପାଇଁ ଅନୁରୋଧ କଲେ ତ ମୁଁ ସଙ୍ଗେ ସଙ୍ଗେ ହଁ କହିଦେଲି ।

ମାସ ମାର୍ଚ୍ଚ । ଓଝା ବାବୁ ୨୧ଦିନର ଟୁର୍ ସାରି ଫେରିଥିଲେ, ହଠାତ ପ୍ଲାନ୍ ହେଲା, ଆମେ ଦି ଜଣ, ଡି.ପି. ମହାନ୍ତି ଭାଇନା ଓ ଭାଉଜ (ଉଭୟେ ଏଠି ଡାକ୍ତର) ଆଉ ଲୀନା (ଆସାମର ଝିଅଟେ, ଚେନ୍ନାଇରେ ମୋ ଘର ପାଖରେ ରହି ପଢୁଥିଲା ଆଉ ଏବେ ଆସାମରୁ ଅନେକ ବର୍ଷ ପରେ ଆମ ସାଙ୍ଗରେ କିଛିଦିନ ରହିବା ପାଇଁ ଆସିଥିଲା) ମିଶିକି ଯିବା । ଅନ୍‌ଲାଇନ୍‌ରେ ଟିକେଟ କଲେ ଓଝା ବାବୁ । ଜଣକ ପିଛା ଗ୍ୟାଲେରୀ ଟିକେଟ୍ ୩୫୦ ଟଙ୍କା ଓ ସେଠି ବୁଲିବାକୁ ବସ୍ ଟିକେଟ୍ ୩୦ ଟଙ୍କା ।

ସକାଳ ଆଠଟା ତିରିଶ୍ । ଇନୋଭାରେ ବାହାରି ପଡ଼ିଲୁ ଆମେ ପାଞ୍ଚଜଣ । ବିଦେଶୀ ରାସ୍ତା ପରି ସଫାସୁତୁରା ରାସ୍ତାଟେ ଆମକୁ ପାଛୋଟି ନେଲା । ବେଶ୍ ସୁନ୍ଦର ଆଉ ପ୍ରଶସ୍ତ । ରାସ୍ତା ମଝିରେ ଥିବା ଡିଭାଇଡ଼ର୍ ଭିତରେ କାଗଜଫୁଲର ଗଛ । ପେନ୍ଥା ପେନ୍ଥା କାଗଜଫୁଲ ପାହାଡ଼ ମଝିରେ ଲମ୍ବିଥିବା ମସୃଣ ରାସ୍ତାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଥିଲା । ରାସ୍ତାର ଦୁଇପଟ ଜମିରେ କଦଳୀ, କପା, ଅମୃତ ଭଣ୍ଡାର ଚାଷ । ଆଖି ନ ପାଇଲା ଯାଏଁ ଶାଗୁଆ ଖେତ ଓ (ଗୁଜୁରାଟରେ ଜମିର ଆକାର ଓଡ଼ିଶା ଅପେକ୍ଷା ଯଥେଷ୍ଟ ବଡ଼) ଚାଷ ଜମି । ମଝିରେ ମଝିରେ ରାସ୍ତା ଦୁଇପଟେ ଛୋଟ ଛୋଟ ପାହାଡ଼ । ନାନା କଥା ଓ ଅନୁଭୂତିକୁ ନିଜ ନିଜ ଭିତରେ ବାଣ୍ଟି ହସମଜା ଭିତରେ ଗାଡ଼ି ଆଗେଇ ଚାଲୁଥିଲା । ସବୁଠୁ ଖୁସିଥିଲି ମୁଁ । ମୋତେ 'ରେବତୀ' ପାଇଁ ଲେଖିବାର ଥିଲା । ସେଥିପାଇଁ ସବୁ ଜିନିଷକୁ ଆବଶ୍ୟକ ଠୁ ଟିକେ ବେଶୀ ଧ୍ୟାନର ସହ ଦେଖୁଥିଲି । ଅଚାନକ ଡ୍ରାଇଭର୍ ଆମ ହସ ମଜାକୁ ଅଧାରୁ ଅଟକେଇ କହିଲା, ଦେଖ ଦେଖ ଦୂରରୁ ଦିଶୁଚି ଷ୍ଟାଚ୍ୟୁ ଅଫ ୟୁନିଟି । ଅନେକ ଦୂରରୁ ରାଜପଥରୁ ଦିଶୁଥିଲା ମୂର୍ତ୍ତି । ସେତେବେଳକୁ ଆମେ ପ୍ରାୟ ୮୫ କିଲୋମିଟରରୁ ବେଶୀ ଅତିକ୍ରମ କରି ସାରିଲୁଣି ନିଜ ଅଜାଣତରେ ।

ଦିନ ଦଶଟା ବାଜି ନଥିଲା । ଆମେ କିନ୍ତୁ ପହଞ୍ଚି ସାରିଥିଲୁ ଶ୍ରେଷ୍ଠ ଭାରତ ଭବନ ପାଖରେ । ଏହା ଏକ ୫୨ ରୁମ୍ ବିଶିଷ୍ଟ ତିନି ତାରକା ହୋଟେଲ୍ । ଏହା ଭିତରେ ସ୍ୱିମିଂପୁଲ୍, କନ୍‌ଫରେନ୍ସ ହଲ୍ ଏବଂ ଖାଇବାପିଇବାର ସମସ୍ତ ସୁବିଧା ଅତିଥିମାନଙ୍କ ପାଇଁ ମହଜୁଦ୍ । ପାଖକୁ ଲାଗି ୮୦୦ ଗାଡ଼ି ପାର୍କିଙ୍ଗ ପାଇଁ ବିରାଟ ଖୋଲା ଜାଗା । ଆମକୁ ଏଇଠି ଗାଡ଼ି ରଖିବାକୁ ହେଲା । ଆଗକୁ ପ୍ରାଇଭେଟ୍ ଗାଡ଼ି ଯିବା ନିଷେଧ । ପ୍ରଦୂଷଣ ମୁକ୍ତ ଜୋନ୍ କରିବାର ଏ ପ୍ରଚେଷ୍ଟା । ସେଠୁ ଷ୍ଟାଚ୍ୟୁ ଅଫ୍ ୟୁନିଟି ପାଞ୍ଚ କିଲୋମିଟର । ବସ୍‌ର ବ୍ୟବସ୍ଥା ଅଛି । ଜଣକା ପିଛା ୩୦ଟଙ୍କା ଟିକେଟ୍ । ଆପଣଙ୍କୁ ସବୁ ଜାଗା ବୁଲେଇ ଆଣି ଛାଡ଼ିବ ଏଇ ବସ୍‌ଷ୍ଟାଣ୍ଡରେ । ଆପଣଙ୍କ ଗାଡ଼ି ପାଖରେ । ସାମ୍ନାରେ ଟିକେଟ କାଉଣ୍ଟର୍ । ସେଠୁ ବସ୍, ଏଣ୍ଟ୍ରି ଆଉ ଭିଉୟିଙ୍ଗ୍ ଗ୍ୟାଲେରୀ ପାଇଁ ଟିକେଟ୍ ମିଳେ । ଆମର ଅନ୍‌ଲାଇନ୍ ଟିକେଟ୍ ହେଇ ସାରିଥିଲା । ତେଣୁ ସିଧା ଯାଇ ବସିଲୁ ବସ୍‌ରେ । ଆରାମଦାୟକ ସଫାସୁତୁରା ଏସି ବସ୍ । ଏଇଠୁ ପ୍ରତି ଦଶ ମିନିଟ୍‌ରେ ଗୋଟେ ବସ୍ । ତଥାପି ଲମ୍ବା ଲାଇନ୍ ଥାଏ । କିନ୍ତୁ ଆମକୁ ଲାଇନ୍ ଦେବାକୁ ପଡ଼ିଲାନି । ମାର୍ଚ୍ଚ ମାସ ବୋର୍ଡ଼ ପରୀକ୍ଷା ସହ ସ୍କୁଲ୍‌କଲେଜ୍ ପରୀକ୍ଷା ସମୟକୁ ୱାର୍କିଙ୍ଗ ଡେ ଥିଲା । ତେଣୁ ଭିଡ଼ କମ୍ । ବସ୍ ଛାଡ଼ିଲା ।

ଦୁଇ ପଟେ ପାହାଡ଼ । ତା ଉପରେ ସଦ୍ୟ ଲଗା ଯାଇଥିବା ଛୋଟ ଛୋଟ ଫୁଲଗଛ । ଡାହାଣ ପଟେ ସର୍ଦାରଙ୍କ ବିରାଟ ପ୍ରତିମା ଦିଶୁଥିଲା । ମନେମନେ ରୋମାଂଚିତ ହେଉଥିଲୁ ଆମେ । ଦଶ ମିନିଟ୍‌ରେ ପହଂଚିଗଲା ବସ୍ ଷ୍ଟାଚ୍ୟୁ ଅଫ୍ ୟୁନିଟ୍‌ର ଗେଟ୍ ପାଖରେ । ଖରା ଟିକେ ଟାଣ୍ ହେଲାଣି । ଦୁଇ ପାହାଡ଼ ମଝି ଉପତ୍ୟକା ଉପରେ ବିଶାଳକାୟ ସର୍ଦାରଙ୍କ ମୂର୍ତ୍ତି । ଏଇ ଉପତ୍ୟକାକୁ ମୂର୍ତ୍ତି ପାଇଁ ୭୦ ରୁ ୫୫ ମିଟର ଯାଏଁ ସମତଳ କରାଯାଇଛି । ପାହାଡ଼ ରଙ୍ଗ ସହ ମୂର୍ତ୍ତି ରଙ୍ଗ ବି ମିଶି ଯାଉଛି । ଏକ୍‌ଦମ୍ ପ୍ରାକୃତିକ । ଲାଗୁ ନଥାଏ କେହି ବନେଇଛି ବୋଲି ।  ଭିଉୟିଙ୍ଗ ଗ୍ୟାଲେରୀକୁ ଯିବାକୁ ୨ଘଣ୍ଟାର ଟାଇମ୍ ସ୍ଲଟ୍ ଦିଆଯାଏ । ନିଜ ଇଚ୍ଛା ଅନୁସାରେ ସମୟ ନେଇ ହେବ । ଆମେ ୧୨ରୁ ୨ଟା ଟାଇମ୍ ସ୍ଲଟ୍ ନେଇଥିଲୁ । ତେଣୁ ପୂର୍ବରୁ କଣ କରିବୁ ଭାବି ସେଠିକାର ଚୌକିଦାରକୁ ପଚାରିଲୁ । ସେ କହିଲା ଭିତରକୁ ଯାଅ ଅନେକ ଜିନିଷ ଅଛି

ଦେଖିବାକୁ । ଗେଟ୍‌ରୁ ଷ୍ଟାଚ୍ୟୁ ପ୍ରାୟ ଅଧ କିଲୋମିଟର । ପାଦଚଲା ରାସ୍ତା ସହ ଦୁଇ ପଟେ ଏସ୍କେଲେଟର୍ ବା ସ୍ୱୟଂଚାଳିତ ରାସ୍ତା ବି ଅଛି । ଖାଲି ତା ଉପରେ ଠିଆ ହେଇଗଲେ ପହଞ୍ଚେଇ ଦେବ ଷ୍ଟାଚ୍ୟୁ ଅଫ୍ ୟୁନିଟି ପାଖରେ । ତେଣୁ ଚାଲିବା କଷ୍ଟ ନକରି ଆମେ ଠିଆ ହେଇଗଲୁ ଚଳନ୍ତା ରାସ୍ତା ଉପରେ ।


ଷ୍ଟାଚ୍ୟୁ ଆଡ଼କୁ ଗଲାବେଳକୁ ଯାହା ପ୍ରଥମେ ଆଖିରେ ପଡ଼ିଲା ତାହା ଥିଲା ୱାଲ୍ ଅଫ୍ ୟୁନିଟି । ଭାରତର ବିଭିନ୍ନ ରାଜ୍ୟର ୧,୬୯,୦୭୮ ଗାଁରୁ କୃଷକମାନେ ଦାନ କରିଥିବା ମୁଠାଏ ମୁଠାଏ ମାଟିରେ ନିର୍ମିତ ଷ୍ଟାଚ୍ୟୁ ଅଫ୍ ୟୁନିଟି ପାଖରେ ୫୦ ଫୁଟ୍‌ରେ ୧୫ ଫୁଟ୍‌ର ବିଶାଳ ୱାଲ୍ ଅଫ୍ ୟୁନିଟି । ଯାହା କି ବିଭିନ୍ନତା ମଧ୍ୟରେ ଏକତାର କାହାଣୀ କହେ । ବିଭିନ୍ନ ଭାଷା, ଧର୍ମ, ସଂସ୍କୃତିର ଲୋକଙ୍କୁ ନେଇ ଭାରତ ଯେ ଏକ ତାହା ଏ କାନ୍ଥ ପ୍ରତିପାଦିତ କରେ । ତାପରେ ଯାହା ଆଖିରେ ପଡ଼ିଲା ତାହା ଥିଲା ଦୁଇଟି ଲେଖା । ସେ ଲେଖା ଦୁଇଟି ହେଲା : "କୁଛ୍ ହୋ ଯା ଗୌହଟି/ଅପ୍‌ନା ଦେଶ୍ ଅପନା ମାଟି" ଏବଂ "ଅଲଗ୍ ଭାଷା ଅଲଗ୍ ବେଶ୍ / ଫିର୍ ଭି ଅପ୍‌ନା ଏକ ଦେଶ୍"

ଏ ଲେଖା ଦୁଇଟିରେ କ'ଣ ଥିଲା କେଜାଣି ମନ ଭିତରେ ସ୍ୱତଃ ଜାତୀୟତାବୋଧ ଉଦ୍ରେକ ହେଲା । ଆପେ ଆପେ ମଥା ନତ ହେଲା ଲୌହପୁରୁଷଙ୍କ ଆଗରେ ।

ଭିଡ଼ କମ୍ ଥିବା ଯୋଗୁ ସମୟ ପୂର୍ବରୁ ଗେଟ୍‌ରେ ଆମକୁ ଭିତରକୁ ଛାଡ଼ିଦେଲେ । ଏସ୍କେଲେଟର୍‌ରେ ସିଧା ପହଞ୍ଚିଗଲୁ ସର୍ଦାରଙ୍କ ପାଦ ପାଖରେ । ପାଦର ବୁଢ଼ା ଆଙ୍ଗୁଠି ପାଖରେ ଆମେ ସବୁ ଲାଗୁଥିଲୁ ମଣିଷ ଗୋଡ଼ତଳ ପିଂପୁଡ଼ି ପରି ଛୋଟ । ଗାଇଡ୍‌ଙ୍କ କହିବା ଅନୁସାରେ ବୁଢ଼ା ଆଙ୍ଗୁଠିର ଉଚ୍ଚତା ୯ ଫୁଟ୍ । ସାଧାରଣ ମଣିଷର ଉଚ୍ଚତା ଛଅ ଫୁଟ୍ । ସେଥିରୁ ମୂର୍ତ୍ତିର ବିଶାଳତା ଅନୁମାନ କରି ପାରୁଥିବେ ଆପଣମାନେ । ବିଶ୍ୱର ସର୍ବବୃହତ୍ ମୂର୍ତ୍ତି ଏଇ ଭାରତରେ ଆଉ ଆମେ ତା' ତଳେ ଠିଆ ହେଇଛୁ- ବିଶ୍ୱାସ ହେଉନଥିଲେ ବି ଭାରତୀୟ ଭାବେ ଗର୍ବ ଅନୁଭବ ହେଉଥିଲା ।


ଆପାତତଃ ୭୦,୦୦୦ ଟନ୍ ସିମେଣ୍ଟ୍, ୧୮,୫୦୦ ଟନ୍ ରେନ୍‌ଫୋର୍ସମେଣ୍ଟ୍ ଷ୍ଟିଲ୍, ୬,୦୦୦ ଟନ୍ ଷ୍ଟ୍ରକ୍‌ଚରାଲ୍ ଷ୍ଟିଲ୍, ୧,୭୦୦ ଓଜନର ୮ଏମ୍ଏମ୍ ମୋଟ ବ୍ରୋଞ୍ଜ୍ ପ୍ଲେଟ୍, (ଯାହା ଚୀନରୁ ଆସିଛି) ୩୦୦୦ ଶ୍ରମିକ, ୨୫୦ ଇଂଜିନିୟରଙ୍କ ପରିଶ୍ରମ, ୨,୯୮୯ କୋଟି ଟଙ୍କାର ବ୍ୟୟରେ ଏ ବିଶାଳ ପ୍ରତିମୂର୍ତ୍ତି ନିର୍ମିତ । ସମୁଦାୟ ଉଚ୍ଚତା ୨୪୦ ମିଟର । ମୂର୍ତ୍ତିର ଉଚ୍ଚତା ୧୮୨ମିଟର (୫୯୭ଫୁଟ୍) ବେସ୍ ୫୮ ମିଟରର (ଏଇ ବେସ୍‌ରେ ମ୍ୟୁଜିୟମ୍ ଅଛି) । ଏହି ମୂର୍ତ୍ତି ବନେଇବା ପାଇଁ ସାରା ଭାରତରୁ କୃଷକମାନେ ନିଜ ଜମିରେ ବ୍ୟବହୃତ ଲୁହା ଦାନ କରିଥିଲେ । ଏଥିରୁ ୧୩୫ ମେଟ୍ରିକ୍ ଟନ୍ ସ୍କ୍ରାପ୍ ଆଇରନ୍ ମିଳିଥିଲା । ତନ୍ମଧ୍ୟରୁ ୧୦୯ ଟନ୍ ଲୁହା ପ୍ରସେସିଙ୍ଗ ପରେ ବେସ୍‌ରେ ବ୍ୟବହୃତ ହୋଇଥିଲା । ଏଥିପାଇଁ ମାରାଥନ ଦୌଡ଼ ମଧ୍ୟ ବରୋଦା ଆଉ ସୁରଟ ମଧ୍ୟରେ ଆୟୋଜନ କରାଯାଇଥିଲା । ଉଭୟ ରାଜ୍ୟ ଆଉ କେନ୍ଦ୍ର ସରକାର, ସରକାରୀ ବେସରକାରୀ ସଂସ୍ଥା ଆର୍ଥିକ ସାହାଯ୍ୟ କରିଥିଲେ ଏବଂ ଏଲ୍ଏନ୍‌ଟି ଏ କାମ ପାଇଁ ଟେଣ୍ଡର୍ ପାଇଥିଲା । ଅହମ୍ମଦାବାଦ ବିମାନ ବନ୍ଦରରେ ଥିବା ସର୍ଦାର ପଟେଲ୍‌ଙ୍କ ମୂର୍ତ୍ତି ଏବଂ ବିଧାନ ସୌଧରେ ଥିବା ଗାନ୍ଧୀଙ୍କ ମୂର୍ତ୍ତିର ଶିଳ୍ପକାର ଭାରତରତ୍ନ ରାମ ସୁତାରଙ୍କୁ ମୂର୍ତ୍ତି ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା । ଶିକ୍ଷାବିତ୍, ଇତିହାସକାର ଏବଂ ଚିତ୍ରକରଙ୍କୁ ନେଇ ଏକ ଟିମ୍ ଗଠିତ ହେଲା । ସେମାନେ ଭାରତରେ ଥିବା ସର୍ଦାରଙ୍କର ଅନେକ ମୂର୍ତ୍ତି ଏବଂ ପୋଥି ପତ୍ର ସବୁ ଅନୁଧ୍ୟାନ କରି ସର୍ଦାରଙ୍କ ସମ୍ବନ୍ଧରେ ତଥ୍ୟ ସମ୍ମିଳିତ କଲେ । ସର୍ଦାରଙ୍କ ମୁହଁର ଭାବଭଙ୍ଗୀ, ଶରୀରର ଠାଣି ଆଦି ନିଖୁଣ ଭାବରେ ପରୀକ୍ଷାନିରୀକ୍ଷା କରିବା ପରେ ୩୧୫ ଓ ୩୦ ଫୁଟ୍‌ର ତିନୋଟି ମୂର୍ତ୍ତି ଗଢ଼ାଗଲା । ଡିଜାଇନ୍ ଫାଇନାଲ୍ କରାଗଲା





ପରେ ଥ୍ରୀ-ଡି ସ୍କାନ୍‌ରେ ଶରୀରର ପ୍ରତିଟି ଅଙ୍ଗକୁ ଧ୍ୟାନ ସହକାରେ ଡିଜାଇନ୍ କରାଗଲା । ୧୮୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ବହୁଥିବା ପବନ ଏବଂ ୬.୫ ରିଚାର୍ଡ଼୍ ସ୍କେଲ୍‌ର ଭୂକଂପ ଏ ମୂର୍ତ୍ତିର କିଛି କ୍ଷତି କରି ପାରିବନି ଏବଂ ୧୦୦ ବର୍ଷ ଯାଏଁ ଏହା ଅକ୍ଷୁର୍ଣ୍ଣ ରହିବ ବୋଲି କୁହାଯାଉଛି ।

ପ୍ରାୟ ଅଧଘଣ୍ଟାଏ ମୂର୍ତ୍ତିର ପାଦ ଦେଶରେ ବିତାଇଲୁ । ମୂର୍ତ୍ତିର କାରିଗରୀ ଏତେ ନିଖୁଣ ଯେ ଲାଗୁଥିଲା ସତେକି ଏବେ ଏବେ ସର୍ଦାର ଚାଲିବାକୁ ଉଦ୍ୟତ । ଚପଲ୍ ଠୁ ନେଇ ପିନ୍ଧା ଧୋତି, କାନ୍ଧର ଚାଦର, ହାତ ଗୋଡ଼ ମୁହଁ ସବୁ ନିଖୁଣ । ଲାଗୁଥିଲା ଛୋଟବେଳେ ଦେଖିଥିବା ଇତିହାସ ବହିରୁ ଓହ୍ଲେଇ ଆସି ସର୍ଦାର ଠିଆ ହେଇଛନ୍ତି ଏଠି । ମଜାରେ ମଜାରେ ମହାନ୍ତି ଭାଉଜ କହିଲେ କିଛି ଦିନ ପରେ ଲୋକ ମୁଣ୍ଡ କ୍ଲିପ୍, କଣ୍ଟା, ପଥର ଯାହା ପାଇବେ ଆଇ ଲଭ୍ ୟୁ ଅମୁକ ଲେଖିବା ଆରମ୍ଭ କରିଦେବେ । ଯାହା ପ୍ରାୟ ସବୁ ମନ୍ୟୁମେଣ୍ଟ୍‌ରେ ହୁଏ । ପାଖକୁ ଯାଇ ଛୁଇଁ ଦେଖିଲୁ ମୂର୍ତ୍ତି ଠିଆ ହେଇଥିବା ଚଉତରା ବି ହେଭି ମେଟାଲ୍‌ର । ମୁଁ କହିଲି, ରକ୍ଷା । ସହଜରେ ଏଥିରେ ଗାର ପକେଇବା ସମ୍ଭବ ନୁହେଁ । ସେଠି ଠିଆ ହେଇ କିଛି ସମୟ ନଜର ପକେଇଲୁ ଚାରିପଟ ଦୃଶ୍ୟକୁ ।




ଏବେ ଭିଉଇଙ୍ଗ୍ ଗ୍ୟାଲେରୀକୁ ଯିବା ସମୟ । ୧୨ଟା ବାଜିବାକୁ କିଛି ସମୟ ବାକି ଥିଲା । ତେଣୁ ଓହ୍ଲେଇଲୁ ଯନ୍ତ୍ରଚାଳିତ ସିଡ଼ିରେ ।

ସର୍ଦାରଙ୍କ ମୂର୍ତ୍ତି ପାଞ୍ଚ ଭାଗରେ ବିଭକ୍ତ । ପ୍ରଥମ ତିନି ଭାଗ ସାଧାରଣ ଲୋକଙ୍କୁ ସମର୍ପିତ । ପ୍ରଥମ ଭାଗ ମ୍ୟୁଜିୟମ୍, ଦ୍ୱିତୀୟ ଭାଗରେ ଗୋଡ଼, ଯାହା ଭିତର ଦେଇ ଏକାଥରେ ୨୫ଜଣ ଲୋକଙ୍କୁ ନେବାର କ୍ଷମତା ରଖୁଥିବା ଦୁଇଟି ହାଇସ୍ପିଡ ଲିଫ୍ଟ ରହିଛି । ଏ ଲିଫ୍ଟ ୧୫୩ ମିଟର ଉପରେ ଥିବା ଭିଉଇଙ୍ଗ୍ ଗ୍ୟାଲେରୀକୁ ମାତ୍ର ୩୦ ସେକେଣ୍ଡରେ ପହଞ୍ଚେଇ ଦିଏ । ତୃତୀୟ ଭାଗ ସର୍ଦାରଙ୍କ ଛାତି ଭାଗ । ଯାହା ଭିଉଇଙ୍ଗ୍ ଗ୍ୟାଲେରୀ ନାମରେ ପରିଚିତ । ଚତୁର୍ଥ ଭାଗ ମୂର୍ତ୍ତିର ରକ୍ଷଣାବେକ୍ଷଣ ପାଇଁ ଓ ପଞ୍ଚମ ଭାଗ କାନ୍ଧରୁ ମୁଣ୍ଡ ଯାଏଁ ।

ତଳକୁ ଓହ୍ଲେଇ ଲିଫ୍ଟ ପାଖରେ ପହଞ୍ଚିଲୁ ଭିଉଇଙ୍ଗ୍ ଗ୍ୟାଲେରୀକୁ ଯିବା ପାଇଁ । ଦୁଇଟି ଗୋଡ଼ରେ ଦୁଇଟା ଲିଫ୍ଟ । ଗୋଟେ ଲିଫ୍ଟ ଏକ୍ସପ୍ରେସ୍ ୱେ ପାଇଁ । ଏଥିରେ ଲାଇନ୍ ଅପେକ୍ଷାକୃତ କମ୍ । କାରଣ ଟିକେଟ୍ ୧୦୦୦ ଟଙ୍କା । ଅନ୍ୟ ଲିଫ୍ଟରେ ୩୫୦ଟଙ୍କାର ଟିକେଟ୍ କାଟିଥିବା ଲୋକଙ୍କ ଲାଇନ ଲାଗିଛି । ଶୁଣିଥିଲି ସାଧାରଣତଃ ଉପରକୁ ଯିବା ପାଇଁ ଲାଇନ୍‌ରେ ଦୁଇ ରୁ ଚାରି ଘଣ୍ଟା ସମୟ ଲାଗେ । କିନ୍ତୁ ଆମେ ଭାଗ୍ୟବାନ ଥିଲୁ ବୋଧେ । କୌଣସି ଲାଇନ୍ ନଥିଲା । ଆମେ ସିଧା ପହଞ୍ଚିଗଲୁ ଲିଫ୍ଟରେ ଆଉ ୩୦ ସେକେଣ୍ଡ୍‌ରେ ପହଞ୍ଚିଗଲୁ ୧୫୩ ମିଟର ଉପରେ ଥିବା ଭିଉଇଙ୍ଗ୍ ଗ୍ୟାଲେରୀରେ । ଏଠି ଏକାଥରେ ୨୦୦ଲୋକ ଠିଆ ହେଇ ପାରିବେ ବୋଲି ଗାଇଡ୍ ଜଣାଇଲେ ।  ତଳୁ ସର୍ଦାରଙ୍କ କୋଟ୍‌ରେ ହାତବୁଣା ଡିଜାଇନ୍ ପରି ପ୍ରତୀୟମାନ ହେଉଥିବା ଛୋଟ ଛୋଟ କଣା ପ୍ରକୃତରେ ଲୁହାର ଝରକା ସବୁ । ଯୋଉ ବାଟ ଦେଇ ଚାରିପାଖର ପାର୍ବତୀୟ ଦୃଶ୍ୟ, ପାହାଡ଼ର କଡ଼ ଦେଇ ଲମ୍ବିଥିବା ସିଧା ଚିକ୍କଣ ପିଚୁ ରାସ୍ତା, ସର୍ଦାର ସରୋବର ଡ୍ୟାମ୍, ଭ୍ୟାଲି ଅଫ୍ ଫ୍ଲାୱାର୍ସର ମନ ମୁଗ୍ଧକର ଦୃଶ୍ୟ ହୃଦୟରେ ହିଲ୍ଲୋଳ ସୃଷ୍ଟି କରେ । ମୂର୍ତ୍ତିରେ ଲାଗିଥିବା ଲୁହାର ଗୁଣବତ୍ତା ମଧ୍ୟ ଏଠି ଦେଖିବାକୁ ମିଳେ । ଭିଡ଼ ନଥିଲା ବୋଲି ସର୍ଦାରଙ୍କ ଛାତି ଭିତରୁ ଆମେ ପ୍ରାକୃତିକ ଏବଂ ମଣିଷ ନିର୍ମିତ ଦୃଶ୍ୟକୁ ମନ ଭାରି ଉପଭୋଗ କରି ପୁନଃ ଲିଫ୍ଟ ମାଧ୍ୟମରେ ତଳକୁ ଓହ୍ଲେଇଲୁ ।

ଲିଫ୍ଟ ଆଣି ପହଞ୍ଚେଇ ଦେଲା ମ୍ୟୁଜିୟମ୍ ହଲ୍‌ରେ । ୪୬୪୭ ସ୍କୋୟାର୍ ମିଟର ବିଶିଷ୍ଟ ବିରାଟ ହଲ୍ । ସର୍ଦାରଙ୍କ ଜୀବନ, ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଯୋଗଦାନ, ମୂର୍ତ୍ତି ତିଆରି ସମୟର କଥା, ପ୍ରାନ୍ତୀୟ ରାଜ୍ୟମାନ ଭାରତରେ ବିଲୀନ ହେବାର କାହାଣୀ, ଶୂଲପାନେସ୍ୱର ବନ୍ୟ ପ୍ରାଣୀ ଉଦ୍ୟାନ, ସର୍ଦାର ସରୋବର ଡ୍ୟାମ୍, ଗୁଜୁରାଟର ଆଦିବାସୀ ମାନଙ୍କ ସଂସ୍କୃତି ଆଦିକୁ ଏଠି ଅଡ଼ିଓ ଭିଜୁଆଲ୍ ମାଧ୍ୟମରେ ସୁନ୍ଦର ଭାବରେ ବୁଝେଇ ଦିଆଯାଏ । ଦେଶ ପାଇଁ କିଛି କରିବାକୁ ଥିବା ଇଚ୍ଛାକୁ 'ଶପଥ' ରୂପେ ଏଠି ଡିଜିଟାଲ୍ ପଦ୍ଧତିରେ ଲିପିବଦ୍ଧ କରିପାରିବେ । ପ୍ରବେଶ, ପ୍ରସ୍ଥାନ ଦ୍ୱାର ସାମ୍ନାରେ ସର୍ଦାରଙ୍କ ମୁଣ୍ଡର ବିରାଟ କଳାକୃତି । ଗାଇଡ୍ ଅନୁସାରେ ପ୍ରଥମେ ଏହି ମୁହଁ ଡିଜାଇନ୍ ତିଆରି ହେଇ ସ୍ୱୀକୃତି ପାଇଲା ପରେ ଏହାର ପାଞ୍ଚ ଗୁଣ ବଡ଼ ଅବିକଳ ମୁହଁ ସର୍ଦାରଙ୍କ ମୂର୍ତ୍ତିରେ ଲାଗିଛି । ଏଡ଼େ ବିରାଟ ମୂର୍ତ୍ତିର ଏତେ ପ୍ରାକୃତିକ ନିଖୁଣ କଳାକୃତି ପାଇଁ ଶିଳ୍ପକାରଙ୍କ ପାଖରେ ସ୍ୱତଃ ମଥାନତ ହେଲା । ମ୍ୟୁଜିୟମ୍‌ରେ ପ୍ରାୟ ଦୁଇ ଘଣ୍ଟା ବିତାଇଲୁ । ବୁଲିବୁଲି ପ୍ରବଳ ଭୋକ ସାଙ୍ଗକୁ କ୍ଳାନ୍ତି ଘାରିଲାଣି ସେତେବେଳକୁ । ଅଗତ୍ୟା ମ୍ୟୁଜିୟମ ଭିତରେ ପଡ଼ିଥିବା ବେଞ୍ଚ୍‌ରେ ବସିଲୁ । ମ୍ୟୁଜିୟମ୍ ବାହାରେ ମଧ୍ୟ ଧାଡ଼ି ଧାଡ଼ି ଟେବୁଲ୍, ଚେୟାର୍‌ର ସୁନ୍ଦର ବ୍ୟବସ୍ଥା ରହିଛି । ଶୀତତାପ ନିୟନ୍ତ୍ରିତ ହଲ୍ ଭିତରେ ପରିଷ୍କାର ପରିଚ୍ଛନ୍ନ ଜଳଖିଆ ଦୋକାନମାନ ରହିଛି ।

ଆମେ ନାଇଲନ୍ ଢୋକ୍‌ଲା, ସିଙ୍ଗଡ଼ା, ଲୀଲା ତୁଏର୍ ଫଲୀ (କଞ୍ଚା ହରଡ଼ ଡାଲିର କଚୋଡ଼ି (କଚୁରି)ଖାଇଲୁ । ସ୍ୱାଦିଷ୍ଟ ଥିଲା ଖାଦ୍ୟ । ଶସ୍ତା ବି । ପ୍ଲେଟ୍ ପିଛା ୫୦ ଟଙ୍କା ଦେଖି ଆଶ୍ଚର୍ଯ୍ୟ ବି ହେଲୁ । ସାଧାରଣତଃ ଟୁରିଷ୍ଟ୍ ପ୍ଲେସ୍‌ରେ ଏସବୁ ମହଙ୍ଗା ଥାଏ । ତାପରେ ଟେଷ୍ଟି କଫି ପିଇ କିଛି ସମୟ ସେଠି ବିଶ୍ରାମ୍ କଲୁ ।

ଗେଟ୍ ପାଖରେ ଫ୍ରି ବସ୍ ଅପେକ୍ଷା କରିଥିଲା । ସେଥିରେ ବସି ଚାଲିଲୁ ଷ୍ଟାଚ୍ୟୁ ପାଖରୁ ଦିଶୁଥିବା ଭ୍ୟାଲି ଅଫ ଫ୍ଲାୱାର୍ସ ଆଡ଼କୁ । ନର୍ମଦା ନଦୀ କୂଳରେ ୨୩୦ ହେକ୍ଟର ପରିମିତ ଜମିରେ ଲାଗିଛି ପ୍ରାୟ ଶହେ ପ୍ରକାରର ଫୁଲଗଛ । ଏହା ହିଁ 'ଭ୍ୟାଲି ଅଫ୍ ଫ୍ଲାୱାର୍ସ' । ଲାଗୁଥିଲା ସତେକି ଆକାଶରୁ ଇନ୍ଦ୍ରଧନୁ ଓହ୍ଲେଇ ଆସି ଶୋଇ ପଡ଼ିଛି ଏଠି ! ଏଇଠୁ ଆପଣ ଦେଖିପାରିବେ ଗୋଟେ ପଟରେ ସର୍ଦାର ସରୋବର ଓ ଅନ୍ୟପଟେ ଷ୍ଟାଚ୍ୟୁ ଅଫ୍ ୟୁନିଟି । ପ୍ରବଳ ଖରା ଥିଲା । ଗଛ ସବୁ ଏବେ ଏବେ ଲାଗିଛି । କାମ ତଥାପି ଚାଲିଛି । ବର୍ଷେ ଦୁଇ ବର୍ଷ ପରେ ଏ ଫୁଲର ଉପତ୍ୟକା ପୃଥିବୀର ଭୂସ୍ୱର୍ଗ ପାଲଟିଯିବ । ଏଠୁ ଦିଶୁଥିଲା ହେଲିପ୍ୟାଡ୍‌ରୁ ହେଲିକପ୍ଟର ଉଠିବାର ଦୃଶ୍ୟ । ଏ ହେଲିକପ୍ଟର୍ ଯୋଗେ ୫ରୁ ୭ଜଣ ଏକାଥରେ ବସି ଦଶ ମିନିଟ୍ ଭିତରେ ଷ୍ଟାଚ୍ୟୁ ଏବଂ ଆଖପାଖ ଏରିଆକୁ ଆକାଶ ମାର୍ଗରୁ ଦେଖିହେବ । ଏଥିଇପାଇଁ ଟିକେଟ୍ ପଡ଼ିବ ଜଣକ ପିଛା ୨୯୦୦ଟଙ୍କା । ପାଖରେ ଫୁଡ଼୍ କୋର୍ଟ । କିନ୍ତୁ ଭୋକ ନଥିଲା ଆଉ । ତେଣୁ ସେଆଡ଼କୁ ନଯାଇ ଆସି ବସିଲୁ ବସ୍‌ରେ । ବସ୍ ଚାଲିଲା ସର୍ଦାର ସରୋବର ଡ୍ୟାମ୍ ଆଡ଼କୁ ।

ହଁ ସର୍ଦାର ସରୋବର ଡ୍ୟାମ୍ । ଅନେକ କଥା ଶୁଣିଛି, ପଢ଼ିଚି ବି । କେବେ ଆସିବାର ସୁଯୋଗ ଯୁଟି ନଥିଲା । ମଣିଷ ନିଜର ଜ୍ଞାନ, ପ୍ରୟାସ, ଦୃଢ଼ ନିଷ୍ଠା ଦ୍ୱାରା ପ୍ରକୃତିଦତ୍ତ ପ୍ରାକୃତିକ ସମ୍ପଦକୁ ସଦୁପଯୋଗ କରି ଜୀବନକୁ ଯେ ସୁନ୍ଦର କରିପାରିବ ଏ ହେଉଛି ତାର ଏକ ଜ୍ୱଳନ୍ତ ଉଦାହରଣ । ସର୍ଦାର ସରୋବରର ଡ୍ୟାମ୍ ପୃଥିବୀର ସର୍ବ ବୃହତ୍ ଡ୍ୟାମ୍ ମଧ୍ୟରୁ ଅନ୍ୟତମ । ଏହି ଡ୍ୟାମ୍ ରାଜସ୍ଥାନର ଜାଲୋର, ବାରମେର, ଗୁଜୁରାଟର କଛ, ସୌରାଷ୍ଟ୍ର ଭଳି ଶୁଷ୍କାଞ୍ଚଳ, ମହାରାଷ୍ଟ୍ର ଆଉ ମଧ୍ୟପ୍ରଦେଶକୁ କୃଷି ଏବଂ ପାନୀୟ ଜଳ ସହ ବିଜୁଳିଶକ୍ତି ମଧ୍ୟ ଯୋଗାଉଛି । ଡ୍ୟାମ୍ ଶୁଖିଲା ଥିଲା । ଶୁଣିଲୁ ଷ୍ଟାଚ୍ୟୁ ପାଖରେ ସିପ୍ଲେନ୍ ଓହ୍ଲେଇବାର କାମ ଚାଲିଛି । ସେଥିପାଇଁ ପାଣି ରୋକା ଯାଇଛି । ଡ୍ୟାମ୍‌ର ଆର ପାଖରେ ପାଣି, ବୋଟିଂର ସୁବିଧା ଅଛି ।

ଖୁବ୍ ଥକି ଯାଇଥିଲୁ । ତେଣୁ ସେଠି ଟିକେ ବସିପଡ଼ିଲୁ । ଘରୁ ନେଇଥିବା ବିସ୍କୁଟ୍, ଚଣା, ମିକ୍ସଚର୍ ଖାଇ ପାଖ ଦୋକାନରୁ ଚାହା ପିଇଲୁ । ତାପରେ ଆସି ବସିଲୁ ବସ୍‌ରେ । ଟେଣ୍ଟ୍ ସିଟି, ଗୋଡ଼ାବୋଲେ ଗେଟ୍ ଆଦି ଦେଖିବାକୁ । ସେଠି ଅନେକ ପ୍ରାଇଭେଟ ଗାଡ଼ି ଦେଖି ଆଶ୍ଚର୍ଯ୍ୟ ହେଲୁ । ପଚାରିଲାରୁ ଜାଣିଲୁ ଟୁରିଷ୍ଟ୍ ଗାଡ଼ିକୁ ସ୍ପେସିଆଲ୍ ପରମିଟ୍ ପରେ ଭିତରକୁ ଛଡ଼ାଯାଏ । କିନ୍ତୁ ମୋ ମତରେ ମାତ୍ର ୩୦ଟଙ୍କାରେ ଏ.ସି. ବସ୍‌ରେ ପଏଣ୍ଟ୍-ଟୁ-ପଏଣ୍ଟ୍ ଯିବାର ଏତେ ସୁନ୍ଦର ବ୍ୟବସ୍ଥା ଥାଇ ପ୍ରାଇଭେଟ୍ ଗାଡ଼ିମାନଙ୍କୁ ଭିତରକୁ ଯିବା ପାଇଁ ପରମିଟ୍ ଦେବାର କିଛି ଯଥାର୍ଥତା ନାହିଁ ।

ତାପରେ ପୁଣି ବସ୍‌ରେ ବସିଲୁ । ଏଥର ପାର୍ବତୀୟ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା । ବସ୍ ଭିତରୁ ସବୁଜିମା ଭରା ପାହାଡ଼, ପାହାଡ଼ି ରାସ୍ତା କଡ଼େ କଡ଼େ ସର୍ଦାର ସରୋବର ଡ୍ୟାମ୍‌ରୁ ବାହାରିଥିବା ନର୍ମଦା କେନାଲ୍‌ର ନୀଳ ଜଳରାଶି ଆମକୁ ରୋମାଂଚିତ କରୁଥିଲା । ବସ୍ ଭିତରେ ଥିବା ଗାଇଡ୍ (ସବୁ ବସ୍‌ରେ ଗାଇଡ୍ ଥା'ନ୍ତି ଓ ଗୋଟେ ଗୋଟେ ପଏଣ୍ଟ୍‌ର ସମ୍ୟକ ବିବରଣୀ ସହ ଜାଗାସବୁ ଦେଖାଉଥାନ୍ତି, ମାଗଣାରେ ।) ଦେଖାଇ ଦେଲେ ଗୋଡ଼ାବୋଲେ ଗେଟ୍‌କୁ । କଳ କଳ ହେଇ ବୋହି ଯାଉଥିବା ପାଣିସବୁ ଦିଶୁଥିଲା ବିଭିନ୍ନ ରଙ୍ଗରେ ।





ଡ୍ୟାମ୍‌ରୁ ଏଇ ଗେଟ୍ ଦେଇ ପାଣି ଛଡ଼ାଯାଏ ନର୍ମଦା କେନାଲ୍‌କୁ । କି ମନମୋହକ ସେ ଦୃଶ୍ୟ ! ଅବର୍ଣ୍ଣନୀୟ ! ୫ ମିନିଟ୍ ଗାଡ଼ି ରହିଲା ସେଠି । ମନ ହେଉଥିଲା ଆଉ କିଛି ସମୟ ରହିଯିବାକୁ । କିନ୍ତୁ ଗାଇଡ୍‌ର ଡାକରାରେ ଆସିବାକୁ ହେଲା । ବସିଲୁ ବସ୍‌ରେ । ନର୍ମଦା କେନାଲ୍‌ର କଡ଼େ କଡ଼େ ବସ୍ ଗଡ଼ି ଚାଲିଲା ଆଗକୁ ଆଗକୁ । ଏ କେନାଲ୍ ପୃଥିବୀର ସର୍ବବୃହତ୍ ଗଭୀର ଓ ଲମ୍ବା କେନାଲ୍ । ମାଟି ପାଣି ଶୋଷି ନନେବା ଲାଗି ପୁରା କେନାଲ୍ ସିମେଣ୍ଟରେ ତିଆରି । ଏମିତିକି ସାନନ୍ଦ ପାଖରେ ଗୋଟେ କିଲୋମିଟର ଲମ୍ବା ସୋଲାର୍ ପ୍ୟାନେଲ୍ ଲଗାଇ ସୌର ଉର୍ଜା ଦ୍ୱାରା ରାତି ଆଲୋକିତ ହେବା ସହ ପ୍ରତି ବର୍ଷ ଚାରିଲକ୍ଷ ଲିଟର ପାଣିକୁ ସୂର୍ଯ୍ୟକିରଣରୁ ବାଷ୍ପ ହେବାରୁ ବଞ୍ଚାଯାଉଛି । ୭୫୦ କିଲୋମିଟର ଦୀର୍ଘ ନର୍ମଦା କେନାଲ୍ ଯାହା ବୋହିଗଲା ବେଳେ ତା ବାଟ ଦେଇ ଆସୁଥିବା ୪୨ଟି ଶାଖା କେନାଲ ଓ ଅନେକ ନଦୀର ଜଳକୁ ନେଇ ରାଜସ୍ଥାନ, ଗୁଜୁରାଟର ଶୁଷ୍କ ଓ ଉଚ୍ଚ ଜାଗାକୁ ମଧ୍ୟ କୃଷି ଏବଂ ପାନୀୟ ଜଳ ଯୋଗାଇ ଜନଜୀବନକୁ ସହଜ ସୁଗମ କରିଛି । ଏ ଜ୍ଞାନକୌଶଳକୁ ପ୍ରଣାମ କରିବାକୁ ଇଚ୍ଛା ହୁଏ । ଭାରତରେ ଯଦି ଏମିତି କିଛି ଡ୍ୟାମ୍ ତିଆରି କରି ସବୁ ନଦୀକୁ ଯୋଡ଼ି ଦିଆଯାଏ ତେବେ ବନ୍ୟା, ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟକୁ ସହଜରେ ଏଡ଼ାଇ ହେବ, ଏଥିରେ ତିଳାର୍ଦ୍ଧେ ସନ୍ଦେହ ନାହିଁ ।

ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରି କରି ଏବଂ ନର୍ମଦା କେନାଲ୍‌କୁ ଦେଖି ଦେଖି ଆମେ ବସ୍ ଭିତରେ ଆଗେଇ ଚାଲିଥିଲୁ । ଗୋଟେ ଜାଗାରେ ବସ୍ ଅଟକେଇ ଗାଇଡ୍ ବାମ ପଟକୁ ଦେଖାଇ କହିଲା, 'ଟେଣ୍ଟ୍ ସିଟି' । ସମସ୍ତେ ଉତ୍ସାହର ସହ ଓହ୍ଲେଇ ପଡ଼ିଲେ ବସ୍‌ରୁ । ରାସ୍ତା ତଳେ କିଛି ଦୂରରେ ଥିଲା ଟେଣ୍ଟ୍ ସିଟି । ଧାଡ଼ି ଧାଡ଼ି ଟେଣ୍ଟ୍ । ପ୍ରାକୃତିକ ପରିବେଶରେ ରାତି ବିତେଇବାକୁ ଚାହୁଁଥିବା ପ୍ରକୃତିପ୍ରେମୀଙ୍କ ପାଇଁ ଏଠି ରହିବାର ସୁନ୍ଦର ବ୍ୟବସ୍ଥା । ଆଧୁନିକ ସୁଖସୁବିଧା ଥାଇ ୨୫୦ କପଡ଼ାର ତମ୍ବୁଘର । ଗୋଟେ ରାତିକୁ ୬୦୦ରୁ ୧୦୦୦ ଟଙ୍କା ପ୍ଲସ୍ ଜିଏସ୍‌ଟି । ଓଝା ବାବୁ ଓଏନ୍‌ଜିସିରେ କମ କରୁଥିବା ଯୋଗୁଁ ଓ ଅଏଲ୍ ଏକ୍ସପ୍ଲୋରେସନ୍ ଦାୟିତ୍ୱରେ ଥିବା ଯୋଗୁଁ ଆମର ବର୍ଷକୁ ଆଠ ମାସ ମାଗଣାରେ ଏହି ଭଳି ସୁଖସୁବିଧା ଯୁକ୍ତ ତମ୍ବୁଘରେ ବିତେ । ତେଣୁ ଓଏନ୍‌ଜିସିକୁ ଧନ୍ୟବାଦ ଦେଇ ବସ୍‌ରେ ବସିଲୁ । ଏହା ଆମ ପାଇଁ ସାଧାରଣ କଥା ହେଲେ ମଧ୍ୟ ସାଧାରଣ ଲୋକଙ୍କ ପାଇଁ (ଧନୀ ଲୋକ) ଏହା ଏକ ବିଳାସଯୁକ୍ତ, ଭବ୍ୟ ରହଣି ନିଶ୍ଚିତ ଭାବରେ ।

ପ୍ରାୟ ୨୧କିଲୋମିଟର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରି କରି ଶେଷରେ ବସ୍ ଆସି ପହଞ୍ଚିଲା ବସ୍ ଷ୍ଟାଣ୍ଡ୍‌ରେ । ଯୋଉଠି ଆମ ଇନୋଭା ଆମକୁ ଅପେକ୍ଷା କରିଥିଲା । ସମୟ ସେତେବେଳକୁ ଛଅଟା । ଟୁରିଷ୍ଟ୍ ଇନ୍‌ଫର୍ମେସନ୍ ସେଣ୍ଟର୍ ବନ୍ଦ ହେଇ ସାରିଥିଲା । ତେଣୁ ସେଠୁ ଆଉ କିଛି ସୂଚନା ନେବାର ଆଶା ମଉଳିଗଲା । ରାତିରେ ସର୍ଦାରଙ୍କ ଉପରେ ଲାଇଟ୍ ଶୋ ବି ହୁଏ । ବସ୍‌ଷ୍ଟାଣ୍ଡ୍‌ରୁ ଷ୍ଟାଚ୍ୟୁ ସ୍ୱଷ୍ଟ ଦିଶୁଥିଲା । ଆଉ କେବେ ଆସିଲେ ଲେଜର୍ ଶୋ ଦେଖିବୁ ଭାବି ପାଖ ଦୋକାନରୁ କିଛି ଜଳଖିଆ ଖାଇ ଗାଡ଼ିରେ ବସିଲୁ । ଡବୋଇ ରୋଡ଼ରେ ରାସ୍ତା କଡ଼ର ଏକ ପକୋଡ଼ି ଦୋକାନକୁ ଦେଖାଇ ଡ୍ରାଇଭର୍ ଗାଡ଼ି ରଖି କହିଲା, ଆଳୁ ପକୋଡ଼ି ପାଇଁ ଏ ଦୋକାନ ଖୁବ୍ ଫେମସ୍ । ପ୍ରତିଦିନ ଦୁଇ ସହ କିଲୋ ବେସନର ପକୋଡ଼ି ଏଠି ସରିଯାଏ । ଆମେ ଦେଖିଲୁ ଦୋକାନ ବୋଲି କିଛି ନାହିଁ । ରାସ୍ତାକଡ଼ରେ ବିରାଟ କଡ଼େଇ ରଖି ପକୁଡ଼ି ଛଣା ହେଉଛି । ଆଉ କିଛିଟା ଚେୟାର ଟେବୁଲ ପଡ଼ିଛି । ଟେଷ୍ଟ୍ କରିବା ପାଇଁ କିଛି ପକୁଡ଼ି କିଣିଲୁ । ସତରେ ସ୍ୱାଦିଷ୍ଟ ଥିଲା । ଷ୍ଟାଚ୍ୟୁର ପ୍ରଶଂସା, ଗୁଜୁରାଟ ଲୋକଙ୍କ ଉଚ୍ଚ ଚିନ୍ତାଧାରା, ଦୂରଦୃଷ୍ଟି, ଓଏନ୍‌ଜିସି ଯୋଗୁ ଆମକୁ ଟେଣ୍ଟ୍‌ରେ ରହିବାକୁ ମିଳିଥିବା ଭାଗ୍ୟ ଏବଂ ଭାରତରେ ଅନେକ ଜାଗାରେ ରହିବାକୁ ମିଳୁଥିବା ସୌଭାଗ୍ୟ ଆଦି ଅନେକ କଥା ହେଇ ହେଇ ଆସି ବରୋଦାରେ ପହଂଚିଲା ବେଳକୁ ରାତି ଆଠଟା ।

ପ୍ରକୃତରେ, ସମସ୍ତ ଭାରତବାସୀ ଥରେ ଷ୍ଟାଚ୍ୟୁ ଅଫ୍ ୟୁନିଟ୍ ଦେଖିବା କଥା । ଚିତ୍ରଶିଳ୍ପୀଙ୍କ ନିଖୁଣ କଳାଶୈଳୀ, ଇଞ୍ଜିନିୟରଙ୍କ ଜ୍ଞାନକୌଶଳ, ଶ୍ରମିକଙ୍କ ପରିଶ୍ରମ ସବୁର ଏକ ଅପୂର୍ବ ମିଶ୍ରଣ : ଷ୍ଟାଚ୍ୟୁ ଅଫ୍ ୟୁନିଟ୍ । ଏଠାକୁ ଯିବା ପାଇଁ ଯଦିଓ ରେଳ ଓ ବିମାନ ବନ୍ଦରର ଯୋଜନା ଅଛି, ବର୍ତ୍ତମାନ କିନ୍ତୁ ବରୋଦା ହିଁ ଏହାର ପ୍ରବେଶ ଦ୍ୱାର । ଦେଶର ସବୁ ପ୍ରାନ୍ତରୁ ବରୋଦାକୁ ସଡ଼କ ପଥ, ରେଳପଥ ଓ ଆକାଶମାର୍ଗରେ ଆସିବାର ସୁବିଧା ଅଛି । ବରୋଦାରେ ଥରେ ପହଂଚିଗଲେ ଷ୍ଟାଚ୍ୟୁ ପାଇଁ ଟ୍ୟାକ୍ସି ଥୁଆ । କଣ ଥରେ ଆସିବେ ନା !!




ଚିତ୍ର : ସଂଜୟ କୁମାର ରାଉଳ

# ॥ ୫ ॥
# ସାପ ଓ ରାଜାଝିଅ



**ଡକ୍ଟର ବିବୁଧରଂଜନ**
ତଳମାଳି ସାହି, ପୁରୀ
ଫୋନ : ୯୯୩୭୬୪୯୮୯୪

ସକାଳ ହେବା ମାତ୍ରକେ କାଉ ବାପା, ମା ଆସି ପହଞ୍ଚିଗଲେ ବିଲୁଆ ପାଖରେ । ବିଲୁଆ ମଧ ସେମାନଙ୍କ ବାଟକୁ ଅନାଇ ବସିଥିଲା । ଦୁଷ୍ଟ ସାପକୁ କିପରି ମରାଯାଇ ପାରିବ ତାର ଉପାୟ ବିଲୁଆ କାଉ ଦୁହିଁଙ୍କୁ ବତାଇଦେଲା । ବିଲୁଆ ଠାରୁ ସବୁକିଛି ମନ୍ତ୍ରଣା ନେଇ କାଉ ଦୁହେଁ ଉଡ଼ି ଚାଲିଲେ ରାଜାଙ୍କ ଉଆସ ଆଡ଼େ । ରାଜାଙ୍କ ଘର କାନ୍ଥ ପାଚେରୀ ଉପରେ କାଉ ଦୁହେଁ ବସି ରହି ଅପେକ୍ଷା କଲେ ରାଜା ଝିଅର ଆସିବା ବାଟକୁ । ରାଜ ଉଆସ ଭିତରେ ଥାଏ ବଡ଼ ଏକ ପୋଖରୀ । ସେହି ପୋଖରୀକୁ ସବୁଦିନେ ରାଜାଝିଅ ତାର ସାଥୀ ସହଚର ମାନଙ୍କ ସହ ଗାଧୋଇବାକୁ ଆସିଥାଏ ।



ଚିତ୍ର : ସଂଜୟ କୁମାର ରାଉଳ

କିଛି ସମୟର ଅପେକ୍ଷା ପରେ ରାଜାଝିଅ ସବୁଦିନ ପରି ସେଦିନ ବି ପୋଖରୀକୁ ଗାଧୋଇବାକୁ ଆସିଲା । ସାଙ୍ଗରେ ତାର ସାଥୀ ସହଚର । ପୋଖରୀ ଭିତରକୁ ପଶିବା ପୂର୍ବରୁ ରାଜାଝିଅ ତା ଦେହରେ ପିନ୍ଧିଥିବା ସମସ୍ତ ସୁନା ଗହଣା ଓହ୍ଲାଇ ପୋଖରୀ କୂଳରେ ରଖିଦେଲା । ବେକରେ ପିନ୍ଧିଥିବା ସବୁଠାରୁ ଦୁର୍ମୂଲ୍ୟ ମୋତିହାରକୁ ମଧ କାଢ଼ି କୂଳରେ ରଖିଦେଲା । ଦୁଇ କାଉ ଠିକ୍ ଏହି ମୁହୂର୍ତ୍ତକୁ ଅପେକ୍ଷା କରି ରହିଥିଲେ । ପାଣି ଭିତରେ ପଶି ଯେତେବେଳେ ରଜାଝିଅ ତାର ସାଙ୍ଗସାଥୀଙ୍କ ସହ ଆନନ୍ଦରେ ଗାଧୋଇବାର ମଜା ନେଉଥାଏ ଠିକ୍ ଏତିକିବେଳେ କାଉ ଦୁଇଟି ଆସି ରଜାଝିଅର ସୁନା ଗହଣା, ବିଶେଷକରି ମୋତିହାରଟି ଥଣ୍ଟରେ ଉଠାଇ ନେଇ ଉଡ଼ିବାକୁ ଲାଗିଲେ । ରଜାଝିଅର ହଠାତ୍ ଦୃଷ୍ଟି ପଡ଼ିଗଲା । ସମସ୍ତେ ଜୋରରେ ପାଟି କରିବାକୁ ଲାଗିଲେ । ପୋଖରୀ କୂଳରୁ ରଜାଝିଅର ଚିତ୍କାର ଶୁଣି କାଳେ କ'ଣ ଅଘଟଣ ଘଟିଲା ଭାବି ରଜାଘର ସିପାହୀ ଦଳ ଦଳ ହୋଇ ମାଡ଼ି ଆସିଲେ । ରଜାଝିଅ ସେମାନଙ୍କୁ ତାର ମୋତିହାର କାଉ ଥଣ୍ଟରେ ନେଇ ଯିବାର କଥା କହିଲା । ସିପାହୀମାନେ ଦେଖିଲେ ସତକୁ ସତ ଆକାଶରେ – ସେମାନଙ୍କ ମୁଣ୍ଡ ଉପରେ ଦୁଇଟି କାଉ ଗହଣାମାନ ଧରି ଚକ୍କର କାଟୁଛନ୍ତି । କାଉ ଦୁଇଟିକୁ ଧରିବା ପାଇଁ ସିପାହୀମାନେ ମାଟି ଉପରେ ତାଙ୍କ ପଛେ ପଛେ ଗୋଡ଼ାଇବାକୁ ଲାଗିଲେ । ଉପରେ କାଉ ତଳେ ସିପାହୀ । ବିଲୁଆ ବତାଇଥିବା ବୁଦ୍ଧି ଅନୁସାରେ କାଉ ଦୁହେଁ ଅବିକଳ କାର୍ଯ୍ୟ କରୁଥାଆନ୍ତି ।


କାଉ ଦୁହେଁ ଉଡ଼ି ଉଡ଼ି ଯାଇ ସାପ ରହୁଥିବା କୋରଡ଼ ଭିତରେ ମୋତିହାର ଏବଂ ଅନ୍ୟାନ୍ୟ ସୁନାଗହଣା ସବୁକୁ ପକାଇ ଦେଇ ପାଖରେ ଥିବା ଏକ ଗଛଡାଳରେ ବସି ରହିଲେ । ସିପାହୀମାନେ ତଳୁ ରହି ଏସବୁକୁ ନିରୀକ୍ଷଣ କରୁଥାଆନ୍ତି । ସେମାନେ ଚଟାପଟ ସେହି ଗଛ ଉପରକୁ ଚଢ଼ିଗଲେ । ଗଛ ଉପରେ ଚଢ଼ି ଯେମିତି ସେହି କୋରଡ଼ ଭିତରକୁ ଚାହାନ୍ତି ଦେଖିଲେ କୋରଡ଼ ଭିତରେ କଳା ସାପଟିଏ ଚକା କାଟି ଶୋଇଛି ଏବଂ ସାପ ଉପରେ ରଜାଝିଅର ହାରଟି ପଡ଼ିଛି । ପିଲେ, ଜାଣିଲ ତ ? ସେହି କଳାସାପଟି ହେଉଛି ସେହି ଦୁଷ୍ଟ ସାପ ଯିଏ କାଉ ଦୁହିଁଙ୍କର ଛୁଆ ଅଣ୍ଡାକୁ ସବୁବେଳେ ମାରି ଖାଇ ଦେଉଥିଲା । ଯାହା ପାଇଁ ବାପା ମା କାଉ ଦୁହେଁ ସବୁବେଳେ ମନ ଦୁଃଖରେ ରହୁଥିଲେ । ଚିନ୍ତିତ ଥିଲେ ।

ସିପାହୀ ଦୁଇଜଣ ଦୁଷ୍ଟ ସାପକୁ ଦେଖିବା କ୍ଷଣି ସାପ ଫଣା ଟେକି ଫଁ ଫଁ ଗର୍ଜନ କଲା । ହେଲେ ସିପାହୀ ଖଣ୍ଡାରେ ଦୁଷ୍ଟ ସାପର ମୁଣ୍ଡ ଗଣ୍ଡି ଅଲଗା କରିଦେଲେ । ରଜାଝିଅର ମୋତିହାର ଆଣି ରଜାଝିଅକୁ ଦେଇଦେଲେ । ସେହିଦିନଠାରୁ ଦୁଇ କାଉ ସେମାନଙ୍କର ଛୁଆ ପିଲାଙ୍କୁ ନେଇ ଖୁସିରେ ରହିଲେ । ସାପ ମରିଯିବା ପରେ କାଉ ଦୁହେଁ ବିଲୁଆ ପାଖକୁ ଯାଇ କହିଲେ – ଆମର ସତରେ ବଡ଼ ସୌଭାଗ୍ୟ ଆମେ ତୁମ ପରି ବୁଦ୍ଧିମାନ ବନ୍ଧୁ ପାଇଛୁ ।

ଗପ ଶେଷକରି ଦମନକ କହିଲା – ବନ୍ଧୁ କରଟକ, ମୁଁ ତେଣୁ କୁହେଁ ଯେ ଯାହା ପାଖରେ ବୁଦ୍ଧି ଅଛି ସେ ହିଁ ପ୍ରକୃତରେ ବଳବାନ୍ । ତେଣୁ ସିଂହ ପିଙ୍ଗଳକ ଏବଂ ବଳଦ ସଂଜୀବକ ଭିତରେ ମନ ଫଟାଫଟି କରିଦେବା ପାଇଁ ମୋତେ ଆଦୌ ବେଶୀ ସମୟ ଲାଗିବ ନାହିଁ । ସିଂହ ଯେତେ ଶକ୍ତିଶାଳୀ ହୋଇ ଥାଉ ପଛକେ ତାକୁ ତ ପୁଣି ଗୋଟିଏ ଛୋଟିଆ ଠେକୁଆ ମାରିଦେଇ ପାରିଥିଲା । କରଟକ ପଚାରିଲା – କେମିତି ?

ଦମନକ କହିଲା – ତା ହେଲେ ଶୁଣୁ ସିଂହ ଓ ଚତୁର ଠେକୁଆ କଥା ।

# ପ୍ରତାପଗଡ଼ର ପରିଭାଷା



# ପ୍ରତାପଗଡ଼ରେ ଦିନେ




**ଡକ୍ଟର ଶିରୀଶ ଚନ୍ଦ୍ର ଜେନା**

ଚୂନଭାଟି କଲୋନୀ, ଗୋପାଳଗାଁ
ବାଲେଶ୍ୱର-୭୫୬୦୦୧
ଫୋନ : ୯୪୩୭୯୭୩୫୧୯


ଫଟୋ ସୌଜନ୍ୟ : ଲେଖକ ଓ ଗୁଗୁଲ୍



ଜୀବନ ଜିଉଁଥିବା ପ୍ରତ୍ୟେକ ମଣିଷର କିଛି କିଛି ନୂଆ କଥା ଜାଣିବା ପାଇଁ ଯେପରି ସହଜାତ ଆସ୍ପୃହା ଥାଏ, ସେହିପରି ନୂଆ  ଜାଗା, ନୂତନ ଦେଶ, ନବହର୍ମ୍ୟ ଏପରିକି ନୂଆ ନୂଆ ପ୍ରାକୃତିକ ପରିବେଶରେ ବିଚରଣ କରିବା ପାଇଁ ତା' ମନ ଭିତରେ ଥାଏ ଏକ ସୁପ୍ତ ପ୍ରବୃତ୍ତି । ଆମ ପୃଥିବୀ ଆମ ପାଇଁ ଏକ ବିରାଟ ପରିବେଷ୍ଟନୀ ତିଆରି କରିଛି । ଆଉ ସେହି ପରିବେଷ୍ଟନୀରେ ଅତୀତରୁ ଲୁପ୍ତ ହୋଇ ଆସୁଥିବା କେତେ ସଂସ୍କୃତି, କେତେ ଇତିହାସ ଏବଂ କେତେ କେତେ ଅତ୍ୟାଚାରର କାହଣୀ ସବୁ ସଭ୍ୟ ମଣିଷକୁ ଯେପରି ଚକିତ କରେ ସେହିପରି ଆମ ପୂର୍ବଜଙ୍କର ଦାମ୍ଭିକତା, ସ୍ୱାଭିମାନ ଓ ବୀରତ୍ୱର କାହାଣୀ ରୋମାଞ୍ଚିତ କରିଥାଏ । ସମଗ୍ର ଜୀବନ କାଳ ଭିତରେ ସଂସାରର ବହୁ ଅଜଣାକୁ ଜାଣିବା ଏକ ଅସମ୍ଭବ ବ୍ୟାପାର । ଏଣୁ ଆମେମାନେ ବିଭିନ୍ନ ସାହିତ୍ୟ, ଶାସ୍ତ୍ର ଏବଂ ବ୍ୟାଖ୍ୟା ଜରିଆରେ ଆମ ଜ୍ଞାନ ଓ ଚେତନାକୁ ସଂପ୍ରସାରିତ କରୁ । ଆମମାନଙ୍କ ଜୀବନରେ ଏହା କ୍ରାନ୍ତି ଆଣେ, ଉତ୍‌କ୍ରାନ୍ତି ମଧ୍ୟ ଆଣିଥାଏ ।

ପ୍ରତ୍ୟେକ ଆମମାନଙ୍କର ଜନ୍ମଦିନ ଠୁଁ ଏକ ନିର୍ଦ୍ଦିଷ୍ଟ ସଂସ୍କୃତି, ସାହିତ୍ୟ ଓ ଇତିହାସରେ ବାନ୍ଧି ହୋଇଥାଉଁ । ଯେତେ ଯେତେ ବଡ଼ ହେଉ ସେତେ ସେତେ ନାନା ଧାରଣାଗୁଡ଼ିକ ପରୀକ୍ଷିତ ହୁଅନ୍ତି, ବହୁତ ସମୟରେ ଜୀବନ ଯାତ୍ରା ମଧ୍ୟ ରୂପାନ୍ତରିତ ହୋଇ ଯାଉଥାଏ । ଏହି ରୂପାନ୍ତରୀକରଣ ପାଇଁ ଅମେମାନେ ବହୁ ଭୂମିକୁ ଗମନ କରୁ, ତା'ର କଳା,ଐଶ୍ୱର୍ଯ୍ୟ, କାରିଗରୀ, ଯୁଦ୍ଧ-ବିଭୀଷିକାର ଚିତ୍ର ଏବଂ ସର୍ବୋପରି ଇତିହାସ ଓ ସଂସ୍କୃତିକୁ ମାପିମାପି ଚାଲିଥାଉ । ଏହାଦ୍ୱାରା ଆମ ଭିତରେ ଥିବା ପାରମ୍ପରିକ ଧାରଣାଗୁଡ଼ିକ ଜାଗୃତ ହୁଏ ଏବଂ ମଣିଷ ଅଧିକ ସୃଜନଶୀଳ ହୋଇପାରେ । ଜଣେ ବିଶିଷ୍ଟ ଦାର୍ଶନିକ ଓ ଚିନ୍ତାବିଦ୍ ରାଇମଣ୍ଡ ପାନିକ୍‌କର ଆମକୁ  diatopial hermeneutics ସମ୍ବନ୍ଧରେ କହିଛନ୍ତି । ତାଙ୍କ ଅନୁଭବରେ ମନୁଷ୍ୟ ମାତ୍ରକେ ଦୁଇଟି ପାଦ ରହିଛି । ଗୋଟିଏ ପାଦ ସେ ରଖିଥାଏ ନିଜ ଜନ୍ମ ମାଟିରେ; ଆଉ ଗୋଟିଏ ପାଦ ଭ୍ରମୁଥାଏ ବିଭିନ୍ନ ଦାର୍ଶନୀୟ ସ୍ଥାନରେ । ଏହି ଦର୍ଶନୀୟ ସ୍ଥାନ ଗୁଡ଼ିକର ଏକ ପ୍ରକାର ଆହ୍ୱାନ ଥାଏ, ଚିତ୍ତକୁ ଦୋହଲାଇ ଦେଇ ଦ୍ରବୀଭୂତ କରିଦେବାର ଶକ୍ତି ଥାଏ । ଆମେ ଯେତେବେଳେ ଜୀବନ ଯାତ୍ରାରେ ବାହାରିଛୁ, ସେହି ଅପରିଚିତ ସ୍ଥାନ ଆମକୁ ଆଲିଙ୍ଗନ କରିବାକୁ ଅପେକ୍ଷା କରିଥାଏ । ପରିଚିତ ଭୂମି ଅର୍ଥାତ୍ ନିଜ ଭୂମି ଆଉ ଅପରିଚିତ ଭୂମି ଅର୍ଥାତ୍ ଦର୍ଶନୀୟ ସ୍ଥାନ ଏହି ଦୁଇ ମଧ୍ୟରେ କେତେ କେତେ ନିରବ ସଂଳାପ ଘଟେ ଏବଂ ହୃଦୟ ସମୁଦ୍ରରେ ଅପୂର୍ବ ଜୁଆର ବି ଆସିଥାଏ । ଏହା ଆମକୁ ଆହୁରି ଚଳମାନ, ବେଗବାନ କରାଏ ଏବଂ ସୃଜନର ଏକ ସ୍ୱଚ୍ଛ ଧାରା ତିଆରି କରିଦିଏ ।



ଭେବର୍ତ୍ତ
ଆମ ମାଟିର ସ୍ୱର

ପାଠକେ ଭାବୁଥିବେ 'ପ୍ରତାପଗଡ଼' ଶୀର୍ଷକର ଲେଖାଟି ପାଇଁ ଏସବୁ ଉପକ୍ରମଣିକାର ଆବଶ୍ୟକତା କଣ ? ହଁ, ମୁଁ ଭାବୁଛି ପ୍ରତ୍ୟେକ ପାଠକ ଏକ ଦିବ୍ୟ ସୃଜନ ଶକ୍ତିର ଅଧିକାରୀ । ଯେଉଁ 'ପ୍ରତାପଗଡ଼'ର କଥା ମୁଁ ତାଙ୍କ ପାଖରେ ରଖିବି, ସେଠି ଆମର ଅର୍ଥାତ୍ ଆମ ଭାରତୀୟଙ୍କର ଏପରି ଏକ ଶୌର୍ଯ୍ୟ ଓ ବୀରତ୍ୱ ଥିଲା ଯେ ତାହା ସାଂପ୍ରତିକ ଭାରତୀୟଙ୍କର ସ୍ଥାଣୁତାକୁ କିୟତ୍‌କ୍ଷଣ ପାଇଁ ବଜ୍ରସମ ନୀପତିତ ହୋଇ ସମୟ ସ୍ରୋତରେ ବିଲୀନ କରିଦେବ । ଆଉ ତା' ବଦଳରେ ତାଙ୍କ ହୃଦୟର ପ୍ରତ୍ୟେକ ତନ୍ତ୍ରୀରେ ଏକ ଅପୂର୍ବ ଉନ୍ମାଦନା ଖେଳାଇ ଦେବ ।

## ପ୍ରତାପଗଡ଼ର ପଞ୍ଚକଥା

ସପ୍ତଦଶ ଶତାବ୍ଦୀର ମଧ୍ୟଭାଗ ପରେ ଶିବାଜୀଙ୍କ ନିର୍ମିତ ଏକ ଅରଣ୍ୟ ଦୁର୍ଗ । ବର୍ତ୍ତମାନ ମହାରାଷ୍ଟ୍ର ରାଜ୍ୟରେ ଥିବା 'ମହାବଳେଶ୍ୱର' ପର୍ଯ୍ୟଟନସ୍ଥଳୀ ନିକଟସ୍ଥ ଏକ ଜଙ୍ଗଲ ଦୁର୍ଗ । ପାଠକମାନେ ଅବଗତ ଅଛନ୍ତି ଯେ ଆମ ଭାରତବର୍ଷର ଯେତେ ଯେତେ ପାର୍ବତ୍ୟ ପର୍ଯ୍ୟଟନସ୍ଥଳୀ ଅଛି, ତା' ମଧ୍ୟରେ ମହାବଳେଶ୍ୱର ଅନ୍ୟତମ । ଏଠାକୁ ଯିବାକୁ ହେଲେ 'ପୁଣେ'ରୁ ବାହାରିବାକୁ



ପଡ଼େ ଅଥବା ବମ୍ବେ ବା ରାୟଗଡ଼ରୁ ବାହାରିବାକୁ ହୋଇଥାଏ । 'ପୁଣେ'ରୁ ଏହାର ଦୂରତା ୧୨୫ କି.ମି. । ଏହି ପାର୍ବତ୍ୟ ଅଞ୍ଚଳଟି 'ସତାର' ଜିଲ୍ଲାରେ ଅବସ୍ଥିତ ।

୧୬୪୪ ମସିହାରେ ଶିବାଜୀଙ୍କ ଗୁରୁ ସମର୍ଥ ରାମଦାସ ଏହି ପାର୍ବତ୍ୟାଞ୍ଚଳରେ ଏକ ହନୁମାନ ମନ୍ଦିର ନିର୍ମାଣ କରିଥିଲେ । ୧୬୫୬ ଖ୍ରୀ.ରେ ଶିବାଜୀ ମହାରାଜ ଏହି ପର୍ବତର ଏକ ଉପତ୍ୟକା 'ଜାଭାଲି'କୁ ଚନ୍ଦ୍ରରାଓ ମୋରେଙ୍କ ଠାରୁ କରଗତ କରିଥିଲେ ।

୧୭୯୧ ଖ୍ରୀ.ରେ ସବାଇ ମାଧବରାଓ ପେଶ୍ୱା ମହାବଳେଶ୍ୱରକୁ ଆସିଥିଲେ । ତାଙ୍କ ସାଙ୍ଗରେ ଥିଲେ ଦୁଇଜଣ ବ୍ରିଟିଶ୍ ଅଫିସର, ସେମାନେ ହେଲେ ଚାର୍ଲସ୍ ମେଲେଟ୍ ଏବଂ ମି: ପ୍ରାଇସ୍ । ମି: ମେଲେଟ୍ ଏହି ପାର୍ବତ୍ୟ କ୍ଷେତ୍ରରେ ସୈନ୍ୟବାହିନୀଙ୍କ ପାଇଁ ଏକ ତାଲିମ କେନ୍ଦ୍ର ପ୍ରତିଷ୍ଠା କଲେ ।

୧୮୨୪ ମସିହା ବେଳକୁ ଏଠାରେ ଥିବା କୋଙ୍କଣ କ୍ଷେତ୍ରକୁ ଜେନେରାଲ୍ ପି.ଲଜ୍‌ୱିକ୍ (P.Lodgwik)ଙ୍କ ଆଗମନ ହେଲା । ତାଙ୍କରି ନାମାନୁସାରେ ମହାବଳେଶ୍ୱରର ଗୋଟିଏ ସ୍ଥାନର ନାମ ଲଜ୍‌ୱିକ୍ ପଏଣ୍ଟ ଦିଆଗଲା ।

୧୮୨୭ ମସିହାରେ ଗଭର୍ଣ୍ଣର୍ ସାର୍ ଜନ୍ ମାଲ୍‌କମ୍ ମହାବଳେଶ୍ୱରକୁ ଆସି ଏକ ଛୋଟ ହସ୍‌ପିଟାଲ୍‌ର ଭିତ୍ତି ସ୍ଥାପନ କଲେ । ସତାର୍ ମହାରାଜଙ୍କ ଠାରୁ ଏହି ସ୍ଥାନଟିକୁ ପାଇବା ପାଇଁ 'ଖଣ୍ଡାଲା' ଓ 'ସିରିଓ୍ୱାଲ୍' ଦୁଇଟି ଗ୍ରାମ ଦାନ କଲେ । ସେ ଏଠାରେ ଯେଉଁ ଗୃହ ନିର୍ମାଣ କରିଥିଲେ ତାହା ଏ ଯାବତ୍ ଅଛି । ମହାବଳେଶ୍ୱରର ବଜାରର ନାମ 'ମାଲ୍‌କମ୍ ପୀଠ' ରୂପେ ଏବେ ବିଦିତ ।

୧୮୬୭ ମସିହାରେ ମହାବଳେଶ୍ୱରରେ ସ୍ଥାପିତ ହେଲା 'ମହାବଳେଶ୍ୱର ଗିରିସ୍ଥାନ ମ୍ୟୁନିସିପାଲିଟି' । ୧୮୯୯ ମସିହାରେ ସତାର୍‌ର ମହାରାଜ ପ୍ରତାପସିଂହ ମହାବଳେଶ୍ୱର ଓ ପଞ୍ଚଗନି କ୍ଷେତ୍ରକୁ ବ୍ରିଟିଶ୍ ସରକାରଙ୍କୁ ହସ୍ତାନ୍ତରିତ କରିଥିଲେ ।

୧୯୪୬ ମସିହାରେ ମହାତ୍ମା ଗାନ୍ଧି କିଛି ସମୟ ପାଇଁ ମହାବଳେଶ୍ୱରକୁ ଆସି ବିଶ୍ରାମ ଗ୍ରହଣ କରିଥିଲେ । ସ୍ୱାଧୀନତା ପରେ ଏହି ଗିରିକ୍ଷେତ୍ରଟିର ଅଭୂତପୂର୍ବ ପରିବର୍ତ୍ତନ ହେଲା । ଏହି ଗିରି ଅଞ୍ଚଳରେ ଯେଉଁ ଯେଉଁ ସ୍ଥାନଗୁଡ଼ିକ ଅଛି, ସେଗୁଡ଼ିକ ହେଲା ଉଇଲ୍‌ସନ୍ ପଏଣ୍ଟ, ଲିଙ୍ଗମାଲା ଜଳପ୍ରପାତ, କେଟ୍‌ସ୍ ପଏଣ୍ଟ, ନିଡ଼ିଲ୍ ହୋଲ୍, ଇକୋ ପଏଣ୍ଟ, ପ୍ରତାପ ସିଂହ ଗାଡ଼େନ୍, ଭେନା ହ୍ରଦ, କେନ୍‌ଆଉଟ୍ ପଏଣ୍ଟ, ଆର୍ଥର୍ ସିଟ୍ ପଏଣ୍ଟ, ଉଇଣ୍ଡୋ ପଏଣ୍ଟ, ଟାଇଗର୍ ସ୍ପ୍ରିଂ, କେସଲ୍ ପଏଣ୍ଟ, ସାବିତ୍ରୀ ପଏଣ୍ଟ, ମାର୍‌ଜୋରି ପଏଣ୍ଟ, ଏଲିଫିସ୍‌ଟନ୍ ପଏଣ୍ଟ, ହଣ୍ଟର୍ ପଏଣ୍ଟ, ଧୋବି ଜଳପ୍ରପାତ, ଲଜ୍‌ୱିକ୍ ପଏଣ୍ଟ, ଏଲିଫେଣ୍ଟା ପଏଣ୍ଟ, ସନ୍‌ସେଟ୍ ପଏଣ୍ଟ, ଫାକ୍‌ଲେଣ୍ଡ ପଏଣ୍ଟ, ଚିନାମନ୍ ଜଳପ୍ରପାତ, ଓ୍ୱାକ୍ସ ମ୍ୟୁଜିୟମ୍ ଇତ୍ୟାଦି ।

ଏହିସବୁ ସ୍ଥାନ ଆମେ ପ୍ରଥମ ଦିନ ବୁଲି ସାରିଲା ପରେ ପ୍ରତାପଗଡ଼ ଦୁର୍ଗ ଦେଖିବାକୁ ଗଲୁ । ପ୍ରତାପଗଡ଼ର ପାଦଦେଶରେ ପହଞ୍ଚୁ ପହଞ୍ଚୁ ଜନୈକ ପଥ ପ୍ରଦର୍ଶକ ବା ଗାଇଡ୍‌ଙ୍କ ସହିତ ସାକ୍ଷାତ ହେଲା । ସରକାରୀ ଅଫିସ୍‌ରେ ୩୦୦ଟଙ୍କା ଜମା କରି ସେହି ଗାଇଡ୍‌ଙ୍କୁ ସାଥିରେ ଧରି ଆମେ ପାହାଚ ଚଢ଼ିଲୁ । ଆମର ଗାଇଡ୍ ଆମକୁ ବୁଝାଇ ଚାଲିଥିଲେ ଶିବାଜୀ ମହାରାଜଙ୍କର ଏହି ଅରଣ୍ୟ ଦୁର୍ଗ ସଂପର୍କରେ । ଶିବାଜୀ ତାଙ୍କ ଜୀବନ କାଳରେ (ମାତ୍ର ପଚାଶ ବର୍ଷ ବଞ୍ଚିଥିଲେ) ପ୍ରାୟତଃ ୩୦୦ ଦୁର୍ଗର ଅଧିପତି ହୋଇଥିଲେ । ସେ ତିଆରି କରିଥିଲେ ସ୍ଥଳ ଦୁର୍ଗ, ପାହାଡ଼ ଦୁର୍ଗ ଏବଂ ଜଳ ଦୁର୍ଗ । ଏସବୁ ଅନ୍ତେ ସେ ନିର୍ମାଣ କଲେ ଅରଣ୍ୟ ଦୁର୍ଗ । ଏହି 'ପ୍ରତାପଗଡ଼' ଅରଣ୍ୟ ଦୁର୍ଗଟି ଚତୁର୍ଦ୍ଦିଗରୁ ଘଞ୍ଚ ଜଙ୍ଗଲରେ ଆଚ୍ଛାଦିତ ଥିଲା । ବିସ୍ତୃତ ସୀମା ଯାଏଁ ଚାରିଆଡ଼େ କଣ୍ଟାଗଛ ବୁଦା ସଦୃଶ ଆକାଶକୁ ମୁଣ୍ଡ ଟେକିଥିଲେ । ସରୀସୃପଙ୍କର ଭୟଙ୍କର ଆତଯାତ ଥିଲା । ମୋରେ ସାମ୍ରାଜ୍ୟର ଏହି ଜାଭାଲି ଇଷ୍ଟେଟ୍‌ଟି ଜଙ୍ଗଲୀ ହିଂସ୍ର ପଶୁ ତଥା ସରୀସୃପଙ୍କର ସ୍ୱର୍ଗପୁରୀ ଥିଲା ବୋଲି କହିଲେ ଭୁଲ ହେବ ନାହିଁ । 'ଜାଭାଲି'କୁ ନିଜ ସାମ୍ରାଜ୍ୟଭୁକ୍ତ କରିବା ପାଇଁ ଶିବାଜୀ ଗରିଲା ଯୁଦ୍ଧ ଆରମ୍ଭ କରିଥିଲେ ଏବଂ ବିଜୟ ଲାଭ କରିଥିଲେ । ଶିବାଜୀ ସହ୍ୟାଦ୍ରି ପର୍ବତମାଳରୁ କୋଙ୍କଣ ଅଞ୍ଚଳ ଯାଏଁ ଯେଉଁ ଗିରିପଥ ରହିଥିଲା, ତାର ମାନଚିତ୍ର ପ୍ରସ୍ତୁତ କରିଥିଲେ । ଏହି ଗିରିପଥଗୁଡ଼ିକରେ ଶତ୍ରୁମାନଙ୍କର ଚଳପ୍ରଚଳ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ପ୍ରତାପଗଡ଼ ଦୁର୍ଗ ଯେ



ନିହାତି ଆବଶ୍ୟକ ତାହା ସେ ବୁଝିଥିଲେ ।

ବିଜାପୁରର ମୁସଲମାନ୍ ଅଧୀଶ୍ୱର ଆଦିଲ୍‌ଶାହାଙ୍କ ମୁଖ୍ୟ ତଥା ପ୍ରତାପୀ ସେନାପତି ଆଫ୍‌ଜାଲ୍ ଖାଁଙ୍କୁ ପରାହତ କରିବା ପାଇଁ (ସଂପୂର୍ଣ୍ଣ ନିଧନ କରିବା ପାଇଁ) ଏହି ଦୁର୍ଗର ଆବଶ୍ୟକତା ସେ ଉପଲବ୍ଧି କଲେ । ଏଥିପାଇଁ ଶିବାଜୀ ଏକ କୌଶଳ ଅବଲମ୍ବନ କଲେ । ଏକଦା ଆଫ୍‌ଜଲ୍ ଖାଁ ପ୍ରତାପଗଡ଼ ଦୁର୍ଗକୁ ଅନେକ ସୈନ୍ୟ ସାମନ୍ତ ଧରି ଆସିଥିଲେ । ଶିବାଜୀ ତାଙ୍କର ଦକ୍ଷ ମରହଟ୍ଟା ସୈନିକମାନଙ୍କୁ ନିଘଞ୍ଚ ଜଙ୍ଗଲରେ ଗୁପ୍ତ ଭାବରେ ବିଭିନ୍ନ ସ୍ଥାନରେ ମୁତୟନ କଲେ । ଶିବାଜୀଙ୍କୁ ଆଫ୍‌ଜାଲ୍ ଖାଁ ପ୍ରଥମେ ଦର୍ଶନ କଲା ମାତ୍ରେ ତାଙ୍କୁ ଏପରି କୁଣ୍ଢାଇ ପକାଇଲେ ଯେ ଶିବାଜୀଙ୍କ ପ୍ରାଣ ସେଇଠାରେ ସମାପ୍ତ ହୋଇଥାଆନ୍ତା । ମାତ୍ର ଚତୁର ଶିବାଜୀ ତାଙ୍କ ବାଘନଖ ଦ୍ୱାରା ଆଫ୍‌ଜଲ୍ ଖାଁଙ୍କ ପେଟ ଚିରି ଦେଇଥିଲେ । ଆଫ୍‌ଜଲ୍ ଖାଁ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ । ମାତ୍ର ଶିବାଜୀ ନିଆଁ ଜଳାଇ ତାଙ୍କର ଗୁପ୍ତ ସୈନିକମାନଙ୍କୁ ଇଶାରା ଦେଲା ମାତ୍ରେ ସେମାନେ ବିଭିନ୍ନ ଆଡୁ ଆଜିଲଶାହୀ ସୈନକୁ ଘେରିଯାଇ ନିହତ କରିବାରେ ଲାଗିଲେ । ପରେ ପରେ ଆଫଜାଲ୍ ଖାଁଙ୍କର ମୁଣ୍ଡ ଶିବାଜୀଙ୍କର ବିଶ୍ୱସ୍ତ ସେନାପତି ସମ୍ଭାଜୀଙ୍କ ଦ୍ୱାରା ଖଣ୍ଡିତ ହୋଇଥିଲା ।

### ପ୍ରତାପଗଡ଼ ଓ ଶ୍ରୀରାମଙ୍କ ବରଦାନ

'ପାର' ଗାଁ ନିକଟବର୍ତ୍ତୀ ଏହି ପ୍ରତାପଗଡ଼ ପ୍ରାଗ୍ ଐତିହାସିକ କାଳରୁ ବେଶ୍ ପ୍ରସିଦ୍ଧି ଲାଭ କରିଥିଲା । ଏ ସମ୍ପର୍କରେ ସେଠାରେ ଏକ ଜନଶ୍ରୁତି ଅଛି । ଆଗ କାଳରେ 'ପାର' ଗାଁରେ 'ଶ୍ରୀରାମ ବରଦାୟିନୀ' ମନ୍ଦିର ପ୍ରତିଷ୍ଠିତ ଥିଲା । ଯେତେବେଳେ ପ୍ରବଳ ପ୍ରତାପୀ ରାବଣ ସୀତା ଦେବୀଙ୍କୁ ହରଣ କରି ନେଇଥିଲେ, ତାଙ୍କୁ ଖୋଜି ଖୋଜି ଶ୍ରୀରାମ ଏହି 'ପାର' ଗାଁରେ ପହଞ୍ଚିଥିଲେ । ସେ ଏଇଠାରେ 'ତୁଲ୍‌ଜା ଭବାନୀ'ଙ୍କୁ ପୂଜା କରି ବରପ୍ରାପ୍ତ ହୋଇଥିଲେ । ଏଥିପାଇଁ ସେହି ମନ୍ଦିରକୁ ଶ୍ରୀରାମ ବରଦାୟିନୀ ମନ୍ଦିର ଭାବେ ଗ୍ରହଣ କରାଯାଇଛି ।

ଶିବାଜୀଙ୍କ ସମୟରେ ଏହି ଅଞ୍ଚଳଟି 'ମୋରେ' ଜମିଦାରଙ୍କ ଶାସନ ନିୟନ୍ତ୍ରିତ ଥିଲା । ସେ ଆଦିଲଶାହୀଙ୍କ କରଦରାଜା ରୂପେ ବିବେଚିତ ହେଉଥିଲେ । 'ମୋରେ' ବଂଶର କରଦ ରାଜା ଦୌଲତରାଓ ଅପୁତ୍ରିକ ଥିଲେ । ସେ ୧୬୪୭ ସାଲରେ ମୃତ୍ୟୁବରଣ କଲେ । ଫଳରେ ତାଙ୍କ ବଂଶଧରମାନେ ରାଜା ହେବା ପାଇଁ ଦୌଲତରାଜଙ୍କର ବିଧବା ପତ୍ନୀଙ୍କୁ ହଇରାଣ ହରକତ କରିବାରେ ଲାଗିଲେ । ଏହି ସମୟରେ ଶିବାଜୀ ଏହି ବିଧବା ରମଣୀଙ୍କୁ ସାହାଯ୍ୟ କରି ତାଙ୍କ ରାଜ୍ୟ ରକ୍ଷା କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ସେ ଶିବାଜୀଙ୍କୁ ବିରୋଧ କରିବାରେ ଲାଗିଲେ । ଶିବାଜୀଙ୍କ ସାମ୍ରାଜ୍ୟରେ ବିଭିନ୍ନ ଅସାମାଜିକ ବ୍ୟକ୍ତିଙ୍କୁ 'ମୋରେ'ବଂଶର ଦାୟାଦମାନେ ସାହାଯ୍ୟ କରୁଥିଲେ । ଏଥିପାଇଁ ଶିବାଜୀ ମୋରେ ସାମ୍ରାଜ୍ୟକୁ ଧ୍ୱଂସ କରି ଏହାର ଘଞ୍ଚ ଜଙ୍ଗଲରେ ଏକ ଦୁର୍ଗ ନିର୍ମାଣ କରି ପ୍ରତାପଗଡ଼ ନାମ କରଣ କରିଥିଲେ ।

ପ୍ରତାପଗଡ଼ ଦୁର୍ଗର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମାଆ ଭବାନୀ । ଭବାନୀଙ୍କ ପ୍ରତିମୂର୍ତ୍ତି ସେ ଗଢ଼ାଇଥିଲେ ନେପାଳରେ । ଭବାନୀ ଦେବୀଙ୍କୁ ଅଳଙ୍କାରରେ ମଣ୍ଡିତ କରିବା ପାଇଁ ସେ ୧୨୦ କେଜି ସୁନାର ଅଳଙ୍କାର ତିଆରି କରିଥିଲେ । ଶିବାଜୀଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ଶମ୍ଭାଜୀ ରାଜେ ମନ୍ଦିର ପାଇଁ ୧୦,୦୦୦ ସ୍ୱର୍ଣ୍ଣମୁଦ୍ରା ଦାନ କରିଥିଲେ ।

ମୋଗଲ ବାଦଶାହା ଆଉରଙ୍ଗଜେବ୍ ଏହି ପ୍ରତାପଗଡ଼ ଦୁର୍ଗକୁ ଅଧିକାର କରିବା ପାଇଁ ଅନେକ ବାର ଚେଷ୍ଟା କରିଥିଲେ । ଅବଶ୍ୟ ଯୁଦ୍ଧ କୌଶଳ ମୁତାବକ ପ୍ରାୟ ୧୦ମାସ ଏହି ଦୁର୍ଗ ଆଉରଙ୍ଗଜେବ୍ ଅଧୀନକୁ ଚାଲି ଯାଇଥିଲା । ପରେ ପରେ ଛତ୍ରପତି ରାଜାରାମ ଏହାକୁ ନିଜ ଅଧୀନକୁ ପୁଣି ନେଇ ଯାଇଥିଲେ ।





ତାଙ୍କ ମୃତ୍ୟୁ ପରେ ଏହି ଗଡ଼ଟି ଛତ୍ରପତି ସାହୁରଜୀଙ୍କ ତତ୍ତ୍ୱାବଧାନରେ ରହିଥିଲା ।

ଅବଶ୍ୟ ବହୁତ ପରେ ୧୮୨୩ ମସିହା ବେଳକୁ ଏହା ବ୍ରିଟିଶ୍‌ମାନଙ୍କର ହସ୍ତଗତ ହୋଇ ଯାଇଥିଲା । ୧୮୯୫ମସିହାରେ ଏହି ସ୍ଥାନରେ ହାଇଦ୍ରାବାଦ ନିଜାମ ଆଫଜଲ ଖାଁ ଏବଂ ତାଙ୍କ ସେନାଧ୍ୟକ୍ଷ ସୟଦ୍ ବାଲାଙ୍କ ପାଇଁ ଦୁଇଟି ମସ୍‌ଜିଦ୍ ନିର୍ମାଣ କଲେ । ଏଥିପାଇଁ ନିଜାମ ପ୍ରାୟ ଏକ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ । ଏ ଯାବତ୍ ସେହି ଦୁଇଟି ମସଜିଦ୍ ପ୍ରତାପଗଡ଼ରେ ଅଛି । ତାହା ସରକାରଙ୍କ ଦ୍ୱାରା ନିଷିଦ୍ଧ ଅଞ୍ଚଳ ଥିବାରୁ ଆମେମାନେ ତାହା ଦେଖି ପାରିଲୁ ନାହିଁ ।

ଭାରତ ସ୍ୱାଧୀନତା ଲାଭ କଲା ପରେ ୧୯୫୭ ମସିହା ନଭେମ୍ବର ୨୦ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଶିବାଜୀଙ୍କର ଏକ ଆବକ୍ଷ ଯୋଦ୍ଧା ମୂର୍ତ୍ତିକୁ ସେଇଠାରେ ଅନାବରଣ କରିଥିଲେ । ୧୯୬୦ ମସିହାରେ ଶିବାଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳକୁ ଲାଗି ଏକ ସୁଦୃଶ୍ୟ ବଗିଚା ଏବଂ ବିଶ୍ରାମ ଆବାସ ତିଆରି ହୋଇଛି । ତାହା ଏବେ ସୁଦ୍ଧା ରକ୍ଷଣାବେକ୍ଷଣ ହୋଇ ଠିକ୍‌ଠାକ ଭାବେ ରହିଛି ।


ପ୍ରତାପଗଡ଼ ଦୁର୍ଗକୁ ଲାଗି ଚାରିପାଖରେ ଚାରୋଟି ବଡ଼ କୂପ ଖୋଦନ କରାଯାଇଥିଲା । ନିର୍ମଳ ପାଣି ମଧ୍ୟ ସେହି କୂପ ଗୁଡ଼ିକରେ ଦେଖିବାକୁ ପାଇଲୁ । ଶିବାଜୀ ପ୍ରଥମେ ଯେଉଁଠାରେ ଭବାନୀ ମନ୍ଦିର ନିର୍ମାଣ କରିବାକୁ ପଥର ଖୋଦନ କରିଥିଲେ, ସେଇଠାରେ ଏକ ପାତାଳିଫୁଟ ଶିବଲିଙ୍ଗ ଦେଖିବାକୁ ମିଳିଥିଲା । ଫଳରେ ସେଇଠି ଏକ ଶିବ ମନ୍ଦିର ସେ ତିଆରି କରିଥିଲେ । ଏହି ଶିବଙ୍କ ନାମ କେଦାରେଶ୍ୱର ।

ଭବାନୀ ମନ୍ଦିରର ଦକ୍ଷିଣରେ ହସ୍ତ ନିର୍ମିତ ବିଭିନ୍ନ କରୁକାର୍ଯ୍ୟର ବିପଣୀ ରହିଛି । ସେଠାରେ କାଷ୍ଠ ନିର୍ମିତ ବହୁ ସୁଦୃଶ୍ୟ ଉପକରଣମାନ ଦେଖିବାକୁ ମିଳିଲା । ଏହାର ସୀମାକୁ ଲାଗି ଏକ ଜଳ ପୁଷ୍କରିଣୀ ଅଛି । ତାହାକୁ ଭବାନୀ ପୋଖରୀ ବୋଲି କୁହାଯାଏ ।

ମୋଟାମୋଟି ଭାବେ ପ୍ରତାପଗଡ଼ ସମ୍ପର୍କରେ କଥା ଏତିକି । ପାଠକେ, ଜାଣି ରଖିବା ଉଚିତ ଆମେ ଯେତେ ଯେତେ ଏସବୁ ଦୁର୍ଗମ ସ୍ଥାନର ଐତିହ୍ୟ ଜାଣିବା, ସେତେସେତେ ଆମ ଜୀବନର ବ୍ୟାପ୍ତି ପ୍ରସରିଯିବ । ଚେତନା ସ୍ତରରେ ଆମେ ଜ୍ଞାନ ଗର୍ହିତ ହେଲେ ହୁଏତ ଆମମାନଙ୍କର ସୁପ୍ତ ସର୍ଜନ ପ୍ରକ୍ରିୟା ଜାଗ୍ରତ ହେବ ।



# ସ୍ୱର୍ଗ ଓ ନର୍କ



# ବିନୋଦ ମହାରଣା

**୬୦-କଲ୍ୟାଣବିହାର, ଆଇଟେକ୍, ପୋ: କୁହା,**
**ଭୁବନେଶ୍ୱର-୭୫୧୦୦୨**
**ଫୋନ : ୯୪୩୭୧୬୪୭୬୪**




ଦୀର୍ଘଦିନର ବ୍ୟବଧାନ ପରେ ମୋର କର୍ମନିଯୁକ୍ତିର କ୍ଷେତ୍ର ହୋଇଥିଲା ସୁଦୂର ମୁମ୍ବାଇ । ଶିକ୍ଷା ଶେଷ କରିବାର ପ୍ରାୟ ଆଠ ବର୍ଷ ଯାଏଁ ଅପେକ୍ଷା ଆଉ ତା'ପରେ ଏକ ଭଲ କମ୍ପାନିରେ ଚାକିରି ପାଇବାର ଖୁସି ସ୍ୱତନ୍ତ୍ର ଥିଲା । ଜୀବିକାର ମୋହରେ ଛନ୍ଦି ହେବା ଲାଗି ମୁଁ ଚାହୁଁନଥିଲି । ସ୍ୱାଧୀନଚେତା ଭାବେ ଜିଇବାର କାମନା ଯୁବାବସ୍ଥାରେ ରହିଥିଲା । ମାତ୍ର ସବୁ ଆଶା, କାମନା, ଚିନ୍ତାର ଯେ ସତ୍ୟତା ନଥାଏ ବା ସେସବୁ ଘଟିବାର ସମ୍ଭାବନା ନିଶ୍ଚିତ ନ ଥାଏ- ଏହା ମୁଁ ପରେ ହୃଦ୍‌ବୋଧ କଲି ।

ପିଲାଦିନେ ବାପା ଥରେ କହିଥିଲେ- ଜୀବନରେ କ'ଣ ହେବୁ ? ମୁଁ ସଂଗେସଂଗେ ଉତ୍ତର ଦେଇ ଦେଇଥିଲି- ଡାକ୍ତର ବା ଇଂଜିନିୟର ହେବି । ମାତ୍ର ପରବର୍ତ୍ତୀ କାଳରେ ସେ ସବୁ ମରୀଚିକାରେ ପରିଣତ ହେବାରେ ଲାଗିଲା । ଅନେକ ସ୍ୱପ୍ନ ସକାଳ ହେବା କ୍ଷଣି ତାରକା ରାଶି ନିଷ୍ପ୍ରଭ ହେବା ପରି ସେ ସବୁ ହଜିଗଲା । ଶେଷରେ ମୁଁ ଏକ ଘରୋଇ କମ୍ପାନିରେ ଚାକିରି କରିବାର ସୁଯୋଗ ପାଇଲି ।

ମୋତେ ଓଡ଼ିଶା ଛାଡ଼ି ମୁମ୍ବାଇ ଯିବାକୁ ହେବ । ସେଥିପାଇଁ ମାନସିକ ପ୍ରସ୍ତୁତି ବି କଲି । କୌଣସି କ୍ଷେତ୍ରରେ ଯେପରି ଆଉ ଜୀବନରେ ହାରି ନ ଯାଏ ସେଥିଲାଗି ବଦ୍ଧପରିକର ହେଲି । ଶେଷରେ ସେହିଦିନ ହିଁ ଆସିଲା ଯେଉଁଦିନ ମୁଁ ମୁମ୍ବାଇ ଅଭିମୁଖେ ଯାତ୍ରା କଲି ।

ଟ୍ରେନ ଯେତିକି ଆଗେଇ ଆଗେଇ ଯାଉଥାଏ ମୁଁ ସେତିକି ବ୍ୟଗ୍ର ହୋଇ ଉଠୁଥିଲି । ମନରେ ଏହା ଥିଲା ଯେ, ନୂଆ ସ୍ଥାନରେ କିପରି ମୁଣ୍ଡ ଗୁଂଜିବି । କାରଣ ପ୍ରତି ମଣିଷ ଗୋଟିଏ ନୂଆ ସ୍ଥାନକୁ ଆସିବା ମାତ୍ରେ ତାକୁ ନାନା ପ୍ରକାର ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିବାକୁ ହୋଇଥାଏ । କିଛି ସମ୍ପର୍କକୁ ନେଇ ନିଜର ଅସ୍ତିତ୍ୱ ବିସ୍ତାର କରିବା ସମୟରେ ଅନେକ ମୁକାବିଲା କରିବାକୁ ହୁଏ । କେହି କେହି ହାରନ୍ତି ତ କେହି ଜିତନ୍ତି । ନାନା ପ୍ରକାର ମଣିଷଙ୍କ ଭିତରେ ନିଜକୁ ପରିଗଣିତ କରି ଅନ୍ୟ ଏକ ପରିବେଶରେ ନିଜକୁ ଅବସ୍ଥାପିତ କରିବାର ସାହସ ମୁଁ ମନରେ ବାନ୍ଧୁଥିଲି ।

ଜୀବନରେ ତ ଅନେକ ସ୍ୱପ୍ନ ଆସିଥାଏ । ପ୍ରାୟ ସମସ୍ତ ସ୍ୱପ୍ନ ମିଛ ସାଜେ ହିଁ ସାଜେ । ଯେଉଁ ଗୋଟିଏ ଦୁଇଟି ସ୍ୱପ୍ନ ସାକାର ହୋଇଥାଏ ସେଥିରେ ମଣିଷ ନିଜ ଜୀବନକୁ ସୀମାବଦ୍ଧ କରିଦିଏ । ସେହି ସ୍ୱପ୍ନ ଲାଗି ମଣିଷ ବେଳେବେଳେ ବଡ଼ ହୋଇଯାଏ ତ କେତେବେଳେ ଅତି ତଳକୁ ଖସିଯାଏ । ଏ ସବୁ ଭିତରେ ମଣିଷକୁ ଅନେକ ସଂଗ୍ରାମ କରିବାକୁ ହୋଇଥାଏ । ମୁଁ ପାରିବି କି ନାହିଁ ସେନେଇ ଅନେକ ସଂଶୟ ରହୁଥିଲା ମନରେ ।

ଟ୍ରେନ୍‌ର ଘର୍ଘର ନାଦ ଭିତରେ ମୋର ସ୍ୱପ୍ନ ଦେଖିବାର ଅନ୍ତ ନଥିଲା । ମନରେ ରହିଥିଲା ଯେପରି ହେଲେ ଜୀବନକୁ ଆଉ ବିଫଳ ହେବାକୁ ଦେବି ନାହିଁ । ଶାଶ୍ୱତ ପରିସୀମାରେ ମଗ୍ନ ରହି ଜୀବନ ଅତିବାହିତ କରିବାର ଏକ କଳ୍ପନା କ୍ରମଶଃ ମନ ଭିତରେ ବଳବତ୍ତର ହେବାରେ ଲାଗିଥିଲା ।

ଶେଷରେ ମୁମ୍ବାଇ ମହାନଗରୀରେ ମୋ ଟ୍ରେନ୍ ପହଂଚିଲା । ବିଶାଳ ପ୍ଲାଟ୍‌ଫର୍ମ ମୁମ୍ବାଇ । ନିୟୁତାଧିକ ଜନସଂଖ୍ୟାର କଳ୍ପନାବିଳାସୀ ନଗରୀ ମୁମ୍ବାଇ । ମଧ୍ୟରାତ୍ରି ହେଉ ବା ମଧ୍ୟାହ୍ନ । ନିସ୍ତବ୍ଧ ଏଠାରେ ପ୍ରଶ୍ନବାଚୀ । କ୍ଷଣକ୍ଷଣକରେ ଅର୍ଥର ମାୟାଜାଲରେ ଏଠାରୁ ନିୟନ୍ତ୍ରିତ ହେଉଛି ଦେଶ । କେଇ ମୁହୂର୍ତ୍ତର ସେନ୍‌ସେକ୍ସର ପତନରେ ସାରା ଭାରତରେ ଯେପରି ଚିନ୍ତା ବଢ଼ିଯାଏ । ଏଠାକାର ଆଭିଜାତ୍ୟର ମନ୍ତ୍ରରେ ପ୍ରକମ୍ପିତ ଶିଳ୍ପପତିଙ୍କ ସାମ୍ରାଜ୍ୟ । ଏଠି ବି କେହି କାହାର ନୁହେଁ । ସକାଳୁ ରାତ୍ରି ଯାଏଁ ଅର୍ଥନୈତିକ ଉନ୍ମତ୍ତ ବାତାବରଣ । ଲକ୍ଷାଧିକ ଲୋକଙ୍କ ସମାଗମ ଭିତରେ ମୁଁ ଛାର ମଣିଷଟିଏ ମୁମ୍ବାଇ ଷ୍ଟେସନର ଖୋଳପା ଭିତରେ କୀଟ ସଦୃଶ ପାଲଟି ଯାଇଥିଲି ।

ଦୁଇଟି ସୁଟ୍‌କେଶ୍ ଓ ଗୋଟିଏ ବ୍ୟାଗ୍ ଥିଲା ଆଭିଜାତ୍ୟ ନଗରୀରେ ମୋର କତିପୟ ସମ୍ପଦ । ସୁବିଶାଳ ପ୍ରାସାଦ, ନଭଶ୍ଚୁମ୍ବୀ ମୀନାର, ରଙ୍ଗିନ ହୋଟେଲ, ମୋଜାଇକ ରାଜପଥ, ବଲିଉଡ୍ ଜଲ୍‌ୱା, ଅର୍ବୁଦପତିଙ୍କ ସମାହାର ଭିତରେ ମୁକୁଳିତ ମୁମ୍ବାଇର ଏକ ଫୁଟ୍‌ପାଥ୍‌ରେ ମୁଁ ଛାର ଲୋକଟି ଚାଲିଥିଲି ଆଗକୁ ଆଗକୁ ।

ଏଠି ମୋର ପରିଚୟ କ'ଣ ? ଏତେ ବଡ଼ ନଗରୀରେ ପରିଚୟ ପାଇବାର ସ୍ୱପ୍ନ ବା ରଖିବି କାହିଁକି ? ତଥାପି ମୁଁ ନିର୍ଦ୍ଦୟ ଭାବେ ମାଡ଼ି ଚାଲିଥିଲି ମୁମ୍ବାଇ ବକ୍ଷରେ, କର୍ମପଥରେ । ଷ୍ଟାଣ୍ଡରୁ ଟାକ୍ସି ଧରି ଗଲି ସେଂଟ୍ରାଲ୍ ମୁମ୍ବାଇସ୍ଥିତ ମୋ କାର୍ଯ୍ୟାଳୟକୁ ।

ରାସ୍ତାର ଦୁଇ ପାର୍ଶ୍ୱରେ ଠିଆ ହୋଇଥିଲା ସୁବିଶାଳ ପ୍ରାସାଦ । ମାୟାନଗରୀର ସମ୍ମୋହନ ମୋତେ ଗ୍ରାସ କରୁନଥିଲା ମାତ୍ର ତାହାର ଆଭିଜାତ୍ୟ ମୋତେ ଅଣନିଶ୍ୱାସୀ କରୁଥିଲା । ଭୌଗୋଳିକ ସୀମାହୀନ ନଗରୀର ସ୍ୱର୍ଣ୍ଣାଭ ପ୍ରତିକୃତି, ରାଶିରାଶି ଆଲୋକମାଳା, ଅଗଣନ ଯାନବାହନର ବିଚଳିତ ଚଳପ୍ରଚଳ ମୋତେ ଭାରି ଆମୋଦିତ କରୁଥିଲା । ସତରେ ମୁଁ ଗର୍ବିତ ବୋଧ କରୁଥିଲି ଏଠାରେ କର୍ମସଂସ୍ଥାନର ସୁଯୋଗ ଲାଭ କରି ।

ମୁମ୍ବାଇ ନଗରୀ ଭିତରେ ରହିବାରେ ମୁଁ ଅଣନିଶ୍ୱାସୀ ହେଉଥିଲି । ତଥାପି କର୍ତ୍ତବ୍ୟରେ ବନ୍ଧା ହୋଇଥିବାରୁ ସେଠାରେ ରହିବା ବ୍ୟତୀତ ମୋର ଅନ୍ୟ ଚାରା ନଥିଲା ।

**ଏହି ଗଳ୍ପର ପୃଷ୍ଠଭୂମି ଏହା ଯେ ମଣିଷ ଧନଧାନ୍ୟରେ ପୂର୍ଣ୍ଣ ହୋଇଥିଲେ ମଧ୍ୟ ତା'ର ନୈତିକତାର ଅଧପତନ ପରିଲକ୍ଷିତ ହୋଇଥାଏ । ସେ ସବୁକିଛି ହିତାହିତ ଜ୍ଞାନ ଭୁଲି ନାନା ପ୍ରକାର ଭାବନାରେ ବିମଣ୍ଡିତ ହୋଇଥାଏ । ଯୌନତାକୁ ଏହା ସାମାଜିକ ଆବଶ୍ୟକତା ବଦଳରେ ତାହାକୁ ସେମାନେ ଉପଭୋଗର ବିଷୟ ବୋଲି ଭାବିଥାନ୍ତି । ସେପଟେ ଜଣେ ଦରିଦ୍ର ମହିଳା ପରିସ୍ଥିତି ଚାପରେ ଦେହ ବିକିବାକୁ ବାଧ୍ୟ ହୋଇଛି । ମାତ୍ର ସେ ବିନା ଦେହଦାନରେ କାହାରି ଠାରୁ ପଇସା ଗ୍ରହଣ କରିବାର ମାନସିକତା ରଖି ପାରୁନି । ଏହା ଠାରୁ ବଳି ଦ୍ୱନ୍ଦ୍ୱାତ୍ମକ ବିଜୟ ଆଉ କ'ଣ ହୋଇପାରେ !**



\+ + + +

ମୁମ୍ବାଇରେ ରହିବାର ପ୍ରାୟ ଛଅମାସ ବିତି ଯାଇଥିଲା । ଯାରି ଭିତରେ ମୁଁ ସହରର ଅନେକ ନଗର ବୁଲି ସାରିଥିଲି । ବେଳାଭୂମି ହେଉ ବା ଓ୍ୱର୍ଲି କମ୍ପ୍ଲେକ୍ସ । ଜୁହୁ ହେଉ ବା ତାଜ୍ ହୋଟେଲ୍ ଇଲାକା । ଅଳ୍ପବହୁତ ନଗରୀ ସହ ପରିଚିତ ହୋଇସାରିଥିଲି । ପ୍ରଥମେ ମୋତେ ଲାଗୁଥିଲା ସତରେ ମୁଁ ଏକ ଚିଡ଼ିଆଖାନାର ଜୀବ କି ? ମାତ୍ର କ୍ରମଶଃ ଆଉ କିଛି ଲାଗିଲା ନାହିଁ । କାରଣ ମୁଁ ଦେଖିଲି ମୋ ପରି ଅନେକ ଲୋକ ସେଠାରେ ରହୁଛନ୍ତି । ରିକ୍ସାବାଲା ଠାରୁ ବସ୍ତିବାଲା ବି ଅଧିକାର ସାବ୍ୟସ୍ତ କରୁଛନ୍ତି ମୁମ୍ବାଇରେ । ତେଣୁ ମୁଁ ଏକପ୍ରକାର ମୁମ୍ବାଇ ବାସିନ୍ଦା ବୋଲି ନିଜକୁ ଗ୍ରହଣ କରିନେଲି ।

ଦିନେ ମୁଁ ବେଳାଭୂମିରେ ବିଚରଣ କରୁଥାଏ । ସୁଦୃଶ୍ୟ ମହୋଦଧିର ନିବିଡ଼ ଜଳରାଶି ଭିତରେ ସ୍ୱର୍ଣ୍ଣାଭ ସୂର୍ଯ୍ୟର ଆଭା ମୋତେ ଅପାର ବିସ୍ମୃତି ଭିତରକୁ ନେଇ ଯାଇଥିଲା । କିପରି ଏକ ସ୍ୱର୍ଗୀୟ ଆନନ୍ଦ ଭିତରେ ମୁଁ ମଜ୍ଜି ଯାଇଥିଲି । ଭାବନାରେ ଜାଗ୍ରତ ହେଉଥିଲା- ସତରେ କି ବିଚିତ୍ର ଏ ମଣିଷ ! ଆଜି ଅଛି କାଲି ନାହିଁ । ହେଲେ କି ପ୍ରକାର ଲୀଳା ଭିତରେ ସନ୍ତୁଳି ହେଉଛି ମଣିଷ ! ପୁଣି ଏହି ମହାନଗରୀର ଆଭିଜାତ୍ୟ ଭିତରେ କେତେ ପ୍ରକାର ମଣିଷର ଏଠି ସମାହାର ! କିଏ ଅର୍ବୁଦପତି ତ କିଏ ଦାନାକନାହୀନ । କିଏ ମହଲା ମହଲାର ମାଲିକ ତ କିଏ ଫୁଟ୍‌ପାଥ୍‌ର ଆଶ୍ରିତ ।

ମୋର ଆଗରେ ଲାଗିଲା ଏକ ଦାମୀ କାର୍ । ନାଲି ରଙ୍ଗର କାର୍ ଭିତରେ ଯେ କେହି କୋଟିପତି ବାବୁ ଜଣେ ଆସିଥିବେ ଏହା ମୋର ଦୃଢ଼ ଧାରଣା ହେଲା । ମୁମ୍ବାଇରେ ଏହା ତ ଗଳିକନ୍ଦିର ସାଧାରଣ ଦୃଶ୍ୟ । ତଥାପି ମୋର ମନେ ହେଲା ମୋ ଲାଗି ସତେ ଯେପରି କାର୍‌ଟି ଅଟକିଛି । କାରଣ ମୋର ଆଖପାଖରେ କେହି ନଥିଲେ । ମୁଁ ଏକୁଟିଆ ବସି ଆତ୍ମବିସ୍ମୃତିରେ ମଜ୍ଜି ଯାଇଥିଲି ।

ମୋର ଭାବନା ଠିକ୍ ଥିଲା । ସତରେ କାର୍‌ଟି ମୋ ଲାଗି ହିଁ ଅଟକିଥିଲା ।

କେଇ କ୍ଷଣର ବ୍ୟବଧାନ ପରେ କାର୍‌ର ଡୋର୍ ଖୋଲି ପଦାକୁ ଆସିଲେ ଜଣେ ମହିଳା । ଦାମୀ ଡ୍ରେସ୍, ସୁସଜ୍ଜିତ କେଶରାଶି, ମୁଖମଣ୍ଡଳର ଔଜ୍ଜ୍ୱଲ୍ୟ ଭିତରେ ମୁଁ ସ୍ପଷ୍ଟ ବାରି ପାରୁଥିଲି ମହିଳାଜଣକ କୌଣସି ଏକ ସାଧାରଣ ଘରର ଲୋକ ନୁହଁନ୍ତି । ନିଶ୍ଚିତ ଭାବେ ଏକ ସମ୍ଭ୍ରାନ୍ତ ଓ ଧନଶାଳୀ ବର୍ଗର ମହିଳା । ତେବେ ଏକାକୀ ସମୁଦ୍ର ବେଳାଭୂମିର ନିଛାଟିଆ ଇଲାକାରେ କାର୍ ଲଗାଇବାର ଉଦ୍ଦେଶ୍ୟ ନେଇ ମୋତେ କେମିତି ଅଡୁଆ ବୋଧ ହେଲା ।

ସତକୁ ସତ ମହିଳା ମୋ ଆଡ଼କୁ ହିଁ ଆସିଲେ । ସ୍ମିତହାସ୍ୟ ବିମଣ୍ଡିତ ଚେହେରା ଭିତରେ ମୁଁ ଅନୁଭବ କରୁଥିଲି ସତେ ଯେପରି ଜଣେ ପରିଚିତ ନାୟିକା ତାଙ୍କ ନାୟକଙ୍କ ଉଦ୍ଦେଶ୍ୟରେ ଅଗ୍ରସର ହେଉଛନ୍ତି ।

ମୁମ୍ବାଇର ମାୟା ସଭ୍ୟତା ନେଇ ମୁଁ ଆଗରୁ ଅବଗତ ଥିଲି । ଏଠି ଅର୍ଥ ହିଁ ସବୁକିଛି । ମେଟ୍ରୋପଲିଟାନ୍ କଲ୍‌ଚର୍ ଭିତରେ ଘରୁ ପଦାକୁ ବାହାରିଲେ କେହି କାହାର ନୁହେଁ । ଏଥିଲାଗି ତ ରହିଛି ଅନେକ ବିଳାସମୟ ହୋଟେଲ୍ !

କ୍ରମଶଃ ମହିଳାଜଣକ ମୋ ନିକଟକୁ ଚାଲି ଆସିଲେ । ମୋ ନିକଟରେ ବସି ପଡ଼ି କହିଲେ- "ଆର୍ ୟୁ ଫାଇନ୍ ?"

ମୁଁ ହଠାତ୍ କିଛି ବୁଝି ପାରିଲି ନାହିଁ । କିଏ ମହିଳା, ମୋ ସହ ତାଙ୍କ କାମ କ'ଣ, ହଠାତ୍ ଏପରି ପଚାରିବାର ଉଦ୍ଦେଶ୍ୟ କ'ଣ... ଇତ୍ୟାଦି ପ୍ରଶ୍ନ ମୋ ମନରେ ଉଙ୍କି ମାରିଲା । ମନେ ମନେ ଅନେକ ବର୍ଷ ପଛକୁ ଫେରିଗଲି । ଆଉ ଭାବି ଚାଲିଲି ଏପରି ମହିଳାଙ୍କୁ ଆଗେ କେବେ ଦେଖିଥିଲି କି ?

କେଇକ୍ଷଣର ନିରବତା ଭଂଗ କରି ମହିଳା ଜଣକ ମୋତେ କହିଲେ- "ମୁଁ ଭାବୁଛି ତୁମେ ବୋଧହୁଏ ଏକା ।" ମହିଳା ଜଣକ ହିନ୍ଦିମିଶା ଇଂରାଜୀରେ ଭାରି ଧୁରନ୍ଧର ଥିଲେ । ତାଙ୍କ ରୂପଚର୍ଯ୍ୟା ବି ସେହି ଅନୁସାରେ ଆନୁପାତିକ ଥିଲା ।

ମୁଁ ଧିର ସ୍ୱରରେ ତାଙ୍କ ପ୍ରଶ୍ନର ଉତ୍ତର ଦେଲି- "ହଁ ମୁଁ ଏକା । ହେଲେ ଆପଣଙ୍କର ଏହା ପଚାରିବାର ଉଦ୍ଦେଶ୍ୟ ?"

ମହିଳା ଜଣକ ମୋ ପାଖକୁ ଲାଗି ଆସି କହିଲେ, "ୟୁ ଆର୍ ଲୁକିଙ୍ଗ୍ ହାଣ୍ଡସମ୍ । ଯଦି କିଛି ଆପତ୍ତି ନଥାଏ ତେବେ ଆମ ଘରକୁ ଆପଣ ଗଲେ କିଛି କ୍ଷତି ହେବ କି ?"

ମୁଁ ଏସବୁ ପ୍ରହେଳିକା ଭିତରେ ସବୁକିଛି ଅବୁଝା ରହି ଯାଉଥାଏ । ପୁଣି ଥରେ ପଚାରିଲି ତାଙ୍କ ପରିଚୟ ସମ୍ପର୍କରେ ।

ସେ କେବଳ ଏତିକି କହିଲେ- "ଘରକୁ ଯିବାରେ ଯଦି କିଛି ଆପତ୍ତି ନାହିଁ ତେବେ ସେଠାରେ କହିଲେ କ୍ଷତି କ'ଣ ?"

ପୁଣି କିଛି ଆଳାପ ଆଲୋଚନା ଭିତରେ ମୁଁ ମାନସିକ ପ୍ରସ୍ତୁତ ହୋଇ ସାରିଥିଲି ମହିଳାଙ୍କ ସହ ଖୋଲାଖୋଲି କଥା ହେବା ଲାଗି ।

ସୁଦୀର୍ଘ ବେଳାଭୂମିରେ ଆମ ଦୁହିଁଙ୍କ ପ୍ରତି ଅନେକ ଲୋକଙ୍କ ନଜର ଥିଲା । କେହି ବି ଜଣେ ହୁଏତ ଭାବି ନଥିବେ ଯେ ଆମେ ଦୁହେଁ ଅପରିଚିତ ବୋଲି । ଶେଷରେ ମହିଳାଙ୍କ ଅନୁରୋଧ ରକ୍ଷା କରି ମୁଁ ରାଜି ହେଲି ତାଙ୍କ ବାସଭବନକୁ ଯିବା ଲାଗି ।

ଅଗତ୍ୟା ଦାମୀ କାର୍‌ରେ ବସିବାର ସୁଯୋଗ ଆସିଲା । ମୁଁ ପଛ ସିଟ୍‌ରେ ବସିବାକୁ ଯାଉଥିଲି ମାତ୍ର ମହିଳାଜଣକ ଆଗରେ ବସିବା ପାଇଁ ଅନୁରୋଧ କଲେ । ମୁଁ ବି ଆଗରେ ବସିଲି । କାର୍ ଗଡ଼ି ଚାଲିଲା ମୁମ୍ବାଇ ନଗରୀ ବୁକୁରେ ।

ମହିଳା ଅନେକ କଥା ଗପି ଚାଲିଲେ । ମୁଁ ସେସବୁର ଉତ୍ତର ଦେବା ଅପେକ୍ଷା ନୀରବ ରହୁଥିଲି ନଚେତ୍ କିଛି କିଛି ଅପ୍ରସଙ୍ଗତଃ ସମ୍ମତ ଦେଉଥିଲି । ପ୍ରାୟ ଦୁଇ ଘଂଟାର ବ୍ୟବଧାନ ପରେ କାର୍ ଅଟକିଲା ଏକ ସୁଦୃଶ୍ୟ ପ୍ରାସାଦ ନିକଟରେ ।

ମୁଁ ଆଗେ ଓହ୍ଲାଇଲି । ପରେ ମହିଳା ଜଣକ ଓହ୍ଲାଇଲେ । ଏଠାରେ ମୁଁ କହିରଖେ- ମହିଳାଙ୍କ ନାମ ପଚାରିବାରେ ସେ ତାଙ୍କ ନାମ ସୁନନ୍ଦା ବୋଲି ଦର୍ଶାଇଥିଲେ ।

ଅଟୋମେଟିକ୍ ଗେଟ୍ ଖୋଲିବା ପରେ କାର୍‌ଟି ଭିତରକୁ ପ୍ରବେଶ କଲା । ଏତେ ବିଶାଳ ପ୍ରାସାଦ ଭିତରେ ମୋ ପରି ଜଣେ ଅକିଞ୍ଚନର ଅନୁପ୍ରବେଶ ସତରେ ଏକ ଅଚାନକତା ଥିଲା ।

ମୁଁ ହଠାତ୍ କିଛି ବୁଝି ପାରିଲି ନାହିଁ । କିଏ ମହିଳା, ମୋ ସହ ତାଙ୍କ କାମ କ'ଣ, ହଠାତ୍ ଏପରି ପଚାରିବାର ଉଦ୍ଦେଶ୍ୟ କ'ଣ... ଇତ୍ୟାଦି ପ୍ରଶ୍ନ ମୋ ମନରେ ଉଙ୍କି ମାରିଲା । ମନେ ମନେ ଅନେକ ବର୍ଷ ପଛକୁ ଫେରିଗଲି ।

ମହିଳାଜଣକ ମୋର ଡାହାଣ ହାତ ଧରି ଆଗେ ଆଗେ ଚାଲିଲେ । ମୁଁ ତାଙ୍କୁ ଅନୁସରଣ କଲି ।

ମୋତେ ଲାଗୁଥିଲା ମାୟାନଗରୀ ଭିତରେ ମୁଁ ସତେ ଯେପରି ଫସି ଯାଇଛି । ଏଠାକୁ ଆସିବା ଯେ ଭୁଲ୍ ଥିଲା ଏହା ଅନୁଭବ କରୁଥିଲି । ମାତ୍ର ଆସି ତ ଯାଇଛି । କରିବି କ'ଣ ?

ଶେଷରେ ସୁନନ୍ଦା ମୋତେ ଘର ଭିତରକୁ ନେଇଗଲେ । ଅବର୍ଣ୍ଣନୀୟ ସାଜସଜ୍ଜା ଭିତରେ ଦାମୀ ଆଲୋକମାଳାର ସମ୍ଭାର । ସୁବିଶାଳ ପ୍ରାସାଦର କୋଣେ କୋଣେ ରାଶିରାଶି ଦାମୀ ଜିନିଷର ଉପସ୍ଥିତି ମୋ ଆଖିକୁ ଖୋସି ଦେଉଥିଲା ।

ସୋଫାରେ ବସିବା ପାଇଁ ମୋତେ ଅନୁରୋଧ କରିବା ପରେ ମୁଁ ବାଧ୍ୟ ହୋଇ ବସିଲି । ମୁଁ କହିବାକୁ

ଚାହୁଁଥିଲି ତୁରନ୍ତ ମୋତେ ଏ ଇନ୍ଦ୍ରଭୁବନରୁ ମୁକ୍ତ କରିବା ଲାଗି । ମାତ୍ର ସେ ଏହି ପ୍ରସଙ୍ଗକୁ ବାରମ୍ବାର ବୁଲାଇ ଦେଉଥିଲେ ।

ମୁଁ ପଚାରିଲି- "ମୋତେ ଏଠି ଆଣିବାର ଉଦ୍ଦେଶ୍ୟ କ'ଣ ?"

ସେ କିଛି ମୃଦୁ ପାନୀୟ ଧରି ଆସିବା ସହ ମୋ ନିକଟରେ ବସିଗଲେ । ମୋ ହାତକୁ ଗ୍ଲାସ୍‌ଟିଏ ବଢ଼ାଇବା ସହ ସେ ନିଜେ ପିଇବାରେ ଲାଗିଲେ ।

ମୁଁ ତାଙ୍କ ଅଜାଣତରେ ସେହି ଗ୍ଲାସ୍‌ଟିକୁ ଟିପଯ ତଳେ ଥୋଇଦେଲି ।

ଅନୁଭବ କଲି ସେ କିପରି ପ୍ରମତ୍ତ ହୋଇ ଉଠୁଛନ୍ତି ଏବଂ ମୋତେ କିଛି ଇଙ୍ଗିତ କରୁଛନ୍ତି ।

ମୁଁ ସେସବୁ ଠାରୁ ଦୂରରେ ରହିବାକୁ ଚାହୁଁଥିଲି । ମାତ୍ର ମହିଳାଜଣକ ଅତି ଅନ୍ତରଙ୍ଗ ହେବାର କାତରତା ମୋ ନିକଟରେ ପ୍ରକାଶ କରୁଥିଲେ ।

ଶେଷରେ ଯେତେବେଳେ ସେ ମୋ ଶରୀର ସହ ତାଙ୍କ ଶରୀର ଜଡ଼ାଇବାକୁ ଚେଷ୍ଟା କଲେ ସେତେବେଳେ ମୁଁ ଉଠି ଠିଆ ହୋଇଗଲି । ମୁଁ ଜାଣି ପାରୁଥିଲି ତାଙ୍କ ଅସଲ ଉଦ୍ଦେଶ୍ୟ ।

ମୁଁ ବାଧ ହୋଇ ପଚାରିଲି, ଏତେ ବଡ଼ ଘରେ ଆପଣ ଏକା କାହିଁକି ?

ମହିଳାଜଣକ ଅଟ୍ଟହାସ୍ୟ କରି ଉଠିଲେ । ଆଉ ଗପି ଚାଲିଲେ ନିଜର କାହାଣୀ । ତାହାର ସାରାଂଶ ଏହିପରି: ତାଙ୍କ ପୁତ୍ର ଓ ପୁତ୍ରବଧୂ ବିଦେଶରେ ରହନ୍ତି । ସ୍ୱାମୀ ଦୂରରେ ରହୁଛନ୍ତି । ଏକମାତ୍ର ବିବାହିତ କନ୍ୟା ବି ହାଇଦ୍ରାବାଦରେ । ଆଉ ସେ ନିଜର କ୍ଷୁଧା ପ୍ରଶମିତ କରିବା ଲାଗି ଅଧିକାଂଶ ଦିନ ବେଳାଭୂମିରୁ ଧରି ଆଣନ୍ତି ସୌମ୍ୟ ଯୁବକମାନଙ୍କୁ । ପ୍ରତିବଦଳରେ ଦେଇଥାନ୍ତି ଅର୍ଥ ।

ମୋତେ ବି ଇଙ୍ଗିତ ଦେଲେ- ଚାହିଁଲେ ମୁଁ ନିଜର ପ୍ରାପ୍ୟ ନେଇପାରିବି ।

ମୋତେ ଲାଗିଲା ପରିବେଶ କ୍ରମଶଃ ଅଧିକରୁ ଅଧିକ ଜଟିଳ ହେଉଛି । ଆଉ ସେଠାରେ ମୁହୂର୍ତ୍ତେ ମାତ୍ର ରହିବା ପାଇଁ ଚାହିଁଲି ନାହିଁ । ତୁରନ୍ତ ବାହାରି ଆସିବା ଲାଗି ଚାହିଁଲି ।

ମହିଳାଜଣକ ମୋତେ ଛାଡ଼ିବାକୁ ପ୍ରସ୍ତୁତ ନଥିଲେ । ତଥାପି ମୁଁ ବାଧ କଲି ମୋତେ ଏହି ନାରକୀୟ କାର୍ଯ୍ୟରେ ଲିପ୍ତ ନ କରିବା ଲାଗି । ଶେଷରେ ମହିଳାଜଣକ କ'ଣ ଭାବିଲେ କେଜାଣି ମୋତେ ବାହାରି ଯିବାକୁ ଅନୁମତି ଦେଲେ ।

ସେତେବେଳକୁ ମହିଳା ଜଣକ ନିଶାରେ ଚୁର୍ ହୋଇ ଯାଇଥିଲେ । ମୁଁ ଏକ ନିଶ୍ୱାସରେ ଘରୁ ପଦାକୁ ଚାଲି ଆସିଲି ।

ପଛରେ ରହି ଯାଇଥିଲା ବିଳାସମୟ ପ୍ରାସାଦର କଳଙ୍କିତ କାହାଣୀ ।

ଯା ଭିତରେ ବିତି ଯାଇଥିଲା କିଛି ମାସ । ମୁଁ



ସେହିଦିନ ଠାରୁ ବେଳାଭୂମିକୁ ଯିବା ଛାଡ଼ି ଦେଇଥିଲି । ସେହି ବେଳାଭୂମି ପ୍ରତି ଯେଉଁ ମମତା ବି ଥିଲା ତାହାକୁ ଦୂରେଇ ଦେଇଥିଲି ।

ଦିନେ ବର୍ଷାମୁଖର ରାତି । ମୁମ୍ବାଇ ନଗରୀର ଏକ କ୍ଷୁଦ୍ର ଗଳି ଦେଇ ମୁଁ ଘରକୁ ଫେରୁଥିଲି । ସେହି ଗଳିର ନାମ ମୋତେ ଜଣାନଥିଲା । ମାତ୍ର ତା'ର ରୂପଭେକ କହୁଥିଲା ତାହା ନିମ୍ନବର୍ଗର ଲୋକଙ୍କ ବାସସ୍ଥଳି ବୋଲି ।

ବିଜୁଳିର ଝଟ୍‌କାରେ ଦୃଶ୍ୟମାନ ହେଉଥିଲା କିଛି ନିପୀଡ଼ିତ ଘରର ବାହ୍ୟ ପରିବେଶ ।

ବର୍ଷାର ବେଗ କମିବା ବଦଳରେ ବଢ଼ିବାରେ ଲାଗିଥିଲା । ମୁଁ ଓଦା ସରସର ହୋଇ ଯାଇଥିଲି । ସେହି ଗଳିରେ ସାମାନ୍ୟ ଠିଆ ହେବା ଲାଗି ବି ଯୁ' ନଥିଲା । ତେଣେ ବର୍ଷା ପବନ ଭିତରେ ଆଗକୁ ଯିବା ବି ସମ୍ଭବ ନଥିଲା ।

ଦେଖିଲି ଗଳିର ଏକ ଅନ୍ଧାରିଆ ରାସ୍ତାରେ କ୍ଷୀଣ ଆଲୋକଟିଏ ଜଳୁଛି । ମୁଁ କାଳବିଳମ୍ବ ନକରି ସେଠାକୁ ଚାଲିଗଲି । କବାଟ ଠକ୍ ଠକ୍ କଲି ।

କିଛି ସମୟ ପରେ କବାଟ ଖୋଲି ଜଣେ ମହିଳା ପଦାକୁ ଆସିଲେ । ନିଷ୍ପ୍ରଭ ଆଲୋକ ଭିତରେ ମୁଁ ଅନୁମାନ କଲି ମହିଳାଜଣକ ଅତ୍ୟନ୍ତ ଚିନ୍ତିତ ଅଛନ୍ତି । ହୁଏତ କିଛି ଅସୁବିଧାରେ ଅଛନ୍ତି । ତଥାପି ସେ କହିଲେ, "ଭିତରକୁ ଆସନ୍ତୁ ।"

ମୁଁ କାଳବିଳମ୍ବ ନ କରି ଘର ଭିତରକୁ ଚାଲିଗଲି । ସେପରି ଓଦା ଶରୀର । ଶୀତରେ ଦେହ ଥରୁଥିଲା ।

ମହିଳାଜଣକ ମୋତେ ଏକ ତଉଲିଆ ଦେଇ କହିଲେ ପୋଛାପୋଛି ହୋଇଯାଆନ୍ତୁ । ଜଣେ ଅପରିଚିତ ପୁରୁଷଙ୍କୁ ମହିଳାଜଣଙ୍କ ଦେଖାଇଥିବା ବ୍ୟବହାର ମୋତେ ଆନନ୍ଦିତ କଲା ।

କ୍ରମଶଃ ବର୍ଷାର ବେଗ ବି ବଢୁଥିଲା ।

ଦେଖିଲି ମହିଳାଜଣକ କିଛି କହିବା ବଦଳରେ କାନ୍ଦୁଛନ୍ତି । ମୋତେ ଅସ୍ୱାଭାବିକ ଲାଗିଲା । ଭାବିଲି ମୋର କିଛି ଭୁଲ୍ ହୋଇଗଲା କି ?

ମାତ୍ର ମହିଳାଜଣକ ଯାହା କହିଲେ ମୋତେ ଲାଗିଲା ସତେ ଯେପରି ଏକ ବିସ୍ଫୋରଣରେ ଆହତ ହୋଇପଡ଼ିଲି ।

ମହିଳା ବାସ୍ତବରେ ଜୀବିକା ସନ୍ଧାନରେ ମୁମ୍ବାଇ ଆସିଥିଲେ । ହେଲେ ତାଙ୍କୁ ପ୍ରତାରିତ କରି ଦେଇଥିଲେ ସ୍ୱାମୀ । ଗୋଟିଏ ମାତ୍ର ସନ୍ତାନକୁ ଛାଡ଼ି ସେ ଅନ୍ୟତ୍ର ଫେରାର୍ ହୋଇଯିବା ପରେ ସେ ଏକାକିନୀ ହୋଇଗଲେ । ଆଉ ନିଜକୁ ବଂଚାଇବା ଲାଗି ଶେଷରେ ପାଲଟିଗଲେ ଦେହଜୀବୀ !

ମୁଁ କ୍ରମଶଃ ରହସ୍ୟର ମାୟାଜାଲ ଭିତରେ ଅଧିକରୁ ଅଧିକ ନିକ୍ଷେପିତ ହୋଇପଡ଼ିଲି ।

ଏତିକି ବି କହିଲେ ଯେ ବର୍ଷାଦିନ ଯୋଗୁ ତାଙ୍କ ନିକଟକୁ କେହି ଗ୍ରାହକ ଆସିନାହାନ୍ତି । ଦୁଇଦିନ ହେଲା ଚୁଲି ବି ଜଳିନି । ସେପଟେ ପୁଅର ଦେହରେ ଭୀଷଣ ଜ୍ୱର । ତିନିଦିନ ହେଲା ମୁହଁ ଖୋଲୁନି । କେତେବେଳେ କ'ଣ ଘଟିବ କିଛି କହୁନାହିଁ । କିଛି ଟଙ୍କା ନ ହେଲେ ନଚଳେ । ସେଥିପାଇଁ ସେ ଦେହଦାନ କରିବାକୁ ପ୍ରସ୍ତୁତ !

ମୁଁ ଭୟଙ୍କର ସମସ୍ୟାରେ ପଡ଼ିଗଲି । କିପରି ସେଠାରୁ ମୁକୁଳିବି ସେହି ଚିନ୍ତାରେ ଘାରି ହେଲି । ସେପଟେ ମୋର ନୈତିକତା ମୋତେ ବାଧା ଦେଲା ।

ମହିଳାଜଣକ ମୋ ଆଗରେ ନିଜର ଶରୀର ଦାନ ଲାଗି ନିଜକୁ ପ୍ରସ୍ତୁତ କରୁଥାନ୍ତି । ମୁଁ ଧୈର୍ଯ୍ୟର ସହ ମହିଳାଙ୍କ ହାତକୁ ବଢ଼ାଇ ଦେଲି ମୋ ନିକଟରେ ଥିବା ପାଞ୍ଚଶହ ଟଙ୍କା । ଆଉ କହିଲି- ଏତିକିରେ କାମ ଚଳାଅ ।

ମହିଳା କିନ୍ତୁ ମୋତେ ଛାଡ଼ିବାକୁ ନାରାଜ । ତାଙ୍କ କହିବା କଥା ବିନା କାରଣରେ ସେ କାହିଁକି ପର ଟଙ୍କା ରଖିବେ ? ମୁଁ ତାଙ୍କୁ ଅନେକ ବୁଝାଇଲି । ଭଉଣୀ ବୋଲି ସମ୍ବୋଧନ କଲି । ଶେଷରେ ସେ ବାଧ ହୋଇ ଟଙ୍କା ରଖିଲେ ।

ବାସ୍ । ମୁଁ ସେଠାରେ ଆଉ ରହିଲି ନାହିଁ । ନିମିଷକ ମଧ୍ୟରେ ଘରୁ ବାହାରି ଆଗକୁ ଚାଲିଲି ।

ପଛରେ ରହି ଯାଉଥିଲା ମହିଳାଙ୍କ ବେଦନାଭରା ଜୀବନର କୋହ ।